# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ (୨୦ପୃଷ୍ଠା) Sambalpur, Friday, September 20 / 2019 ★★

୧୫ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଆଈ ହେଲେ ରବିନା**

ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।

୧୪

୧୮

**ବଜରଙ୍ଗଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଭାରତର ବଜରଙ୍ଗ ପୁନିଆ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



### ଭାରତୀୟ ଅର୍ଥନୀତିର ମାନ୍ଦାବସ୍ଥାକୁ ନେଇ କ୍ରେଡିଟ୍ ସୁଇସ୍ ରିପୋର୍ଟ

# ସାଂଘାତିକ ହେବ ଏଫ୍‌ଏମ୍‌ସିଜି ସେକ୍ଟର

ନୂଆଦିଲ୍ଲୀ,୧୯-୯

ମାନ୍ଦାବସ୍ଥାର ପ୍ରଭାବ ଦେଶର ଅର୍ଥନୀତିକୁ ଏଭଳି ଘେରିଛି ଯେ, ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରର ପ୍ରଦର୍ଶନ ସାଂଘାତିକ ହେବ। ଏହାର ଚଳିତବର୍ଷ ଏହାର ପ୍ରଦର୍ଶନ ୧୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିବ। ସୁଇଜରଲାଣ୍ଡର ମଲ୍ଟିନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ କ୍ରେଡିଟ୍ ସୁଇସ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି ଏ ସମ୍ପର୍କରେ ଚେତାବନୀ ଦିଆଯାଇଛି।



କ୍ରେଡିଟ୍ ସୁଇସ୍ କହିଛି ଯେ, ବଜାରରେ ନଗଦର ଅଭାବ, କୃଷି କ୍ଷେତ୍ରରେ ଆୟ ହ୍ରାସ ପାଇବା ଯୋଗୁ ପ୍ରମୁଖ କଞ୍ଜ୍ୟୁମର ଗୁଡ୍ସ ନିର୍ମାଣ କରୁଥିବା କମ୍ପାନୀଙ୍କ ରାଜସ୍ୱ ଆୟ ପ୍ରଭାବିତ ହେଉଛି। ଜିଏସ୍‌ଟି ଲାଗୁ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ପରେ କମ୍ପାନୀଗୁଡ଼ିକର ଅପରେଟିଂ ବା କାର୍ଯ୍ୟକାରୀ ଲାଭ ହ୍ରାସ ପାଇବାରେ ଲାଗିଛି। ରିପୋର୍ଟରେ କୁହାଯାଇଛି ଯେ, ଜିଏସ୍‌ଟି ବାବଦରେ ସଞ୍ଚୟ କରି ଏବଂ ତେଲ ଦର ହ୍ରାସର ଲାଭ ଉଠାଇ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ମାନ୍ଦାବସ୍ଥା ସତ୍ତ୍ୱେ ଆର୍ଥିକବର୍ଷ ୨୦୧୬-୧୯ ମଧ୍ୟରେ ସେମାନଙ୍କ ଆୟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଓ ତୃତୀୟ ତ୍ରୈମାସରେ ରାଜସ୍ୱ ଅଭିବୃଦ୍ଧି ହ୍ରାସ ପାଇବ ଏବଂ ଏହା ହାରାହାରି ୫% ରହିବ ବୋଲି ଆଶା କରାଯାଉଥିବା ରିପୋର୍ଟରେ ଦର୍ଶାଯାଇଛି। ଫଳସ୍ୱରୂପ ଆର୍ଥିକବର୍ଷ ୨୦୨୦ ଏଫ୍‌ଏମ୍‌ସିଜି ସେକ୍ଟର ପାଇଁ ୧୫ ବର୍ଷ ଭିତରେ ସବୁଠାରୁ ଧିମା ବର୍ଷ ପ୍ରମାଣିତ ହେବ। ୨୦୦୦-୦୩ ମଧ୍ୟରେ ଶେଷ ଥର ପାଇଁ ଏହି କ୍ଷେତ୍ରରେ ଏଭଳି ଧିମାପଣ ଦେଖାଯାଇଥିଲା।

ସେହିଭଳି ହଂକଂସ୍ଥିତ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ସିଏଲ୍‌ଏସ୍‌ଏ ପକ୍ଷରୁ ସମାନ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଗାମୀ ଦିନରେ ଉକ୍ତ ସେକ୍ଟରର ପ୍ରାୟ ସମସ୍ତ ଶ୍ରେଣୀରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ ବୋଲି ହିନ୍ଦୁସ୍ତାନ ୟୁନିଲିଭରର ଶୀର୍ଷ ଅଧିକାରୀଗଣଙ୍କ ସହ ଆଲୋଚନା ପରେ ହୃଦ୍‌ବୋଧ ହୋଇଛି। ଗ୍ରାମାଞ୍ଚଳରେ ଏଫ୍‌ଏମ୍‌ସିଜି ସେକ୍ଟରର ଅଭିବୃଦ୍ଧି ଚାପରେ ରହିଥିବା ବେଳେ ସହରାଞ୍ଚଳରେ ଏହାର ବିକାଶ ହାର ପଛେଇବାରେ ଲାଗିଥିବା ରିପୋର୍ଟରେ କୁହାଯାଇଛି। ଦେଶର ସାମଗ୍ରିକ ଅର୍ଥବ୍ୟବସ୍ଥା ଠିକ୍ ସ୍ଥିତିରେ ନାହିଁ। ମୌସୁମୀ ବର୍ଷା ଏବଂ ବଜେଟରେ ନିଆଯାଇଥିବା ପଦକ୍ଷେପର ଫଳାଫଳ ଅନୁଭବ ହେବାକୁ ସମୟ ଲାଗିବ ବୋଲି ଉଲ୍ଲେଖ କରି ସିଏଲ୍‌ଏସ୍‌ଏ କହିଛି ଯେ, ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଏଫ୍‌ଏମ୍‌ସିଜି ସେକ୍ଟରରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

### ■ବୈଦିକ କଲେଜ ର୍‍ୟାଗିଂ ଘଟଣା

## ୩ ଛାତ୍ରଙ୍କୁ ହାଜର କଲା ପୋଲିସ

ସମ୍ବଲପୁର,୧୯।୯(ବ୍ୟୁରୋ)

- ■ ବିଭାଗୀୟ ତଦନ୍ତ କରିବ ଶିକ୍ଷାବିଭାଗ
- ■ଭୟରେ ଅନ୍ୟ ଛାତ୍ରୀଛାତ୍ର,ଅଭିଭାବକ

ସମ୍ବଲପୁର ଜିଲା ଶାସନ ଥାନା ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜର ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ର ଅଭିଷେକ ମିଶ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଷେକଙ୍କୁ ୨ ଦିନ ଧରି ହାତଗୋଡ ବାନ୍ଧି ଲୁହାଛଡ, ବେଲ୍ଟ ଓ ବାଡିରେ ମାଡ ମରାଯାଇଥିବା ତାଙ୍କ ବାପା ଗୌର ଚରଣ ଶାସନ ଥାନରେ ଅଭିଯୋଗ କରିଥିଲେ। ବୁଧବାର ଅଭିଷେକଙ୍କ ମା'ବାପା ଓ ସମ୍ପର୍କୀୟ ଜିଲାପ୍ରଶାସନ ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାରେ ଗୁରୁବାର ପୋଲିସ ୩ ଜଣ ଛାତ୍ରଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା । ଅନ୍ୟପକ୍ଷେ ଜିଲା ସଦର ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ର ଅଭିଷେକ ଓ ବାପା ଗୌରଚରଣଙ୍କୁ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଭେଟି ପଚରାଉଚୁରା କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମହାପାତ୍ର କହିଛନ୍ତି, ଏହି ଘଟଣାରେ ଆଉ ଜଣେ ଛାତ୍ରଙ୍କୁ ଖୁବ ଶୀଘ୍ର ଧରି ଜୁଭେନାଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ । କଲେଜର ଏଭଳି ଘଟଣାକୁ ନେଇ ଶିକ୍ଷା ବଭାଗ ପକ୍ଷରୁ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ମେଡିକାଲକୁ ଆସି ନ ଥିବା ପ୍ରକାଶ କରିଛନ୍ତି ଅଭିଷେକଙ୍କ ବାପା ଗୌରଚରଣ । ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।





## ଟ୍ରେନ୍ ଧକ୍କାରେ ୬୦ରୁ ଊର୍ଦ୍ଧ୍ୱ ଛେଳିମେଣ୍ଢା ମୃତ

**ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଓଡିଆ ଆଲପୁର ପଞ୍ଚାୟତ ଗୁରାପଲ୍ଲୀ ଗ୍ରାମ ନିକଟସ୍ଥ ରେଳଧାରଣାରେ ଫାଲକ୍‌ନାମା ଏକ୍ସପ୍ରେସ ଧକ୍କାରେ ଗୁରୁବାର ଅପରାହ୍ନରେ ୬୦ରୁ ଊର୍ଦ୍ଧ୍ୱ ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଏନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିବାବେଳେ ଖବର ଲେଖାହେବା ସୁଦ୍ଧା ପୋଲିସ କିମ୍ବା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ପ୍ରକାଶ ଯେ, ଗୁରାପଲ୍ଲୀ ଗ୍ରାମ ପାଖ ଦେଇ ପୂର୍ବତଟ ରେଳ ଲାଇନ ଯାଇଛି। ଏହି ଗ୍ରାମରେ ଗୋଲା ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ଛେଳି ମେଣ୍ଢା ପାଳନ କରି ଗୁଜରାଣ ମେଣ୍ଟାଇଥାନ୍ତି। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଛେଳି ମେଣ୍ଢା ପଲ ଟ୍ରେନ୍ ଲାଇନ ପାରି ହେଉଥିବାବେଳେ ଦ୍ରୁତଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଫାଲକ୍‌ନାମା ଏକ୍ସପ୍ରେସ ସେମାନଙ୍କ ଉପରେ ଚଢି ଚାଲିଯାଇଥିଲା। ଟ୍ରେନ୍ ଲାଇନ ରକ୍ତ ରଞ୍ଜିତ ହୋଇ ପଡିଥିବାବେଳେ ବହୁ ଛେଳିମେଣ୍ଢା କଟିଯାଇଥିଲେ। ଗ୍ରାମର ବି. ଗଣପତି ପାତ୍ର ଓ ଏସ୍. ଭରତ ପାତ୍ରଙ୍କ ବହୁ ଛେଳିମେଣ୍ଢା ମରିଥିବା ଜଣାପଡ଼ିଛି।

# ଜେଲ ଗଲେ ଆଶୀର୍ବାଦ, କମଳାକାନ୍ତ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

**ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ଠକେଇ ମାମଲା**

- ■ ଗିରଫ ପରେ ଉଭୟଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା ସିବିଆଇ
- ■ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରହିବେ
- ■ ପ୍ରତିକ୍ରିୟା ରଖିଲେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ

ବହୁଚର୍ଚ୍ଚିତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ହୋଟେଲ ସୋଲାନ୍ ଇନ୍‌ର ମାଲିକ କମଳାକାନ୍ତ ଦାସଙ୍କୁ ଗୁରୁବାର ସକାଳେ ସିବିଆଇ ଗିରଫ କରିଛି। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଉଭୟଙ୍କ ଜାମିନ ଆବେଦନ ଖାରଜ କରିଦେବା ସହ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଏହାପରେ ସେମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଝାରପଡ଼ା ଜେଲ୍‌କୁ ନିଆଯାଇଥିଲା। ତେବେ ଆଶୀର୍ବାଦଙ୍କୁ ରିମାଣ୍ଡରେ ଅଣାଯିବ ନାହିଁ ବୋଲି ସିବିଆଇ ଏସ୍‌ପି ଜୟନାରାୟଣ ରାଣା କହିଛନ୍ତି।

ତାଙ୍କ ସୂଚନାନୁସାରେ, କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ବଳରେ ଉଭୟଙ୍କୁ ଗିରଫ କରାଯାଇଛି। ସକାଳେ ସିବିଆଇର ୧୪ ଜଣିଆ ଟିମ୍ ଆଶୀର୍ବାଦଙ୍କ କଟକସ୍ଥିତ ବାସଭବନରେ ଚଢ଼ାଉ କରିଥିବାବେଳେ କମଳାକାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ପ୍ରଥମେ ☞ପୃଷ୍ଠା-୪



ଭୁବନେଶ୍ୱର କୋର୍ଟକୁ ଆଶୀର୍ବାଦ ବେହେରାଙ୍କୁ ନିଆଯାଉଛି।

**ପିଆଜ ଜ୍ୱାଳାରେ ଲୋକେ ଛଟପଟ**

# ଦର ଛୁଇଁଲାଣି ୪୫

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- ■ କାମ ଦେଉନି ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ
- ■ ନଭେମ୍ବର ଯାଏ ଦର କମିବା ସମ୍ଭାବନା କ୍ଷୀଣ



ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦର ବୃଦ୍ଧି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତ୍ୟେକ ଦିନ ଦର ବଢ଼ି ବଢ଼ି ଚାଲିଛି। ବଜାରରେ ଏହାର ଖୁଚୁରା ଦର ୪୫ ଟଙ୍କା ଛୁଇଁଲାଣି। ଘରଖର୍ଚ୍ଚ ପାଇଁ କିଲୋ ଜାଗାରେ ଅଢ଼େଇଶ କିମ୍ବା ଅଧା କେ.ଜି.ରେ କାମ ଚଳାଇବାକୁ ପଡୁଛି। ଆସନ୍ତା ନଭେମ୍ବର ଯାଏ ବଜାରରେ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ପିଆଜ ଆମଦାନୀ କରୁଥିବା ବ୍ୟବସାୟୀମାନେ କହିଲେଣି। ଏହି ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ସରକାରୀ ଉଦାସୀନତା ମଧ୍ୟ ଅବସ୍ଥାକୁ ଆହୁରି ଜଟିଳ କରିଛି। ଖୁଚୁରା ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ନ ଥିବାରୁ ମନଇଚ୍ଛା ଦର ବଢ଼ାଇ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ର ଏବଂ କର୍ଣ୍ଣାଟକର ବାଙ୍ଗାଲୋରରୁ ମଧ୍ୟ ପିଆଜ ରାଜ୍ୟକୁ ଆସିଥାଏ। ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟରେ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଫେଇ ଦେଉଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦରକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ବୃଦ୍ଧି ☞ପୃଷ୍ଠା-୪

### ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

କଟକ ଅଫିସ/ନିଶ୍ଚିନ୍ତକୋଇଲି, (ଡି.ଏନ୍.ଏ.),୧୯।୯

**୨ମାସରେ ୪ଜଣଙ୍କୁ ଫାଶୀ**

ବହୁଚର୍ଚ୍ଚିତ ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ଗୁରୁବାର ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ବନ୍ଦନା କର ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ମୁସ୍ତାକଙ୍କୁ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି) ଦଫା ୩୬୬(ଏ) (ବି),୩୦୨ ଓ ପୋକ୍‌ସୋ ଆଇନର ଦଫା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୬୪(ଏ) ପ୍ରମାଣିତ ହୋଇ ନ ଥିବାରୁ ଅଦାଲତ ତାଙ୍କୁ ଏଥିରୁ ମୁକ୍ତ କରିଛନ୍ତି। ବୁଧବାର ଅଦାଲତ ମୁସ୍ତାକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅକ୍ଷୟ କୁମାର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ମାମଲାକୁ ମିଶାଇ ଗତ ଦୁଇମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାର ପୋକ୍‌ସୋ ଅଦାଲତ ୪ଜଣ ନାବାଳିକା ବଳାତ୍କାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ଏପ୍ରିଲ ୨୧ ସନ୍ଧ୍ୟାରେ ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକା ତାଙ୍କ ଭାଇଙ୍କ ସହ ଖେଳୁଥିଲେ। ମୁସ୍ତାକ ପହଞ୍ଚି ନାବାଳିକାଙ୍କୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇଥିଲେ। ସେଠାରେ ବଳାତ୍କାର କରିବା ପରେ ତାଙ୍କ ମୁଣ୍ଡକୁ ପଥରେ ଛେଚି ଦେଇଥିଲେ। ନାବାଳିକା ଜଣଙ୍କ ମରିଗଲେ ବୋଲି ଭାବି ମୁସ୍ତାକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ନାବାଳିକାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଅନ୍ଧାରୁଆ ସ୍ଥାନରେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସାଲାଗି ତାଙ୍କୁ ପ୍ରଥମେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୩ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ୍ ୨୯ରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଘଟଣାଦିନ ରାତିରେ ଫେରାର ହେବାକୁ ଉଦ୍ୟମ କରୁଥିବା ମୁସ୍ତାକଙ୍କୁ ସାଲେପୁର ପୋଲିସ ମାଳହାଟ ଅଞ୍ଚଳରୁ ଗିରଫ କରି ଆଇପିସି ଦଫା ☞ପୃଷ୍ଠା-୪

**ପଶ୍ଚିମ ଓଡ଼ିଶାର ସାମଗ୍ରିକ ବିକାଶ ଲାଗି ମୁଁ ସମର୍ପିତ**

........୫........

**ଆଜିର ସମ୍ପାଦକୀୟ**

ଗଳାବାଟ ବନ୍ଦ

**ଆଜିର ମନ୍ତବ୍ୟ**

"ଭାଜପାର ଆର୍ଥିକ ନୀତିଗୁଡ଼ିକ ଏପରି ଯେ ତାହା ଉପରେ କାହାର ବିଶ୍ୱାସ ନାହିଁ।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୪୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ହୋଇଛି।

– ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 19.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers






ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଅକ୍ଟୋବର ୩ ପର୍ଯ୍ୟନ୍ତ ତିହାର ଜେଲରେ ରହିବେ। ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ତାଙ୍କ ହାଜତ ମିଆଦକୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଅକ୍ଟୋବର ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ଚିଦାମ୍ବରମ ପୂର୍ବରୁ ଜାମିନ ପାଇଁ ଆବେଦନ କରିସାରିଛନ୍ତି। ଏବେ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହର କହିଛନ୍ତି।

# ପାକିସ୍ତାନ ବିଛାଇଛି କୁହୁକ ଜାଲ

## ଟାର୍ଗେଟରେ ଭାରତୀୟ ଯବାନ, ସରକାରୀ ଅଧିକାରୀ

ନୂଆଦିଲ୍ଲୀ,୧୯।୯(ଆଇଏଏନ୍‌ଏସ୍)

ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପକ୍ଷରୁ ଚାଲିଥିବା ଏକ 'କଲ୍ ସେଣ୍ଟର'ର ପର୍ଦ୍ଦାଫାଶ କରିବାରେ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବଡ଼ ସଫଳତା ମିଳିଛି। ଏହି କଲ୍ ସେଣ୍ଟରରୁ ଆଇଏସ୍‌ଆଇ ହନିଟ୍ରାପ୍ ବିଛାଇ ଭାରତୀୟ ଯବାନଙ୍କୁ ଫସାଉଥିଲା ବୋଲି ଜଣାପଡ଼ିଛି।

ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦଠାରୁ ୧୧୬ କି.ମି. ଦୂର ଝେଲମ ସହରରେ ରହିଛି କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ତଥାକଥିତ କଲ୍ ସେଣ୍ଟର। ସେଠାରୁ ଭାରତୀୟ ସେନା ଓ ସରକାରୀ ଅଧିକାରୀମାନଙ୍କୁ ଜାଲରେ ଛନ୍ଦି ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ହାସଲ କରୁଛି। ଏଥିରେ ଆଇଏସ୍‌ଆଇକୁ ପାକିସ୍ତାନ ଟେଲିକମ୍ୟୁନିକେଶନ କମ୍ପାନୀ ଲିମିଟେଡ୍ (ପିଟିସିଏଲ୍) ପୂରା ସହଯୋଗ କରୁଛି। ସେଠାରେ ଭାରତୀୟ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି, ଯାହାକି ପାକିସ୍ତାନରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଭାରତୀୟ ଯାତ୍ରୀ ବିଶେଷକରି ମହିଳାଙ୍କଠାରୁ ସେଠାର କଷ୍ଟମ୍ସ ବିଭାଗ ଜବତ କରିଥାଏ। ଦିଲ୍ଲୀ ଓ ଅନ୍ୟ କେତେକ ରାଜ୍ୟର ପୋଲିସ ଏକ ଚାଞ୍ଚଲ୍ୟକର ହନିଟ୍ରାପ୍ ସ୍କାଣ୍ଡାଲ ନେଇ ଦେଶବ୍ୟାପୀ ତନାଘନା କରିବା ପରେ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ସିମ୍‌କାର୍ଡ ଠାବ କରିଛନ୍ତି। ସୀମାନ୍ତରେ ଅବସ୍ଥିତ କଲ୍ ସେଣ୍ଟରଗୁଡ଼ିକରେ କାର୍ଯ୍ୟରତ ପାକିସ୍ତାନୀ ମହିଳାମାନଙ୍କ ପରିଚୟ ଲୁଚାଇବା ପାଇଁ ଭାରତୀୟ ମହିଳା ଯାତ୍ରୀଙ୍କ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି। ଭାରତୀୟ ସିମ୍‌କାର୍ଡ ଓ ଫେସ୍‌ବୁକ୍‌ରେ ସଙ୍ଗୀତା ମିଶ୍ର, ଆୟେଶା ରୟ, ନୀତା ସିଂ ଭଳି ନାମରେ ଜାଲ ଆକାଉଣ୍ଟ ଖୋଲାଯାଇ ପାକିସ୍ତାନୀ ଯୁବତୀମାନଙ୍କୁ ନିୟୋଜିତ କରାଯାଇଛି। ସେଠାରେ କାର୍ଯ୍ୟରତ ଯୁବତୀମାନେ ଉତ୍ତର ଭାରତୀୟଙ୍କ ଭଳି ଅନର୍ଗଳ ହିନ୍ଦୀ କହିପାରୁଛନ୍ତି। ଆଇଏସ୍‌ଆଇ ହ୍ୟାଣ୍ଡଲର୍ସଙ୍କ ସହାୟତାରେ ସେହି ଯୁବତୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାରତୀୟ ଯବାନମାନଙ୍କୁ ସର୍ଚ୍ଚ କରୁଛନ୍ତି। ପରେ ସେମାନେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ଚାଟିଂ କରୁଛନ୍ତି। ଫେସ୍‌ବୁକ୍‌ରେ ଭିଡିଓ କଲ୍ କରି ତାକୁ ରେକର୍ଡ କରୁଛନ୍ତି। ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ ସେମାନେ ହ୍ୱାଟ୍ସଆପ୍‌ରେ ପ୍ରାଇଭେଟ ଚାଟିଂ ପାଇଁ ଯବାନମାନଙ୍କୁ ଅନୁରୋଧ କରୁଛନ୍ତି। ଏଥିଯୋଗୁ ଯବାନମାନେ ସେମାନଙ୍କୁ ଭାରତୀୟ ଯୁବତୀ ମନେକରି ସେମାନଙ୍କ ସହ ପ୍ରେମାଳାପ କରିବା ପରେ ଜାଲରେ ଫସିଯାଉଛନ୍ତି। ଦିଲ୍ଲୀର ଜଣେ ଯୁବତୀଙ୍କୁ ଦିଲ୍ଲୀ ପୋଲିସ ଜେରା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୩୦ ବର୍ଷୀୟା ଯୁବତୀ ପ୍ରଘଟ କରିଛନ୍ତି ଯେ, ସେ ପାକିସ୍ତାନ ଯାଇଥିବାବେଳେ ସେଠାକାର କଷ୍ଟମ୍ସ ବିଭାଗ ଅଧିକାରୀମାନେ ତାଙ୍କ ସିମ୍‌କାର୍ଡ ଓ ଫୋନ୍‌କୁ ଜବତ କରିନେଇଥିଲେ। ଦିଲ୍ଲୀ ମୋବାଇଲ ନମ୍ବର ଥିବା ସିମ୍‌କାର୍ଡକୁ ଝେଲମ୍ ସହରସ୍ଥିତ ଆଇଏସ୍‌ଆଇ କଲ୍ ସେଣ୍ଟରରେ ପିଟିସିଏଲ୍ ବ୍ୟବହାର କରୁଥିବା ଅଧିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା କାରଣରୁ ପାକିସ୍ତାନ ମାଟିରେ କୌଣସି ଭାରତୀୟ ସିମ୍‌କାର୍ଡ କିମ୍ବା ମୋବାଇଲ ଫୋନ୍‌କୁ ଅନୁମତି ଦିଆଯିବ ନାହିଁ କହି ପାକିସ୍ତାନୀ କର୍ତ୍ତୃପକ୍ଷ ସେଗୁଡ଼ିକୁ ଭାରତୀୟ ଯାତ୍ରୀଙ୍କଠାରୁ ଜବତ କରିନେଉଥିବା ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା ବେଳେ ଜଣାପଡ଼ିଛି। ଭାରତୀୟ ସେନାର ଯବାନ ଓ ସରକାରୀ ଅଧିକାରୀମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଦେଶର ଗୋପନୀୟ ତଥ୍ୟ ହାସଲ କରିବା ପାଇଁ ଆଇଏସ୍‌ଆଇ ଏଭଳି ଚକ୍ରବ୍ୟୂହ କରିଥିବା ସ୍ପଷ୍ଟ ହୋଇଛି।

ଚଳିତବର୍ଷ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କାଡ୍ (ଏଟିଏସ୍) ଫେସ୍‌ବୁକ୍‌ରେ ୧୨୫ ଆଇଡି ଚିହ୍ନଟ କରିଥିଲା। ଆଇଏସ୍‌ଆଇ ସେହି ଆଇଡିଗୁଡ଼ିକ ଜରିଆରେ ଯବାନ ଓ ଅଧିକାରୀମାନଙ୍କୁ ଜାଲରେ ଛନ୍ଦିବା ପାଇଁ ଉଦ୍ୟମ କରୁଥିବାବେଳେ ଗୋଇନ୍ଦା ବ୍ୟୁରୋ ଓ ସାମରିକ ସଂସ୍ଥାଗୁଡ଼ିକ ସେଗୁଡ଼ିକର ପର୍ଦ୍ଦାଫାଶ କରିଥିଲେ। କିନ୍ତୁ ସେତେବେଳ ଯାଏ କେତେଜଣ ଯବାନ ହନିଟ୍ରାପ୍‌ରେ ଫସିସାରିଥିଲେ। ବ୍ରହ୍ମୋସ୍ ଏରୋସ୍ପେସ୍ ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲ ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ଅଚ୍ୟୁତାନନ୍ଦ ମିଶ୍ର ଗତବର୍ଷ ଅକ୍ଟୋବରରେ ଆଇଏସ୍‌ଆଇ ହନିଟ୍ରାପ୍‌ରେ ଫସିବା ପରେ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହି ତଥ୍ୟ ଅନ୍ୟ ରାଜ୍ୟ ପୋଲିସ ସହ ଶେୟାର କରିଥିଲେ। ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ଭଳି ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଝିଅ ଏବେ ବି ଭାରତୀୟ ସୁରକ୍ଷା ବଳ ଯବାନଙ୍କୁ ଏପରି ଜାଲରେ ଛନ୍ଦି ତଥ୍ୟ ସଂଗ୍ରହ ଉଦ୍ୟମ ଚଳାଇଥିବା କୁହାଯାଉଛି। ଯବାନଙ୍କ ଫ୍ରେଣ୍ଡ ଲିଷ୍ଟରେ ଆଇଏସ୍‌ଆଇ ତାଲିମପ୍ରାପ୍ତ ଶତାଧିକ ଯୁବତୀଙ୍କ ଉପସ୍ଥିତିକୁ ସ୍କାନିଂ କରୁଛନ୍ତି ୟୁପି ଏଟିଏସ୍ ଏବଂ ଦିଲ୍ଲୀ ପୋଲିସ।

### ଆଇଏସ୍‌ଆଇର ହନିଟ୍ରାପ୍ ଚକ୍ରବ୍ୟୂହ

- ଭାରତୀୟ ମହିଳାଙ୍କ ସିମ୍ କାର୍ଡ ଜବତ କରୁଛି ପାକ୍‌ର କଷ୍ଟମ୍ସ ବିଭାଗ
- ଭାରତୀୟ ଯୁବତୀଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲି ସୋସିଆଲ ମିଡିଆରେ ବ୍ୟବହାର
- ସେନା ଯବାନ, ଅଧିକାରୀଙ୍କୁ ଫସାଇ ସମ୍ବେଦନଶୀଳ ତଥ୍ୟ ହାସଲ କରୁଛି
- ଝେଲମ ସହରରେ ଚାଲିଛି ଆଇଏସ୍‌ଆଇର କଲ୍ ସେଣ୍ଟର



## ନେତାନ୍ୟାହୁଙ୍କୁ ନିର୍ବାଚନୀ ଝଟ୍‌କା



ବେନ୍‌ୟାମିନ୍ ନେତାନ୍ୟାହୁଙ୍କ ସହ ହାତ ମିଳାଉଛନ୍ତି ପ୍ରତିଦ୍ୱନ୍ଦ୍ୱୀ ବେନି ଗାଂଜ (ଡାହାଣ)।

ଜେରୁଜେଲମ୍,୧୯।୯

ପଞ୍ଚମଥର ପାଇଁ କ୍ଷମତାସୀନ ହେବାକୁ ଅଣ୍ଟାଭିଡ଼ିଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତାନ୍ୟାହୁଙ୍କୁ ଗୁରୁବାର ନିର୍ବାଚନୀ ଝଟ୍‌କା ଲାଗିଛି। ନିର୍ବାଚନରେ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଦକ୍ଷିଣପନ୍ଥୀ ଶାସକ ଦଳ ଲିକୁଡ୍ ପାର୍ଟିକୁ ୩୧ ଆସନ ମିଳିଛି। ଅନ୍ୟପକ୍ଷରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବେନି ଗାଂଜଙ୍କ ଦଳ ବ୍ଲୁ ଆଣ୍ଡ ହ୍ୱାଇଟ୍ ପାର୍ଟିକୁ ୩୩ ଆସନରେ ସଫଳତା ମିଳିଛି। ଉଭୟ ଶାସକ ଓ ବିରୋଧୀ ଦଳକୁ ସଂଖ୍ୟାଗରିଷ୍ଠତା ମିଳି ନ ଥିବାରୁ ଦେଶରେ ରାଜନୈତିକ ଅଚଳାବସ୍ଥା ଓ ଝୁଲା ପାର୍ଲାମେଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ତୃତୀୟ ଥର ନିର୍ବାଚନ ନ କରାଇବା ସପକ୍ଷରେ ଥିବା ନେତାନ୍ୟାହୁ ରାଜନୈତିକ ସଙ୍କଟ ଟାଳିବା ପାଇଁ ବେନି ଗାଂଜଙ୍କୁ ମିଳିତ ସରକାର ଗଠନ ସକାଶେ ନିମନ୍ତ୍ରଣ କରିଛନ୍ତି।

ଇସ୍ରାଏଲ୍‌ରେ ଏପ୍ରିଲ ୯ରେ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ୧୨୦ ଆସନ ବିଶିଷ୍ଟ ନେସେଟ୍ (ପାର୍ଲାମେଣ୍ଟ)ରେ ଉଭୟ ଲିକୁଡ୍ ଏବଂ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌କୁ ୩୫ଟି ଲେଖାଏ ଆସନ ମିଳିଥିଲା। କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଗତ ମଙ୍ଗଳବାର ପୁଣି ନିର୍ବାଚନ କରାଯାଇଥିଲା। ଏଥିରେ ମଧ୍ୟ କାହାକୁ ସରକାର ଗଠନ ପାଇଁ ଜନାଦେଶ ମିଳିନାହିଁ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏକ ଭିଡିଓ ମେସେଜ୍‌ରେ ପରାଜୟ ସ୍ୱୀକାର କରିଛନ୍ତି। ସେ ଅନ୍ୟ ଦକ୍ଷିଣପନ୍ଥୀ ଓ ଅତି-ରକ୍ଷଣଶୀଳ ଦଳଗୁଡ଼ିକର ସହଯୋଗ ବିନା ମେଣ୍ଟ ସରକାର ଗଠନ କରିପାରିବେ ନାହିଁ ବୋଲି ମାନିଛନ୍ତି। ଏହାସହ ଗାଂଜଙ୍କ ସହଯୋଗ ଲୋଡ଼ିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସେନାମୁଖ୍ୟ ଗାଂଜ ଦୁର୍ନୀତି ଅଭିଯୁକ୍ତ ନେତାନ୍ୟାହୁଙ୍କ ସହ ମିଶି ସରକାର ଗଠନ ପାଇଁ ଆଗ୍ରହୀ ନୁହନ୍ତି କହି ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହାସହ ନିଜେ ପ୍ରଧାନମନ୍ତ୍ରୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

- ଇସ୍ରାଏଲ୍‌ରେ ୫ ମାସରେ ଦ୍ୱିତୀୟ ସାଧାରଣ ନିର୍ବାଚନ
- ଏଥର ବି କାହାକୁ ମିଳିଲାନି ସଂଖ୍ୟାଗରିଷ୍ଠତା
- ମେଣ୍ଟ ସରକାର ଗଠନ ଲାଗି ନେତାନ୍ୟାହୁଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲେ ବେନି ଗାଂଜ

## ସୁପର ୩୦ ପ୍ରତିଷ୍ଠାତା ଆମେରିକାରେ ପୁରସ୍କୃତ

ୱାଶିଂଟନ,୧୯।୯(ପି.ଟି.)

ସୁପର ୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କୁ ଆମେରିକାରେ ପୁରସ୍କୃତ କରାଯାଇଛି। ପ୍ରତିବର୍ଷ ୩୦ ଜଣ ଗରିବ ଛାତ୍ରାଛାତ୍ରୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ଏହି ଖ୍ୟାତନାମା ଗଣିତଜ୍ଞଙ୍କୁ ଆମେରିକାର ଫାଉଣ୍ଡେଶନ୍ ଫର୍ ଏକ୍ସେଲେନ୍ସ ପକ୍ଷରୁ 'ଏଜୁକେଶନ ଏକ୍ସେଲେନ୍ସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। କାଲିଫର୍ଣ୍ଣିଆର ସାନ୍ ଜୋସ୍‌ଠାରେ ସଂଗଠନର ୨୫ତମ ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦେଶର ସବୁ ସମସ୍ୟା ବିରୋଧରେ ଲଢ଼େଇ ପାଇଁ ଶିକ୍ଷାକୁ ସବୁଠୁ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରିବା ନିମନ୍ତେ ସହାୟତା କରିବାକୁ ଏହି ଅବସରରେ ଆନନ୍ଦ କୁମାର ଆମେରିକା ଓ ସାରା ବିଶ୍ୱରେ ବସବାସ କରୁଥିବା ଭାରତୀୟମାନଙ୍କୁ ଅନୁରୋଧ କରିଥିଲେ। ସମସ୍ତଙ୍କୁ ଉନ୍ନତମାନର ଶିକ୍ଷା ଉପଲବ୍ଧ ହୋଇପାରିଲେ ଦାରିଦ୍ର୍ୟ, ବେରୋଜଗାରୀ, ଜନସଂଖ୍ୟା ବିସ୍ଫୋରଣ, ପରିବେଶ ଆଦି ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ।



# ତେଜସ୍‌ରେ ଉଡ଼ିଲେ ରାଜନାଥ



### ଏଲ୍‌ସିଏରେ ଉଡ଼ିବାରେ ପ୍ରଥମ ପ୍ରତିରକ୍ଷାମନ୍ତ୍ରୀ

ବେଙ୍ଗାଲୁରୁ,୧୯।୯(ପି.ଟି.)

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ବେଙ୍ଗାଲୁରୁସ୍ଥିତ ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ବିମାନବନ୍ଦରରୁ ତେଜସ୍ ଯୁଦ୍ଧବିମାନରେ ଉଡ଼ିଛନ୍ତି। ସେ ଦେଶର ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ, ଯିଏ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାର ସୁଯୋଗ ପାଇଛନ୍ତି। ଯୁଦ୍ଧବିମାନରେ ଉଡ଼ିବାର ଅନୁଭୂତି ରୋମାଞ୍ଚକର ଥିଲା ଏବଂ ଏହା ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ଘଟଣା ହୋଇ ରହିବ ବୋଲି ୩୦ ମିନିଟ୍‌ର ଉଡ଼ାଣ ପରେ ରାଜନାଥ କହିଛନ୍ତି। ଜି ସୁଟ୍, ହେଲ୍‌ମେଟ ଏବଂ ଏଭିଏଟର ଗ୍ଲାସ୍‌ରେ ରାଜନାଥ ଯୁଦ୍ଧବିମାନ ପାଇଲଟ ଭଳି ଦେଖାଯାଉଥିଲେ। ସେ ନିଜେ ମଧ୍ୟ ୨ ମିନିଟ ବିମାନକୁ ନିୟନ୍ତ୍ରଣ କରିବା ସହ ଉଡ଼ାଇଥିଲେ। ଭାରତ ଯୁଦ୍ଧବିମାନ ରପ୍ତାନି କରିବା ସ୍ତରରେ ପହଞ୍ଚିପାରିଥିବାରୁ ଏଥିପାଇଁ ସେ ହାଲ୍ ଏବଂ ଡିଆରଡିଓ ତଥା ଏଥିସହିତ ଜଡ଼ିତ ଅନ୍ୟ ସଂସ୍ଥାକୁ ଅଭିନନ୍ଦନ ଜଣାଇଥିଲେ। ଦକ୍ଷିଣପୂର୍ବ ଏସିଆର କେତେକ ଦେଶ ତେଜସ୍ ଯୁଦ୍ଧବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ରାଜନାଥଙ୍କ ସହ ଏୟାର ଭାଇସ୍ ମାର୍ଶାଲ ଏନ୍. ତିୱାରୀ ଏବଂ ପାଇଲଟ ଥିଲେ। ତିୱାରୀ ଏରୋନଟିକ୍ସ ଉନ୍ନୟନ ସଂସ୍ଥା (ଏଡିଏ)ର ଜାତୀୟ ଉଡାଣ ପରୀକ୍ଷା କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅଛନ୍ତି। ତେଜସ୍ ଯୁଦ୍ଧବିମାନ ବାୟୁସେନାରେ ସାମିଲ ହୋଇଥିଲା ବେଳେ ଏହାର ନାଭାଲ ଭର୍ସନ ନୌସେନା ପାଇଁ ନିର୍ମାଣ ଚାଲିଛି। ଯୁଦ୍ଧଜାହାଜରେ ଅବତରଣ କରିବା ପୂର୍ବରୁ ଗତ ଶୁକ୍ରବାର ଗୋଆ ବେଳାଭୂମିରେ ତେଜସ୍ ନାଭାଲ ଭର୍ସନ ସଫଳତାର ସହ ଆରେଷ୍ଟେଡ୍ ଲ୍ୟାଣ୍ଡିଂ କରିଥିଲା।

## ରାକେଶ ଭଦୌରିଆ ହେବେ ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୧୯।୯(ପି.ଟି.):** ଏୟାର ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ଭାରତୀୟ ବାୟୁସେନା (ଆଇଏଏଫ୍)ର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଛନ୍ତି। ହାଲୁକା ଲଢୁଆ ବିମାନ ତେଜସ୍‌ର ପରୀକ୍ଷାମୂଳକ ଉଡାଣ ସହ ସମ୍ପୃକ୍ତ ଥିବା ରାକେଶଙ୍କର ୨୬ଟି ଲଢୁଆ ବିମାନ ଓ ପରିବହନ ବିମାନ ଉଡ଼ାଇବା ଅଭିଜ୍ଞତା ରହିଛି। ବର୍ତ୍ତମାନ ଆଇଏଏଫ୍‌ର ଉପାଧ୍ୟକ୍ଷ ଥିବା ରାକେଶ ଅକ୍ଟୋବର ୧ରେ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଧନୋଆ ଚଳିତ ମାସ ୩୦ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।

ନ୍ୟାଶନାଲ ଡିଫେନ୍ସ ଏକାଡେମୀର ପୂର୍ବତନ ଛାତ୍ର ରାକେଶଙ୍କୁ 'ସୋର୍ଡ ଅଫ ଅନର' ପ୍ରଦାନ କରାଯାଇଥିଲା। ସେ ୧୯୮୦ ଜୁନ୍‌ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ। ବିଭିନ୍ନ ଯୁଦ୍ଧବିମାନ ଉଡ଼ାଣରେ ତାଙ୍କର ପାରଦର୍ଶିତା ରହିଥିବାବେଳେ ସେ ବିଭିନ୍ନ ବିମାନର ପରୀକ୍ଷାମୂଳକ ଉଡ଼ାଣ କରିଥାନ୍ତି। ରାକେଶ କ୍ୟାଟ୍ 'ଏ' ଯୋଗ୍ୟତାସମ୍ପନ୍ନ ଉଡ଼ାଣ ପ୍ରଶିକ୍ଷକ।



## ରାଜୀବ କୁମାରଙ୍କୁ ଗିରଫ ଲାଗି ସିବିଆଇର ତନାଘନା

ନୂଆଦିଲ୍ଲୀ/ କୋଲକାତା,୧୯।୯(ପି.ଟି.)

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ଗୁରୁବାର ସିବିଆଇ ସାନି ନୋଟିସ ଜାରି କରି ୨୦ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି। କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତାଙ୍କୁ ନ ପାଇବା ପରେ ଗିରଫ ପରୱାନା ଜାରି ପାଇଁ ସିବିଆଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହା ପୂର୍ବରୁ ସିବିଆଇ ଟିମ୍ ଆଲିପୁରସ୍ଥିତ ଆଇପିଏସ୍ ଅଫିସରଙ୍କ ମେସ୍ ଏବଂ ଇଏମ୍ ବାଇପାସ୍‌ରେ ଥିବା ପଞ୍ଚତାରକା ହୋଟେଲରେ ଖୋଜାଖୋଜି କରିଥିଲା। ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତଦନ୍ତକାରୀ ସଂସ୍ଥା ରାଜୀବ କୁମାରଙ୍କ ଫୋନ ନମ୍ବର ମାଗିଥିବା ଜଣାପଡ଼ିଛି।

୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜୀବ କୁମାରଙ୍କୁ ଖୋଜି ବାହାର କରିବା ଲାଗି ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଗତ ଶୁକ୍ରବାର କୋଲକାତା ହାଇକୋର୍ଟ ରାଜୀବଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବା ପରେ ସିବିଆଇ ତାଙ୍କୁ ଜେରା ପାଇଁ ନୋଟିସ ଜାରି କରିଥିଲା। ତେବେ ସେ ସିବିଆଇରେ ହାଜର ନ ହୋଇ ନୋଟିସକୁ ଏଡ଼ାଇଯାଇଥିଲେ।



## ଶାହଙ୍କୁ ଭେଟିଲେ ମମତା

**ନୂଆଦିଲ୍ଲୀ, ୧୯।୯(ପି.ଟି.)**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଆସାମ ଏନ୍‌ଆର୍‌ସି ନେଇ ଆଲୋଚନା କରିଛନ୍ତି। ବହୁ ବେଙ୍ଗଲୀ, ବିହାରୀ, ଗୋର୍ଖା ଓ ଆସାମୀ ସମ୍ପ୍ରଦାୟର ଲୋକେ ଆସାମ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ସେ ଅବଗତ କରାଇଛନ୍ତି। ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଦୁଃଖ ବୁଝିବାକୁ ସେ ଶାହଙ୍କୁ ଅନୁରୋଧ କରିଛନ୍ତି। ତେବେ ମମତାଙ୍କଠାରୁ ସବୁ ଶୁଣିବା ପରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶାହ ମତ ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ହଟହଟା

**କୋଲକାତା,୧୯।୯(ପି.ଟି.):** ଏବିଭିପି ପକ୍ଷରୁ ଆୟୋଜିତ ଏକ ସେମିନାରରେ ଉଦ୍‌ବୋଧନ ଦେବାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଯାଦବପୁର ବିଶ୍ୱବିଦ୍ୟାଳୟରେ ହଟହଟା ହେବାକୁ ପଡ଼ିଛି। ଗୋଟିଏ ଛାତ୍ରଗୋଷ୍ଠୀ ତାଙ୍କୁ କଳାପତାକା ଦେଖାଇ ଠେଲାପେଲା କରିଥିଲେ। ଘଟଣାସ୍ଥଳରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଜଗଦୀପ ଧନ୍‌ଖର ମଧ୍ୟ ଉପସ୍ଥିତ ଥିଲେ। ବାମଦଳ ସମର୍ଥିତ ଦୁଇ ଛାତ୍ର ସଂଗଠନ ଭାରତୀୟ ଛାତ୍ର ସଂଘ ଏବଂ ଆର୍ଟ ଫାକଲ୍ଟି ଛାତ୍ରସଂସଦ (ଏଏଫ୍‌ଏସ୍‌ୟୁ)ର ସଦସ୍ୟମାନେ ତାଙ୍କୁ କ୍ୟାମ୍ପସ୍ ବାହାରେ ଦେଢ଼ଘଣ୍ଟା ଧରି ଅଟକ ରଖିଥିଲେ। 'ବାବୁଲ ସୁପ୍ରିୟୋ ଫେରିଯାଅ' ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ଅପରାହ୍ନ ୫ଟାରେ ସେ କ୍ୟାମ୍ପସ୍ ଛାଡୁଥିବାବେଳେ ପୁଣିଥରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବିକ୍ଷୋଭକାରୀ ଛାତ୍ରଗୋଷ୍ଠୀ ରାସ୍ତା ଅବରୋଧ କରି ତାଙ୍କ ଚୁଟି ଟାଣିବା ସହ ଠେଲାପେଲା କରିଥିବା ମନ୍ତ୍ରୀ କହିଛନ୍ତି। ସେମାନେ ନିଜକୁ ନକ୍ସଲ ବୋଲି ଖୋଲାଖୋଲି କହୁଥିଲେ। ଫାସୀବାଦୀ ଶକ୍ତିକୁ କ୍ୟାମ୍ପସରେ ପୂରାଇ ଦିଆଯିବ ନାହିଁ ବୋଲି ଏଏଫ୍‌ଏସ୍‌ୟୁ ନେତା ଦେବରାଜ ଦେବନାଥ କହିଥିଲେ। ସେ ରାଜନୀତି କରିବାକୁ ଆସି ନ ଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ବ୍ୟବହାରରେ ସେ ଦୁଃଖିତ ବୋଲି ବାବୁଲ ଖବରଦାତାମାନଙ୍କୁ କହିଛନ୍ତି।



### ଯାଦବପୁର ବିଶ୍ୱବିଦ୍ୟାଳୟରେ କଳା ପତାକା ଦେଖାଇ ଠେଲାପେଲା

# ମହାରାଷ୍ଟ୍ରରେ ନିର୍ବାଚନୀ ବିଗୁଲ୍ ବଜାଇଲେ ମୋଦି

**ନାଶିକ୍,୧୯।୯(ପି.ଟି.):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଆସନ୍ତା ମାସରେ ହେବାକୁ ଯାଉଥିଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଭାଜପା ପାଇଁ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ପାକିସ୍ତାନ ସପକ୍ଷବାଦୀ ମନ୍ତବ୍ୟ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ବର୍ଷିଥିଲେ। ଅତୀତରେ ରାଜନୈତିକ ଅସ୍ଥିରତା ପାଇଁ ରାଜ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲା। ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ୫ ବର୍ଷର ସ୍ଥିର ସରକାର ଦେଇପାରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ଉଚ୍ଚପ୍ରଶଂସା କରିଥିଲେ।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ମୋଦି କହିଥିଲେ, ଏହା ୧୩୦ କୋଟି ଭାରତୀୟଙ୍କ ଇଚ୍ଛା ଥିଲା। କଶ୍ମୀରକୁ ନୂଆ ସ୍ୱର୍ଗରେ ପରିଣତ କରିବା ତାଙ୍କର ସ୍ୱପ୍ନ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିବା ସହ ଏଥିପାଇଁ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଥିଲେ। କଶ୍ମୀରୀମାନଙ୍କୁ ହିଂସା, ଆତଙ୍କ ଓ ବିଚ୍ଛିନ୍ନତାବାଦରୁ ସୁରକ୍ଷା ଦେବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ କଶ୍ମୀରୀବାସୀ ୪୦ ବର୍ଷ ହେଲା ଦୁର୍ଦ୍ଦଶା ଭୋଗିଆସୁଥିଲେ ଓ ୪୨ ହଜାର ଲୋକ ଜୀବନ ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ୩୭୦ ଉଚ୍ଛେଦ ନିଷ୍ପତ୍ତି ପାଇଁ ବିରୋଧୀ ଦଳ ସରକାରଙ୍କୁ ସମର୍ଥନ କରିବା ପରିବର୍ତ୍ତେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ସମାଲୋଚନା କରୁଛନ୍ତି। କଶ୍ମୀର ନିଷ୍ପତ୍ତିକୁ ନେଇ ସାରା ଦେଶ ଏକ ହୋଇଥିବାବେଳେ କଂଗ୍ରେସ ଏବଂ ଏନ୍‌ସିପି ନେତା ସହଯୋଗ କରୁନାହାନ୍ତି। ରାହୁଲ ଗାନ୍ଧୀଙ୍କ ନାଁ ନ ନେଇ ମୋଦି କହିଥିଲେ, କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ଅନ୍ୟ ଦେଶ ଓ ଆତଙ୍କବାଦୀ ସଂଗଠନ ଭାରତ ବିରୋଧରେ ବ୍ୟବହାର କରୁଛନ୍ତି। ପାୱାରଙ୍କ ଭଳି ଅଭିଜ୍ଞ ନେତା ଭୋଟ ପାଇଁ ଭୁଲ୍ ମନ୍ତବ୍ୟ ଦେବା ତାଙ୍କୁ ଦୁଃଖିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଅଯୋଧ୍ୟା ଜମି ବିବାଦ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ରାଜନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କାହା ନାଁ ନେଇ ନ ଥିଲେ ହେଁ ଶିବସେନାକୁ ଲକ୍ଷ୍ୟ କରି ଏହା କହିଥିବା ଚର୍ଚ୍ଚା ହେଉଛି। କୁହାଳିଆ ନେତାମାନେ ରାମମନ୍ଦିରକୁ ନେଇ ମନଇଚ୍ଛା ମନ୍ତବ୍ୟ ଦେଉଥିବାରୁ ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ବିଚାର ସର୍ବୋଚ୍ଚ ଅଦାଲତରେ ଚାଲିଥିବାରୁ ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ରଖିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ତୁରନ୍ତ ରାମମନ୍ଦିର ନିର୍ମାଣ ପାଇଁ ଶିବସେନା ଦାବି କରିଆସୁଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ରାମମନ୍ଦିର ନିର୍ମାଣ ଲାଗି ମୋଦି ସରକାର ସାହସିକ ପଦକ୍ଷେପ ନେବାକୁ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଗତ ସୋମବାର କହିଥିଲେ।



- କଶ୍ମୀରକୁ ନୂତନ ସ୍ୱର୍ଗରେ ପରିଣତ କରିବାକୁ ସହଯୋଗ ଲୋଡ଼ିଲେ
- ପାକିସ୍ତାନ ମନ୍ତବ୍ୟ ପାଇଁ ପାୱାରଙ୍କ ଉପରେ ବର୍ଷିଲେ



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ




## ଆର୍‌କେଭିୱାଇ ସମୀକ୍ଷା ବୈଠକ
# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ରାଜ୍ୟ କୃଷି ଉତ୍ପାଦନ କମିଶନର(ଏପିସି) ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ସମ୍ପର୍କିତ ପ୍ରକଳ୍ପ ସ୍କ୍ରିନିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଧାର୍ଯ୍ୟ ସମୟରେ ଏହି ପ୍ରକଳ୍ପଗୁଡ଼ିକ ସାରିବା ପାଇଁ କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ପ୍ରକଳ୍ପର ସମୀକ୍ଷା କରିବା ସହ ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କଠାରୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର ସୌରଭ ଗର୍ଗ ଆରକେଭିୱାଇ ଯୋଜନାରେ ରହିଥିବା ଅର୍ଥକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।




# ମନ୍ତ୍ରୀ ସୁଶାନ୍ତ ସିଂଙ୍କ ନାଁରେ ବ୍ଲାକମେଲିଂ, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ,୧୯।୯**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ନାଁରେ ବ୍ଲାକମେଲିଂ କରି ସରକାରୀ ଅଧିକାରୀଙ୍କଠାରୁ ଟଙ୍କା ଆଦାୟ କରିବା ଅଭିଯୋଗରେ ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲା ପ୍ରଭାଶୁଣୀ ଗ୍ରାମର ସୁଶାନ୍ତ କୁମାର ରଣଜିତ୍ ଓରଫ୍ ମଙ୍ଗୁଲୁ(୨୪) । ତାଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ ହୋଇଛି ।

ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସିଂଙ୍କ ନାଁରେ ବ୍ଲାକମେଲିଂ କରି କେହି ଜଣେ ଅଜଣା ଲୋକ ବିଭିନ୍ନ ସରକାରୀ ଅଧିକାରୀଙ୍କଠାରୁ ଟଙ୍କା ଆଦାୟ କରିବା ନେଇ ଗତ ଜୁଲାଇ ୨ତାରିଖରେ ମନ୍ତ୍ରୀଙ୍କ ସୋହେଲା ବ୍ଲକ ପ୍ରତିନିଧି ଗଣତନ୍ତ୍ର ପ୍ରଧାନ ପୋଲିସରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ସୋହେଲା ଥାନାରେ ଉପରୋକ୍ତ ମାମଲା ରୁଜୁ ହେବା ସହିତ ଉକ୍ତ ଘଟଣାର ତନାଘନା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଅନୁସନ୍ଧାନ କରି ମନ୍ତ୍ରୀ ସିଂଙ୍କ ନାମରେ ଗିରଫ ଅଭିଯୁକ୍ତ ମଙ୍ଗୁଲୁ ସେଭଳି ବ୍ଲାକମେଲିଂ କରୁଥିବା ଜଣାପଡ଼ିଥିଲା। ଫଳରେ ପୋଲିସ ଅନୁସନ୍ଧାନ ଜାରି ରଖି ଅଭିଯୁକ୍ତ ମଙ୍ଗୁଲୁଙ୍କୁ କୋରାପୁଟ ଜିଲା ଜୟପୁରରୁ ଗିରଫ କରିଥିଲା ।

ଗିରଫ ଅଭିଯୁକ୍ତ ନିଜକୁ ମନ୍ତ୍ରୀ ସିଂ ବୋଲି ପରିଚୟ ଦେବା ସହିତ ଏକ ମୋବାଇଲ ନମ୍ବର ୭୬୮୨୯୭୨୪୦୮ରୁ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଫୋନ କରି ଟଙ୍କା ଦାବି କରୁଥିଲେ । ଏପରି କି ସେହି ମୋବାଇଲ ନମ୍ବରରେ ମନ୍ତ୍ରୀଙ୍କ ଫଟୋକୁ ନିଜ ପ୍ରୋଫାଇଲ ଫଟୋ ଭାବେ ମଧ୍ୟ ରଖିଥିଲେ । ଏଭଳି ବ୍ଲାକମେଲିଂ କରି ଅଭିଯୁକ୍ତ ଯୁବକ ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଅନୁଗୁଳ ଜିଲାର ବିଭିନ୍ନ ଅଧିକାରୀଙ୍କଠାରୁ ୩ରୁ ୪ଲକ୍ଷ ଟଙ୍କା ଆଦାୟ କରିଥିବା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ଅଭିଯୁକ୍ତଙ୍କ ପାଖରୁ ନଗଦ ଟଙ୍କା ଜବତ ହୋଇ ନ ଥିବାବେଳେ ପୋଲିସ ତାଙ୍କ ପାଖରୁ ବ୍ୟାଙ୍କ ପାସ୍‌ବୁକ୍, ଆଧାର କାର୍ଡ଼ ଓ ୩ଟି ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିବର୍ଷ ତଳେ ବରଗଡ଼ର ଜଣେ ଯୁବକ ତତ୍କାଳୀନ କଂଗ୍ରେସ ବିଧାୟକ ତଥା ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶଙ୍କ ନାମରେ ନକଲି ଫେସବୁକ୍ ଆକାଉଣ୍ଟ କରି ଟଙ୍କା ଆଦାୟ କରୁଥିବା ବେଳେ ଧରାପଡ଼ି ଥିଲେ । ସେହିପରି ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ବିଭିନ୍ନ ସରକାରୀ ଅଫିସରଙ୍କଠାରୁ ବଟି ଆଦାୟ ଅଭିଯୋଗରେ ଜଣେ ବନ ଅଧିକାରୀଙ୍କ ସମେତ କେତେଜଣ ଅଭିଯୁକ୍ତଙ୍କୁ ମଧ ପୋଲିସ ଗିରଫ କରିଥିଲା।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରି ବରଗଡ଼ ଏସପି ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି ।




# ଅଯୋଗ୍ୟଙ୍କ ସଂଖ୍ୟା ୨୦ ଲକ୍ଷ ଟପିବ: ଭାଜପା

**କାଳିଆ ଯୋଜନା**

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା । ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧମରେ ଟଙ୍କା ବଣ୍ଟାଯାଇଥିଲା । ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ଶାସକ ଦଳ ପ୍ରୟାସ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଏହାସହ କାଳିଆ ଯୋଜନାରେ ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଟଙ୍କା ହାତେଇଛନ୍ତି। ଯଦି ଏହାର ନିରପେକ୍ଷ ତଦନ୍ତ ନ ହୁଏ ତେବେ ଭାଜପା କୋର୍ଟର ଆଶ୍ରୟ ନେବ ବୋଲି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ବଣ୍ଟନ କରି ପରେ ସେମାନଙ୍କୁ ଜେଲ୍ ପଠାଇବା ଭଳି ଏବେ କାଳିଆ ଯୋଜନାରେ ଉଦ୍ୟମ କରାଯାଉଛି । ଯୋଗ୍ୟ ଚାଷୀ ପରିବାର ଆଶଙ୍କା ଭିତରେ ରହିଛି କାଳେ ତାଙ୍କୁ ଅଯୋଗ୍ୟ ଘୋଷଣା କରି ଅର୍ଥ ଆଦାୟ କରାଯିବ ନ ଚେତ୍ ଜେଲ୍ ପଠାଯିବ । ଖୋଦ୍ ବିଭାଗୀୟ ମନ୍ତ୍ରୀ ଏହି ଯୋଜନାରେ ଦୁର୍ନୀତି ହୋଇଛି ବୋଲି ସ୍ୱୀକାର କରିବାପରେ ଦଳର ମୁଖପାତ୍ର ଏହାକୁ ନେଇ ଭିନ୍ନ ମତ ରଖି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହି ଯୋଜନାରେ ହୋଇଥିବା ମହାଘୋଟାଲାର ପର୍ଦ୍ଦାଫାଶ ହେବା ଦରକାର । ଏହି ଯୋଜନାରେ ହିତାଧିକାରୀ ତାଲିକାର ତଦନ୍ତ ଏକ ନିରପେକ୍ଷ ଯାଞ୍ଚ ଏଜେନ୍ସୀ ଦ୍ୱାରା କରାଯିବା ଆବଶ୍ୟକ। ଏହାସହ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ରାଜ୍ୟ ରାଜକୋଷରୁ ୧୭୦ କୋଟି ଟଙ୍କା ଅପବ୍ୟୟ କରିଥିବା ବିଭାଗୀୟ ମନ୍ତ୍ରୀ ଓ ସରକାରୀ ଅଫିସରମାନଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଆକାଉଣ୍ଟରୁ ଅର୍ଥ ଆଦାୟ କରାଯାଉ। କୃଷିମନ୍ତ୍ରୀ ଅରୁଣ ସାହୁ କହିଥିଲେ, ''କାଳିଆ ଯୋଜନାରେ ୩ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଛନ୍ତି । ସରକାର ସେମାନଙ୍କଠାରୁ ପଇସା ଫେରାଇବେ ''। ହେଲେ ଗତକାଲି କୃଷି ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି କହିଲା ୩୨ ହଜାର ଅଯୋଗ୍ୟ ଅଛନ୍ତି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ କଣ୍ଟିଜେନ୍ସୀ ଫଣ୍ଡରୁ ଅର୍ଥ ଆଣି ବଣ୍ଟାଯାଇଥିଲା । ନିରପେକ୍ଷ ତଦନ୍ତ ହେଲେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ବାହାରିବେ ବୋଲି ପୃଥ୍ୱିରାଜ କହିଛନ୍ତି।





"ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।"
- ନେତାଜୀ ସୁଭାଷଚନ୍ଦ୍ର ବୋଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ



ଶ୍ରୀଜିତା
ପରିବାରବର୍ଗ



ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସୀତାରାମନଙ୍କୁ ମାରୁତି ଅଧ୍ୟକ୍ଷଙ୍କ ସମର୍ଥନ

**ନୂଆଦିଲ୍ଲୀ,୧୯-୯:** ଓଲା ଓ ଉବର କ୍ୟାବ୍ ଆଧାରିତ ଟ୍ୟାକ୍ସି ସୁବିଧା ଯୋଗୁ ଦେଶର ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଆସିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ବୟାନକୁ ଶେଷରେ ମାରୁତି ସୁଜୁକି ମଧ୍ୟ ସମର୍ଥନ କରିଛି। ମିଡିଆକୁ ଏକ ସାକ୍ଷାତକାର ଦେଇ କମ୍ପାନୀ ଅଧ୍ୟକ୍ଷ ଆର୍.ସି. ଭାର୍ଗବ ଅର୍ଥମନ୍ତ୍ରୀଙ୍କ ବୟାନକୁ ଉଚିତ୍ ବୋଲି ଦର୍ଶାଇଛନ୍ତି। ତେବେ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଅର୍ଥମନ୍ତ୍ରୀଙ୍କ ବୟାନ ସହ ସହମତ ନୁହେଁ ବୋଲି ପୂର୍ବରୁ କହିସାରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆଜିକାଲିର ଯୁବବର୍ଗ ଇଏମ୍ଆଇ ଜରିଆରେ ନୂଆ କାର୍ କିଣିବା ପରିବର୍ତ୍ତେ ଓଲା-ଉବର କ୍ୟାବ୍ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ ଆଶୀର୍ବାଦ,...

ସେମାନଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଉଭୟଙ୍କ ଓକିଲ ଓ ପରିବାର ସଦସ୍ୟଙ୍କୁ ଭେଟିବାକୁ ସୁଯୋଗ ଦିଆଯାଇଥିଲା। ଡାକ୍ତରଙ୍କୁ ଡକାଯାଇ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସିବିଆଇ ଅଧିକାରୀମାନେ ସେମାନଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲେ। ଉଭୟଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି), ୪୦୯, ୪୭୧, ୪୨୦, ୪୬୮ ଲଗାଯାଇଛି। କୋର୍ଟରେ ହାଜର ପରେ ଉଭୟଙ୍କ ଓକିଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆଶୀର୍ବାଦ ଓ କମଳାକାନ୍ତଙ୍କୁ ଜାମିନ ପ୍ରଦାନ କରିବାକୁ କୋର୍ଟଙ୍କୁ ପାର୍ଥନା କରିଥିଲେ। କିନ୍ତୁ ସରକାରୀ ଓକିଲ ଜାମିନ ନ ଦେବା ପାଇଁ ଯୁକ୍ତି ବାଢିଥିଲେ। ଉଭୟ ମୁଷ୍ଟିମେୟ ଲୋକ ହୋଇଥିବାରୁ ଜାମିନରେ ଗଲେ ପ୍ରମାଣ ନଷ୍ଟ କରିବା ସହ ତଦନ୍ତଙ୍କୁ ବାଟବଣା କରିପାରନ୍ତି ବୋଲି କହିଥିଲେ। ଶେଷରେ ଅପରାହ୍ନ ପ୍ରାୟ ୫ଟାରେ କୋର୍ଟ ତାଙ୍କ ରାୟ ଶୁଣାଇଥିଲେ।

କୋର୍ଟରେ ହାଜର ପୂର୍ବରୁ ସିବିଆଇ ଅଫିସ ସମ୍ମୁଖରେ ଆଶୀର୍ବାଦ ଗଣମାଧ୍ୟମକୁ କହିଥିଲେ, ମୋତେ କାହିଁକି ଗିରଫ କରାଯାଇଛି ଆପଣମାନେ ଜାଣିଛନ୍ତି। ଆଗକୁ ଓସିଏ ନିର୍ବାଚନ ଥିବାରୁ ଏଭଳି ଜାଣିଶୁଣି ପ୍ରତିପକ୍ଷ ଷଡ଼ଯନ୍ତ୍ର କରିଛନ୍ତି। ୨୦୧୨ ମସିହାର ମାମଲା। ସିବିଆଇ ଚାର୍ଜଶିଟ ଦାଖଲ କରିସାରିଛି। ନିୟମ ଅନୁଯାୟୀ ସମନ ପାଇବା କଥା। କିନ୍ତୁ ବିନା ସମନରେ ମୋତେ ଗିରଫ କରାଯାଇଛି। ତେବେ ବାପାଙ୍କ ଗିରଫଦାରିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୁଅ ସଞ୍ଜୟ ବେହେରା। ସଞ୍ଜୟ କହିଛନ୍ତି, ଶୁକ୍ରବାର ଓସିଏ ନିର୍ବାଚନ ପାଇଁ ନୋମିନେଶନ ରହିଛି। ଏହାପୂର୍ବରୁ ବାପାଙ୍କୁ ଗିରଫ କରିବା ନିଶ୍ଚିତ ବଡ଼ ଷଡ଼ଯନ୍ତ୍ର ଓ ଚକ୍ରାନ୍ତ। ଏହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବ ନାହିଁ। ଓସିଏର ସଦସ୍ୟ ଏବଂ ଓଡିଶାବାସୀ ଜାଣିଛନ୍ତି ବାପା କ'ଣ?

ଅନ୍ୟପକ୍ଷରେ ହୋଟେଲ ସୋଲାନ୍ ଇନ୍ ମାଲିକ କମଳାକାନ୍ତ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଅର୍ଥତତ୍ତ୍ୱ ଗ୍ରୁପ୍‌ରୁ ଜମିହଡ଼ପ କରିଥିଲେ। ସେମାନେ ଖୋର୍ଦ୍ଧା ନିକଟ ଜାମୁଝରୀ ଓ ବାଲେଶ୍ୱରରେ ଥିବା ଏହି ସଂସ୍ଥାର ଜମି ବିକ୍ରି କରି ବହୁ କୋଟି ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ରହିଥିଲା।

### ଅଭିଯୁକ୍ତଙ୍କୁ ଫାଶୀ...

୩୭୬(୨) (ଆଇ) (ଏମ୍)/୩୦୨ ଆଇପିସି, ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା(ନଂ.୮୧/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାରେ ପୋଲିସ ଘଟଣାର ମାତ୍ର ୧୯ଦିନରେ ୫ଶହ ପୃଷ୍ଠା ସମ୍ବଳିତ ଚାର୍ଜଶିଟ ଦାଖଲ କରିଥିଲା। କଟକର ପୋକ୍‌ସୋ ଅଦାଲତରେ ଏହି ସମ୍ବେଦନଶୀଳ ଘଟଣାର ଦ୍ରୁତ ଶୁଣାଣି ଆରମ୍ଭ ହୋଇଥିଲା। ମାମଲାରେ ୪୬ଜଣ ସାକ୍ଷୀଙ୍କ ମଧ୍ୟରୁ ୨୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମୃତା ନାବାଳିକା ପରିବାରକୁ କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ପୀଡିତ କ୍ଷତିପୂରଣ ଯୋଜନାରେ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା।

ଦେଶର ବିଭିନ୍ନ ରାଜ୍ୟରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲା ବୃଦ୍ଧି ପାଉଥିବାବେଳେ କେନ୍ଦ୍ର ସରକାର ପ୍ରୋଟେକ୍ସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍(ପୋକ୍‌ସୋ) ଆଇନରେ ସଂଶୋଧନ ଆଣିବା ନିମନ୍ତେ ଅଧ୍ୟାଦେଶ ପାରିତ କରିଥିଲେ। କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତଙ୍କ ରାୟ ପୂର୍ବରୁ ୨୦୧୯ ଜୁଲାଇ ୨୭ରେ ଅନୁଗୋଳ ପୋକ୍‌ସୋ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅନାମ ଦେହୁରୀ(୨୨)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଅନ୍ୟ ଏକ ଘଟଣାରେ ମୟୂରଭଞ୍ଜ ଜିଲା ଏଡିଜେ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ବେତନଟୀ ଥାନା ଅଞ୍ଚଳର ଯାମିନୀକାନ୍ତ ମହନ୍ତଙ୍କୁ ଗତ ଅଗଷ୍ଟ ୨୮ରେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଗତ ୧୦ରେ ଜଗତ୍‌ସିଂହପୁର ପୋକ୍‌ସୋ ଅଦାଲତ ଆଉ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୩୫)ଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ।

### ଦର ଛୁଇଁଲାଣି...

ଉପରେ ଅଙ୍କୁଶ ଲଗାଇବାକୁ ସରକାରଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ନୂଆ ପିଆଜ ବଜାରକୁ ଆସିଲେ ଦର କମିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥାତ୍ ଏହି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ରୋକିବା ପାଇଁ ସରକାରଙ୍କ ପାଖରେ କିଛି ବିକଳ୍ପ ନାହିଁ। ଉତ୍ପାଦନ ବୃଦ୍ଧି ଓ ଦର କମିବା ଯାଏ ଖାଉଟିଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ୧୦୦ କୋଟି ଟଙ୍କାରେ ଅଗଷ୍ଟ ମାସ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କ ଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଏବଂ ଡାଲିଜାତୀୟ ଶସ୍ୟ କିଣି ଗଚ୍ଛିତ ରଖିବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଏସ୍ଏଫ୍‌ର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଡିରୋଟ ସମୟରେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ। ଫଳରେ ଖାଉଟିମାନଙ୍କୁ ମୂଲ୍ୟ ବୃଦ୍ଧି କଷ୍ଟରୁ ମୁକ୍ତି ମିଳିପାରିବ। ମାତ୍ର ଏହି ପାଣ୍ଠି ଗଠନ ହେବାର ୪ ବର୍ଷ ବିତିଯିବାକୁ ବସିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। ଫଳରେ ବଜାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ଖାଉଟିଙ୍କୁ ବାଧ୍ୟହୋଇ ଅନ୍ୟ ରାଜ୍ୟର ଉତ୍ପାଦନ ଓ ଦର ଉପରେ ନିର୍ଭର କରିବାକୁ ପଡୁଛି। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ଖାଉଟିମାନେ ଚଢ଼ା ଦରରେ ପିଆଜ କିଣିବାକୁ ବାଧ୍ୟ ହେବେ। ଯୋଗାଣ ବିଭାଗ ଅଧିକାରୀଙ୍କ କହିବା କଥା ହେଲା ଚାଷୀଙ୍କଠାରୁ ଆଳୁ ରଖିବା ପାଇଁ ସରକାର ଶୀତଳଭଣ୍ଡାରଗୁଡ଼ିକ ଭଡ଼ାରେ ନେଇଥିଲେ। ରାଜ୍ୟର ଚାଷୀଙ୍କଠାରୁ ଆଳୁ ସଂଗ୍ରହ କରି ରଖାଯାଇଥିଲା। ଆଳୁ ଅଭାବରୁ କେତେକ ଶୀତଳଭଣ୍ଡାର ଖାଲି ପଡ଼ି ରହିଲା। ଆଳୁ ଦର ଖସିଯିବାରୁ ଗଚ୍ଛିତ ଆଳୁକୁ କମ୍ ଦରରେ ବିକ୍ରି କରାଗଲା। ଏଥିଯୋଗୁ ସରକାରଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଲା। ଏଥିଯୋଗୁ ଶୀଘ୍ର ନଷ୍ଟ ହେଉଥିବା ପିଆଜକୁ ଗଚ୍ଛିତ ରଖିବା ସମ୍ଭବ ନୁହେଁ। ବର୍ଷା କମିଗଲେ ପିଆଜ ଦର ଆପେ କମିଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି ଯେ, ବନ୍ୟା ଓ ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ର, ଆନ୍ଧ୍ର କିମ୍ବା କର୍ଣ୍ଣାଟକରେ ପିଆଜ ଉତ୍ପାଦନ ହ୍ରାସ ପାଇଛି। ଏହାଛଡ଼ା ବର୍ଷା ଯୋଗୁ ପରିବହନ ବେଳେ ପିଆଜରେ ପାଣି ପଶି ନଷ୍ଟ ହୋଇଯାଉଛି। ଏଥିଯୋଗୁ ଦର ବୃଦ୍ଧି ଘଟିଛି। ଆସନ୍ତା ମାସେ ଯାଏ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଆଳୁ ରଖିବା ପାଇଁ ପର୍ଯ୍ୟାପ୍ତ ଶୀତଳଭଣ୍ଡାର କରିଥିବାରୁ ଚଳିତ ବର୍ଷ ଆଳୁ ଦର ନିୟନ୍ତ୍ରଣରେ ରହିପାରିଛି। ରାଜ୍ୟରେ ବ୍ୟବସାୟୀମାନଙ୍କୁ କିମ୍ବା ସରକାର ନିଜେ ପିଆଜ ରଖିବା ପାଇଁ ବ୍ୟବସ୍ଥା କଲେ ଲୋକଙ୍କୁ ଦର ବୃଦ୍ଧିର କଷ୍ଟ ଭୋଗିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟରେ ଯେତିକି ପିଆଜ ଉତ୍ପାଦନ ହେଉଛି ତାହା ସଂରକ୍ଷଣ ଅଭାବରୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛି। ରାଜ୍ୟରେ ପିଆଜ ଚାଷକୁ ପ୍ରୋତ୍ସାହନ ଦେବା ସହ ସଂରକ୍ଷଣ ପାଇଁ ବ୍ୟବସ୍ଥା ନ କଲେ ପ୍ରତ୍ୟେକ ବର୍ଷ ଲୋକଙ୍କୁ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରରେ ପେଷି ହେବାକୁ ପଡ଼ିବ।


## classifieds Everyday

0674-2580101, 2549302




**SALE**

Plot at Sundarpada Mouza Botanda 2.5k.m from Airport, Bhubaneswar. Contact for detail: 9078002314, 7735015318. D-67067

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

**Bhubaneswar Patia KIIT ଜଗନ୍ନାଥମନ୍ଦିର ପାଖରେ 40ft ରାସ୍ତାଥାଇ Yellowzone ଘରବାରି ପ୍ଲଟ Possession ସହିତ registration ନିଅନ୍ତୁ 7751096741.** D-66785

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି Contact: 8249292535.** D-66780

New 2BHK flat with parking available for sale at Sundarpada price below 30 lakhs. Ph: 9938810414. D-66299

**Residential plot sale at Patrapada 600mtr from NH, Sqft- 2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

ପଟିଆ ବିଗ୍‌ବଜାର ପାଖରେ 1Acre plot ବିକ୍ରି ହେବ। Contact: 9778928492. D-65692

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

ସତ୍ୟନଗର ଘରବାରି plot 19,000 sqft. ବିକ୍ରି ହେବ। Contact: 9937910363. D-65693

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

BDA Plot 30' road, electric ସହିତ ମାତ୍ର 7,00,000/-ରେ NH-16ରୁ 200 mtr. distanceରେ ମିଳୁଅଛି। 9777449397, 8917697736. D-14389

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

**PURCHASE**

Stithiban gharabari land requires in around Bhubaneswar. Contact: 9937816565, 9937568585. D-67392




2BHK, ground floor, Bharat Villa, Hanspal, near Metro satelite. 9437241031. D-14417

Gf two Br, two Toilets, Dressing Dining cum Drawing, Puja, Kitchen, and one spacious Br Kitchen separate Toilet both houses for small families only. In Nageswartangi, Bhubaneswar. 9937251147, 9040975251. D-67103

250sqft furnished room for office, near BDA, Keshari Talkies Plot-5, Bhubanewar. Contact: 9238579309. D-66189

Brick plant on rent. For Flyash brick one plant & machines having plant shed capacity 16000 sqft. land area 22000 sqft. with readymade office, store, staff quarter. Security deposit & rent negotiable. Contact: 9938810414, 9861022444. D-66300

Marriage Hall available on 8th Dec 2019 Onwards. At- Sankalp Media & Convention Luxurious 3 floors with A/c & all modern amenities for 1000+guests infront of Sai Temple, Near Infocity, Patia, Bhubaneswar. Ph: 7008648674 / 7008976501. D-67502

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Shivam logistic packers movers. Household/ car relocation countrywide. 9777044177, 9338461133. D-14206




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Refresh your mind and soul with best therapy at Orchid Salon/ Spa. 9937287222. D-66963




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ଏତଦ୍ୱାରା ଆମେ ସତ୍ୟଭାମା କୁମାରୀ ଦେବୀ ଏବଂ ଜୟଜିତ ସିଂଦେଓ ନିବାସୀ ଦେଓଭବନ, ଟାଉନ୍ ଥାନା ସାମନା, ତହସିଲ/ଜିଲ୍ଲା- ସମ୍ବଲପୁର, ଘୋଷଣା କରୁଅଛୁ ଯେ, ସତ୍ୟନାରାୟଣ ଚନ୍ଦ୍ର ଦେଓ କରିଥିବା ଉଇଲ୍‌ନାମା ରେଜିଷ୍ଟର୍ ନଂ.୧୦, ତାରିଖ ୨୨।୦୧।୨୦୧୯ ଅନୁସାରେ ଆମ୍ଭେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଏହି ସମ୍ପତ୍ତିରେ ଅନ୍ୟ କାହାର ଅଧିକାର ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି କ୍ରୟ କିମ୍ବା ବିକ୍ରୟ କଲେ ଆମ୍ଭେ ଦାୟୀ ରହିବୁ ନାହିଁ। ସମ୍ପତ୍ତିର ବିବରଣୀ- ଏମ୍. ଏସ୍ ହୋଲ୍ଡିଂ ନଂ. ୭୪୪- ରାମପୁର ଏବଂ ଖାତା ନଂ. ୮୯୭, ଗ୍ରାମ- ରାମପୁର, ଖାତା ନଂ. ୧୧୫ ,ଏବଂ ୯୭, ଗ୍ରାମ- ପଣ୍ଡକିମାଲ ଏବଂ ଖାତା ନଂ. ୫୬ ଗ୍ରାମ- ତନ୍ତଗାଡ଼ ଇତ୍ୟାଦି। D-14409

Affidavit before Executive Magistrate, Dhamnagar 07.09.2019 my name has changed from Shoobham Nayak to Shubham Nayak. Henceforth I shall be known as Shubham Nayak, S/o- Jyotirmaya Nayak, At/ Po- Mamadula, Dist- Bhadrak, Pin- 756117, PS.- Dhusuri for all legal purposes. D-14416

By virtue of an affidavit in the court of the Executive Magistrate, Angul, I Shri Asharam Gaan, aged about 19yrs, S/o Gouranga Gaan of Bantala, Angul here by declared that I have changed my name from 'Asharam Gaan' to 'Aryan Gaan'. Henceforth I shall be known as Aryan Gaan for all future purposes. D-14414

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବଳବାନ୍ ଚନ୍ଦ୍ର ପ୍ରଭାବରେ ପିଲାମାନଙ୍କ କଥା, ଶିକ୍ଷା ସମ୍ପର୍କିତ ସମସ୍ୟା, ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ବ୍ୟବସାୟ, ପରିବହନରେ ସମସ୍ୟା ମୁକ୍ତ ରହିବେ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମ, ସାମାଜିକ ସମ୍ପର୍କରେ ଉନ୍ନତି ସହ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ** ଆଜିର ଗ୍ରହସ୍ଥିତି ପ୍ରଭାବରେ ପରକୁ ଆପଣାର କରି କାମ ହାସଲରେ ସମର୍ଥ ହେବେ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ଲାଗିରହିବ। ଦେବ ଦର୍ଶନର ସୁଯୋଗ ମିଳିପାରେ। ଜମିଜମା କାରବାର, ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ବୃହସ୍ପତିଙ୍କ ଦୋଷରୁ ନିର୍ଦ୍ଦିଷ୍ଟ ସମୟରେ କାମଗୁଡିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡ଼ିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି। ହଠାତ୍ କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ଘଟିବ।

**କର୍କଟ** ସ୍ୱସ୍ଥାନପାଳ ଶନି ଷଷ୍ଠଭାବସ୍ଥ ଯୋଗୁ ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** ଏକାଧିକ ଗ୍ରହ ଧନସ୍ଥାନସ୍ଥ ହେତୁ ବିଭିନ୍ନ ଦିଗରୁ ଅର୍ଥସଂଗ୍ରହ କରିପାରିବେ। କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ସମସ୍ୟାର କାରଣ ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା** ଗ୍ରହଯୋଗର ସୁପ୍ରଭାବରେ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇପାରିବେ। ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ବିବାଦୀୟ ଘଟଣାରେ ବିଜୟଲାଭ ସୁନିଶ୍ଚିତ।

**ତୁଳା** ଅଷ୍ଟମସ୍ଥ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ ଅବଶ୍ୟ ଆର୍ଥିକ ଦିଗରୁ କୌଣସି ଅସୁବିଧା ହେବନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ବନ୍ଧୁ ପରିଜନଙ୍କ ସହଯୋଗ ଅବଶ୍ୟ ମିଳିବ। ବ୍ୟୟ ଭାର କ୍ରମଶଃ କମି ଆସିବା ସାଙ୍ଗକୁ ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** କେତେକ କ୍ଷେତ୍ରରେ ନୈରାଶ୍ୟଜନକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ସାଜିପାରେ। କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ।

**ଧନୁ** ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ମନୋବଳ ସାମାନ୍ୟ ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିମାନଙ୍କ ମାଧ୍ୟମରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି।

**ମକର** ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସାଙ୍ଗକୁ ନିକଟ ସମ୍ପର୍କୀୟମାନଙ୍କ ସହ କୌଣସି ନୂତନ କର୍ମାରମ୍ଭର ଯୋଜନା ପ୍ରସ୍ତୁତ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ।

**କୁମ୍ଭ** ନୀଚସ୍ଥ ଶୁକ୍ରଜନିତ ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସାଙ୍ଗକୁ ନିଜର କୃତୀ ଓ କୃତିତ୍ୱ କାରଣରୁ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଗତି କରିବା ସହ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧାର କାରଣ ନ ବୁଝି କାମ କଲେ ହଇରାଣ ହେବାକୁ ପଡ଼ିବ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଏପରି କି ଯାତ୍ରାକାଳୀନ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଗଜଷଷ୍ଠୀ ଶୁକ୍ରବାର, ସେପ୍ଟେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧।୧୦ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ଷଷ୍ଠୀର ଶ୍ରାଦ୍ଧ। ଦିବା ଘ୬।୨୭ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୩୮ମି. ମଧ୍ୟେ ଘ୧୨।୦୧ମି. ଗତେ, ଘ୩।୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ, ଘ୧୧।୩୯ମି. ଗତେ ଘ୧।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୯ମି. ଗତେ ଘ୧୧।୪୦ମି. ମଧ୍ୟେ ରାହୁକାଳ।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।

- ସତ୍ୟସାଇବାବା

## ଆଜି କ'ଣ କେଉଁଠି

**ନୂଆପଡା**

■ ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ, ସଦ୍‌ଭାବନା ସଭାଗୃହ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

■ ଜେସିଆଇ ସମ୍ବଲପୁର ଗ୍ଲୋବାଲ୍ ପକ୍ଷରୁ ବୈଠକ, କ୍ଷେତରାଜପୁର ଅଗ୍ରସେନ ଭବନ, ପୂର୍ବାହ୍ନ ୧୦ଟା –।

■ ସ୍ୱଚ୍ଛ ଷ୍ଟେଶନ ଓ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।

■ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ପ୍ରସ୍ତୁତି ବୈଠକ, ସମଲେଶ୍ୱରୀ ମଣ୍ଡପ, ପୂର୍ବାହ୍ନ ସାଢ଼େ ୧୦ଟା ।

**ବରଗଡ଼**

■ ଲିଓ କ୍ଲବ ଅଫ୍ ବରଗଡ଼ର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ, ଗାନ୍ଧୀଛକ, ପୂର୍ବାହ୍ନ ସାଢେ ୧୦ଟା।

**ବୌଦ୍ଧ**

■ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ଟାଉନହଲ, ପୂର୍ବାହ୍ନ ସାଢେ ୧୦ଟା।

**ବିଜେପୁର**

■ ବ୍ଲକସ୍ତରୀୟ ଖୋଖୋ ଚୟନ ପ୍ରତିଯୋଗିତା, ପଥରଲା ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା।

**ବାରକୋଟ**

■ କୃଷକ ତାଲିମ ଶିବିର, ବିଜୟ ନଗର, କାଦପଡ଼ା, ପୂର୍ବାହ୍ନ ୧୦ଟା।

**ଦେବଗଡ଼**

■ ବିଶ୍ୱକର୍ମାପୂଜା ଭସାଣି ଉତ୍ସବ, ଜିଲା ଘରୋଇ ବସମାଲିକ ସଂଘ ପୂଜା ମଣ୍ଡପ, ଅପରାହ୍ନ ୪ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ପଶ୍ଚିମ ଓଡ଼ିଶାର ସାମଗ୍ରିକ ବିକାଶ ଲାଗି ମୁଁ ସମର୍ପିତ



ସୁବାସ ଚୌହାନ

ସୁବାସ ଚୌହାନ। ଏବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ । ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ନିପଟ ମଫସଲିଆ ଆମବାହାଲ ଗାଁରେ ତାଙ୍କ ଜନ୍ମ । ମା' ସୁମତି ଓ ବାପା ଶ୍ୟାମସୁନ୍ଦରଙ୍କ ପୁଅ ସୁବାସ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏକ ପରିବାରରେ ନିଜର ଶୈଶବ ବିତାଇଥିଲେ । ଛେଳି ଚାଷ କରି ସେହି ଟଙ୍କାରେ ପଦ୍ମପୁର ଅଞ୍ଚଳ କଲେଜରେ ଆଇଏସ୍‌ସି ପଢ଼ିବା ସହିତ ସାମ୍ବାଦିକତାରେ ସ୍ନାତକ କରିଛନ୍ତି । ୧୯୮୫ ମସିହାରେ ୩୦ବର୍ଷ ବୟସରେ ସୁବାସ ଆରଏସ୍‌ଏସ୍‌ରେ ଯୋଗଦେଇଥିଲେ। ୨୦୦୩ରେ ସେ ବଜରଙ୍ଗ ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ସେ ବଜରଙ୍ଗ ଦଳର ଜାତୀୟ ଆବାହକ ଏବଂ ୨୦୧୩ରେ ଜାତୀୟ ସିକ୍ୟୁରିଟି ସେଲ୍‌ରେ ରହିବାର ତାଙ୍କୁ ସୁଯୋଗ ମିଳିଥିଲା। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇଥିଲେ। ଭାଜପା ପକ୍ଷରୁ ତାଙ୍କୁ ୨୦୧୪ ସାଧାରଣ ନିର୍ବାଚନରେ ବରଗଡ଼ ଲୋକ ସଭା ଏମ୍‌ପି ପ୍ରାର୍ଥୀ କରାଯାଇଥିଲା । ମାତ୍ର ୧୦ହଜାର ଭୋଟ୍ ବ୍ୟବଧାନରେ ସେ ପରାସ୍ତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ତାଙ୍କୁ ପ୍ରାର୍ଥୀ ନ କରିବାରୁ ସେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବୁଧବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି । ଛେଳି ଚାଷରୁ ଆଜି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ହୋଇଥିବା ସୁବାସଙ୍କ ମନର କଥାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...

**▸ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଭାବେ ଆପଣଙ୍କ ନାମ ଘୋଷଣା କରାଯାଇଛି । ଆପଣଙ୍କ ପ୍ରତିକ୍ରିୟା କ'ଣ?**

☆ ମୁଁ ନିଶ୍ଚିତ ଭାବେ ଖୁସି । ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ମୁଁ ନିଷ୍ଠାର ସହିତ ସମ୍ପାଦନ କରିବି ।

**▸ ଏଥର ଆପଣଙ୍କ ଲକ୍ଷ୍ୟ କ'ଣ ?**

☆ ପଶ୍ଚିମ ଓଡ଼ିଶାର ସାମଗ୍ରିକ ବିକାଶ ଲାଗି ମୁଁ ସମର୍ପିତ। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ପାନୀୟଜଳ ଆଦି କ୍ଷେତ୍ରକୁ ପ୍ରାଥମିକତା ଦେବି।

**▸ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ଏବେ ଉପକୂଳ ଓଡ଼ିଶାରେ ରହିଛି, ଏହା କେତେଦୂର ଠିକ୍?**

☆ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନୂଆ ନୁହେଁ, ବହୁ ପୁରୁଣା। ପଶ୍ଚିମ ଓଡ଼ିଶାରେ ସେହି କାର୍ଯ୍ୟାଳୟ ସ୍ଥାପନ କରା ନ ଯାଇ ଉପକୂଳରେ ରହିଛି । ଏହା ଠିକ୍ ନୁହେଁ ବୋଲି ମୁଁ ଅନୁଭବ କରୁଛି । ଏନେଇ ମୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବି ।

**▸ ଆପଣ ବରଗଡ଼ ମାଟିର ପୁଅ, ଅଥଚ ଜିଲା ବାହାରେ ଅଧିକ ସମୟ ରହୁଛନ୍ତି । ଏହାଦ୍ୱାରା ଆପଣଙ୍କ ପ୍ରତି କେମିତି ଜନସମର୍ଥନ ରହିଛି ?**

☆ ବରଗଡ଼ରେ ରୁହେ କିମ୍ବା ଜିଲା ବାହାରେ, ସବୁବେଳେ ବରଗଡ଼ର ବିକାଶ ଲାଗି ମୁଁ ଚିନ୍ତିତ। ବରଗଡ଼ବାସୀ ମଧ୍ୟ ଏହା ଜାଣିଛନ୍ତି। ସେଥିପାଇଁ ମୋ ପ୍ରତି ସେମାନଙ୍କ ସମର୍ଥନ ରହିଛି ।

**▸ ଭାଜପା ଛାଡି ବିଜେଡିରେ ମିଶିବା ପରେ ଆପଣଙ୍କୁ କେଉଁ ଗୁରୁଦାୟିତ୍ୱ ମିଳିଥିଲା ?**

☆ ଗତ ସାଧାରଣ ନିର୍ବାଚନ ପରେ ୪ଟି ଲୋକ ସଭା ଆସନର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ମୋତେ ଦେଇଥିଲେ । ପରବର୍ତ୍ତୀ ସମୟରେ ଦଳର ମୁଖପାତ୍ର ଭାବେ ମଧ୍ୟ ମନୋନୀତ କରିଥିଲେ। ଏବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କରିଛନ୍ତି।

**▸ ଛାତ୍ର ଜୀବନରୁ ରାଜନୀତିରେ ଯୋଗଦେବାର ଅଭିପ୍ରାୟ ଥିଲା କି?**

☆ ରାଜନୀତିରେ ଦିନେ ଯୋଗଦେବି କେବେ ଭାବି ନ ଥିଲି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରରୁ ମୁଁ ଆସିଛି। ଚାଷ କରି ପରିବାର ଚଳାଇବା ହିଁ ମୋ ମାନସିକତା ଥିଲା। କିନ୍ତୁ ସମୟଚକ୍ରରେ ଜନସେବା ପାଇଁ ରାଜନୀତିରେ ପ୍ରବେଶ କରିଥିଲି।

**▸ ଟିକେଟ୍ ମିଳିଲା ନାହିଁ ବୋଲି ଭାଜପା ଛାଡିଲେ କି ?**

☆ ଭାଜପାରେ ଯୋଗଦେବା ପରେ ତୃଣମୂଳସ୍ତରରୁ କାମ ଆରମ୍ଭ କରିଥିଲି । ଦେଶର ୩୫୦ ଜିଲା ଏବଂ ରାଜ୍ୟର ୩୧୪ ବ୍ଲକ ବୁଲିଛି। ଗୋଟିଏ ଦଳ ପାଇଁ ଯାହା କାମ କରିବା କଥା ତାହା ଜଣେ କର୍ମୀ ହିସାବରେ କରିଛି। ହେଲେ ଭାଜପା ମୋତେ ମାନ୍ୟତା ଦେଲା ନାହିଁ। ଫଳରେ ଭାଜପା ଛାଡ଼ି ବିଜେଡିରେ ମିଶିଲି ।

**▸ ଆଗକୁ ବିଜେପୁର ଉପନିର୍ବାଚନ, କ'ଣ କହିବେ ?**

☆ ବିଜେପୁର ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ଯାହାଙ୍କୁ ପ୍ରାର୍ଥୀ କରିବେ, ତାଙ୍କ ପାଇଁ ଆମେ ସମସ୍ତେ ସାମୂହିକ ଭାବେ ଲଢ଼େଇ କରିବୁ। ବିଜେଡି ପ୍ରତି ବିଜେପୁରବାସୀଙ୍କ ଆସ୍ଥା ବଢ଼ିଛି। ଆସନ୍ତା ଉପନିର୍ବାଚନରେ ମଧ୍ୟ ବିପୁଳ ଭୋଟ୍ ବ୍ୟବଧାନରେ ବିଜେଡି ହିଁ ବାଜିମାତ୍ କରିବ।

**▸ ପିଲାଦିନର କିଛି ରାଜନୈତିକ ଅନୁଭୂତି କହିବେ?**

☆ ୧୯୭୫ ପରର କଥା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦିନେ ସତୀଭଟା ଉଡ଼ାଜାହାଜ ପଡ଼ିଆକୁ ଆସିଥିଲେ। ସେତେବେଳେ ଆମେ କିଛି ପିଲା ମିଶି ସେଠାରେ ସାଇକେଲ ଷ୍ଟାଣ୍ଡ କରିଥିଲୁ। ଖୋଲା ଜିପ୍‌ରେ ଇନ୍ଦିରା ଗାନ୍ଧୀ ପଡ଼ିଆରେ ବୁଲିଲେ। ତାଙ୍କୁ ଦେଖିବା ପାଇଁ ପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା । ସେହି ସମୟରେ ଉଡ଼ାଜାହାଜ ଦେଖିବା ହିଁ ମୋ ଜୀବନରେ ପ୍ରଥମ ଥିଲା । ଇନ୍ଦିରାଙ୍କ ଭଳି ଲୋକପ୍ରିୟ ହେବା ପାଇଁ ସେଦିନରୁ ମନରେ ଆଶା ଜାଗ୍ରତ ହୋଇଥିଲା ।

–ପ୍ରେମାନନ୍ଦ ଖମାରୀ

### ହାଜତରେ ମଦ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

## ୫ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପଟ୍ଟାମୁଣ୍ଡାଇ, ୧୯।୯ (ସ୍ୱ.ପ୍ର)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ହାଜତରେ ମଦ ବ୍ୟବସାୟୀ ସୁଶାନ୍ତ ବେହେରାଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସୁଶାନ୍ତ ଚୋରା ମଦ କାରବାର କରୁଥିବା ଅଭିଯୋଗରେ ପୋଲିସ ବୁଧବାର ତାଙ୍କୁ ଘରୁ ଉଠାଇ ଆଣିଥିଲା। ମାତ୍ର ଥାନା ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ସ୍ତ୍ରୀ ଚିନ୍ମୟୀ ଏ ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୩୦୨/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣା ପ୍ରତିବାଦରେ ବୁଧବାର ସନ୍ଧ୍ୟାରୁ ଗ୍ରାମବାସୀ ଥାନା ଘେରାଉ ସହ ଧାରଣା ଦେଇଥିବା ବେଳେ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଏହା ଚାଲିଥିଲା। ଏଣୁ ରାତି ୧ଟା ବେଳେ କେନ୍ଦ୍ରାପଡ଼ା ଜିଲାପାଳ ବର୍ମା ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ।

### ■ବରଗଡ଼ରେ ବଢୁଛି ଜମି ଜାଲିଆତି ଘଟଣା

## ଜୀବିତଙ୍କୁ ମୃତ ଦର୍ଶାଇ ଜମି ବିକ୍ରି ଉଦ୍ୟମ

ବରଗଡ଼ ଅଫିସ,୧୯।୯



ବିନୋଦିନୀ ସୁନା ।

ବରଗଡ଼ ଜିଲାରେ ଜୀବିତଙ୍କୁ ମୃତ ଦର୍ଶାଇ ଜମି ଜାଲିଆତି ଘଟଣା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଏଭଳି ଘଟଣା ପଦାକୁ ଆସିବାରେ ଲାଗିଛି। ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଗ୍ରାମରେ ଏଭଳି ଜାଲିଆତି ହୋଇଥିବା ନେଇ ଗୁରୁବାର ଅତାବିରା ବ୍ଲକ ଖରମୁଣ୍ଡା ଗ୍ରାମର ଜଣେ ମହିଳା ବିନୋଦିନୀ ସୁନା ଜିଲାପାଳଙ୍କ ଅଫିସ ଆସି ଅଭିଯୋଗ କରିଛନ୍ତି । ବିନୋଦିନୀ ଅଭିଯୋଗ କରିଛନ୍ତି, ସେ ତୋରା ନିବାସୀ ଉଦେଭାନୁ ସୁନାଙ୍କୁ ବିବାହ କରିଥିଲେ । ସ୍ୱାମୀଙ୍କ ଦେହାନ୍ତ ପରେ ସେ ଖରମୁଣ୍ଡାସ୍ଥିତ ବାପଘରେ ରହୁଛନ୍ତି। ତେବେ ତୋରାରେ ରହିଥିବା ସମ୍ପତ୍ତିକୁ ନେଇ ଦୀର୍ଘବର୍ଷ ଧରି ବିବାଦ ଲାଗି ରହି ତାହା କୋର୍ଟରେ ବିଚାରାଧୀନ ଥିବାବେଳେ କେତେଜଣ ଲୋକ ତାଙ୍କୁ ଏବଂ ତାଙ୍କ ଉତ୍ତରାଧିକାରୀଙ୍କୁ ମୃତ ଦର୍ଶାଇ ସେହି ସମ୍ପତ୍ତିକୁ ହଡ଼ପ୍ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ସେ ଜୀବିତ ଥିବା ସତ୍ତ୍ୱେ ସେଥିପାଇଁ ବଂଶାବଳୀ ରିପୋର୍ଟରେ ତାଙ୍କୁ ଏବଂ ତାଙ୍କ ଉତ୍ତରାଧିକାରୀଙ୍କୁ ମୃତ ଦର୍ଶାଯାଇଛି। ଏହାସହିତ ରାଜସ୍ୱ ନିରୀକ୍ଷକଙ୍କ ଅଫିସରେ ମିଥ୍ୟା ତଥ୍ୟ ଦେଇ ସମ୍ପତ୍ତି ବିକ୍ରି ପାଇଁ ଅନ୍ୟମାନଙ୍କଠାରୁ ଅଗ୍ରିମ ରାଶି ଆଣିଥିବା ଏବଂ ତାହା ଜଣାପଡ଼ିବା ପରେ ତାଙ୍କୁ ମାରିଦେବାକୁ ନାନାଦି ଧମକ ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ■ମେଡିକାଲ କଲେଜ ବିବାଦୀୟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଭିଡିଓ ଭାଇରାଲ

## କ୍ୟାନ୍‌ସର ପୀଡ଼ିତା କର୍ମଚାରୀଙ୍କୁ ଦୁର୍ବ୍ୟବହାର

ବଲାଙ୍ଗୀର ଅଫିସ, ୧୯।୯

■ତଣ୍ଟି ଚିପି ହତ୍ୟା ଉଦ୍ୟମ, ସମ୍ପର୍କୀୟଙ୍କୁ ମାଡ

■ଚାକିରିରୁ ବହିଷ୍କାର

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ବିବାଦୀୟ ସୁପରିଣ୍ଟେଣ୍ଡେଣ୍ଟ ଡା. ନାରାୟଣ ଆଚାର୍ଯ୍ୟ ଜଣେ କ୍ୟାନ୍‌ସର ପୀଡିତା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ତାଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ସମ୍ପର୍କୀୟ କର୍ମଚାରୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ହସ୍‌ପିଟାଲ ଭିତରେ ଉଚ୍ଚ ପାଟିରେ ଗାଳିଗୁଲଜ କରିବା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଭିଡିଓ ଭାଇରାଲ ହେବା ପରେ ଏହି ଘଟଣାଟି ଲୋକଲୋଚନକୁ ଆସିଛି । ଏହି ଅଭିଯୋଗ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ଡା ଆଚାର୍ଯ୍ୟଙ୍କୁ ଫୋନ୍ ଯୋଗେ ମତାମତ ନିଆଯିବାକୁ ଚେଷ୍ଟା କରାଯାଇଥିଲା। ଫୋନ(ନଂ.୯୪୩୭୦୫୩୫୮୬)ରିଙ୍ଗ୍ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

ଅଭିଯୋଗ ଅନୁଯାୟୀ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଦୀର୍ଘ ୧୨ ବର୍ଷ ଧରି ଅସ୍ଥାୟୀ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ସାରତୀ ନାଗ ଗତବର୍ଷ କ୍ୟାନସର ରୋଗରେ ପୀଡିତ ଥିବା ଜଣାପଡିଥିଲା । ଏହାପରେ ଛୁଟିରେ ରହି ଚିକିତ୍ସିତ ହେଉଥିଲେ । ତେବେ ଗତ ୧ ତାରିଖ ଦିନ ସେ ପୁଣି କାମରେ ଯୋଗ ଦେଇଥିଲେ। ୬ ତାରିଖ ପ୍ରବଳ ବର୍ଷା ଯୋଗୁ ତାଙ୍କ ଘରେ ପାଣି ପଶିଯିବାରୁ ସେ ହସ୍‌ପିଟାଲକୁ ଆସି ପାରି ନ ଥିଲେ । ଏତିକିରେ ସୁପରିଣ୍ଟେଣ୍ଡେଣ୍ଟ ଡା. ଆଚାର୍ଯ୍ୟ ତାଙ୍କୁ ଚାକିରିରୁ ବହିଷ୍କାର କରିଦେଇଥିବା ଜଣାପଡିଛି । ତେବେ ଚାକିରିରେ ପୁଣି ଅବସ୍ଥାପିତ କରିବାକୁ ମହିଳା କର୍ମଚାରୀ ଜଣକ ହାରିଗୁହାରି କରିଥିଲେ । ମାତ୍ର ଆଚାର୍ଯ୍ୟ କିଛି ଶୁଣି ନ ଥିଲେ। କ୍ୟାନ୍‌ସର ରୋଗୀଙ୍କୁ ଚାକିରିରେ ରଖାଯିବ ନାହିଁ ବୋଲି କହିଥିବା ସେ ଅଭିଯୋଗ କରିଛନ୍ତି । ଗତ ୧୨ ତାରିଖରେ ଜଣେ ସମ୍ପର୍କୀୟ ପଡୋଶୀଙ୍କ ସହ ମହିଳା ଜଣକ ପୁଣି ଥରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଯାଇ ତାଙ୍କ ଦୁର୍ଦ୍ଦଶା କହିବା ସହ ଚାକିରିରେ ପୁନଃ ଅବସ୍ଥାପିତ କରିବାକୁ ନିବେଦନ କରିଥିଲେ । ଏହାପରେ ଆଚାର୍ଯ୍ୟ ରାଗିଯାଇ ମହିଳା କର୍ମଚାରୀଙ୍କୁ ଇଂଲିଶ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ସାଙ୍ଗରେ ଯାଇଥିବା ପଡୋଶୀ ଯୁବକଙ୍କୁ ମଧ୍ୟ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି । ପୂର୍ବରୁ ଆଇସିୟୁ ଭିତରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ହାତ ଧରି ଟଣାଓଟରା କରିବା ନେଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ଏଭଳି କି ଭାଜପା ମହିଳା ସଦସ୍ୟାମାନେ ତାଙ୍କ ଗିରଫ ଦାବିରେ ସେତେବେଳେ ଟାଉନ୍ ଥାନା ସମ୍ମୁଖରେ ଧାରଣା ଦେଇଥିଲେ । କର୍ତ୍ତବ୍ୟରେ ଅବହେଳା, ରୋଗୀ ଓ ପରିଜନଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ବଲାଙ୍ଗୀର ନାଗରିକ କମିଟି ମଧ୍ୟ କ୍ଷୋଭ ପ୍ରକାଶ କରିଛି। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେଉଥିବାରୁ ତାଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି କରାଯିବାକୁ ମଧ୍ୟ ଦାବି ହୋଇଛି । ଏବେ ମହିଳା ଅସ୍ଥାୟୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ପୁଣି ଥରେ ସୁପରିଣ୍ଟେଣ୍ଡେଣ୍ଟ ଆଚାର୍ଯ୍ୟଙ୍କୁ ବିବାଦୀୟ କରିଦେଇଛି ।

## ୨୦୨୦ ମାର୍ଚ୍ଚ ସୁଦ୍ଧା ସବୁ ପୌରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)



ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

■ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

■ପ୍ରତି ଘରକୁ ହେବ ପାଇପ୍ ସଂଯୋଗ

୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୧୪ ପୌରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ଯୋଗାଇ ଦିଆଯିବ। ଲୋକସେବା ଭବନରେ ଆୟୋଜିତ ଏକ ସମୀକ୍ଷା ବୈଠକ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ଏଥିସହ ସମସ୍ତ ପୌରାଞ୍ଚଳରେ ଏଲ୍‌ଇଡି ଲାଇଟ୍‌ରେ ରାସ୍ତା ଆଲୋକୀକରଣ କାର୍ଯ୍ୟ ମଧ ସମାନ ସମୟରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ବୈଠକରେ ମୁଖ୍ୟତଃ ବାଲେଶ୍ୱର ଜିଲାର ୪ଟି ପୌରାଞ୍ଚଳର ସମୀକ୍ଷା କରାଯାଇଥିଲା। ବିଦ୍ୟୁତ୍ ଖୁଣ୍ଟ ନ ଥିଲେ ନୂତନ ଖୁଣ୍ଟ ବସାଯାଇ ଏହି ଆଲୋକୀକରଣ ବ୍ୟବସ୍ଥା କରାଯିବ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବ ବୋଲି କୁହାଯାଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର, ସୋର ଓ ଜଳେଶ୍ୱର ପୌରପରିଷଦ ଏବଂ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାନୀୟ ଜଳ ଯୋଗାଣ, ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର), ସ୍ମାର୍ଟ ପାର୍କ, ଶ୍ମଶାନ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାଯାଇଛି ଯେ, ନୀଳଗିରିର ସୋନ ନଦୀରୁ ନୀଳଗିରି ବ୍ଲକ୍ ଓ ଏନ୍‌ଏସିକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଏକ ବୃହତ୍ ପ୍ରକଳ୍ପ କରାଯାଇଛି। ଏହାସହ ଉତ୍ସ ଓ ଷ୍ଟୋରେଜ୍ ଉନ୍ନତୀକରଣ ପାଇଁ ଏଷ୍ଟିମେଟ୍ ପ୍ରଦାନ ଓ ନୀଳଗିରିର ଜଗନ୍ନାଥ ମନ୍ଦିରକୁ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବାଲେଶ୍ୱର ପୌରାଞ୍ଚଳରେ ୨୬୦ କି.ମି. ପାଇପ ଲାଇନ୍ ବିଛାଯିବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୧୮୩ କି.ମି.ର କାର୍ଯ୍ୟ ସରିଛି। ପୁରୁଣା ପାଇପ ସବୁ ବଦଳାଯାଇଛି। ୪ ଜଳଭଣ୍ଡାରର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଓ ୨ ଜଳଭଣ୍ଡାରର କାର୍ଯ୍ୟ ଆସନ୍ତା ଫେବୃୟାରୀ ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି। ସୋର ପୌରପରିଷଦରେ ପାଇପ ଲାଇନ୍ ବିଛାଯାଇଛି ଓ ଏଠାରେ ୧୪ଟି ଉତ୍ସ ରହିଥିବାବେଳେ ୨ଟି ଉତ୍ସକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ। ଜଳେଶ୍ୱର ପୌରପରିଷଦର ସୁବର୍ଣ୍ଣରେଖା ନଦୀରୁ ପାନୀୟ ଜଳ ପ୍ରକଳ୍ପ କରିବା ପାଇଁ ବ୍ୟବସ୍ଥା କରାଯିବ। ସୋରସ୍ଥିତ ଟାଉନହଲ୍ ନବୀକରଣ, ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନକୁ ଅତ୍ୟାଧୁନିକ ଏବଂ ବ୍ରିଟ୍ କଲ୍ୟାଣ ମଣ୍ଡପର ଉନ୍ନତୀକରଣ କରିବାକୁ ମନ୍ତ୍ରୀ କହିଥିଲେ। ୪ଟି ପୌରାଞ୍ଚଳକୁ ସ୍ମାର୍ଟ ପାର୍କ ଓ ଶ୍ମଶାନ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ମାର୍ଟ ପାର୍କ ପାଇଁ ୪ ପୌରାଞ୍ଚଳକୁ ଏକ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।


ଆଲ୍ଲାହାବାଦ ବ୍ୟାଙ୍କ ALLAHABAD BANK
ବିଶ୍ୱାସର ଏକ ପରମ୍ପରା। A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001
ସମସ୍ତ ଗ୍ରାହକଙ୍କ ପାଇଁ ସର୍ବସାଧାରଣ ନୋଟିସ
କ୍ୟାଶ୍ କ୍ରେଡିଟ୍ ଓ ଓଭରଡ୍ରାଫ୍ଟ ଖାତା ଉପରେ ନଗଦ ନେଣଦେଣ ଶୁଳ୍କର ସଂଶୋଧନ
ଶାଖା ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଶୁଳ୍କର ପ୍ରଚଳନ
ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଲ୍ଲାହାବାଦ ବ୍ୟାଙ୍କ କ୍ୟାଶ୍ କ୍ରେଡିଟ୍ ଏବଂ ଓଭରଡ୍ରାଫ୍ଟ ଖାତାଗୁଡ଼ିକ ଉପରେ ନଗଦ ନେଣଦେଣ ଶୁଳ୍କ ଲାଗୁ କରିଛି ଏବଂ କେବଳ ଶାଖାରେ ସମ୍ପାଦିତ ନେଣଦେଣ ପାଇଁ ଆର୍‌ଟିଜିଏସ୍/ଏନ୍‌ଇଏଫ୍‌ଟି ଶୁଳ୍କକୁ ପୁନଃ-ପ୍ରଚଳନ କରିଛି, ଯାହା ତା୦୧।୧୧।୨୦୧୯ରିଖଠାରୁ ଲାଗୁ ହେବ। ବିଶଦ ବିବରଣୀ ପାଇଁ ଦୟାକରି ନିକଟତମ ଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.allahabadbank.in ପରିଦର୍ଶନ କରନ୍ତୁ।
ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୯।୦୯।୨୦୧୯
ଡିଜିଏମ୍ ଓ ଭାରପ୍ରାପ୍ତ ଅଧିକାରୀ (ଆର୍‌ବିଓଡି)

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ® SCABIRAJ
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology)
ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia SIEMENS
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ବଶୀକରଣ କବଚ
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଣ୍ଟା ପର୍ଯ୍ୟନ୍ତ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତତ୍ୱ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି।

–ଶ୍ରୀମା



# ଗଳାବାଟ ବନ୍ଦ

ବିଭିନ୍ନ ଆର୍ଥିକ ସଂସ୍ଥାର ଉପଭୋକ୍ତାମାନଙ୍କର ଋଣ ସମ୍ବନ୍ଧୀୟ ସୂଚନା ଅନିୟନ୍ତ୍ରିତ ଭାବରେ ପ୍ରଘଟ ନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମସ୍ତ ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏକ ରିପୋର୍ଟ ଅନୁସାରେ ଦୀର୍ଘକାଳ ହେଲା ଉପଭୋକ୍ତାମାନଙ୍କ ଅଜ୍ଞାତସାରରେ ବା ବିନା ସମ୍ମତିରେ ଏସବୁ ତଥ୍ୟ ହସ୍ତାନ୍ତର କରାଯାଉଥିଲା। ଯାହାହେଉ, ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ବନ୍ଦକରିବା ପାଇଁ ପଦକ୍ଷେପ ନେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ।

ଯେକୌଣସି ପ୍ରକାର ତଥ୍ୟ ଆଜିକାଲି ଖୁବ୍ ମୂଲ୍ୟବାନ୍। ପାଶ୍ଚାତ୍ୟ ଦେଶର ଅଧିକାଂଶ ବୃହତ୍ ପ୍ରତିଷ୍ଠାନ ତଥ୍ୟ ସାହାଯ୍ୟରେ ବଳୀୟାନ୍ ହୋଇ ବଜାରରେ ଏକଚାଟିଆ କାରବାର ଚଳାଇଛନ୍ତି। କିନ୍ତୁ ଉଦ୍‌ବେଗର ବିଷୟ ହେଉଛି ତଥ୍ୟର ମୂଲ୍ୟବୃଦ୍ଧି ସହ ଏହାର ଦୁରୁପଯୋଗ ମଧ୍ୟ ବଢ଼ିବାରେ ଲାଗିଛି। ଉଦାହରଣସ୍ୱରୂପ ଏଥିପୂର୍ବରୁ ଚଳିତବର୍ଷ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଆମାଜନ୍ କର୍ମଚାରୀମାନେ ଆଲେକ୍ସା ବ୍ୟବହାରକାରୀଙ୍କ ରେକର୍ଡିଂଗୁଡ଼ିକ ଶୁଣୁଥିଲେ। ଏପରିଭାବେ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଂଘନ ହୁଏତ ବିଶେଷ କ୍ଷତିକାରକ ନ ହୋଇପାରେ, କିନ୍ତୁ ଆର୍ଥିକ କମ୍ପାନୀଗୁଡ଼ିକ ଉପଭୋକ୍ତାମାନଙ୍କ ଆର୍ଥିକ କାରବାର ସମ୍ବନ୍ଧୀୟ ବ୍ୟକ୍ତିଗତ ଗୋପନୀୟତାକୁ ନେଇ ଖେଳିବା କେବେହେଲେ ସ୍ପୃହଣୀୟ ନୁହେଁ।

ଖାଉଟିମାନଙ୍କ ଋଣ ସମ୍ବନ୍ଧୀୟ ତଥ୍ୟର ସୁରକ୍ଷା ଦିଗରେ ଆର୍‌ବିଆଇ ଯେଉଁ ପଦକ୍ଷେପ ନେଇଛି ତାହା ସ୍ୱାଗତଯୋଗ୍ୟ, ଯଦିଚ ଏହାଦ୍ୱାରା ଏପରି ତଥ୍ୟ ଉପରେ ନିର୍ଭର କରୁଥିବା ଫିନ୍‌ଟେକ୍ ଷ୍ଟାର୍ଟ–ଅପ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ଅନେକ ଫିନ୍‌ଟେକ୍ କମ୍ପାନୀ କ୍ରେଡିଟ୍ ଇନ୍‌ଫର୍ମେଶନ୍ କମ୍ପାନୀଗୁଡ଼ିକଠାରୁ ଏହା ପାଇଥାନ୍ତି। ଏହି ତଥ୍ୟକୁ ନେଇ ସେମାନେ ଖାଉଟିମାନଙ୍କର ମୂଲ୍ୟାୟନ କରିବା ସହ ସେମାନଙ୍କୁ ଋଣ ଦେବା ନ ଦେବା ନେଇ ନିଷ୍ପତ୍ତି ନେଇଥାନ୍ତି। ତେବେ ଏହି ତଥ୍ୟର ଦୁରୁପଯୋଗ ହେବାର ସବୁବେଳେ ସମ୍ଭାବନା ରହିଥାଏ। ଯଦିଚ ଋଣୀ ଠିକ୍ ସମୟରେ ଋଣ ପରିଶୋଧ କରିବାରେ ଅଭ୍ୟସ୍ତ କି ନା ତାହା ଜାଣିବା ପାଇଁ ଏହି ତଥ୍ୟ ବ୍ୟବହାର କରାଯାଏ, ତଥାପି ଏହି ତଥ୍ୟରୁ ଖାଉଟିଙ୍କର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହେବା ଓ ତା'ର ଅପବ୍ୟବହାର ହେବାର ଆଶଙ୍କା ଥାଏ। ଉଦାହରଣସ୍ୱରୂପ କେତେକ ଫିନ୍‌ଟେକ୍ ଫାର୍ମ ଅଛି ଯେଉଁମାନେ ବର୍ଷରେ ଏକାଧିକ ବାର ଖାଉଟିମାନଙ୍କୁ ସେମାନଙ୍କର କ୍ରେଡିଟ୍ ସ୍କୋର୍ ରିପୋର୍ଟ ପ୍ରଦାନ କରିଥାନ୍ତି। ଏହି ସେବା ପ୍ରଦାନ କରିବା ପାଇଁ ଖାଉଟିମାନଙ୍କୁ ସେମାନଙ୍କର ପାନ୍, ପରିଚୟ, ଠିକଣା ଓ ମୋବାଇଲ ନମ୍ବର ଆଦି ପଚରାଯାଇଥାଏ ଏବଂ ନିଜର କ୍ରେଡିଟ୍ ସ୍କୋର କିପରି ବଢ଼ାଇବାକୁ ହେବ ସେଥିଲାଗି ଉପଦେଶ ଦିଆଯାଇଥାଏ। ଉକ୍ତ ତଥ୍ୟଗୁଡ଼ିକ ପ୍ରଦାନ କରିବା ପରେ ଖାଉଟିମାନେ ପରିଚୟ ଚୋରି ତଥା ଅନ୍ୟ ସାଇବର ଅପରାଧର ଶିକାର ହେବାର ସମ୍ଭାବନା ଥାଏ। ଅନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ସେବା ପ୍ରଦାନ କରାଯାଉଥିବାରୁ ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ସୁରକ୍ଷାରୁ ଖାଉଟିମାନେ ବଞ୍ଚିତ ହୁଅନ୍ତି।

## ଆଜିର ଅର୍ଥନୀତି

ତଥ୍ୟ ଏକ ପ୍ରକାର ନୂତନ ଇନ୍ଧନ ହୋଇଥିବାରୁ ଆର୍‌ବିଆଇ ଯେଉଁ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରୁଛି, ସେଗୁଡ଼ିକ ଖାଉଟିମାନଙ୍କ ତଥ୍ୟ କିପରି ବ୍ୟବହାର କରୁଛନ୍ତି, ତା' ଉପରେ ନଜର ରଖିବା ଆବଶ୍ୟକ। ସେମାନଙ୍କର ସବୁ ପ୍ରକାର ଅନୈତିକ ଅଭ୍ୟାସକୁ ମୂଳରୁ ବନ୍ଦ କରାଯିବା ଦରକାର, ଯାହାଫଳରେ ଲୋକମାନଙ୍କ ଆର୍ଥିକ କାରବାର ପାଇଁ ଏକ ନିରାପଦ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ତଥ୍ୟ ନେଇ କାରବାର କଲାବେଳେ ଅତ୍ୟନ୍ତ ସତର୍କ ହେବା ଉଚିତ। ଲୋକମାନଙ୍କୁ ବିଭିନ୍ନ ସେବା ଦେବାବେଳେ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ ମାଧ୍ୟମରେ ସେମାନଙ୍କୁ ଜାଣିବା ଲାଗି କମ୍ପାନୀଗୁଡ଼ିକ ଯେପରି ସତର୍କତା ଅବଲମ୍ବନ କରନ୍ତି, ସେହିପରି ସେମାନେ ପୂର୍ଣ୍ଣ ପ୍ରମାଣିତ ବ୍ୟବସ୍ଥା ମାଧ୍ୟମରେ ଗ୍ରାହକମାନଙ୍କର ବିଶ୍ୱାସଭାଜନ ହେବା ନିମନ୍ତେ ମଧ୍ୟ ଉଦ୍ୟମ କରିବା ଆବଶ୍ୟକ। ଯଦି ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ଗ୍ରାହକମାନଙ୍କ ପାଖରେ ଉତ୍ତରଦାୟୀ ନ ହେବେ, ତା'ହେଲେ ବ୍ୟବସ୍ଥା ଭିତରେ ଅନେକ ଗଳାବାଟ ରହିଯିବ ଏବଂ ଜମାକାରୀମାନେ ସେମାନଙ୍କ କଷ୍ଟାର୍ଜିତ ଧନ ହରାଇବାର ଆଶଙ୍କା ରହିବ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅପବ୍ୟବହାରକୁ ରୋକିବା ଲାଗି ଆର୍‌ବିଆଇ ଏକ ସତର୍କ ପ୍ରହରୀ ପରି କାର୍ଯ୍ୟ କରୁଥିବା ବେଳେ ଖାଉଟିମାନେ ମଧ୍ୟ ଇଣ୍ଟରନେଟ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ଲାଭ କଲାବେଳେ ଖୁବ୍ ସତର୍କ ରହିବା ଆବଶ୍ୟକ। ଆର୍ଥିକ କାରବାର କଲାବେଳେ ଭର୍ଚୁଆଲ ପ୍ଲାଟଫର୍ମ ଉପରେ ଅତିଶୟ ନିର୍ଭରଶୀଳ ନ ହେବା ବିଜ୍ଞତାର ପରିଚାୟକ। କାରଣ ଦେଶରେ ଅଧିକାଂଶ ବ୍ୟବହାରକାରୀ ପାଇରେଟେଡ୍ ସଫ୍ଟୱେର ବ୍ୟବହାର କରନ୍ତି, ଯାହା ହ୍ୟାକିଂ ଓ ଅନ୍ୟ ସାଇବର ଅପରାଧ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଏ ପରିସ୍ଥିତିରେ ନିଜର କଷ୍ଟାର୍ଜିତ ଧନକୁ ସୁରକ୍ଷିତ ରଖିବା ଲାଗି ଉଭୟ ଆର୍ଥିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷେ ଅଧିକ ସତର୍କ ରହିବା ଅତି ଜରୁରୀ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୪

- ଶେଷ ମୁହୂର୍ତ୍ତରେ ଆମେରିକା ଏବଂ ହାଇତି ମଧ୍ୟରେ ଏକ ବୁଝାମଣା ହୋଇପାରିଥିବାରୁ ଦୁଇଦେଶ ମଧ୍ୟରେ ଅବଶ୍ୟମ୍ଭାବୀ ଯୁଦ୍ଧ ଆଶଙ୍କା ଦୂର ହୋଇଛି।
- ସ୍ୱିଡେନ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଡ ତାଙ୍କ ପଦରୁ ଇସ୍ତଫା ଦେଲେ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | C | | D | | 1 | | 8 | | A | |
| | | | | E | | | 1 | | | | | 2 | D | 4 |
| A | | | | | | | | 7 | 6 | 4 | | | B | |
| | 0 | | | 8 | | | | 3 | | 7 | | 5 | | |
| | | C | | 0 | | | | A | D | 2 | | 3 | 1 | |
| | | | | | | A | | | | | | | 8 | |
| | | | | 5 | | | | 4 | A | 3 | | | 7 | C |
| | | 9 | | | | | 3 | 5 | | | 7 | 4 | | |
| | B | | | | | | | 1 | | | 4 | | | |
| | 7 | 1 | | 2 | | | B | | E | 8 | C | | 3 | |
| | | | 8 | | | B | | | | | D | C | | 6 |
| | 2 | | | | B | | 4 | | 3 | A | | 9 | | |
| | | | 7 | | 1 | | | E | | | | | | D |
| | | | | | 0 | 9 | | C | 2 | 5 | 1 | B | E | |
| | | | | C | 6 | 0 | | | | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | A | C | 3 | 4 | 5 | 1 | B | 8 | D | 6 | 2 | 7 | 0 |
| 6 | 5 | 4 | 7 | D | B | 8 | 0 | E | 1 | 2 | A | 9 | 3 | C |
| 2 | 8 | 1 | E | 5 | A | 9 | C | 3 | 4 | 7 | 0 | 6 | B | D |
| 3 | D | B | 2 | 6 | 0 | 7 | 4 | A | 5 | C | 9 | 8 | 1 | E |
| 0 | 7 | C | 1 | 9 | 8 | D | 6 | 2 | E | B | 3 | A | 5 | 4 |
| 8 | 1 | E | 3 | 2 | C | 6 | 5 | 0 | D | A | B | 4 | 9 | 7 |
| 7 | 2 | 6 | B | A | 5 | C | E | 8 | 9 | 4 | 1 | D | 0 | 3 |
| D | 4 | 3 | 0 | E | 1 | A | 7 | 9 | C | 5 | 2 | B | 6 | 8 |
| 5 | B | 0 | 6 | 7 | 9 | 4 | 2 | D | 3 | E | 8 | 1 | C | A |
| A | C | 9 | 8 | 4 | D | 3 | B | 1 | 0 | 6 | 7 | 5 | E | 2 |
| 4 | 0 | 5 | A | 8 | 3 | 1 | D | C | B | 9 | E | 7 | 2 | 6 |
| E | 9 | 2 | 5 | C | 6 | B | 8 | 7 | A | 3 | 4 | 0 | D | 1 |
| 1 | 6 | D | 4 | B | 7 | 0 | 3 | 5 | 2 | 8 | C | E | A | 9 |
| C | A | 7 | D | 1 | 2 | E | 9 | 4 | 6 | 0 | 5 | 3 | 8 | B |
| B | 3 | 8 | 9 | 0 | E | 2 | A | 6 | 7 | 1 | D | C | 4 | 5 |

ଗତକାଲିର ଉତ୍ତର

# ଲକ୍ଷ୍ୟଚ୍ୟୁତ ବିତର୍କ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଦ୍ୟା ବିବାଦାୟ ଅର୍ଥାତ୍ ବିବାଦ ନିମନ୍ତେ ବିଦ୍ୟା ଉଦ୍ଦିଷ୍ଟ। ଏଠାରେ ବିବାଦ ବିତର୍କ ଅର୍ଥରେ ବ୍ୟବହୃତ ହୋଇଛି। ବିଦ୍ୱାନମାନେ ଏକତ୍ର ହେଲେ ନିଜ ନିଜ ଜ୍ଞାନର ପରାକାଷ୍ଠା ପ୍ରତିପାଦନ କରିବା ପାଇଁ ତର୍କରେ ପ୍ରବୃତ୍ତ ହୁଅନ୍ତି। ଅନେକ ସମୟରେ ଏହି ତର୍କର ଅନ୍ତରାଳରେ ସେମାନଙ୍କର ଅହଂକାର ଲୁକ୍କାୟିତ ଥାଏ। ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ବେଶି ଜ୍ଞାନୀ ମଣନ୍ତି ଓ ଅନ୍ୟର ଯୁକ୍ତିକୁ ସହଜରେ ଗ୍ରହଣ କରନ୍ତି ନାହିଁ। ଅହଂ ସହ ଅହଂର ସଂଘର୍ଷ ହୁଏ। ବିତର୍କର ଉଦ୍ଦେଶ୍ୟ ହେଉଛି ଯଥାର୍ଥ ଯୁକ୍ତି ବଳରେ ସତ୍ୟ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରିବା। ମାତ୍ର ସତ୍ୟ ପାଖରେ ପହଞ୍ଚିବା ପୂର୍ବରୁ ପଣ୍ଡିତମାନେ ତର୍କ କରୁ କରୁ ବିବାଦରେ ଛନ୍ଦି ହୋଇଯାନ୍ତି। ବେଳେ ବେଳେ ଏହି ବିବାଦ ହିଂସାର ରୂପ ନିଏ। ସେମାନେ ଭୁଲିଯାନ୍ତି ଯେ ଜ୍ଞାନ ସର୍ବଦା ଅସଂପୂର୍ଣ୍ଣ, ଆପେକ୍ଷିକ ଓ ଅନନ୍ତ। ବହୁ ଜ୍ଞାନ ଓ ଅନୁଭୂତି ଅର୍ଜନ କଲା ପରେ ଗ୍ରୀକ୍ ବୀର ୟୁଲିସସ୍ ପୁତ୍ରକୁ ରାଜ୍ୟଭାର ଅର୍ପଣ କରି ନିଜ ଜ୍ଞାନ ପିପାସା ମେଣ୍ଟାଇବା ପାଇଁ ଆରମ୍ଭ କଲେ ସମୁଦ୍ର ଯାତ୍ରା। ସେ ଉପଲବ୍ଧି କରିଥିଲେ ଜ୍ଞାନର ତୋରଣ ଦେଇ ଏକ ଅପହଞ୍ଚ ପୃଥିବୀ ସର୍ବଦା ଝଲସି ଉଠେ। (ଟେନିସନଙ୍କ କବିତା)। ଜ୍ଞାନ ଅନନ୍ତ ହୋଇଥିବାରୁ ଏହି ଅସୀମ ରାଜ୍ୟକୁ ଅଧୀନ କରିବା ମଣିଷର ସାଧ୍ୟାତୀତ। ମାତ୍ର ତଥାକଥିତ ପଣ୍ଡିତମାନେ ଏହି ସତ୍ୟକୁ ଭୁଲିଯାନ୍ତି ଓ ଅହଂକାରର ବଶବର୍ତ୍ତୀ ହୋଇ ନିଜକୁ ସର୍ବଜ୍ଞ ମଣି ତର୍କ କରନ୍ତି। ତର୍କରୁ ସୃଷ୍ଟି ହୁଏ ବିବାଦ ଓ ବିବାଦରୁ ଜନ୍ମନିଏ ହିଂସା ଓ ବ୍ୟକ୍ତିଗତ ଶତ୍ରୁତା।

ଆଜି ରାଜନୈତିକ କ୍ଷେତ୍ରରେ ମଧ୍ୟ ବିତର୍କ ଉଗ୍ର ହିଂସ୍ର ରୂପ ନେଉଛି। ସଂସଦ ଓ ବିଧାନସଭା ହେଉଛି ଏକପ୍ରକାର ତର୍କକ୍ଷେତ୍ର। ସରକାର ସେଠାରେ କୌଣସି ଯୋଜନା ସମ୍ପର୍କିତ ବିଲ୍ ଉପସ୍ଥାପନ କରନ୍ତି ଓ ବିତର୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତି। ମାତ୍ର ସେଠାରେ ଯେଉଁଭଳି ବିତର୍କ ହେଉଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏହି ବିତର୍କ ବେଳେ ବେଳେ ହିଂସାର ରୂପ ନେଉଛି। ବିରୋଧୀ ଦଳ ଭାବୁଛନ୍ତି ସରକାରଙ୍କ ଦ୍ୱାରା ପରିବେଷିତ ବିଲ୍ ଜନହିତକର ହେଉ ବା ହାନିକର ହେଉ ବିରୋଧ କରିବା ସେମାନଙ୍କ କର୍ତ୍ତବ୍ୟ। ଏହିଭଳି ଚିନ୍ତାଧାରା ପୋଷଣ କରିବା ଦ୍ୱାରା ଅନେକ ସମୟରେ ରାଜନୈତିକ ଶତ୍ରୁତା ବ୍ୟକ୍ତିଗତ ଶତ୍ରୁତାରେ ପରିଣତ ହେଉଛି ଏବଂ ବ୍ୟକ୍ତିଗତ ଶତ୍ରୁତା ରାଜନୈତିକ କ୍ଷେତ୍ରରେ ପ୍ରତିଫଳିତ ହେଉଛି। କୌଣସି ଏକ ଆଦର୍ଶକୁ ନେଇ ବିତର୍କ ହୁଏ। ମାତ୍ର ବିତର୍କ ଏଭଳି ଏକ ସ୍ତରକୁ ଚାଲିଯାଉଛି ଯେ ଆଦର୍ଶ ଏକ 'ବାଦ'ରେ ପରିଣତ ହେଉଛି ଓ ସେହି 'ବାଦ'ରେ ଆଉ ଆଦର୍ଶ ରହୁନାହିଁ। ବିତର୍କରେ ଅଂଶଗ୍ରହଣ କରୁଥିବା ତଥାକଥିତ ଜ୍ଞାନୀମାନେ ଭିନ୍ନ ଆଦର୍ଶରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ମତକୁ ସମ୍ମାନ ଦେଉନାହାନ୍ତି। କେତେକ ସ୍ଥଳରେ କ୍ରୁଦ୍ଧ ହୋଇ ଅପଶବ୍ଦ ବ୍ୟବହାର କରୁଛନ୍ତି। ଟିଭି ପରଦାରେ ଅନୁଷ୍ଠିତ ହେଉଥିବା ବିତର୍କରେ ଭାଗ ନେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଥ ମରାମରି ହେବା ବା ଚୌକି ଫୋପାଡିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ବିତର୍କ ହେଉଛି ଲକ୍ଷ୍ୟଚ୍ୟୁତ। ସେମାନେ ଭୁଲିଯାଉଛନ୍ତି ଯେ ବିତର୍କ ପୂର୍ବରୁ ଆବଶ୍ୟକ ହୁଏ ନମ୍ରଭାବ, ପରସ୍ପରର ମତ ପ୍ରତି ସମ୍ମାନବୋଧ ଓ କ୍ରୋଧଶୂନ୍ୟ ମନ। ବିତର୍କରେ ଯୋଗ ଦେଉଥିବା ତଥାକଥିତ ଜ୍ଞାନୀମାନଙ୍କ ପାଇଁ ଆଦି ଶଙ୍କରାଚାର୍ଯ୍ୟ ଓ ପଣ୍ଡିତଶ୍ରେଷ୍ଠ ମଣ୍ଡନ ମିଶ୍ରଙ୍କ ମଧ୍ୟରେ ଘଟିଥିବା ଐତିହାସିକ ବିତର୍କ ପ୍ରଣିଧାନଯୋଗ୍ୟ ମନେ ହୁଏ।

ଶଙ୍କରାଚାର୍ଯ୍ୟଙ୍କ ସମୟରେ ମଣ୍ଡନ ମିଶ୍ର ଥିଲେ ଭାରତର ସର୍ବଶ୍ରେଷ୍ଠ ପଣ୍ଡିତ ଓ କର୍ମକାଣ୍ଡର ଅଦ୍ୱିତୀୟ ପୃଷ୍ଠପୋଷକ। ତାଙ୍କର ଶାଣିତ ଯୁକ୍ତି ବଳରେ ସେତେବେଳେ ବୌଦ୍ଧ ପଣ୍ଡିତମାନେ ତର୍କ କ୍ଷେତ୍ରରେ ପରାଜୟବରଣ କରୁଥିଲେ। ମଣ୍ଡନ ମିଶ୍ରଙ୍କ ସ୍ତ୍ରୀ ଉଭୟ ଭାରତୀ ମଧ୍ୟ ଥିଲେ ଜଣେ ବିଦୂଷୀ। ବେଦ, ବେଦାନ୍ତ ଦର୍ଶନ ଆଦିରେ ତାଙ୍କର ଅପୂର୍ବ ପାଣ୍ଡିତ୍ୟ ଥିଲା। ଦିନେ ଶଙ୍କରାଚାର୍ଯ୍ୟ ମଧ୍ୟାହ୍ନରେ ମଣ୍ଡନ ମିଶ୍ରଙ୍କ ଗୃହରେ ପହଞ୍ଚିଲେ। ସେତେବେଳେ ମଣ୍ଡନ ମିଶ୍ର ପିତୃଶ୍ରାଦ୍ଧ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସନ୍ନ୍ୟାସୀମାନେ କର୍ମକାଣ୍ଡ ତ୍ୟାଗ କରିଥାନ୍ତି ଓ ନିଜ ପାଇଁ ଶ୍ରାଦ୍ଧ କରି ଗୃହ ତ୍ୟାଗ କରିଥାନ୍ତି। ସେଥିପାଇଁ ସନ୍ନ୍ୟାସୀମାନଙ୍କ ଉପସ୍ଥିତି ଶ୍ରାଦ୍ଧ ସମୟରେ ଅମଙ୍ଗଳ ସୂଚକ ମନେକରାଯାଏ। ଏଣୁ ଶଙ୍କରଙ୍କର ଅପ୍ରତ୍ୟାଶିତ ଆଗମନ ମଣ୍ଡନ ମିଶ୍ରଙ୍କ ହୃଦୟରେ କ୍ରୋଧ ସଞ୍ଚାର କଲା। ମାତ୍ର ଶଙ୍କର ସହାସ୍ୟ ବଦନରେ ମଣ୍ଡନ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଲେ। ଆରମ୍ଭ ହେଲା ଅନୌପଚାରିକ କଥାବାର୍ତ୍ତା। କ୍ରମେ ଉଭୟେ ନିଜ ନିଜ ଜ୍ଞାନକୁ ନେଇ ତର୍କରେ ପ୍ରବୃତ୍ତ ହେଲେ। ସେଠି ଉପସ୍ଥିତ ଥିବା ଦୁଇଜଣ ପଣ୍ଡିତ ଉଭୟଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ ଶ୍ରବଣ କରୁଥିଲେ। ସେମାନେ ଲକ୍ଷ୍ୟ କଲେ ଯେ ମଣ୍ଡନ ତର୍କ କଲାବେଳେ କ୍ରୁଦ୍ଧ ହୋଇ କଥାବାର୍ତ୍ତା କରୁଛନ୍ତି। ମାତ୍ର ଶଙ୍କର ମଣ୍ଡନଙ୍କ ଯୁକ୍ତିକୁ ଧ୍ୟାନ ଦେଇ ଶାନ୍ତ ମନରେ ଶୁଣୁଛନ୍ତି ଓ ଖଣ୍ଡନ କରୁଛନ୍ତି। ସେ ସ୍ୱଭାବତଃ ଥାନ୍ତି କ୍ରୋଧଶୂନ୍ୟ ଓ ଶାନ୍ତ। ଏହା ନିରୀକ୍ଷଣ କରି ପଣ୍ଡିତଦ୍ୱୟ ମଣ୍ଡନଙ୍କୁ କ୍ରୋଧଶୂନ୍ୟ ହୋଇ ଶାନ୍ତ ମନରେ ତର୍କ କରିବା ପାଇଁ ପରାମର୍ଶ ଦେଲେ।

ଶଙ୍କର ଓ ମଣ୍ଡନ ମିଶ୍ରଙ୍କ ତର୍କରେ ଥିଲା ଏକ ସର୍ତ୍ତ। ଯିଏ ପରାଜିତ ହେବ ସେ ବିଜୟୀର ଶିଷ୍ୟତ୍ୱ ଗ୍ରହଣ କରିବ। ତର୍କ ସମୟରେ ମଧ୍ୟସ୍ଥର ଭୂମିକା ସମ୍ପାଦନ କଲେ ମଣ୍ଡନଙ୍କ ସ୍ତ୍ରୀ ଉଭୟ ଭାରତୀ। ଉଭୟଙ୍କ ମଧ୍ୟରେ ତର୍କ ଏତେ ଦୀର୍ଘ ହେଲା ଯେ ତର୍କସ୍ଥଳରେ ପୂର୍ଣ୍ଣ ସମୟ ଉପସ୍ଥିତ ରହିବା ସ୍ତ୍ରୀଙ୍କ ପାଇଁ ସମ୍ଭବ ହେଲା ନାହିଁ। କାରଣ ସ୍ୱାମୀଙ୍କ ଭୋଜନ ଓ ସନ୍ନ୍ୟାସୀଙ୍କ ଭିକ୍ଷା ପ୍ରସ୍ତୁତ କରିବା ଥିଲା ତାଙ୍କର ଦାୟିତ୍ୱ। ଏଣୁ ସେ ଏକ ଅଭିନବ ଉପାୟ ଚିନ୍ତା କଲେ। ତର୍କ ଯେତେଦିନ ଧରି ଚାଲିବ ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଗୋଟିଏ ଗୋଟିଏ ଫୁଲମାଳ ଉଭୟଙ୍କ ଗଳାରେ ପିନ୍ଧାଇ ଦେବେ। ଯିଏ ପରାଜିତ ହେବ ସେ ନିଶ୍ଚୟ ଉଦ୍‌ବିଗ୍ନ ଓ କ୍ରୁଦ୍ଧ ହୋଇପଡିବ ଓ ଫଳରେ ତା'ର ଶରୀରର ତାପମାତ୍ରା ବୃଦ୍ଧି ହେବ। ତାପ ବୃଦ୍ଧି ହେଲେ ଗଳାର ମାଳା ମ୍ଲାନ ପଡିଯିବ। ଯାହାର ଫୁଲମାଳ ପ୍ରଥମେ ମ୍ଲାନ ଦେଖାଯିବ ସେ ପରାଜିତ ହୋଇଛନ୍ତି ବୋଲି ନିର୍ଣ୍ଣୟ କରାଯିବ। ଆରମ୍ଭ ହେଲା ତର୍କ। ତର୍କ କ୍ଷେତ୍ରକୁ ଆସିଲା ବେଦ, ବେଦାନ୍ତ, କର୍ମକାଣ୍ଡ ଓ ଅନେକ ଶାସ୍ତ୍ର। ତର୍କ ଚାଲିଲା ଦୀର୍ଘ ଷୋଳ ଦିନ। ଶେଷ ଦିନ ଶଙ୍କର ମଣ୍ଡନ ମିଶ୍ରଙ୍କ ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଅଦ୍ୱୈତ ମତକୁ ପ୍ରତିଷ୍ଠା କଲେ। ସପ୍ତଦଶ ଦିବସରେ ମଣ୍ଡନ ମିଶ୍ରଙ୍କ ମୁଖମଣ୍ଡଳ ଲଜ୍ଜାରେ ବିବର୍ଣ୍ଣ ପଡିଗଲା। ପରାଜୟର କ୍ରୋଧରେ ଶରୀର କମ୍ପି ଉଠିଲା। ଶରୀରର ତାପମାତ୍ରା ବୃଦ୍ଧି ହେଲା ଓ ଫୁଲମାଳଟି ବିବର୍ଣ୍ଣ ପଡିଗଲା। ସେ ନତମସ୍ତକରେ ପରାଜୟ ସ୍ୱୀକାର କଲେ ଓ ସର୍ତ୍ତ ଅନୁସାରେ ଶଙ୍କରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେ। ମାତ୍ର ତାଙ୍କର ଧର୍ମପତ୍ନୀ କହିଲେ, "ହେ ପଣ୍ଡିତଶ୍ରେଷ୍ଠ! ମୁଁ ହେଉଛି ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ। ଆପଣ ମୋ ସ୍ୱାମୀଙ୍କୁ ପରାସ୍ତ କରିଛନ୍ତି, ମାତ୍ର ମୋତେ ପରାସ୍ତ କରିନାହାନ୍ତି। ଏଣୁ ଆପଣଙ୍କ ବିଜୟ ସମ୍ପୂର୍ଣ୍ଣ ହୋଇନାହିଁ। ମୋତେ ପରାଜିତ କଲା ପରେ ମୋ ସ୍ୱାମୀ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସନ୍ନ୍ୟାସ ନେବେ।" ପୁଣି ଉଭୟଙ୍କ ମଧ୍ୟରେ ସପ୍ତଦଶ ଦିବସ ବ୍ୟାପୀ ତର୍କ ଚାଲିଲା, ମାତ୍ର ଶଙ୍କରଙ୍କ ପରାଜୟ ହେଲା ନାହିଁ। ଶେଷରେ ଉଭୟ ଭାରତୀ ବେଦ, ବେଦାନ୍ତ ପରେ କାମଶାସ୍ତ୍ର ସମ୍ପର୍କରେ ପ୍ରଶ୍ନ କରିବା ଦ୍ୱାରା ଶଙ୍କର ନିରୁତ୍ତର ହେଲେ। କାରଣ ସେ ସନ୍ନ୍ୟାସୀ ହୋଇଥିବାରୁ ସେହି ଶାସ୍ତ୍ରରେ ଅନଭିଜ୍ଞ ଥିଲେ। ଏଣୁ ସେ ସେହି ଶାସ୍ତ୍ର ଅଧ୍ୟୟନ କରିବା ପାଇଁ ଏକମାସ ସମୟ ଭିକ୍ଷା କଲେ। ସେ ବିନମ୍ରତାର ସହ ନିଜର ଅଜ୍ଞତା ସ୍ୱୀକାର କରି ବିଦାୟ ନେଲେ ଓ ପୁଣି ଫେରିବାର ପ୍ରତିଶ୍ରୁତି ଦେଲେ। ଶଙ୍କର–ମଣ୍ଡନ ଉପାଖ୍ୟାନ ବିତର୍କ ସମ୍ପର୍କରେ ଦୁଇଟି ଦିଗ ପ୍ରତି ସଚେତନ କରାଏ। ତର୍କ ସମୟରେ କ୍ରୁଦ୍ଧ ବା ଉତ୍ତେଜିତ ହେବ ନାହିଁ ଓ ନିଜକୁ ସମସ୍ତ ଜ୍ଞାନର ଅଧିକାରୀ ଭାବି ଅହଂକାର କବଳିତ ହେବ ନାହିଁ, କାରଣ ଜ୍ଞାନ ଅସୀମ। ଆଜି ଯେଉଁ ପଣ୍ଡିତମାନେ ବିତର୍କରେ ଭାଗ ନେଉଛନ୍ତି ସେମାନେ ଏହି ଦୁଇଟି ଦିଗ ପ୍ରତି ସଚେତନ ହେବେ ବୋଲି ଆଶା।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ଅସୁରକ୍ଷିତ ସରକାରୀ ବିଦ୍ୟାଳୟ



ପୀତାମ୍ବର ରାଉତ

ନିଆଳି ବ୍ଲକ୍ ବିନିସପୁର ପଞ୍ଚାୟତର ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଲୋମହର୍ଷଣକାରୀ ଘଟଣା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। କାର୍ଯ୍ୟରତ ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ଜଣେ ଦୁର୍ବୃତ୍ତ କ୍ଲାସରୁମ୍‌ରେ ପଶି ସବୁ କୋମଳମତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଦିନ ୧୧ଟା ୩୦ମିନିଟ୍‌ରେ ଏକ ଧାରୁଆ କଟୁରିରେ ଚୋଟ ପରେ ଚୋଟ ବସେଇ ଚାଲିଥିଲା। ୯ଥର ହାଣିବା ପରେ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲା। କ୍ଲାସ୍‌ରୁମ ଚଟାଣ ରକ୍ତରଞ୍ଜିତ ହୋଇଯାଇଥିଲା। ଆହତ ଶିକ୍ଷୟିତ୍ରୀ ଜୀବନ ସହ ସଂଗ୍ରାମ କରୁଥିବା ସମୟରେ ତାଙ୍କୁ ମେଡିକାଲକୁ ନେଇଯାଇଥିଲେ ସ୍ଥାନୀୟ ଗ୍ରାମବାସୀ। ଦୁର୍ବୃତ୍ତ ଜଣକ ନିଆଳି ପୋଲିସ ଦ୍ୱାରା ଧରାପଡ଼ି ଜେଲରେ ଅଛନ୍ତି। ଲୋକଙ୍କ କଥାରୁ ଜଣାପଡ଼ିଛି ସେ ଏକତରଫା ପ୍ରେମ କରୁଥଲେ।

ସରକାରୀ ଅନୁଷ୍ଠାନରେ ଯେଉଁ ଘଟଣା ଘଟିଛି ଏଥିପାଇଁ ସରକାରଙ୍କୁ ପଦକ୍ଷେପ ନେବାର ବେଳ ଆସିଛି। ଏମିତି ଘଟଣା ପ୍ରାୟତଃ ବେସରକାରୀ ଶିକ୍ଷାନୁଷ୍ଠାନରେ ଘଟି ନ ଥାଏ। କାରଣ ତାଙ୍କର ଜଣେ ୱାଚ୍‌ମ୍ୟାନ୍ ଥାଏ ଏବଂ ସେହିସବୁ ଅନୁଷ୍ଠାନର କର୍ମଚାରୀମାନଙ୍କ ସଂଖ୍ୟା ମଧ୍ୟ ଅଧିକ। ପିଅନ ଜଣେ ଥିଲେ ବି ସେ ଦୁର୍ବୃତ୍ତକୁ ଅଟକାଇ ପାରିଥାନ୍ତା। ବର୍ତ୍ତମାନ ପ୍ରାୟ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅପେକ୍ଷା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଅଧିକ। ସରକାରୀ ଅନୁପାତ ଅନୁସାରେ ୩୦ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ। ଯେହେତୁ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି, ତେଣୁ ପ୍ରାୟ ସ୍କୁଲଗୁଡ଼ିକରେ ୨/୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହୁଛନ୍ତି। ଏହା ବି ଦୁର୍ଘଟଣା ଘଟାଇବା ପାଇଁ ଏକ ମୌକା।

ଅନେକ ସ୍କୁଲରେ ପାଚେରି ଏବଂ ଗେଟ୍ ନାହିଁ, ଯାହା ଦୁର୍ବୃତ୍ତଙ୍କ ପାଇଁ ଦ୍ୱିତୀୟ ସୁଯୋଗ। ତେଣୁ ସରକାର ଏସବୁ ବିଷୟ ପ୍ରତି ଧ୍ୟାନ ଦେବା ବାଞ୍ଛନୀୟ। ବିଦ୍ୟାଳୟ କାନ୍ଥରେ ଲେଖାହୋଇଛି ଦଣ୍ଡମୁକ୍ତ ଅଞ୍ଚଳ। ପିଲାଙ୍କୁ ମାଡ଼ ଦେଇ ପାଠ ପଢ଼େଇବା ବେଳ ଆଉ ନାହିଁ। କାରଣ ସେମାନେ କୋମଳମତି। ତାଙ୍କୁ ଡରେଇଲେ, ସେମାନେ ପାଠ ପଢ଼ିବା ଦୂରେ ଥାଉ ଆଉ ସ୍କୁଲକୁ ମଧ୍ୟ ଆସିବେ ନାହିଁ। ହେଲେ ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସେ ଦିନର ସେହି ଘଟଣା ପିଲାଙ୍କ ମନରେ କି ପ୍ରଭାବ ପକେଇଥିବ ତାହା ଆମ ସମସ୍ତଙ୍କୁ ଭାବିବା ଦରକାର। ଏପର୍ଯ୍ୟନ୍ତ ମଧ୍ୟ କିଛି ପିଲା ଭୟରେ ସ୍କୁଲକୁ ଆସୁନାହାନ୍ତି।

ଏମିତି ଘଟଣା ସରକାରୀ ଅଫିସଗୁଡ଼ିକରେ ହେବା ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କାରଣ ପ୍ରତି ଅଫିସରେ ପୁରୁଷ କର୍ମଚାରୀ, ସିକ୍ୟୁରିଟି, ସିସିଟିଭିମାନ ଉପଲବ୍ଧ। ଶିକ୍ଷା ଆମର ମୌଳିକ ଅଧିକାର, ଯେଉଁଥିପାଇଁ ସାରା ଭାରତରେ ଚାଲିଛି ସର୍ବଶିକ୍ଷା ଅଭିଯାନ। ରାଇଟ୍ ଟୁ ଏଜୁକେଶନ ନିୟମ ଯୋଡ଼ାଯାଇଛି ଆମ ସମ୍ବିଧାନରେ। ତା' ଅର୍ଥ ୬ରୁ ୧୪ବର୍ଷ ବୟସ୍କ ପ୍ରତ୍ୟେକ ପିଲା ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଗ୍ରହଣ କରିବେ। ଏବେ ପୁଣି ଜାତୀୟ ଶିକ୍ଷା ନୀତି ସ୍ୱତନ୍ତ୍ର ଭାବେ ପ୍ରଣୀତ ହୋଇଛି। ଓଡ଼ିଶା ସରକାର ମଧ୍ୟ ସର୍ବଶିକ୍ଷାକୁ ସଫଳ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟିତ। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏବେ ସରକାରୀ ବିଦ୍ୟାଳୟରେ ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ଆଦି ପାଠ୍ୟକ୍ରମ ଚାଲୁ ରହିଛି।

ଆମର ଗୋଟେ କଥା ଅଛି – 'ବାପ ପୁଅ ରାତିସାରା ଉଜାଗର ହେଲେ ମୁଗୁରା ପଛ ମୁକୁଳା'। ମହାକାଳ ଫଳ ଭଳି ଆମ ସରକାରୀ ଶିକ୍ଷା ବ୍ୟବସ୍ଥା। ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଘଟଣା ଖୋଲି ଦେଇଛି ସବୁ ଗୁମର। ଯେଉଁଠି ଶିକ୍ଷୟିତ୍ରୀ ଶିକ୍ଷକ ସୁରକ୍ଷିତ ନୁହନ୍ତି, କେମିତି ସଫଳ ହେବ ସର୍ବଶିକ୍ଷା। ସରକାରୀ ବିଧି ବ୍ୟବସ୍ଥାକୁ ଏହି ଘଟଣା ଉପହାସ କରୁନାହିଁ କି? ସରକାର ଶିକ୍ଷୟିତ୍ରୀଙ୍କ ପାଇଁ ଡ୍ରେସ୍ କୋଡ୍ କରିଦେଲେ, ସେମାନେ ଆଉ ଆଳ ଦେଖେଇ ଠକି ପାରିବେନି। ହେଲେ ଆମ ସରକାରୀ ପରିବେଶ ଏମିତି ଯେ ଦିନରେ କାର୍ଯ୍ୟ କରୁଥିଲା ବେଳେ ସେମାନେ ଠକି ହୋଇଯାଉଛନ୍ତି।

ଏଠି ସରକାରୀ ସ୍ଲୋଗାନ ଚାଲିଛି– ସଶକ୍ତ ମହିଳା, ସଶକ୍ତ ଭାରତ। ମହିଳା ଆତ୍ମନିଯୁକ୍ତି ପାଇଲେ, ସଶକ୍ତ ହେଲେ। ହେଲେ ଏବେ ବି ମହିଳା ସୁରକ୍ଷିତ ନୁହନ୍ତି। ପ୍ରତିଦିନ ମହିଳା ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବିଦ୍ୟାଳୟରେ ପିଲାମାନଙ୍କ ସମ୍ମୁଖରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏଇ ଘଟଣା ସରକାରଙ୍କ ପାଇଁ ସତର୍କ ଘଣ୍ଟି। ଆବଶ୍ୟକ ପଦକ୍ଷେପ ବେଳ ହୁଁ ନ ନେଲେ ଏଭଳି ଘଟଣା ବଢ଼ିଚାଲିବ।

ସରକାର ଅନୁଧ୍ୟାନ କରି ପ୍ରତି ବିଦ୍ୟାଳୟରେ ସୁଦୃଢ଼ ପାଚେରି, ଗେଟ୍‌ର ବ୍ୟବସ୍ଥା କରନ୍ତୁ। ୱାଚମ୍ୟାନ୍ ଏବଂ ପିଅନ ମଧ୍ୟ ପ୍ରାଥମିକ ବିଦ୍ୟାଳୟରେ ରହନ୍ତୁ। ଏଥି ସହିତ ଜଣେ ସୁଇପର ନିହାତି ପ୍ରାଥମିକ ବିଦ୍ୟାଳୟରେ ରହିବା ଦରକାର। ଛଅ ବର୍ଷର ପିଲା, ପୁଣି ବିପିଏଲ୍ ଶ୍ରେଣୀର ପିଲା ଶୌଚ ହେବା ବିଷୟରେ ବି ଜାଣି ନ ଥାନ୍ତି। ନିରାପଦ ଓ ସ୍ୱଚ୍ଛ ପରିବେଶରେ ପିଲାଟି ପାଠ ପଢ଼ୁ, ଏହା ଆମର ଉଦ୍ଦେଶ୍ୟ। ଆମେ ପ୍ରଥମ ଘଟଣାରୁ ବ୍ୟବସ୍ଥା ସଜାଡ଼ି ଦେଲେ ଅସୁବିଧା କେଉଁଠି! ଶିଶୁମାନେ ଦେଶର ଭବିଷ୍ୟତ। ଧନୀଘରର ପିଲାମାନେ ଘରୋଇ ସ୍କୁଲରେ ସୁରକ୍ଷିତ, ହେଲେ ଅବଶିଷ୍ଟ ଆମ ଗରିବ ପିଲା କ'ଣ ଏ ଦେଶର ଭବିଷ୍ୟତ ନୁହନ୍ତି। ସେମାନଙ୍କ ଶିକ୍ଷା ଦାୟିତ୍ୱ ସରକାରଙ୍କର। ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଆଜି ଅସୁରକ୍ଷିତ। ତେଣୁ ସରକାର ଯଥାଶୀଘ୍ର ଏଥିପାଇଁ ବିହିତ ପଦକ୍ଷେପ ନିଅନ୍ତୁ। ବଜ୍ରପାତ ଓ ଆକସ୍ମିକ ଘଟଣାରେ ମୃତ୍ୟୁବରଣ କଲେ କ୍ଷତି ପୂରଣ ଦିଆଯାଉଛି। ହଜାର ହଜାର ଶିକ୍ଷୟିତ୍ରୀ ଆଜି ଆତଙ୍କିତ। ସେମାନେ ଆତଙ୍କିତ ରହିଲେ କିପରି ଗଢ଼ିପାରିବେ ପିଲାଙ୍କ ଭବିଷ୍ୟତ!

ଚଳିତ ବର୍ଷ ୧୬୬ ସରକାରୀ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଥିବା ବେଳେ ଆଗାମୀ ବର୍ଷ ଆହୁରି ସ୍କୁଲ ବନ୍ଦ ହୋଇପାରେ। ଆମ ସମ୍ବିଧାନରେ କଠୋର ଆଇନ ପ୍ରଣୟନ ହେବା ଦରକାର। ଦୁର୍ବୃତ୍ତ ଦିବାଲୋକରେ ଅପରାଧ ଘଟାଇ ପୋଲିସ ହାତରେ ଧରା ପଡ଼ି ମଧ୍ୟ ଖସିଯିବାର ଅନେକ ନଜିର ଅତୀତରେ ରହିଛି। ସରକାରୀ ଅନୁଦାନ ଓ ପୂର୍ଣ୍ଣ ବେତନ ପାଇଁ ଶିକ୍ଷକ ସଂଘ ଦାବି କରୁଛି। ସୁରକ୍ଷା ପାଇଁ ମଧ୍ୟ ଦାବି କରିବା ଦରକାର।

ନିଆଳି, କଟକ, ମୋ – ୯୯୩୭୬୬୨୧୮୭

## ଏଇ ଭାରତରେ

ଭାରତର ଅନେକ ସ୍ଥାନରେ ପରମ୍ପରା ଓ ଲିଙ୍ଗଗତ ଅସମାନତାର ବେଡ଼ିରେ ବାନ୍ଧିହୋଇ ମହିଳାମାନେ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ ବାରାଣସୀର ଏକ ଗାଁରେ ମହିଳାମାନେ ଯେପରି ସଂସ୍କାରୀ ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଅନ୍ଧବିଶ୍ୱାସକୁ ପଛକୁ ପକାଇଦେଇ ବରିୟାସନପୁର ଗାଁର ଗୋଟିଏ ପରିବାରର ସମସ୍ତ ମହିଳା ସମାଜକୁ ସମାନତାର ଏକ ବାର୍ତ୍ତା ଦେଇଛନ୍ତି। ଏହି ଗାଁର ହରିଚରଣ ପଟେଲଙ୍କ ପତ୍ନୀ ୮୦ ବର୍ଷୀୟା ରଜ୍ଜି ଦେବୀଙ୍କ ଦେହାନ୍ତ ହେବା ପରେ ତାଙ୍କ ବୋହୂ ଓ ପରିବାରର ଅନ୍ୟ ମହିଳାମାନେ ଶବକୁ କାନ୍ଧେଇ ଶ୍ମଶାନକୁ ନେଇଥିଲେ। ସମସ୍ତେ ବାରାଣସୀର ସରାୟମୋହନ ଘାଟରେ ପହଞ୍ଚିବା ପରେ ରଜ୍ଜିଙ୍କର ପୁଅ ଥିଲେ ବି ଝିଅ ହୀରାମଣି ମୁଖାଗ୍ନି ଦେଇଥିଲେ। ଏହା ସହ ସେମାନେ ଶୁଦ୍ଧିକ୍ରିୟା ବାବଦ ଖର୍ଚ୍ଚକାଟ୍ କରିବା ପାଇଁ ତେରଦିନ ଭୋଜନ ନ ଦେବାକୁ ସ୍ଥିର କରିଛନ୍ତି। କେବଳ ଏତିକି ନୁହେଁ, ତେରଦିନ ପରିବାର ସଦସ୍ୟମାନେ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି ମୃତ ରଜ୍ଜିଙ୍କ ଏକମାତ୍ର ପୁତ୍ର ଭାଗୀରଥି ପ୍ରସାଦ। ହିନ୍ଦୁଧର୍ମରେ ଚଳି ଆସୁଥିବା ପ୍ରାଚୀନ ପରମ୍ପରାକୁ ଭାଙ୍ଗି ଆଉ ଏକ ପାଦ ଆଗକୁ ଯାଇଥିବାରୁ ଗାଁର ମୁଖିଆ ଓ ଅନ୍ୟ ପୁରୁଷମାନେ ମହିଳାମାନଙ୍କୁ ସମର୍ଥନ କରିଛନ୍ତି। ରଜ୍ଜି ଦେବୀଙ୍କ ବୋହୂ ଲାଲତି ଦେବୀ, ଝିଅ ହୀରାମଣି ଓ ପ୍ରେମାଙ୍କ ସହ ରେଖା, ସୁଧା, ସୁନୀତା, ଅମରାବତୀ ଓ ମହଦେଇ ଶବକୁ କାନ୍ଧରେ ନେବା ସମୟରେ 'ଜନ୍ମ–ମୃତ୍ୟୁ ସତ୍ୟ' ବୋଲି ଉଚ୍ଚାରଣ କରିଥିଲେ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହାଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନେ ଦଶଦିଶ।
ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳରୁ ଦୁର୍ନୀତି ଦୂର ପାଇଁ ପ୍ରସ୍ତାବ

ମହାଶୟ,

ସରକାରୀ କଳରୁ ଦୁର୍ନୀତି ଦୂର କରିବା ଓ ଲୋକଙ୍କ କାମ ଯଥାସମୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ '୫–ଟି 'କଥା କହିଥିବା ବେଳେ ମୁଖ୍ୟ ଶାସନ ସଚିବ ରକେଟ ଗତିରେ ଫାଇଲ କାମ କରିବାକୁ ବାବୁମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ ମୋର କେତେକ ପ୍ରସ୍ତାବ ଏଠାରେ ଉଲ୍ଲେଖ କରୁଛି। ସମସ୍ତ ସରକାରୀ ବିଭାଗରେ କୌଣସି ସ୍ତରରେ ୭ ଦିନରୁ ଅଧିକ ଫାଇଲ ରହିବ ନାହିଁ। ଯଦି କୌଣସି କର୍ମଚାରୀ, ଅଧିକାରୀ, ମନ୍ତ୍ରୀ ସାତଦିନରୁ ଅଧିକ ଦିନ ନିଜ ପାଖରେ ନଥି ରଖିବେ ତାଙ୍କ ବେତନରୁ ପ୍ରତିଦିନ ପାଇଁ ଅର୍ଥ କଟାଯାଉ। ଲୋକ ନ୍ୟାୟ ନ ପାଇଲେ ସମ୍ପୃକ୍ତ ଅଧିକାରୀଙ୍କ ପଦବୀକୁ ତଳପାହ୍ୟାକୁ ଖସାଇ ଦିଆଯାଉ ଓ ବାରମ୍ବାର ଅନ୍ୟାୟ କଲେ ଚାକିରିରୁ ବହିଷ୍କାର କରାଯାଉ। ଯେଉଁ ସରକାରୀ କର୍ମଚାରୀ, ଅଧିକାରୀ ପ୍ରସ୍ତାବିତ ଆଇନ ଅନୁସାରେ କାର୍ଯ୍ୟ କରିବେ ତାଙ୍କୁ ପୁରସ୍କୃତ କରିବା ସହିତ ତାଙ୍କ ସନ୍ତାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଉ। ରାସ୍ତା, ପୋଲ, ଗୃହ ନିର୍ମାଣ, କେନାଲ ଆଦି ନିର୍ମାଣ କାର୍ଯ୍ୟ ଗୁଣାତ୍ମକ ହେବା ଏବଂ ସମସ୍ତ ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷହେବା ପାଇଁ ଅଟକଳ ଅର୍ଥର ସମପରିମାଣ ଠିକାଦାରମାନଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ରଖାଯିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ନିର୍ମାଣ କାମର ଲାଇଫ୍ ଟାଇମ୍ ଧାର୍ଯ୍ୟ କରାଯିବା, ତା' ପୂର୍ବରୁ ରାସ୍ତା, ଘର, ପୋଲ ଆଦି ଭାଙ୍ଗିଗଲେ ଯାହା ଅର୍ଥ ଖର୍ଚ୍ଚ ଲାଗିବ ତାହା ଉକ୍ତ ବ୍ୟାଙ୍କରୁ ଅଣାଯାଉ। ସେହିପରି ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ନ କଲେ ଯେତିକି ଅର୍ଥ ଅଧିକ ଖର୍ଚ୍ଚ ହେବ ସେ ବାବଦ ଅର୍ଥକୁ (ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିବା) ବ୍ୟାଙ୍କରୁ ଉଠାଯିବାକୁ ବ୍ୟବସ୍ଥା ହେଉ। ଠିକାଦାରମାନଙ୍କୁ ୨୦% ଲାଭରେ କାମ ଦିଆଯାଉ ଓ ବଜାରର ବର୍ତ୍ତମାନର ମାଟେରିଆଲ ମୂଲ୍ୟ ଅନୁସାରେ ଯୋଜନା ଅଟକଳ କରାଯାଇ ଟେଣ୍ଡର କରାଯାଉ। ନିମ୍ନମାନର କାମ ଯୋଗୁ ପ୍ରକଳ୍ପ ଭାଙ୍ଗିଲେ କିମ୍ବା ଆଂଶିକ ଭାଙ୍ଗିଲେ ଇଞ୍ଜିନିୟରଙ୍କ ଦରମାରୁ କିମ୍ବା ପେନ୍‌ସନରୁ ୧୦% ଆଦାୟ କରାଯିବାକୁ ଆଇନ କରାଯାଉ।

ବିଭୁଧେନ୍ଦ୍ର ପ୍ରତାପ ଦାସ, ପୂର୍ବତନ ବିଧାୟକ, ଭୁବନେଶ୍ୱର

### ଭାଷାକୋଷ ପ୍ରଣେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ପଣ୍ଡିତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜୀବନୀ ସମ୍ବନ୍ଧେ ଶିକ୍ଷିତ ମହଲରେ ଅନେକେ ଜାଣନ୍ତି ନାହିଁ। ସେ ଆମ ପାଇଁ ଓଡ଼ିଆ ଭାଷାର ଭଣ୍ଡାର ରଖି ଜୀବନତମାମ ନିଜ ବ୍ୟକ୍ତିଗତ ସୁଖସୁବିଧା ଖୋଜି ନ ଥିଲେ। କିନ୍ତୁ ତାଙ୍କର ପ୍ରତିମୂର୍ତ୍ତି କେଉଁଠାରେ ଦେଖିବାକୁ ମିଳେ କି? ଅବଶ୍ୟ ତାଙ୍କ ସମ୍ମାନାର୍ଥେ କଟକରେ ଭାଷାକୋଷ ଲେନ୍‌ର ନାମକରଣ ହୋଇଛି। ଏଣୁ ମୋ ମତରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସେଠାରେ ରହୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯



■ଚିଟିକାମାଲରେ ଦମ୍ପତିଙ୍କ ହତ୍ୟା ଘଟଣା

# ଗୁଣିଗାରେଡିରୁ ହତ୍ୟା ସ୍ପଷ୍ଟ

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁରେ ଗତ ୧୬ ତାରିଖରେ ସଂଘଠିତ ଦମ୍ପତି ହତ୍ୟା ଘଟଣା ଗୁଣିଗାରେଡିରୁ ହୋଇଥିବା ପୋଲିସ ସ୍ପଷ୍ଟ କରିଛି । ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ପାଟଣାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଗୁଣିଗାରେଡି ସନ୍ଦେହରେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କୁ ନିର୍ମମ ହତ୍ୟା କରାଯାଇ ପାଖ ପାହାଡରେ ଫିଙ୍ଗି ଦିଆଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଚିଟିକାମାଲ ଗାଁର ନାରାୟଣ ବରିହା (୨୩), ସ୍ୱରୂପା ଘିବେଲା (୪୦), ଗୌରାଙ୍ଗ ପୋଢ଼ (୨୫) ଏବଂ କୃଷ୍ଣ ବରିହା ଓରଫ୍ ଝାଙ୍କର (୬୦) । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି । ଏସପି ସମ୍ପତ୍ କହିଥିଲେ ଯେ, ଗିରଫ ସମସ୍ତ ଅଭିଯୁକ୍ତ ଦୋଷ ସ୍ୱୀକାର କରିଛନ୍ତି ଓ ଗୁଣିଗାରେଡି ସନ୍ଦେହରୁ ସେମାନେ ଏଭଳି କାଣ୍ଡ କରିଥିବା କହିଛନ୍ତି । ହତ୍ୟାକାଣ୍ଡ ବେଳେ ଅଭିଯୁକ୍ତମାନେ ପିନ୍ଧିଥିବା ପ୍ୟାଣ୍ଟ, ଶାର୍ଟ, ଲୁଙ୍ଗି, ଟି-ଶାର୍ଟ, ହତ୍ୟାକାଣ୍ଡରେ ବ୍ୟବହୃତ ଲାଠି, ମୃତଦେହ ସ୍ଥାନାନ୍ତରଣରେ ବ୍ୟବହାର କରିଥିବା ଭାର(ମେରହା)ଜବତ କରାଯାଇଛି ।

ଗତ ଅଗଷ୍ଟ ମାସ ୨୧ ତାରିଖ ଦିନ ଚିଟିକାମାଲ ଗାଁର ନାରାୟଣ ବରିହାଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଲକିର ମୃତ୍ୟୁ ହୋଇଥିଲା । ଗତ ଶୁକ୍ରବାର ମୃତ ଶିଶୁକୁ ପୋତା ଯାଇଥିବା ସ୍ଥାନରେ କେହି ସିନ୍ଦୂର, ଫୁଲ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିବା ନାରାୟଣ ଦେଖିବାକୁ ପାଇ ଗାଁଲୋକଙ୍କୁ ଜଣାଇଥିଲେ । ଗାଁଲୋକେ ଏହାକୁ ନେଇ ଗୁଣିଗାରେଡି ସନ୍ଦେହ କରିଥିଲେ । ନାରାୟଣଙ୍କ ବଡବାପା ଚିନ୍ତାମଣି ଏବଂ ବଡମାଁ ରୁକ୍ମିଣୀଙ୍କୁ କେତେଜଣ ଗୁଣିଗାରେଡି କରିଥିବା ସନ୍ଦେହ କରି ଟାହିଟାପରା କରିଥିଲେ । ଏ ନେଇ ଚିନ୍ତାମଣି ଓ ରୁକ୍ମିଣୀ ଲରମ୍ବା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଲରମ୍ବା ପୋଲିସ ଚିଟିକାମାଲ ଗାଁର କେତେକ ଲୋକଙ୍କୁ ଥାନାକୁ ଡାକି ଆପୋସ ବୁଝାମଣା କରିଥିଲେ । ଏହି ଘଟଣା ପରେ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ଗତ ୧୬ ତାରିଖ ସକାଳେ ଗାଁରେ ଅନୁଷ୍ଠିତ କଙ୍ଗାରୁ କୋର୍ଟରେ ଚିନ୍ତାମଣି ଓ ରୁକ୍ମିଣୀଙ୍କୁ ଡକାଯାଇଥିଲା । ସେଠାରେ ଗାଁ ଲୋକ ଏବଂ ଚିନ୍ତାମଣିଙ୍କ ମଧ୍ୟରେ ବଚସା ହୋଇଥିଲା । ସେଠାରେ ଚିନ୍ତାମଣି ଏବଂ ରୁକ୍ମିଣୀଙ୍କୁ ଅଭିଯୁକ୍ତ ନାରାୟଣ, ସ୍ୱରୂପ, ଗୌରାଙ୍ଗ, କୃଷ୍ଣ ଓ ଅନ୍ୟ କେତେକ ବ୍ୟକ୍ତି ଠେଙ୍ଗାରେ ପିଟି ପିଟି ମାରି ଦେଇଥିଲେ । ପରେ ଦମ୍ପତିଙ୍କ ମୃତଦେହକୁ ଅଖାବସ୍ତାରେ ଭର୍ତ୍ତି କରି ଗାଁ ନିକଟସ୍ଥ ଚିତାଡୁଙ୍ଗୁରି ପାହାଡରେ ଫିଙ୍ଗି ଦେଇଥିଲେ । ପରେ ପୋଲିସ ସେଠାରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରିଥିଲା । ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସୁରେଶ ନାଏକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରାଯାଇଥିଲା । ଏ ସଂକ୍ରାନ୍ତରେ ଲରମ୍ବା ଥାନାରେ ଆଇପିସିର ଧାରା ୩୦୨, ୨୦୧, ୩୪ ଏବଂ ୪ ଓଡିଶା ପ୍ରିଭେନ୍‌ଶନ୍ ୱିଚ୍ ହଣ୍ଟିଂ ଆକ୍ଟରେ ଏକ ମାମଲା (ନଂ.୭୯/୧୯) ରୁଜୁ କରାଯାଇଥିଲା ।

ଆଗକୁ ଜିଲାରେ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଏସପି ସମ୍ପତ୍ ସୂଚନା ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁରେଶ ନାଏକ, ପାଟଣାଗଡ଼ ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଲରମ୍ବା ଥାନା ଅଧିକାରୀ ବିନୋଦ ବିହାରୀ ନାଏକ ଉପସ୍ଥିତ ଥିଲେ । ଗ୍ରାମବାସୀ ଗୁଣିଗାରେଡି ସନ୍ଦେହ କରିବା ପରେ ଚିନ୍ତାମଣି ଓ ରୁକ୍ମିଣୀ ଲରମ୍ବା ଥାନାକୁ ଆସି ସୁରକ୍ଷା ମାଗିବା ପରେ ମଧ୍ୟ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନ ନେଇ ସାଧାରଣ ମିଳାମିଶା କରି ଦାୟିତ୍ୱ ସାରି ଦେବାରୁ ଦୁଇ ନିରୀହ ଦମ୍ପତି ହତ୍ୟାରେ ଶିକାର ହେଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଥିସକାଶେ ପୋଲିସକୁ ବିଶେଷ ଭାବେ ଦାୟୀ କରାଯାଉଛି ।



ପାଟଣାଗଡ ଥାନାରୁ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି ।

■୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ
■ଫେରାର ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ।

## ବୋଟ୍‌ରୁ ଶହେ ଲିଟର କିରୋସିନ ଜବତ

**ଚାନ୍ଦବାଲି, ୧୯।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ମୁହାଣରେ ସମୁଦ୍ର ତଟସୁରକ୍ଷା କାର୍ଯ୍ୟକ୍ରମର ୨ୟ ଦିନରେ ଗୁରୁବାର ଅପରାହ୍ନରେ ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର କର୍ମଚାରୀ ଏକ ବୋଟ୍‌ରୁ ପ୍ରାୟ ଶହେ ଲିଟର କିରୋସିନ ଜବତ କରିଛନ୍ତି । ଧାମରା ନିକଟସ୍ଥ ଚନ୍ଦନୀପାଳରୁ ଏକ ବୋଟ୍‌ରେ ଏହି କିରୋସିନ କେନ୍ଦ୍ରାପଡ଼ା ଜିଲା ତାଳଚୁଆକୁ ପଠା ଯାଉଥିବା ବେଳେ ସମୁଦ୍ରରେ ପହରା ଦେଉଥିବା ଯବାନମାନେ ଧରିଥିଲେ । ପରେ ଧାମରା ମେରାଇନ ଥାନାରେ ଜିମା ଦେଇଛନ୍ତି । ବୋଟ୍‌କୁ ଅଟକ ରଖାଯିବା ସହିତ ଏହାର କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି । ଜବତ କିରୋସିନ ପିଡିଏସ୍ କିରୋସିନ ବୋଲି ସନ୍ଦେହ କରାଯାଉଥିବା ବେଳେ ବ୍ଲକ ଯୋଗାଣ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିବା ଥାନାଧିକାରୀ ଶ୍ରୀକାନ୍ତ ପତି ସୂଚନା ଦେଇଛନ୍ତି ।

କର୍ମଚାରୀଙ୍କୁ ପଚରାଉଚରା


**ଆଲ୍ଲାହାବାଦ ବ୍ୟାଙ୍କ** (ଭାରତ ସରକାରଙ୍କର ଏକ ଉପକ୍ରମ) — **ଗୃହ ଆବଶ୍ୟକ**

**ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର** ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୩** କିମ୍ବା **କୋକଳବା ଶାଖାରୁ** ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ । ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡିକୁ ବନ୍ଦ ଲଫାପାରେ **ତା୦୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ ।

ତାରିଖ: ୨୦.୦୯.୨୦୧୯ — ସହାୟକ ମହାପ୍ରବନ୍ଧକ



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-QUICK WATERING-2-19

**କାର୍ଯ୍ୟର ନାମ :** ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ପ୍ଲାଟଫର୍ମଗୁଡ଼ିକଠାରେ କାମ୍‌ଟେକ୍ (Camtech) ଡିଜାଇନ୍ ହାଇ ପ୍ରେସର କୋଚ୍ ୱାଟରିଙ୍ଗ୍ ସୁବିଧା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 4,93,65,121/-, EMD (ଟଙ୍କାରେ) : 3,96,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 04 (ଚାରି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.10.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର

PR-379/K/19-20



**ପୂର୍ବ ତଟ ରେଳପଥ**

**ସାର୍ବଜନିକ ନିଲାମ ବିକ୍ରୀ ସୂଚନା**

ସଂ. C/SBP/Frt/Public Auction/Empty Gunny bales/SBPY, ତା. 10.09.2019ରିଖ

ଏତଦ୍ୱାରା ରେଳବାଇ ଅଧିନିୟମ 1989 ର ଧାରା 83 ଏବଂ 84 ଅନୁଯାୟୀ ସୂଚିତ କରାଯାଉଅଛି କି, ରେଳବାଇ ତତ୍ତ୍ୱାବଧାନରେ ସମ୍ବଲପୁର ସିଟି ଗୁଡସ୍ ସେଡ୍ ଠାରେ ତା.07.09.2019 ରିଖରେ ଖଲାସ କରାଯାଇଥିବା ଅ-ସଂଯୁକ୍ତ (Unconnected) ଏବଂ ଦାବିବିହୀନ VPU ନଂ.4423 ଯେଉଁଥିରେ 40 ଗୋଟି ଖାଲି ଝୋଟ ବ୍ୟାଗ ବଣ୍ଡଲ (Gunny Bales) ର ନିଲାମ ନିୟମ ଅନୁଯାୟୀ ନିମ୍ନଲିଖିତ ସ୍ଥାନ ଓ ସମୟରେ ପ୍ରକାଶ୍ୟ-ସହ-ଜଉମୁଦା ବିଡ୍ ପ୍ରଣାଳୀ ମାଧ୍ୟମରେ ସାର୍ବଜନିକ ନିଲାମ ଦ୍ୱାରା ନିକାଶ କରାଯିବ ।

ଷ୍ଟେସନ ପ୍ରବନ୍ଧକ/ସମ୍ବଲପୁର ସିଟି ଦ୍ୱାରା FA & CAO, ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ସପକ୍ଷରେ ଜାରି ତଥା ଭୁବନେଶ୍ୱର ଠାରେ ପୈଠଯୋଗ୍ୟ ବିଡ୍ ରାଶି ପରିମାଣର 25%ର ସମାନୁପାତିକ GST ଅର୍ଥାତ୍ (18%) ବ୍ୟାଙ୍କ ଡ୍ରାଫ୍ଟ ସହିତ **ତା.27.09.2019 ରିଖ 1600 ଘଟିକା** ପର୍ଯ୍ୟନ୍ତ ଇଚ୍ଛୁକ ବିଡରମାନଙ୍କ ଠାରୁ ଜଉମୁଦା ଲଫାପାରେ ବିଡ୍‌ଗୁଡ଼ିକ ଗ୍ରହଣ କରାଯିବ । ଜଉମୁଦା କଭର ଗୁଡ଼ିକର ଉପରେ ନିଲାମ ସୂଚନା ସଂଖ୍ୟା ଏବଂ ତାରିଖ, ବିଡ଼ରଙ୍କ ନାମ ଏବଂ ଠିକଣା ସ୍ପଷ୍ଟ ଭାବେ ଦର୍ଶାଯିବା ଆବଶ୍ୟକ ।

| କନ୍‌ସାଇନ୍‌ମେଣ୍ଟର ବିବରଣୀ | ନିଲାମ ସ୍ଥାନ | ସମୟ ସହିତ ନିଲାମ ତାରିଖ |
|---|---|---|
| ସମ୍ବଲପୁରସିଟି ଗୁଡସ ପ୍ଲାଟଫର୍ମ କଭର ସେଡ୍ ଠାରେ ପଡ଼ିଥିବା 40 ଗୋଟି ଖାଲି ଝୋଟ ବ୍ୟାଗ୍ ବଣ୍ଡଲ (Gunny Bales) | ସମ୍ବଲପୁର ସିଟି ଷ୍ଟେସନ ସ୍ଥିତ ଷ୍ଟେସନ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ | ତା.28.09.2019 ରିଖ 11.00 ଘଟିକାରେ |

ବିଡରମାନଙ୍କୁ ଉପର ବର୍ଣ୍ଣିତ ଅନୁଯାୟୀ କନ୍‌ସାଇନ୍‌ମେଣ୍ଟର ଆବଶ୍ୟକ ଯାଞ୍ଚ ନିମନ୍ତେ ଦିନ ବେଳେ ଉକ୍ତ ସ୍ଥାନ ତଦାରଖ କରିପାରିବେ । କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବା କିମ୍ବା କୌଣସି କିମ୍ବା ସମସ୍ତ କନ୍‌ସାଇନ୍‌ମେଣ୍ଟକୁ ପ୍ରତ୍ୟାହାର କରି ନେବାର ଅଧିକାର ରେଲୱେ ନିକଟରେ ସୁରକ୍ଷିତ ଅଟେ । ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ୱେବ୍‌ସାଇଟ୍ : www.eastcoastrail.indianrailways.gov.in ରେ ଉପଲବ୍ଧ ହେବ ।

PR-381/K/19-20 — ସହାୟକ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର


# ରାଜପଥରେ ଯୁବକଙ୍କୁ ଭୁଜାଲି ମାଡ଼

**ରୂପ୍‌ସା, ୧୯।୯(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ସଦର ଥାନା ହଳଦୀପଦା ଗେମନ୍ ବ୍ରିଜ୍ ଠାରେ ଗୁରୁବାର ସନ୍ଧ୍ୟାରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଭୁଜାଲି ମାଡ଼ କରିଥିବା ଅଭିଯୋଗ ହୋଇଛି । ଫିଲ୍ମ ଷ୍ଟାଇଲ୍‌ରେ ଆହତ ଯୁବକ ଜଣକ ଦୁର୍ବୃତ୍ତମାନଙ୍କ ସହ ଫାଇଟିଂ କରିବାରୁ ଲୁଟ୍ ଉଦ୍ୟମ ବିଫଳ ହୋଇଛି ।

ଇଣ୍ଡସଇଣ୍ଡ ବ୍ୟାଙ୍କର ଜଣେ କେନ୍ଦ୍ରାପଡ଼ା ଅଞ୍ଚଳର କର୍ମଚାରୀ ପଇସା ନେଇ ବାଲିଆପାଳରୁ ବାଲେଶ୍ୱର ଫେରୁଥିଲେ । ଦୁର୍ବୃତ୍ତମାନେ ତାଙ୍କ ଠାରୁ ଟଙ୍କା ଲୁଟ୍ ପାଇଁ ପିଛା କରିଥିଲେ । ୨ଟି ବାଇକ୍‌ରେ ୪ଜଣ ଯୁବକ ଗେମନ୍ ବ୍ରିଜ୍ ଠାରେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ । ସାହସର ସହିତ କର୍ମଚାରୀ ଜଣକ ମୁକାବିଲା କରିବା ପରେ ଲୁଟ୍ ଉଦ୍ୟମ ବିଫଳ ହେବାରୁ ସେମାନେ ସ୍ଥାନ ଛାଡ଼ି ପଳାଇଯାଇଥିଲେ । ଖବରପାଇ ବ୍ୟାଙ୍କର ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚିଥିଲେ । ହଳଦୀପଦାର ଏକ ଘରୋଇ କ୍ଲିନିକ୍‌ରେ ତାଙ୍କୁ ଚିକିତ୍ସା କରାଯାଇଥିଲା । ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ପହଞ୍ଚି ତନାଘନା ଜାରି ରଖିଥିଲେ ହେଁ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ ।



## ଜିଲା ଚିଠି ଖୋର୍ଦ୍ଧା

### ବଦଳିଲାନି ଚିତ୍ର

ଲାଲମାଟି ଖୋର୍ଦ୍ଧାର ଗରିମାମୟ ଐତିହ୍ୟ ଅପାସୋରା । ବ୍ରିଟିଶ୍ ଶାସନରୁ ମୁକ୍ତି ପାଇଁ ହୋଇଥିବା ସଂଗ୍ରାମର ମୂକସାକ୍ଷୀ ହୋଇରହିଛି ଏଠାକାର ଅନେକ ସ୍ଥାନ । ଏଠାରେ ଝରିଛି ସଂଗ୍ରାମୀଙ୍କ ରକ୍ତ । ସେହି ରକ୍ତ ପରାଧୀନତାର ଶୃଙ୍ଖଳକୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଛି । ବିଭିନ୍ନ ଦିବସରେ ଆମେ ସେହି ସ୍ମୃତିକୁ ରୋମନ୍ଥନ କରି କେବଳ ପୂର୍ବ ଗୌରବକୁ ମନେ ପକାଉଛେ । ହେଲେ ଠିକଣା ସମୟରେ ମନେ ପଡୁନି ଗରିମାମୟ ଐତିହ୍ୟ କି ଦୃଷ୍ଟିରେ ପଡୁନି ସେମାନଙ୍କର ପୀଠ । ୧୮୧୭ରେ ସଂଗଠିତ ପାଇକ ବିଦ୍ରୋହ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଏକ ସଶସ୍ତ୍ର ପ୍ରତିରୋଧ ଭାବରେ ପରିଗଣିତ । ୧୮୫୭ ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଏହି ବିପ୍ଳବ ଇଂରେଜ ଉପନିବେଶବାଦୀ ଶାସକଙ୍କୁ ଶକ୍ତ ଜବାବ ଦେଇଥିଲା । ୨୦୧୭ ଜୁଲାଇ ୧୮ରେ ରାଜ୍ୟ ସରକାର ସ୍ୱତନ୍ତ୍ର କ୍ୟାବିନେଟ ବୈଠକ କରାଇ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ବରୁଣେଇ ଓ ଗଡ଼ଖୋର୍ଦ୍ଧାରେ ଆଲୋକୀକରଣ, ପାର୍କିଂ ସ୍ଥାନ, ବିଦ୍ୟୁତ୍ ସଂଯୋଗୀକରଣ, ରାସ୍ତା ନିର୍ମାଣ, ବରୁଣେଇରେ ଅମରଜ୍ୟୋତି ସ୍ତମ୍ଭ ଓ ହେରିଟେଜ ଗେଟ୍ ନିର୍ମାଣ ଏବଂ ପାନୀୟଜଳ ଯୋଗାଣ ପରି ଭିତ୍ତିଭୂମିର ବିକାଶ ପାଇଁ ୧୫ କୋଟି ଓ ସଂସ୍କୃତି ବିଭାଗ ୧.୫ କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି । ବିଭିନ୍ନ ବିଭାଗ ଦ୍ୱାରା କେତେକ'ଣ ପଦକ୍ଷେପ ନିଆଯାଉଛି ବୋଲି ଡିଣ୍ଡିମ ପିଟାଯାଉଛି । ହେଲେ ବଦଳି ପାରିଲାନି ଖୋର୍ଦ୍ଧାଗଡ଼ର ଚିତ୍ର । ପରିତ୍ୟକ୍ତ ହୋଇ ପଡ଼ିରହିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ପରେ ବି ପଦକ୍ଷେପ ନାହିଁ କି ଅନୁଦାନ ନାହିଁ । ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ବେଳେ ସୀତାକୁଣ୍ଡକୁ ରାସ୍ତା, ଗଡ଼ଠାରୁ ବରୁଣେଇ ଓ ବରୁଣେଇ ହୋଟେଲଠାରୁ ବରୁଣେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ, ବରୁଣେଇରେ ଶୌଚାଳୟ, ପାଇକ ଗ୍ୟାଲେରି ଓ ମଞ୍ଚ, ପର୍ଯ୍ୟଟକ ଉପଯୋଗୀ ବୈଠକଶାଳା, ଜରୀନାଳଠାରେ ନୌକାବିହାର କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଯାହା ପୂର୍ଣ୍ଣାଙ୍ଗ ହୋଇଛି ବୋଲି କୁହାଯାଉଛି, ତାହା କାମରେ ଆସୁନି । ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଗଡ଼ଖୋର୍ଦ୍ଧା ଛକରେ ଖରା ଓ ବର୍ଷାରେ ଅବହେଳିତ ହୋଇ ପଡ଼ିରହିଛି । ଏହି ପରିପ୍ରେକ୍ଷୀରେ ବରୁଣେଇ ପାଦଦେଶରେ ରାଜ୍ୟ ସରକାର ଦେଇଥିବା ପାଇକ ସ୍ମାରକୀ ପାଇଁ ୧୦ ଏକର ଜମି ପର୍ଯ୍ୟାପ୍ତ ହେବନି ବୋଲି କୁହାଯାଉଛି । ବିଶ୍ୱସ୍ତରୀୟ ପାଇକ ସ୍ମାରକୀକୁ ଆଖିଆଗରେ ରଖି ଏହାକୁ ବରୁଣେଇ ପାହାଡ଼ ଶୀର୍ଷ ସ୍ଥାନରେ କରାଯାଉ ବୋଲି ଦାବି ଉଠିଲାଣି । ପାଇକ ସ୍ମାରକୀ ପାଇଁ ସୀତାକୁଣ୍ଡ ପାଖରେ ପର୍ଯ୍ୟାପ୍ତ ଜମି ଥିବାରୁ ଦାବି ଉପଯୁକ୍ତ ବୋଲି କୁହାଯାଉଛି । ବରୁଣେଇ ପାହାଡ଼ ଶୀର୍ଷ ସ୍ଥାନରେ ସୀତାକୁଣ୍ଡ ଓ ପାଣ୍ଡବ ଗୁମ୍ଫା ପରି ଐତିହ୍ୟ ରହିଥିଲେ ମଧ୍ୟ ଉପେକ୍ଷିତ ହୋଇ ରହିଛି । ଏହା ପାଖରେ ପାଇକ ସ୍ମାରକୀ କରାଗଲେ ପାଣ୍ଡବ ଗୁମ୍ଫା, ସୀତାକୁଣ୍ଡ ବିକଶିତ ହୋଇ ପାରିବ । ଏଥିପାଇଁ ତରାବୋଇ ଘାଟିଠାରୁ ସୀତାକୁଣ୍ଡ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ପଡ଼ିବ ବୋଲି କଥା ଉଠିଛି ।

– ଲୋକନାଥ ମିଶ୍ର

# ଦୁଃଖ ଯେବେ ଆସେ...



ରୋଗାକ୍ରାନ୍ତ ବୈଶାଖୁ, ସ୍ତ୍ରୀ ଦ୍ରୌପଦୀ ଏବଂ ମାନସିକ ବିକାରଗ୍ରସ୍ତ ପୁଅ କୁନୁ ଡାଙ୍ଗ ।

**ବିନିକା, ୧୯।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାରପଡାରେ ଏକ ଭଙ୍ଗା ଦଦରା ଚାଳ ଛପର ଘରେ ରୁହନ୍ତି ବୈଶାଖୁ ଡାଙ୍ଗ(୪୭) । ସ୍ତ୍ରୀ ଦ୍ରୌପଦୀ (୪୦), ୩ ପୁଅ କୁନୁ (୨୨), ମୁନୁ (୨୦) ଏବଂ ସୁନା(୧୭)ଙ୍କୁ ନେଇ ବୈଶାଖୁଙ୍କ ତେଲଲୁଣର ସଂସାର । ସମ୍ପତ୍ତି କହିଲେ କେବଳ ୪ ଡିସିମିଲ୍ ଘରଡିହା ବଡପୁଅ କୁନୁ ଡାଙ୍ଗ ମାନସିକ ବିକାରଗ୍ରସ୍ତ । ବର୍ଷକ ତଳେ ଆଉ ଏକ ଦୁଃଖର ପାହାଡ ବୈଶାଖୁଙ୍କ ଉପରେ ଅଜାଡି ହୋଇପଡିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବୈଶାଖୁ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଲେ । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ସୁଧାର ଆସିଥିଲା । ହେଲେ ପୁଣି ଥରେ ସେ ଅସୁସ୍ଥ ହୋଇ ପଡିଥିଲେ । ଏବେ ସେ ଶଯ୍ୟାଶାୟୀ । ସ୍ୱାମୀ ଶଯ୍ୟାଶାୟୀ ହେବା ପରେ ଏବେ ୫ପ୍ରାଣୀ କୁଟୁମ୍ବର ବୋଝ ଦ୍ରୌପଦୀଙ୍କ ଉପରେ ପଡିଲା । ଘରୁ ପଦାକୁ ଗୋଡ଼ କାଢ଼ିଲେ ସେ । ପତ୍ରରେ ତିଆରି ଉପକରଣମାନ ସ୍ଥାନୀୟ ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ଦଇବ ସହିଲା ନାହିଁ । ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହେଲେ ସେ । ବଡଭାଇ, ବାପାଙ୍କ ପରେ ମା' ରୋଗାକ୍ରାନ୍ତ ହେବା ପରେ ସାନ ଦୁଇପୁଅ ଏବେ ଚିନ୍ତାରେ ପଡିଛନ୍ତି । ବୁର୍ଲା ମେଡିକାଲ କ୍ୟାନସର ବିଭାଗରେ ୨୦ ଦିନ ରହି ଚିକିତ୍ସିତ ହେଲେ ଦ୍ରୌପଦୀ । ଘରେ ଯାହା ଥିଲା ବିକି ଭାଙ୍ଗି ପିଲାମାନେ ଚିକିତ୍ସା କରାଇଲେ । ହେଲେ ସେ ସୁସ୍ଥ ହେବା ପରିବର୍ତ୍ତେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଚାଲିଛି । ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଅନ୍ୟ କୌଣସି ଉପାୟ ନ ପାଇ ମା'ଙ୍କୁ ଧରି ମଝିଆ ଓ ସାନ ପୁଅ ଘରକୁ ଫେରିଆସିଲେ । ଘରେ ମା', ବାପା ଓ ବଡଭାଇଙ୍କ ବୋଝ ଉଠାଇବା ପାଇଁ ମୁନୁ ଓ ସୁନା କୁଲି ମଜୁରି କରିବା ଆରମ୍ଭ କଲେ । ଏବେ ଦ୍ରୌପଦୀଙ୍କ ପରିବାରକୁ ମାସିକ ୨୫ କେଜି ଚାଉଳ ମିଳୁଛି । ଆବାସ ଯୋଜନାରେ ଘରଖଣ୍ଡେ ମିଳିନି କିମ୍ବା ମାନସିକ ଭିନ୍ନକ୍ଷମ କୁନୁ ଡାଙ୍ଗଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ଭତ୍ତା ବି ମିଳିନି । ଏହି ପରିବାରକୁ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସାମିଲ ସହ ଦ୍ରୌପଦୀଙ୍କ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ଏନେଇ ଆମ ନିକଟରେ କୌଣସି ଅଭିଯୋଗ ହୋଇନାହିଁ । କେଉଁ ଯୋଜନାରେ ଏହି ଗରିବ ପରିବାରକୁ ସାମିଲ କରିହେବ ବିଧିବଦ୍ଧ ଆବେଦନ କଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

■ମା',ବାପା ଓ ବଡଭାଇଙ୍କ ଚିକିତ୍ସାରେ ଅର୍ଥ ବାଧକ
■ଦୁର୍ଦ୍ଦିନରେ ସାରା ପରିବାର


**HDFC Housing Development Finance Corporation Ltd.** ୧୦୮-ଡ଼ି, ମାଷ୍ଟର କ୍ୟାଣ୍ଟିନ୍, ପ୍ରଥମ ମହଲା, ଲାଲ୍ ଚାନ୍ଦ ଜୁଏଲର୍ସର ବିପରୀତ ପାର୍ଶ୍ୱ, ଭୁବନେଶ୍ୱର-୭୫୧୦୦୧

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ।**

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧିମାନେ ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ ଅଫିସ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ୍** କୁ ଏହି ନୋଟିସ୍ ପ୍ରକାଶନ ତାରିଖର ୬୦ ଦିନ ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡ଼ିମାଣ୍ଡ ନୋଟିସରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡ଼ିଏଫ୍‌ସି ଲିମିଟେଡ୍** ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ଆକାଉଣ୍ଟ ନଂ. / ମୋଟ୍ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ / ଏନ୍‌ପିଏ ତାରିଖ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ନିର୍ଭୟ କୁମାର, ସହ-ଋଣଗ୍ରହୀତା: ସୁଧା କୁମାରୀ,** ବି-୨ ଏଫ୍‌୭ସି, ମୁନ୍ ସିଟି, ରାଜୀବ ପାଥ, ଡିମ୍ନା ରୋଡ୍, ମାଙ୍ଗୋ, ଜାମସେଦ୍‌ପୁର-୭୩୧୦୦୧ | ଆକା.ନଂ.: ୬୦୭୩୬୫୯୪୦ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୨୮,୯୦,୬୮୦/- | ୨୭.୦୮.୨୦୧୯ / ୦୪.୦୧.୨୦୧୯ | ଅନନ୍ତରା ବିଲଡିଂର ବ୍ଲକ-ଜେମିନୀରେ ୩ୟ ମହଲାରେ ଥିବା ଫ୍ଲାଟର ସମୁଦାୟ ପରିମିତ କ୍ଷେତ୍ର: ୧୪୨୦ବର୍ଗଫୁଟ ଯାହାର ଫ୍ଲାଟ: ଆର୍‌୩୧୧, ପ୍ଲଟ୍ ନଂ.: ୧୦୨୮, ୧୦୫୫, ୧୦୫୬, ୧୦୫୭, ୧୦୫୪(ଅଂଶ), |
| ୧୦୫୩, ୪୯୩୩, ୧୦୫୨, ମୌଜା: ପରିଡିହି, ଥାନା ନଂ.: ୧୬୪୧, ଥାନା: ମାଙ୍ଗୋ, ଜାମସେଦପୁର-୮୩୧୦୧୩ ସହିତ ନିମ୍ନରେ ଥିବା ଅବିଭକ୍ତ ଜମିର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: କରିଡର/ଫ୍ଲାଟ୍ ନଂ.: ଆର୍-୩୦୯, ଦକ୍ଷିଣ: ପାର୍କିଂ, ପୂର୍ବ: ଫ୍ଲାଟ୍ ନଂ.: ଆର୍-୩୧୨, ପଶ୍ଚିମ: ରାସ୍ତା | | | |
| **ଋଣଗ୍ରହୀତା: ଶ୍ରୀ ଦେବାଶିଷ ମଲ୍ଲିକ,** ଫ୍ଲାଟ୍-୭୦୩, ୭ମ ମହଲା, ଭୁବନ ପ୍ରାଇଡ, ଫେଜ୍-୧, ପ୍ଲଟ୍-୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଥାନା: ପାତ୍ରପଡା, ଭୁବନେଶ୍ୱର-୭୫୧୦୧୯ / **ସହ-ଋଣଗ୍ରହୀତା: ସାଇସ୍ମିତା ନାୟକ,** ପ୍ଲଟ୍ ନଂ.: ୧୬୨, ହାଉସ୍ ନଂ.: ଏ/୩, ଖଣ୍ଡଗିରି, ଜଗନ୍ନାଥ ମନ୍ଦିର ନିକଟ, କ୍ରିଷ୍ଣା ବିହାର, ଭୁବନେଶ୍ୱର-୭୫୧୦୧୯ | ତା୩୧.୦୭.୨୦୧୯ରିଖ ସୁଦ୍ଧା ଆକା.ନଂ.: ୬୩୩୫୬୧୨୩୧ ୧,୦୯,୬୯୮/- ଟଙ୍କା ଆକା.ନଂ.: ୬୨୯୮୯୭୪୫୩ ନିମନ୍ତେ ଟ.୪୫,୦୬,୧୩୧/- | ୨୭.୦୮.୨୦୧୯/ ଆକା.ନଂ.: ୬୩୩୫୬୧୨୩୧ ୦୬.୦୧.୨୦୧୯ ଏବଂ ଆକା.ନଂ.: ୬୨୯୮୯୭୪୫୩ ୦୬.୧୧.୨୦୧୮ | ଭୁବନ ପ୍ରାଇଡ୍ ବିଲଡିଂର ୭ମ ମହଲାରେ ଥିବା ଫ୍ଲାଟ୍-୭୦୩ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୫୪୦ ବର୍ଗଫୁଟ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ ଏବଂ ସେଠାରେ ଯୁଗ୍ମଭାବେ ବର୍ତ୍ତମାନ ଏବଂ ଭବିଷ୍ୟତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଭୁବନେଶ୍ୱର-୭୫୧୦୦୧ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡର, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଖୋଲା ସ୍ଥାନ |
| **ଋଣଗ୍ରହୀତା: ପ୍ରହଲ୍ଲାଦ ଡୋରା,** ଏଚ୍‌ଆଇଜି ନଂ.: ୧/୧୧, ଲେନ୍ ନଂ.: ୧୩, ସତ୍ୟ ସାଇ ଏନ୍‌କ୍ଲେଭ୍, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ / **ସହ-ଋଣଗ୍ରହୀତା: ଗାୟତ୍ରୀ ଦେବୀ,** ପିତା: ଶ୍ରୀ ପ୍ରହଲ୍ଲାଦ ଡୋରା, କ୍ୱାର୍ଟର ନଂ.: ୬, ଟାଇପ୍-ଡି, ୟୁନିଟ୍-୬, ଏସ୍.ଜି.ଓ.ଆଇ, ଟାଇପ୍-୮, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩ | ତା୩୦.୦୧.୨୦୧୯ରିଖ ସୁଦ୍ଧା ଆକା.ନଂ.: ୪୭୩୨୨୭୪୪୪ ନିମନ୍ତେ ଟ.୯,୭୦,୪୯୮/- | ୧୯.୦୮.୨୦୧୯ / ୦୪.୧୦.୨୦୧୬ | **ଶ୍ରୀ ପ୍ରହଲ୍ଲାଦ ଡୋରାଙ୍କ** ସପକ୍ଷରେ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଦ୍ୱାରା ମୂଳତଃ ବଣ୍ଟନ କରାଯାଇଥିବା ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭରେ ଅବସ୍ଥିତ ଏଚ୍‌ଆଇଜି ୟୁନିଟ୍ ଯାହାର ପ୍ଲଟ୍ ନଂ.: ୩୫, ୧(ଅଂଶ), ୨୯(ଅଂଶ), ୩୦(ଅଂଶ), ୨୫(ଅଂଶ), ୧୩୨(ଅଂଶ), ଖାତା ନଂ.: ୨୭୬ ଏବଂ ୨୭୮, ମୌଜା: ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର |
| **ଋଣଗ୍ରହୀତା: ବ୍ୟୋମକେଶ ରଥ,** ସା/ପୋ.: ଶାସନ ଦାମୋଦରପୁର, ଥାନା: ପୁରୀ ସଦର, ପୁରୀ-୭୫୨୦୦୨ | ଆକା.ନଂ.: ୪୭୧୪୧୩୪୭୮ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୪,୧୯,୪୮୦/- | ୧୯.୦୮.୨୦୧୯ / ୦୪.୦୮.୨୦୧୭ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୦୩ଡିସିମିଲି ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୦୭୪, କ୍ଷେତ୍ର: ଏକର୦.୦୯ଡିସିମିଲି, ମୌଜା: ଦାମୋଦରପୁର ଶାସନ, ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୧୪ର ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ଲକ୍ଷ୍ମୀକାନ୍ତ ମିଶ୍ର, ପଶ୍ଚିମ: ରାମହରି ରଥ |
| ଆକା.ନଂ.: ୬୧୩୦୯୦୩୫୬ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୩,୦୨,୦୬୭/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| ଆକା.ନଂ.: ୪୭୯୯୫୩୧୮୭ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୨,୯୮,୮୪୨/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| **ଋଣଗ୍ରହୀତା: ବିଶେଶ୍ୱର ଭୋଇ,** ସରକାରୀ କ୍ୱାର୍ଟର ନଂ.: ୧, ବ୍ଲକ୍ କଲୋନୀ, କନ୍ଧମାଳ, ବୌଦ୍ଧ-୭୬୨୦୧୪ / **ସହ-ଋଣଗ୍ରହୀତା: ଅରୁନ୍ଧତୀ ଭୋଇ,** ଭିଆଇଏମ୍-୫୩୧, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ | ଆକା.ନଂ.: ୬୧୬୦୪୬୭୦୭ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୧୯,୦୬,୬୦୬/- | ୧୯.୦୮.୨୦୧୯ / ୦୫.୦୭.୨୦୧୮ | ଆଇଡିଆଲ ପ୍ଲାଜା ବିଲଡିଂର ବ୍ଲକ-ବିରେ ୬ଷ୍ଠ ମହଲାରେ ଥିବା ଫ୍ଲାଟ୍-୬୦୬, ସମୁଦାୟ ପରିମିତ କ୍ଷେତ୍ର: ୯୮୨ ବର୍ଗଫୁଟ ଏବଂ ଗୋଟିଏ ପାର୍କିଂ ସହିତ ଆନୁପାତିକ ଅବିଭକ୍ତ ନିମ୍ନ ଭାଗର ଜମିର ଅଂଶ ଏବଂ ସମସ୍ତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୯୦/୪୩୨୫, ୮୯, ୯୦(ଅଂଶ), ୯୧/୪୩୦୩, ୯୧/୨୫୧୮/୫୮୪୦, ୯୦(ପିଟି), ୯୨/୪୩୨୫, ୯୦/୨୫୮୯, ଖାତା ନଂ.: ୬୧୧/୧୦୪୪, ୬୧୧/୧୭୩୧, ୬୧୧/୭୩୦, ୧୮୦, ୬୧୧/୫୫୬.୧୨୬, ମୌଜା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୦୧ |
| **ଋଣଗ୍ରହୀତା: ମଞ୍ଜୁର ଅଲ୍ଲୀ,** ଗ୍ରାମ: ସୁକିନ୍ଦା, ପୋ.: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଯାଜପୁର-୭୫୫୦୧୮ | ଆକା.ନଂ.: ୬୦୭୧୮୫୨୨୦ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୯,୦୨,୬୭୭/- | ୦୧.୦୮.୨୦୧୯ / ୦୬.୦୪.୨୦୧୮ | ବସେରା ଇମ୍ପ୍ରେସନ୍ ପ୍ଲସ୍ ବିଲଡିଂର ଫେଜ୍-୧, ବ୍ଲକ୍-୧ରେ ୧ମ ମହଲାରେ ଥିବା ଫ୍ଲାଟ୍-୧୦୫ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୨୭୦ ବର୍ଗଫୁଟ ଯାହାର ପ୍ଲଟ୍ ନଂ.: ୪୩୯/୧୮୫୫, ୪୩୯/୧୮୫୦, |
| ୪୩୯/୧୮, ୪୩୯/୧୮୫୬, ଖାତା ନଂ.: ୪୭୪/୧୪୫, ୪୭୪/୧୪୧, ୪୭୪/୧୪୦, ୪୭୪/୧୪୬, ମୌଜା: ପଟିଆ, ଭୁବନେଶ୍ୱର-୭୫୧୦୦୧ | | | |
| **ଋଣଗ୍ରହୀତା: ଅହଲ୍ୟା ନାୟକ,** ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧, **ସହ-ଋଣଗ୍ରହୀତାମାନେ: ୧) ଦେବାଶିଷ ନାୟକ,** ପ୍ଲଟ୍ ନଂ.: ୧୨୪୮, ମାର୍ଫତ: ସତ୍ୟ ଭୂଷଣ ରାଉତ, ଜଗନ୍ନାଥ ନଗର, ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୨୫, ୨) **ସେବାଶିଷ ନାୟକ,** ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧ | ଆକା.ନଂ.: ୬୨୨୮୭୧୧୨୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୨,୧୭,୬୬୩/- ; ଆକା.ନଂ.: ୬୨୨୮୭୧୨୩୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୧,୭୧,୧୬୪/- ; ଆକା.ନଂ.: ୬୨୩୩୭୬୩୩୩ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୨୮,୧୭୧/- | ୦୨.୦୮.୨୦୧୯ / ୩୧.୦୫.୨୦୧୭ ; ୦୨.୦୮.୨୦୧୯ / ୩୧.୦୫.୨୦୧୭ ; ୦୨.୦୮.୨୦୧୯ / ୩୦.୦୬.୨୦୧୮ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୧୧୦ଡିସିମିଲି ବା ୪୮୦୦ ବର୍ଗଫୁଟ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୯୩/୨୪୩୫, ଖାତା ନଂ.: ୫୧୨/୪୯୪, ହାଲ୍ ଖାତା ନଂ.: ୫୧୨/୫୫୨, ମୌଜା: ବାଲିଗୋହିରୀ, ତହସିଲ: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନୟନକୋରୀ, ଦକ୍ଷିଣ: ପାର୍ବତୀ ଦିବ୍ୟା ଏବଂ ବଳରାମ ଜେନା, ପୂର୍ବ: ମଦନ ମୋହନ ପଣ୍ଡା, ପଶ୍ଚିମ: ଅକ୍ଷୟ କୁମାର ମହାଲିକ |
| ଆକା.ନଂ.: ୬୨୩୩୭୬୨୯୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୪୦,୩୩୦/- | | ୦୨.୦୮.୨୦୧୯ /୩୧.୦୫.୨୦୧୮ | |
| ଆକା.ନଂ.: ୬୨୨୮୭୩୭୦୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୩,୭୮,୫୨୨/- | | ୦୨.୦୮.୨୦୧୯ /୩୦.୦୪.୨୦୧୭ | |

✸ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ଋଣଗ୍ରହୀତାମାନେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ୍** କୁ ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ୍** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତି ଗୁଡ଼ିକୁ **ଏଚ୍‌ଡ଼ିଏଫ୍‌ସି ଲିମିଟେଡ୍‌ର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରୀତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଙ୍ଘନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ରମଣ ହାଉସ୍, ଏଚ୍.ଟି. ପାରେଖ ମାର୍ଗ, ୧୬୯, ବାକ୍‌ବେ ରିକ୍ଲାମେସନ୍, ଚର୍ଚ୍ଚ ଗେଟ୍, ମୁମ୍ବାଇ-୪୦୦୦୨୦**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୦.୦୯.୨୦୧୯

ହାଉସିଂ ଡ଼େଭଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍, ତରଫରୁ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଯଶବନ୍ତ ପି. ରାଜପାଲ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବଲାଙ୍ଗୀର ଅଫିସ, ୧୯।୯:ବଲାଙ୍ଗୀର ମହାଲକ୍ଷ୍ମୀନଗରପଡାସ୍ଥିତ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ରାତି ପ୍ରାୟ ସାଢ଼େ ୧୦ଟା ବେଳେ ଏହି ଦୁଇ ଯୁବକ କାହିଁକି ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ପରିସରକୁ ଗଲେ ଓ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଟାଉନ୍ ଥାନା ପୋଲିସ ପହଞ୍ଚି ଗୁରୁତର ଆହତ ଯୁବକଙ୍କୁ ହସପିଟାଲ ପଠାଇଥିଲା। ଖବରଲେଖା ହେବା ପର୍ଯ୍ୟନ୍ତ ଦୁଇ ଯୁବକଙ୍କ ପରିଚୟ ଜଣାପଡିନାହିଁ।

### ପୋଖରୀରେ ପଡ଼ି ଦିବ୍ୟାଙ୍ଗ ଯୁବତୀ ମୃତ

ଚାନ୍ଦବାଲି,୧୯।୯(ଡି.ଏନ.ଏ.): ଚାନ୍ଦବାଲି ବ୍ଲକ ଖଦାଲପୋଖରୀ ପଞ୍ଚାୟତ ଅଣ୍ଡିଆପାଟ ଗ୍ରାମର ସୁମିତ୍ରା ସାମଲ ନାମ୍ନୀ ଜଣେ ଦିବ୍ୟାଙ୍ଗ ଯୁବତୀ ଗୁରୁବାର ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ଅପରାହ୍ନରେ ଘର ପଛପାଖ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ପରିବାର ଲୋକ ଖୋଜାଖୋଜି କରିବା ପରେ ପୋଖରୀରେ ସୁମିତ୍ରାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ।

# ପିଏଲ୍ଏଫ୍ଆଇ ଏରିଆ କମାଣ୍ଡର ଗିରଫ

ରାଉରକେଲା ଅଫିସ,୧୯।୯

ରାଉରକେଲା ପୋଲିସ ସୀମାନ୍ତରେ ଆତଙ୍କ ଚଳାଇଥିବା ଆଉ ଜଣେ ପିଏଲ୍ଏଫ୍ଆଇ (ପିପୁଲ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ଏରିଆ କମାଣ୍ଡରଙ୍କୁ ଗିରଫ କରିଛି। ତାଙ୍କ ନାଁ ସୁଦାମ ସିଂ(୩୪)। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ଗୁଳି ଜବତ କରାଯାଇଛି। ସେ ଝାଡ଼ଖଣ୍ଡ ସିମଡେଗା ଅଞ୍ଚଳ ବାନୋ ଥାନା ଅନ୍ତର୍ଗତ ବଡାଇକ ଟୋଲା ବାସିନ୍ଦା ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କହିଛି। ସୁଦାମ ପିଏଲ୍ଏଫ୍ଆଇ ଲିଡର ଦୀନେଶ ଗୋପଙ୍କ ନିର୍ଦ୍ଦେଶରେ କାମ କରୁଥିଲେ। ଗତ ୨୦୦୭ରୁ ସେ ଝାଡ଼ଖଣ୍ଡର ବାନୋ ସମେତ ଓଡିଶା ସୀମା ହାତିବାରୀ ଓ ବିଶ୍ରା ଅଞ୍ଚଳରେ ସକ୍ରିୟ ରହିଥିଲେ। ଜଣେ ପେସାଦାର ଅପରାଧୀ ଭାବେ ସେ ଏକାଧିକ ହତ୍ୟା, ଲୁଣ୍ଠନ ଓ ବଟି ଆଦାୟ ଘଟଣାରେ ସମ୍ପୃକ୍ତ ରହିଥିଲେ। ତାଙ୍କ ଆତଙ୍କରେ ବାନୋ ଓ ଏହାର ନିକଟବର୍ତ୍ତୀ ବାସିନ୍ଦା ସର୍ବଦା ଭୟଭୀତ ରହୁଥିଲେ। ରାଜନେତାଙ୍କୁ ଟାର୍ଗେଟ କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ବନ୍ଧୁକ ମୁନରେ ନିରୀହ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ସୁଦାମଙ୍କ ନାଁରେ ଭୟରେ କେହି ଅଭିଯୋଗ କରୁ ନ ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିରେ ୭ଟି କେବଳ ହତ୍ୟାକାଣ୍ଡ ସମ୍ପର୍କିତ ବୋଲି





■ଦେଶୀ ପିସ୍ତଲ ସହ ଅଫୁଟାଗୁଳି ଉଦ୍ଧାର

■ସୀମାନ୍ତରେ ଚଳାଇଥିଲେ ଆତଙ୍କ

ଜଣାଯାଇଛି। ବାନୋ ପୋଲିସ ଷ୍ଟେଶନରେ ୬ଟି ମାମଲା ରହିଥିବାବେଳେ ଜଲଡେଗା ଥାନାରେ ଗୋଟିଏ ପଞ୍ଜୀକରଣ କରାଯାଇଛି। ଗୋଟିଏ ମାମଲା ବିଶ୍ରା ଥାନାରେ ରହିଛି। ଅନ୍ୟ ୫ଟି ମାମଲା ଝାଡ଼ଖଣ୍ଡରେ ଥିବା ପୋଲିସ ସୂଚନା ଦେଇଛି। ଗତ ୨୦୧୭ରେ ମିଟକୁନ୍ଦୁରୀ (ବିଶ୍ରା) ଅଞ୍ଚଳରେ ହତ୍ୟା ଉଦ୍ୟମ ସହ ହାତୀବାରି କୋ ଅପରେଟିଭ ବ୍ୟାଙ୍କ ଲୁଟ୍ ଭଳି ସଙ୍ଗିନ ମାମଲାରେ ସୁଦାମ ସମ୍ପୃକ୍ତ ଥିବା ଜଣାଯାଇଛି। ଗତ ୨୬।୧୨। ୨୦୧୭ ବିଶ୍ରା ଥାନା ମାମଲା ନଂ ୪୮ ଆଧାରରେ ତାଙ୍କୁ ୧୨। ୬। ୨୦୧୭ରେ ପୋଲିସ ଗିରଫ କରିଥିଲା। ସୁପାରି ନେଇ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ସୁଦାମ ଷଡଯନ୍ତ୍ର କରିଥିଲେ। ଏହି ଘଟଣାରେ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ରହିଥିବା ଜଣାଯାଇଛି। ଗୁଳିଚାଳନା ସତ୍ତ୍ୱେ ଟାର୍ଗେଟରେ ଥିବା ବ୍ୟବସାୟୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ତାଙ୍କ ଛାତିରେ ଗୁଳି ବାଜିଥିବାରୁ ସେ ଦୀର୍ଘ ଦିନ ଧରି ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଭେଟେରାନ ପିଏଲ୍ଏଫ୍ଆଇ ଲିଡର ଚନ୍ଦ୍ରଭାନୁ ସିଂ ଓ ଭୀଷ୍ମ ସହାୟ ଅପରାଧ ଘଟାଇବାରେ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରି ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାଉରକେଲା ପୋଲିସ ଗୁରୁବାର ସକାଳ ୭ଟା ୪୫ରେ ସୁଦାମଙ୍କୁ ବିଶ୍ରା ଅଞ୍ଚଳରୁ ଗିରଫ କରିଥିବା କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଡିଆଇଜି କବିତା ଜଲାନ, ଏସ.ପି. କେ. ଶିବା ସୁବ୍ରମଣି ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ଥିଲେ ପଚାରି**
**ସାନ ଥିଲେ ବିଚାରି ।**

ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ନେବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସେହିପରି ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ ହୋଇଥାଏ। କୌଣସି ନିଷ୍ପତ୍ତି ନେବାପୂର୍ବରୁ ସମସ୍ତଙ୍କ ସହ ବିଚାର ବିମର୍ଶ କରିବା ବା ମତାମତ ନେବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଛି ବିଭା ହେବ କୁଳର ନାରୀ,**
**ମରନ୍ତେ ପିଅନ୍ତେ ହେବ ଉଜିଗାରୀ ।**

ଉଚ୍ଚକୁଳ, ଶିକ୍ଷିତା ଓ ଖାନଦାନ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଥାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ଏଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ନର୍ସ ନୀହାରିକା ହତ୍ୟା ମାମଲା

# ଅଭିଯୁକ୍ତଙ୍କ ଗିରଫ ଦାବି କଲା ଭାଜପା ମହିଳା ମୋର୍ଚ୍ଚା

ବିରିଡ଼ି/ବାଲିଆ,୧୯।୯ (ଡି.ଏନ.ଏ.)

ଜଗତ୍ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାରୁ ନର୍ସ ନୀହାରିକା ପାତ୍ରଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ୩ ଦିନ ପରେ ମଧ୍ୟ ରହସ୍ୟମୟ ହୋଇରହିଛି। ଏହି ମାମଲାରେ ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନାହିଁ। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପ୍ରତିଭା ଶତପଥୀ, ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ସ୍ମୃତି ପଟ୍ଟନାୟକ, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ, ମିଡିଆ ସେଲ ସଂଯୋଜିକା କସ୍ତୁରୀ ମିଶ୍ର, ଜଗତ୍ସିଂହପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନିତା ଦାସ ପ୍ରମୁଖ ନୀହାରିକାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବିଲୁଆଖାଇ ନଦୀ ପଠାକୁ ଯାଇ ଅନୁଧ୍ୟାନ କରିଥିଲେ। ଏହି ଘଟଣାରେ ସେମାନେ ରାଜ୍ୟ ସରକାର ଓ ପୋଲିସକୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ କହିଲେ ଯେ, କର୍ମଜୀବୀ ତଥା ସ୍ୱାବଲମ୍ବୀ ମହିଳାମାନଙ୍କୁ ଏ ସରକାର ସୁରକ୍ଷା ଦେଇପାରୁନାହିଁ। ରାଜ୍ୟରେ ମହିଳା ଓ ଶିଶୁ ବିଭାଗ, ମହିଳା କମିଶନ, ଘରୋଇ ବିଭାଗ ରହିଥିଲେ ମଧ୍ୟ ସବୁ ସ୍ଥାଣୁ ପାଲଟିଯାଇଛି। ସରକାର କେବଳ ନିଜ ଦଳୀୟ ମହିଳାଙ୍କୁ ସୁରକ୍ଷା ଦେଉଛନ୍ତି। ସେହିପରି ନୀହାରିକା ଗତ ୮ ତାରିଖରୁ ନିଖୋଜ ହେବା ଏବଂ ୩ ଦିନ ତଳେ ତାଙ୍କ ମୃତଦେହ ନଦୀପଠାରୁ ଏକ ଅଖା ମଧ୍ୟରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ମିଳିବା ଘଟଣାରେ ସ୍ଥାନୀୟ ପୋଲିସ କିଛି ଜାଣି ନ ପାରିବାକୁ ସେମାନେ ନିନ୍ଦା କରିଥିଲେ। ଏହି ଅବସରରେ ସେମାନେ ଜଗତ୍ସିଂହପୁର ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲଙ୍କୁ ଭେଟି ମାମଲାର ତଦନ୍ତ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପରେ ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ ମୃତ ନୀହାରିକାଙ୍କ କୁଳକଇଜଙ୍ଗାସ୍ଥିତ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ସହ ଯାଜ୍ଞସେନୀ ଜେନା, କଳ୍ପନା ପଟ୍ଟନାୟକ, ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ସାହୁ, କୁମୁଦିନୀ ସେଠୀ, ଜୟଲକ୍ଷ୍ମୀ ମହାନ୍ତି, ସାଇଦା ଖାତୁନ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ମାନବିକ ଅଧିକାର ଆୟୋଗ ସଦସ୍ୟ ଅମୀୟ ଅଶିମ ଅମିତାଭ ଦାଶ ନୀହାରିକାଙ୍କ ମୃତଦେହ ଉଦ୍ଧାର ହୋଇଥିବା ବିଲୁଆଖାଇ ନଦୀପଠାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ପଶ୍ଚିମ ପାର୍ଶ୍ୱରେ ମାପଚୁପକୁ ବିରୋଧ: ଅଧାରେ ଅଟକିଲା ସର୍ଭେ

ପୁରୀ ଅଫିସ, ୧୯।୯

ଶ୍ରୀମନ୍ଦିର ଚୌହଦି ଉଚ୍ଛେଦର ମାପଚୁପ ଚାଲିଛି। ସୋମବାରଠାରୁ ଡିଜିପିଏସ୍ (ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ପଦ୍ଧତିରେ ସର୍ଭେ କରାଯାଉଛି। ଏହି କାର୍ଯ୍ୟ ଆଉ ଦୁଇଦିନ ବାକି ଥିବାବେଳେ ଗୁରୁବାର ପ୍ରଶାସନକୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଫଳରେ ପଶ୍ଚିମ ପାର୍ଶ୍ୱରେ ଅଧାରେ ଅଟକିଛି ସର୍ଭେ। ଉଚ୍ଛେଦ ତ ଦୂରର କଥା, କୌଣସି ମାପଚୁପ କରାଇଦେବେ ନାହିଁ ବୋଲି ପ୍ରଭାବିତ ହେବାକୁ ଥିବା ଲୋକେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଏବଂ ପ୍ରଭାବିତଙ୍କ ମଧ୍ୟରେ ଏ ନେଇ ଆଲୋଚନା ବିଫଳ ହୋଇଛି। ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ଅତିରିକ୍ତ ଜିଲାପାଳ ଆଲୋଚନା ଅଧାରୁ ଉଠି ଆସିଥିବା ଜଣାପଡ଼ିଛି। ଆଗକୁ ଏହି ସର୍ଭେ କାର୍ଯ୍ୟ କି ମୋଡ଼ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ପ୍ରଶାସନ ପକ୍ଷରୁ ଗତ ୩ଦିନ ଭଳି ଗୁରୁବାର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମାପଚୁପ ଆରମ୍ଭ ହୋଇଥିଲା। ପଶ୍ଚିମ ପାର୍ଶ୍ୱରେ ଡିଜିପିଏସ୍ ସର୍ଭେ କରାଯାଉଥିବା ବେଳେ ପ୍ରଥମେ ବାସେଳୀ ଠାକୁରାଣୀ ମନ୍ଦିର ଗଳିରେ ଜଣେ ମହିଳା ମାପଚୁପ କରୁଥିବା କର୍ମଚାରୀ ଏବଂ ପୋଲିସକୁ ବିରୋଧ କରିଥିଲେ। ସର୍ଭେ କରୁଥିବା କର୍ମଚାରୀ ଚପଲ ପିନ୍ଧି ଘରଦ୍ୱାର ଭିତରକୁ ପଶି ଯାଉଥିବା ନେଇ ମହିଳା ଜଣକ ଆପତ୍ତି ଉଠାଇଥିଲେ। ନୋଟିସ୍ ନାହିଁ, କେଉଁ ଆଧାରରେ ଆମ ଘର ଭିତରେ ପଶିଯାଉଛ ବୋଲି ପଚାରିଥିଲେ। ଏହାପରେ କପାଳମୋଚନ ମନ୍ଦିର ନିକଟରେ ମାପଚୁପ ଚାଲିଥିବାବେଳେ କର୍ମଚାରୀମାନେ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶୁଥିବା ନେଇ ହୋ ହଲ୍ଲା ହୋଇଥିଲା। କିନ୍ତୁ ମଣିକର୍ଣ୍ଣିକା ସାହି ଓ ହରଚଣ୍ଡୀ ସାହିର କିଛି ଅଂଶ ମାପଚୁପ ଆରମ୍ଭ ସମୟରେ ଜୋର୍‌ଦାର ବିରୋଧ ହୋଇଥିଲା। କୌଣସି ଆଲୋଚନା ନ କରି ମନଇଚ୍ଛା କାହିଁକି ଆସିଛ ବୋଲି ସାହିବାସିନ୍ଦା ସମ୍ପୃକ୍ତ କର୍ମଚାରୀମାନଙ୍କୁ ପ୍ରଶ୍ନ କରିଥିଲେ। ଏଠାକାର ଲୋକେ ପୁରୁଷ ପୁରୁଷ ଧରି ଘରଦ୍ୱାର କରି ରହିବା ସହ ମହାପ୍ରଭୁଙ୍କୁ ସୁରକ୍ଷା ଯୋଗାଇ ଦେଇ ଆସୁଛନ୍ତି। ହେଲେ ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ହଠାତ ଉଚ୍ଛେଦ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପଶ୍ଚିମ ପାର୍ଶ୍ୱରେ ଅଧିକାଂଶ ସେବାୟତ ପରିବାର କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ସେବାୟତ ପରିବାର ସ୍ଥାନାନ୍ତର ହେଲେ ଠାକୁରଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ସର୍ଭେକୁ ବନ୍ଦ ରଖାଯାଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପହଞ୍ଚି କହିଥିଲେ, ଏବେ ଉଚ୍ଛେଦ କରାଯାଉନି, କେବଳ ସର୍ଭେ ହେଉଛି। ୭୫ ମିଟରର ଶେଷ ସୀମା କେଉଁଠି ତାହା ଚିହ୍ନଟ ଚାଲିଛି। ଏହାପରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା ହେବ। ସେମାନେ ଚାହିଁଲେ ସିଧାସଳଖ ଜିଲା ପ୍ରଶାସନ ନିକଟରେ ତାଙ୍କ ଆପତ୍ତି ଅଭିଯୋଗ ରଖିପାରିବେ। ଏଥିପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୭୫ ମିଟର ପରିସୀମା ମଧ୍ୟରେ ଥିବା ଲୋକେ, ବ୍ୟବସାୟୀ ଓ ମହନ୍ତ ଯାଇ ଆଲୋଚନା କରୁଛନ୍ତି। ତେଣୁ ବ୍ୟତିବ୍ୟସ୍ତ ନ ହେବାକୁ ସେ ଲୋକଙ୍କୁ ବୁଝାଇଥିଲେ। ହେଲେ ଲୋକେ ସର୍ଭେ କରାଇ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିବା ଯୋଗୁ ଆଲୋଚନା ଅଧାରୁ ଅତିରିକ୍ତ ଜିଲାପାଳ ଉଠି ଆସିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶଙ୍କୁ ପଚାରିବାରେ କହିଛନ୍ତି, ବର୍ତ୍ତମାନ କେବଳ ୭୫ ମିଟର କେଉଁ ପର୍ଯ୍ୟନ୍ତ ରହିଛି ତାହାର ସୀମା ନିର୍ଦ୍ଧାରଣ କରୁଛୁ। ଏଥିପାଇଁ କ୍ଷତିଗ୍ରସ୍ତଙ୍କୁ କିପରି ଠିକ୍ ଭାବେ ଥଇଥାନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପୁନର୍ବାସ ଓ ଥଇଥାନ ନୀତିରେ ଲୋକେ କିପରି ଉପକୃତ ହେବେ ସେ ଦିଗରେ ଜିଲା ପ୍ରଶାସନ କାର୍ଯ୍ୟ କରୁଛି। ତେଣୁ ସର୍ଭେ ସମୟରେ ସମସ୍ତେ ସହଯୋଗ କରିବା କଥା।



ମଣିକର୍ଣ୍ଣିକା ସାହିରେ ଲୋକଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଲୋଚନା କରୁଛନ୍ତି।

### ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ

ଭଦ୍ରକ ଅଫିସ୍, ୧୯।୯

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଉତରାଗଡ଼ିଆ ପାଟଣାରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ବିଜୟ ବେହେରା(୪୦)। ସୂଚନା ଅନୁଯାୟୀ, ରାସ୍ତା ଉପରେ ବାଲି ରଖିବାକୁ କେନ୍ଦ୍ରକରି ଗୁରୁବାର ରାତିରେ ଗାଁର ଏକ ପରିବାର ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ପ୍ରତିପକ୍ଷ ଲୁହା ରଡ୍‌ରେ ଆକ୍ରମଣ କରିବାରୁ ବିଜୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ରାତି ପ୍ରାୟ ୧୦ଟା ବେଳେ ତାଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୩ ଚୋରା ମଦ ବେପାରୀ ଗିରଫ

ସୋର, ୧୯।୯(ଡି.ଏନ.ଏ.)

ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଚୋରା ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଖନ୍ତାପଡା ଅଞ୍ଚଳର ଗୋପାଳ ପାତ୍ରଙ୍କଠାରୁ ୧୫ ଲିଟର, ସୁଶାନ୍ତ ପାତ୍ରଙ୍କଠାରୁ ୧୧ ଲିଟର, ଜୟନ୍ତ ପରିଡାଙ୍କ ଠାରୁ ୧୩ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏନେଇ ଅବାକାରୀ ଥାନାରେ କେସ୍ ନଂ ୫୯, ୬୦ ଓ ୬୧/ ୧୯- ୨୦ରେ ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନାର ଏଏସ୍ଆଇ ଭାସ୍କର ବେହେରା, ଶଶିଭୂଷଣ ସ୍ୱାଇଁ, ଜୟନ୍ତୀ ଆଚାର୍ଯ୍ୟ, ପିଙ୍କି ମାରାଣ୍ଡି ଓ ହୃଷିକେଷ ବାରିକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର

**ସଂକ୍ଷେପରେ**

## ମାନେଶ୍ୱର ଆକାଶବାଣୀ ପ୍ରସାରଣ କେନ୍ଦ୍ର ପ୍ରଜ୍ଞାପନମେଢ଼ ଦେଖିବାକୁ ଜମୁଛି ଭିଡ଼




**ସମ୍ବଲପୁର,୧୯।୯(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଆକାଶବାଣୀ ପ୍ରସାରଣ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ଧୁମ୍‌ଧାମ ପାଳନ କରାଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କେନ୍ଦ୍ର ପକ୍ଷରୁ କିଛି ଅଲଗା କରିବାର ପ୍ରୟାସ କରାଯାଇଛି। ଚନ୍ଦ୍ରାୟନ-୨ ଏବଂ ପରିବେଶ ସଚେତନ ପ୍ରଜ୍ଞାପନ ମେଢ ନିର୍ମାଣ କରାଯାଇଛି । ଏହାକୁ ଦେଖିବା ପାଇଁ ୩ ଦିନ ହେଲା ଲୋକଙ୍କ ଭିଡ ଜମୁଛି । ବିଶେଷ କରି ସ୍କୁଲ ଓ କଲେଜ ଛାତ୍ରୀଛାତ୍ର କେନ୍ଦ୍ରକୁ ଆସି ପ୍ରଜ୍ଞାପନମେଡ ଦେଖି ଯାଉଛନ୍ତି। ରବିବାର ପର୍ଯ୍ୟନ୍ତ ଏହି ମେଢ ରହିବ। ପ୍ରସାରଣ କେନ୍ଦ୍ର ଅଧିକାରୀଙ୍କ କହିବା ମୁତାବକ, ଚଳିତ ବର୍ଷ ବିଶ୍ୱକର୍ମା ପୂଜା ଅବସରରେ କିଛି ନୂଆ କରିବାର ଯୋଜନା କରାଯାଇଥିଲା। ଚନ୍ଦ୍ରାୟନ-୨ ଉତ୍‌କ୍ଷେପଣ ହେବା ପୂର୍ବରୁ ବୈଠକରେ ଚନ୍ଦ୍ରାୟନ-୨ ପ୍ରଜ୍ଞାପନମେଢ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା । କେନ୍ଦ୍ରରେ ଥିବା ସ୍କ୍ରାପଗୁଡିକ ଖଞ୍ଜା ହୋଇ ଏହା ନିର୍ମାଣ କରାଯାଇଛି। ଏଥିରେ ଥର୍ମକୋଲ, ଆଲୁମିନିୟମ, ପ୍ଲାଇବୋର୍ଡ, ଲାଇଟ ବ୍ୟବହାର କରାଯାଇଛି। ଏହା ନିର୍ମାଣ କରିବାକୁ ୨୫ରୁ ଊର୍ଦ୍ଧ୍ୱ ଦିନ ଲାଗିଥିଲା। ପ୍ରକାଶ ରାଜ ଗେଡ୍ରିୱାଲ, ସରୋଜ କୁମାର ଦେବତା, ବୁଧବା କିଣ୍ଡୋଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମଚାରୀ ଏହା ନିର୍ମାଣ କରିବାରେ ସହଯୋଗ କରିଥିଲେ। ଏହାସହ ପ୍ରଦୂଷଣ ମୁକ୍ତ କରିବା ନେଇ ପ୍ରଜ୍ଞାପନମେଢ ନିର୍ମାଣ କରାଯାଇଛି। ବୃକ୍ଷ ରୋପଣ, ଜଳ ସଞ୍ଚୟ କରିବାକୁ ସଚେତନ ବାର୍ତ୍ତା ଦିଆଯାଇଛି।

## ଅଟୋ ଚାଳକଙ୍କୁ ମାଡ଼ମାରି ଜଣେ ଗିରଫ

**ଧମା,୧୯।୯(ଡି.ଏନ.ଏ.):** ଧମା ଥାନା ଅନ୍ତର୍ଗତ କରଂଙ୍ଗୋଲା ଗ୍ରାମରେ ଏକ ମାରପିଟ ଘଟଣାରେ ପୋଲିସ ଜଣେ ଯୁବକ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିପୁ ମହାପାତ୍ର(୧୯) ଓରଫ ଆଦିତ୍ୟ। ମିଳିଥିବା ସୂଚନା ମୁତାବକ କୌଣସି କାରଣକୁ ନେଇ ନିପୁ ଅଟୋ ଚାଳକ ଭବାନୀଶଙ୍କର ବେହେରାଙ୍କୁ ମାରପିଟ କରିଥିଲେ। ଏନେଇ ଭବାନୀ ଧମା ଥାନାରେ ଏକ ଅଭିଯୋଗ କରିଥିଲେ। ଏନେଇ ଧମା ଥାନା ପୋଲିସ ଏକ ମାମଲା(ନଂ.୧୪୬/୧୯) ରୁଜୁକରି ତଦନ୍ତ ପରେ ନିପୁଙ୍କୁ ଗିରଫ କରିଥିଲା।




ସମ୍ବଲପୁର ଜିଲା ବାର୍ ସମ୍ମିଳନୀ କକ୍ଷରେ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ସୂଚନା ଦେଉଛନ୍ତି।



ସମ୍ବଲପୁର ଜିଲା ବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଆଇନଜୀବୀମାନେ ।

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ୩ ଦିନ ସରକାରୀ କଳ ବନ୍ଦ କରିବାକୁ ନିଷ୍ପତ୍ତି

**ସମ୍ବଲପୁର,୧୯।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରିୟା ଅନୁଷ୍ଠାନ କମିଟି ସଭାପତି ପ୍ରଦୀପ ବହିଦାର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରତି ମାସରେ ୩ ଦିନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ବୀମା କମ୍ପାନୀ, ବ୍ୟାଙ୍କଗୁଡିକ ବନ୍ଦ କରିବାକୁ ବୈଠକରେ ସ୍ଥିର କରାଯାଇଛି। ହେଲେ ଶିକ୍ଷା ଅନୁଷ୍ଠାନ ଓ ଜରୁରୀ ସେବାକୁ କୋହଳ କରିବାକୁ ବୈଠକରେ କୁହାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଅଣଦେଖା କରୁଛନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ଅଗଷ୍ଟ ୩୦ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଘୋଷଣା କରିବାକୁ ଚେତାବନୀ ଦିଆଯାଇଥିଲା। ନିର୍ବାଚନ ପୂର୍ବରୁ ସରକାର ଗଠନର ୩ ମାସ ପରେ ଦାବି ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରତିଶ୍ରୁତି ଦିଆଯାଇଥିଲ। ହେଲେ ବର୍ତ୍ତମାନ ସରକାର ପ୍ରତିଶ୍ରୁତି ଭୁଲି ଯାଇଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷେ ମାସର ୩ଦିନ ସରକାରୀ କଳକୁ ଅଚଳ କରି ଦିଆଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୨୬, ୨୭ ଓ ୩୦ ତାରିଖ ୩ ଦିନ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ସିଏସ୍‌ସିରେ ସାମିଲ ଥିବା ସମସ୍ତ ବାର୍‌ଗୁଡିକ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି। ଏପରି କି ଯଶବନ୍ତ ସିଂ କମିଟି ରିପୋର୍ଟ ଆଧାରରେ ସମ୍ବଲପୁର ଉପଯୁକ୍ତ ସ୍ଥାନ। ତେଣୁ ସମ୍ବଲପୁର ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ସରକାର ଘୋଷଣା କରନ୍ତୁ ବୋଲି ଦାବି କରାଯାଇଥିଲା। ଅନ୍ୟପକ୍ଷେ ୩ ଦିନଆ ଏହି ଆନ୍ଦୋଳନକୁ ଜନ ସାଧାରଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୫ ତାରିଖଠାରୁ ପଶିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଜାରି ରହିଛି। ରାଲି, ବିକ୍ଷୋଭ, ଧାରଣା ଏପରି କି ୨୪ ଘଣ୍ଟିଆ ମହାବନ୍ଦ ପାଳନ କରି ଯାତାୟାତ ଠପ୍ ହେବା ସହ ରେଲରୋକୋ ଆନ୍ଦୋଳନ କରାଯାଇଥିଲା। ହେଲେ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବଜେଟରେ ୧୦ କୋଟି ଟଙ୍କା ଅନୁଦାନ ଗୃହୀତ ହୋଇଥିଲା।

■ ପ୍ରତିଶ୍ରୁତି ଭୁଲିଯାଉଛନ୍ତି ସରକାର
■ ସହଯୋଗ ଲୋଡିଲା ଜିଲା ଓକିଲ ସଂଘ
■ ଚରମ ଚେତାବନୀ, ଉଗ୍ରରୂପ ନେବ ଆନ୍ଦୋଳନ

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ୩ ଗିରଫ

**ରେଙ୍ଗାଲି,୧୯।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଧୀନ ରେଙ୍ଗାଲି ଏବଂ କିଶନନଗର ଅଞ୍ଚଳରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ମହଙ୍ଗା ପଡିଛି। ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରେଙ୍ଗାଲି ଥାନା ଅଧୀନ ବାଉସେନ ଗ୍ରାମର ଉମାକାନ୍ତ ଭୁଏ(୨୧), ରାମଚନ୍ଦ୍ରନଗର ଗ୍ରାମର ବିଶିକେଶନ ଭୋଇ(୨୫) ଏବଂ ହରି ଭୋଇ(୨୦)। ମିଳିଥିବା ସୂଚନା ମୁତାବକ, ବୁଧବାର ରାତିରେ ଉମାକାନ୍ତ, ବିଶିକେଶନ ଏବଂ ହରି ଏକ ବାଇକ୍(ନଂ.ଓଆର୍୦୮ସି-୬୬୦୪)ରେ ରେଙ୍ଗାଲି ଏବଂ କିଶନନଗର ଅଞ୍ଚଳରେ ବୁଲାବୁଲି କରୁଥିଲେ। ସେତିବେଳେ ସେମାନେ ଲୋକଙ୍କୁ ପାଟିତୁଣ୍ଡ କରିବା ସହ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ଏପରି କି କିଶନନଗରସ୍ଥିତ ପଟ୍ଟନାୟକ ପେଟ୍ରୋଲ ପମ୍ପକୁ ଆସି ବାଇକ୍‌ରେ ପେଟ୍ରୋଲ ପକାଇଥିଲେ। ହେଲେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଧକ୍କା ମାରି ଟଙ୍କା ନ ଦେଇ ଫେରାର ହୋଇଯାଇଥିଲେ। ସେହିପରି ଶ୍ୟାମ ମେଟାଲିକ୍ସ କାରଖାନାର ସିକ୍ୟୁରିଟି ଗାର୍ଡ ରାଜୁ ମାହାତୋଙ୍କୁ ମାଡ଼ମାରି ମୋବାଇଲ ଫୋନ ଛଡାଇ ନେଇଥିଲେ। ଏନେଇ ରାଜୁ ରେଙ୍ଗାଲି ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ପୋଲିସ ଘଟଣାରେ ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଗିରଫ କରି ମୋବାଇଲ ଫୋନ ଜବତ କରିଥିଲା। ଅନ୍ୟପକ୍ଷେ ପୋଲିସ ଗିରଫ ଯୁବକମାନେ ବ୍ୟବହାର କରୁଥିବା ଏକ ବାଇକ୍‌କୁ ଜବତ କରିଛି।

## ବୃତ୍ତି ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗମ୍ଭାରୀ ପାଲି ଗ୍ରାମର ୨ ଜଣ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ବିଭାଗୀୟ ଅଧିକାରୀ ଓ ଶିକ୍ଷକଙ୍କ ଅବହେଳା ଯୋଗୁ ୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ୨୦୧୯-୨୦ ଶିକ୍ଷା ବର୍ଷ ନିମନ୍ତେ ବୃତ୍ତି ପରୀକ୍ଷା ପାଇଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ନାମ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଗମ୍ଭାରିପାଲି ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ର ହେମନ୍ତ କୁମାର ଭଞ୍ଜ ଓ ଛାତ୍ରୀ ସ୍ମୃତିରେଖା ସେଠଙ୍କୁ ସ୍କୁଲ ପକ୍ଷରୁ ଚୟନ କରାଯାଇ ନାମ ଦିଆଯାଇଥିଲା। ସେମାନଙ୍କ ନାମ ମଧ ବୃତ୍ତାନ୍ତ ତାଲିକାରେ ପ୍ରକାଶ ପାଇଥିଲା। ହେଲେ ଆଡମିଟକାର୍ଡ ନ ଆସିବାରୁ ସେମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅଭିଭାବକମାନେ ବିଭାଗୀୟ ଅଧିକାରୀ ଓ ଶିକ୍ଷକଙ୍କୁ ଦାୟୀ କରିଛନ୍ତି। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ ନବୀନ ଖଣ୍ଡାଙ୍କୁ ପଚାରିବାରୁ ସ୍କୁଲ ପକ୍ଷରୁ ଆବଶ୍ୟକ ସମସ୍ତ କାଗଜପତ୍ର ସିଆର୍‌ସିଙ୍କ ଜରିଆରେ ବିଇଓଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। କେଉଁ କାରଣ ଯୋଗୁ ଆଡମିଟ ଆସି ନାହିଁ ତାହା ଜାଣି ନ ଥିବା କହିଥିଲେ। ସେହିପରି ବ୍ଲକ ଶିକ୍ଷା ଅଧିକାରୀ ଜୟକୃଷ୍ଣ ପିଙ୍ଗଙ୍କୁ ପଚାରିବାରୁ କେଉଁ କାରଣରୁ ଆଡମିଟକାର୍ଡ ଆସିନାହିଁ ସେହି ସଂକ୍ରାନ୍ତରେ କହି ପାରିବେ ନାହିଁ ବୋଲି କହିଥିଲେ ।



ସମ୍ବଲପୁର ଜିଲା ଗମ୍ଭାରୀପାଲି ସ୍କୁଲର ବୃତ୍ତି ପରୀକ୍ଷାରୁ ବାଦ ପଡିଥିବା ୨ଜଣ ଛାତ୍ରୀଛାତ୍ର।

## ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲରେ ଅଭିଭାବକ, ଶିକ୍ଷକ ବୈଠକ

**ସମ୍ବଲପୁର,୧୯।୯(ବ୍ୟୁରୋ)**

ଅଭିଭାବକ ଓ ଶିକ୍ଷକ ବୈଠକ ଗୁରୁବାର ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତିକା ପଣ୍ଡା ସଭା ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ଉଜାଗର ପ୍ରଧାନ ଛାତ୍ରୀମାନଙ୍କ ନିୟମିତ ଉପସ୍ଥାନ, ଉତ୍ଥାନ କାର୍ଯ୍ୟକ୍ରମ, ଗରିମା ପୁରସ୍କାର, ସ୍ୱଚ୍ଛତା କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ, ବ୍ୟାଙ୍କ ଆକାଉଣ୍ଟ, ଆଧାରକାର୍ଡ, ଜାତି ସାର୍ଟିଫିକେଟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସୁନିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ୧୧୦ଜଣ ଅଭିଭାବକ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଧନଞ୍ଜୟ ସାହୁ ସୂଚନା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗିତି କୁମାରୀ ନନ୍ଦ, ମୋନାଲିସା ପ୍ରଧାନ, ମଞ୍ଜୁ ସରାଫ, ଅଞ୍ଜଳି ନାୟକ, ବୀଣାପାଣି ପଣ୍ଡା, କମଳିନୀ ଆଚାର୍ଯ୍ୟ, ଅନୁପମା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଗୁରୁବାର ସମ୍ବଲପୁର ସରକାରୀ ମହିଳା କଲେଜଠାରେ ଆୟୋଜିତ ଶିଳ୍ପ ସଚେତନତା ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ।

## ସରକାରୀ ମହିଳା କଲେଜରେ ଶିଳ୍ପ ସଚେତନତା ଶିବିର

**ସମ୍ବଲପୁର,୧୯।୯(ବ୍ୟୁରୋ)**

ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଶିଳ୍ପ ସଚେତନତା ଶିବିର ଗୁରୁବାର ସମ୍ବଲପୁର ସରକାରୀ ମହିଳା କଲେଜ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ୍ ଓଭର୍‌ସିଜ ମ୍ୟାନେଜର ସନ୍ଦିପ କୁମାର ହୋତା ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ଯୋଜନାରେ ନିଯୁକ୍ତି ସୃଷ୍ଟିର ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ଭାବନା ରହିଛି ବୋଲି ଆହ୍ୱାନ ଦେଇଥିଲେ। ଲିଡ୍ ବ୍ୟାଙ୍କର ପୂର୍ଣ୍ଣଚନ୍ଦ୍ର ପୁରୋହିତ, ବିଜୟ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଶିଳ୍ପ ବିକାଶ ଅଧିକାରୀ ଦୀନବନ୍ଧୁପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରଜମଲ୍ କଲେଜରେ ସ୍ୱଚ୍ଛତା ପକ୍ଷ ପାଳନ

**ରେଙ୍ଗାଲି,୧୯।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ୍ କଲେଜରେ ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ମିନତି ଶତପଥୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷା ଶତପଥୀ ସ୍ୱଚ୍ଛତା ଏକ ସ୍ୱଚ୍ଛ ବତାବରଣ ସୃଷ୍ଟି କରିଥାଏ ବୋଲି କହିଥିଲେ। ଓଡ଼ିଆ ଅଧ୍ୟାପକ ଡ. ମନୋଜ କୁମାର ପଣ୍ଡା ସ୍ୱଚ୍ଛତାକୁ ନେଇ ଏକ କବିତା ପାଠ କରିଥିଲେ। ନିଜେ ସ୍ୱଚ୍ଛ ରହି ଅନ୍ୟମାନଙ୍କୁ ସଚେତନ କରିବାକୁ ଅଧ୍ୟାପକ ଅଜୟ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଚିନ୍ତାମଣି ପଶାୟତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପିକା ନଳିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ରେ ଗୁରୁନାନକଙ୍କ ଐତିହାସିକ ଶୋଭାଯାତ୍ରା

**ସମ୍ବଲପୁର,୧୯।୯(ବ୍ୟୁରୋ)**

ଗୁରୁନାନକଙ୍କ ୫୫୦ତମ ଜନ୍ମ ବାର୍ଷିକକୁ ଦୃଷ୍ଟିରେ ରଖି ଚଳିତ ମାସ ୨୨ ତାରିଖରେ ଏକ ଐତିହାସିକ ଶୋଭାଯାତ୍ରା ସମ୍ବଲପୁରରୁ ବାହାରିବ। ଅପରାହ୍ନ ୨ଟାରେ ମୁଦିପଡ଼ା ଗୁରୁଦ୍ୱାରାଠାରୁ ଶୋଭାଯାତ୍ରା ବାହାରି ମୁଦିପଡ଼ା ଛକ, ଗଙ୍ଗାଧର ମେହେର କଲେଜ ଛକ, ଫାଟକ, ବୁଢ଼ାରଜା, ସହଯୋଗନଗର ଛକ, ଅଇଁଠାପାଲି ତଳିଛକ, ବୀରବିର୍ସାମୁଣ୍ଡା ଛକ ପରିକ୍ରମା କରି ରୟାଲ ଗ୍ରିନ୍ସ୍‌ଉତ୍ସବ ସ୍ଥଳୀରେ ପହଞ୍ଚିବ । ସନ୍ଧ୍ୟା ୬ଟାରେ ଗୁରୁନାନକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ହରଜିତ୍ ରେସିଡେନ୍ସି ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯଶବୀର ସିଂ ହୁରା ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଶୋଭାଯାତ୍ରାରେ ଅମୃତସର ଶିରୋମଣୀ ଗୁରୁଦ୍ୱାରା ପ୍ରବନ୍ଧ କମିଟି ସଭାପତି ଗୋବିନ୍ଦ ସିଂ ଲଙ୍ଗୱାଲ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବିଶ୍ୱ ଭ୍ରାତୃତ୍ୱ ଭାବନାକୁ ଦୃଷ୍ଟିରେ ରଖି ଐତିହାସିକ ଶୋଭାଯାତ୍ରାର ପରିକଳ୍ପନା କରାଯାଇଛି। ଧଳା ବସ୍ତ୍ର ପରିଧାନ କରି ସଭ୍ୟାସଭ୍ୟ ଶୋଭାଯାତ୍ରାରେ ସାମିଲ ହେବେ। ଅମୃତସର ଧର୍ମପ୍ରଚାର କମିଟି, ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ସମସ୍ତ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଆୟୋଜିତ ଶୋଭାଯାତ୍ରା ୨୩ ତାରିଖ ସମ୍ବଲପୁର ରୟାଲ ଗ୍ରିନ୍ସ୍‌ରୁ ବାହାରି ଝାରସୁଗଡ଼ା, ବ୍ରଜରାଜନଗର, ୨୪ରେ ବେଲପାହାଡ, ରାୟଗଡ଼, ୨୫ରେ ଚାମ୍ପା, କୋର୍ବା, ୨୬ରେ ପଲି ଓ ବିଳାସପୁର, ୨୭ରେ ଟାଖଟପୁର, ପଣ୍ଡାରିଆ, କୌନ୍ଧା, ୨୮ରେ ନବଗଡ଼, ବେମଟାରା, ଭିଲାଇ, ୨୯ରେ ରାୟପୁର, ୩୦ରେ ମହାସମୁନ୍ଦ, ଖରିଆର ରୋଡ, ଅକ୍ଟୋବର ୧ରେ ପିଥୋରା ଓ ବସନା, ୨ରେ ବସନାରୁ ବାହାରି ବରଗଡ ପରିକ୍ରମା କରି ଶୋଭାଯାତ୍ରା ବୁର୍ଲାଠାରେ ପହଞ୍ଚି ଉଦ୍‌ଯାପିତ ହେବ। ଗୁରୁନାନକଙ୍କ ଜୀବନ ଦର୍ଶନ ଶୀର୍ଷକ ବିଭିନ୍ନ ପ୍ରଜ୍ଞାପନ ମେଢ଼ ସାମିଲ ହେବ। ସେହିପରି ନଗର କୀର୍ତ୍ତନ ମଧ୍ୟ କରାଯିବ। ଖବରଦାତା ସମ୍ମିଳନୀରେ ମୁଦିପଡ଼ା ଗୁରୁଦ୍ୱାରା ପ୍ରବନ୍ଧକ କମିଟି ସୁର୍ଜିଦ ସିଂ ବର୍ଣ୍ଣାଲା, ରଞ୍ଜିତ ସିଂ ହୁରା, ରଞ୍ଜିତ ସିଂ ସାଲୁଜା, ଅମଜିଦ ସିଂ, ସୁରଜିତ ସିଂ ଚାୱଲା, ଭଗତ ସିଂ, ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଡ. ଆର୍.ଏନ୍. ଦାଶ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।




ବୁଧବାର ଖବରଦାତା ସମ୍ମିଳନୀରେ ହରଜିତ ସିଂ ହୁରା ଶୋଭାଯାତ୍ରା ବିଷୟରେ ସୂଚନା ଦେଉଛନ୍ତି ।

■ ଏମ୍‌ପି ନୀତିଶ ଗଙ୍ଗଦେବଙ୍କ ଧନକଉଡ଼ା ବ୍ଲକ ଗ୍ରସ୍ତ

# ସମିତି ବୈଠକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଟିପିଲିମା,୧୯।୯(ଡି.ଏନ.ଏ.)**

ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ ଗୁରୁବାର ସମ୍ବଲପୁର ଜିଲା ଧନକଉଡା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଏମ୍‌ପି ଗଙ୍ଗଦେବଙ୍କୁ ଦଳୀୟ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଏମ୍‌ପି ଗଙ୍ଗଦେବ ବିଡିଓ ଲୀନାକୁମାରୀ ଖେସ ଏବଂ ଅନ୍ୟ ଅଧିକାରୀଙ୍କ ସହ ଅଞ୍ଚଳର ବିକାଶ ନେଇ ଆଲୋଚନା କରିଥିଲେ। ପରେ ସେ ଫେରି ଆସିଥିଲେ।

ଅନ୍ୟପକ୍ଷେ ଧନକଉଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆଙ୍କ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରେଙ୍ଗାଲି ବିଧାୟକ ନାଉରି ନାଏକ, ବିଡିଓ ଲୀନା କୁମାରୀ ଖେସି, ଏବିଡିଓ ସୁଶାନ୍ତ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ଆଶିଷ କୁମାର ହୋତା, ଜୋନ ୧ ଜିଲା ପରିଷଦ ସରସ୍ୱତୀ ମିର୍ଦ୍ଧା, ଜୋନ ୨ ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟା, ସଭ୍ୟ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ହେଲେ ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ବିଧାୟକ ନାଏକ ଏବଂ ଏମ୍‌ପିଙ୍କ ପ୍ରତିନିଧି ହୋତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜୟଦେବ ବରର୍ତ୍ତି ମାସିକ ବିବରଣୀ ପାଠ କରିଥିଲେ। ଶେଷରେ ଏବିଡିଓ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଧନକଉଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମିତି ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଉପସ୍ଥିତ ଜନପ୍ରତିନିଧି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବେଲପାହାଡ଼ରେ ନବରାତ୍ର ପୂଜା ପ୍ରସ୍ତୁତି

ବେଲପାହାଡ଼,୧୯।୯ (ଡ଼ି.ଏନ୍.ଏ.)- ଆଉ ଗୋଟିଏ ସପ୍ତାହ ପରେ ଶାରଦୀୟ ନବାରାତ୍ର ପୂଜା ଆରମ୍ଭ ହେବ। ବିଭିନ୍ନ ଦେବୀପୀଠ ଓ ମନ୍ଦିରରେ ମା' ଶକ୍ତିଙ୍କ ପୂଜା ଆରାଧାନା ଚାଲିବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ସ୍ଥିତ ବିଭିନ୍ନ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗୁମାଡ଼େରା ବାଟମଙ୍ଗଳା ମନ୍ଦିରରେ ବିଭିନ୍ନ ଦେବୀଦେବଙ୍କ ମୂର୍ତ୍ତିକୁ ନୂଆ ରଙ୍ଗ ଦିଆଯିବା ସହିତ ମନ୍ଦିରରେ ସାଜସଜ୍ଜା ଚାଲିଛି। ଏହି କାର୍ଯ୍ୟ ପାଇଁ ସ୍ଥାନୀୟ କାରିଗରମାନେ ନିୟୋଜିତ ହୋଇଛନ୍ତି। ଆସନ୍ତା ୨୮ ତାରିଖରେ ମନ୍ଦିରରେ କଳସ ସ୍ଥାପନା କରାଯିବ। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦାରୁ ଦଶମୀ ପର୍ଯ୍ୟନ୍ତ ୯ ଦିନ ଧରି ୧୦୮ ସମ୍ପୁଟ ଚଣ୍ଡିଯଜ୍ଞ ସହିତ ପ୍ରତ୍ୟହ ମା'ଙ୍କ ପୂଜାର୍ଚ୍ଚନା ହେବ ବୋଲି ମନ୍ଦିର କମିଟି ସଂଯୋଜକ ବୁଲୁ ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ନବରାତ୍ର ପୂଜା ପାଇଁ ଗାନ୍ଧୀନଗର ସ୍ଥିତ ନବଦୁର୍ଗା ମନ୍ଦିରରେ ଅନୁରୂପ ପୂଜା ପ୍ରସ୍ତୁତି ଚାଲିଛି। ଉଭୟ ମନ୍ଦିରରେ ପ୍ରତିପଦାଠାରୁ ମହାଅଷ୍ଟମୀ ପର୍ଯ୍ୟନ୍ତ ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ପରି ପ୍ରତ୍ୟହ ଗୋଟିଏ ଅବତାର ଧାରଣ କରି ୯ ଦିନ ପର୍ଯ୍ୟନ୍ତ ପୂଜା ପାଇବେ। ନବରାତ୍ର ପୂଜା ଆରମ୍ଭ ପରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ୫ ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାହ୍‌ପୂଜା ଆରମ୍ଭ ହେବ। ଏଥିପାଇଁ ଗୁମାଡ଼େରା, ଜୁବୁଲିହଲ୍, ଫାଟକ ଓ ଷ୍ଟେଶନ ସ୍ଥିତ ଦୁର୍ଗା ମଣ୍ଡପରେ ଦେବୀଦେବାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି।

■ ବିଦ୍ୟୁତ୍ ବିଭ୍ରାଟ ନେଇ ନାଗରିକ କମିଟିର ଅସନ୍ତୋଷ

# ୱେସ୍କୋ କନିଷ୍ଠ ଯନ୍ତ୍ରୀଙ୍କ ଗିରଫ ଦାବି

**୨୪ଘଣ୍ଟାରେ ଗିରଫ କରା ନ ଗଲେ ଆନ୍ଦୋଳନ ଚେତାବନୀ**

ରେଢାଖୋଲ, ୧୯।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ୱେସ୍କୋର କନିଷ୍ଠ ଯନ୍ତ୍ରୀ ଅନୀଲ କୁମାର ରାଉତଙ୍କୁ ଗିରଫ ଦାବି କରିଛି ଚାରମାଳ ନାଗରିକ କମିଟି। ଏହି ମର୍ମରେ ଏକ ଦାବିପତ୍ର ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳାଇଙ୍କୁ ଗୁରୁବାର ନାଗରିକ କମିଟି ପକ୍ଷରୁ ପ୍ରଦାନ କରାଯାଇଛି। ଏଥି ସହିତ ଏହାର ଏକ ନକଲ ଏସ୍‌ଡିପିଓ ରେଢାଖୋଲ, ଜିଲାପାଳ, ଏସ୍‌ପି, ବିଧାୟକ, ଏମ୍‌ପିଙ୍କୁ ପ୍ରଦାନ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ନାଗରିକ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ନାଗରିକ କମିଟି ସଭାପତି ଗୋବିନ୍ଦ ସାହୁ, ଅଜିତ ବାରିକ, ଅଜିତ କୁମାର ଦେଓ, ଖଗେଶ୍ୱର ବେହେରା, ସୁବାଷ ଚନ୍ଦ୍ର ସାହୁ, ପ୍ରତାପ ଲାଲ ପ୍ରଧାନ, ସମିର ପ୍ରଧାନ, ଅମ୍ବୁଜ ନାୟକ, ବ୍ରଜକିଶୋର ପ୍ରଧାନ, ହିମାଂଶୁ ବିଶ୍ୱାଳ, ବଳରାମ ପ୍ରଧାନ ପ୍ରମୁଖ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ନାଗରିକ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚାରମାଳ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ଗତ ୧୧ତାରିଖ ୱେସ୍କୋ କନିଷ୍ଠଯନ୍ତ୍ରୀ ଅନୀଲ କୁମାର ରାଉତ ଚାରମାଳ ନିକଟ ନୂଆପଡା ଛକରେ ବିଦ୍ୟୁତ୍ ମରାମତି ପାଇଁ ଯାଇଥିବା ବେଳେ ଗ୍ରାମବାସୀ ବିଦ୍ୟୁତ୍ ବିଭ୍ରାଟର ସ୍ଥାୟୀ ସମାଧାନ ଦାବି କରିଥିଲେ। ଏନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟ ପକ୍ଷରୁ ଚାରମାଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉଭୟ ପକ୍ଷଙ୍କ ନାମରେ ମାମଲା ରଜୁ କରିଥିଲା। କନିଷ୍ଠଯନ୍ତ୍ରୀ ଅନୀଲ ରାଉତଙ୍କ ଅଭିଯୋଗକ୍ରମେ ଚାରମାଳ ଗ୍ରାମର ଉଦିତ ତ୍ରିପାଠୀ, ସରୋଜ ମହାନ୍ତି, ନିହାର ରଞ୍ଜନ ଦାଶ, ଦୀପକ ରଞ୍ଜନ ଦାସଙ୍କ ନାମରେ ଏକ ମାମଲା(ନଂ.୧୦୮/୧୯)ରଜୁ କରିଛି। ଗ୍ରାମବାସୀଙ୍କ ପକ୍ଷରୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ବ୍ରିଜେଶ ପ୍ରଧାନ କରିଥିବା ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୦୯/୧୯) ରୁଜୁ କରିଥିଲା। ଏ ଘଟଣାରେ ଚାରମାଳ ଗ୍ରାମର ଯୁବକମାନେ ରେଢାଖୋଲ ଏସ୍‌ଡିଜେଏମଙ୍କ ଅଦାଲତରେ ଗତ ୧୭ ତାରିଖରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରିବା ପରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ହେଲେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।



ଦାବିପତ୍ର ଦେବାକୁ ଆସିଥିବା ନାଗରିକ କମିଟି କର୍ମକର୍ତ୍ତା।

ଜାତୀୟ ବ୍ୟାଡ୍‌ମିଣ୍ଟନ ଓ ଖୋଖୋ ପ୍ରତିଯୋଗିତା

# ବେଲପାହାଡ଼ର ୭ ଛାତ୍ରୀଛାତ୍ର ମନୋନୀତ

ବେଲପାହାଡ଼,୧୯।୯ (ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ୭ ଜଣ ଛାତ୍ରୀଛାତ୍ର କାଉନସିଲ ଅଫ୍ ସ୍କୁଲ ସାର୍ଟିଫିକେଟ ଏକଜାମିନେଶନ (ସିଏସସିଇ) ପକ୍ଷରୁ ଆୟୋଜିତ ହେବାକୁଥିବା ଜାତୀୟ ବ୍ୟାଡ୍‌ମିଣ୍ଟନ ଓ ଖୋଖୋ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ଏମାନେ ହେଲେ ବରୁଣ ମିଶ୍ର, ପ୍ରତ୍ୟୁଷରାଜ ସାହୁ, ଦେବବ୍ରତ ସିଂ ଶୋଲାଙ୍କି, ଶୁଭମ ଦେ, ସୁନିଧି ପଟ୍ଟନାୟକ, ହିମାଦ୍ରୀ ଭୂୟାଁ ଓ ତନ୍ମୟୀ ନାୟକ। ଆସନ୍ତା ୨୧ ତାରିଖରୁ ବାଙ୍ଗାଲୋରର ପାଦୁକୋନ ଦ୍ରାବିଡ଼ ସ୍ପୋର୍ଟସ ସେଣ୍ଟରରେ ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଓ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାଠାରେ ଜାତୀୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମନୋନୀତ ଛାତ୍ରୀଛାତ୍ର ବାଙ୍ଗାଲୋର ଓ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଦଳ ମ୍ୟାନେଜର ଭାବେ ମହମ୍ମଦ ସାହିଦ ଓ ଖୋଖୋ ଦଳ ମ୍ୟାନେଜର ଭାବେ ରେଖା ରାୟ ଛାତ୍ରୀଛାତ୍ରମାନଙ୍କ ସହିତ ଯାଇଛନ୍ତି। ଓଡ଼ିଶା ଆଇସିଏସ୍‌ଇ ଆସୋସିଏଶନ ସମ୍ପାଦକ ଫାଦର ଯୋସେଫ, ବିଇଏମ୍ ଅଧ୍ୟକ୍ଷା ରମା କାର୍ତ୍ତିକ ଓ କ୍ରିଡ଼ା ଶିକ୍ଷକ ହମିଦ ମହାପାତ୍ର ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସିଏସ୍‌ସିଇ ଜାତୀୟ ବ୍ୟାଡମିଣ୍ଟନ ଓ ଖୋଖୋ ପ୍ରତିଯୋଗିତା ପାଇଁ ମନୋନୀତ ଛାତ୍ରୀଛାତ୍ର।

# ପାତଳଘଣ୍ଟା ଉତ୍ପାଦନ ତାଲିମ କାର୍ଯ୍ୟକ୍ରମ

ଦେବଗଡ଼,୧୯।୯(ଡି.ଏନ.ଏ)

ଦେବଗଡ଼ସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସଡୋ ପଞ୍ଚାୟତ ଅଧୀନ ବେଲୁଆମ ଗ୍ରାମରେ ଗୁରୁବାର ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ ସଂକ୍ରାନ୍ତରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ବୈଠକରେ ଉପସ୍ଥିତ ଚାଷୀଙ୍କୁ ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ ପାଇଁ ଆବଶ୍ୟକ ଜ୍ଞାନ କୌଶଳର ବ୍ୟବହାର ଏବଂ ଚାଷୀର ଆୟବୃଦ୍ଧି ସମ୍ପର୍କରେ ବିଭିନ୍ନ ଉପାଦେୟ ସୂଚନା ଓ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ କେ.କେ. ମହାଲିଙ୍ଗ ଯୋଗଦେଇ ଉଦ୍ୟାନ କୃଷି ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କିରବା ସହ ବୁନ୍ଦା ଜଳସେଚନ ମାଧମରେ କିଭଳି ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ କରାଯାଇପାରିବ ସେ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଦେବଗଡ଼ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ କହିଥିଲେ। ଏହି ଅବସରରେ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ ପାତଳଘଣ୍ଟା ଫସଲରେ ରୋଗପୋକ ସମ୍ପର୍କରେ ଆଲୋଚନା କରିବା ସହ ଏହାର ନିରାକରଣ ଓ ପ୍ରତିକାର ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଏବଂ ଅଧିକାରୀମାନେ।

ସ୍କ୍ରାପ୍ ଚୋରାଚାଲାଣ

## ୨ ଗିରଫ, ଟ୍ରକ୍ ଜବତ

ଦେବଗଡ଼,୧୯।୯(ଡି.ଏନ୍.ଏ.)

ସ୍କ୍ରାପ୍ ଚୋରାଚାଲାଣ ହେଉଥିବା ଏକ ଟ୍ରକକୁ ବାରକୋଟ ଥାନା ପୋଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରକ ଡ୍ରାଇଭର ସୁନ୍ଦରଗଡ଼ ଜିଲା ବଣ୍ଡମୁଣ୍ଡା ଥାନା ଅଧୀନ ତିଳିକାନଗରର ପ୍ରତାପ ପାତ୍ର ଏବଂ ସ୍କ୍ରାପ ଡିଲର ବାରକୋଟ ଥାନା ଅଧୀନ ଗଙ୍ଗାନାଳୀ ଗ୍ରାମର ସର୍ବେଶ୍ୱର ଦାସ। ମିଳିଥିବା ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ବାରକୋଟ ଥାନା ଏଏସ୍‌ଆଇ ଅକାରଣ ବେହେରାଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ସେତିକିବେଳେ ପୋଲିସ କର୍ମଚାରୀମାନେ ୨୩ ନମ୍ବର ଜାତୀୟ ରାଜପଥ ବାରକୋଟ ଥାନା ଅଧୀନ ପୁରୁଣାପାଣି ଗ୍ରାମ ନିକଟରେ ସନ୍ଦେହ ଜନକ ଅବସ୍ଥାରେ ଯାଉଥିବା ଏକ ମାଲ ବୋଝେଇ ୬ ଚକିଆ ଟ୍ରକକୁ ଅଟକାଇ ଥିଲେ। ପରେ ପୋଲିସ ଅଧିକାରୀମାନେ ଯାଞ୍ଚ ବେଳେ ଟ୍ରକରେ ବିପୁଳ ପରିମାଣର ଲୁହାରଡ, ଲୁହାପ୍ଲେଟ, ଲୁହାଏଙ୍ଗେଲ ସହ ସ୍କ୍ରାପ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ପୋଲିସ କର୍ମଚାରୀମାନେ ଟ୍ରକ୍‌କୁ ଜବତ କରି ଟ୍ରକ ଡ୍ରାଇଭର ପ୍ରତାପ ଏବଂ ସ୍କ୍ରାପ ଡିଲର ସର୍ବେଶ୍ୱରଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏନେଇ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ବନ୍ଦ କୋଠରିରୁ ସୁରକ୍ଷା କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୯।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବଡ଼ମାଲ ସ୍ଥିତ ଏସିଟିକ୍ ଗ୍ୟାସ୍ ପ୍ରକଳ୍ପ ପରିସରରେ ଥିବା ଏକ ବନ୍ଦ କୋଠରିରୁ ଜଣେ ସୁରକ୍ଷାକର୍ମୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ୍ ଗୁରୁବାର ଉଦ୍ଧାର କରିଛି। ସୁରକ୍ଷାକର୍ମୀ ଜଣକ ହେଲେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗହୀରପାଲି ଗ୍ରାମର ରାହୁଲ ସାହୁ(୨୧) ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତ ସୁରକ୍ଷାକର୍ମୀଙ୍କ ଭିଣୋଇଙ୍କ ଅଭିଯୋଗକୁ ଭିତ୍ତିକରି ବଡ଼ମାଲ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୧୨/୧୯) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁସାରେ ବଡ଼ମାଲ ସ୍ଥିତ ଏସିଟିକ୍ ଗ୍ୟାସ୍ ପ୍ରକଳ୍ପ କିଛିମାସ ହେଲା ବନ୍ଦହୋଇ ପଡ଼ିରହିଛି। ଏହାକୁ ଜଗିବା ପାଇଁ କେତେଜଣ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ସୁରକ୍ଷାକର୍ମୀ ପ୍ରକଳ୍ପ ପରିସରରେ ମିଳିମିଶି ଗୋଟିଏ ସ୍ଥାନରେ ରହୁଥିଲେ। ସୁରକ୍ଷାକର୍ମୀ ରାହୁଲ ପ୍ରତିଦିନ ଭଳି ରାତିରେ ଖାଇପିଇ ଶୋଇଥିଲେ। ରାତିରେ ଗାଁକୁ ଫୋନ୍‌ଲଗାଇ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ଏହି ସମୟରେ ହଠାତ୍ ତାଙ୍କର ଫୋନ୍‌କଲ୍ କଟି ଯାଇଥିଲା। ପରିବାଲୋକେ ତାଙ୍କୁ ଫୋନ୍ ଲଗାଇଥିଲେ ମଧ୍ୟ ତାଙ୍କୁ ଆଉ ଫୋନ୍ ଲାଗି ନ ଥିଲା। ପାଖରେ ରହୁଥିବା ରାହୁଲଙ୍କ ସାଙ୍ଗକୁ ପରିବାର ଲୋକ ଫୋନ୍‌କରି ତାଙ୍କ ସମ୍ପର୍କରେ ବୁଝିଥିଲେ। ପରେ ରାହୁଲଙ୍କ ସାଙ୍ଗ ରାହୁଲ ରହୁଥିବା ଘରକୁ ଯାଇଥିଲେ। ଏହି ସମୟରେ ଘରର କବାଟ ଭିତରପଟୁ ବନ୍ଦଥିଲା। ଫଳରେ ସେ ଝରକା ଫାଙ୍କ ଦେଇ ଭିତରକୁ ଦେଖିଲାବେଳକୁ ଘର ଭିତରେ ରାହୁଲ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ସାଙ୍ଗମାନେ ଘଟଣା ସମ୍ପର୍କରେ ରାହୁଲଙ୍କ ପରିବାରଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ।

# ଜିଲା ଓକିଲ ସଂଘର ୨୬, ୨୭ ଓ ୩୦ ବନ୍ଦ ଡ଼ାକରା

ଦେବଗଡ଼,୧୯।୯ (ଡି.ଏନ.ଏ.):

ଦେବଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟିର ଏକ ବୈଠକ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶାରେ ହାଇକୋଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ସେପ୍ଟେମ୍ବର ୨୬, ୨୭ ଓ ୩୦ ତାରିଖ ଜିଲାର ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ଅଦାଲତ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ବନ୍ଦକୁ ସଫଳ କରିବା ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ଜନସାଧାରଣଙ୍କୁ ସମର୍ଥନ କରିବାକୁ ଅନୁରୋଧ କରାଯାଇଛି। ବନ୍ଦ ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା, ଗମନାଗମନ, ବ୍ୟବସାୟୀକ ପ୍ରତିଷ୍ଠାଗୁଡ଼ିକୁ ବାଦ ଦିଆଯିବ ବୋଲି ସମ୍ପାଦକ ତରଣୀ କାନ୍ତ ଦାଶ ସୂଚନା ଦେଇଛନ୍ତି। ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପ ସଭାପତି ବିକାଶ ପ୍ରଧାନ, ସହସମ୍ପାଦକ ଟିକେଶ୍ୱର ଧଳ, କୋଷାଧ୍ୟକ୍ଷ ରାଜ କିଶୋର ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ଶ୍ରମିକ ଗୁରୁତର

ଲଖନପୁର,୧୯।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଲସଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ଦ୍ୱାରା ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଛାତ ଉପରେ ଜଣେ ମହିଳା ଶ୍ରମିକ କାମ କରୁଥିଲେ। ଅସାବଧାନତାବଶତଃ ମହିଳା ଶ୍ରମିକ ଜଣକ ଛାତ ଉପରେ ପ୍ରବାହିତ ୧୧କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଶ୍ରମିକ ଜଣକ ହେଲେ ନାଚେନମୁରା ଗ୍ରାମର ସରସ୍ୱତୀ ମରେଇ(୪୨) ବୋଲି ଜଣାପଡିଛି। ଆହତ ମହିଳାଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବିଦ୍ୟୁତ ଆଘାତରେ ତାଙ୍କ ହାତ, ମୁହଁ, ବେକ ଆଦି ପୋଡ଼ିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଂକଟାପନ୍ନ ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ରେଙ୍ଗାଲି ପୋଲିସ ନିକଟରେ କୌଣସି ଖବର ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ପାରି ନାହିଁ।



ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିବା ମହିଳା ଶ୍ରମିକ ସରସ୍ୱତୀ ମରେଇ।

ତ୍ରିଶକ୍ତି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ

# କୁଣ୍ଡାପିଠା ଦଳ ଚାମ୍ପିୟନ

ବାରକୋଟ,୧୯।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ନାଗଡିହି ଗ୍ରାମରେ ତ୍ରିଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଶକ୍ତି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ୨ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରରେ ମୋଟ ୧୬ଟି ଆଞ୍ଚଳିକ ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ କୁଣ୍ଡାପିଠା ଏବଂ ପୁରୁକୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ କୁଣ୍ଡାପିଠା ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମଙ୍ଗିଳା ମହାକୁଳ ଯୋଗଦେଇଥିଲେ। କ୍ଲବ ସଭାପତି ଦେବରାଜ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୀନକେତନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, ୧୯।୯ (ଡି.ଏନ୍.ଏ.)

ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର ପାଖ କଲୋନୀରେ ବୁଧବାର ଜଣେ ବିବାହିତା ମହିଳା ରୁବିନା ପୃଷେଠ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଓରିଏଣ୍ଟ ଥାନା ପୋଲିସ ଗୁରୁବାର ଏ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ପୋଲିସ ଶବ ବ୍ୟବଚ୍ଛେଦ କରେଇବା ପରେ ସେଇ କଲୋନୀରେ ରଖିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରୁବିନାଙ୍କ ପ୍ରକୃତ ଘର କେନ୍ଦ୍ରାପଡା ଜିଲାରେ। ସେ ସୁଜିତ ପୃଷେଠଙ୍କୁ ଗତ ବର୍ଷ ପ୍ରେମ ବିବାହ କରିଥିଲେ। ସୁଜିତ ଜଣେ ଟାଟା ମ୍ୟାଜିକ ଡ୍ରାଇଭର। ସୁଜିତଙ୍କ କହିବା ଅନୁଯାୟୀ ବୁଧବାର ଅପରାହ୍ନ ୩ଟା ସମୟରେ ସେ ଘର ଛାଡ଼ିଥିଲେ। ପରେ ଘରର ଭିତର ପଟ କବାଟ ବନ୍ଦ ଥିବା ଦେଖି ପଡ଼ୋଶୀ ତାଙ୍କୁ ଖବର ଦେଇଥିଲେ। ସେ ୨ ଘଣ୍ଟା ପରେ ଅର୍ଥାତ୍ ୫ଟାରେ ଘରକୁ ଫେରି ରୁବିନାଙ୍କୁ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଘଟଣା ସମ୍ପର୍କରେ ରୁବିନାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପରିବାର ଲୋକ ଆସିଲା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆରେ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ

# ବିଏମ୍‌ଏସ୍ ତରଫରୁ ୫ ଦିନିଆ ବନ୍ଦ ଡାକରା

ଲଖନପୁର,୧୯।୯ (ଡି.ଏନ୍.ଏ.)

ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍‌ଇଣ୍ଡିଆର କିଛି ଅଂଶଧନକୁ କେନ୍ଦ୍ର ସରକାର ବିଦେଶୀ କମ୍ପାନୀ ହାତରେ ଟେକିଦେବା ପାଇଁ ବସିଛନ୍ତି। ଏହା ଦେଶର ଏକ ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହୋଇଥିବାବେଳେ ଏଥିରେ ବିଦେଶୀ କମ୍ପାନୀ ପୁଞ୍ଜିନିବେଶ ପାଇଁ ମନବଳାଇଛନ୍ତି। ଏହାକୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ଜଣାପଡିବା ପରେ କୋଲ୍‌ଇଣ୍ଡିଆରେ କାର୍ଯ୍ୟରତ ଟ୍ରେଡ୍ ୟୁନିୟନଗୁଡ଼ିକ କଡ଼ାବିରୋଧ କରିଆସୁଛନ୍ତି। ଏହି ପରିପେକ୍ଷୀରେ ଟ୍ରେଡ୍ ୟୁନିୟନଗୁଡ଼ିକ ଏହାକୁ ପ୍ରତ୍ୟାହର କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିପାଇଁ ଆସନ୍ତା ୨୪ ତାରିଖ ବିଏମ୍‌ଏସ୍, ଏଆଇଟିୟୁସି, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ ଆଦି ଟ୍ରେଡ୍‌ୟୁନିୟନମାନେ ମିଳିତଭାବେ ସାରା ଦେଶରେ ଦିନିକିଆ ହରତାଳ ପାଇଁ ଡାକରା ଦେଇଛନ୍ତି। ହେଲେ ବିଏମ୍‌ଏସ୍ ୟୁନିୟନ ତରଫରୁ ୫ ଦିନିଆ ହରତାଳ ଡାକରା ଦିଆଯାଇଛି। ଏହି ଆନ୍ଦୋଳନ ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଚାଲିବ ବୋଲି ବିଏମ୍‌ଏସ୍ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁଧୀର ଘୁର୍ଡ଼େ ଗୁରୁବାର ବନ୍ଧବାହାଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଇଲା କମ୍ପାନୀକୁ ସରକାର ବହୁଦେଶୀୟ କମ୍ପାନୀ ହାତରେ ଟେକିଦେବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି। ଏହା ଦେଶ ପାଇଁ ବିପଦ ସୃଷ୍ଟି କରିବ। ଏହି କମ୍ପାନୀରେ ବହୁଦେଶୀୟ କମ୍ପାନୀମାନେ ପୁଞ୍ଜିନିବେଶ କରିବା ସହ ଏହାର ମାଲିକାନା ଜାହିର କରି ବାଣିଜ୍ୟ ବ୍ୟବସାୟ ଚଳାଇ ଅଧିକ ଲାଭବାନ ହେବେ। ଫଳରେ ଦେଶରେ କୋଇଲା ଦର ଅହେତୁକ ବୃଦ୍ଧିପାଇବ। କୋଇଲା ଦର ବୃଦ୍ଧିହେଲେ ଏଥିରୁ ଉତ୍ପାଦନ ହେଉଥିବା ବିଦ୍ୟୁତ ଦର ଅହେତୁକ ବୃଦ୍ଧିପାଇବ। ଖାଲି ଏତିକି ନୁହେଁ ଦେଶର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡିବ। କୋଇଲା କମ୍ପାନୀରେ ମାନବ ସମ୍ବଳ ହ୍ରାସପାଇବ। ସାରାଦେଶରେ ବେକାରି ସମସ୍ୟା ବୃଦ୍ଧି ପାଇବ। ଏସବୁକୁ ଦୃଷ୍ଟିରେ ରଖି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ତରଫରୁ ୫ ଦିନିଆ ହରତାଳ ଡାକରା ଦିଆଯାଇଛି। ଏହି ହରତାଳ ଡାକରାରେ କୋଇଲା ଉତ୍ପାଦନ ବନ୍ଦ ସାଙ୍ଗକୁ କୋଇଲା ପରିବହନକୁ ସମ୍ପୂର୍ଣ୍ଣରୂପେ ଠପ୍ କରିଦିଆଯିବ। ଫଳରେ ଦେଶରେ ଥିବା ତାପଜ ବିଦ୍ୟୁତ କେନ୍ଦ୍ର ଆଦି ବିଭିନ୍ନ କଳକାରଖାନା ଉପରେ ଏହାର ପ୍ରଭାବ ପଡିବ। ଏହି ହରତାଳକୁ ସଫଳ କରିବା ପାଇଁ ବିଏମ୍‌ଏସ୍ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଘୁର୍ଡ଼େ ବିଭିନ୍ନ ରାଜ୍ୟକୁ ଯାଇ ସ୍ଥାନୀୟ ୟୁନିୟନ ସହିତ ଆଲୋଚନା କରି ଏହାକୁ ସଫଳ କରିବା ପାଇଁ ସଦସ୍ୟମାନଙ୍କୁ ଆହ୍ୱାନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଘୁର୍ଡ଼େ, ସମ୍ପାଦକ ଅଜୟ କୁମାର ଶତପଥୀ, ବ୍ରଜରାଜନଗର ଇବ୍‌ଖାଦାନ ମଜଦୁର ସଂଘ ସଭାପତି ସୁଜିତ ଝା, ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, ଅଜୟ ବିଶ୍ୱାଳ, ମୃତ୍ୟୁଞ୍ଜୟ ମୁଦୁଲି, ନାବୀନ ପଟେଲ, ପଙ୍କଜ ମହନ୍ତ, ସଞ୍ଜୟ ପଟେଲ, ବିଜୟସିଂହ ଠାକୁର, ଧର୍ମେନ୍ଦ୍ର ପରିଡା, ପ୍ରଦୀପ ବେହେରା, ତନ୍ମୟ ପାତ୍ର, ସନ୍ତୋଷ ପଣ୍ଡା, ପ୍ରଦୀପ କରାଳୀ, ପଙ୍କଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ବିଏମ୍‌ଏସ୍ କେନ୍ଦ୍ରୀୟ କମିଟି କର୍ମକର୍ତ୍ତାମାନେ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ବାମରା, ୧୯।୯ (ଡି.ଏନ.ଏ.): ବାମରା ବ୍ଲକ ଅଧୀନ ରବଗାରେ ସାପ କାମୁଡିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହେଲେ ପତ୍ରାସ ଲୁଗୁନ(୬୦) । ବୁଧବାରେ ରାତିରେ ଘରେ ଶୋଇଥିବା ବେଳେ ପତ୍ରାସଙ୍କୁ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲଶ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଗୋବିନ୍ଦପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୨୦ ଲିଟର ଦେଶୀମଦ ଜବତ, ଜଣେ ଗିରଫ

ରେଢ଼ାଖୋଲ ୧୯।୯(ଡି.ଏନ.ଏ.) ରେଢ଼ାଖୋଲ ପୋଲିସ ଗୁରୁବାର ଲାଣ୍ଡିମାଲ ଗ୍ରାମରେ ଚଢ଼ାଉ କରି ବେଆଇନ ଦେଶିମଦ କାରବାର କରୁଥିବା ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ୨୦ ଲିଟର ଦେଶିମଦ ଜବତ କରିଛି। ଏ ନେଇ ରେଢ଼ାଖୋଲ ଥାନା ପୋଲିସ ଏକ ମାମଲା(ନଂ.୨୦୨/୧୯) ରୁଜୁକରି ଦୁର୍ଯ୍ୟୋଧନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

### ଅଟୋ ଚାଳକଙ୍କୁ ମାଡ଼ମାରି ଜଣେ ଗିରଫ

ଧମା,୧୯।୯(ଡି.ଏନ.ଏ.): ଧମା ଥାନା ଅନ୍ତର୍ଗତ କରଂଝୋଲା ଗ୍ରାମରେ ଏକ ମାରପିଟ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିପୁ ମହାପାତ୍ର(୧୯) ଓରଫ ଆଦିତ୍ୟ। ମିଳିଥିବା ସୂଚନା ମୁତାବକ କୌଣସି କାରଣକୁ ନେଇ ନିପୁ ଅଟୋ ଚାଳକ ଭବାନୀଶଙ୍କର ବେହେରାଙ୍କୁ ମାରପିଟ କରିଥିଲେ। ଏନେଇ ଭବାନୀ ଧମା ଥାନାରେ ଏକ ଅଭିଯୋଗ କରିଥିଲେ। ଏନେଇ ଧମା ଥାନା ପୋଲିସ ଏକ ମାମଲା(ନଂ.୧୪୬/୧୯) ରୁଜୁକରି ତଦନ୍ତ ପରେ ନିପୁଙ୍କୁ ଗିରଫ କରିଥିଲା।

■ହାଇଦ୍ରାବାଦରେ ନୂଆଁଖାଇ ଭେଟ୍‌ଘାଟ୍

# ଷୋଳହ ଭରନି ବାଦ୍ୟରେ ଦୁଲୁକିଲା ମଞ୍ଚ

ସମ୍ବଲପୁର, ୧୯।୯ (ବ୍ୟୁରୋ)

ହାଇଦ୍ରାବାଦ ଶ୍ରୀନଗର କଲୋନୀ ସ୍ଥିତ ସତ୍ୟସାଇ ନିଗମାଗମ୍‌ଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଜୁହାର ପରିବାର ଆୟୋଜିତ ଉତ୍ସବରେ ଷୋଳହ ଭରନି ବାଦ୍ୟ ପରିବେଶିତ ହୋଇଥିଲା । ଷୋଳହ ଭରନି ବାଦ୍ୟର ତାଳରେ ମଞ୍ଚ ଦୁଲୁକି ଉଠିଥିଲା । ଏଥିସହ ଅତିଥି, ଆୟୋଜକ ଓ କଳାକାରଙ୍କ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ସମ୍ବଲପୁର ମ୍ୟୁନିସିପାଲଟି ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟଅତିଥି, ବିଜେଡି ନେତା ପ୍ରମୋଦ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରଙ୍ଗବତୀ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କୁ ଜୁହାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରଜତ ପାଣିଗ୍ରାହୀଙ୍କୁ କଳାସମ୍ମାନ, ସ୍ୱର୍ଗତ ରାମଚନ୍ଦ୍ର ଆଚାର୍ଯ୍ୟଙ୍କୁ ମରଣୋତ୍ତର ସ୍ମୃତିସମ୍ମାନ ପ୍ରଦାନ କରାଯାଇଥିଲା । ଦିନତମାମ ଲୋକନୃତ୍ୟ, ଲୋକଗୀତ ବାଦ୍ୟ ପରିବେଶିତ ହୋଇଥିଲା । କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ହାସ୍ୟ ଅଭିନେତା କେଦାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଇ, ପାଟଣେଶ୍ୱରୀ, ସୁରେଶ୍ୱରୀ ଓ ମାଣିକେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଜାଗୃତୀ ରଥ ଓ ଅଲିଭା ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ସ୍ମରଣୀକା ଉନ୍ମୋଚିତ ହୋଇଥିଲା ।



ରଙ୍ଗବତୀ ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କୁ ହାଇଦ୍ରାବାଦରେ ମୁଖ୍ୟଅତିଥି ସିଦ୍ଧାର୍ଥ ସାହା ଓ ସମ୍ମାନିତ ଅତିଥି ପ୍ରମୋଦ ରଥ ସମ୍ମାନିତ କରୁଛନ୍ତି ।

# କଫ ସିରପ ଜବତ, ୫ ଗିରଫ



ସମ୍ବଲପୁର ଜିଲା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ କଫ ସିରପ ।

ସମ୍ବଲପୁର,୧୯।୯ (ବ୍ୟୁରୋ) ସମ୍ବଲପୁର ଜିଲା ପୋଲିସ କଫ ସିରପ ଓ ନିଶା ବଟିକା ବିକ୍ରି କରୁଥିବା ଏକ ର୍‍ୟାକେଟର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଆଦର୍ଶ ଭୂୟାଁ, ସମସମ ଅଲ୍ଲୀ, ସହମ୍ମଦ ଦାଉଦ, ବାବୁଲାଲ ମୁଣ୍ଡା, ସଞ୍ଜୀବ ସୁନା। ଗିରଫ ଯୁବକଙ୍କ ନାମରେ ଟାଉନଥାନା, ଧନୁପାଲି ଥାନା, ଅଇଁଠାପାଲି ଥାନାରେ ଏକାଧିକ ମାମଲା ଥିବା ଜଣାପଡ଼ିଛି। ପୋଲିସ ଗିରଫ ଯୁବକଙ୍କ ନିକଟରୁ ୧୫୬ ବୋତଲ କଫ ସିରପ ଓ ନିଶା ବଟିକା ଜବତ କରିଛି। ଏପରି କି ପୋଲିସ ଯୁବକମାନେ ବ୍ୟବହାର କରୁଥିବା ଏକ ନମ୍ବର ବିହୀନ ସ୍କୁଟିକୁ ଜବତ କରିଛି । ର୍‍ୟାକେଟର ଚେର ଜିଲା ବାହାରକୁ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ରମେଶଚନ୍ଦ୍ର ଡୋରା କହିଛନ୍ତି ।

# ମାଳଗୁଣ୍ଡକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

ସମ୍ବଲପୁର,୧୯।୯ (ବ୍ୟୁରୋ) ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତ ମାଳଗୁଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଦାବିରେ ଗ୍ରାମବାସୀ ଗୁରୁବାର ମାଳଗୁଣ୍ଡ ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଖବର ପାଇ ମାନେଶ୍ୱର ଏବିଡିଓ ଜୟରାମ ପଣ୍ଡା, ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଆନ୍ଦୋଳନରେ ରଞ୍ଜିତ ମୁଣ୍ଡା, ସିଲାଳ ମୁଣ୍ଡ, ଶଙ୍କର ମୁଣ୍ଡ, ଜଗନ୍ନାଥ ମୁଣ୍ଡାଙ୍କ ସମେତ ମହିଳା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।




ସମ୍ବଲପୁର ଜିଲା ମାଳଗୁଣ୍ଡ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

# କ୍ଷେତରାଜପୁର ବାଳିକା ବିଦ୍ୟାଳୟରେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ





ଗୁରୁବାର ସମ୍ବଲପୁର କ୍ଷେତରାଜପୁର ବାଳିକା ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ହୋତା ସୂଚନା ଦେଉଛନ୍ତି (ବାମ)। ଛାତ୍ରୀଛାତ୍ରମାନେ ଜଳ ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନ ଶପଥ ଗ୍ରହଣ କରୁଛନ୍ତି ।

ସମ୍ବଲପୁର,୧୯।୯(ବ୍ୟୁରୋ)

ଜଳ ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର କ୍ଷେତରାଜପୁର ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶପଥପାଠ କରିଥିଲେ । ସ୍କୁଲ ଅଧକ୍ଷ ସନ୍ତୋଷ କୁମାର ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଭାଜପା ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ ଜଳ ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ । ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ମାନସ ରଞ୍ଜନ ବକ୍ସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଉପାଧକ୍ଷ ବିପିନ କୁମାର ସିଂ ମଞ୍ଚ ସଂଯୋଜନା କରିଥିଲେ । ସଞ୍ଜୟ ଷଡଙ୍ଗୀ, ରଞ୍ଜିତ ରଥ, ଲକ୍ଷ୍ମଣ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଟିଆଇରୁ ମିଳିଲା ସୂଚନା : ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ସମ୍ପର୍କରେ ତଥ୍ୟ ଦିଆଯିବନାହିଁ

ବଲାଙ୍ଗୀର ଅଫିସ, ୧୯।୯ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ସମ୍ପର୍କରେ ହାଇକୋର୍ଟ ସୂଚନା ଅଧିକାର ନିୟମାବଳୀର ଧାରା ୫(ଖ)ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟର ସୂଚନା ଅଧିକାରୀ ବି. ମହାପାତ୍ର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଜଣାଇଛନ୍ତି । ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଦୀର୍ଘ ବର୍ଷ ଧରି ଜାରି ରହିଛି ଏବଂ ଦୀର୍ଘଦିନ ଧରି ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି । ଏହାକୁ ଦୃଷ୍ଟିରେ ରଖି ସୂଚନା କର୍ମୀ ପଣ୍ଡା ସ୍ଥାୟୀ ବେଞ୍ଚ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶା ହାଇକୋର୍ଟଙ୍କ ସହ କରିଥିବା ପତ୍ରାଳାପ ଏବଂ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଆଲୋଚନା ନେଇ ତଥ୍ୟ ମଗାଯାଇଥିଲା । ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କ୍ଷମତାର କିଛି ଅଂଶ, ଅନ୍ୟ ଜିଲା କୋର୍ଟ ମାନଙ୍କର କେତେ ଦାବି ରହିଛି ଏବଂ ହାଇକୋର୍ଟ ସ୍ଥାପନ ପୂର୍ବରୁ ଅଧୁନା ଓଡିଶାରେ କାର୍ଯ୍ୟ କରୁଥିବା ହାଇକୋର୍ଟମାନଙ୍କ ସମ୍ପର୍କରେ ୮ଟି ତଥ୍ୟ ପଣ୍ଡା ମାଗିଥିଲେ । ହାଇକୋର୍ଟ ସୂଚନା ଅଧିକାର ଆଇନର ୫(ଖ) ଧାରା ଅନୁଯାୟୀ ସାର୍ବଜନିକ ବିଶୃଙ୍ଖଳା ଓ ଅନୁଷ୍ଠାନର ନିରାପତ୍ତା ପାଇଁ ସୂଚନା ପ୍ରଦାନକୁ ବାରଣ କରାଯାଇଥିବା ସୂଚନା କର୍ମୀ ପଣ୍ଡା ଜଣାଇଛନ୍ତି।

# ନୂତନ ଟ୍ରାଫିକ ନିୟମ ସଚେତନ କର୍ମଶାଳା




କର୍ମଶାଳାରେ ଟ୍ରାଫିକ ଡିଏସ୍‌ପି ସୁଜାତା ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

ଧମା, ୧୯।୯(ଡି.ଏନ.ଏ) ଧମା ଥାନା ପକ୍ଷରୁ ବୁଧବାର ଧମାଠାରେ ନୂତନ ଟ୍ରାଫିକ ନିୟମ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ସମ୍ବଲପୁର ଟ୍ରାଫିକ ଡିଏସ୍‌ପି ସୁଜାତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଟ୍ରାଫିକ ନିୟମ ଏବଂ ଏହାର ଅବମାନନା କଲେ ଜରିମାନା ବାବଦରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପରେ ସ୍ଥାନୀୟ ମା’ ଖାଡ଼େଶ୍ୱରୀ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଏସ୍‌ଆଇ ଶ୍ୟାମ କୁମାର ଭୋଇ, କଲେଜ ଯୁକ୍ତ ୨ ଅଧକ୍ଷ ଅଶୋକ ପୁରୋହିତ, ଯୁକ୍ତ ୩ ଅଧକ୍ଷ ଅନୀଲ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ଜଣେ ମୃତ

## ଟ୍ରକ ଜବତ, ଡ୍ରାଇଭର ଗିରଫ

ଟିପିଲିମା,୧୯।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା ଛକରେ ଏକ ଦଶଚକିଆ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଶାଳା ଏସ୍‌ଏଲ୍‌ବି ଫୋର୍ସ କଲୋନୀର ଶୈଳ ସୁନା (୪୮) । ଖବର ପାଇ ଗୋଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ(ନଂ.ଓଆର୍ ୧୫ ଏମ-୧୭୭୧)କୁ ଜବତ କରିଛି । ଏନେଇ ବୁର୍ଲା ଥାନା ପୋଲିସ ଏକ ମାମଲା ରୁଜୁ କରି ଗାଡି ଡ୍ରାଇଭରଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

■ଜିଏମ୍‌ୟୁରେ ସଂସ୍କୃତ ଦିବସ ପାଳିତ

# ସଂସ୍କୃତ ନୃତ୍ୟ, ଗୀତ, ନାଟକ ମଞ୍ଚସ୍ଥ

ସମ୍ବଲପୁର,୧୯।୯(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅମୃତ ବିହାରଠାରେ ସଂସ୍କୃତ ଦିବସ ଗୁରୁବାର ପାଳିତ ହୋଇଯାଇଛି । ସଂସ୍କୃତ ଭାରତୀ ଉତ୍କଳ ପ୍ରାନ୍ତ ସଭାପତି ନୃସିଂହଚରଣ ପଣ୍ଡା ମୁଖ୍ୟଅତିଥି, ଜିଏମ୍‌ୟୁ କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ସଂସ୍କୃତ ବିଭାଗ ଅଧକ୍ଷ ଡ. ଲମ୍ବୋଦର ସାହୁ, ଅଧ୍ୟାପକ ଡ. ରାକେଶ କୁମାର ମିଶ୍ର, ଧର୍ମରାଜ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଶୁଭାଷଣ, ସାଧାରଣଜ୍ଞାନ, ଗୀତାପାଠ, ଶ୍ଲୋକ ଅନ୍ତାକ୍ଷରୀ, ସୋତ୍ର ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା । ବରଗଡ଼ ଜିଲା କମ୍ବଗାଁ କଲେଜ, ସମ୍ବଲପୁର ସରକାରୀ ମହିଳା କଲେଜ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁଢ଼ାରଜା ହାଇସ୍କୁଲ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ସଂସ୍କୃତ ନାଟକ, ସଂସ୍କୃତ ନୃତ୍ୟ ଓ ସଂସ୍କୃତ ଗୀତ ପରିବେଶିତ ହୋଇଥିଲା ।



ଗୁରୁବାର ସମ୍ବଲପୁର ଜିଏମ୍‌ୟୁ ଅମୃତ ବିହାର ପରିସରରେ ଆୟୋଜିତ ସଂସ୍କୃତ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଫଟୋରେ ଖବର







ଗୁରୁବାର ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି (ବାମ)। ମହାନଗର ନିଗମ ପକ୍ଷରୁ ଗୁଟ୍‌ଖା ଯାଞ୍ଚ କରାଯାଉଛି (ମଝି) । ନୂତନ କମିଶନର ଲିଙ୍ଗରାଜ ପଣ୍ଡାଙ୍କୁ ପୂର୍ବତନ କମିଶନର ତ୍ରିଲୋଚନା ମାଝି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ



## ସଂକ୍ଷେପରେ

### ଖୁକୁଡେଶ୍ୱର ମନ୍ଦିରରେ ଧାର୍ମିକ ମେଳା

ମନମୁଣ୍ଡା, ୧୯।୯ (ଡି.ଏନ.ଏ) ମନମୁଣ୍ଡା ନିକଟସ୍ଥ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋହିପିଟା ଖୁକୁଡେଶ୍ୱର ମନ୍ଦିରରେ ଧାର୍ମିକ ମେଳା ବୁଧବାର ଉଦ୍‌ଯାପିତ ହୋଇଛି। ବାବା ଲକ୍ଷ୍ମୀନ୍ଦ୍ର ବଗର୍ତ୍ତିଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକମାନଙ୍କ ଉଦ୍ୟମକ୍ରମେ ଗତ ସଂକ୍ରାନ୍ତିରେ ଏହା ଉଦ୍‌ଘାଟିତ ହୋଇଥିଲା। ସଂକ୍ରାନ୍ତି ଦିନ ପ୍ରଭୁ ସତ୍ୟନାରାୟଣଙ୍କ ଓ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଭଜନ ସମାରୋହ କରାଯାଇଥିଲା। ପରଦିନ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ଏଥିରେ ବ୍ୟାସ ଭାବେ ସୋନପୁର ବଡବଜାରର ସ୍ୱନାମଧନ୍ୟ ଗାୟକ ପ୍ରତାପ ମହାପାତ୍ର ପାରାୟଣ କରିଥିଲେ। ଏହାସହ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଏବଂ ବୈଠକୀ କୀର୍ତ୍ତନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋକରନ ଦାଶ ବାବା, ହରିହର ସ୍ୱାଇଁ, ଲିଙ୍ଗ ପ୍ରଧାନ, ଶ୍ରୀଧର ବେହେରା, ରାଜୁ ପ୍ରଧାନ, ହର ମେଣ୍ଡଲି ପ୍ରମୁଖ ସହଯୋଗ କରିଥିଲେ । ସାମାଜିକ କର୍ମୀ ନିରଞ୍ଜନ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପ୍ଲାଷ୍ଟିକ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୧୯।୯ (ଡି.ଏନ.ଏ.) ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲଠାରେ ପ୍ଲାଷ୍ଟିକ ନିଷେଧ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଉତ୍ସାହିତ ପାଇଁ ଚିତ୍ରାଙ୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଇଂ ଅଜୀତ କୁମାର ବାବୁ ଏହି ସଭାକୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ମାଣିକେଶ୍ୱରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଚ୍ଛାହିତ କରିଥିଲେ।

■ ଆଗକୁ ବିଜେପୁର ଉପନିର୍ବାଚନ

# ପ୍ରାର୍ଥିତ୍ୱକୁ ନେଇ ଅଡୁଆ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧୯।୯**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ । ହେଲେ ଏବେଠାରୁ ଉପନିର୍ବାଚନକୁ ନେଇ ବିଜେପୁର ଚଳଚଞ୍ଚଳ ହୋଇ ପଡ଼ିଲାଣି । ଦଳୀୟ ରଣନୀତି ପ୍ରସ୍ତୁତିରେ ରାଜନୈତିକ ଦଳଗୁଡ଼ିକ ଲାଗି ପଡ଼ିଲେଣି । ବିଜେଡ଼ି ଉପନିର୍ବାଚନକୁ ଆଖି ଆଗରେ ରଖି ବରଗଡ଼ ଜିଲାର ଦଳୀୟ ନେତାଙ୍କୁ ବିଭିନ୍ନ ପଦପଦବୀରେ ଥଇଥାନ କରିବାଠାରୁ ଆରମ୍ଭ କରି ରଣନୀତି ପ୍ରସ୍ତୁତ ପାଇଁ ସମନ୍ୱୟ କମିଟି ଗଠନ କରିସାରିଲାଣି। ଅନ୍ୟପଟେ ଉପନିର୍ବାଚନକୁ ନେଇ ବିରୋଧୀ କଂଗ୍ରେସ ବହୁ ପୂର୍ବରୁ ପ୍ରାର୍ଥୀ ଚୟନ ପାଇଁ କମିଟି ଗଠନ କରିଛି । ତେବେ ଭାଜପାରେ ସେଭଳି ତତ୍ପରତା ସାମ୍ନାକୁ ଆସି ନ ଥିଲେ ମଧ୍ୟ ନିର୍ବାଚନୀ କସରତରେ ଅନ୍ୟମାନଙ୍କଠାରୁ ପଛରେ ପଡ଼ିନାହିଁ । ଏଭଳି ସ୍ଥିତିରେ ବର୍ତ୍ତମାନ ତିନି ପ୍ରମୁଖ ଦଳ ମଧ୍ୟରେ ଉପନିର୍ବାଚନ ମଇଦାନକୁ ଛାଡ଼ିବା ପାଇଁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ଖଟିଠାରୁ ଆରମ୍ଭ କରି ସୋସିଆଲ ମିଡ଼ିଆରେ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କ ନାମ ଘୂରି ବୁଲୁଛି । ମାତ୍ର ଏପର୍ଯ୍ୟନ୍ତ କୌଣସି ଦଳ ପ୍ରାର୍ଥୀ ଚୂଡ଼ାନ୍ତ କରି ପାରି ନାହାନ୍ତି । ସବୁଦଳରେ ଅସନ୍ତୋଷ ଲାଗି ରହିଥିବାରୁ ପ୍ରାର୍ଥୀ ଚୂଡ଼ାନ୍ତ କରିବା ସବୁଦଳକୁ ଅଡୁଆ ହୋଇଛି । ଫଳରେ ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ଅବ୍ୟବହିତ ପୂର୍ବରୁ କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ସବୁଦଳ ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ବିଜେଡ଼ିରେ ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ଚାଷୀନେତା କିଶୋର ଦେବତା, ଗୌରହରି ମିଶ୍ର, ଭୀଷ୍ମଦେବ ସରାଫ, ନାରାୟଣ ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପୁଣି ବିଜେପୁର ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି କେତେକ ସ୍ଥାନରେ ଆଲୋଚନା ହେଉଛି । ସେହିପରି ଭାଜପାରେ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ସନତ ଗଡ଼ତିଆ, ସୁରେଶ୍ୱର ଶତପଥୀ, ଡା. ଅରୂପାନନ୍ଦ ସାହୁ, ହଳପାଣି ମାଝି, ଗୋବର୍ଦ୍ଧନ ଭୋଇ, ଜିଲା ପରଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ଏଥର ସୁଯୋଗ ଦେବ ନା ନାହିଁ, ତାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଅପରପକ୍ଷେ ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ବିକଳ୍ପ ପାଉ ନ ଥିବା କଂଗ୍ରେସକୁ ପ୍ରାର୍ଥୀ ଚିନ୍ତା ଅଧିକ ଘାରିଛି । ୨୦୧୮ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଣୟ ସାହୁ ଇତିମଧ୍ୟରେ ଦଳ ଛାଡ଼ି ବିଜେଡ଼ିରେ ମିଶିଥିବାବେଳେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିଲେ । ଫଳରେ ଏଥର କଂଗ୍ରେସ ହାଇକମାଣ୍ଡ ରିପୁଙ୍କ ଉପରେ ଭରସା ରଖିବ ନା ନୂଆ ମୁହଁକୁ ମଇଦାନକୁ ଛାଡ଼ିବ, ତାହା ବର୍ତ୍ତମାନ ରୋଚକ ସ୍ଥିତିରେ ରହିଛି ।

### ଏମାନେ କୁହନ୍ତି...



" ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ସହିତ ସେ ରହିବେ ବୋଲି ପ୍ରତିଶ୍ରୁତି ଦେଇ ଗତ ସାଧାରଣ ନିର୍ବାଚନରେ ଏଠାକାର ପ୍ରାର୍ଥୀ ହୋଇଥିଲେ । ବିଜେପୁରବାସୀ ଆସ୍ଥା ପ୍ରକଟ କରି ତାଙ୍କ ସପକ୍ଷରେ ଭୋଟ୍ ଦେଇ ଜିତାଇଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ସେ ବିଜେପୁର ଆସନ ଛାଡ଼ିଦେଲେ। ଏଭଳି ଧୋକାବାଜିର ଜବାବ ଦେବାକୁ ବିଜେପୁରବାସୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଆସନ୍ତା ଉପନିର୍ବାଚନରେ ତାହା ନିଶ୍ଚୟ ପ୍ରତିଫଳିତ ହେବ । ଦଳୀୟ ହାଇକମାଣ୍ଡ ଠିକଣା ସମୟରେ ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ । ଏଠାରେ ଏଥର ଭାଜପା ହିଁ ବାଜିମାତ୍ କରିବ ।

-**ସୁରେଶ୍ୱର ଶତପଥୀ**, ଭାଜପା ନେତା



" ବିଜେଡ଼ି ଓ ଭାଜପା ମିଶି ଯାଇଛନ୍ତି । ଏହା ଆଉ କାହାକୁ ଅଜଣା, ଅଛପା ନାହିଁ । ବିଜେପୁରବାସୀ ମଧ୍ୟ ଏହାକୁ ଭଲ ଭାବେ ଜାଣି ସାରିଛନ୍ତି । ରାଜ୍ୟର ବିକାଶରେ ବିଫଳ ହେବା ସହିତ ବିଜେଡ଼ି ବିଜେପୁରବାସୀଙ୍କୁ ଧୋକା ଦେଇଛି । ସେହିପରି ପିଆଜ, ପେଟ୍ରୋଲଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ଦରଦାମ ଯଥେଷ୍ଟ ମାତ୍ରାରେ ବଢ଼ି ଚାଲିଥିବାବେଳେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି । କଂଗ୍ରେସ ଉପଯୁକ୍ତ ପ୍ରାର୍ଥୀ ଦେବ ଏବଂ ସମସ୍ତେ ଏକଜୁଟ୍ ହୋଇ ଉପନିର୍ବାଚନ ଲଢ଼ିବୁ। ବିଜେପୁରବାସୀ ପୁଣି କଂଗ୍ରେସକୁ ସୁଯୋଗ ଦେବେ ବୋଲି ଆଶା ରହିଛି।

-ଯୁଗଳ ପ୍ରସାଦ ସିଂ, କଂଗ୍ରେସ ନେତା



" ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ନେତୃତ୍ୱ ଯୋଗୁ ଆସନ୍ତା ଉପନିର୍ବାଚନରେ ମଧ୍ୟ ବିଜେଡ଼ି ରେକର୍ଡ଼ସଂଖ୍ୟକ ଭୋଟ୍‌ରେ ଜିତିବ । ଉପନିର୍ବାଚନ ଲଢ଼ିବା ପାଇଁ ଏକ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି । ଦଳ ମଧ୍ୟରେ କୌଣସି ଅସନ୍ତୋଷ ନାହିଁ । ସମସ୍ତ ଦଳୀୟ କର୍ମୀ ଏକଜୁଟ୍ ହୋଇ ରହିଛୁ ଏବଂ ସଙ୍ଗଠିତ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଲଢ଼ିବୁ । ବିଜେପୁରବାସୀ ବିଜେଡ଼ି ପ୍ରତି ଆସ୍ଥା ପ୍ରକଟ କରି ସାରିଛନ୍ତି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଦୃଢ଼ ଆଶାବାଦୀ ଅଛୁ ।

-ଗୌରହରି ମିଶ୍ର, ବିଜେଡ଼ି ନେତା

# ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ



ମୁରାସୁର ଭୂମିକା ପାଇଁ କଳାକାର ବରଣ କରାଯାଉଛି ।

ପଦ୍ମପୁର, ୧୯।୯ (ଡି.ଏନ.ଏ)

ପଦ୍ମପୁର ନିକଟ ମହୁଲମାଲି ଗ୍ରାମରେ ଆସନ୍ତା ଅକ୍ଟୋବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ । ଏଥିରେ ମୁରାସୁର ଦରବାର ଆୟୋଜିତ ହେବ । ମୁରାସୁର ଭୂମିକାରେ ଅଭିନୟ ପାଇଁ ଗୁରୁବାର ବାନ୍ଦୁପାଲି ଗ୍ରାମର ବିଶିଷ୍ଟ ମଞ୍ଚ କଳାକାର ପ୍ରହଲ୍ଲାଦ ସାହୁଙ୍କୁ ବରଣ କରାଯାଇଛି । ପୂଜା କମିଟି ସଦସ୍ୟମାନେ ତାଙ୍କ ବାନ୍ଦୁପାଲି ସ୍ଥିତ ବାସଭବନକୁ ଯାଇ ଶ୍ରୀଫଳ, ଚନ୍ଦନ, ତିଳକ, ଫୁଲମାଲ ଏବଂ ଉତ୍ତରୀୟ ଦେଇ ବରଣ କରିଥିଲେ । ଏଥିରେ କମିଟି ସଭାପତି ବଲ୍ଲଭ ସାହୁ, କୋଷାଧ୍ୟକ୍ଷ କୁଶ ସାହୁ, ଠାକୁର ସାହୁ, ଡୋଲାମଣି ସାହୁ, କବିରାଜ ବେହେରା, ଉଦ୍ଧବ ସାହୁ, ମୁଲି ମହାପାତ୍ର, ହରିଶ୍ଚନ୍ଦ୍ର ଧରୁଆ, ଚିତ୍ରସେନ ସାହୁ, ଗୌରହରି ସାହୁ, ପୁରୁଷୋତ୍ତମ ସାହୁ, ସୁନୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧରେ ବାଇକ ଚୋରି ରାକେଟ ସକ୍ରିୟ

**ବୌଦ୍ଧ,୧୯।୯(ସ୍ୱ.ପ୍ର)**

ଦୀର୍ଘଦିନର ନିରବତା ପରେ ବୌଦ୍ଧ ସହରରେ ପୁଣି ଥରେ ବାଇକ୍ ଚୋରି ରାକେଟ ସକ୍ରିୟ ହୋଇଛନ୍ତି । ସହରର ବିଭିନ୍ନ ସ୍ଥାନରୁ ୬ଟି ବାଇକ୍ ଚୋ ହୋଇସାରିଥିବାବେଳେ ଏଯାଏ ଗୋଟେ ହେଲେ ଉଦ୍ଧାର ହୋଇପାରିନାହିଁ । ଦୈନିକ ବଜାର, ବ୍ୟାଙ୍କ, ମେଡିକାଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରୁ ଏହି ବାଇକ୍ ଗୁଡିକ ଚୋରି ହୋଇଥିବା ଜଣାଯାଇଛି। ଚୋରମାନେ ବାଇକ୍‌ର ଲକ ଭାଙ୍ଗି ଚୋରି କରୁଥିବାବେଳେ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ସହରର ଏକ ବାଇକ୍ ଚୋର ରାକେଟକୁ ଧରିବାରେ ପୋଲିସ ସଫଳ ହୋଇଥିଲା। ଏହାର ଚେର ଅନଗୋଳ, ସମ୍ବଲପୁର ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଥିଲା। ବର୍ତ୍ତମାନ ପୁଣିଥରେ ସମ୍ପୃକ୍ତ ରାକେଟ ସକ୍ରିୟ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ବାଇକ ଚୋରି ନେଇ ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ ।

# ମୋ ସ୍କୁଲ ଅଭିଯାନ ସମୀକ୍ଷା, ପରିଚାଳନା ଶିବିର

**ବରଗଡ଼ ଅଫିସ୍,୧୯।୯**

ବରଗଡ଼ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସମୀକ୍ଷା ଓ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ବଢ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ହୋତା ଯୋଗଦେଇ ବରଗଡ଼ ବ୍ଲକର ବିଭିନ୍ନ ସ୍କୁଲରେ ଚାଲିଥିବା ମୋ ସ୍କୁଲ ଅଭିଯାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ଶିକ୍ଷା ବିଭାଗ ତରଫରୁ ଭାର୍ଗବ ନାଏକ ମୋ ସ୍କୁଲ ଅଭିଯାନର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ଜର୍ଜ ହାଇସ୍କୁଲର ବରିଷ୍ଠ ଶିକ୍ଷକ ବିରେନ୍ଦ୍ର କୁମାର ଦାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପସ୍ଥିତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅଭିଯାନ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲା ଶିକ୍ଷା ବିଭାଗର ମୁଖ୍ୟ କିରାଣୀ ଭୀମସେନ ନାଏକ ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ପାଣ୍ଠି ଓ ସ୍କୁଲର ନିଜସ୍ୱ ପାଣ୍ଠି ବିନିଯୋଗ ଉପରେ ସୂଚନା ପ୍ରଦାନ କରିଥିଲେ ।



ଶିବିରରେ ଉପସ୍ଥିତ ଶିକ୍ଷା ଅଧିକାରୀବୃନ୍ଦ ।

### କଳାହାଣ୍ଡି ୱେବ ମିଡିଆ ସଂଘର ଜିଲାସ୍ତରୀୟ ବୈଠକ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ କଳାହାଣ୍ଡି ୱେବ ମିଡିଆ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ଆଦିତ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ୱେବ ମିଡିଆମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା, ସୁରକ୍ଷା ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଠିକ୍ ଭାବେ ଉପସ୍ଥାପନା କରି ସରକାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉପରେ ଆଲୋଚନା କରାଯାଇଥିଲା । ପରେ ୱେବ ମିଡିଆର ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ତୁଳମଣି ନାଗ, ଉପସଭାପତି ତୁଳସୀରା ଛତ୍ରିଆ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପାତ୍ର, ସହ ସମ୍ପାଦକ ବିକାଶ ନାଏକ ଓ ସୋଭିତ ଗାନ୍ଧୀ, କୋଷାଧ୍ୟକ୍ଷ ମଧୁସୂଦନ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ସଭାରେ ରାକେଶ ବେମାଲ, ନିକୁଞ୍ଜ ବିହାରୀ ଚଲାନ, ଦୁଷ୍ମନ୍ତ ନାଏକ, ଡି. ମାଝି, ଗୟାରାମ ପୂଝାରୀ, ଦେବେନ୍ଦ୍ର ସାଗର, କୁନୁ ଦୁର୍ଗା, ରଜନୀ ଆଚର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମେଲଛାମୁଣ୍ଡା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଘେଁସ,୧୯।୯(ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡା ମହାବିଦ୍ୟାଳୟରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ମେଲଛାମୁଣ୍ଡା ସରପଞ୍ଚ ସୁନୀତା ବରିହା, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ବରିହା, ଅଧ୍ୟାପକ ମିନକେତନ ବିଶ୍ୱାଳ, ଡଃ ସରୋଜ ଦାଶ, ଶୁଶାନ୍ତ ନାୟକ, ମହେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଥମ କରି ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପାଦ ଦେଇଥିବା ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷ ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସଙ୍ଗୀତ, ନୃତ୍ୟ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନୀଳ କୁମାର ଜୈନ, ସୁବାଷ ଚନ୍ଦ୍ର ପ୍ରଧାନ, ରଘୁମଣି ମହାନନ୍ଦ, ହୃଷିକେଶ ସାହୁ, ସବିତା ସେଠ, ସଂଯୁକ୍ତା କାଣ୍ଡ, ତ୍ରିନାଥ କାଣ୍ଡ, ଉପେନ୍ଦ୍ର ଜାଲ ପ୍ରମୁଖ ସହଯୋଗ କରିଥିଲେ ।

## ନାବାଳିକ୍ ଝିଅ'ର ଉପରେ ପରିବାର ବୋଝ୍

# ସରକାରୀ ସାହାଯ୍ ଲାଗି ଜିଲାପାଳଙ୍କୁ ଗୁହାରି

**ବୌଦ୍ଧ, ୧୯।୯ ( ସ୍ୱ.ପ୍ର.)**

ବୌଦ୍ଧ ଜିଲା ସଦର ବ୍ଲକ ବହିରା ପଁଚେତ୍ ଅଧୀନ ବଡ଼ଝାରକଟା ଗାଁର ସ୍ୱପ୍ନ ରଣା(୫୫)କଁର ସାନ ଝିଅ' ସାବିତ୍ରୀ ରଣା(୧୭)। ଏହେଦ୍‌କା ସେ ବାଉଁଶୁଣୀ ମା' ମାହେଶ୍ୱରୀ କଲେଜରେ ଯୁକ୍ତ ୨ ପଢୁଛନ୍। ହେଲେ ଘରର ପରିସ୍ଥିତି ଆର ଅଭାବ ଅନାଟନ ଲାଗି ଏହେଦେ ତାକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଛେ।

ସୂଚନା ଅନ୍‌ସାରେ ବଡ଼ଝାରକଟା ଗାଁର ସ୍ୱପ୍ନ ରଣାକଁର ପରିବାର କହେଲେ ମାଏକିନା ଅଞ୍ଜନା ଆର ଦୁଇ ଝିଅ'କେ ନେଇ ସଁସାର। ସ୍ୱପ୍ନ ଝନେ ନିହାତି ଗରିବ୍ ଲୋକ୍ କୁଲିମଜୁରି କରି କୁଟୁମ ପୁଷୁଥିଲେ। ପରିବାରରରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ଏନ୍‌ତାଥି ସେ ନିଜର ଜମିବାଡ଼ି ବିକି ବଡ଼ ଝିଅ'କେ ବିହାଚୁରା କରିଥିଲାବେଲେ ପାଖାପାଖି ବଛରେ ତଲେ ମାଏକିନା ଅଞ୍ଜନା ଆରପାରକେ ଚାଲିଯାଇଛନ୍। ଇଆଡ଼େ କେହେନ୍‌ସି କାରନ୍‌ରୁ ସ୍ୱପ୍ନକଁର ଦୁଇ ଆଁଖି ଠିକ୍‌ସେ ନାଇଁ ଦିଶ୍‌ବାର। ପରିବାର ଲୋକ୍ ଆସର ପାସର ଡାକ୍‌ତରଖାନାରେ ଦେଖେଇ ନିରାଶ ହେଇଛନ୍। ଉଚ ଚିକିଛା ଅଭାବୁ ଏହେଦେ ସ୍ୱପ୍ନ ଘରେ ଅକରମା ହେଇ ବସିରହିଛନ୍। ସ୍ୱପ୍ନ ଘରର ଝନେ ବଲି ରୁଜଗାରିଆ ଲୋକ୍ ଥିଲେ। ତାକର କମାନିରେ ପରିବାର ଚଲବାର ସଂଗେ ଝିଅ'ର ପାଠ୍‌ପଢ଼ା ହେଉଥିଲା। ଏନ୍‌ତାଥି ପରିବାରର ସବୁବୋଝ୍ ସାନ ଝିଅ' ସାବିତ୍ରୀ ଉପରେ ରହିଛେ। ସାବିତ୍ରୀ ଅଁଧ୍ ବାପ୍‌ର ସେବାୟତନ, ରଁଧାବଢ଼ାରେ ବାଇ ରହୁଛନ୍। ବାପ୍‌କେ ଛାଡ଼ି ସେ ଘରୁ କାହିଁ ଯାଇ ନାଇଁପାରବାର। ଅଭାବ ଅନାଟନକେ ପରିବାରର ବୋଝ୍ ଲାଗି ସାବିତ୍ରୀର ପାଠ୍‌ପଢ଼ାରେ ଗୁଟେ ପରକାର ଗଏଁଠ୍ ପଡ଼ିଛେ। ସେ ଝନେ ମେଧାବୀ ଛାତ୍ରୀ, ପାଠ୍ ପଢ଼ି ସରକାରୀ ଚାକରି କରବାର ଆଶ୍ ରଖିଥିଲେ। ହେଲେ ଏହେଦେ ପରିସ୍ଥିତି ସବୁ ଉଲଟପାଲଟ କରିଦେଇଛେ। ଅଁଧ୍ ବାପ୍‌ର ଚିକିଛା ଆର ନିଜର ପାଠ୍‌ପଢ଼ା ସାହାଯ୍ ଲାଗି ସାବିତ୍ରୀ ବୌଦ୍ଧ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍।



ଅସାହା ବାପ୍ ସଂଗେ ସାବିତ୍ରୀ।

# ବୌଦ୍ଧ ପଞ୍ଚାୟତ କଲେଜ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ




ବୌଦ୍ଧ ପଞ୍ଚାୟତ କଲେଜ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ବୌଦ୍ଧ,୧୯।୯(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପରିସଂଖ୍ୟାନ ବିଭାଗ ମୁଖ୍ୟ ଡଃ. ବୀରନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ପ୍ରବୀର କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଉପରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ, ପଲିଥିନ ଓ ଥରେ ବ୍ୟବହାର ହୋଇ ଫିଙ୍ଗା ଯାଉଥିବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଅଧ୍ୟାପକ ପ୍ରଭାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିଥିଲେ । ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଅମ୍ରିତା ମହାପାତ୍ର ବକ୍ତା ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ସାରା ବିଶ୍ୱରେ କିପରି ବ୍ୟାପକ କ୍ଷତି ହେଉଛି ସେ ନେଇ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଆଚରଣରେ ପରିବର୍ତ୍ତନ ସହ ପ୍ଲାଷ୍ଟିକର ଉତ୍ସକୁ ବନ୍ଦ କରିବାକୁ ପଡିବ ବୋଲି ପ୍ରକାଶ କରିଥିଲେ । ବୌଦ୍ଧ ଏନଏସିର କର୍ମଚାରୀ ବିରେନ୍ଦ୍ର କୁମାର ବେହେରା ଯୋଗଦେଇ ସମାଜକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ଆବର୍ଜନାର ସଠିକ୍ ପରିଚାଳନା ଉପରେ ଗୁରତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ମୁକ୍ତ ସମାଜ ପାଇଁ ଶପଥ ପାଠ କରିବା ସହିତ ମହାବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ ଏବଂ ପ୍ଲାଷ୍ଟିକ ମୁକ୍ତ ସହର ପାଇଁ ଯୁବ ରେଡକ୍ରସ ତରଫରୁ ପ୍ରସ୍ତୁତ ପ୍ରଚାରପତ୍ରକୁ ବିଭିନ୍ନ ସାହି ବୁଲି ବଣ୍ଟନ କରିଥିଲେ ।

## ସଂକ୍ଷେପରେ

### ୧କୁଇଣ୍ଟାଲ ଗଞ୍ଜେଇ ଜବତ: ୩ ଗିରଫ

ମାଲକାନଗିରି,୧୯।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କେନାଲ ନିକଟରେ ଗୁରୁବାର ଜିଲା ଅବକାରୀ ବିଭାଗ ଚଢ଼ାଉ କରି ୧୧୮ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ ସାହାଣି, ଦୟାଶଙ୍କର ସିଂ ଓ ତାରୟନ ଦାସ। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ ଟାଟା ସୁମୋ ଏବଂ ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୫ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଖବରରୁ ଜଣାପଡିଛି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏହି ଚଢାଉ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ ନେତୃତ୍ୱ ନେଇଥିଲେ। ଏକ ଟାଟା ସୁମୋରେ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ କର୍ମଚାରୀମାନେ କେନାଲ ନିକଟରେ ଜଗି ରହିଥିଲେ। ଏହି ଗାଡି ଆସିବାରୁ ତାକୁ ଅଟକାଇ ଯାଞ୍ଚ କରିଥିଲେ।

### 'ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଯିବ'

ଭୁବନେଶ୍ୱର,୧୯।୯(ବ୍ୟୁରୋ): ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଇବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ନୂଆଦିଲ୍ଲୀଠାରେ ଗୁରୁବାର ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ଜିଙ୍କ୍ ଗାଲଭାନାଇଜିଂ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା କେବଳ ଗୋଟିଏ ସ୍ଲୋଗାନ ନୁହେଁ ,ଏହି ଲକ୍ଷ୍ୟକୁ ବାସ୍ତବରେ ପୂରଣ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି । ଇସ୍ପାତ ଶିଳ୍ପଗୁଡିକୁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିର ଗୁରୁତ୍ୱକୁ ବୁଝି ଭାରତକୁ ବିଶ୍ୱ ଶକ୍ତି ହେବା ଦିଗରେ ଆଗକୁ ଅଗ୍ରସର କରାଇବା ପାଇଁ ନିଜର ରଣନୀତି ମଧ ନିର୍ଣ୍ଣୟ କରିବାକୁ ହେବ। ଭାରତରେ କଞ୍ଚାମାଲର ଉପଲବ୍ଧତା, ମାନବସମ୍ବଳ ଶକ୍ତି, ବିଶାଳ ସମୁଦ୍ରତଟ ଏବଂ ଏକ ବୃହତ୍ ବଜାର ଆଶୀର୍ବାଦ ସ୍ୱରୂପ ପ୍ରାପ୍ତ ହୋଇଛି । ଦୁନିଆର ସର୍ବଶ୍ରେଷ୍ଠ ବେଞ୍ଚମାର୍କ ପ୍ରତିଷ୍ଠା ପାଇଁ ଭାରତ ପାଖରେ ସବୁ ଯୋଗ୍ୟତା ଅଛି। ସାଧାରଣ ଲୋକଙ୍କ ଜୀବନଶୈଳୀ ସହ ଇସ୍ପାତ୍ ଶିଳ୍ପକୁ ଜଡିତ ହେବାର ଆବଶ୍ୟକତା ରହିଛି। ଏ ଦିଗରେ ଗାଲଭାନାଇଜଡ୍ ଇସ୍ପାତ୍ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ । ଏହି ସମ୍ମିଳନୀ ଇସ୍ପାତ ଶିଳ୍ପ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଏକ ଲମ୍ବା ରାସ୍ତା ତିଆରି କରିବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି ।

# ଭୁବନେଶ୍ୱର ରେଳ ଷ୍ଟେସନ ହେବ ମଲ୍ଟି ମୋଡାଲ ହବ୍

- ରାଜ୍ୟ ସରକାର ଓ ରେଲ୍‌ୱେ ମଧରେ ବୁଝାମଣା ସ୍ୱାକ୍ଷରିତ
- ଦେଶର ବ୍ୟବସାୟିକ ଜିଲା ପାଇଁ ବାଟ ଫିଟିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଶା ବିକାଶର ମାଇଲ୍ ଖୁଣ୍ଟ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୯।୯(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂରେ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀଠାରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନକୁ ମଲ୍ଟି ମୋଡ଼ାଲ ହବ୍‌ରେ ବିକଶିତ କରାଯିବ। ଏନେଇ ଗୁରୁବାର ନୂଆଦିଲ୍ଲୀର ଉଦ୍ୟୋଗ ଭବନରେ ରେଲ୍‌ୱେ ଓ ଓଡ଼ିଶା ସରକାରଙ୍କ ମଧରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳ ପ୍ରବନ୍ଧକ ଶଶିକାନ୍ତ ସିଂହ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ବିଡିଏ ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଷ୍ଟେଶନର ନୂତନ ଟର୍ମିନାଲ ବିଲ୍ଡିଂ, ସିଟି ବସ୍ ଟର୍ମିନାଲ, ପବ୍ଲିକ କାର୍ ପାର୍କିଂ, ଅଟୋ ଓ ଟ୍ୟାକ୍ସିର ଭିନ୍ନ ଭିନ୍ନ ପାର୍କିଂ, ଭୂତଳ ରାସ୍ତା ଓ ଅନ୍ୟାନ୍ୟ ସେବା ଉପଯୋଗୀ ବ୍ୟବସ୍ଥା ସହ ପ୍ଲାଟଫର୍ମ ଉପର ଦେଇ ଉଭୟ ପାର୍ଶ୍ୱକୁ ସଂଯୋଗ କନ୍‌କୋର୍ସ ନିର୍ମାଣ କରାଯିବ। ଉଭୟ ରେଲ୍‌ୱେ ଓ ରାଜ୍ୟ ସରକାରଙ୍କ ଜମିରେ ନୂଆ ଷ୍ଟେଶନ ବିଲ୍ଡିଂ ସହ ଦୁଇ ଲାଇନ୍ ପ୍ଲାଟଫର୍ମ ନିର୍ମାଣ ହେବ। ପ୍ରସ୍ତାବିତ ୬ ମହଲା ବିଶିଷ୍ଟ ଷ୍ଟେଶନ ବିଲ୍ଡିଂରେ ପ୍ରଥମ ୩ ମହଲା ରେଲ୍‌ୱେ ଓ ଉପର ୩ ମହଲା ବିଡିଏ ବ୍ୟବହାର କରିବ।

ପ୍ରସ୍ତାବିତ ଷ୍ଟେଶନର ବିକଶିତ ଅଞ୍ଚଳ ମଧରେ ଥିଏଟର ପ୍ଲାଜା, ଆର୍ଟ ପ୍ଲାଜା, ଶିଶୁ ପ୍ଲାଜା ଓ ଫୁଡ୍‌କୋର୍ଟର ବ୍ୟବସ୍ଥା ରହିବ। ଏଥିସହ ଗହଳି କମାଇବା ଲାଗି ବସ୍, ଅଟୋ ରିକ୍ସା, ଟ୍ୟାକ୍ସି, ଦୁଇ ଚକିଆ ଯାନ ପାଇଁ ଅଲଗା ସ୍ଥାନ ରହିବ। ସେହିଭଳି ସାଇକେଲ ଆରୋହୀ ଓ ପଥଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ଯାତାୟାତ ପଥ ନିର୍ମାଣ କରାଯିବ। ଷ୍ଟେଶନ ଭିତରକୁ ପଶିବା ଲାଗି ଭୂତଳ ରାସ୍ତା ଓ ବାହାରିବା ଲାଗି ଉପର ମହଲାଦେଇ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ରେଳ ମନ୍ତ୍ରଣାଳୟ ଓ ପୂର୍ବତଟ ରେଳପଥକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଐତିହାସିକ ମୁହୂର୍ତ୍ତ। ଭୁବନେଶ୍ୱର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ଷ୍ଟେଶନରେ ପରିଣତ ହେବାକୁ ଯାଉଛି। ଭୁବନେଶ୍ୱର ପାଇଁ ଏହା ପ୍ରଥମ ଟ୍ରାଞ୍ଜିଟ ଅଭିମୁଖୀ ଉନ୍ନୟନ ପ୍ରକଳ୍ପ। ଏହା ଭବିଷ୍ୟତରେ ଭୁବନେଶ୍ୱରକୁ ଦେଶର ଏକ ବ୍ୟବସାୟିକ ଜିଲାରେ ପରିଣତ କରିବାକୁ ବାଟ ଫିଟାଇବ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ ହେବାକୁ ଯାଉଛି ବୋଲି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଓଡ଼ିଶା ବିକାଶର ଏହା ମାଇଲଖୁଣ୍ଟ ହେବ। ଷ୍ଟେଶନର ଉନ୍ନତି ହେଲେ ରାଜ୍ୟକୁ ଏକ ନୂଆ ପରିଚୟ ମିଳିବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି କାର୍ଯ୍ୟ ସିଙ୍ଗାପୁରର ସୁର୍ବର୍ଣ୍ଣା ଜୁରଙ୍ଗ ସଂସ୍ଥାକୁ ଦିଆଯାଇଥିବାରୁ ବିଡିଏକୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

# ନନ୍ଦନକାନନରେ ହାତୀ ମଡ଼କ: ଆଖି ବୁଜିଲା କମଳା

ବାରଙ୍ଗ,୧୯।୯(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ସନ୍ଧ୍ୟାରେ ୭ବର୍ଷର ମାଈ ହାତୀ କମଳାର ମୃତ୍ୟୁ ଘଟିଛି। ହର୍ପିସ ଭୂତାଣୁଜନିତ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ କମଳାର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଏହି ଭୂତାଣୁ ଜନିତ ରୋଗରେ ପୂର୍ବରୁ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଥାଉ କି, ନନ୍ଦନକାନନରେ ଅଗଷ୍ଟ ୨୬ତାରିଖରେ ହାତୀ ଜୁଲିର ମୃତ୍ୟୁ ଘଟିଥିଲା। ଏହାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଭୂତାଣୁ ଯୋଗୁ ଜୁଲିର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାର ୧୯ଦିନ ପରେ ଅନ୍ୟ ଏକ ହାତୀ ଚନ୍ଦନର ମୃତ୍ୟୁ ଘଟିଥିଲା। ଏହାପରେ ନନ୍ଦନକାନନରେ ଏହି ଭୂତାଣୁକୁ ନେଇ ଆତଙ୍କ ଦେଖାଦେଇଥିଲା। ଏଥିଯୋଗୁ ହାତୀଶାଳାରେ ଥିବା ମାଈ ହାତୀ କମଳା ଓ ଗୌରୀକୁ ଅଲଗା କରି ଗତ ୧୬ତାରିଖରେ କଟେଜ ପରିସରରେ ରଖାଯାଇଥିଲା। ୧୭ତାରିଖରେ ଏହି ହାତୀଦ୍ୱୟଙ୍କ ଖାଇବା କମିବା ଦେଖିବାକୁ ମିଳିଥିଲା। ନୂଆ ଜାଗାରେ ଖାପଖୁଆଇ ପାରୁ ନ ଥିବାରୁ ଏଭଳି ହେଉଛି ବୋଲି ଡାକ୍ତରମାନେ ଅନୁମାନ କରିଥିଲେ। ତେବେ ୧୮ତାରିଖରେ କମଳାର ଖାଇବା କମିବା ସହ ସେ ଘୁମାଇବା ଆରମ୍ଭ କରିଥିଲା। ଗୁରୁବାର ସକାଳେ ତା'ର ମୁହଁ ଫୁଲିଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ଏକ ଡାକ୍ତରୀ ଟିମ ବହୁ ସମୟ ଧରି ତା'ର ଚିକିତ୍ସା କରିଥିଲେ ମଧ ତାକୁ ବଞ୍ଚାଇ ପାରି ନ ଥିଲେ। କୋରାପୁଟ ଜିଲାର ନାରାୟଣପାଟଣା ଜଙ୍ଗଲରୁ ଉଦ୍ଧାର ହୋଇ ଚିକିତ୍ସା ପାଇଁ ଓୟୁଏଟିରେ ଭର୍ତ୍ତି ହୋଇଥିବା କମଳାର ବୟସ ୩ ମାସ ୨୬ଦିନ ହୋଇଥିବାବେଳେ ୨୦୧୩ ନଭେମ୍ବର ୨୨ରେ ତାକୁ ନନ୍ଦନକାନନକୁ ଅଣାଯାଇଥିଲା। କମଳାର ମୃତ୍ୟୁ ପରେ କଟେଜରେ ଗୌରୀ ଏକୁଟିଆ ରହିଛି। ହର୍ପିସ ଭୂତାଣୁଜନିତ ରୋଗ ପାଇଁ ଔଷଧ ନ ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇ ଚିକିତ୍ସା ଜାରି ରହିଥିଲେ ମଧ କମଳାର ମୃତ୍ୟୁ ଘଟିଥାନ୍ତା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଦାସ କହିଛନ୍ତି। କମଳାର ମୃତ୍ୟୁ ପରେ ନନ୍ଦନକାନନରେ ହାତୀସଂଖ୍ୟା ୫କୁ ଖସିଆସିଛି। ହାତୀଶାଳାରେ ପ୍ରେମା, ବାସନ୍ତୀ, ହୀରା ରହୁଥିବା ବେଳେ ଛୋଟ ହାତୀ ମାମା ଡାକ୍ତରଖାନା ପାଖରେ ଏବଂ ଗୌରୀ କଟେଜ ପରିସରରେ ରହୁଛି।


ମୃତ ମାଈ ହାତୀ କମଳା

# ବିଦ୍ୟୁତ୍ ଆଘାତରେ ମା',ପୁଅ ମୃତ

ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାକୁଟଗାଁରେ ଗୁରୁବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ମା' ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ମା' ସଜନୀ ନାହାକ (୫୫) ଓ ପୁଅ ନାରାୟଣ (୩୦)।

ପ୍ରକାଶ ଯେ, ନାରାୟଣ ଅପରାହ୍ନ ପ୍ରାୟ ୩ଟାବେଳେ ଘରେ ବିଦ୍ୟୁତ୍ ତାର ସଜାଡୁଥିବାବେଳେ କୌଣସି କାରଣରୁ ଏହାର ସଂସ୍ପର୍ଶରେ ଆସି ଯାଇଥିଲେ। ତାରରେ ଲାଗି ଛଟପଟ ହେଉଥିବା ଦେଖି ମା' ସଜନୀ ଉଦ୍ଧାର କରିବାକୁ ଯାଇ ନାରାୟଣଙ୍କୁ ଧରି ପକାଇଥିଲେ। ଫଳରେ ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ନାରାୟଣଙ୍କ ସ୍ତ୍ରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ପାଖ ଲୋକଙ୍କୁ ଡାକିଥିଲେ। ପରେ ମା' ଓ ପୁଅଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ପ୍ରଦୀପ ଗନ୍ତାୟତ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନଂ.୨/୧୯ ଓ ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ତଦନ୍ତ ଚଳାଇଛନ୍ତି। ସାମାନ୍ୟ ଅସାବଧାନତାରୁ ମା' ପୁଅଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ଚନ୍ଦ୍ରମାଙ୍କ ଖେଳକୂଦ ନିଶା



ଦିନକର କାହାଣୀ

ନାଁ ତାଙ୍କର ଚନ୍ଦ୍ରମା ରାମ(୫୫)। ଘର ଫର୍ଟିଲାଇଜର ଟାଉନଶିପ ନିକଟ ଇନ୍ଦିରାପାଲିରେ। ବୃତ୍ତି ଜୋତା ସିଲେଇ। ଏହି କୌଳିକ କାମରେ ୩୦ ବର୍ଷ ବିତିଲାଣି। ମୋଚି ହିସାବରେ ବୃତ୍ତି ପ୍ରତି ତାଙ୍କର ଯେତିକି ଆଗ୍ରହ ରହିଛି ତାଠୁ ଅଧିକ ଖେଳକୁଦ, ଫୁଟବଲ, ବ୍ୟାୟାମ, ଯୋଗ ଆଦି ତାଙ୍କୁ ସାଧାରଣରେ ଜଣେ ଭଲ ମଣିଷ ଭାବେ ପରିଚୟ ଦେଇଛି। ନାତି ନାତୁଣୀ ଦେଖି ସାରିଥିବା ଚନ୍ଦ୍ରମାଙ୍କ ଶୃଙ୍ଖଳିତ ଜୀବନଚର୍ଯ୍ୟା ଅନେକଙ୍କୁ ଚକିତ କରେ। ଗ୍ରୀଷ୍ମ ହେଉ ବା ଜାଡ ଭୋର ୪ଟାରୁ ବିଛଣା ଛାଡନ୍ତି ଚନ୍ଦ୍ରମା। ନିତ୍ୟକର୍ମ ସାରି ବାହାରି ଯାଆନ୍ତି ପ୍ରାତଃ ଭ୍ରମଣରେ। ସାଙ୍ଗରେ ଥାଏ ପ୍ରିୟ ସାଇକେଲ। ତାକୁ ଖେଳ ପଡିଆ ନିକଟରେ ରଖି ୩୦ ମିନିଟ ଚାଲନ୍ତି। କିଛି ସମୟ ବିରତି ପରେ ଆରମ୍ଭ ହୁଏ ସାଇକେଲ ଚାଳନା। ଟାଉନଶିପ୍ ସାରା ଚକ୍କର କାଟନ୍ତି। ତାଙ୍କ ଯୁବ ସୁଲଭ ଗୁଣ ଅନ୍ୟମାନଙ୍କୁ ଆକର୍ଷଣ କରେ। ସାଇକେଲ ଚଳାଇବାର ଅଧ ଘଣ୍ଟା ପରେ ବାହାରି ଯାଆନ୍ତି ନିକଟରେ ରହିଥିବା ଷ୍ଟାଡିୟମକୁ। ସେଠି ପିଲାଙ୍କ ସାଙ୍ଗରେ ମିଶି ଫୁଟବଲ ଖେଳନ୍ତି। ଖେଳର କୌଶଳ ବି ଶିଖାନ୍ତି। ଆଉ ଯେଉଁମାନେ ପଡିଆରେ ଯୋଗ ପ୍ରଣାୟମ କରନ୍ତି ସେମାନଙ୍କୁ ବି ପରାମର୍ଶ ଦିଅନ୍ତି। ଏହା ହେଉଛି ରାମଙ୍କ ନୀତିଦିନିଆ ରୁଟିନ। ଆଉ ଯଦି କାନରେ ପଡେ କେଉଁଠି ଫୁଟବଲ ପ୍ରତିଯୋଗିତା ଚାଲିଛି ସେ ଦୋକାନ ବନ୍ଦ କରି ଚାଲି ଯାଆନ୍ତି ଖେଳ ଦେଖିବାକୁ। ନାମ ମାତ୍ର ପାରିଶ୍ରମିକ ନେଇ ଖେଳ ଜୋତା, ଫୁଟବଲ ସିଲେଇ କରନ୍ତି ଚନ୍ଦ୍ରମା। ଏଣୁ ତାଙ୍କ ଦୋକାନରେ ସବୁ ବେଳେ ଖେଳାଳିଙ୍କ ଭିଡ ଲାଗିଥାଏ। ତାଙ୍କ ଦୋକାନ ଭିତର ଫୁଟବଲ ଓ ଖେଳ ଜୋତା ଜମା ହୋଇ ରହିଥାଏ। ଏହାକୁ ମରାମତି କରିବାରେ ତାଙ୍କ ଆନନ୍ଦ। କାହାକୁ ନିରାଶ କରନ୍ତିନି ସେ। ଯେତିକି ସମୟ ଦୋକାନ ଖୋଲନ୍ତି ମନ ଦେଇ କାମ କରନ୍ତି। ଚନ୍ଦ୍ରମାଙ୍କ ସବୁ ଠାରୁ ଭଲ ଗୁଣ ହେଲା ସେ ଜଣେ ଆଧ୍ୟାତ୍ମିବାଦୀ ଓ ଜଗନ୍ନାଥ ସଂସ୍କୃତି ପ୍ରେମୀ। କଥା କଥାରେ ତାଙ୍କ ମୁହଁରୁ ବାହାରି ପଡେ ସନ୍ଥ ତୁଳସୀ ଦାସଙ୍କ ଦୋହା ଚୌପାଇ। ଘର ସଉଦା ଭଳି ଅନ୍ୟ ଯେକୌଣସି କାମରୁ ନିଜକୁ ଦୂରେଇ ରଖୁଥିବା ଚନ୍ଦ୍ରମା ଆଜି ବି ଦାନ୍ତ କାଠିରେ ଦାନ୍ତ ଘସନ୍ତି। ପିଲାଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦିଅନ୍ତି। ଦିନଚର୍ଯ୍ୟା ଶୃଙ୍ଖଳିତ କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଅନ୍ତି। ଠିକ ସମୟରେ ଖାଇବାଠୁ ନେଇ ବିଶ୍ରାମ କରିବା ତାଙ୍କ ନିତି ଦିନିଆ ଅଭ୍ୟାସରେ ପରିଣତ ହୋଇଛି। ବ୍ୟବସାୟିକ ଫାଇଦା ଅପେକ୍ଷା ସାମାଜିକ କାର୍ଯ୍ୟରେ ଅଧିକ ଧ୍ୟାନ ଦେଉଥିବା ଚନ୍ଦ୍ରମା କହନ୍ତି ଦିନ ଚର୍ଯ୍ୟା ଠିକ ରହିଲେ ପରିବାର ସମାଜ ଶୃଙ୍ଖଳିତ ହେବ।

–ବସନ୍ତ ଧଳ


## ଓଡ଼ିଶା ଲଳିତ କଳା ଏକାଡ଼େମୀ
## ସଂସ୍କୃତି ଭବନ, ଭୁବନେଶ୍ୱର

### ବିଜ୍ଞପ୍ତି

ଏତଦ୍‌ଦ୍ୱାରା ଓଡ଼ିଶା ଲଳିତ କଳା ଏକାଡ଼େମୀର ବରିଷ୍ଠ ସହକାରୀ ସୁଶାନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି, ଗତ ୧୩.୦୯.୨୦୧୯ ରିଖ ଦୈନିକ ସମାଦ ପତ୍ରରେ ପ୍ରକାଶିତ ବିଜ୍ଞପ୍ତି ପଢି ଶ୍ରୀ ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗ ଗଭୀର ମର୍ମାହତ ଓ ମାନସିକ ଯନ୍ତ୍ରଣା ପାଇଥିବା ବିଷୟରେ ସେ ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ମାନ୍ୟବର ମନ୍ତ୍ରୀ, ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ତଦନ୍ତ ନିମନ୍ତେ ଆବେଦନ କରିଥିଲେ । ତାଙ୍କ ଆବେଦନ ପତ୍ରକୁ ଗ୍ରହଣ କରାଯାଇ ତଦନ୍ତ ପରେ ଜଣାପଡ଼ିଲା ଏକାଡ଼େମୀର ଉପ-ବିଭାଗ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ଠାରୁ ଚିଠିଟିକୁ ନେଇ ନିଜ ପାଖରେ ରଖିଥିଲେ । ଡ଼ାକଯୋଗେ ଯେଉଁ ଚିଠି ପଠାଯାଇଥିଲା ତାହା ଭୁଲ୍ ଠିକଣା ଯୋଗୁଁ ଫେରିଆସିଥିବାରୁ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟରୁ ଉକ୍ତ ପତ୍ର ନଂ ୨୮୯ ତା ୨୧.୦୮.୨୦୧୯ ରିଖ କୁ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି, ଜଣେ ଶୃଙ୍ଖଳିତ କର୍ମଚାରୀ ଭାବରେ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟର ସମସ୍ତ ଚିଠିପତ୍ରକୁ ଗ୍ରହଣ କରିବା ସହିତ ତାହାର ଉତର ମଧ ପ୍ରଦାନ କରିଛନ୍ତି । ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଅବଗତ କରାଯାଇଛି । ଏପରି ବିଜ୍ଞାପନ ପ୍ରକାଶ କରାଯାଇ ଶ୍ରୀ ସ୍ୱାଇଁଙ୍କ ସମ୍ମାନହାନି ହୋଇଥିବାରୁ ଏକାଡ଼େମୀ ପକ୍ଷରୁ ଦୁଃଖ ପ୍ରକାଶ କରାଯାଉଛି ।

ସଚିବ
ଓଡ଼ିଶା ଲଳିତ କଳା ଏକାଡ଼େମୀ



GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE

No. 198-C:

Phone : 9437086137, e-mail-eephbls@gmail.com

NATIONAL COMPETITIVE BIDDING THROUGH e-Procurement (Online Mode)

Invitation for Bids (IFB) dt.18.09.2019

The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs.Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| | | | | | From | To | | |
| 1 | Providing water supply Service Connection to Households of Bhadrak Municipality for Universal water supply coverage. | EEPHBLS-11 dt.18.09.2019 | 247.20 | 03 (Three) calendar month | 11:00 Hrs. of dt.27.09.19 | 17:00 Hrs. of dt.14.10.19 | 17:00 Hrs. Of 10.10.19 | 11:00 Hrs. Of 18.10.19 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Executive Engineer, P.H. Division, Balasore-756056, Odisha, Phone : 9437086137

13053/11/0003/1920

Executive Engineer, P.H. Division, Balasore



FORM NO. 13
Before the Debt Recovery Tribunal, Cuttack
O.A. No. 308 of 2018
Bank of India, Civil Township Branch, Rourkela
............Applicant
Vrs.
1. M/s Maa Tarini Restaurant, At: RCMS Complex, STI Chowk, Rourkela- 769004 .
2. Abhaya Kumar Bhola, Partner, S/O. Shridhar Charan Bhola, Residing at- LCR/411, At/P.O.: Chend, Rourkela, 769015 .
3. Ranjan Singh, Partner, S/o: Rakesh Singh, Residing at B/104, Sector-22, Fertiliser Colony, Rourkela, Dist : Sundergarh-769007
..........Defendants

SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an Application in O.A. No 308 of 2018 in the court of Debt Recovery Tribunal, Cuttack for a recovery of Rs.45,64,431/- (Rupees Forty Five Lakhs Sixty Four Thousand Four Hundred and Thirty One) only with interest calculated upto dt.02.12.17 together with current and future interest, costs and for other reliefs.

The above mentioned defendant(s) are therefore hereby directed to appear before this Tribunal in person or through an Advocate or duly authorized agent, in support of his / their defence to show cause within 30 days from the date of publication or on 07th day of November 2019 at 10.30 a.m [fore noon] as to why relief prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal on this 13th day of September, 2019 .

Sd/-
Registrar
(M.K. Patnaik)
Debt Recovery Tribunal, Cuttack



ଧ୍ୟାନ ଦିଅନ୍ତୁ
ବୈଦ୍ୟୁତିକ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ



କଣ କରିବେ

- ☑ ଛିଣ୍ଡି ପଡିଥିବା ତାର କିମ୍ବା ଝୁଲି ପଡିଥିବା ତାର ବିଷୟରେ ଜାଣିଲେ ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ ବିତରଣ କେନ୍ଦ୍ରକୁ ଖବର ଦିଅନ୍ତୁ ।
- ☑ ବିଦ୍ୟୁତ୍ ଖୁଣ୍ଟ କିମ୍ବା ବିଦ୍ୟୁତ୍ ସରବରାହ ନିମନ୍ତେ ବ୍ୟବହୃତ କୌଣସିବି ଉପକରଣ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ, କାରଣ ଏଥିରେ ବିଦ୍ୟୁତ୍ ପ୍ରବାହ ହେଉଥାଇପାରେ। ସର୍ଭିସ୍ ତାରକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରାନ୍ତୁ ।
- ☑ ଯେ କୌଣସି ବୈଦ୍ୟୁତିକ କାର୍ଯ୍ୟ ସମ୍ପାଦନ କିମ୍ବା ମରାମତି ନିମନ୍ତେ, କେବଳ ଲାଇସେନ୍ସ ପ୍ରାପ୍ତ ବିଦ୍ୟୁତ୍ ସଂସ୍ଥାର ସାହାଯ୍ୟ ନିଅନ୍ତୁ ।
- ☑ ଘରୋଇ ଉପକରଣ ଗୁଡିକରେ ଆର୍ଥିଙ୍ଗ୍ ସଠିକ୍ ଭାବରେ ରଖିଲେ ଅନେକ ବୈଦ୍ୟୁତିକ ଦୁର୍ଘଟଣାରୁ ରକ୍ଷା ପାଇପାରିବେ । ମଝିରେ ମଝିରେ ଏହାର ପରୀକ୍ଷା ନୀରିକ୍ଷା କରାଇବା ଆବଶ୍ୟକ ଅଟେ ।
- ☑ ବିଦ୍ୟୁତ୍ ତାର ତଳେ ବା ନିକଟରେ କୌଣସି ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ସଂପୃକ୍ତ ବିଦ୍ୟୁତ୍ ବିତରଣ ସଂସ୍ଥା ଏବଂ ବିଦ୍ୟୁତ୍ ନିରୀକ୍ଷକଙ୍କ ଆବଶ୍ୟକୀୟ ଅନୁମତି ପ୍ରାପ୍ତ କରିବା ଅନିବାର୍ଯ୍ୟ ଅଟେ ।

କଣ କରିବେ ନାହିଁ

- ☒ ଛିଣ୍ଡି ପଡିଥିବା ତାର କିମ୍ବା ଝୁଲି ପଡିଥିବା ତାରକୁ ଆଦୌ ସ୍ପର୍ଶ କରନ୍ତୁ ନାହିଁ । ସେଥିରେ ବିଦ୍ୟୁତ୍ ପ୍ରବାହ ହେଉଥାଇପାରେ ।
- ☒ ବିଦ୍ୟୁତ୍ ଖୁଣ୍ଟ, ସରଭିସ୍ ତାର, ଷ୍ଟେ କିମ୍ବା ଏଥିରେ ସଂଲଗ୍ନ କୌଣସି ତାର ଆଦିକୁ ଲୁଗା ଶୁଖାଇବା, ଗୃହପାଳିତ ପଶୁ ବାନ୍ଧିବା ଇତ୍ୟାଦିରେ ବ୍ୟବହାର କରନ୍ତୁ ନାହିଁ ।
- ☒ କୌଣସି ଅନଧିକୃତ ବା ବାରଣ କରାଯାଇଥିବା ବୈଦ୍ୟୁତିକ କାର୍ଯ୍ୟ କରନ୍ତୁ ନାହିଁ । ଏହାଦ୍ୱାରା ବୈଦ୍ୟୁତିକ ଦୁର୍ଘଟଣା ଘଟିଥାଏ ।
- ☒ କୌଣସି ଘରୋଇ ବୈଦ୍ୟୁତିକ ଉପକରଣରେ ସକ୍ ବା ଚାର୍ଜ୍ ଅନୁଭୂତ ହେଉଥିଲେ, ଉପଯୁକ୍ତ ଯାଞ୍ଚ ନ କରାଇ ତାହା ବ୍ୟବହାର କରନ୍ତୁ ନାହିଁ ।
- ☒ ବିଦ୍ୟୁତ୍ ତାର ତଳେ ବା ଏହାର ଅତି ନିକଟରେ କୌଣସି ନିର୍ମାଣ କାର୍ଯ୍ୟ, ପୂଜା, ମେଳା ଇତ୍ୟାଦି ନିମନ୍ତେ ପେଣ୍ଡାଲ ନିର୍ମାଣ, ଗାଡି ରଖିବା, ଜିନିଷପତ୍ର ପରିବହନ ବା ଗଚ୍ଛିତ କରନ୍ତୁ ନାହିଁ । ଏହା ଆଇନ୍ ଅନୁଯାୟୀ ଦଣ୍ଡନୀୟ ।

ଆପଣଙ୍କ ଜୀବନ ମୂଲ୍ୟବାନ ଅଟେ । ବିଦ୍ୟୁତ୍ ଦୁର୍ଘଟଣାରୁ ନିଜକୁ ଏବଂ ନିଜ ପରିବାରକୁ ଦୂରେଇ ରଖିବାରେ ଯତ୍ନବାନ ହୁଅନ୍ତୁ ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) -ତଥା- ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର
04004/13/0010/1920 ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: E-mail: eic-epcei@nic.in DSPL-84



ଆସନ୍ତାବର୍ଷ ଯେମିତି ହେଲେ ବି ଇଦ୍‌ରେ ମୋର ଗୋଟେ ଫିଲ୍ମ ମୁକ୍ତିଲାଭ ହେବ।

-ସଲମାନ୍ ଖାନ୍,
ବଲିଉଡ୍ ସୁପରଷ୍ଟାର



# କ୍ୟାନ୍‌ସର ପୀଡ଼ିତାଙ୍କ ବିଶ୍ୱ ରେକର୍ଡ



## ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ୪ଥର ପହଁରି ସାରା ଥୋମାସ୍‌ଙ୍କ ରେକର୍ଡ

**ଲଣ୍ଡନ:** ଜୀବନରେ ଅସମ୍ଭବ ବୋଲି କିଛି ନାହିଁ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁକିଛି ସମ୍ଭବ। କାରଣ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ, ସେଥିରୁ ମୁକୁଳି, ପୁଣି ନିଜ ଜୀବନର ଲକ୍ଷ୍ୟ ପୂରଣ କରିବା ଭଳି ଏକ ଉଦାହରଣ ଦେଖିବା ପରେ ଆପଣ ହୁଏତ କହିବେ, "ସତରେ ଜୀବନରେ କିଛି ଅସାଧ୍ୟ ନୁହେଁ।" ୩୭ ବର୍ଷୀୟା ଆମେରିକୀୟ ମହିଳା ସାରା ଥୋମସ୍ ଇଂଲିଶ୍ ଚ୍ୟାନେଲକୁ ଲଗାତର ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସାରା ଗତ ରବିବାର ସକାଳୁ ଏହି ଲକ୍ଷ୍ୟ ସହ ପହଁରା ଆରମ୍ଭ କରିଥିବାବେଳେ ୫୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନେଇ ଏହି ରେକର୍ଡ ସୃଷ୍ଟି କରିଛନ୍ତି। ଅଲ୍‌ଟ୍ରା ମାରାଥନ୍ ସ୍ୱିମର୍ ସାରା ଥୋମସ୍ ସ୍ତନ କର୍କଟରେ ପୀଡିତ ଥିଲେ ଓ ଗତବର୍ଷ ଅର୍ଥାତ ୨୦୧୮ରେ ତାଙ୍କ ଚିକିତ୍ସା ଶେଷ ହୋଇଛି। ସାରା ନିଜର ଏହି ବିଜୟକୁ କର୍କଟ ରୋଗରୁ ମୁକ୍ତି ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉତ୍ସର୍ଗ କରିଛନ୍ତି। ସୂଚନାଯେ, ସାରା ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲ୍‌କୁ କ୍ରମାଗତ ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ଅନ୍ତିମ ରାଉଣ୍ଡ ଶେଷ କରୁଥିବା ସମୟରେ ଏକ ବିରାଟ ବଡ଼ ଜୁଆର ତାଙ୍କ ଉପରକୁ ମାଡ଼ି ଆସି ପଛକୁ ଫିଙ୍ଗି ଦେଇଥିଲା, କିନ୍ତୁ ମଙ୍ଗଳବାର ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ସେ ଏହି ଚ୍ୟାଲେଞ୍ଜ ପୂରଣ କରିଥିଲେ। ଏଭଳି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବା ପରେ ସାରା କହିଛନ୍ତି, "ଆମେ ସତରେ ଏହା ସମ୍ପୂର୍ଣ୍ଣ କରିପାରିଛୁ ବୋଲି ମୁଁ ବିଶ୍ୱାସ କରିପାରୁନି। ଲୁଣିଆ ପାଣି କାରଣରୁ ଏହି ଯାତ୍ରା ଆହୁରି କଷ୍ଟଦାୟକ ଥିଲା। ଅନେକ ଲୋକ ମୋତେ ଦେଖା କରିବାକୁ ବେଳାଭୂମି ନିକଟକୁ ଆସିଥିଲେ, ମୋତେ ଅଭିନନ୍ଦନ ଜଣାଇଥିଲେ। କିନ୍ତୁ ଅନେକ ଲୋକ ଆଶ୍ଚର୍ଯ୍ୟ ଚକିତ ଥିବା ମୁଁ ଅନୁଭବ କରିଥିଲି।" ପ୍ରକାଶ ଥାଉ କି, ପୂର୍ବରୁ କେବଳ ୪ଜଣ ସ୍ୱିମର୍ ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ତିନିଥର ପହଁରି ସାରିଛନ୍ତି। ତେବେ କ୍ରମାଗତ ୪ ଥର ପହଁରି ପ୍ରଥମ ବ୍ୟକ୍ତି ଭାବେ ସାରା ଥୋମସ୍ ଏହି ରେକର୍ଡ ଭାଙ୍ଗିଛନ୍ତି।

# ଆଈ ହେଲେ ରବିନା

**ମୁମ୍ବାଇ:** ଶୁଣିଲେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ଶିଶୁ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ରବିନା ଖୁସି ହେବା ସହ ବହୁ ଉତ୍ସାହିତ ମଧ୍ୟ ଅଛନ୍ତି। ନାତି ଘରକୁ ଆସିବା ପରେ ରବିନା ଧୁମ୍‌ଧାମ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି। ତାଙ୍କ ଘରେ ଏବେ ଖୁସିର ମାହୋଲ ଦେଖାଦେଇଛି। ନାତି ହେବା ଖବର ଓ ଘରକୁ ଆସିବାର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଝିଅ ଛାୟାଙ୍କ ପାଇଁ ସେ ଏକ ବେବି ଶାୱାର ପାର୍ଟିର ଆୟୋଜନ କରିଥିଲେ। ଉକ୍ତ ପାର୍ଟିର ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରକାଶଥାଉ କି, ୧୯୯୧ରେ 'ପଥର କେ ଫୁଲ୍' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ରବିନା 'ଲାଡ୍‌ଲା', 'ଦିଲ୍‌ୱାଲେ', 'ମୋହରା', 'ଖିଲାଡିଓଁ କା ଖିଲାଡ଼ି', 'ଜିଦ୍', 'ବଡେ ମିୟାଁ ଛୋଟେ ମିୟାଁ', 'ଦୁଲ୍ହେ ରାଜା' ଭଳି ଅନେକ ଲୋକପ୍ରିୟ ଫିଲ୍ମରେ ନିଜର ଅଭିନୟ ଯାଦୁ ଦେଖାଇଛନ୍ତି। ଏଥିଲାଗି ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି।



# ବ୍ଲୋଶମଙ୍କୁ ଆଇରନ୍‌ମ୍ୟାନ୍ ମୁକୁଟ



ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ

**ବେଙ୍ଗାଲୁରୁ:** ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ ବ୍ଲୋଶମ ଫର୍ଣାଣ୍ଡିଜ୍ ଦୁନିଆର ସବୁଠୁ କଠିନ ଦିନିକିଆ ସହନଶୀଳ ପ୍ରତିଯୋଗିତା କୋପେନହାଜେନରେ ଭାଗନେଇ ଲୌହମାନବ (ଆଇରନମ୍ୟାନ) ଟ୍ରାଇଥଲନ ମୁକୁଟ ପିନ୍ଧିଛନ୍ତି। ଏହି ୩୬ ବର୍ଷୀୟା ମହିଳା ବ୍ଲୋଶମ ଭାରତର ଏକମାତ୍ର ପ୍ରତିଯୋଗୀ, ଯିଏ ଅଗଷ୍ଟ ୮ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ବ୍ଲୋଶମ ଦୁଇବର୍ଷ ହେବ ଟ୍ରାଇଥଲନ ହେବା ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏଥିପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମ କ୍ରାଉଡେରାରୁ ସେ କ୍ରାଉଡଫଣ୍ଡିଂ ଅଭିଯାନ ମାଧ୍ୟମରେ ୨ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ। ଏ ସମ୍ପର୍କରେ ବ୍ଲୋଶମ କୁହନ୍ତି, ଏପ୍ରିଲରେ ସେ ଶେଷଥର ପାଇଁ ଫ୍ଲାଇଟରେ ଡ୍ୟୁଟି କରିଥିଲେ। ହେଲେ ମାର୍ଚ୍ଚ ମାସରୁ ତାଙ୍କୁ ଦରମା ମିଳି ନ ଥିଲା। ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ଥିବା ବେଳେ ସଞ୍ଚିତ ଅର୍ଥ ବି ସରିଆସିଥିଲା। ତେଣୁ ସ୍ୱପ୍ନ ପୂରଣ କରିବାକୁ କ୍ରାଉଡଫଣ୍ଡିଂକୁ ମାଧ୍ୟମ କରିଥିଲେ ବୋଲି ବ୍ଲୋଶମ କହିଛନ୍ତି। କଲ୍ୟାଣ ନଗର ନିବାସୀ ବ୍ଲୋଶମଙ୍କୁ ୧୩ ଘଣ୍ଟା ୨୨ ମିନିଟ୍ ୫୦ ସେକେଣ୍ଡରେ ୩.୮ କିମି ପହଁରା, ୧୮୦ କିମି ସାଇକେଲ ଚାଳନା ଓ ୪୨.୨ କିମିରୁ ଅଧିକ ଦୌଡ଼ିବାକୁ ପଡ଼ିଥିଲା। ଏହି ସଫଳତା ପାଇବା ପରେ ବ୍ଲୋଶମ କହିଛନ୍ତି, ଯଦି ମୁଁ ଚାକିରି ଛାଡ଼ି ନ ଥାନ୍ତି, ତେବେ ମୋର ପ୍ରକୃତ ଆବେଗ ପଛରେ ଯିବା କଥା ଭାବି ନଥାନ୍ତି।

# ୭୫ ବର୍ଷରେ ଡ୍ରାଇଭିଂ ଲାଇସେନ୍ସ



କାନ୍‌ବେରା: ଅଷ୍ଟ୍ରେଲିଆର ପିଲବରା ଅଞ୍ଚଳରେ ଥିବା ହେଡ୍‌ଲ୍ୟାଣ୍ଡରେ ରହନ୍ତି ବିନ୍ନି ଶୌମ୍ପି(୭୫)। ଏହି ବୟସରେ ସେ ଏବେ ଡ୍ରାଇଭିଂ ଲାଇସେନ୍ସ କରି ଆସିଛନ୍ତି ଚର୍ଚ୍ଚାକୁ। ନିକଟରେ ସେ ଡ୍ରାଇଭିଂ ଲାଇସେନ୍ସ କରିଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ବ୍ଲୁୟୁଡ ଟ୍ରି ଆସୋସିଏଶନ ନାମକ ଏକ ସଂସ୍ଥା ଏ ବିଷୟରେ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଅସଲ କଥା ହେଲା ବିନ୍ନି ତାଙ୍କ ବଡ ଭଉଣୀଙ୍କୁ ରେଗୁଲାର ହସ୍ପିଟାଲ ଚେକ୍ ପାଇଁ ନେବାକୁ, ମାର୍କେଟ ନେବାକୁ ଅବା ସି ବିଚ୍ ବୁଲାଇ ନେବାକୁ ନିଜେ ଏଇ ଡ୍ରାଇଭିଂ ଲାଇସେନ୍ସ କରିଥିବା କହିଛନ୍ତି। ବିନ୍ନି କେବେ କମ୍ପ୍ୟୁଟର ଚଳାଇ ଜାଣି ନ ଥିବା ବେଳେ ସେ କମ୍ପ୍ୟୁଟର ମାଧ୍ୟମରେ ଡ୍ରାଇଭିଂ ଟେଷ୍ଟ ଦେଇ ଏହି ଲାଇସେନ୍ସ ହାସଲ କରିଛନ୍ତି।

# 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'ର ସ୍ରଷ୍ଟା ଗ୍ରେଟା




## ପରିବେଶ ସୁରକ୍ଷା ଅଭିଯାନ ଦେଇଛି ବିଶ୍ୱବ୍ୟାପୀ ଖ୍ୟାତି

**ଷ୍ଟକ୍‌ହୋମ:** ୨୦୧୮ ଅଗଷ୍ଟ ୨୦। ଖରାଛୁଟି ପରେ ଖୋଲିଥିଲା ସ୍କୁଲ। ସ୍ୱିଡେନ ପାର୍ଲାମେଣ୍ଟ ସମ୍ମୁଖରେ ଏକାକୀ ଛିଡ଼ା ହୋଇଥିଲେ ଜଣେ ସ୍କୁଲ ଛାତ୍ରୀ। ହାତରେ ଧରିଥିଲେ ପ୍ଲାକାର୍ଡ, ଯେଉଁଥିରେ ଦର୍ଶାଯାଇଥିଲା 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'। ଖୁବ୍ ସଂକ୍ଷିପ୍ତ ଭାବେ ଲେଖାଯାଇଥିବା ସେହି ଗୋଟିଏ ଧାଡ଼ିରେ ପ୍ରତିଫଳନ ହୋଇଥିଲା ବିଶ୍ୱବାସୀ ନୀରବରେ ଭୋଗୁଥିବା ସମସ୍ୟାର ଚିତ୍ର। ଏହାପରେ ଯାହା ଘଟିଗଲା ତାହା ଇତିହାସ। ମାତ୍ର ୧୫ ବର୍ଷ ବୟସରୁ ବିଶ୍ୱବାସୀଙ୍କୁ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ଗହନ ପାଠ ପଢ଼ାଉଥିବା ଏହି କୁନି ପରିବେଶବିତ୍ ଜଣକ ହେଲେ ଗ୍ରେଟା ଥନ୍‌ବର୍ଗ।

୨୦୧୮ ଅଗଷ୍ଟ ୨୦ ପୂର୍ବରୁ ଗ୍ରେଟା ଥିଲେ ଜଣେ ଅପରିଚିତ ଚେହେରା। କେହି ତାଙ୍କୁ ଜାଣି ନ ଥିଲେ କି ଚିହ୍ନି ବି ନ ଥିଲେ। ହେଲେ ପରିବେଶ ସୁରକ୍ଷା ପାଇଁ ତାଙ୍କର ନିଆରା ଅଭିଯାନ ଏବେ ତାଙ୍କୁ ବିଶ୍ୱବ୍ୟାପୀ ଦେଇଛି ପରିଚିତି। ମନୁଷ୍ୟକୃତ କାରଣରୁ ସବୁଜ ପରିବେଶ ଆଜି ଧ୍ୱଂସାଭିମୁଖୀ। ଏହାକୁ ଖେଳିବୁଲିବା ବୟସରେ ହୃଦୟଙ୍ଗମ କରିପାରିଛନ୍ତି ଗ୍ରେଟା।

ହଠାତ୍ କାଳ୍ପନିକ ଜୀବନଶୈଳୀରୁ ବାସ୍ତବବାଦୀ ହୋଇଯାଇଥିବା ଗ୍ରେଟାଙ୍କ କହିବା କଥା, ଜଳବାୟୁ ପରିବର୍ତ୍ତନ ଏବଂ ଏହାକୁ ନେଇ ଆସନ୍ନ ଗମ୍ଭୀର ସମସ୍ୟାକୁ ରାଜନେତାମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ମଧ୍ୟ ନିଆଯାଉନାହିଁ। ଏହା ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲା। ଫଳରେ ସେ ସ୍କୁଲରୁ ଛୁଟି ନେଇ ଏହାର ପ୍ରତିବାଦ କରିବାକୁ ବାହାରିପଡ଼ିଥିଲେ। ଏହାପରେ ଏଥିରେ ଯୋଡ଼ି ହୋଇଗଲେ ବିଭିନ୍ନ ଛାତ୍ର ସଙ୍ଗଠନ। ସବୁଆଡୁ ତାଙ୍କର ଏହି ଅଭିଯାନକୁ ମିଳିଲା ଅକୁଣ୍ଠ ସମର୍ଥନ। ବିଭିନ୍ନ ସ୍ଥାନରେ ଜଳବାୟୁ ପରିବର୍ତ୍ତନକୁ ବେଖାତିର କରିଚାଲିଥିବା ରାଜନେତାଙ୍କ ବିରୋଧରେ ଆରମ୍ଭ ହେଲା ପ୍ରତିବାଦ। ଅଭିଯାନକୁ ଆହୁରି ଶାଣିତ କରିବାକୁ ସେ ଆରମ୍ଭ କଲେ 'ଫ୍ରାଇଡେ ଫର ଫ୍ୟୁଚର'। ପରିବେଶ ପ୍ରତି ଏପରି ଭଲପାଇବା କାରଣରୁ ତାଙ୍କୁ ୨୦୧୮ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ମିଳିଥିଲା ସୁଯୋଗ। ସେ ସମ୍ମିଳନୀରେ ରଖିଥିବା ଅଭିଭାଷଣ ତଥାକଥିତ ରାଷ୍ଟ୍ରନାୟକମାନଙ୍କ ଚିନ୍ତା ବଢ଼ାଇଦେଲା। ଏହାକୁ ଗମ୍ଭୀରତାର ସହ ନେଲେ ପରିବେଶବିତ୍, ଛାତ୍ର। ପ୍ରତି ସପ୍ତାହରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ହେଲା। ବିରୋଧ ପ୍ରଦର୍ଶନ କରାଗଲା। ଏବେ ଏହି ଅଭିଯାନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ପରିବେଶବିତ୍ ଯୋଡ଼ି ହୋଇଗଲେଣି। ଅକାଟ୍ୟ ତଥ୍ୟ ଉପସ୍ଥାପନା ପାଇଁ ଗ୍ରେଟା ସବୁଠି ପରିଚିତ। ସେ ନିଜ ଅଭିଭାଷଣରେ ରଖୁଥିବା ତଥ୍ୟକୁ ଆଧାର କରି ପରିବେଶ ସୁରକ୍ଷା ଏବଂ ତାପମାତ୍ରା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କେବଳ ଏତିକି ନୁହେଁ, ପ୍ରଥମେ ନିଜଠୁ ଆରମ୍ଭ ନ୍ୟାୟରେ ସେ ନିଜ ପରିବାର ସଦସ୍ୟଙ୍କ ଜୀବନ ଶୈଳୀ ମଧ୍ୟ ପରିବର୍ତ୍ତନ କରିସାରିଛନ୍ତି। ଏଥିରେ ମାଂସ ବର୍ଜନ, ବିମାନରେ ଯାତ୍ରା ବନ୍ଦ ଭଳି ନିୟମ ଲାଗୁ ହୋଇଛି। ୨୦୧୯ରେ ଟାଇମ୍ସ ମାଗାଜିନ ଗ୍ରେଟାଙ୍କୁ କଭର ପୃଷ୍ଠାରେ ସ୍ଥାନିତ କରିଥିଲା। ଏହା ଶୀର୍ଷକ ରହିଥିଲା 'ନେକ୍ସଟ୍ ଜେନେରେଶନ ଲିଡର'। ତାଙ୍କ ଜୀବନଗାଥାକୁ ଆଧାର କରି ୩୦ ମିନିଟ୍ ଅବଧିର ଏକ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରସ୍ତୁତ ହୋଇଛି। ସୂଚନାଯୋଗ୍ୟ, ଗ୍ରେଟାଙ୍କ ଜନ୍ମ ୨୦୦୩ରେ ହୋଇଥିଲା। ତାଙ୍କ ମା' ମେଲିନା ଏର୍ନମ୍ୟାନ ଜଣେ ଅପେରା ଗାୟିକା। ବାପା ସ୍ୱାନ୍ତ ଥନ୍‌ବର୍ଗ ଜଣେ ଅଭିନେତା।

# ଦୁର୍ଘଟଣାର ୨୦ ବର୍ଷ ପରେ କ୍ଷତିପୂରଣ

**ଅହମ୍ମଦାବାଦ:** ଦୁର୍ଘଟଣାରେ ଜଣେ ପଙ୍ଗୁ ହୋଇଯିବା ପରେ ଦୀର୍ଘ ଦୁଇ ଦଶନ୍ଧି ପରେ କ୍ଷତିପୂରଣ ପାଇବା ଘଟଣା ଏବେ ସାମନାକୁ ଆସିଛି। ଗୁଜରାଟର ଅହମ୍ମଦାବାଦରେ ରହୁଥିବା ମନୀଷ ଖ୍ରୀଷ୍ଟି ଏକ ଦୁର୍ଘଟଣାରେ ପଙ୍ଗୁ ହୋଇଯିବା ପରେ କ୍ଷତିପୂରଣ ପାଇବାକୁ ମିର୍ଜାପୁର ଗ୍ରାମୀଣ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ୨୦ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ଏବେ ସେହି ପ୍ରତୀକ୍ଷାର ଅନ୍ତ ଘଟିଛି। କୋର୍ଟ ଦୁଇ ବୀମା କମ୍ପାନୀକୁ କ୍ଷତିପୂରଣ ବାବଦ ୩୦.୪୬ ଲକ୍ଷଟଙ୍କା ସୁଧ ସହ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୯ ବର୍ଷ ବୟସରେ ମନୀଷ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମନୀଷ ଇଣ୍ଡିଆନ ଅଏଲ କର୍ପୋରେଶନ କମ୍ପାନୀର ଚାର୍ଜମ୍ୟାନ ଥିଲେ। ସେ ଏକ ବସ୍‌ରେ ଫେରୁଥିବାବେଳେ ନଭେମ୍ବର ୧୩, ୧୯୯୯ରେ ଅହମ୍ମଦାବାଦ- ସାନନ୍ଦ ରାଜପଥରେ ସେହି ବସ ସହ ଟ୍ରକର ମୁହାଁମୁହିଁ ଧକ୍କା ହେବା ପରେ ମନୀଷ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପରେ ତାଙ୍କ ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ କିଛି ବି କାମ କରି ନ ଥିଲା। ସେ ୯୦ ପ୍ରତିଶତ ବିକଳାଙ୍ଗ ହୋଇଗଲେ। ଦୁର୍ଘଟଣା ପରେ ଗାଡି ମାଲିକ ମନୀଷଙ୍କୁ କ୍ଷତିପୂରଣ ନ ଦେବାରୁ ୨୦୦୦ରେ ସେ କୋର୍ଟର ଆଶ୍ରୟ ନେଇଥିଲେ। ୩୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ସେ ଦାବି କରିଥିଲେ। ମନୀଷଙ୍କ ବିକଳାଙ୍ଗତା ପାଇଁ ଉଭୟ ଗାଡି ମାଲିକଙ୍କୁ ଦାୟୀ କରି ତାଙ୍କ ବୀମା କମ୍ପାନୀକୁ କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟେ ଦୁଇଟି ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୪.୧ |
| ଚାନ୍ଦବାଲି | ୩୫.୭ | ୨୬.୮ |
| କଟକ | ୩୩.୪ | ୨୩.୬ |
| ପାରାଦ୍ୱୀପ | ୩୩.୦ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୪ |
| ଗୋପାଳପୁର | ୩୪.୦ | ୨୭.୦ |
| ପୁରୀ | ୩୩.୦ | ୨୫.୮ |
| ଅନୁଗୋଳ | ୩୪.୧ | ୨୧.୬ |
| ବାରିପଦା | ୩୧.୦ | ୨୬.୦ |
| ଝାରସୁଗୁଡ଼ା | ୩୩.୦ | ୨୪.୬ |
| କେନ୍ଦୁଝର | ୩୦.୫ | ୨୩.୬ |
| ସମ୍ବଲପୁର | ୩୩.୫ | ୨୪.୩ |
| ସୁନ୍ଦରଗଡ଼ | ୨୯.୦ | ୨୦.୦ |
| ହୀରାକୁଦ | ୩୧.୭ | ୨୪.୫ |
| ତାଳଚେର | ୩୨.୩ | ୨୪.୬ |
| ଭବାନୀପାଟଣା | ୩୨.୨ | ୨୪.୫ |
| ବଲାଙ୍ଗୀର | ୩୨.୦ | ୨୫.୫ |
| କୋରାପୁଟ | ୨୬.୩ | ୨୦.୬ |
| ଫୁଲବାଣୀ | ୨୯.୪ | -- |
| ଟିଟିଲାଗଡ଼ | ୩୨.୪ | ୨୧.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୩.୮ | ୨୧.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୦ର ପ୍ରମୁଖ ଘଟଣା

୨୦୦୮ ସେପ୍ଟେମ୍ବର ୨୦ରେ ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦରେ ଏକ ବିସ୍ଫୋରକ ବୋଝେଇ ଟ୍ରକ ମାରିଅଟ୍ ହୋଟେଲ ସମ୍ମୁଖରେ ବିସ୍ଫୋରଣ ହେବାରୁ ଏଥିରେ ୫୪ ଜଣ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ବିସ୍ଫୋରଣରେ ୨୬୬ ଲୋକ ଆହତ ମଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବାସଭବନର ଅଳ୍ପ ଦୂରରେ ଏହି ବିସ୍ଫୋରଣ କରାଯାଇଥିଲା।

୨୦୧୮ ସେପ୍ଟେମ୍ବର ୨୦ରେ ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ୧୩୬ ଯାତ୍ରୀ ପ୍ରାଣ ହରାଇଥିଲେ। କେତେକ ନିଖୋଜ ଥିବାବେଳେ ସେମାନଙ୍କ ପତ୍ତା ମିଳି ନ ଥିଲା। ୧୦୧ ଯାତ୍ରୀ ନେବାର କ୍ଷମତା ଥିବା ଏହି ଡଙ୍ଗାରେ ପ୍ରାୟ ୩୦୦ ଯାତ୍ରୀ ଯାତ୍ରା କରୁଥିଲେ ବୋଲି ଜଣାପଡ଼ିଛି। ମାତ୍ର ୩୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

# ନିଆଁଲଗା ଚିକିତ୍ସା



ବେଜିଂ: ଔଷଧ ତଥା ଚେରମୂଳି ଦ୍ୱାରା ରୋଗର ଚିକିତ୍ସା କରାଯାଉଥିବା ସମସ୍ତେ ଜାଣନ୍ତି। ହେଲେ ଦେହରେ ନିଆଁ ଲଗାଇ ରୋଗର ଚିକିତ୍ସା କରାଯାଉଥିବା ବିଷୟରେ କେବେ ଶୁଣିଛନ୍ତି? ହୁଏତ ନା। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ। ଚୀନ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି ପଦ୍ଧତିରେ ଚିକିତ୍ସା କରାଯାଉଛି। ଏହାକୁ 'ଫାୟାର ଥେରାପୀ' ବା 'ଅଗ୍ନୀ ଚିକିତ୍ସା' ବୋଲି କୁହାଯାଏ। ଏହି ଥେରାପୀ ଦ୍ୱାରା ଚିନ୍ତା, ଅବସାଦ, ବଦହଜମୀ, ବାନ୍ଧ୍ୟପଣଠାରୁ ଆରମ୍ଭକରି କ୍ୟାନ୍ସର ପର୍ଯ୍ୟନ୍ତ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ବିଶେଷକରି ବଡ଼ ତଥା ଦୁରାରୋଗ୍ୟ ରୋଗ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ। ଏଥିପାଇଁ ଫାୟାର ଥେରାପୀକୁ ଉପଯୁକ୍ତ ଏବଂ ଶସ୍ତା ବୋଲି କୁହାଯାଏ। ଚୀନ୍‌ରେ ଅନେକ ବଡ଼ ରୋଗରୁ ମୁକ୍ତି ପାଇଁ ଏହି ଥେରାପୀ ବ୍ୟବହାର ହୋଇଥାଏ।

ଏହି ପଦ୍ଧତିରେ ଲୋକଙ୍କ ଉପଚାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଝାଙ୍ଗ୍ ଫାଙ୍ଗ ବେଶ୍ ଲୋକପ୍ରିୟ। ଝାଙ୍ଗଙ୍କ କହିବା ଅନୁସାରେ ଫାୟାର ଥେରାପୀ ମାନବ ଇତିହାସରେ ୪ର୍ଥ ବଡ କ୍ରାନ୍ତି। ସେ ବେଜିଂର ଏକ ଛୋଟ ଆପାର୍ଟମେଣ୍ଟରେ ଉପରୋକ୍ତ ରୋଗର ଚିକିତ୍ସା କରିଥାନ୍ତି। ଏକ ୱେବ୍‌ସାଇଟ୍ ଅନୁସାରେ, ପ୍ରଥମେ ରୋଗୀ ପିଠିରେ ଚେରମୂଳିରେ ପ୍ରସ୍ତୁତ ଏକ ଲେପ ଲଗାଯାଇ ତାହାକୁ ଏକ ଚାଦରରେ ଘୋଡ଼ାଇ ଦିଆଯାଏ। ଏହା ଉପରେ ପାଣି ଏବଂ ମଦ ଛିଞ୍ଚି ନିଆଁ ଲଗାଯାଏ। ଏହିପରି ରୋଗର ଚିକିତ୍ସା ହୋଇଥାଏ। ଏହା ଦ୍ୱାରା ଶରୀରର ଉପରସ୍ତରକୁ ଗରମକରି ଭିତରୁ ଥଣ୍ଡାକୁ ଦୂର କରାଯାଇଥାଏ। ତେବେ ଏହି ଥେରାପୀ ନେଉଥିବା ବ୍ୟକ୍ତିଙ୍କ ନିକଟରେ ଏଥିପାଇଁ ସାର୍ଟିଫିକେଟ ଥିବା ଆବଶ୍ୟକ ହୋଇଥାଏ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

### କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ବୈଠକ

# ଅଧିକ ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୧୯।୯(ବ୍ୟୁରୋ)




ବୈଠକରେ ଉପସ୍ଥିତ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଥାବର ଚାନ୍ଦ ଗେହ୍ଲଟ ଓ ଅନ୍ୟମାନେ।

କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡର ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାଜ୍ୟ ତରଫରୁ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ବୈଠକରେ ସେ ଭିନ୍ନକ୍ଷମ ଶିଶୁମାନଙ୍କ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଓଡ଼ିଶାରେ ଦୁଇଟି ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାସହ ଭୁବନେଶ୍ୱରଠାରେ ଭିନ୍ନକ୍ଷମଙ୍କ ଲାଗି ଏକ କ୍ରୀଡ଼ା କେନ୍ଦ୍ର ସ୍ଥାପନ କରିବା ପାଇଁ ପଣ୍ଡା କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି।

ଏହି ବୈଠକରେ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଥାବର ଚାନ୍ଦ ଗେହ୍ଲଟ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ପଣ୍ଡା ଓଡ଼ିଶା ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟରେ ଆଉ ୩ଟି ଜିଲାରେ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଏହା ଉପରେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ। ଓଡ଼ିଶାରେ ସାର୍ବଜନୀନ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇଛି। 'ଆସେସିବୁଲ୍ ଇଣ୍ଡିଆ' ଯୋଜନାରେ ରାଜ୍ୟର ସରକାରୀ କୋଠାବାଡ଼ିକୁ ଭିନ୍ନକ୍ଷମଙ୍କ ଯାତାୟାତ ଏବଂ ପ୍ରବେଶ ସୁଗମ କରିବା ଉଦ୍ଦେଶ୍ୟରେ ର୍‍ୟାମ୍ପ ନିର୍ମାଣ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବା ୨୦୩ଟି ସରକାରୀ କୋଠା ମଧ୍ୟରୁ ୧୧୭ଟିରେ ର୍‍ୟାମ୍ପ ନିର୍ମାଣ କାମ ଶେଷ ହୋଇଛି ଏବଂ ସେଥିପାଇଁ ରାଜ୍ୟ ବଜେଟ୍‌ରୁ ବ୍ୟୟ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୋସିଆଲ୍ ଅଡିଟ୍ ପାଇଁ 'ସୋସାଇଟି ଫର ସୋସିଆଲ୍ ଅଡିଟ୍, ଆକାଉଣ୍ଟବିଲିଟି ଆଣ୍ଡ୍ ଟ୍ରାନ୍ସପରେନ୍ସି'(ଓସାଟ୍)କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମ ଅଧିକାର ନିୟମାବଳୀ-୨୦୧୮ ପ୍ରଣୟନ କରାଯାଇଛି ଓ ୨୦୧୮ରେ ରାଜ୍ୟ ଉପଦେଷ୍ଟା ବୋର୍ଡ ଗଠନ କରାଯାଇଥିବା ପଣ୍ଡା ସୂଚନା ଦେଇଥିଲେ। ସେହିଭଳି ଓଡ଼ିଶାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖଯୋଗ୍ୟ ପ୍ରଗତି ହୋଇଥିବା ସେ କହିଥିଲେ। ବୈଠକରେ ପରାମର୍ଶଦାତା ବୋର୍ଡର ସଦସ୍ୟମାନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ବ୍ରାଣ୍ଡ୍ ଓଡ଼ିଶାର ପ୍ରସାର ପାଇଁ ନୂଆ ଅଭିଯାନ

# ଓଡ଼ିଶା ନୁହେଁ...ଓଡ଼ିଶା ଆଃ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପ୍ରଥମେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ'। ଆଉ ଏବେ 'ଓଡ଼ିଶା ଆଃ'। ରାଜ୍ୟ ଏବଂ ଦେଶ ବାହାରେ ବ୍ରାଣ୍ଡ୍ ଓଡ଼ିଶାର ପ୍ରମୋଶନ ପାଇଁ ଜୋରଦାର ଉଦ୍ୟମ ଚଳାଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଓଡ଼ିଶାକୁ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'। ଏକ ଅଭିନବ ଢଙ୍ଗରେ ଡିଜାଇନ୍ ହୋଇଥିବା ଏହି କ୍ୟାମ୍ପେନ୍ ଏବେ ଦିଲ୍ଲୀ ଏବଂ ବମ୍ବେର ମେଟ୍ରୋ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଦେଖିବାକୁ ମିଳୁଛି।

୨୦୧୮ରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ପୁରୁଷ ହକି ବିଶ୍ୱକପ୍‌ରେ ଓଡ଼ିଶାକୁ ଦେଶ ଓ ବିଦେଶରେ କ୍ରୀଡ଼ା ରାଜଧାନୀଭାବେ ଦର୍ଶାଯାଇଥିଲା। କ୍ରୀଡ଼ା ସହ ପର୍ଯ୍ୟଟନକୁ ଯୋଡ଼ି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ନୂଆ ନୂଆ କ୍ୟାମ୍ପେନ୍ ଆରମ୍ଭ କରିଥିଲେ। 'ଓଡ଼ିଶା-ବେଷ୍ଟ୍ କେପ୍ଟ୍ ସିକ୍ରେଟ୍' ପରେ 'ଓଡ଼ିଶା ବାଇ ମର୍ନିଂ, ହକିବାଇ ଇଭିନିଂ' କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା, ଯାହାକି ଦେଶ ବାହାରେ ବିଶେଷଭାବେ ଆଦୃତ ହୋଇଥିଲା। ଏହି 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ଡିଜାଇନ୍ କରିଥିବା ଏସ୍‌ଡିବି କ୍ରିଏଶନ୍‌ର ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ଡିରେକ୍ଟର ସଚିନ ଦାସ ବର୍ମା ଏହି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'ର ମଧ୍ୟ ଡିଜାଇନ୍ କରିଛନ୍ତି। ନିକଟରେ ଦିଲ୍ଲୀ ଏବଂ ମୁମ୍ବାଇ ବିମାନ ବନ୍ଦରରେ ଏହି ନୂଆ କ୍ୟାମ୍ପେନ୍ ଲୋକାର୍ପିତ ହୋଇଥିବାବେଳେ ମୁମ୍ବାଇ ମେଟ୍ରୋରେ ମଧ୍ୟ ଦେଖିବାକୁ ମିଳିଛି। ଧୀରେ ଧୀରେ ଏହାକୁ ଦେଶ ଓ ବିଦେଶର ପ୍ରମୁଖ ଏୟାରପୋର୍ଟରେ ପ୍ରଦର୍ଶନ କରାଯିବ। ଏହାସହ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରମୋଟ କରିବାକୁ ବିଭାଗ ଯୋଜନା କରିଛି। ତେବେ କେରଳ, ଗୋଆ, ଆସାମ ଭଳି ଟୁରିଜମ୍ ବ୍ରାଣ୍ଡ୍ ସହ ତାଳ ଦେବାକୁ ଓଡ଼ିଶା ଏହି କେମ୍ପେନ୍ ଆରମ୍ଭ କରିଥିବା କୁହାଯାଇଛି। ଏହାସହ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କର ଥିବା ଚିନ୍ତାଧାରାରେ ଏହା ପରିବର୍ତ୍ତନ ଆଣିବ। ପୁରୀ, କୋଣାର୍କ, ଭୁବନେଶ୍ୱର ଛଡ଼ା ଓଡ଼ିଶାରେ ଦେଖିବାକୁ ଓ ଅନୁଭୂତ କରିବାକୁ ଅନେକ କିଛି ରହିଛି। ଏହାସହ ଓଡ଼ିଶାର ଆଦିବାସୀ ପର୍ଯ୍ୟଟନ, ବିଚ୍ ଟୁରିଜମ୍, ବନ୍ୟଜନ୍ତୁ ପର୍ଯ୍ୟଟନ, ପାରମ୍ପରିକ ଓଡ଼ିଆ ଖାଦ୍ୟ ପର୍ଯ୍ୟଟକଙ୍କୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦେବାର କ୍ଷମତା ରଖିଛି। ଓଡ଼ିଶାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଚାଲିଚଳଣି, ନୃତ୍ୟ, ସଙ୍ଗୀତ ଜଣେ ପର୍ଯ୍ୟଟକକୁ ଆଃ ଅନୁଭୂତି ଦେଉଥିବାବେଳେ ନୂଆ ଅଭିଯାନକୁ ତଦନୁଯାୟୀ ପ୍ରସ୍ତୁତ କରାଯାଇଛି।

**PARADIP PORT TRUST**

**E-TENDER CALL NOTICE**

Name of the Work: **"03rd Dry Docking / Repairs of tug TARINI of Paradip Port Trust at Paradip"**. Estimated cost put to tender : **Rs.1,19,32,100/-**. Last date & time of submission of tender through on-line bidding is **1500 hours** on **Dt.15.10.2019.** For details, please log on to the Website : **https://eprocure.gov.in/eprocure/app.**

**Deputy Conservator**
PPT/PR/338/19-20, Dt.19.09.2019

नालको NALCO
**National Aluminium Company Limited**
**(A Government of India Enterprise)**
Smelter Plant, Nalco Nagar,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**TENDER NOTICE**

**E-tenderNo: SMLT/404/1000044256,Dt.11/09/2019**
Bids invited from Indian manufacturers for Manufacture & supply of 240 sets of Flue Wall Bricks for Anode Baking Furance – I. The last date & time of bid submission: Dt 10/10/2019, 10:00am (Bid opening date: 12/10/2019).Tender documents will be available at **https://eprocure.gov.in/eprocure/app** and **www.nalcoindia.com.** Any corrigendum/addendum will be published in websites only.

**DGM (Materials)**

# ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉଚ୍ଚଶିକ୍ଷାର ବିକାଶ କରାଯିବ

### ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତ ହେଉଛି ରୋଡ୍ ମ୍ୟାପ୍

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ମହାବିଦ୍ୟାଳୟଗୁଡ଼ିକ ନାକ୍ ମାନ୍ୟତା ପାଇବା ଦିଗରେ ଇଣ୍ଟରନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ମହାବିଦ୍ୟାଳୟଗୁଡ଼ିକ ନାକ୍ ମାନ୍ୟତା ପାଇବା ଦିଗରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷାନୁଷ୍ଠାନମାନଙ୍କରେ ୫'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ଇ-ଗଭର୍ନାନ୍ସ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଉଚ୍ଚଶିକ୍ଷାର ବିକାଶ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଗୁରୁବାର ପୁସ୍ତକ ଭବନରେ ଆୟୋଜିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚ ପଦାଧିକାରୀସ୍ତରୀୟ ବୈଠକରେ ମନ୍ତ୍ରୀ ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି ଅଧିକରୁ ଅଧିକ ନାକ୍ ମାନ୍ୟତା ପାଇବେ ସେ ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଶିକ୍ଷାନୁଷ୍ଠାନରେ ମାନବସମ୍ବଳ ବିକାଶ କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା, ପରିଚାଳନା ଓ ନାକ୍ ମାନ୍ୟତା ସମ୍ବନ୍ଧରେ ସମୀକ୍ଷା କରିବା ଅବସରରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅଧ୍ୟାପକମାନଙ୍କ ନିୟମିତ ପ୍ରଶିକ୍ଷଣ ଆବଶ୍ୟକ। ଏଥିପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଏବଂ ପ୍ରଫେସର ସସ୍ମିତ ପାଣି ପ୍ରମୁଖ ନାକ୍ ମାନ୍ୟତା ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ସମେତ ବିଜବେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ରାଜଧାନୀ କଲେଜ ଭୁବନେଶ୍ୱର ପଦାଧିକାରୀମାନେ ଯୋଗଦେଇଥିଲେ।

## ନିରୁଦ୍ଦିଷ୍ଟ ବୃଦ୍ଧାଙ୍କ ସମ୍ପର୍କରେ ସୂଚନା



ମାନସିକ ବିକାରଗ୍ରସ୍ତ ବୃଦ୍ଧା ଗତ ତା.୧୯।୦୭।୨୦୧୯ରୁ ବୀରମହାରାଜପୁର ପୁଲିସଙ୍କ ଦ୍ୱାରା ରାସ୍ତାରୁ ଉଦ୍ଧାର ହୋଇ ବୀରମହାରାଜପୁର ସ୍ୱଧାର ଗୃହରେ ଅଛନ୍ତି। ଉକ୍ତ ବୃଦ୍ଧା ତାଙ୍କର କୌଣସି ପରିଚୟ ଯଥା ନାମ ଓ ଠିକଣା ଦେଇପାରୁନାହାନ୍ତି। ଯଦି ତାଙ୍କର ସମ୍ପର୍କୀୟ ଅଥବା ବନ୍ଧୁବାନ୍ଧବ ଅଛନ୍ତି, ସେମାନେ ନିମ୍ନ ଦୂରଭାଷ ଯୋଗେ ଯୋଗାଯୋଗ କରିପାରିବେ।

**ଦୂରଭାଷ ନଂ.-୮୪୫୮୦୭୦୬୧୯, ୯୪୩୭୮୮୬୧୯**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered Contractors having valid Licence, I.T PAN No and GST Registration Certificate for **Tender Call No : 10 Uprooting & cleaning of grass, wild shrubs including cutting of small bushes at different grid S/S, under EHT(O&M) Division, Jayanagar and Different R & M works of 132KV and 220KV TL S/D Jayanagar. Cost of Tender Papers** are of Rs.672.00 and Rs.448.00 (non-refundable) in shape of Cash & **EMD** @1% of quoted amount in the shape of DD/Cash for Tender call No 10. **Sale of Tender Documents** from Dt.18.09.2019 to upto 12:00 Noon of Dt.27.09.2019. **Last Date of Submission of Tender** on or before Dt.27.09.2019 upto 04:00PM. **Tenders Will be Opened** on Dt.27.09.2019 at 04:30 PM.
**Corrigendum if any will be published in the website only.**

Sd/-
**DGM (Ele.)**

Please connect us: optcl.odisha optcl_odisha energyodisha

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM-LAC-KNJ-0019-2019/18356 RDM, Dated: 01.JUL.2019

No.V-57 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ପଦ୍ମପୁର (ଅତିରିକ୍ତ), ଥାନା-ଆନନ୍ଦପୁର, ସଂ.୧୦୭, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.**୧.୨୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଆନନ୍ଦପୁର।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୪୬ | ଏ. ୧.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ବ୍ରହ୍ମାନନ୍ଦ ବେହେରା, ଯୁଗ୍ମ ଶାସନ ସଚିବ

**LAND SCHEDULE**

Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Vill - Padmapur, Tahasil - Anandapur, P.S.- Anandapur No.-107, Dist.- Keonjhar, L.A. Case No.20/18

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅଙ୍କୁର ଖଟୁଆ, ପି-ଶଙ୍କର ଖଟୁଆ, ଜା-ତେଲି, ବା-ନିଜଗାଁ | ୫୯୦/୪୩୨୮ | ବାଜେଫସଲ-୧ | ୦.୫୦ | ୦.୦୪ |
| ୨ | ୧୫୮ | ଗୋବର୍ଦ୍ଧନ ସାହୁ, ରଘୁ ସାହୁ, ପି-ଚନ୍ଦ୍ର ସାହୁ, ଜା-ତେଲି, ବା-ନିଜଗାଁ। | ୧୩୭୯/୪୪୨୭ | ବାଜେଫସଲ-୧ | ୦.୮୬ | ୦.୦୭ |
| ୩ | ୨୬୫ | ନଟବର ସାହୁ, ଜଟାଧାରୀ ସାହୁ, ନରହରି ସାହୁ, ରାମଚନ୍ଦ୍ର ସାହୁ, ପି-ରଙ୍କ ସାହୁ, ଜା-ତେଲି, ବା-ନିଜଗାଁ। | ୧୪୬୧/୪୩୧୩ | ବାଜେଫସଲ-୧ | ୦.୦୯ | ୦.୦୯ |
| ୪ | ୫୩୪ | ସତ୍ୟବାଦୀ ସାହୁ, ପି-ଦର୍ଶନ ସାହୁ, ଜା-ତେଲି, ବା-ନିଜଗାଁ। | ୧୩୮୪ | ବାଜେଫସଲ-୧ | ୦.୮୧ | ୦.୮୧ |
| ୫ | ୬୨୧/ ୬୫୨ | ଧୋବେଇ ସାହୁ, ପି-ନରି ସାହୁ, ଜା-ତେଲି, ବା-ନିଜଗାଁ। | ୪୪୪/୫୦୦୪ | ଶାରଦ-୨ | ୦.୧୧ | ୦.୧୧ |
| ୬ | ୬୨୧/ ୮୫୬ | କୁଶରଞ୍ଜନ ସାହୁ, ପି-ଜଟାଧାରୀ ସାହୁ, ଜା-ତେଲି, ବା-ପଦ୍ମପୁର। | ୪୬୧/୫୧୯୧ | ଘରବାରି | ୦.୦୯ | ୦.୦୯ |
| | | | | | ମୋଟ ଅଧିଗ୍ରହଣ ରକବା ଏ | ୧.୨୧ |

24001/14/0154/1920

No. V-64:

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No RDM-LAC-KNJ-0022-2019/ 20602 R&DM, Dated 20 JUL 2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଅତାସାହି**, ଥାନା- ଘଷିପୁରା ସଂ- ୬୧, ତହସିଲ- ଘଷିପୁରା, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୫୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, କେନ୍ଦୁଝର ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର ।
୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘଷିପୁରା | ଅତାସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୯୭ | ଏ ୦.୫୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ଅତିରିକ୍ତ ଶାସନ ସଚିବ

**LAND SCHEDULE**

Land Acquisition for excavation of Baitarani Right Bank Canal of Anandapur Barrage Project of Vill – Atasahi, Tahasil – Ghasipura,
P.S. – Ghasipura No. – 61, Dist – Keonjhar. L.A. Case No. – 26/18

| କ୍ର ନଂ | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 62 | ଗୌରାଙ୍ଗ ନାହାକ, ପି- ବନମାଳି ନାହାକ, ଧର ନାହାକ, ପି- ରାମ ନାହାକ, ରଘୁ ସାହୁ, ପି- ଲକ୍ଷ୍ମଣ ସାହୁ, ଫଗୁ ସାହୁ, ବିକଳ ସାହୁ, ପି- ସପନ ସାହୁ, ମିଛୁ ନାହାକ, ନକୁଳ ନାହାକ, ଶଙ୍କି ସାହୁ, ମାଳି ସାହୁ, ପି- ଲକ୍ଷ୍ମଣ ସାହୁ, ଭରତ ନାହାକ, ପି- ବିକଳ ନାହାକ, ରଘୁ ନାହାକ, ପଗୁ ନାହାକ, ନସୁ ନାହାକ, ପି- ରଙ୍କ ନାହାକ, ଭାଇଗ ନାହାକ, ପି- ତିଳ ନାହାକ, ଧନି ସାହୁ, ପି- ଭିମ ସାହୁ, କୁରୁପ ସାହୁ, କରୁଣା ସାହୁ, ପି- ରତନ ସାହୁ, ଜଗବନ୍ଧୁ ସାହୁ, ପି- ମଧୁ ସାହୁ, ହଗର ସାହୁ, ବିକଳ ସାହୁ, ପି- ନିଶାକର ସାହୁ, ଚିନ୍ତାମଣି ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3142 | ଶାରଦ - ୨ | 0.61 | 0.16 |
| ୨ | 190 | ବୋଧି ସାହୁ, ପି- ଦଧି ସାହୁ, ମାୟା ସାହୁ, ପି- ଧନି ସାହୁ, ଚୌତନ୍ୟ ସାହୁ, ପି- କୃର୍ତି ସାହୁ, ସାଧୁ ସାହୁ, ପି – ରଘୁ ସାହୁ, କିର୍ତନ ସାହୁ, ଚୌତନ୍ୟ ସାହୁ, କାଶିନାଥ ସାହୁ, ପି- ରାମ ସାହୁ, ନିଶାକର ସାହୁ, ପି- ଭଗି ସାହୁ, ନିଶାକର ନାଏକ, ପି- ସଦା ନାଏକ, ପାର୍ବତୀ ନାଏକ, ସ୍ୱା- ଶୁକ ନାଏକ, ପାତୀ ସାହୁ, କେଲୁଣୀ ସାହୁ, ପି- ଶୁକ ସାହୁ, ଅମୃତ ନାହାକ, ଫକିର ନାହାକ, ଭାଇଗ ନାହାକ, ପି- ଧନୀ ନାହାକ, ଚଡେଇ ନାଏକ, ପି- ଅଇଁଠୁ ସାହୁ, ଫଗୁ ସାହୁ, ପି- ରତନ ସାହୁ, ଜା- ଗୁଡିଆ, ଚିନ୍ତାମଣୀ ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3143 | ଶାରଦ - ୨ | 0.36 | 0.36 |
| | | | | | ମୋଟ ଅଧିଗ୍ରହଣ ରକବା ଏ | 0.52 |

24001/14/0161/1920

**ODISHA HYDRO POWER CORPORATION LIMITED**
OHPC
**BALIMELA HYDRO ELECTRIC PROJECT, POST:- BALIMELA**
**DIST.- MALKANGIRI (ODISHA): PIN: 764051**
**Phones: 06861-232581 (O)/232641 (R) : FAX:06861-232541**
**E-Mail unit.head_balimela@yahoo.com CIN No : U401010R1995SGC003963**

**NOTICE INVITING TENDER NO. P-13 (H)/ 6340 /2019-20/ DATED: 18.09.2019.**
No.CAD-399 :- Sealed tenders in two parts are invited, for supply of industrial safety shoes and formal shoes to BHEP, Balimela as mention below by reputed shoe Manufactures / Authorized Distributors / Dealers of (i) Lee- Copper, (ii) BATA, (iii) LIBERTY, (iv) ACME (v) RAHAMAN, (vi) REEBOK or any reputed make of equivalent quality having prior experience of supplying 150 pair of shoes or more in a single order within last 3 years.

| Gr. | Description of materials | Qty | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid |
|---|---|---|---|---|---|---|---|---|
| A | Industrial Safety Shoes (Executive & Non-executives) | 204 | Rs. 4,08,000/- | 2360/- (2000/-+ GST@18%) | Rs.4100/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |
| B | Formal Shoes (Executive & Non-executives) | 29 | Rs. 58,000/- | 708/- (600/-+ GST@18%) | Rs.600/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |

**N.B :-** The tenderer can participate either for one of the Group or both the Groups separately. For details of the tender documents, terms & conditions please visit our website **www.ohpcltd.com**

**Sd./- Chief General Manager**
**(Electrical) BHEP, Balimela**
**04019/11/0042/1920**

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
**SANTARAPUR, BHUBANESWAR - 751002**
Tel - MD 0674 - 2340573, PBX - 2340170, Fax – 2340096

**TENDER CALL NOTICE**
No- OSSC/ Engg- 52/2019

**No. CAD-402:-** The Managing Director, Odisha State Seeds Corporation Ltd invites Percentage Rate Tenders through ONLINE MODE only for the works "CONSTRUCTION OF SEMI COVERED DRYING YARD AT DIFFERENT SEED PROCESSING PLANT LOCATION OF OSSC LTD, clubbed under each Seed Production Zone of OSSC Ltd, from eligible contractors.

The details of location of work, estimated amount, cost of Tender Document, EMD and other criteria can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date of uploading of tender to tender portal is dt. 09.10.2019.

*Sd/- Sri JR Mishra OAS (S)*
*Managing Director*
01045/11/0014/1920

**CUTTACK DEVELOPMENT AUTHORITY**
C.D.A. Arunodaya Market, Link Road, Cuttack - 753012 (Odisha)
**No.11989 /CDA / Dated : 19.09.2019**

**QUOTATION CALL NOTICE**

Cuttack Development Authority, Cuttack invites sealed quotations from the Regd. Travel Agencies / Service providers those who intend to supply the Petrol operated vehicles on monthly hire basis with driver for official purpose which shall confirm to terms and conditions **(Annexure - II).**
The quotation complete in all respect should reach the undersigned on or before dt.30.09.2019 to 5.00 P.M. and shall be opened on dt.01.10.2019 at 3.00 P.M. The details are available in CDA office during office hours from dt.21.09.2019 to dt.27.09.2019 on working days or in our website cdacuttack.nic.in w.e.f dt.21.09.2019.

**Secretary**

# ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍





ନିର୍ମଳ କୁମାର ମିଶ୍ର

ଅଲିମ୍ପିକ୍ସ ପରେ ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍ ଦ୍ୱିତୀୟ ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭର ମାନ୍ୟତା ପାଇଛି। ଏହି ମେଗା ଇଭେଣ୍ଟର ୧୭ତମ ସଂସ୍କରଣ ଏଥର କାତାର ରାଜଧାନୀ ଦୋହାରେ ଆୟୋଜନ ହେବ। ସେପ୍ଟେମ୍ବର ୨୭ ତାରିଖରୁ ଆରମ୍ଭ ହୋଇ ଏହା ଅକ୍ଟୋବର ୬ ତାରିଖରେ ଶେଷ ହେବ। ଦୋହାର ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହାର ଆୟୋଜନ ହେବ...

IAAF World Championships
DOHA 2019

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ କାତାର୍ ରାଜଧାନୀ ଦୋହାଠାରେ ଚଳିତ ମାସ ୨୭ତାରିଖରୁ ଆରମ୍ଭ ହେବ। ଏହା ଅକ୍ଟୋବର ମାସ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଇଣ୍ଟରନାଶନାଲ୍ ଆସୋସିଏଶନ୍ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ୍ (ଆଇଏଏଏଫ୍) ଦ୍ୱାରା ଆୟୋଜିତ ଏହି ମେଗା ଇଭେଣ୍ଟ ବିଶ୍ୱସ୍ତରୀୟ ଆଥଲେଟମାନଙ୍କର ବେଶ୍ ପସନ୍ଦର ପ୍ରତିଯୋଗିତା ରୂପେ ଲୋକପ୍ରିୟତା ହାସଲ କରିଛି । ଅଲିମ୍ପିକ୍ସ ପରେ ଏହା ବିଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତାର ମାନ୍ୟତା ପାଇଛି। ଏହା ପ୍ରତି ୪ବର୍ଷରେ ଥରେ ଅନୁଷ୍ଠିତ ହୋଇଆସୁଛି। ଅଲିମ୍ପିକ୍ସ ପରି ଏହି ମେଗା ପ୍ରତିଯୋଗିତାରେ ଅନେକ ଷ୍ଟାର ଆଥଲେଟଙ୍କ ସମାଗମ ଏହି ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନଙ୍କୁ ରେକର୍ଡ ସ୍ଥାପନ କରିବା ପାଇଁ ସହାୟକ ହୋଇଥାଏ। ଏସିଆ ମହାଦେଶର ତଥା ମଧ୍ୟପ୍ରାଚ୍ୟ ଦେଶ କାତାର ରାଜଧାନୀ ଦୋହାଠାରେ ଥିବା ଖଲିଫା ଇଣ୍ଟରନ୍ୟାଶନାଲ୍ ଷ୍ଟାଡିୟମରେ ପ୍ରତିଯୋଗିତାର ସବୁ ଇଭେଣ୍ଟ ଆୟୋଜନ ହେବ। ସୂଚନାଯୋଗ୍ୟ ଯେ, ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ୫ମ ଥର ପାଇଁ ଏସିଆ ମହାଦେଶରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଜାପାନର ଟୋକିଓଠାରେ ୨ଥର, ଚାଇନା ଏବଂ ସାଉଥ୍ କୋରିଆରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ୨୦୧୭ ମସିହାରେ ଲଣ୍ଡନଠାରେ ଏହି ପ୍ରତିଯୋଗିତାର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଡିଂ ପ୍ରକ୍ରିୟାରେ ୨୦୧୪ ମସିହା ନଭେମ୍ବର ୧୮ତାରିଖରେ ଆଇଏଏଏଫର ବାର୍ଷିକ ବୈଠକ ମୋନାକୋ ସହରଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ତାଲିକାରେ ବାର୍ସିଲୋନା (ସ୍ପେନ), ଦୋହା (କାତାର), ୟୁଜେନ୍ (ୟୁଏସ୍ଏ) ସହର ସାମିଲ ହୋଇଥିଲେ ମଧ୍ୟ କାତାର୍ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ସୁଯୋଗ ପାଇଥିଲା। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି ମେଗା ଚାମ୍ପିୟନଶିପ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଆଇଏଏଏଫ୍ ର ଟେକ୍ନିକାଲ କମିଟିର ଘୋଷଣା କ୍ରମେ ଏହି ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କରୁଥିବା ଆଥଲେଟମାନେ ସେମାନଙ୍କର ବିଶ୍ୱ ର୍‌ୟାକିଙ୍ଗ୍ ମାନ୍ୟତା ଆଧାରରେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଥିସହିତ ଆଇଏଏଏଫ ଦ୍ୱାରା ଘୋଷିତ ଷ୍ଟାଣ୍ଡାର୍ଡ ଟାଇମିଂ ସହିତ ୨୦୦୯ର ଡାଇମଣ୍ଡ ଲିଗ୍‌ର ପ୍ରଦର୍ଶନ ଏବଂ ଫଳାଫଳ ଅନୁସାରେ ମଧ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନେ 'ୱାଇଲ୍ଡ କାର୍ଡ ଏଣ୍ଟ୍ରି' ମାଧ୍ୟମରେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ।

### ୧୭ତମ ସଂସ୍କରଣ

**ଦେଶ:** କାତାର
**ଭେନ୍ୟୁ:** ଦୋହା
**ଷ୍ଟାଡିୟମ:** ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମ
**ତାରିଖ:** ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬
**ଆୟୋଜକ:** ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶ (ଆଇଏଏଏଫ୍)
**ଅଂଶଗ୍ରହଣ କରିବେ:** ଆଇଏଏଏଫ୍‌ର ୨୧୪ଟି ମେମ୍ବର ଫେଡେରେଶନର ସଭ୍ୟର ଆଥଲେଟ।

ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ରନିଂ ରେସ୍ (୧୦୦ମି., ୨୦୦ମି., ୪୦୦ମି., ୧୫୦୦ମି, ୫୦୦୦ମି) ସହିତ ମାରାଥନ ହର୍ଡଲ୍ସ, ଡେକାଥେଲନ୍, ଷ୍ଟିପଲଚେଜ୍, ହାଇଜମ୍ପ, ପୋଲଭୋଲ୍ଟ, ଶଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ରିଲେ ରେସ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ୨୧୪ଟି ମେମ୍ବର୍ସ ଫେଡେରେଶନର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦେଶ ରୁଷିଆନ୍ ଆଥଲେଟିକ ଫେଡେରେଶନ୍‌କୁ ଆଇଏଏଏଫ୍ ବାସନ୍ଦ କରିଛି। କାରଣ ଏହାର ଅଧିକାଂଶ ଆଥଲେଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ରୁଷିଆ ଏହାର ଦୃଢ ପ୍ରତିବାଦ କରିବା ସହିତ ଏପରି ଏକ ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରୁ ନିଜକୁ ଦୂରେଇ ରଖିଛି। ବର୍ତ୍ତମାନ ଉଭୟ ପୁରୁଷ ଏବଂ ମହିଳା ଟ୍ରାକ ଆଣ୍ଡ୍ ଫିଲ୍ଡ ରେକର୍ଡ ରହିଛି। ପୁରୁଷ ୧୦୦ମି. ପାଇଁ ୧୦.୧୦ ସେକେଣ୍ଡ ରହିଛି। ଏବଂ ୧୧.୨୪ ସେକେଣ୍ଡ ମହିଳା ୧୦୦ମି. ପାଇଁ ରହିଛି। ପୁରୁଷ ୨୦୦ ମିଟର ରେସ୍ ପାଇଁ ରେକର୍ଡ ୨୦.୪୦ ସେକେଣ୍ଡ ରହିଛି। ସେହିପରି ୨୩.୨୮ ସେକେଣ୍ଡ ମହିଳାଙ୍କ ପାଇଁ ରହିଛି। ପୁରୁଷ ୪୦୦ ମିଟରରେ ରେକର୍ଡ ୪୫.୩୦ସେକେଣ୍ଡ ରହିଛି । ସେହିପରି ମହିଳା ୪୦୦ମି. ରେସ ପାଇଁ ରେକର୍ଡ ୫୧.୮୦ ସେକେଣ୍ଡ ରହିଛି। ଏହି ପ୍ରତିଯୋଗିତାଗୁଡିକ ପାଇଁ ସମଗ୍ର ବିଶ୍ୱରୁ ୪୮ଜଣ ଲେଖାଏଁ ପ୍ରତିଯୋଗୀ ରହିଥିବା ବେଳେ ମହିଳା ୨୦୦ମିଟର ପାଇଁ ୫୬ ଜଣ ଭାଗ ନେଇ ପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ସ୍ୱିଡେନଠାରେ ଅନୁଷ୍ଠିତ ହୋଇଥିବା ବେଳେ ଗୋଟିଏ ଇଭେଣ୍ଟ ପାଇଁ ୨୦ଟି ସଭ୍ୟ ଦେଶରୁ ମାତ୍ର ୪୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ୨୦୧୭ ମସିହାରେ ଏହାର ୧୬ତମ ସଂସ୍କରଣ ଗ୍ରେଟ୍ ବ୍ରିଟେନ୍‌ର ଲଣ୍ଡନଠାରେ ୪ଅଗଷ୍ଟ ରୁ ୧୩ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୫ଟି ଦେଶରୁ ୪୮ଟି ଇଭେଣ୍ଟ ପାଇଁ ୨୦୩୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଆମେରିକା ଏହି ସଂସ୍କରଣର ପଦକ ତାଲିକାରେ ଶୀର୍ଷରେ ରହିଥିଲା। ଆମେରିକା ମୋଟ୍ ୩୦ଟି ପଦକ (୧୦ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ, ୯ଟି ବ୍ରୋଞ୍ଜ) ହାସଲ କରିଥିଲା। ସେହିପରି କେନିଆ ମୋଟ୍ ୧୧ଟି ପଦକ ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କେନିୟା ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୪ଟି ବ୍ରୋଞ୍ଜ ପଦକ ଜିତିଥିଲା। ସେହିପରି ଦକ୍ଷିଣ ଆଫ୍ରିକା ୧୦ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଦକ୍ଷିଣ ଆଫ୍ରିକା ୭ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ, ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ କୌଣସି ପଦକ ଜିତିବାକୁ ସକ୍ଷମ ହୋଇ ନ ଥିବା ବେଳେ ୪୨ଟି ଦେଶ ୧୪୫ଟି ପଦକ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଆୟୋଜକ ଦେଶ ଗ୍ରେଟ ବ୍ରିଟେନ ୬ଷ୍ଠ ସ୍ଥାନରେ ରହିଥିଲା।

ଆମେରିକାର ଜଷ୍ଟିନ ଗାଟଲିନ୍ ୧୦୦ମିଟର ରେସରେ ପୁରୁଷ ବିଭାଗରେ ୯.୯୨ ସେକେଣ୍ଡରେ ଗୋଲଡ ମେଡାଲ ହାସଲ କରିଥିବା ବେଳେ ୨୦୦ମିଟରରେ ତୁର୍କୀର ରାମିଲ ଗଲିଏଭ୍ ୨୦.୦୯ ସେକେଣ୍ଡରେ ସ୍ୱର୍ଣ୍ଣ ଏବଂ ୪୦୦ମିଟର ରେସ୍‌ରେ ସାଉଥ ଆଫ୍ରିକାର ୱାଡେଭାନ୍ ନିଏକେର୍କ ୪୩.୯୮ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗର ୧୦୦ମିଟର ରେସ୍‌ରେ ଆମେରିକାର ଟୋରିବୋୱି ୧୦.୮୫ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ସଂସ୍କରଣରେ ଆମେରିକା ପଦକ ତାଲିକାରେ ୧୫୬ଟି ସ୍ୱର୍ଣ୍ଣ, ୧୦୫ଟି ରୌପ୍ୟ ଏବଂ ୯୧ଟି ବ୍ରୋଞ୍ଜ୍ ସହ ମୋଟ ୩୫୨ଟି ପଦକ ସହ ଶୀର୍ଷରେ ରହିଛି। କେନିଆ ୫୫ଟି ସ୍ୱର୍ଣ୍ଣ, ୪୮ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ୍ ସହ ମୋଟ ୧୪୦ଟି ପଦକ ପାଇ ଦ୍ୱିତୀୟ ଏବଂ ରୁଷିଆ ୪୩ଟି ସ୍ୱର୍ଣ୍ଣ, ୫୨ଟି ରୌପ୍ୟ ଏବଂ ୪୮ଟି ବ୍ରୋଞ୍ଜ୍ ସହ ମୋଟ ୧୪୩ଟି ପଦକ ସହ ୩ୟ ସ୍ଥାନରେ ରହିଛି।

ଏସିଆ ମହାଦେଶରୁ ସବୁଠାରୁ ସଫଳ ଦେଶ ରୂପେ ଚାଇନା ୧୬ଟି ସ୍ୱର୍ଣ୍ଣ, ୨୨ଟି ରୌପ୍ୟ ଏବଂ ୧୮ଟି ବ୍ରୋଞ୍ଜ୍ ସହ ମୋଟ ୫୬ଟି ପଦକ ପାଇ ଶୀର୍ଷରେ ରହିଛି। ଭାରତର ପ୍ରଦର୍ଶନ ଏହି ମେଗା ଇଭେଣ୍ଟରେ ନିହାତି ମାମୁଲି ରହିଛି। ସମସ୍ତ ସଂସ୍କରଣରୁ ଗୋଟିଏ ରୌପ୍ୟ ଏବଂ ୧ଟି ବ୍ରୋଞ୍ଜ୍ ପାଇଛି। ଏହା ବିଶ୍ୱସ୍ତରୀୟ ଆଥ୍‌ଲେଟ ସୃଷ୍ଟି କରିବାରେ ଆମ ଦେଶର ଦୁର୍ବଳତାକୁ ପଦାରେ ପକାଇଛି। ଆଇଏଏଏଫ୍‌ର ୧୦୧ଟି ଦେଶ ଏପର୍ଯ୍ୟନ୍ତ ପଦକ ପାଇଥିବା ବେଳେ ମୋଟ ୨୧୯୮ଟି ପଦକ ବିଭିନ୍ନ ଇଭେଣ୍ଟରେ ଆଥଲେଟମାନେ ପାଇଛନ୍ତି। ଆଇଏଏଏଫ ଇତିହାସରେ ଜାମାଇକା ତାରକା ସ୍ପ୍ରିଣ୍ଟର ଉସେନ୍ ବୋଲ୍ଟ ସର୍ବାଧିକ ୧୪ଟି ମେଡାଲ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ହାସଲ କରି ରେକର୍ଡ ସ୍ଥାପନ କରିଛନ୍ତି। ସେହିପରି କାର୍ଲ ଲୁଇସ୍ ମାଇକେଲ ଜନସନ୍ ଅନେକ ରେକର୍ଡ ସ୍ଥାପନ କରିଥିବା ବେଳେ ଆଲିସନ୍ ଫେଲିକ୍ସ ମହିଳା ବିଭାଗରେ ରେକର୍ଡ ୧୬ଟି ପଦକ ସହ ଆଗରେ ରହିଛନ୍ତି।

ଏଥର ୧୭ତମ ସଂସ୍କରଣ ପାଇଁ ଆଥଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆ ଭାରତୀୟ ଦଳ ଘୋଷଣା କରିଛି। ୧୪ଟି ଇଭେଣ୍ଟ ପାଇଁ ୨୫ଜଣ ଆଥଲେଟଙ୍କ ନାମ ଘୋଷଣା କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭାରତୀୟ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ନାମ ଏହି ତାଲିକାରେ ନାହିଁ। କାରଣ ମହିଳା ବିଭାଗରେ ୧୦୦ମିଟର ପାଇଁ ମୋଟ ୪୮ ଜଣ ପ୍ରତିଯୋଗୀ ଭାଗନେବେ। ମାତ୍ର ୧୦୦ମିଟର ରେସ୍ ପାଇଁ ଟାଇମିଂ ରହିଛି ୧୧.୨୪ ସେକେଣ୍ଡ। ଦୂତୀଙ୍କ ବ୍ୟକ୍ତିଗତ ରେକର୍ଡକୁ ଆଧାର କରି ଆଇଏଏଏଫ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ଦୂତୀ ଚାନ୍ଦଙ୍କୁ ସୁଯୋଗ ଦେଇପାରେ। ଏଥର ଭାରତ ପଦକ ତାଲିକାରେ ସଫଳତା ପାଇବ ବୋଲି ଆଶା କରାଯାଇପାରେ।

# ରୋମାଞ୍ଚକ ଆଶେସ୍

ବିଶ୍ୱର ସବୁଠାରୁ ହାଇପ୍ରୋଫାଇଲ ଟେଷ୍ଟ ସିରିଜର ମାନ୍ୟତା ପାଇଥିବା ଆଶେସ ଏଥର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିଶ୍ୱ କ୍ରିକେଟର ଦୁଇ ସର୍ବ ପୁରାତନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଆଶେସ୍‌ରେ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୫ଟି ଟେଷ୍ଟ, ୧୬୪୮ ଓଭର ଓ ୨୨ ଦିନ କ୍ରିକେଟ ଖେଳାଯିବା ପରେ ମଧ୍ୟ କୌଣସି ଦଳ ବିଜେତା ହୋଇ ପାରି ନ ଥିଲେ। ୨୦୦୧ ପରେ ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ଆଶେସ ଜିତିବାର ସୁଯୋଗ ହାସଲ କରିଥିଲା। ତେବେ ଅନ୍ତିମ ଟେଷ୍ଟରେ ବିଜୟୀ ହୋଇ ଇଂଲଣ୍ଡ ଅଷ୍ଟ୍ରେଲିଆ ଆଶାକୁ ଧୂଳିସାତ୍ କରିଥିଲା। ଦୀର୍ଘ ୪୭ ବର୍ଷ ପରେ ଆଶେସ ଇତିହାସରେ ଆଉ ଏକ ସିରିଜ ଡ୍ର ହୋଇଛି।

ଆଶେସ ଇତିହାସରେ ଏପର୍ଯ୍ୟନ୍ତ ୬ଟି ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ସିରିଜ ୧୯୩୮ରେ ଇଂଲଣ୍ଡରେ ୧-୧ରେ ଅମୀମାଂସିତ ରହିଥିଲା। ଏହାପରେ ୧୯୬୨/୬୩ରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ସିରିଜ ୧-୧ରେ ଡ୍ର ରହିଥିଲା। ପୁଣି ୧୯୬୫/୬୬ରେ ଏହି ସିରିଜ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା ଓ ଏହା ୧- ୧ରେ ଡ୍ର ରହିଥିଲା। ଏହାପରେ ୧୯୬୮ରେ ଇଂଲଣ୍ଡରେ ଖେଳାଯାଇଥିବା ଆଶେସ ୧-୧ରେ ଅମୀମାଂସିତ ରହିଥିଲା। ସେହିପରି ୧୯୭୨ରେ ଅନୁଷ୍ଠିତ ଆଶେସ ୨-୨ରେ ଡ୍ର ରହିଥିଲା। ଏଥର ୨୦୧୯ ଆଶେସ ମଧ୍ୟ ୨-୨ରେ ଅମୀମାଂସିତ ରହିଛି। ମୋଟ ଉପରେ ୬ଟି ଆଶେସ ଡ୍ର ରହିଛି।

ଏଥର ଆଶେସ୍‌ରେ ଅଭିଜ୍ଞ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ପ୍ରଭୁତ୍ୱ ଦେଖିବାକୁ ମିଳିଥିଲା। ସାରା ସିରିଜରେ ସେ ଅବିଶ୍ୱସନୀୟ ପ୍ରଦର୍ଶନ କରିଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗୋଟିଏ ବର୍ଷ ବାସନ୍ଦ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଏଥର ସେ ୪ଟି ମ୍ୟାଚ୍ ଖେଳି ୭ଟି ଇନିଂସରେ ୧୧୦. ୫୭ ରନ ହାରରେ ୭୭୪ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୩ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା। ୨୧୧ ତାଙ୍କର ଉଚ୍ଚତମ ସ୍କୋର ଥିଲା। ରନ ସଂଗ୍ରହ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ମିଥ୍ ପଞ୍ଚମ ସ୍ଥାନରେ ରହିବେ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ୫ଟି ମ୍ୟାଚ୍ ଖେଳି ୭ଟି ଇନିଂସରୁ ୧୩୯. ୧୪ ରନ ହାରରେ ସର୍ବାଧିକ ୯୭୪ ରନ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସେହିପରି ଆଲିଷ୍ଟର କୁକ୍ ଏହାପୂର୍ବରୁ ୫ଟି ମ୍ୟାଚ୍‌ରୁ ୭ଟି ଇନିଂସ ଖେଳି ୭୬୬ ରନ ସଂଗ୍ରହ କରି ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡର ୱାଲି ହାମଣ୍ଡ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୧୧୩.୧୨ ରନ ହାରରେ ୯୦୫ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମାର୍କ ଟେଲର ୬ଟି ମ୍ୟାଚ୍ ଖେଳି ୧୧ଟି ଇନିଂସରୁ ୮୩.୯୦ ରନ ହାରରେ ୮୩୯ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡନ୍ ବ୍ରାଡମ୍ୟାନ ଅନ୍ୟଏକ ଆଶେସ୍‌ରେ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୯୦ ୮୧୦ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି।

ସଦ୍ୟ ସମାପ୍ତ ଆଶେସରେ ଅଷ୍ଟ୍ରେଲୀୟ ବୋଲରଙ୍କ ପ୍ରଦର୍ଶନ ଇଂଲଣ୍ଡ ବୋଲରଙ୍କଠାରୁ ଅପେକ୍ଷାକୃତ ଭଲ ହୋଇଥିଲା। ଦୁଇ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ ଓ ଜୋଶ ହାଜେଲଉଡ ୯୪ଟି ଉଇକେଟରୁ ୪୯ଟି ଅକ୍ତିଆର କରିଥିଲେ। ୨୦.୫୩ ରନ ହାରରେ ପ୍ରତ୍ୟେକ ୪୫.୬ଟି ବଲ୍‌ରେ ଏହି ଦୁଇ ବୋଲର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ତେବେ ଇଂଲଣ୍ଡ ପେସ୍ ଯୋଡି ଷ୍ଟୁଆର୍ଟ ବ୍ରଡ ଓ ଜୋଫ୍ରା ଆର୍ଚର ମଧ୍ୟ ବେଶି ପଛରେ ପଡି ନ ଥିଲେ। ଏହି ଯୋଡି ୨୩.୫୩ ରନ ହାରରେ ୪୪.୨ ଷ୍ଟ୍ରାଇକ ରେଟ୍‌ରେ ୪୫ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ସିରିଜର ଓପନରମାନଙ୍କୁ ବେଶ୍ ସଂଘର୍ଷ କରିଥିବାର ଦେଖାଯାଇଥିଲା। ରୋରି ବର୍ନ୍ସ ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୩୯.୦୦ ରନ ହାରରେ ୩୯୦ ରନ କରି ସଫଳତମ ଓପନର ସାବ୍ୟସ୍ତ ହୋଇଛନ୍ତି। ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ ଓ ତାଙ୍କର ସର୍ବାଧିକ ସ୍କୋର ୧୩୩ ଥିଲା। ସେହିପରି ଜୋ ଡେନ୍ଲି ୨ଟି ମ୍ୟାଚ୍ ଖେଳି ୪ଟି ଇନିଂସରୁ ୪୧.୨୫ ରନ ହାରରେ ୧୬୫ ରନ କରିଥିଲେ। ବିସ୍ଫୋରକ ଓପନର ଡେଭିଡ ୱାର୍ନର ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୯.୫୦ ରନର ହାରରେ ୯୫ ରନ ସଂଗ୍ରହ କରିଥିଲେ। ସେହିପରି ମାର୍କସ ହାରିସ, ଜାସନ ରଏ ଓ କାମେରନ ବ୍ୟାଙ୍କ୍ରଫ୍ଟ ମଧ୍ୟ ବିଫଳ ହୋଇଥିଲେ।

ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଏଥର ଆଶେସ ପ୍ରଥମ ଟେଷ୍ଟରେ ୨୫୧ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସ୍ମିଥ୍ ପ୍ରଥମ ଇନିଂସରେ ୧୪୪ ଓ ଦ୍ୱିତୀୟ ଇନିଂସରେ ୧୪୨ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ କିନ୍ତୁ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏଥିରେ ଡେବ୍ୟୁ କରିଥିଲେ। ୧୧୫ ରନର ଉପଯୋଗୀ ଶତକୀୟ ଇନିଂସ ଖେଳି ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳକୁ ପରାଜୟରୁ ରକ୍ଷା କରିବା ସହ ମ୍ୟାଚ୍ ଡ୍ର' ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହାପରେ ସଂଘର୍ଷପୂର୍ଣ୍ଣ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବେନ୍ ଷ୍ଟୋକ୍ସଙ୍କ ୧୩୫ ରନର ଐତିହାସିକ ଅପରାଜିତ ଶତକ ବଳରେ ୧ ଉଇକେଟରେ ବିଜୟୀ ହୋଇଥିଲା। ଷ୍ଟୋକ୍ସ ମଧ୍ୟ ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେବେ ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ ଇନିଂସରେ ୨୧୧ରନର ଦ୍ୱିଶତକ ଓ ଦ୍ୱିତୀୟ ଇନିଂସରେ ୮୨ ରନ କରି ସ୍ମିଥ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ୧୩୫ ରନରେ ବିଜୟୀ ହୋଇ ସିରିଜ୍ ଡ୍ର ରଖିଥିଲା। ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିବା ଆର୍ଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଷ୍ଟୋକ୍ସ ଓ ସ୍ମିଥ୍ ମିଳିତ ଭାବେ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଦୀର୍ଘ ୪୭ ବର୍ଷ ପରେ ହାଇପ୍ରୋଫାଇଲ ଆଶେସ ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥର ଆଶେସ ଅସାଧାରଣ ପ୍ରଦର୍ଶନ ପାଇଁ ନୁହଁ ବରଂ ରୋମାଞ୍ଚ ପାଇଁ ପ୍ରଶଂସକଙ୍କ ମନରେ ରହିବ। ତେବେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ପ୍ରଦର୍ଶନ ଐତିହାସିକ ଥିଲା। ଟେଷ୍ଟ ପଦାର୍ପଣ କରିଥିବା ଦିନିକିଆ ବିଶ୍ୱକପ୍ ହିରୋ ତଥା ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ସିରିଜ ୨-୨ରେ ଅମୀମାଂସିତ ରହିଥିଲା...

### ଆଶେସ- ୨୦୧୯

ଫଳାଫଳ: ୨-୨ରେ ଡ୍ର
ଇଂଲଣ୍ଡ ଅଧିନାୟକ: ଜୋ ରୁଟ୍
ଅଷ୍ଟ୍ରେଲିଆ ଅଧିନାୟକ: ଟିମ୍ ପେନ୍
ସର୍ବାଧିକ ସ୍କୋରର: ଷ୍ଟିଭ୍ ସ୍ମିଥ୍ (୭୭୪)
ଇଂଲଣ୍ଡର ସର୍ବାଧିକ ସ୍କୋରର: ବେନ୍ ଷ୍ଟୋକ୍ସ (୪୪୧)
ସର୍ବାଧିକ ଉଇକେଟ: ପ୍ୟାଟ୍ କୁମିନ୍ସ (୨୯)
ସର୍ବାଧିକ ଉଇକେଟ (ଇଂଲଣ୍ଡ): ଷ୍ଟୁଆର୍ଟ ବ୍ରଡ (୨୩)



ଅଷ୍ଟ୍ରେଲିଆ ଦଳ

### ସମୟ

ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜରେ
ଗୋଟିଏ ମ୍ୟାଚ୍‌ରେ ଷଣ୍ଢ
ଇଂଲଣ୍ଡରେ ନେଦରଲାଣ୍ଡକୁ ହରାଇ
ହିଷ୍ଟ୍ରି କଲା ସ୍କଟଲାଣ୍ଡ
ମୁନିସ- କାଇଲ ମୁଣ୍ଡ
ଦୁଇ ଶ' ରନର ପାର୍ଟନରଶିପ୍
ଥାର୍ଡ ବିଗ୍ ରେକର୍ଡ ଧଣ୍ଡ।।।୧

ବିଶ୍ୱ ଫୁଟଭଲି ଚାମ୍ପିୟନଶିପ୍ ଚାଲେ
ବ୍ୟାଙ୍କକ୍‌ଠି ଦେଖ୍ ଚାଇ
ରେଫରି ଦାୟିତ୍ୱ ତୁଲାଏ ସୁଜିତ୍
ଆମରି ଓଡ଼ିଆ ଭାଇ
କୃତୀ ଖେଳାଳିଙ୍କ ପାଇଁ
ଆଜି ମୋ ରାଇଜ ନାଁ ବାସ ଚହଟେ
ଦେଶ ବିଦେଶରେ ଯାଇ।।।୨

ଓସିଏର କର୍ମକର୍ତ୍ତା ନିର୍ବାଚନ
ପାଇଁ ବଢୁଅଛି ତାତି
ଆଶୀର୍ବାଦ ପୁଅ ସଞ୍ଜୟ ଲଢୁଛି
ସିଏ ସମ୍ପାଦକ ପ୍ରାର୍ଥୀ
କିଏ ହେବ ସଭାପତି
ପଙ୍କଜ ହେବ କି ହେବ ପୁଣି ନବ
ସମୟ କହିବ ସାଥୀ।।।୩

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.34 (↑ 10) | 36, 093.80 (↓ 470.41) | 10,704.80 (↓ 135.85) | 38,454.00 (↓ ₹ 270) | 47, 310.00 (↓ ₹380) |



"ଦେଶର ଗାଡ଼ି ସ୍କ୍ରାପିଙ୍ଗ୍ ନୀତି ସମ୍ପର୍କରେ କ୍ୟାବିନେଟ ନିଷ୍ପତ୍ତି ନେବ। ସଡ଼କ ପରିବହନ ଏବଂ ଅର୍ଥ ମନ୍ତ୍ରଣାଳୟ ଏହି ନୀତିର ଚିଠାକୁ ଇତିମଧ୍ୟରେ ଅନୁମୋଦନ କରିସାରିଛି।
–ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



"ଡାଲମିଆ ସିମେଣ୍ଟ ଏହାର ଚେନ୍ନାଇ ପ୍ଲାଣ୍ଟକୁ କାର୍ବନ ମୁକ୍ତ କରିବା ଲାଗି ବ୍ରିଟେନ କମ୍ପାନୀ କାର୍ବନ ସଲ୍ୟୁସନ୍ସ ସହ ଚୁକ୍ତି ସ୍ୱାକ୍ଷର କରିଛି। –ମହେନ୍ଦ୍ର ସିଂଘି, ଡାଲମିଆ ସିମେଣ୍ଟ(ଭାରତ) ଏମ୍‌ଡି–ସିଇଓ



## ସଂକ୍ଷେପରେ

■ ଆଜି ଜିଏସ୍‌ଟି କାଉନସିଲ୍ ବୈଠକ

### ଟିକସ ହ୍ରାସ ନେଇ ହୋଇପାରେ ନିଷ୍ପତ୍ତି

ନୂଆଦିଲ୍ଲୀ,୧୯-୯:ଜିଏସ୍‌ଟି କାଉନସିଲ୍‌ର ୩୭ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଗୋଆରେ ବସିବାକୁ ଯାଉଛି। ଟିକସ ଆୟ ହ୍ରାସ ପାଉଥିବାବେଳେ ଅର୍ଥନୀତିକୁ ଗତିଶୀଳ କରିବା ନେଇ ଟିକସ ବୋଝ ହ୍ରାସ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଜିଏସ୍‌ଟି ରିଟର୍ନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ। ଦେଶର ଆର୍ଥିକ ବିକାଶ ହାର ପ୍ରଥମ ତ୍ରୈମାସରେ ୫%ରେ ପହଞ୍ଚିଥିବା ବେଳେ କାଉନସିଲ୍ ବୈଠକର ନିଷ୍ପତ୍ତି ବିଶେଷ ଗୁରୁତ୍ୱବହନ କରୁଛି। ତେବେ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ବିସ୍କୁଟ, ହୋଟେଲ, ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ନିର୍ମାତା ସମେତ ବହୁ ଉଦ୍ୟୋଗ ଜିଏସ୍‌ଟି ହ୍ରାସ ପାଇଁ ଦାବି ଜଣାଇଛନ୍ତି। ଜିଏସ୍‌ଟି ହ୍ରାସ ହେଲେ ଚାହିଦା, ବ୍ୟବହାର ବଢ଼ିବ ଏବଂ ଅର୍ଥନୀତି ଗତିଶୀଳ ହେବ ବୋଲି ଯୁକ୍ତି ଦର୍ଶାଯାଉଛି। ତେବେ ଜିଏସ୍‌ଟି ହ୍ରାସକୁ ବହୁ ରାଜ୍ୟ ବିରୋଧ କରୁଛନ୍ତି। ସେମାନଙ୍କ ମତରେ କେନ୍ଦ୍ରର କ୍ଷତିପୂରଣ ପ୍ରଦାନ ପରିମାଣ ଦିନକୁ ଦିନ ହ୍ରାସ ପାଉଛି। ଏଭଳି କ୍ଷେତ୍ରରେ ଜିଏସ୍‌ଟି ହ୍ରାସ କରାଗଲେ ରାଜ୍ୟମାନଙ୍କର ଆୟ ବହୁ ପରିମାଣରେ କମିଯିବ। ଇତିମଧ୍ୟରେ ଫିଟ୍‌ମେଣ୍ଟ କମିଟି ବିସ୍କୁଟ ଠାରୁ ଆରମ୍ଭ କରି ଅଟୋ,ହୋଟେଲ ସେକ୍ଟର ଆଦିରେ ଜିଏସ୍‌ଟି ହ୍ରାସ ନ କରିବାକୁ ସୁପାରିସ୍ କରିଛନ୍ତି। ଉକ୍ତ ବୈଠକରେ ଜିଏସ୍‌ଟି ଆଇନରେ ସଂଶୋଧନ ନେଇ ଆଲୋଚନା ହୋଇପାରେ। କାରଣ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ହେବ।

### ନିବେଶକ ହରାଇଲେ ୧.୬୫ ଲକ୍ଷ କୋଟି

ମୁମ୍ବାଇ,୧୯-୯: ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା ବିଦେଶ ସମେତ ଭାରତୀୟ ଷ୍ଟକ୍ ବଜାରରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଥିଲା। ଗୁରୁବାର ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୪୭୦.୪୧ ପଏଣ୍ଟ ହ୍ରାସ ପାଇ ୩୬,୦୯୩.୪୭ରେ ଏବଂ ୫୦ ଶେୟାର ବିଶିଷ୍ଟ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୩୫.୮୫ ପଏଣ୍ଟ ହ୍ରାସ ପାଇ ୧୦,୭୦୪.୮୦ରେ ବନ୍ଦ ହୋଇଛି। ଫଳରେ ବଜାରରେ ତାଲିକାଭୁକ୍ତ କମ୍ପାନୀଙ୍କ ପୁଞ୍ଜି ୧,୬୫,୪୩୭.୯୧ କୋଟି ହ୍ରାସ ପାଇ ୧,୩୮,୫୪,୪୩୯.୪୧ କୋଟି ଟଙ୍କା ହୋଇଛି। ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପ୍ରମୁଖ ବିଶ୍ଳେଷକ ବିନୋଦ ନାୟର କହିଛନ୍ତି ଯେ, ବିଦେଶୀ ସଂସ୍ଥାଗତ ନିବେଶକଙ୍କ ପକ୍ଷରୁ ଅର୍ଥ ଉଠାଣ ଜାରି ରହିଛି। ସେହିପରି ଭବିଷ୍ୟତରେ ସୁଧ ହାର ହ୍ରାସ ନେଇ ଫେଡେରାଲ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆ ନ ଯିବାରୁ ନିବେଶକ ହତୋତ୍ସାହିତ ହୋଇଥିଲେ। ଅନୁରୂପ ଭାବେ ଦେଶରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଆଶାଜନକ ନ ରହିବା ମଧ ନିବେଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା।

### ନୀରବ ମୋଦିଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୧୯-୯: ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହାଜତ ମିଆଦକୁ ସ୍ଥାନୀୟ ଅଦାଲତ ଗୁରୁବାର ଅକ୍ଟୋବର ୧୭ ଯାଏ ବୃଦ୍ଧି କରିଛନ୍ତି। ଗୁରୁବାର ତାଙ୍କର ହାଜତ ମିଆଦ ପୂରି ଯାଉଥିଲା। ବ୍ରିଟେନର ୱାଣ୍ଡ୍‌ସୱର୍ଥ ଜେଲ୍‌ରେ ବନ୍ଦ ଥିବା ନୀରବଙ୍କୁ ପ୍ରତ୍ୟର୍ପଣ ପାଇଁ ଆସନ୍ତାବର୍ଷ ମେ'ରେ ଶୁଣାଣି ହେବ। ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ନୀରବଙ୍କୁ ଗୁରୁବାର ଭିଡ଼ିଓ ଲିଙ୍କ୍ ଜରିଆରେ ବ୍ରିଟେନ ଅଦାଲତରେ ହାଜର କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍ ଜଷ୍ଟିସ୍ ଟ୍ୟାନ୍ ଇକରମ୍ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଧାର୍ଯ୍ୟ କରାଯିବ ବୋଲି ବିଚାରପତି କହିଛନ୍ତି। ଆସନ୍ତାବର୍ଷ ମେ ୧୧ରୁ ପ୍ରତ୍ୟର୍ପଣ ମାମଲାର ଶୁଣାଣି ପାଇଁ ପ୍ରାରମ୍ଭିକ ଭାବେ ତାରିଖ ସ୍ଥିର କରାଯାଇଛି। ତେବେ ଭାରତ ସରକାର ଓ ନୀରବ ମୋଦି ଏହାକୁ ଅଦ୍ୟାବଧି ସ୍ୱୀକାର କରିନାହାନ୍ତି। ଆସନ୍ତା ୫ ଦିନ ମଧ୍ୟରେ ଏ ସମ୍ପର୍କରେ ଜଣାଇବାକୁ ବିଚାରପତି ସମ୍ପୃକ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ଭାରତର ଅର୍ଥନୀତି ମଜଭୁତ୍: ଶକ୍ତିକାନ୍ତ

# ବାଣିଜ୍ୟ ହ୍ରାସକୁ ନେଇ ବଢ଼ୁଛି ଚିନ୍ତା

ମୁମ୍ବାଇ,୧୯-୯

ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଦେଶର ବାଣିଜ୍ୟ ହ୍ରାସକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ତେବେ ସେ ଏହା ମଧ କହିଛନ୍ତି ଯେ, ବିଶ୍ୱ ସ୍ତରରେ ଏବେ ସୁଦ୍ଧା ମାନ୍ଦାବସ୍ଥା ସ୍ଥିତି ଉପୁଜି ନାହିଁ। ବିଶ୍ୱରେ ବିପଦ ବଢ଼ିବା ସତ୍ତ୍ୱେ ଦେଶର ଅର୍ଥବ୍ୟବସ୍ଥା ମଜଭୁତ୍ ସ୍ଥିତିରେ ରହିଛି, କାରଣ ଦେଶର ମୋଟ ଋଣ ମଧ୍ୟରୁ କେବଳ ୧୯.୭%ବିଦେଶୀ ଋଣ ରହିଛି। ସେ କହିଛନ୍ତି ଯେ, ଆସନ୍ତା ୧୨ ମାସ ପର୍ଯ୍ୟନ୍ତ ଭାରତର ମୁଦ୍ରାସ୍ଫୀତି ହାର ୪% ତଳେ ରହିବ।



ଶକ୍ତିକାନ୍ତ ଦାସ

■ ମୋଟ୍ ବିଦେଶୀ ଋଣ ମାତ୍ର ୧୯.୭%

■ ଆସନ୍ତା ୧୨ ମାସରେ ମୁଦ୍ରାସ୍ଫୀତି ୪% ତଳେ ରହିବ

■ ଅଶୋଧିତ ତୈଳ ଦରବୃଦ୍ଧିର ପ୍ରଭାବ ବିଶେଷ ପଡିବ ନାହିଁ

ବ୍ଲୁମ୍‌ବର୍ଗ ଇଣ୍ଡିଆ ଇକୋନୋମିକ ଫୋରମ୍ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ବିଶ୍ୱ ସ୍ତରରେ ଅନେକ ପ୍ରକାର ଆହ୍ୱାନ ରହିଛି। ତନ୍ମଧ୍ୟରେ ବାଣିଜ୍ୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ସେ କହିଛନ୍ତି ଯେ, ବଡ଼ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟକୁ ନେଇ ଉତ୍ତେଜନା ଲାଗି ରହିଥିବାରୁ ବଡ଼ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିଥାଏ। ଶକ୍ତିକାନ୍ତ କହିଛନ୍ତି ଯେ, ବିଶ୍ୱ ବାଣିଜ୍ୟ ପରିବେଶ ଏବେ ଆହ୍ୱାନପୂର୍ଣ୍ଣ ରହିଛି। ବିଶ୍ୱ ସ୍ତରରେ ବିକାଶ ହାର ହ୍ରାସ ପାଉଛି ଏବଂ କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତିକୁ ସରଳ କରୁଛନ୍ତି। କିନ୍ତୁ ଏହା ସତ ଯେ, ଏବେ ସୁଦ୍ଧା ବିଶ୍ୱରେ ମାନ୍ଦାବସ୍ଥା ଆସିନାହିଁ। ସେ କହିଛନ୍ତି ଯେ, ବିଶ୍ୱ ଆହ୍ୱାନର ଆଘାତରୁ ଦେଶର ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ଏବଂ ଢ଼ାଞ୍ଚାଗତ ସୁଧାର ଲାଗି ସରକାରଙ୍କୁ ବଜେଟରେ ନିର୍ଦ୍ଧାରିତ ଖର୍ଚ୍ଚକୁ ଆରମ୍ଭ କରିବାକୁ ହେବ। ଆର୍ଥିକ ବୃଦ୍ଧିକୁ ଗତିଶୀଳ କରିବାକୁ ଯାଇ ମାନ୍ଦାବସ୍ଥାର ଚକ୍ରର ମୁକାବିଲା ପାଇଁ ଅଧିକ ରାଜସ୍ୱ ବ୍ୟୟର ଅବକାଶ ନାହିଁ। ଶକ୍ତିକାନ୍ତ କହିଛନ୍ତି ଯେ, ଫେଡେରାଲ ରିଜର୍ଭର ନୀତିଗତ ସୁଧ ହାର ହ୍ରାସ ଯୋଗୁ ଦେଶରେ ନଗଦ ପ୍ରବାହକୁ ଗତି ମିଳିବ। କିନ୍ତୁ ଏଭଳି ପୁଞ୍ଜି ପ୍ରବାହକୁ ନେଇ ଆମକୁ ସତର୍କ ରହିବାକୁ ହେବ। ସୌଦି ଆରବର ତୈଳ ଖଣି ଉପରେ ହୋଇଥିବା ଡ୍ରୋନ ଆକ୍ରମଣ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଯଥେଷ୍ଟ ରହିଛି ବୋଲି ସେ କହିଛନ୍ତି। ତେବେ ମୁଦ୍ରାସ୍ଫୀତି ଓ ବିତ୍ତୀୟ ନିଅଣ୍ଟ ଉପରେ ଏହାର ସୀମିତ ପ୍ରଭାବ ପଡିବ ବୋଲି ସେ ମନେ କରୁଛନ୍ତି ବୋଲି ଗଭର୍ନର କହିଛନ୍ତି। ତେବେ ସେ ଏହା ମଧ କହିଛନ୍ତି ଯେ, ଡ୍ରୋନ ଆକ୍ରମଣ ପରେ ସୌଦି ଆରବର ତୈଳ ଉତ୍ପାଦନ କ୍ଷମତାକୁ ନେଇ ଏବେ ସୁଦ୍ଧା ଅସ୍ଥିରତା ରହିଛି ବୋଲି ସେ ଚେତାଇ ଦେଇଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ କ୍ଷେତ୍ରରେ ବହୁ ଆହ୍ୱାନ ସତ୍ତ୍ୱେ ଡଲାର ତୁଳନାରେ ଟଙ୍କାର ଅସ୍ଥିରତା ସୀମିତ ରହିଛି। ପ୍ରଥମ ତ୍ରୈମାସରେ ଟଙ୍କାର ମୂଲ୍ୟ ସାମାନ୍ୟ ବଢ଼ିଥିବା ବେଳେ ଅଗଷ୍ଟରେ ଏହା ସାମାନ୍ୟ କମିଛି। ଦେଶର ବାଣିଜ୍ୟ ସମ୍ପର୍କରେ ଉଲ୍ଲେଖ କରି ଶକ୍ତିକାନ୍ତ କହିଛନ୍ତି ଯେ, କେତେକ ଉଚିତ୍ ପଦକ୍ଷେପ ନିଆଯିବା କାରଣରୁ ଦେଶର ଅର୍ଥନୀତି ସୁଦୃଢ଼ ରହିଛି। ଏଥିଯୋଗୁ ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥାର ଝଟ୍‌କାରୁ ଭାରତ ଦୂରେଇ ରହିଛି। ଦେଶର ଆମଦାନୀ ଓ ରପ୍ତାନି ଅନୁପାତରେ ଉନ୍ନତି ଆସିଥିବା ବେଳେ ରପ୍ତାନି କ୍ଷେତ୍ରରେ ଆହୁରି କେତେକ କ୍ଷେତ୍ର ଉଦ୍‌ବେଗଜନକ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି। ଚାହିଦା ଓ ପୁଞ୍ଜିନିବେଶ ହ୍ରାସ ଯୋଗୁ ବର୍ତ୍ତମାନ ଦେଶରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ଉଲ୍ଲେଖ କରି ଗଭର୍ନର କହିଛନ୍ତି ଯେ, ଚାହିଦା କମ୍ ଯୋଗୁ ଆମଦାନୀ ମଧ କମିଛି।

## ସାନିଟାରି ପ୍ୟାଡ୍ ବ୍ୟବହାର କରୁଛନ୍ତି ରାଜ୍ୟର ୧୩% ମହିଳା

ଭୁବନେଶ୍ୱର,୧୯-୯(ବ୍ୟୁରୋ)

ସାନିଟାରି ପ୍ୟାଡ୍ ବ୍ୟବହାର କ୍ଷେତ୍ରରେ ପଛୁଆ ରାଜ୍ୟଗୁଡିକ ତୁଳନାରେ ଓଡ଼ିଶା କିଛିଟା ଆଗୁଆ ରହିଛି। ଏଠାରେ ମହିଳାଙ୍କ ମଧ୍ୟରେ ପ୍ୟାଡ୍ ବ୍ୟବହାର ପରିମାଣ ପ୍ରାୟ ୧୨ରୁ ୧୩%। ସେହିଭଳି ରାଜ୍ୟରେ ଆଦିବାସୀ ବହୁଳ ଅଞ୍ଚଳରେ ଏଭଳି ପ୍ରଡକ୍ଟ ବ୍ୟବହାର ନେଇ ସଚେତନତା ବିଶେଷ ଭାବେ ପହଞ୍ଚିପାରି ନାହିଁ। ଓଡ଼ିଶାରେ ଅଧିକରୁ ଅଧିକ ଆଉଟଲେଟରେ ଏହି ପ୍ରଡକ୍ଟଗୁଡିକୁ ପହଞ୍ଚାଇବା ନେଇ ପଦକ୍ଷେପ ନିଆଯାଉଛି। ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ବୃଦ୍ଧି ଲାଗି ବିଭିନ୍ନ କ୍ୟାମ୍ପେନ ହାତକୁ ନିଆଯାଇଛି ବୋଲି ନାଇନ ସାନିଟାରି ପ୍ୟାଡ କମ୍ପାନୀର ସିଇଓ ରିଚା ସିଂ କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶା ସମେତ ପଞ୍ଜାବ ଏଜୁକେଶନ ବୋର୍ଡ, ନ୍ୟାଶନାଲ ହେଲ୍‌ଥ କମିଶନ ସହ ମିଳିତ ହୋଇ ଉତ୍ତର ପ୍ରଦେଶରେ ସାନିଟାରି ନାପକିନ ବ୍ୟବହାରକୁ ଉତ୍ସାହିତ କରାଯାଉଛି। ସେହିଭଳି ଆଗାମୀ ଦିନରେ ଏଠାରେ ସରକାର ଏବଂ ଆଶା କର୍ମଚାରୀଙ୍କ ସହ ମିଶି କାମ କରିବାକୁ ଯୋଜନା ରଖିଛୁ। ଏବେ ଓଡ଼ିଶାରେ ୬ରୁ ୭ ହଜାର ଷ୍ଟୋରରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ବର୍ତ୍ତମାନ ପ୍ରଡକ୍ଟର ଗୁଣବତ୍ତାକୁ ନେଇ ସଚେତନତା ମଧ ସୃଷ୍ଟି କରାଯାଉଛି।

ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ସୃଷ୍ଟି କରୁଛି ନାଇନ୍



ରିଚା ସିଂ

ସେ କହିଛନ୍ତି ଯେ, ବର୍ତ୍ତମାନ ଦେଶର ୧୮% ମହିଳା ଏବଂ ଯୁବତୀଙ୍କ ନିକଟରେ ସାନିଟାରି ନାପକିନ ପହଞ୍ଚିଛି। ଏବେ ବି ସିଂହଭାଗ ମହିଳାଙ୍କ ନିକଟରେ ଏହି ପ୍ରଡକ୍ଟ ପହଞ୍ଚି ନାହିଁ। ଏମାନଙ୍କ ନିକଟରେ ପ୍ରଡକ୍ଟ ପହଞ୍ଚାଇବା ଯୋଜନା ରହିଛି। ସେହିଭଳି ଏନ୍‌ଜିଓ ଏବଂ ସରକାରଙ୍କ ସହାୟତାରେ ଶସ୍ତାରେ ପ୍ୟାଡ୍ ଯୋଗାଇବାକୁ ଯୋଜନା ରଖିଛୁ। କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୨୦୦ କୋଟି ଟଙ୍କାର କାରବାର କରୁଛି। ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ପାନାସୋନିକ ପକ୍ଷରୁ ଡିଲରମିଟ୍

ଭୁବନେଶ୍ୱର,୧୯-୯

ପାନାସୋନିକ ପକ୍ଷରୁ ଏହାର ପଶ୍ଚିମ ଓଡ଼ିଶା ଡିଲରଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ପାଇଁ ପାନାସୋନିକର ବିତରକଭାବେ କାର୍ଯ୍ୟ କରୁଥିବା ମେସର୍ସ ଦୂରଦର୍ଶନର ବିଭିନ୍ନ ଡିଲର ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀର ନୂଆ ରେଞ୍ଜର ଏଲ୍‌ଇଡି, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ, ଭିଡ଼ିଓ ଡୋର ଫୋନ ଏବଂ ବ୍ୟାଟେରି କେୟାର ପ୍ରଡକ୍ଟର ପ୍ରଦର୍ଶନ କରାଯାଇଥିଲା। ଦୂରଦର୍ଶନର ପ୍ରୋପ୍ରାଇଟର ଏମ୍.ଡି.ସୈଫୁଦ୍ଦିନ, ଅନିଲ ଅଗ୍ରୱାଲ, କିଶନ ଅଗ୍ରୱାଲ, ଅମରେଶ ଗିରି, କମଲେଶ ଗିରି, ଅଜିତ ମୁଦୁଲି, ଏମ୍.ଡି. ସିଜାଉଦ୍ଦିନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଗି ସମ୍ମାନିତ କରାଯାଇଥିଲା। ପାନାସୋନିକ ପକ୍ଷରୁ ଓଡ଼ିଶା, ବିହାର, ଝାଡଖଣ୍ଡ ବାଣିଜ୍ୟ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡ଼ିଶା ମୁଖ୍ୟ ଦୁର୍ଗେଶ ଶୁକ୍ଲା, ମାର୍କେଟିଂ ମ୍ୟାନେଜର ଏସ୍ .କେ. ରଫିକୁଆଲା, ଏରିଆ ମ୍ୟାନେଜର ଦେବାଶିଷ ନାୟକ, ଏରିଆ ମ୍ୟାନେଜର ସର୍ଭିସ ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଖାଲି ପଡିଛି ଆର୍‌ବିଆଇ ଡେପୁଟି ଗଭର୍ନର ପଦ

## ଅର୍ଥ ମନ୍ତ୍ରଣାଳୟକୁ ମିଳିଛି ୧୦୦ ଆବେଦନ

ନୂଆଦିଲ୍ଲୀ,୧୯-୯

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଡେପୁଟି ଗଭର୍ନର ପଦ ଦୀର୍ଘ ଦିନ ହେଲା ଖାଲିପଡିଛି। ନିଜର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବିରାଲ ଆଚାର୍ଯ୍ୟଙ୍କ ଅଚାନକ ଇସ୍ତଫା ପରେ ଏହି ପଦଟି ଖାଲି ପଡିଛି। ଏହି ଖାଲି ପଦବୀ ପୂରଣ ପାଇଁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆବେଦନ ଆହ୍ୱାନ କରାଯିବା ପରେ ପ୍ରାୟ ୧୦୦ ଆବେଦନକାରୀ ଏଥିପାଇଁ ଆଗେଇ ଆସିଛନ୍ତି। ଏହି ଆବେଦନଗୁଡ଼ିକୁ ଉଚ୍ଚସ୍ତରୀୟ କମିଟିକୁ ପଠାଯିବ ଏବଂ ସେମାନେ ଉଚିତ୍ ପ୍ରାର୍ଥୀଙ୍କୁ ଚୟନ କରିବେ।

## ଅର୍ଥନୀତିକୁ ନେଇ ଟୁଇଟରରେ ଅର୍ଥମନ୍ତ୍ରୀ–ବାୟୋକନ ମୁଖ୍ୟ ମୁହାଁମୁହିଁ

ନୂଆଦିଲ୍ଲୀ,୧୯-୯

ଦେଶର ଆର୍ଥିକ ପରିସ୍ଥିତିକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ବାୟୋକନ ଲିମିଟେଡ ମୁଖ୍ୟ କିରଣ ମଜୁମଦାର ସ' ଗୁରୁବାର ଟୁଇଟରରେ ମୁହାଁମୁହିଁ ହୋଇଥିଲେ। ମିଡିଆ ଏହାକୁ ତର୍କ ବୋଲି ଉଲ୍ଲେଖ କରିଥିଲେ ସୁଦ୍ଧା କିରଣ ଏହାକୁ ଆଲୋଚନା ବୋଲି କହିଛନ୍ତି। ବାସ୍ତବରେ ଇ-ସିଗାରେଟକୁ ନିଷେଧ କରାଯିବା ନେଇ କିରଣଙ୍କ ଏକ ଟୁଇଟ୍‌ରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଇ–ସିଗାରେଟ ବ୍ୟାନ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରାମନ୍ ଘୋଷଣା କରିବାକୁ ନେଇ କିରଣ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଇ–ସିଗାରେଟ ବ୍ୟାନ୍ କରିବା ଘୋଷଣା ସ୍ୱାସ୍ଥ୍ୟମନ୍ତ୍ରୀ କରିବା ଉଚିତ ନ ଥିଲା କି ବୋଲି ଗୁରୁବାର ସକାଳେ ତାଙ୍କର ଟୁଇଟ୍‌ରେ ପ୍ରଶ୍ନ କରିଥିଲେ। ଗୁଟ୍‌ଖାକୁ ବ୍ୟାନ୍ କରିବା ଭଲ ହେବ ନାହିଁକି ବୋଲି ସେ ଆଉ ଏକ ପ୍ରଶ୍ନ ଦୋହରାଇଥିଲେ। ଅର୍ଥନୀତିକୁ ପୁନର୍ବାର ଠିକ୍ ରାସ୍ତାକୁ ଆଣିବା ଲାଗି ଅର୍ଥ ମନ୍ତ୍ରଣାଳୟ ପଦକ୍ଷେପ ଘୋଷଣା କରିବା ଉଚିତ ହେବ ବୋଲି ସେ କହିଛନ୍ତି। ତେବେ ସାଧାରଣତଃ ଟୁଇଟରରେ ଏଭଳି ଯୁକ୍ତିତର୍କରୁ ନିଜକୁ ଦୂରେଇ ରଖୁଥିବା ସୀତାରାମନ୍ ବାୟୋକନ ମୁଖ୍ୟଙ୍କ ଟୁଇଟ୍‌ର ଜବାବ ଅତ୍ୟନ୍ତ ଶାଳୀନତାର ସହ ଦେଇଛନ୍ତି। ସେ ନିଜ ପ୍ରତିକ୍ରିୟାରେ କ୍ରମାଗତ ୩ ଟୁଇଟ୍ କରିଛନ୍ତି।

# ଗ୍ରାହକଙ୍କ ୪୧ ବର୍ଷର ବିଶ୍ୱାସ ସହ ବଢୁଛୁ

ଆସିଛି ପାର୍ବଣ ଋତୁ। ଏହି ସମୟରେ ବିଭିନ୍ନ ପ୍ରଡକ୍ଟ କ୍ରୟ କଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ବିଭିନ୍ନ ପ୍ରଡକ୍ଟ ମଧ୍ୟରେ କଞ୍ଜ୍ୟୁମର ଡ୍ୟୁରେବଲ୍‌ର ଗୁରୁତ୍ୱ ସ୍ୱତନ୍ତ୍ର। ରାଜ୍ୟରେ ଏହି ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡିଲରଶିପଗୁଡ଼ିକ ଏବେ ପ୍ରସ୍ତୁତ। ଏ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ ନାମ। ପାର୍ବଣରେ ବିକ୍ରି ପ୍ରସ୍ତୁତି, ପ୍ରଡକ୍ଟ କ୍ରୟ ନେଇ ଲୋକଙ୍କ ରୁଚି, ଶୋ'ରୁମର ସେବା ଯୋଗାଣ ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ(ଟୁଟୁ ଭାଇ)ଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର।.....

**ରାଜ୍ ଇଲେକ୍‌ଟ୍ରୋନିକ୍ସ ରାଜ୍ୟରେ କିଭଳି ଉପସ୍ଥିତି ଜାହିର କରିଛି ?**

■ ରାଜ୍ୟରେ ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପସ୍ଥିତିକୁ ଦୃଢ କରି ପାରିଛି। ଭୁବନେଶ୍ୱରରେ ୫ ଷ୍ଟୋର, କଟକ, ଯାଜପୁର ରୋଡରେ ୨ ଷ୍ଟୋର, ଯାଜପୁର ଟାଉନ, ଭଦ୍ରକ, ବାଲେଶ୍ୱର, ରାଉରକେଲା, ଝାରସୁଗୁଡା, ଅନୁଗୋଳରେ ୨ ଏବଂ ତାଳଚେରରେ ନିଜସ୍ୱ ଷ୍ଟୋର ଦ୍ୱାରା ସେବା ଯୋଗାଣ ହେଉଛି। ଏହାବାଦ ଫ୍ରାଞ୍ଚାଇଜି ଷ୍ଟୋର ଦ୍ୱାରା ଜାରକା, ଜଳେଶ୍ୱର, ଯାଜପୁର ରୋଡ କେଶଦୁରାପାଳ, ବନ୍ତ ଭଳି ସ୍ଥାନଗୁଡିକରେ ଗ୍ରାହକଙ୍କ ପାଖରେ ପହଞ୍ଚି ପାରିଛୁ।




ପ୍ରକାଶ ବିଶ୍ୱାଳ

**ଗ୍ରାହକ ଆଦୃତି ପାଇବାରେ କେଉଁ ପ୍ରସଙ୍ଗଗୁଡିକ ସହାୟକ ହୋଇଛି ?**

■ ଗତ ୪୧ ବର୍ଷ ହେବ ଗ୍ରାହକଙ୍କୁ ସେବା ଯୋଗାଇ ଦେଉଛୁ। ରାଜ୍ ଇଲେକ୍‌ଟ୍ରୋନିକ୍ସ ଏବଂ ବିଶ୍ୱାଳ ସେଲ୍‌ସ ଓଡିଶାର ବିଶ୍ୱାସଯୋଗ୍ୟ ବ୍ରାଣ୍ଡ ନାମ ହୋଇ ପାରିଛି। ଏହି ବିଶ୍ୱାସ ସହ ଅଗ୍ରସର ହେଉଛୁ। ସେବାରେ ପ୍ରମୁଖ ସ୍ଥାନରେ ରହିବା ସହ ଲୋକଙ୍କୁ ତ୍ୱରିତ ସେବା ଯୋଗାଣକୁ ପ୍ରାଥମିକତା ଦେଉଛୁ। ଗ୍ରାହକ ଯେଭଳି କୌଣସି ଅସୁବିଧାର ସାମ୍ନା ନ କରନ୍ତି ତାକୁ ନିଜେ ପ୍ରତ୍ୟକ୍ଷ ଭାବେ ଦେଖିଥାଏ। ପ୍ରତ୍ୟକ୍ଷ ସମ୍ପର୍କରେ ରହି ଗ୍ରାହକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥାଉ।

**ପାର୍ବଣରେ କ୍ରୟ ଉପରେ କେଉଁ ସବୁ ସ୍ୱତନ୍ତ୍ର ଅଫର ଷ୍ଟୋରରେ ଉପଲବ୍ଧ?**

■ ଚଳିତ ବର୍ଷ ପାର୍ବଣରେ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ରହିଛି। ବର୍ତ୍ତମାନ ହାଇଏଣ୍ଡ ମଡେଲ ଭଲ ବିକ୍ରି ହେଉଛି। ଉକ୍ତ ମଡେଲଗୁଡିକ ଉପରେ ଅଫର ସହ ଅନ୍ୟ ଅଫର ଉପଲବ୍ଧ। ଏଲ୍‌ଜି ହାଇଏଣ୍ଡ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ଉପରେ ମିନି ରେଫ୍ରିଜରେଟର ମାଗଣା ମିଳୁଛି। ୧୦ କେଜି ଫ୍ରଣ୍ଟଲୋଡିଂ ୱାଶିଂମେଶିନ କ୍ରୟରେ ଭ୍ୟାକୁମ କ୍ଲିନର ମାଗଣା ରହିଛି। ଏଲ୍‌ଜିର ୬୫ ଇଞ୍ଚ ଏବଂ ୫୫ ଇଞ୍ଚ ଏଲଇଡି କ୍ରୟରେ ଯଥାକ୍ରମ ୪୯,୯୦୦ ଏବଂ ୩୫,୯୦୦ ଟଙ୍କାର ସାଉଣ୍ଡ ବାର ରହିଛି। ଶୋ'ରୁମ ପକ୍ଷରୁ ଗିଫ୍ଟ ବ୍ୟବସ୍ଥା, ୩୨ ଇଞ୍ଚ ସ୍ମାର୍ଟ ଏବଂ ଉର୍ଦ୍ଧ୍ୱ ଉପରେ ଜିଓ ୱାଇଫାଇ ଡଙ୍ଗଲ ଦିଆଯାଉଛି। ଏଚ୍‌ଡିଏଫ୍‌ସି କାର୍ଡ, ଆଇସିଆଇସିଆଇ, ଆକ୍ସିସ କ୍ରେଡିଟ ଏବଂ ଡେବିଟ କାର୍ଡ ହୋଲ୍ଡରଙ୍କ ପାଇଁ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରହିଛି। ଏୟାର କଣ୍ଡିଶନର ଉପରେ ୧୦% କ୍ୟାଶ୍‌ବ୍ୟାକ୍ ଗ୍ରାହକ ପାଇବେ। ଫାଇନାନ୍ସ, ବ୍ରାଣ୍ଡ ଇଏମ୍‌ଆଇ ଏବଂ କ୍ୟାଶ ଦେଇ ଲୋକମାନେ ଏହି ପ୍ରଡକ୍ଟ କିଣିପାରିବେ। ଦୈନିକ ଭିତ୍ତିରେ ୩୩ ଟଙ୍କା ଦେଇ ଗ୍ରାହକ ମାସିକ ୯୯୯ ଟଙ୍କା ଇଏମ୍‌ଆଇରେ ୩୨ ଇଞ୍ଚର ଏଲ୍‌ଇଡି ନେଇ ପାରିବେ। ସେହିଭଳି ଦୈନିକ ୬୭ ଟଙ୍କା ବା ମାସିକ ୧୯୯୯ ଟଙ୍କାରେ ୪୩ ଇଞ୍ଚ, ଦୈନିକ ୧୦୦ ଟଙ୍କାରେ ୪୫ ଇଞ୍ଚ, ଦୈନିକ ୧୬୭ ଟଙ୍କା ଦେଇ ୫୫ ଇଞ୍ଚର ଟିଭି ନେବାକୁ ଗ୍ରାହକ ସକ୍ଷମ ହୋଇପାରିବେ। ଏ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି କାର୍ଡ ହୋଲ୍ଡରମାନେ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇବେ।

**ଓଡ଼ିଶା କଞ୍ଜ୍ୟୁମର ଡ୍ୟୁରେବୁଲ ବଜାରକୁ କିଭଳି ଦେଖୁଛନ୍ତି?**

■ ଓଡ଼ିଶାରେ ଏହି ବଜାର ଆଗାମୀ ଦିନରେ ଆହୁରି ଅଗ୍ରସର ହେବ। ବର୍ତ୍ତମାନ ୧୫% ଲୋକଙ୍କ ନିକଟରେ ଏହି ବର୍ଗର ପ୍ରଡକ୍ଟ ପହଞ୍ଚିଛି। ଆହୁରି ୮୫% ଲୋକଙ୍କ ପାଖରେ ଏହି ପ୍ରଡକ୍ଟ ଅପହଞ୍ଚ। ଲୋକଙ୍କ କ୍ରୟ ଆଶା ବଢୁଛି। ଗତ କିଛି ବର୍ଷ ତଳେ ଦେଶରେ ବାଇକ ନ ଥିବା ବେଳେ ଏବେ ଗାଁରେ ମଧ ପରିବାର ପିଛା ଏକାଧିକ ବାଇକ ଦେଖିବାକୁ ମିଳୁଛି। ଇଏମ୍‌ଆଇରେ ପ୍ରଡକ୍ଟ ଉପଲବ୍ଧ ହେଉଥିବାରୁ କଞ୍ଜ୍ୟୁମର ଡ୍ୟୁରେବୁଲ କ୍ରୟ ଏବେ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ନିକଟରେ ସୀମିତ ନାହିଁ। ବିଦ୍ୟୁତ୍ ସେବା ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ଉକ୍ତ ବର୍ଗରେ ପ୍ରଡକ୍ଟ କ୍ରୟକୁ ପ୍ରୋତ୍ସାହିତ କରୁଛି।

**ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଚାହିଦାରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି ?**

■ ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଆଡକୁ ଗ୍ରାହକ ଏବେ ଅଗ୍ରସର। ଲୋକମାନେ ଆଡଭାନ୍ସ ପ୍ରଡକ୍ଟକୁ ଅପ୍‌ଗ୍ରେଡ ହେଉଛନ୍ତି। ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟିଭି, ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର ସହ ଅନ୍ୟାନ୍ୟ ପ୍ରଡକ୍ଟ କ୍ରୟ ନେଇ ମନ ବଳାଉଛନ୍ତି।

**ପାର୍ବଣରେ ବିକ୍ରି କେମିତି ରହିବ ?**

■ ଏଥର ମଧ ଭଲ ବିକ୍ରି ନେଇ ଆଶାବାଦୀ ରହିଛି। ଚଳିତ ବର୍ଷ ପାର୍ବଣ ଲୋକଙ୍କ ପାଇଁ ଖୁସି ଆଉ ସମୃଦ୍ଧି ଆଣିଦେଉ। ରାଜ୍ ଇଲେକଟ୍ରୋନିକ୍ସ ପାର୍ବଣ ପାଇଁ ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଉଛି।



❝ ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଲାଗି ଭଲରେ ପ୍ରସ୍ତୁତ ହୋଇ ଆସିଥିଲି । ଏହି ପ୍ରତିଯୋଗିତାରେ ପଦକ ଜିତିବା ମୋ ପାଇଁ ବଡ଼ ସଫଳତା ସଦୃଶ ।

–ଭିନେଶ ଫୋଗଟ୍, ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା



❝ ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ବିଶ୍ୱର ଶ୍ରେଷ୍ଠ ବୋଲିଂ ଆଟାକ୍ ରହିଛି। ବର୍ତ୍ତମାନ ଦଳରେ ଥିବା ଖେଳାଳିମାନେ ଅଷ୍ଟ୍ରେଲିଆ କ୍ରିକେଟ୍ ପାଇଁ ନୂଆ ଯୁଗ ଆରମ୍ଭ କରିବେ।

– ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ

## ସଂକ୍ଷେପରେ

### ଫିଫା ମାନ୍ୟତାରେ ଭାରତର ଅବନତି

ଜୁରିକ୍, ୧୯।୯(ପି.ଟି.)- ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ମାନ୍ୟତାରେ ଭାରତର ଅବନତି ଦେଖିବାକୁ ମିଳିଛି। ଭାରତୀୟ ଫୁଟ୍‌ବଲ ଦଳ ଗୋଟିଏ ପାହ୍ୟା ତଳକୁ ଖସି ୧୦୪ତମ ସ୍ଥାନରେ ରହିଛି। ଇଗର ଷ୍ଟିମାକଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ଗତ ଜୁଲାଇରୁ ନିୟମିତ ବ୍ୟବଧାନରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିଆସୁଛି। ଗତ ସପ୍ତାହରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ଏସିଆ ଚାମ୍ପିୟନ କାତାର ବିପକ୍ଷରେ ଗୋଲଶୂନ୍ୟ ଭାବେ ଡ୍ର' ରଖିଥିଲା। ଭାରତକୁ ହରାଇ ନ ପାରିବା ସତ୍ତ୍ୱେ କାତାର ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୬୨ତମ ସ୍ଥାନ ବଜାୟ ରଖିଛି। ଫିଫା ବିଶ୍ୱକପ୍‌ର ୨ୟ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରେ ଓମାନ, କାତାର, ବାଂଲାଦେଶ ଓ ଆଫଗାନିସ୍ତାନ ସହ ଭାରତ ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ବେଲ୍‌ଜିୟମ ଫିଫା ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ବ୍ରାଜିଲକୁ ପଛରେ ପକାଇ ଫ୍ରାନ୍ସ ୨ୟ ସ୍ଥାନ ଦଖଲ କରିଛି।

### ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଲେ ଡିବାବା

ପ୍ୟାରିସ୍, ୧୯।୯(ଏଏଫ୍‌ପି)- ୨୦୧୫ ଚାମ୍ପିୟନ ତଥା ବିଶ୍ୱ ରେକର୍ଡଧାରୀ ମହିଳା ୧୫୦୦ ମିଟର ଧାବିକା ଇଥିଓପିଆର ଗେଞ୍ଜେବେ ଡିବାବା ଆଘାତଜନିତ ସମସ୍ୟା ଲାଗି ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରି ଯାଇଛନ୍ତି। ପାଦରେ ଆଘାତ ଲାଗିଥିବା କାରଣରୁ ୨୮ ବର୍ଷୀୟା ଡିବାବା ଏହି ନିଷ୍ପତ୍ତି ନେଇଥିବା ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ୨୦୧୫ରେ ଡିବାବା ବେଜିଂଠାରେ ୩ ମିନିଟ୍ ୫୦:୦୭ ସେକେଣ୍ଡ ସମୟ ନେଇ ୧୫୦୦ ମିଟର ଦୂରତାକୁ ଅତିକ୍ରମ କରିବା ସହ ବିଶ୍ୱ ଟାଇଟଲ୍ ଜିତିଥିଲେ। ମହିଳା ୧୫୦୦ ମିଟର ଦୌଡ଼ରେ ଏହା ବିଶ୍ୱର ଶ୍ରେଷ୍ଠ ଟାଇମିଂ ମାନ୍ୟତା ପାଇଛି। ତେବେ ଗତମାସରେ ଜୁରିକ୍ ଡାଇମଣ୍ଡ ଲିଗ୍ ସମୟରେ ତାଙ୍କ ପାଦରେ ଆଘାତ ଲାଗିଥିଲା। 'ଦୁର୍ଭାଗ୍ୟଜନକ ଭାବେ ଦୋହା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରୁନାହିଁ। ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତ ହେଉଛି' ବୋଲି ଡିବାବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୭ରୁ ଦୋହାଠାରେ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହେବ।

# 'ଆହତ ସମସ୍ୟାରୁ ମୁକୁଳି ଖେଳିବା ସହଜ ନ ଥିଲା'



**ବେଙ୍ଗାଲୁରୁ, ୧୯।୯**

ସୁଶୀଳା ଚାନୁ ପୁଖରାମବାମ। ଭାରତୀୟ ମହିଳା ହକିରେ ଏହା ଏକ ପରିଚିତ ନାମ। ୨୦୦୯ରେ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିବା ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଥିଲେ। ମାତ୍ର ଆହତ ସମସ୍ୟା ଯୋଗୁ ସେ ୨ଥର ଲମ୍ବା ସମୟ ପାଇଁ ହକିଠାରୁ ଦୂରରେ ରହିଥିଲେ। ସେ ୨୦୧୬ରେ ପ୍ରଥମ ଏବଂ ୨୦୧୮ରେ ଦ୍ୱିତୀୟଥର ପାଇଁ ଆହତ ସମସ୍ୟାରେ ରହିଥିଲେ। ଫଳରେ ଗତବର୍ଷ ସେ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ ଏବଂ ଏସିଆନ ଗେମ୍ସରେ ଖେଳିପାରି ନ ଥିଲେ। ମଣିପୁର ଜନ୍ମିତ ଏହି ମିଡ୍‌ଫିଲ୍ଡରଙ୍କ ପାଇଁ ଏହା କଷ୍ଟସାଧ ସମୟ ଥିଲା। ମାତ୍ର ସମସ୍ୟାରୁ ମୁକୁଳି ସେ ଏବେ ପୁଣି ଜାତୀୟ ଦଳର ଅଂଶବିଶେଷ ହୋଇପାରିଛନ୍ତି।

୨୦୧୮ରେ ଦ୍ୱିତୀୟଥର ପାଇଁ ଗୁରୁତର ଆହତ ପରେ ଭାରତୀୟ ଦଳକୁ ଫେରିବା ସହଜ ନ ଥିଲା। ହକିକୁ କ୍ୟାରିୟର କରୁଥିବା ପ୍ରତି ଖେଳାଳିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା। ମାତ୍ର ମୁଁ ଫିଟ୍ ନ ଥିବାରୁ ମହିଳା ହକି ବିଶ୍ୱକପ, ଏସିଆନ ଗେମ୍ସ ଓ ଏଏଚ୍‌ଏଫ ମହିଳା ଚାମ୍ପିୟନ୍ସ ଟ୍ରଫି ପରି ବଡ଼ ଟୁର୍ନାମେଣ୍ଟରେ ଖେଳିପାରି ନ ଥିଲି। ଏପରି ଟୁର୍ନାମେଣ୍ଟ ଗୁଡ଼ିକରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସବୁ ଖେଳାଳିଙ୍କ ସ୍ୱପ୍ନ ରହିଥାଏ, ମାତ୍ର ମୋ ପକ୍ଷେ ତାହା ସମ୍ଭବ ହେଲାନି। ଏବେ ମୁଁ ଫିଟ୍ ହୋଇଛି ଏବଂ ଦେଶ ପକ୍ଷରୁ ଖେଳିବାକୁ ପ୍ରସ୍ତୁତ ବୋଲି ଚାନୁ କହିଛନ୍ତି। ଚାନୁଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିଥିଲା। ଦୀର୍ଘ ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲା। ଏହି ବର୍ଷ ପ୍ରାରମ୍ଭରେ ଆଘାତ ପାଇଥିବା ଚାନୁଙ୍କ ପାଇଁ ଏପରି ଏକ ଟୁର୍ନାମେଣ୍ଟ ଖେଳିବା ସହଜ ନ ଥିଲା। ମାତ୍ର ଲଢୁଆ ମନୋଭାବସମ୍ପନ୍ନ ଏହି ହାଫ୍‌ବ୍ୟାକ୍ ଶୀଘ୍ର ଆହତ ସମସ୍ୟାରୁ ମୁକୁଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। "୨୦୧୬ ମୋ ପାଇଁ ସବୁଠାରୁ କଷ୍ଟସାଧ ଥିଲା। କାରଣ ଏହା ଥିଲା ଅଲିମ୍ପିକ୍ କ୍ରୀଡ଼ାର ବର୍ଷ। ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋର ସ୍ୱପ୍ନ ରହିଥିଲା। ମେଡିକାଲ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ମୁଁ ଫିଟ୍ ହେବାକୁ ସକ୍ଷମ ହେଲି। ଖାଲି ସେତିକି ନୁହେଁ, ଭାରତୀୟ ଦଳର ନେତୃତ୍ୱ ନେବା ମୋ ପାଇଁ ଗର୍ବର କଥା ଥିଲା। ଅଲିମ୍ପିକ୍ସରେ ଆମର ପ୍ରଥମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତା ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ଏହା ଅବିସ୍ମରଣୀୟ ବୋଲି ସୁଶୀଳା କହିଛନ୍ତି।

ସମ୍ପ୍ରତି ୨୭ ବର୍ଷରେ ପଦାର୍ପଣ କରିଥିବା ସୁଶୀଳା ୨୦୧୩ରେ ମନଚେନଗ୍ଲାଡ୍‌ବ୍ୟାକ୍‌ରେ ଅନୁଷ୍ଠିତ ଜୁନିୟର ମହିଳା ହକି ବିଶ୍ୱକପରେ ଭାରତର ନେତୃତ୍ୱ ନେଇଥିଲେ। ସେତେବେଳେ ଭାରତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ସେ କହିଛନ୍ତି। "ଜର୍ମାନୀ ଜୁନିୟର ମହିଳା ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ। ବ୍ରୋଞ୍ଜ ମେଡାଲ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଆମେ ଇଂଲଣ୍ଡକୁ ଶୁଟ୍‌ଆଉଟରେ ପରାସ୍ତ କରିଥିଲୁ। ଆମେ ସମସ୍ତେ ଏହି ମ୍ୟାଚ୍ ପରେ ଖୁବ୍ ଖୁସି ହୋଇଯାଇଥିଲୁ। କାରଣ ବିଶ୍ୱର ଯେକୌଣସି ଦଳକୁ ଆମେ ହରାଇବାକୁ ସକ୍ଷମ ବୋଲି ଏହି ମ୍ୟାଚ୍ ପରେ ଆମର ଆତ୍ମବିଶ୍ୱାସ ହୋଇଥିଲା ବୋଲି ୨୦୦୩ରେ ମଣିପୁରର ପୋଷ୍ଟେରିଅର ହକି ଏକାଡେମୀରେ ଖେଳିବା ଆରମ୍ଭ କରିଥିବା ଚାନୁ ପ୍ରକାଶ କରିଛନ୍ତି।

ଆଗାମୀ ଦିନରେ ଆସିବାକୁ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ସେ କହିଛନ୍ତି ଯେ, ଆସନ୍ତା ବର୍ଷର ଅଲିମ୍ପିକ୍ସ ପାଇଁ ଆମେ ଯୋଗ୍ୟତା ଅର୍ଜନ କରିବୁ ବୋଲି ବିଶ୍ୱାସ ରହିଛି। ନିକଟ ଅତୀତରେ ମୁଁ କେତେକ ଟୁର୍ନାମେଣ୍ଟ ମିସ୍ କରିଛି। ମାତ୍ର ଏବେ ଭାରତୀୟ ଦଳରେ ସ୍ଥାନ ପାଇବା ସହ ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇପାରିବି ବୋଲି ମୁଁ ଦୃଢ଼ ନିଶ୍ଚିତ। ଏବେ ଆମେ ଇଂଲଣ୍ଡ ଗସ୍ତରେ ଯାଇ ଶକ୍ତିଶାଳୀ ଗ୍ରେଟ୍‌ବ୍ରିଟେନ ଦଳ ସହିତ ଖେଳିବୁ। ଏହାପରେ ଓଡ଼ିଶାରେ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଆମେରିକାକୁ ଭେଟିବୁ। ତେଣୁ ଆଗାମୀ ଦୁଇମାସ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସୁଶୀଳା ପ୍ରକାଶ କରିଛନ୍ତି।

ଭାରତୀୟ ମହିଳା ହକି ଦଳ ମାର୍ଲୋଠାରେ ଗ୍ରେଟ୍‌ବ୍ରିଟେନ ବିପକ୍ଷରେ ୫ଟି ମ୍ୟାଚ ଖେଳିବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ ରବିବାର ଇଂଲଣ୍ଡ ଗସ୍ତ କରିବ।

**ଭାରତ-ଗ୍ରେଟ୍‌ବ୍ରିଟେନ ମ୍ୟାଚ୍ କାର୍ଯ୍ୟସୂଚୀ**

- ସେପ୍ଟେମ୍ବର ୨୭: ପ୍ରଥମ ମ୍ୟାଚ୍, ସମୟ: ରାତି ୧୦ଟା ୩୦
- ସେପ୍ଟେମ୍ବର ୨୯: ଦ୍ୱିତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୧: ତୃତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୨: ଚତୁର୍ଥ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୪: ପଞ୍ଚମ ମ୍ୟାଚ୍, ସମୟ: ଅପରାହ୍ନ ୨ଟା

(ସମସ୍ତ ମ୍ୟାଚ୍ ଇଂଲଣ୍ଡର ମାର୍ଲୋଠାରେ ଅନୁଷ୍ଠିତ ହେବ)

# ବଜରଙ୍ଗ, ଦାହିୟାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ବଜରଙ୍ଗ ପୁନିଆ

**ନୁର୍-ସୁଲତାନ (କାଜାଖସ୍ତାନ), ୧୯।୯(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ (୬୫ କିଗ୍ରା) ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ବଜରଙ୍ଗଙ୍କ ବ୍ୟତୀତ ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟା (୫୭)ଙ୍କୁ ମଧ୍ୟ ଅଲିମ୍ପିକ୍ସ ଟିକେଟ୍ ମିଳିଛି।

ପୁରୁଷ ୬୫ କିଗ୍ରା ବର୍ଗରେ ପୁନିଆ ଗୁରୁବାର ନର୍ଥ କୋରିଆର ଜଙ୍ଗ୍ ସନ୍‌ଙ୍କୁ ୮-୧ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଥିଲେ। କିନ୍ତୁ ସେମିଫାଇନାଲରେ ୨୫ ବର୍ଷୀୟ ଏହି ହରିୟାଣା ବକ୍ସରଙ୍କୁ ବିବାଦୀୟ ପରିସ୍ଥିତିରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ସେମିଫାଇନାଲରେ ବଜରଙ୍ଗଙ୍କ ମୁକାବିଲା ଘରୋଇ ରେସ୍‌ଲର ଦଉଲେଟ୍ ନିୟାଜବେକୋଭଙ୍କ ସହ ହୋଇଥିଲା। ଉଭୟ ରେସ୍‌ଲର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ସମାନ ୯-୯ ପଏଣ୍ଟ ସ୍କୋର କରିଥିଲେ। ନିୟାଜବେକୋଭଙ୍କୁ ବାଉଟ୍‌ର ଏକ ଥ୍ରୋ'ରେ ଏକାଥରକେ ୪ ପଏଣ୍ଟ ମିଳିଥିବାରୁ ଶେଷରେ ତାଙ୍କୁ ରେଫରି ବିଜୟୀ ଘୋଷିତ କରିଥିଲେ। ସେହିଭଳି ମୁକାବିଲା ମଝିରେ ଘରୋଇ ରେସ୍‌ଲର ନିୟାଜବେକୋଭଙ୍କ ସପକ୍ଷରେ ରେଫରି କିଛି ନିଷ୍ପତ୍ତି ପ୍ରଦାନ କରିଥିଲେ। ଏହି ନିଷ୍ପତ୍ତିରେ ବଜରଙ୍ଗ କ୍ଷୁବ୍ଧ ହୋଇଥିବା ଜଣାପଡ଼ିଛି। ରେସ୍‌ଲିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାର ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ବଜରଙ୍ଗ ଏବେ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ସେହିଭଳି ୫୭ କିଗ୍ରା ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟାଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସେ ୪-୬ରେ ବିଶ୍ୱ ଚାମ୍ପିୟନ ରୁଷିଆର ଜାଉର୍ ଉଗୁଏଭଙ୍କ ନିକଟରୁ ହାରିଯାଇଛନ୍ତି। ସେ ମଧ୍ୟ ଏବେ ବ୍ରୋଞ୍ଜ ପଦକ ବାଉଟ୍ ଖେଳିବେ।

## ■ ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଦୁଇ ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ପଦକ ଜିତିବା ନିଶ୍ଚିତ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ୪ର୍ଥ ଦିବସରେ ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୧୮, ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଶୁକ୍ରବାର ସେ ଜାପାନର ଦାଇଶୁକେ ଫୁଜିହାରାଙ୍କୁ ସେମିଫାଇନାଲରେ ଭେଟିବେ। ସେହିପରି ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାର ଯୋଡ଼ି କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଥୋମାସ(ଫ୍ରାନ୍ସ) ଓ ନୀତେଶ କୁମାର(ଭାରତ) ଯୋଡ଼ିକୁ ୨୧-୧୭, ୨୨-୨୦ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ଥାଇଲାଣ୍ଡ ଯୋଡ଼ି ଚାଓ୍ୱର୍ଟ କିଟିଚୋକ୍ୱାଙ୍କାନା ଓ ସାଙ୍ଗ୍‌ନିଲ ସିଙ୍ଘାଙ୍କୁ ଭେଟିବେ।



ପ୍ରମୋଦ ଭଗତ ଓ ମନୋଜ ସରକାର।

# ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ପାକିସ୍ତାନ ଯିବ ଶ୍ରୀଲଙ୍କା

**କଲମ୍ବୋ, ୧୯।୯ (ଏଏଫ୍‌ପି)**

ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ସୀମିତ ଓଭରବିଶିଷ୍ଟ ସିରିଜ ଖେଳିବା ଲାଗି ପାକିସ୍ତାନ ଗସ୍ତ କରିବ ବୋଲି ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍) ପକ୍ଷରୁ ଗୁରୁବାର କୁହାଯାଇଛି। 'ପ୍ରତିରକ୍ଷା ମନ୍ତ୍ରୀଙ୍କ ନିକଟରୁ ଆମକୁ ସବୁଜ ସଙ୍କେତ ମିଳିବା ପରେ ଦଳ ମଙ୍ଗଳବାର ପାକିସ୍ତାନ ଗସ୍ତ କରିବ। ଆମର ପ୍ଲାନ୍ ଅନୁଯାୟୀ ଏହି ଗସ୍ତ ହେବ। ମୋ ସହିତ ଅଫିସାଲମାନେ ଦଳ ସହ ପାକିସ୍ତାନ ଗସ୍ତ କରିବେ' ବୋଲି ଶ୍ରୀଲଙ୍କା କ୍ରିକେଟ୍ ସମ୍ପାଦକ ମୋହନ ଡି ସିଲ୍‌ଭା କହିଛନ୍ତି। ଗତ ସପ୍ତାହରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ ଲାଗି ଶ୍ରୀଲଙ୍କା ଦଳ ଘୋଷଣା ହେବାର କିଛି ସମୟ ପରେ ଖେଳାଳିଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ଶ୍ରୀଲଙ୍କା ସରକାରଙ୍କୁ ସୂଚନା ମିଳିଥିଲା। ତେବେ ଶ୍ରୀଲଙ୍କା ପ୍ରତିରକ୍ଷା ମନ୍ତ୍ରୀ ଏହି ଘଟଣାର ତଦନ୍ତ କରି ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ପୂର୍ବରୁ ୨୦୦୯ରେ ଏକ ଟେଷ୍ଟ ସିରିଜ ସମୟରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରକୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେତେବେଳେ ୬ ଜଣ ଶ୍ରୀଲଙ୍କା ଖେଳାଳି ଏଥିରେ ଆଘାତପ୍ରାପ୍ତ ହୋଇଥିଲେ। ଏହି ଆକ୍ରମଣ ଘଟଣା ପରେ ପାକିସ୍ତାନକୁ ସେତେବେଳେ ବିଶ୍ୱରେ ବେଶ୍ ନିନ୍ଦିତ ହେବାକୁ ପଡ଼ିଥିଲା। ଏପରିକି କୌଣସି ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇ ନ ଥିଲେ। ତେବେ ପ୍ରଥମଥର ଲାଗି ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇଛି। କିନ୍ତୁ ଲସିଥ୍ ମାଲିଙ୍ଗାଙ୍କ ସମେତ ୧୦ଜଣ ପ୍ରମୁଖ ସିଂହଳୀ କ୍ରିକେଟର୍ ସୁରକ୍ଷାଜନିତ କାରଣ ଲାଗି ପୂର୍ବରୁ ଏହି ଗସ୍ତରୁ ଓହରି ଯାଇଛନ୍ତି।

**ସିରିଜ କାର୍ଯ୍ୟସୂଚୀ**

- ପ୍ରଥମ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୭
- ୨ୟ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୯
- ୩ୟ ଦିନିକିଆ: କରାଚୀ, ଅକ୍ଟୋବର ୨
- ପ୍ରଥମ ଟି୨୦: ଲାହୋର, ଅକ୍ଟୋବର ୫
- ୨ୟ ଟି୨୦: ଲାହୋର, ଅକ୍ଟୋବର ୭
- ୩ୟ ଟି୨୦: ଲାହୋର, ଅକ୍ଟୋବର ୯

# ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ୭୪ତମ ସନ୍ତୋଷ ଟ୍ରଫି ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ(ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଗୁରୁବାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଅର୍ପଣ ଲାକ୍ରାଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାର ଓ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ବିହାର ଏବଂ ପରବର୍ତ୍ତୀ ମ୍ୟାଚ୍ ୨୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ ସହ କୋଚ୍ ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍ ରାଜଶେଖର ପ୍ରଧାନ ଓ ମ୍ୟାନେଜର ଜ୍ଞାନରଞ୍ଜନ ବେହେରା କଲ୍ୟାଣୀ ଯାତ୍ରା କରିବେ।

ଓଡ଼ିଶା ଦଳ: ଫଗୁ ବାସ୍କେ, ଇଜାଜୁଦ୍ଦିନ ଖାଁ, ଶେଖ୍ ଶାହାବାଜ ଆଲାମ, ଡି. ଶ୍ରୀନାଥ, ସୁନୀଲ ମୁଣ୍ଡା, ମହମ୍ମଦ ଇମ୍‌ତିଆଜ, ଅର୍ପଣ ଲାକ୍ରା(ଅଧିନାୟକ), ରାଜୁ ବେସାର, ଅରବିନ ଲାକ୍ରା, ଅର୍ଜୁନ ନାଏକ, ରାଜେଶ ନାଏକ, ବିକି ସେଠୀ, ଚନ୍ଦ୍ର ମୁଦୁଲି, ମୁକେଶ ମିଞ୍ଜ, ବିଜୟ ଘଲାନ, ଅମର ଲାକ୍ରା, ସେକ୍ ଫରିଦ, ପ୍ରଶାନ୍ତ ଶ୍ରୀହରି, କାର୍ତ୍ତିକ ଚନ୍ଦ୍ର ଭୋଳା, ଏସ.କେ. ଗୌଶ। କୋଚ୍: ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍: ରାଜଶେଖର ପ୍ରଧାନ, ମ୍ୟାନେଜର: ଜ୍ଞାନରଞ୍ଜନ ବେହେରା।



ସନ୍ତୋଷ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳ।

# ଶ୍ରୀରାମଙ୍କୁ ଆର୍‌ସିବିର ବ୍ୟାଟିଂ, ବୋଲିଂ ଦାୟିତ୍ୱ

**ନୂଆଦିଲ୍ଲୀ, ୧୯।୯(ପି.ଟି.)**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଟ୍ରେନର ଶଙ୍କର ବସୁଙ୍କୁ ନୂଆ ଦାୟିତ୍ୱରେ ଦେଖିବାକୁ ମିଳିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳର ଟ୍ରେନର ଭାବେ ଦେଖିବାକୁ ମିଳିବେ। ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଆର୍‌ସିବି ଗୁରୁବାର ତାଙ୍କୁ ଦଳର ଟ୍ରେନର ଭାବେ ନିଯୁକ୍ତ କରିଛି। ଚଳିତ ବର୍ଷ ଆଇସିସି ଦିନିକିଆ ବିଶ୍ୱକପ୍ ଦଳରେ ସେ ଭାରତୀୟ ଦଳର ଟ୍ରେନର ରହି ସଫଳତାର ସହ କାର୍ଯ୍ୟ କରିଥିଲେ। ଭାରତୀୟ ଦଳ ସହ ୨୦୧୫ରେ ଯୋଗଦେବା ପୂର୍ବରୁ ବସୁ ବାଙ୍ଗାଲୋରର ଟ୍ରେନର ଦାୟିତ୍ୱରେ ରହିଥିଲେ। ଭାରତୀୟ କ୍ରିକେଟ୍‌ରେ ତାଙ୍କୁ ଶ୍ରେଷ୍ଠ ଟ୍ରେନର ଭାବେ ବିବେଚନା କରାଯାଏ। ବସୁଙ୍କ ବ୍ୟତୀତ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ଶ୍ରୀଧୀର ଶ୍ରୀରାମ ମଧ୍ୟ ଆର୍‌ସିବି ଦଳରେ ନିଯୁକ୍ତି ପାଇଛନ୍ତି। ସେ ଆର୍‌ସିବିର ବ୍ୟାଟିଂ ଓ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱରେ ରହିବେ। ଭାରତ ପକ୍ଷରୁ ୮ ଦିନିକିଆ ମ୍ୟାଚ୍ ଖେଳିଥିବା ଶ୍ରୀରାମ ଅଷ୍ଟ୍ରେଲିଆ ଦଳର ମଧ୍ୟ ସ୍ପିନ୍-ବୋଲିଂ କୋଚ୍ ଭାବେ କିଛିଦିନ କାର୍ଯ୍ୟ ତୁଲାଇଥିଲେ। ଅଷ୍ଟ୍ରେଲିଆର ଆଦାମ ଗ୍ରିଫଥ୍‌ଙ୍କୁ ମଧ୍ୟ ଆର୍‌ସିବି ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ସେହିଭଳି ଦକ୍ଷିଣ ଆଫ୍ରିକାର ଇଭାନ୍ ସ୍ପିଚଲୀଙ୍କୁ ଟିମ୍‌ର ଫିଜିଓଥେରାପିଷ୍ଟ ଦାୟିତ୍ୱ ମିଳିଛି। ଆର୍‌ସିବି ଏଥିପୂର୍ବରୁ ନ୍ୟୁଜିଲାଣ୍ଡର ପୂର୍ବତନ କୋଚ୍ ମାଇକ୍ ହେସନଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛି।

# ନିର୍ବାଚନ ପୂର୍ବରୁ ଆଶୀର୍ବାଦ ଚେକ୍‌ମେଟ୍

କଟକ ଅଫିସ,୧୯।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନ ଲାଗି ଶୁକ୍ରବାର ହେଉଛି ପ୍ରାର୍ଥିପତ୍ର ଦାଖଲ ତାରିଖ। ଏହାର ଗୋଟିଏ ଦିନ ପୂର୍ବରୁ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ଚେକ୍‌ମେଟ କରାଯାଇଛି । ସିବିଆଇ ହାତରେ ଧରାପଡ଼ିବା ପରେ ଆଶୀର୍ବାଦଙ୍କ ନେତୃତ୍ୱରେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିଥିବା ଗୋଷ୍ଠୀ ଏବେ ଚିନ୍ତାରେ। ଆଶୀର୍ବାଦ ନିର୍ବାଚନ ଲଢ଼ି ନ ଥାନ୍ତେ ସତ ହେଲେ ତାଙ୍କ ଉପସ୍ଥିତି ହିଁ ଏକ ଗୋଷ୍ଠୀ ପାଇଁ ବଳ ପାଲଟିଥିଲା। ଜାମିନ ଖାରଜ ହୋଇଥିବା ଯୋଗୁ ଆଶୀର୍ବାଦଙ୍କ ଲେଉଟାଣିକୁ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଫଳସ୍ୱରୂପ ନିର୍ବାଚନୀ ଅଙ୍କକଷାରେ ଏବେ ବଡ଼ଧରଣର ପ୍ରଭାବ ପଡ଼ିବ ବୋଲି ଅନୁମାନ କରାଯାଉଛି ।

୨୦୧୭ ଜାନୁୟାରୀ ୪ ତାରିଖରେ ଲୋଧା କମିଟି ସୁପାରିସ କ୍ରମେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଶୀର୍ବାଦ ଓସିଏର ସମ୍ପାଦକ ପଦବୀରୁ ଗାଦିଚ୍ୟୁତ ହୋଇଥିଲେ। ଓସିଏରେ ଆଶୀର୍ବାଦଙ୍କର ଥିଲା ୧୬ ବର୍ଷର ରାଜୁତି। ୨୦୦୦ ଜୁନ୍ ୨୫ ତାରିଖରେ ଆଶୀର୍ବାଦ ଓସିଏ ସମ୍ପାଦକ ଭାବେ ପ୍ରଥମେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ରାଜ୍ୟ କ୍ରୀଡ଼ା ଜଗତରେ ଜଣେ ଦକ୍ଷ ସଙ୍ଗଠକ ଭାବେ କାର୍ଯ୍ୟ ନିର୍ବାହ କରି ସେ ଓସିଏ ପାଇଁ ନିଜ ବାଟ ଫିଟାଇଥିଲେ। ଓସିଏ ଆସିବା ପୂର୍ବରୁ ରାଜ୍ୟ ଆଥ୍‌ଲେଟିକ ଆସୋସିଏଶନ ଓ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ବିଭିନ୍ନ ପଦପଦବୀରେ ରହିଥିଲେ। ଭିନ୍ନ କାର୍ଯ୍ୟଶୈଳୀ ଯୋଗୁ ସେ କିଛିବର୍ଷ ଭିତରେ ଅପ୍ରତିଦ୍ୱନ୍ଦ୍ୱୀ ସଙ୍ଗଠକ ପାଲଟି ଯାଇଥିଲେ। ୨୦୦୪, ୨୦୦୮, ୨୦୧୨ ମସିହାରେ ଆଶୀର୍ବାଦ ଲଗାତର ଭାବେ ଓସିଏ ସମ୍ପାଦକ ପଦ ବଜାୟ ରଖିଥିଲେ। କ୍ରମାଗତ ଚାରିଥର ଓସିଏର ସମ୍ପାଦକ ହୋଇଥିବା ଆଶୀର୍ବାଦ ପଦବୀରୁ ହଟିବା ପରେ ମଧ୍ୟ ତାଙ୍କ ବିନା ଏହି କ୍ରୀଡ଼ା ସଂଘରେ କୌଣସି ନୂଆ ନିଷ୍ପତ୍ତି ହୋଇପାରୁ ନ ଥିଲା। ଅଭିଜ୍ଞତାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ ବୈଠକରେ ତାଙ୍କୁ ଲୋଡ଼ାଯାଉଥିଲା। ହେଲେ ଆଗାମୀ ନିର୍ବାଚନ ପାଇଁ ସମ୍ବିଧାନ ସଂଶୋଧନ କରାଯାଉଥିବା ବେଳେ କ୍ଲବଗୁଡ଼ିକୁ ସମ୍ବିଧାନ ତାଲିକାରୁ ବାଦ୍ ଦିଆଯିବା ଘଟଣାରେ ଆଶୀର୍ବାଦଙ୍କର ବିରୋଧୀ ସୃଷ୍ଟି ହୋଇଥିଲେ। ବାଦ୍ ପଡ଼ିଥିବା କ୍ଲବର ସମ୍ପାଦକମାନେ ଆଶୀର୍ବାଦଙ୍କ ବିରୋଧରେ ଏକଜୁଟ ହୋଇଥିଲେ। ପୁନର୍ବାର କ୍ଲବଗୁଡ଼ିକୁ ଓସିଏର ସଦସ୍ୟତା ମିଳିବା ପରେ ମଧ୍ୟ ବିରୋଧୀ ଗୋଷ୍ଠୀ ଆଶୀର୍ବାଦଙ୍କ ସମର୍ଥିତ ଗୋଷ୍ଠୀ ବିପକ୍ଷରେ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ଅଣ୍ଟାଭିଡ଼ିଥିଲେ। ଗତ ମଙ୍ଗଳବାର ଆଶୀର୍ବାଦ ପୁରୀଠାରେ ଏକ ବୈଠକ ଡାକିଥିଲେ, ଯେଉଁଥିରେ ନିର୍ବାଚନରେ ଭୋଟ ଅଧିକାର ପାଇଥିବା ୩୩ ସଦସ୍ୟ ଉପସ୍ଥିତ ଥିଲେ। ମ୍ୟାଜିକ୍ ନମ୍ବର ୩୭କୁ ଟପି ଆଶୀର୍ବାଦଙ୍କ ଗୋଷ୍ଠୀ ଆଗାମୀ ନିର୍ବାଚନରେ ବାଜିମାତ କରିବ ବୋଲି କୁହାଯାଇଥିଲା। ବିଭିନ୍ନ ସଦସ୍ୟଙ୍କୁ ନେଇ ଭିନ୍ନ ଭିନ୍ନ ବ୍ଲୁ ପ୍ରିଣ୍ଟ କରିଥିବା ଆଶୀର୍ବାଦଙ୍କ ପରିଶ୍ରମ ଏବେ ପାଣିରେ ପଡ଼ିଛି ବୋଲି ଏକ ଜିଲା ସଂଘର ସମ୍ପାଦକ କହିଛନ୍ତି। ଆଶୀର୍ବାଦଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ ବିପକ୍ଷ ଗୋଷ୍ଠୀ। ଗେମ୍ ମାଷ୍ଟର ଆଶୀର୍ବାଦ ନ ଥିବା ଯୋଗୁ ବିଭିନ୍ନ ଅନୁବନ୍ଧିତ ୟୁନିଟ୍‌କୁ ହାତେଇ ଆଗାମୀ ନିର୍ବାଚନରେ ବିଜୟୀ ପାଇଁ ଚେଷ୍ଟା କରିବାକୁ ଏହି ଗୋଷ୍ଠୀ ଆଶା ରଖିଛି।

କେବଳ ଚିଟ୍‌ଫଣ୍ଡ ନୁହେଁ, ବିଭିନ୍ନ ଘଟଣାରେ ସିବିଆଇର ଜାଲ ଆଶୀର୍ବାଦଙ୍କୁ ଛନ୍ଦି ରଖିଥିଲା। ପୂର୍ବରୁ ବୟସ ଜାଲିଆତି ଅଭିଯୋଗ ପରେ ମଧ୍ୟ ଓସିଏରେ ସିବିଆଇ ପଶି ବିଭିନ୍ନ ଦସ୍ତାବିଜ ଜବତ କରିଥିଲା, ଯେଉଁଥିରେ ଆଶୀର୍ବାଦ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଅଲିମ୍ପିକ ଆସୋସିଏଶନରେ ଜମି ଜାଲିଆତି, ବ୍ୟାପକ ଦୁର୍ନୀତି, ଅର୍ଥ ହେରଫେର ଘଟଣାରେ ମଧ୍ୟ ସିବିଆଇ ଆଶୀର୍ବାଦଙ୍କୁ ଟାର୍ଗେଟ କରିଥିଲା। ଯାହାଫଳରେ ଆଶୀର୍ବାଦ ରାଜ୍ୟ ଅଲିମ୍ପିକ ଆସୋସିଏଶନ ସମ୍ପାଦକ ପଦରୁ ହଟିଥିଲେ।

ଓସିଏ ନିର୍ବାଚନ




## ଶ୍ରୀଲଙ୍କା ସ୍ପିନର ଦନଞ୍ଜୟ ବାସନ୍ଦ



ଦୁବାଇ, ୧୯।୯(ପି.ଟି.)

ନିୟମ ବହିର୍ଭୂତ ବୋଲିଂ ଆକ୍ସନ ପାଇଁ ଶ୍ରୀଲଙ୍କା ଅଫ୍ ସ୍ପିନର ଆକିଲା ଦନଞ୍ଜୟଙ୍କୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୨ ମାସ ବାସନ୍ଦ କରିଛି। ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୧୪ରୁ ୧୮ ପର୍ଯ୍ୟନ୍ତ ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ତାଙ୍କ ବୋଲିଂ ଆକ୍ସନର ବୈଧତାକୁ ନେଇ ପ୍ରଶ୍ନ ଉଠିଥିଲା। ଅଗଷ୍ଟ ୨୯ରେ ଚେନ୍ନାଇଠାରେ ବ୍ୟକ୍ତିଗତ ଭାବେ ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯାଇଥିଲା। ଏଥିରେ ତାଙ୍କ ବୋଲିଂ ଆକ୍ସନ ଅବୈଧ ଥିବା ଜଣାପଡ଼ିଥିଲା। ଦନଞ୍ଜୟ ପ୍ରକୃତରେ ୨୦୧୮ ଡିସେମ୍ବରରେ ସସ୍‌ପେଣ୍ଡ ହୋଇଥିଲେ। ମାତ୍ର ପରେ ଏଥିରେ ପରିବର୍ତ୍ତନ ଆଣିବା ଲାଗି ପରାମର୍ଶ ଦିଆଯିବା ସହ ୨୦୧୯ ଫେବୃଆରୀରେ ତାଙ୍କୁ ବୋଲିଂ କରିବାକୁ ଅନୁମତି ଦିଆଯାଇଥିଲା। 'ଗତ ୨ ବର୍ଷ ମଧ୍ୟରେ ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ନେଇ ୨ ଥର ରିପୋର୍ଟ ହୋଇଛି। ପ୍ରଥମେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବାବେଳେ ଏବେ ସ୍ୱାଭାବିକ ଭାବେ ୧୨ ମାସ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି'' ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ଏକ ବର୍ଷ ବାସନ୍ଦ ପରେ ଦନଞ୍ଜୟ ତାଙ୍କ ବୋଲିଂ ଆକ୍ସନର ପୁନଃ ସମୀକ୍ଷା ପାଇଁ ଆଇସିସି ନିକଟରେ ଆବେଦନ କରିପାରିବେ।

### ଡ୍ର' ଅଭିମୁଖେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ମାର୍କ୍ରାମ, ମଲ୍‌ଡରଙ୍କ ଶତକ

ମହୀଶୂର, ୧୯।୯(ପି.ଟି.)

ଘରୋଇ ଭାରତ-ଏ ବିପକ୍ଷରେ ସ୍ଥାନୀୟ ଶ୍ରୀକାନ୍ତ ଦତ୍ତ ନରସୀମା ରାଜା ୱାଡ଼ିୟର ଗ୍ରାଉଣ୍ଡରେ ଚାଲିଥିବା ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂରେ ଦୃଢ଼ ଜବାବ ଦେଇଛି। ଭାରତ-ଏ'ର ସ୍କୋର ୪୧୭ ରନ୍ ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ୩ୟ ଦିବସରେ ପ୍ରଥମ ଇନିଂସରେ ୪୦୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଧିନାୟକ ତଥା ଓପନର ଏଡେନ ମାର୍କ୍ରାମ ଓ ମଧ୍ୟକ୍ରମରେ ୱିଆନ ମଲଡର ଆକର୍ଷଣୀୟ ଶତକୀୟ ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦ୍ୱିତୀୟ ଦିବସ ଶେଷସୁଦ୍ଧା ୫ ଉଇକେଟ୍ ହରାଇ ୧୫୯ ରନ କରିଥିବା ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ପ୍ରଭାବୀ ବ୍ୟାଟିଂ କରିଥିଲା। ବିଶେଷକରି ଅଧିନାୟକ ମାର୍କ୍ରାମ ଓ ମଲ୍ଡରଙ୍କ ଇନିଂସ ବେଶ୍ ପ୍ରଶଂସନୀୟ ରହିଥିଲା। ପୂର୍ବଦିନର ଅପରାଜିତ ସ୍କୋର ୮୩ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିବା ମାର୍କ୍ରାମ ୧୬୧ ରନ୍ (୨୫୩ ବଲ୍, ୨୦ ଚୌକା, ୨ ଛକା)କରି ମହମ୍ମଦ ସିରାଜଙ୍କ ଦ୍ୱାରା କ୍ଲିନ୍‌ବୋଲ୍ଡ ହୋଇଥିଲେ। ସେହିଭଳି ୨୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ମଲ୍‌ଡର ୧୩୧ ରନ୍ (୨୩୦ ବଲ୍, ୧୭ ଚୌକା, ୧ ଛକା)ର ଅପରାଜିତ ଇନିଂସ ଖେଳିଥିଲେ। ଉଭୟ ମାର୍କ୍ରାମ ଓ ମଲ୍‌ଡରଙ୍କ ମଧ୍ୟରେ ୫ମ ଉଇକେଟ୍ ଯୋଡ଼ିରେ ୧୫୫ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭଗୀଦାରି ହୋଇଥିଲା। ଘରୋଇ ଦଳ ପକ୍ଷରୁ କୁଲଦୀପ ଯାଦବ ୪, ଶାହବାଜ ନଦୀମ ୩, ସିରାଜ ୨ ଓ ଶିବମ ଦୁବେ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୧୭ ରନ୍‌ର ଅଗ୍ରଣୀ ଲାଭ କରିଥିବା ରିଦ୍ଧିମାନ ଶାହଙ୍କ ନେତୃତ୍ୱାଧୀନ ଭାରତ-ଏ ଦ୍ୱିତୀୟ ଇନିଂସ ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଓଭରରେ କୌଣସି ଉଇକେଟ୍ ନ ହରାଇ ୧୪ ରନ ସଂଗ୍ରହ କରିଛି। ଭାରତ-ଏ ଏବେ ମୋଟ୍ ଉପରେ ୩୧ ରନ୍‌ରେ ଅଗ୍ରଣୀ ରହିଛି। ଶୁକ୍ରବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ୍ ଡ୍ର' ରହିବା ଏକପ୍ରକାର ସ୍ପଷ୍ଟ ହୋଇଛି।



ଶତକ ହାସଲକାରୀ ଏଡେନ୍ ମାର୍କ୍ରାମ ଏକ ଶଟ୍ ଖେଳୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ-ଏ ପ୍ରଥମ ଇନିଂସ:** ୪୧୭ ଅଲ୍‌ଆଉଟ୍

**ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ:** ୪୦୦ ଅଲ୍‌ଆଉଟ୍ (ମାର୍କ୍ରାମ ୧୬୧, ମଲ୍‌ଡର ୧୩୧*, ଭର୍ନନ ଫିଲାଣ୍ଡର ୨୧, କୁଲଦୀପ ୪/୧୨୧, ନଦୀମ ୩/୭୧)।

**ଭାରତ-ଏ ୨ୟ ଇନିଂସ:** ୧୪/୦, ୬ ଓଭର।

## କୋହଲି ଏକମାତ୍ର ଖେଳାଳି

ନୂଆଦିଲ୍ଲୀ,୧୯।୯: ଭାରତୀୟ ଅଧିନାୟକ ବିରାଟ କୋହଲି ନିଜ କ୍ୟାରିୟରରେ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗି ଚାଲିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭୨ ରନ୍‌ର ଅପରାଜିତ ଇନିଂସ ଯୋଗୁ କୋହଲିଙ୍କ ଟି୨୦ ଫର୍ମାଟରେ ଆଭରେଜ ୫୦ ଅତିକ୍ରମ କରିଛି। ଏଥିଯୋଗୁ କ୍ରିକେଟର ପ୍ରତ୍ୟେକ ଫର୍ମାଟରେ ୫୦ରୁ ଅଧିକ ଆଭରେଜରେ ରନ୍ କରୁଥିବାରେ କୋହଲି ବିଶ୍ୱରେ ଏକମାତ୍ର ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି। ଏ ନେଇ ଆଇସିସି ଟୁଇଟ କରି ଜଣାଇଛି। ଟେଷ୍ଟରେ କୋହଲିଙ୍କ ଆଭରେଜ ୫୩.୧୪ ଥିବାବେଳେ ଦିନିକିଆରେ ୬୦.୩୧ ଓ ଟି୨୦ରେ ୫୦.୮୫ ହାରରେ ରନ୍ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ୭୯ ଟେଷ୍ଟ, ୨୩୯ ଦିନିକିଆ ଓ ୭୧ ଟି୨୦ ଖେଳିଥିବା କୋହଲି ଏପର୍ଯ୍ୟନ୍ତ ଯଥାକ୍ରମେ ୬୭୪୯, ୧୧୫୨୦ ଓ ୨୪୪୧ ରନ୍ କରିସାରିଛନ୍ତି। ଏଥିପୂର୍ବରୁ ୨୦୧୭ରେ ମଧ୍ୟ ସମସ୍ତ ଫର୍ମାଟରେ ଭାରତୀୟ ଅଧିନାୟକଙ୍କ ଆଭରେଜ ୫୦ରୁ ଅଧିକ ଥିଲା।


ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା ମିଶ୍ର (ମିଣ୍ଟୁ)

କାଳୁପଡ଼ାଘାଟ, ଖୋର୍ଦ୍ଧା

ତା-୨୫।୦୯।୨୦୧୪

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ

ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.

ଧ-୧୪୪୦୮

ଜନ୍ମଦିନର ଶୁଭେଚ୍ଛା



ପ୍ରାଂଶୁ (ସାଇ, ସୋନୁ)

ମିଶ୍ରପଡ଼ା, ଅନୁଗୋଳ

ଜନ୍ମଦିନ ଶୁଭ ଅବସରରେ ଆମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛାସହ:

ଜେପା, ଜେମା, ଆଇ, ବାପା, ମାମା ଓ ସାନଭାଇ ପ୍ରନୀଳ।

ଧ-୧୪୪୧୫

ଜନ୍ମଦିନ ଶୁଭେଚ୍ଛା



ଶ୍ରୀଜିତା ମିଶ୍ର (ଶ୍ରୀ)

କାଳୁପଡ଼ାଘାଟ, ଖୋର୍ଦ୍ଧା

ତା-୨୦।୧୦।୨୦୦୯

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ

ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.

ଧ-୧୪୪୦୭


### ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍

## ୨୦୦ କିଗ୍ରା ଭାର ଉଠାଇଲେ ମୀରାବାଈ

ପଟାୟା, ୧୯।୯ (ପି.ଟି.)

ପୂର୍ବତନ ଚାମ୍ପିୟନ ତଥା ଷ୍ଟାର୍ ଭାରୋତ୍ତୋଳିକା ମୀରାବାଈ ଚାନୁ (୪୯ କିଗ୍ରା) ତାଙ୍କ ଜାତୀୟ ରେକର୍ଡ ପ୍ରଦର୍ଶନଠାରୁ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଥାଇଲାଣ୍ଡର ପଟୟାଠାରେ ଚାଲିଥିବା ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୋଡିୟମ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ମହିଳା ୪୯ କିଗ୍ରା ବିଭାଗରେ ମୀରାବାଈ ଗୁରୁବାର ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟା ଏହି ମଣିପୁର ଭାରୋତ୍ତୋଳିକା ସ୍ନାଚ୍‌ରେ ୮୭ କିଗ୍ରା ଭାର ଉଠାଇଥିଲେ। ସେହିଭଳି କ୍ଲିନ୍ ଆଣ୍ଡ ଜର୍କ ବିଭାଗରେ ୧୧୪ କିଗ୍ରା ଉଠାଇଥିଲେ। ଫଳରେ ମୋଟ୍ ଉପରେ ମୀରାବାଈ ୨୦୧ କିଗ୍ରା ଭାର ଉଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ସେ ୧୯୯ କିଗ୍ରା ଭାର ଉଠାଇ ଜାତୀୟ ରେକର୍ଡର ଅଧିକାରିଣୀ ରହିଥିଲେ। ଗତ ଏପ୍ରିଲରେ ଚାଇନାରେ ଅନୁଷ୍ଠିତ ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ଏହି ୧୯୯ (୮୮+୧୧୧) କିଗ୍ରା ଭାର ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇହୁଆ ୨୧୨ (୯୪+୧୧୮) କିଗ୍ରା ଭାର ଉଠାଇ ଏହି ଓଜନ ବର୍ଗରେ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। ପୂର୍ବରୁ ଚାଇନାର ହୋଉ ଝିଉହି (୨୧୦ କିଗ୍ରା)ଙ୍କ ନାମରେ ବିଶ୍ୱ ରେକର୍ଡ ରହିଥିଲା।



ଭାରୋତ୍ତୋଳନ ଅବସରରେ ମୀରାବାଈ ଚାନୁ।

## ଗ୍ରୁପ୍ 'ଡି'ରେ ସ୍ନେହା ଦ୍ୱିତୀୟ

ମହିଳା ୫୫ କେଜି ବର୍ଗରେ ଭାରୋତ୍ତୋଳନ କରିଥିବା ଓଡ଼ିଶାର ସ୍ନେହା ସୋରେନ ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୮ ବର୍ଷୀୟା ସ୍ନେହା ମୋଟ ୧୭୩ କେଜି(୭୨ କେଜି + ୧୦୧ କେଜି) ଭାରୋତ୍ତୋଳନ କରି ୮ ପ୍ରତିଯୋଗୀ ବିଶିଷ୍ଟ ଗ୍ରୁପରେ ୨ୟ ସ୍ଥାନରେ ରହିଥିଲେ। ସ୍ନାଚ୍‌ରେ ସେ ୭୨ କେଜି ଭାର ଉଠାଇ ୫ମ ସ୍ଥାନ ପାଇଥିଲେ। ମାତ୍ର ସେ କ୍ଲିନ୍ ଆଣ୍ଡ ଜର୍କରେ ୧୦୧ କେଜି ଭାରୋତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଗ୍ରୁପ 'ଏ'ର ପ୍ରତିଯୋଗିତା ପରେ ଓଭରଅଲ୍ ଷ୍ଟାଣ୍ଡିଂରେ ସ୍ନେହା କେଉଁ ସ୍ଥାନରେ ରହିବେ ତାହା ସ୍ପଷ୍ଟ ହେବ।

## ନିରାଶ କଲେ ଝିଲ୍ଲୀ ଦଳବେହେରା

ପଟାୟା, ୧୯।୯ (ପି.ଟି.)

ଥାଇଲାଣ୍ଡର ପଟାୟା ସହରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଝିଅ ଝିଲ୍ଲୀ ଦଳବେହେରା ନିରାଶ କରିଛନ୍ତି। ମହିଳା ୪୫ କିଗ୍ରା ବିଭାଗର ସ୍ନାଚ ସେକ୍ସନରେ ଝିଲ୍ଲୀ ଗୋଟିଏଥର ମଧ୍ୟ ସଫଳତାର ସହ ଭାର ଉଠାଇ ପାରି ନ ଥିଲେ। ନନ୍-ଅଲିମ୍ପିକ କାଟେଗୋରିରେ ଅଂଶଗ୍ରହଣ କରିଥିବା ୨୦ ବର୍ଷୀୟା ଖୋର୍ଦ୍ଧା ଝିଅ ଝିଲ୍ଲୀ ସ୍ନାଚର ୩ଟି ଯାକ ପ୍ରୟାସରେ ୬୮ କିଗ୍ରା ଭାରକୁ ଉଠାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ ସେ ଭାରୋତ୍ତୋଳନର ଏହି ସର୍ବୋଚ୍ଚ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଝିଲ୍ଲୀ ଏଥିପୂର୍ବରୁ କ୍ଲିନ୍ ଆଣ୍ଡ୍ ଜର୍କ ଇଭେଣ୍ଟର ପ୍ରଥମ ପ୍ରୟାସରେ ୮୮ କିଗ୍ରା ଭାର ଉଠାଇଥିଲେ। କିନ୍ତୁ ଏହାପରେ ୨ୟ ଓ ୩ୟ ପ୍ରୟାସରେ ଯଥାକ୍ରମେ ୯୨ ଓ ୯୩ କିଗ୍ରା ଭାରକୁ ଉଠାଇବାରେ ବିଫଳ ହୋଇଥିଲେ। ଫଳରେ ସେ ମୋଟ୍ ଉପରେ ଏହି ଓଜନ ବର୍ଗରେ ୮୮ କିଗ୍ରା (୦ କିଗ୍ରା+୮୮ କିଗ୍ରା) ଭାର ଉତ୍ତୋଳନ କରିପାରିଛନ୍ତି।

## ସିନ୍ଧୁ ହାରିଲେ

ଚାଙ୍ଗଝୋ(ଚାଇନା),୧୯।୯

ନୂଆକରି ବିଶ୍ୱ ଚାମ୍ପିୟନ ଟାଇଟଲ ହାସଲ କରିଥିବା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ସୁପର ୧୦୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରୁ ପରାଜୟ ସହ ବିଦାୟ ନେଇଛନ୍ତି। ଗୁରୁବାର ଖେଳାଯାଇଥିବା ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ସିନ୍ଧୁ ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗଙ୍କଠାରୁ ହରିଯାଇଛନ୍ତି। ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ପ୍ରଥମ ଗେମ୍‌କୁ ୨୧-୧୨ ବ୍ୟବଧାନରେ ଜିତି ଥିବାବେଳେ ଦ୍ୱିତୀୟ ଗେମ୍ ୧୩-୨୧ ପରାସ୍ତ ହୋଇଥିଲେ। ତୃତୀୟ ଗେମ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ ଥାଇଲାଣ୍ଡ ଖେଳାଳି ୨୧-୧୯ ପଏଣ୍ଟରେ ଗେମ୍ ସହ ମ୍ୟାଚ୍ ଜିତି ନେଇଥିଲେ। ସେହିଭଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ପୁରୁଷ ଡବଲ୍ସ ଯୋଡ଼ିକୁ ମଧ୍ୟ ସମାନ ଫଳାଫଳର ସାମ୍ନା କରିବାକୁ ପଡ଼ିଛି। ରାଙ୍କିରେଡ୍ଡୀ-ଚିରାଗଙ୍କ ଯୋଡ଼ିକୁ ଜାପାନର ତାକାହାଶି ମାକୁରା ଓ କେଇଗୋ ସେନୋଡା ୧୯-୨୧, ୮-୨୧ ଗେମ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମିକ୍ସଡ୍ ଡବଲ୍ସ ବର୍ଗରେ ସାତ୍ୱିକ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି ୭ମ ର୍‍ୟାଙ୍କ ଇଣ୍ଡୋନେସିଆର ପ୍ରବୀଣ ଜୋର୍ଡାନ ଓ ମେଲାଟି ଦେବା ଓକ୍ତାଭିଆଣ୍ଟିଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।




# ସୁନ୍ଦରଗଡ଼ ସାଇ ଜିତିଲା ନାଲ୍‌କୋ କପ୍ ହକି




ଅତିଥିଙ୍କ ଗହଣରେ ନାଲ୍‌କୋ କପ୍ ହକି ଚାମ୍ପିୟନ ସୁନ୍ଦରଗଡ ସାଇ ଦଳର ଖେଳାଳି।

କଟକ ଅଫିସ,୧୯।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲ୍‌କୋ କପ୍ ରାଜ୍ୟ ହକି ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ସାଇ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସାଇ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମ ଦୁଇଟିଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୩ୟ କ୍ୱାର୍ଟରରେ ସେଲଭିଷ୍ଟାର ବାର୍ଲାଙ୍କ ନେତୃତ୍ୱାଧୀନ ସୁନ୍ଦରଗଡ଼ ସାଇ ହଷ୍ଟେଲ ଏକ ଗୋଲ ସ୍କୋର କରିଥିଲା। ୪୩ତମ ମିନିଟ୍‌ରେ ଅମିତ ରୋଶନ ଲାକ୍ରା ଉକ୍ତ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟର ଗୋଲଶୂନ୍ୟ ରହିବା ଫଳରେ ଚାମ୍ପିୟନ ଟାଇଟଲ ସୁନ୍ଦରଗଡ଼ ସାଇ ହଷ୍ଟେଲ ଦଳକୁ ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋର ଉତ୍ପାଦକ ନିର୍ଦ୍ଦେଶକ ଭି. ସୁବ୍ରମଣ୍ୟମ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି କମିଶନର ଅନନ୍ୟା ଦାସ ଅତିଥି ଭାବେ ଯୋଗଦେଇଥିଲେ। ହକି ଓଡ଼ିଶା ସଭାପତି ଜଷ୍ଟିସ୍ ଏ.ଏସ୍. ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ, ଯୁଗ୍ମସମ୍ପାଦକ ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଅମ୍ପାୟର ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିଶାନ ଜ୍ୟୋତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସୁଜିତ କୁମାର ମଲ୍ଲିକ, ରାଜେଶ ଗୁପ୍ତା, ସନ୍ତୋଷ ସାହୁ, ନିରଞ୍ଜନ ଗୌଡ଼ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ।


ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କିରଣବାଳା ବେହେରା

ବାଇପାସ, ଭଦ୍ରକ ଆର.ସି. ବେହେରା ମେନ୍‌ସନ୍

ଆବିର୍ଭାବ: ୧୯।୦୪।୧୯୭୫

ତିରୋଧାନ: ୦୩।୧୦।୨୦୧୫

ଚାହୁଁ ଚାହୁଁ ୪ବର୍ଷ ବିତିଗଲା। "ମାମା" ଆମ୍ଭମାନଙ୍କୁ ବାପାଙ୍କ ଦାୟିତ୍ୱରେ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ଆତ୍ମାର ସଦ୍‌ଗତି ହେଉ, ଆଜିର ଷଷ୍ଠି ତିଥିରେ ଏହାହିଁ ଆମ୍ଭମାନଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:

ପୁଅ: ସୁମନ, ଝିଅ: ସ୍ନେହା, ହତଭାଗା ସ୍ୱାମୀ

ଧ-୧୪୪୧୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭୟ କୁମାର ପ୍ରଧାନ

ଚେୟାରମ୍ୟାନ, DAV ପବ୍ଲିକ ସ୍କୁଲ, ନୟାଗଡ଼

ଆବିର୍ଭାବ: ୦୫।୦୪।୧୯୭୦

ତିରୋଧାନ: ୧୦।୦୯।୨୦୧୯

ତୋର ଅଭାବରେ ଝୁରି ହେଉଛି ସାରା ପରିବାର। ଆଜି ଏକାଦଶାହରେ ପରିବାର ଓ ବନ୍ଧୁବର୍ଗ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଆତ୍ମାର ସଦ୍‌ଗତି ହେଉ।

ଶୋକସନ୍ତପ୍ତ:

ବନ୍ଧୁବାନ୍ଧବ ଓ ପରିବାରବର୍ଗ।

ଧ-୧୪୪୧୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବୁଦ୍ଧ ଦେବ୍ ପଣ୍ଡା

ଆବିର୍ଭାବ: ୦୪।୦୪।୧୯୫୨

ତିରୋଧାନ: ୩୦।୦୯।୨୦୧୮

ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ:

ସ୍ତ୍ରୀ: ବିଦେଶିନୀ ପଣ୍ଡା, ବଡ ପୁଅ: ପରିମଳ ପଣ୍ଡା, ଦ୍ୱିତୀୟ ପୁଅ: ରାଜୁ କିଶୋର ପଣ୍ଡା, ସାନ ପୁଅ: ବୀର କିଶୋର ପଣ୍ଡା, ବଡବୋହୂ: ଶମିତା ପଣ୍ଡା, ଦ୍ୱିତୀୟ ବୋହୂ: ଶୁଭ ସନ୍ଧ୍ୟା ରାଜଗୁରୁ, ସାନ ବୋହୂ: ସମୀକ୍ଷା ରଥ

ଧ-୧୪୪୧୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ Sambalpur, Friday, September 20 / 2019

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଟିଙ୍କୁନୁ


ପ୍ରଶାନ୍ତ


ମନୋଜ


ଟିକେଶ୍ୱର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ '୫-ଟି'

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ, ୧୯।୯**

ପଞ୍ଚମ ଥର ପାଇଁ ଶାସନ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନକୁ ଅଧିକ ଉତ୍ତରଦାୟୀ ଓ ପ୍ରଗତିଶୀଳ କରିବା ଲକ୍ଷ୍ୟ ନେଇ '୫-ଟି 'ଉପରେ ଜୋର ଦେଇଆସୁଛନ୍ତି । ପାରଦର୍ଶିତା, ଦଳଗତ କାର୍ଯ୍ୟ, ଟେକ୍ନୋଲୋଜି, ସମୟ ଏବଂ ପରିବର୍ତ୍ତନ ଏହି ୫-ଟି ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏବେ ଏହି ୫-ଟିକୁ ନେଇ ସର୍ବତ୍ର ଚର୍ଚ୍ଚା ଚାଲିଥିବାବେଳେ ସୁଦୂର ବଲାଙ୍ଗୀର ଜିଲାର ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହାର ଉଦାହରଣ ସାଜିଛି । ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ରାଜ୍ୟର ଅନ୍ୟ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପାଇଁ ପ୍ରେରଣାଉତ୍ସ ହୋଇଛି ।

ବଲାଙ୍ଗୀର ଜିଲା ସଦର ମହକୁମାଠାରୁ ପ୍ରାୟ ୨୨ କିଲୋମିଟର ଦୂର ଲୋଇସିଂହା ବ୍ଲକ ବାଦୀମୁଣ୍ଡା ଗ୍ରାମପଞ୍ଚାୟତର ମାହାରପାଲିଠାରେ ରହିଛି ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ଓ ସଂସ୍କାରଧର୍ମୀ ପ୍ରୟୋଗ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୁବ୍ କମ୍ ସମୟ ମଧ୍ୟରେ ଲଗାତର ଦୁଇଥର କାୟାକଳ୍ପ ପୁରସ୍କାର ମିଳିଲାଣି। ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତା ଓ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ଏକ ପୋଷ୍ଟର ମଧ ସରକାର ଜାରି କରିଛନ୍ତି। ଖୁବ୍ କମ ସମୟ ମଧ୍ୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଛି । ସ୍ୱାସ୍ଥ୍ୟକେନ୍ଦ୍ରଟି ଏବେ ଉଭୟ ବଲାଙ୍ଗୀର ଓ ବରଗଡ ଜିଲାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ସହସ୍ରାଧିକ ଲୋକଙ୍କ ପାଇଁ ଏକ ଆଦର୍ଶ ସ୍ୱାସ୍ଥ୍ୟସେବା କେନ୍ଦ୍ର ପାଲଟିଛି । ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଲୋକଙ୍କ ଆସ୍ଥା କମିଯାଉଥିବାବେଳେ ଡାକ୍ତର, ସମସ୍ତ କର୍ମଚାରୀ ଓ ଅଞ୍ଚଳର ଜନସାଧାରଣଙ୍କ ସମ୍ମିଳିତ ଉଦ୍ୟମ ଓ ସମର୍ଥନରେ ଏହା ଏକ ଆଦର୍ଶ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି । ଖୁବ୍ କମ୍ ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏଭଳି ଆଦର୍ଶ ଓ ଲୋକପ୍ରିୟତା ହାସଲ କରିବା ପଛରେ ୫-ଟିର ସଫଳ ପ୍ରୟୋଗ ବୋଲି କୁହାଯାଉଛି । ପ୍ରାୟ ବର୍ଷକ ପୂର୍ବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଭିନବ ବହିର୍ବିଭାଗ ପରିଚାଳନା ପାଇଁ ପ୍ରଶଂସା କରିଥିଲା । ଏଠାରେ ବହିର୍ବିଭାଗ ପରିଚାଳନା ପାଇଁ ଟେକ୍ନୋଲଜିର ଯଥେଷ୍ଟ ପ୍ରୟୋଗ ଦେଖିବାକୁ ମିଳିଛି । ଡାକ୍ତରଖାନାରେ ରୋଗୀ ଓ ରୋଗୀ ପରିଜନଙ୍କ ଭିଡ ପରିଚାଳନା ପାଇଁ ଘରୋଇ ହସପିଟାଲ ଭଳି ୪୮ ସିଟ୍ ବିଶିଷ୍ଟ ପ୍ରତୀକ୍ଷାଳୟ ତିଆରି କରାଯାଇଛି । ସେଠାରେ କମ୍ପ୍ୟୁଟର ଓ ସାଉଣ୍ଡ ସିଷ୍ଟମ ସହ ପ୍ରୋଜେକ୍ଟର ମାଧମରେ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଦର୍ଶନ କରାଯାଉଛି । ନିଜର ନମ୍ବର ନ ଆସିବା ପର୍ଯ୍ୟନ୍ତ ରୋଗୀ ଓ ପରିଜନମାନେ ସେଠାରେ ବସି ପ୍ରୋଜେକ୍ଟରରେ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଶୁଣୁଛନ୍ତି । ଫଳରେ ସେଠାରେ ଭିଡ, ହୋହଲ୍ଲା, ଠେଲାପେଲା କିଛି ବି ଦେଖାଯାଉନାହିଁ । ଅଳ୍ପ ସଂଖ୍ୟକ ଷ୍ଟାଫ୍ ସତ୍ତ୍ୱେ କମ୍ପ୍ୟୁଟର ପ୍ରଣାଳୀରେ ମୁଖ୍ୟକକ୍ଷରୁ ଏହି ପ୍ରୋଜେକ୍ଟର ନିୟନ୍ତ୍ରଣ କରାଯାଇପାରୁଛି । ଏଥିପାଇଁ ୬୦ ଫୁଟ୍ ଲମ୍ବର କମ୍ପ୍ୟୁଟର ମାଉସ୍ ୱେର ବ୍ୟବହାର କରାଯାଇଛି । ଏଠାରେ ହସ୍ତଚାଳିତ ଓ ମାନୁଆଲ କଇଁଚି ବଦଳରେ ଇଲେକ୍ଟ୍ରିକ୍ କଇଁଚି ବ୍ୟବହାର କରାଯାଉଛି । ସେହିପରି ସଫେଇ କାର୍ଯ୍ୟ ପାଇଁ ଅଟୋମେଟିକ୍ ୱାଶିଙ୍ଗ ମେଶିନ୍, ରେକ୍ ପିକିଂ ଷ୍ଟିକ୍ ଭଳି ଯନ୍ତ୍ରପାତି ବ୍ୟବହାର କରାଯାଉଛି । ହସ୍ପିଟାଲ ପରିସରରେ ଏକ ଯୋଗ ତାଲିମ କେନ୍ଦ୍ର ତିଆରି କରାଯାଇଛି। ଲନ୍‌ରେ ଯୋଗଶିକ୍ଷା ଦିଆଯାଉଛି। ଏହାସହିତ ହସ୍ପିଟାଲରେ ସ୍ୱଳ୍ପ ବିଦ୍ୟୁତ୍ ଶକ୍ତିଚାଳିତ ଲାଇଟ୍, ପଙ୍ଖା ଓ ମେଶିନ୍ ବ୍ୟବହାର କରାଯାଉଛି। ପାରଦର୍ଶିତା ପାଇଁ ହସପିଟାଲ କାନ୍ଥରେ ସରକାରୀ ଭାବେ ଉପଲବ୍ଧ ସମସ୍ତ ଔଷଧର ଏକ ତାଲିକା ଲଗାଯାଇଛି ଏବଂ ଷ୍ଟକ୍ ଅନୁଯାୟୀ ଏହା ପରିଚାଳନା କରାଯାଉଛି । ଫଳରେ କେଉଁ ଔଷଧ ହସ୍ପିଟାଲରେ ଅଛି ଓ କେଉଁଟା ଉପଲବ୍ଧ ନାହିଁ ତାହା ଲୋକେ ସହଜରେ ଜାଣିପାରୁଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ କରିବାରେ ଡାକ୍ତର ଶେଖରଲାଲ ପ୍ରଧାନ, ସମସ୍ତ ହସ୍ପିଟାଲ ଷ୍ଟାଫ୍ ଓ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମ ଏହି ଡାକ୍ତରଖାନାକୁ ଏକ ଆଦର୍ଶ ଓ ଲୋକପ୍ରିୟ ଅନୁଷ୍ଠାନରେ ପରିଣତ କରିଛି ।

ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଯୁବ ଡାକ୍ତର ପ୍ରଧାନ କହଛନ୍ତି ଯେ, ସରକାରଙ୍କଠାରୁ ମିଳିଥିବା କାୟାକଳ୍ପ ପୁରସ୍କାର, ଷ୍ଟାଫ୍‌ଙ୍କ ସେବା ମନୋଭାବ ଓ ଅଞ୍ଚଳବାସୀଙ୍କ ବିପୁଳ ସମର୍ଥନ ଯୋଗୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଶୃଙ୍ଖଳିତ ଓ ଉତ୍ତମ ଅନୁଷ୍ଠାନ ପାଲଟିଛି । ଏଠାରେ ୫-ଟିର ସଫଳ ପ୍ରୟୋଗ କରାଯାଇପାରିଛି । କୁଟୁରାପାଲିର ନରୋତ୍ତମ ନନ୍ଦ କହିଛନ୍ତି, ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁଥିବାରୁ ବଲାଙ୍ଗୀର ଓ ବରଗଡ଼ ଜିଲାର ହଜାର ହଜାର ଲୋକ ଉପକୃତ ହେଉଛନ୍ତି । ସାଧାରଣ ରୋଗ ପାଇଁ ସେମାନଙ୍କୁ ଆଉ ବଲାଙ୍ଗୀର କି ବରଗଡ ଯିବାକୁ ପଡୁନାହିଁ । ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର, ଯୁବତୀ, ଯୁବକମାନେ ମଧ ହସ୍ପିଟାଲରେ ବିଭିନ୍ନ ସହାୟତା କରୁଥିବା ଦେଖାଯାଉଛି । ସରକାରୀ ହସ୍ପିଟାଲରୁ ମୁହଁ ମୋଡି ଲୋକେ ଘରୋଇ ଚିକିତ୍ସାଳୟକୁ ଯିବାକୁ ବାଧହେଉଥିବାବେଳେ ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟ ଅଞ୍ଚଳ ପାଇଁ ନୂଆ ସଂସ୍କାର ଆଣିବାରେ ଉଦାହରଣ ପାଲଟିଛି ।


ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

- ସରକାର, ସେବାକାରୀ ଓ ଜନସାଧାରଣଙ୍କ ସମନ୍ୱୟ
- ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟରେ ସୃଷ୍ଟି କରିଛି ଉଦାହରଣ
- ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପୋଷ୍ଟର ଜାରି
- ହସ୍ପିଟାଲକୁ ମିଳିଛି ଲଗାତର ଦୁଇଥର କାୟାକଳ୍ପ ପୁରସ୍କାର

## ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ରାଉରକେଲା ଅଫିସ, ୧୯।୯**

ଛେଣ୍ଡ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଘରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଛେଣ୍ଡ କଲୋନୀର ଏମ୍‌ଆଇଜି-୨୮୬ କ୍ୱାର୍ଟର୍ସରେ ବ୍ୟବସାୟୀ ମନୋଜ ପ୍ରଧାନ ସପରିବାର ରୁହନ୍ତି। ବୁଧବାର ରାତିରେ ଅସାବଧାନତା ବଶତଃ ଘରର କବାଟ ଖୋଲା ରଖି ପରିବାରର ସମସ୍ତ ସଦସ୍ୟ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ଚୋରମାନେ ଘରେ ପଶି ଲକରରେ ଥିବା ପ୍ରାୟ ୬ଭରି ଓଜନର ସୁନା ଚେନ, ସୁନା ମୁଦି, ମଙ୍ଗଳସୂତ୍ର, କାନଫୁଲ ଇତ୍ୟାଦି ଚୋରି କରି ନେଇଛନ୍ତି। ସକାଳେ ମନୋଜ ପରିବାର ଲୋକେ ଚୋରି ହୋଇଥିବା ଜାଣିପାରି ଛେଣ୍ଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୦୪/୨୦୧୯) ରୁଜୁ କରି ଚୋରଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଛାତ୍ର ବା ଶିଷ୍ୟ ପ୍ରାଣପଣେ ଆନନ୍ଦର ସହିତ ଗୁରୁଙ୍କ ଆଦେଶ ପାଳନ କରିଛି ସେ କଦାପି ବିଫଳ ହେବ ନାହିଁ।

- ଠାକୁର ଅନୁକୂଳ ଚନ୍ଦ୍ର

## ସଂକ୍ଷେପରେ

### ବଜ୍ରପାତରେ ୩ ଗୋରୁ ମୃତ

ଘଣ୍ଟାପଡା, ୧୯।୯ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅଧୀନ ସିଆଲିଝୁଲି ଗ୍ରାମରେ ଗୁରୁବାର ବଜ୍ରପାତ ହେବାରୁ ୩ ଗୋରୁଙ୍କ ମୃତ୍ୟୁ ହୋଇଛି। ଗ୍ରାମର ଶୁକଦେବ ଡାଙ୍ଗ ମଧାହ୍ନରେ ୧୨ଟି ଗୋରୁଙ୍କୁ ଗୋଟିଏ ମହୁଲ ଗଛତଳେ ବାନ୍ଧିଦେଇ ଘରକୁ ଖାଇବାକୁ ଯାଇଥିଲେ। ଦିନ ସାଢ଼େ ୧ଟା ସମୟରେ ବଜ୍ରପାତ ହେବାରୁ ଗଛ ନିକଟରେ ଥିବା ୩ ଶୁକଦେବଙ୍କ ୧ ଗାଈ, ୨ ବାଛୁରୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ଯୁବ ଭାଜପା ନେତା ଶଙ୍କର୍ଷଣ ସାହୁ ଘଟଣାସ୍ଥଳରେ ପହଞ୍ଚି ସରକାରୀ କର୍ମଚାରୀଙ୍କ ସହ ପରାମର୍ଶ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି

ଜାମଟିକ୍ରା, ୧୯।୯ (ଡି.ଏନ.ଏ)
ଅତାବିରା ବ୍ଲକ ଯାଦବ ସମାଜର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଯାଦବ ସମାଜର ସଭାପତି ଅର୍ଜୁନ ଦୀପ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୨ ତାରିଖରେ ସରଣ୍ଡା ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଯାଦବ ସମାଜର ନୂଆଁଖାଇ ଭେଟଘାଟ ହେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ଦୁଃଖବନ୍ଧୁ ରାଉତ, ମହନ କଠାର, ଦଶରତ ବାଗ, ଅଭି ଦୀପ, ଲମ୍ବୋଦର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

### ବିସର୍ଜନ ହେଲେ ଦେବଶିଳ୍ପୀ ବିଶ୍ୱକର୍ମା

ଘଣ୍ଟାପଡା, ୧୯।୯ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମରେ ଘଣ୍ଟାପଡା କଲକେଶ୍ୱର ବଜାରରେ ଧୁମଧାମରେ ବାବା ବିଶ୍ୱକର୍ମାଙ୍କୁ ବିସର୍ଜନ କରାଯାଇଛି। ବୁଧବାର ସନ୍ଧ୍ୟା ୭ଟାରୁ ଏକ ଗାଡିରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ଘଣ୍ଟାପଡା ପୁରୁଣାବସ୍ତି ପରିକ୍ରମା କରାଯାଇଥିଲା। ଶେଷରେ ତେଲନଦୀ ପଠାରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ସେହିପରି ଆମ୍ବଗାଁ, ଖୁଣ୍ଟିଗୋରା, ଟପର୍ଣ୍ଣା ଆଦି ସ୍ଥାନମାନଙ୍କରେ ପୂଜା ପାଉଥିବା ଦେବଶିଳ୍ପୀଙ୍କ ବିସର୍ଜନ ହୋଇଥିଲା ।

### ଚାଳକ ଦିବସ ପାଳିତ

ଝାରବନ୍ଧ, ୧୯।୯ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ଚାଳକ ଆସୋସିଏଶନ ଆନୁକୂଲ୍ୟରେ ଚାଳକ ଦିବସ ପାଳିତ ହୋଇଯାଇଛି । ବିଶ୍ୱକର୍ମା ପୂଜା ଅବସରରେ ପୂଜା ମଣ୍ଡପରେ ଆସୋସିଏଶନ ସଭାପତି ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବିଜୟକେତନ ପ୍ରଧାନ ମୁଖ୍ୟଅତିଥି, ଝାରବନ୍ଧ ଥାନା ଅଧିକାରୀ ହରିବନ୍ଧୁ ଗଡତିଆ ଓ ମାନଭଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଚାଳକଙ୍କ ଦାୟିତ୍ୱ ଓ ସରକାରୀ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ସଡକ ସୁରକ୍ଷା ଓ ଜୀବନ ରକ୍ଷା ଚାଳକମାନଙ୍କ ଉପସ୍ଥିତ ବୁଦ୍ଧି ଉପରେ ନିର୍ଭର କରେ। ଏଥିପାଇଁ ଚାଳକମାନଙ୍କୁ ଉତ୍ତମ ଗାଡି ଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆସୋସିଏଶନ ବୟୋଜ୍ୟେଷ୍ଠ ଚାଳକ ନକୁଳ ବନଛୋର ଓ ଇନ୍ଦ୍ରମଣି ବାଗଙ୍କୁ ସମ୍ମାନିତ କରାଯାଇଥିଲା । ଆସୋସିଏଶନର ସମ୍ପାଦକ ଗଗନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଧନୁର୍ଯ୍ୟୟ ସିଦାର, ଡୋଲାମଣି ନାଗ, ସଞ୍ଜୟ ସିଦାର ସହଯୋଗ କରିଥିଲେ ।

### ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍, ୧୯।୯
ଆକାଶବାଣୀ ଶ୍ରୋତା ସଂଘର ରଜତ ଜୟନ୍ତୀ ପାଳନ ପାଇଁ ଗୁରୁବାର ବରଗଡ଼ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୋତା ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ଆକାଶବାଣୀ ଶ୍ରୋତାସଂଘ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ପାଳନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ପାଦକ ଅଶୋକ ସାହୁ ମାସିକ ବିବରଣୀ ଉପସ୍ଥାପନ କରିଥିଲେ । ପ୍ରତି ସପ୍ତାହ ରବିବାର କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା । ଶେଷରେ ସଂଘର ବରିଷ୍ଠ ସଭ୍ୟ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହଜିଯାଉଛେ ପାରମ୍ପାରିକ ଶିଲ୍ ଶିଲ୍‌ପୁଆ

ଗଣ୍ଡତୁରୁମ୍, ୧୯।୯ (ଡି.ଏନ୍.ଏ.)

ଆଜିର ମୁନୁଷ ନିଜକେ ଆଧୁନିକତା ଭିତରେ ହଜେଇ ଦେଇଛେ। ଯୁଗର ସଂଗେ ତାଲ ଦେଇ ଆଗକେ ବଢୁଛେ। ନିଜର ସୁଖ୍ ସୁବିଧାର ଲାଗି ନୂଆଁ ନୂଆଁ ଯନ୍ତ୍ରପାତି ବେଭାର କରୁଛେ। ଯେନ୍‌ଥିରଲାଗି ପୁରନାକାଲିଆ ଘରୁଆ ଉପକରନ୍ ଯଁତା, ରୁଗ୍‌ନା, ଢେଙ୍କି, ଶିଲ୍ ଶିଲ୍‌ପୁଆକେ ଲୋକ୍ ପାସ୍‌ରି ଦେଲେନ। ଆଧୁନିକ ମହିଲାମାନେ ଇଲେକ୍ଟ୍ରୋନିକ୍ସ ଉପ୍‌କରନର ବଡ଼ଭାରି ବେଭାର କରୁଛନ୍। ଇଥିରେ ପରିଶ୍ରମ କମ୍ ଆର କାମ୍ ଜଲଦି ଉସ୍‌ରୁଛେ। ଆଘ ଘରକରି ମହିଲାମାନେ ଚାଉଲ, ଡାଲି, ମସଲା, ହଲଦି, ଲକାକେ କୁଟ୍‌ବାକେ, କାଁଡ଼ବାକେ, ଦଲବାକେ ଢେଙ୍କି, ଯଁତା, କୁଟେନ ଆଦିର ବେଭାର କରୁଥିଲେ। ଇଥିରେ ଶାରୀରିକ୍ ପରିଶ୍ରମ ହେବାର ସଂଗେ ଦିହିପା ବି ନିରୁଜ ରହୁଥିଲା। ହେଲେ ଆଏଜ୍‌କାଲି ଇ ସବୁ ଗୁଟେ ପରଥାରେ ରହିଗଲାନ। ବିହାବରପନ୍ ବେଲେ ଝିଁକେ ଲୋକ୍ ପରଥା ହିସାବେ ଯଉତୁକରେ ଶିଲ, ଯଁତା ଦେଉଛନ୍ ସତ୍, ହେଲେ ଇ ସବୁ ଘରମାନକେ ପଡ଼ି ପଡ଼ି ଖତ୍ ଖାଉଛେ। ଆଏଜ୍‌କାଲିର ମହିଲାମାନେ ମସଲାବଟାନୁ ଆରମ୍ କରି ଡାଲି ଦଲ୍‌ବାର ତକ୍ ସବୁ ମିକ୍ସଚର ଗ୍ରାଇଣ୍ଡରରେ କରୁଛନ୍। ଇଲେକ୍ଟ୍ରୋନିକ୍ସ ଉପ୍‌କରନର ବଡ଼ଭାରି ବେଭାର ଲାଗି ଇ ପୁରନା କାଲିଆ ଘରକରା ଜିନିଷ୍‌ମାନ ଆମର ସମାଜ, ସଂସ୍କୃତିରୁ ହଜି ଯିବାକେ ବସଲାନ। ଆର ବଛର କେତେଟା ଉତାରୁ ଆଗ୍‌ଲା ପିଢ଼ିର ଲାଗି ଇ ସବୁ ଇତିହାସ ପାଲଟିଯିବା। ସେନ୍‌ତା ଆଏଜ୍‌କାଲି ବଜାରରେ ଲୁକ୍‌କର ସୁବିଧା ଲାଗି ମିରଚା, ମସଲା, ହଲଦୀ ଲେଖେଁ ନାନା କିସ୍‌ମର ଗୁଁଡ଼ ଜରି ପ୍ୟାକେଟରେ ମିଲୁଛେ। ସେନ୍‌ତା ଅଦା, ଲେସୁନ, ଭଜା ମସଲା ପେଷ୍ଟ ବି ଜରି ପ୍ୟାକେଟରେ ମିଲୁଛେ। ଯେନ୍‌ଥିରଲାଗି ଘରେ ମହିଲାମାନକୁ ଶିଲ୍, ଯଁତା, ମିକ୍ସଚର ଗ୍ରାଇଣ୍ଡରର ବେଭାର କରବାକେ ନାଇଁ ପଡ଼ବାର। ହେଲେ ଶିଲ୍ ଶିଲ୍‌ପୁଆରେ ମସଲା ବାଟ୍‌ଲେ ଯେନ୍ ସୁଆଦ ଆର ଗୁନ୍‌ଧରମ ରହୁଥିଲା ସେଟା ବଜାରେ ମିଲୁଥିବାର ଜରି ପ୍ୟାକେଟ ଜିନିଷ୍‌ରେ ନାଁଇଁନ। ବଜାରେ ମିଲୁଥିବାର ଇ ରେଡିମେଡ୍ ଜିନିଷ୍‌ମାନକେ ନାନା ପରକାର ରାସାୟନିକ ଦରବ୍ ମିଶାଯାଉଛେ। ଯେନ୍‌ତା ଲୋକ୍ ବେଭାର କରି ରୁଗ୍‌ଦୁଖ୍‌ରେ ପଡୁଛନ୍। ଆଧୁନିକ ଯନ୍ତ୍ରପାତିର ବଡ଼ଭାରି ବେଭାର ସଂଗେ ସହଜ ଆର ସୁବିଧାରେ ରେଡିମେଡ୍ ଜିନିଷ ମିଲବାର ଲାଗି ଶିଲ୍ ଶିଲ୍‌ପୁଆ, ଯଁତା, ରୁଗ୍‌ନା ଲେଖେଁ ପୁରନା ଘରକରା ଜିନିଷ୍‌ର ଚାହିଦା କମିଗଲାନ। କାଁ ଭାଁ ଗାଁଗଁଡ଼ାରେ ଲୁକ୍‌କର ଘରେ ଦେଖିବାକେ ମିଲୁଛେ। ଦିନ୍ ଥିଲା ଶିଲ୍ ଶିଲ୍‌ପୁଆ, ଯଁତା ତିଆରିରେ ବରଗଡ଼ ଜିଲା ବରପାଲି ବ୍ଲକ ବାରଙ୍ଗପାଲିର କାରିଗରମାନେ ନାଁ କମେଇଥିଲେ। ହେଲେ ଆଧୁନିକତାର ଲାଗି ଇ ସବୁ କାରିଗର ପରିବାର ଜୀବ୍‌କା ହରେଇ ଦୁରଦିନ୍‌ରେ ଜୀବନ୍ ବିତଉଛନ୍। ଇ ସବୁ ପୁରନା ଜିନିଷର ବେଭାର ଲାଗି ଲୋକ୍ ସଚେତନତା ନିହାତି ଦରକାର। କାରନ୍ ଇ ସବୁ ଜିନିଷ୍ ବେଭାର କଲେ ଅନେକ ଶାରୀରିକ୍ ସମସିଆରୁ ମହିଲାମାନେ ମୁକ୍‌ତି ପାଏବାର ସଂଗେ ଗୁଟେ ନିରୁଜ ସମାଜ ଗଠନ ହେଇପାରବା।



ଝନେ ମହିଲା ଶିଲ୍‌ରେ ବେସାର ବାଟୁଛନ୍।

# ଫଳ ବାଣ୍ଟିଲେ ଭାଜପା କର୍ମୀ

ବରଗଡ଼ ଅଫିସ୍, ୧୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମବାର୍ଷିକୀ ତଥା ସେବା ସପ୍ତାହ ପାଳନ ଅବସରରେ ବରଗଡ଼ ଭାଜପା ପକ୍ଷରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଦଳର ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚିକିତ୍ସାଧୀନ ରୋଗୀଙ୍କୁ ଫଳ ସହିତ ଗ୍ଲୁକୋଜ, ବିସ୍କୁଟ ଆଦି ପ୍ରଦାନ କରାଯାଇଥିଲା । ଜିଲା ଭାଜପା କୋଷାଧ୍ୟକ୍ଷ ସୁବ୍ରତ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ନଗର ସଭାପତି ଅକ୍ରୂର ମଲ୍ଲିକ, ଅବନୀକାନ୍ତ ପଣ୍ଡା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଅରେଇଗୁଡ଼ିରେ ନୃତ୍ୟ ପ୍ରତିଯୋଗିତା

ଭେଡ଼େନ, ୧୯।୯ (ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି ଠାରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ବୁଧବାର ରାତ୍ରିରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ଶୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରଥ ମୁଖ୍ୟଅତିଥି, କଂସ ଅଭିନେତା ଶୁଶୀଲ କୁମାର ମେହେର, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀପ୍ରସାଦ ଥପା, ଶିକ୍ଷକ ଶ୍ୟାମ ସୁନ୍ଦର ଭୋଇ, ସତ୍ୟପ୍ରୀୟ ପରଡ଼ିଆ, କରସସାନୀ ସାହୁ ଏବଂ କୁଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାର ବିଚାରକ ଭାବେ ଆଲବମ କଳାକାର ଜାହାଙ୍ଗୀର ପାତ୍ର, ଫରିଦ ଆନସାରୀ ଏବଂ ବିଶାଳ ବାଗ ଯୋଗ ଦେଇଥିଲେ। ଜୁନିୟର ବିଭାଗରେ ଆଲିଶା ଅଗ୍ରୱାଲ, ପ୍ରୀୟଙ୍କା ସା, ଜତିନ କୁମାର ସାହୁ , ସିନିୟର ବିଭାଗରେ ମଧୁସ୍ମିତା ମାଝୀ, ବଳରାମ ସାହୁ, ଇତିଶ୍ରୀ ପାଣିଗ୍ରାହୀ ଏବଂ ଗ୍ରୁପ ବିଭାଗରେ ନ୍ୟୁ ଷ୍ଟାର ଡ୍ୟାନ୍ସ ଗ୍ରୁପ ହିର୍ଲିପାଲି, ଡ୍ୟାନସ ଦିଲ୍‌ସେ ଗ୍ରୁପ ବରଗଡ଼ ଏବଂ କରମସାନୀ ଡ୍ୟାନ୍ସ ଗ୍ରୁପ ଜୁଲଟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବାଙ୍କିଘିରଡ଼ିର ସୁରେନ୍ଦ୍ର ଜୁଆଡ଼ିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

# ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର

ପାଇକମାଳ, ୧୯।୯ (ଡି.ଏନ.ଏ)

ପାଇକମାଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବୁକ୍ରାମୁଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପାଇକମାଳ ଗୋଷ୍ଠୀ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୮ଟି ବିଦ୍ୟାଳୟର ୧୮୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୫୪ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା । ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ନାରାୟଣ ପ୍ରସାଦ, ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାର ଚୂଡାମଣି ବାରିକ, ଭାରପ୍ରାପ୍ତ ପିଏଚଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏନ ବିଜୟ ସରାଫ, ଡା କୋଶଲ ନାୟକ, ବିଏମ ସୁବ୍ରତ ବିଶ୍ୱାଳ, ଏମପିଏଚଏସ ରବିନ୍ଦ୍ର ମହତାବ, ଏମଏଚଟିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଦ୍ମପୁର ଚକ୍ଷୁ ବିଭାଗର କିଶୋର ପ୍ରଧାନ, ସୁରେଶ ପତି, ସରୋଜ ସେଠ ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।




ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

# ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରତିଯୋଗିତା

ଘଣ୍ଟାପଡା, ୧୯।୯ (ଡି.ଏନ.ଏ)

ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କଣ୍ଟାମାଳ ବ୍ଲକ ଉମା କ୍ଲଷ୍ଟର ଅଧୀନ ଫଟାମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଗୁରୁବାର ପୁରସ୍କୃତ କରାଯାଇଛି। ଗତ ମଙ୍ଗଳବାର ହୋଇଥିବା ପ୍ରତିଯୋଗିତାର ଚିତ୍ରାଙ୍କନ, ପ୍ରଶ୍ନମଞ୍ଚ ଓ ସମ୍ଭାଷଣ ବିଭାଗରେ ବିଦ୍ୟାଳୟ ୧ମରୁ ୮ମ ଶ୍ରେଣୀର ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନରେ ନୀଳାଦ୍ରି ବାଘ, ଅଞ୍ଜନା ପାତ୍ର, ରଘୁନାଥ ପାତ୍ର, ପ୍ରଶ୍ନ ମଞ୍ଚରେ ଇତି ଭୋଇ, କ୍ଷମାନିଧି ସୁନା, ଶ୍ୟାମାନନ୍ଦ ଠେଲା, ସମ୍ଭାଷଣରେ ଇତି ଭୋଇ, ନୀଳାଦ୍ରି ବାଘ, କ୍ଷମାନିଧି ସୁନା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୁଆଦେଇ ମାଝୀ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଶାନ୍ତନୁ ସ୍ୱାଇଁ, ସ୍ମାରକ ସାହୁ ଓ ଦିଗସନ ସୁନା ମଞ୍ଚାସୀନ ଥିଲେ । ଶିକ୍ଷକ ଦିଗସନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ସୁଦାମ ଭୋଇ ସହଯୋଗ କରିଥିଲେ ।

# କିଡ୍‌ନୀ ରୋଗର ପ୍ରତିକାର ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର



କମିଟି ସଭ୍ୟମାନେ ରାଜ୍ୟପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

ପୁରୁଣାକଟକ, ୧୯।୯ (ଡି.ଏନ୍.ଏ)

ହରଭଙ୍ଗା ବ୍ଲକରେ କିଡ୍‌ନୀ ରୋଗ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି । ଗତ ୪ ବର୍ଷ ମଧ୍ୟରେ ୩ ଶହରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ମୃତ୍ୟୁବରଣ କରିଥିବା ବେଳେ ଏବେବି ଶତାଧିକ ଆକ୍ରାନ୍ତ ଥିବା ଜଣାପଡିଛି । ଏହାର ପ୍ରତିକାର କିମ୍ବା ନିରାକରଣ ବ୍ୟବସ୍ଥା ଉପରେ ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିହିତ ପଦକ୍ଷେପ ନେଉ ନ ଥିବାରୁ ଦିନକୁ ଦିନ ଅହେତୁକ ଭାବେ ମୃତକଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଗୁରୁବାର କିଡ୍‌ନୀ ପ୍ରପୀଡିତ ହରଭଙ୍ଗା ବ୍ଲକ ନାଗରିକ କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ଭେଟି ଏହି ରୋଗର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । କମିଟି ପକ୍ଷରୁ ପ୍ରତିଭା କୁମାର ସାହୁ, ସଞ୍ଜୟ ଗାଇଗୌରିଆ, ପ୍ରମୋଦ କୁମାର ଦେହୁରୀ, ବାଳ ମୁକୁନ୍ଦ ମହାକୁଡ, ବିକାଶ ମହାକୁଡ, ଚରଣ ସେଠୀ ପ୍ରମୁଖ ରାଜ୍ୟପାଳଙ୍କୁ ବାସଭବନରେ ଦେଖାକରି କିଡନୀ ସମସ୍ୟା ନେଇ ଆଲୋଚନା ପରେ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ରାଜ୍ୟପାଳ ଗଣେଶୀ ଲାଲ୍ ନିର୍ଭର ପ୍ରତିଶ୍ରୁତି ଦେଇଥିବା କମିଟି ପକ୍ଷରୁ କୁହାଯାଇଛି ।

# କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ପୁରୁଣାକଟକ, ୧୯।୯ (ଡି.ଏନ୍.ଏ)

ହରଭଙ୍ଗା ଥାନା ଛତ୍ରଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଇଶପଡାଠାରେ ଥିବା ଏଆରଏସ୍‌ଏସ୍ ନାମକ ଠିକାସଂସ୍ଥାର କ୍ରସର ପ୍ଲାଣ୍ଟରେ କାମ କରୁଥିବା ଜଣେ କର୍ମଚାରୀଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଯାଜପୁର ଜିଲା ଯାଜପୁର ରୋଡ ନିକଟସ୍ଥ ଖପୁରିଆପଦା ଗ୍ରାମର ଧର୍ମାନନ୍ଦ ଧଳ (୩୪)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାରୁ ହରଭଙ୍ଗା ପୋଲିସ ଘଟଣାର ଛାନଭିନ ଚଳାଇଛି। ଅପରପକ୍ଷେ ଧର୍ମାନନ୍ଦଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଘଟଣା ଭିନ୍ନମୋଡ ନେଇଛି ।

ପୋଲିସ ସୂଚନା ଅନୁସାରେ, ବୁଧବାର ବିଶ୍ୱକର୍ମା ପୂଜା ଭସାଣି ଅବସରରେ ଧର୍ମାନନ୍ଦଙ୍କ ସମେତ କ୍ରସରର ସମସ୍ତ କର୍ମଚାରୀ ଶୋଭାଯାତ୍ରା ଆୟୋଜନ କରିଥିଲେ। ଏଥିପାଇଁ ଭୋଜିଭାତର ଆୟୋଜନ ହୋଇଥିଲା। ଶୋଭାଯାତ୍ରାରେ ସାଙ୍ଗମାନଙ୍କ ସହ ନାଚୁଥିବା ବେଳେ ହଠାତ୍ ଧର୍ମାନନ୍ଦଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ରାତି ୧୨ ଟାରେ ତାଙ୍କୁ ଅଚେତ ଅବସ୍ଥାରେ ପୁରୁଣାକଟକ ମେଡିକାଲକୁ ଅଣାଯାଇଥିଲା ବୋଲି କ୍ରସର ଇନଚାର୍ଜ ଦାୟିତ୍ୱରେ ଥିବା ଏସ୍. ସ୍ୱାଇଁ କହିଛନ୍ତି । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଛେଦ ପାଇଁ ବୌଦ୍ଧ ପଠାଇଥିଲେ। ତେବେ ଧର୍ମାନନ୍ଦଙ୍କ ପରିବାର ପକ୍ଷରୁ ତାଙ୍କ ବଡଭାଇ ରାଜୀବ ଧଳ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ତୁରନ୍ତ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତକଙ୍କ ପରିବାର ଲୋକଙ୍କୁ ଠିକାସଂସ୍ଥା ପକ୍ଷରୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି । ଏ ନେଇ ହରଭଙ୍ଗା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର କିସାନଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି । ଧର୍ମାନନ୍ଦଙ୍କ ମୃତ୍ୟୁ ସନ୍ଦେହଜନକ ଥିବାରୁ ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେ କହିଥିଲେ ।

# ନୃସିଂହନାଥ ଆୟୁର୍ବେଦ କଲେଜ ଦାୟିତ୍ୱ ନେବା ପାଇଁ ପୂର୍ବତନ ପରିଚାଳନା କମିଟିକୁ ନିର୍ଦ୍ଦେଶ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ପାଇକମାଳ, ୧୯।୯ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଗବେଷଣା ପ୍ରତିଷ୍ଠାନର ସଭାପତି ଭାବେ ବରଗଡ ଜିଲାପାଳ ଦାୟିତ୍ୱ ନେବା ପରେ ଗତ ୧ତାରିଖରେ କଲେଜକୁ ପରିଦର୍ଶନରେ ଆସିଥିଲେ। ପୂର୍ଣ୍ଣ କମିଟ ଗଠନ ପରେ ମହାବିଦ୍ୟାଳୟର ସମସ୍ତ କାମ କରାଯିବ ବୋଲି ସେ କହିଥିଲେ। ତେବେ ପୂର୍ବତନ ପରିଚାଳନା କମିଟିର କାର୍ଯ୍ୟକାଳକୁ ରଦ୍ଦ କରାଯିବାରୁ ଏ ନେଇ ହାଇକୋର୍ଟରେ ପିଟିସନ ଦାୟର ହୋଇଥିଲା। ହାଇକୋର୍ଟଙ୍କ ଗତ ୧୩ତାରିଖରେ ପୂର୍ବ ସ୍ଥିତାବସ୍ଥା ଜାରି ରଖିବା ପାଇଁ ଆଦେଶ ଦେବା ପରେ ପୁଣି ପୁରାତନ କମିଟି କଲେଜର କାର୍ଯ୍ୟଭାର ଗ୍ରହଣ କରିଛି । ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପରିଚାଳନା କମିଟି ସମ୍ପାଦକ ମନୋଜ ତ୍ରିବେଦୀ ଏହି ସୂଚନା ଦେଇଛନ୍ତି ।

# ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍, ୧୯।୯

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଶାମଣି ସ୍କୁଲରେ ଜିଲାର ମର୍ଜର ସ୍କୁଲ ଗୁଡ଼ିକର ସ୍ଥିତି ସମୀକ୍ଷା ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ମର୍ଜର ସ୍କୁଲ ଗୁଡ଼ିକର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସିନିୟର ପ୍ରୋଗ୍ରାମ ଲିଡ଼ର ଶାଶ୍ୱତ ସୌରଭ ପଣ୍ଡା ଯୋଗଦେଇ ମର୍ଜର ସ୍କୁଲର ସ୍ଥିତି ସମୀକ୍ଷା ସହିତ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପଚାରି ବୁଝିଥିଲେ । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଜିଲା ଶିକ୍ଷା ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ ।



ବୈଠକରେ ବରଗଡ଼ ଡିଇଓ ବିଭିନ୍ନ ପରାମର୍ଶ ଦେଉଛନ୍ତି ।

# କୋଶଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ସରଣ୍ଡା, ୧୯।୯ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲିସ୍ଥିତ କୋଶଳ ସ୍କୁଲରେ ଗୁରୁବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମାରୋହରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ହେଲେ ଉକ୍ତ ସ୍କୁଲର କୋଶଲ ସାହୁ, ଦେବ ଯୋଗ ଏବଂ ଆୟୁଷ ମହାକୁଡ଼ । ସମ୍ବର୍ଦ୍ଧନା ସମାରୋହରେ ସ୍କୁଲର ଚେୟାରମ୍ୟାନ ଭି. ସୁବାରାଓ, ଡାଇରେକ୍ଟର ନଳିନୀ ପଟ୍ଟନାୟକ, ଅଧ୍ୟକ୍ଷା ମଧୁ ପଟ୍ଟନାୟକ, ଶିକ୍ଷକ ରବିନ୍ଦ୍ର ବେହେରା, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ



## ସଂକ୍ଷେପରେ

### ଖୁକୁଡେଶ୍ୱର ମନ୍ଦିରରେ ଧାର୍ମିକ ମେଳା

ମନମୁଣ୍ଡା, ୧୯।୯ (ଡି.ଏନ.ଏ)
ମନମୁଣ୍ଡା ନିକଟସ୍ଥ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋହିପିଟା ଖୁକୁଡେଶ୍ୱର ମନ୍ଦିରରେ ଧାର୍ମିକ ମେଳା ବୁଧବାର ଉଦ୍‌ଯାପିତ ହୋଇଛି। ବାବା ଲକ୍ଷ୍ମୀନ୍ଦ୍ର ବଗର୍ତ୍ତିଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକମାନଙ୍କ ଉଦ୍ୟମକ୍ରମେ ଗତ ସଂକ୍ରାନ୍ତିରେ ଏହା ଉଦ୍‌ଘାଟିତ ହୋଇଥିଲା। ସଂକ୍ରାନ୍ତି ଦିନ ପ୍ରଭୁ ସତ୍ୟନାରାୟଣଙ୍କ ଓ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଭଜନ ସମାରୋହ କରାଯାଇଥିଲା। ପରଦିନ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ଏଥିରେ ବ୍ୟାସ ଭାବେ ସୋନପୁର ବଡବଜାରର ସ୍ୱନାମଧନ୍ୟ ଗାୟକ ପ୍ରତାପ ମହାପାତ୍ର ପାରାୟଣ କରିଥିଲେ। ଏହାସହ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଏବଂ ବୈଠକୀ କୀର୍ତ୍ତନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋକରନ ଦାଶ ବାବା, ହରିହର ସ୍ୱାଇଁ, ଲିଙ୍ଗ ପ୍ରଧାନ, ଶ୍ରୀଧର ବେହେରା, ରାଜୁ ପ୍ରଧାନ, ହର ମେଣ୍ଡଲି ପ୍ରମୁଖ ସହଯୋଗ କରିଥିଲେ । ସାମାଜିକ କର୍ମୀ ନିରଞ୍ଜନ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପ୍ଲାଷ୍ଟିକ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୧୯।୯ (ଡି.ଏନ.ଏ.)
ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲଠାରେ ପ୍ଲାଷ୍ଟିକ ନିଷେଧ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଉତ୍ସାହିତ ପାଇଁ ଚିତ୍ରାଙ୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଇଂ ଅଜୀତ କୁମାର ବାବୁ ଏହି ସଭାକୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ମାଣିକେଶ୍ୱରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଚ୍ଛାହିତ କରିଥିଲେ।

## ଆଗକୁ ବିଜେପୁର ଉପନିର୍ବାଚନ

# ପ୍ରାର୍ଥିତ୍ୱକୁ ନେଇ ଅଡୁଆ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍, ୧୯।୯**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ । ହେଲେ ଏବେଠାରୁ ଉପନିର୍ବାଚନକୁ ନେଇ ବିଜେପୁର ଚଳଚଞ୍ଚଳ ହୋଇ ପଡ଼ିଲାଣି । ଦଳୀୟ ରଣନୀତି ପ୍ରସ୍ତୁତିରେ ରାଜନୈତିକ ଦଳଗୁଡ଼ିକ ଲାଗି ପଡ଼ିଲେଣି । ବିଜେଡ଼ି ଉପନିର୍ବାଚନକୁ ଆଖି ଆଗରେ ରଖି ବରଗଡ଼ ଜିଲାର ଦଳୀୟ ନେତାଙ୍କୁ ବିଭିନ୍ନ ପଦପଦବୀରେ ଥଇଥାନ କରିବାଠାରୁ ଆରମ୍ଭ କରି ରଣନୀତି ପ୍ରସ୍ତୁତ ପାଇଁ ସମନ୍ୱୟ କମିଟି ଗଠନ କରିସାରିଲାଣି। ଅନ୍ୟପଟେ ଉପନିର୍ବାଚନକୁ ନେଇ ବିରୋଧୀ କଂଗ୍ରେସ ବହୁ ପୂର୍ବରୁ ପ୍ରାର୍ଥୀ ଚୟନ ପାଇଁ କମିଟି ଗଠନ କରିଛି । ତେବେ ଭାଜପାରେ ସେଭଳି ତତ୍ପରତା ସାମ୍ନାକୁ ଆସି ନ ଥିଲେ ମଧ୍ୟ ନିର୍ବାଚନୀ କସରତରେ ଅନ୍ୟମାନଙ୍କଠାରୁ ପଛରେ ପଡ଼ିନାହିଁ । ଏଭଳି ସ୍ଥିତିରେ ବର୍ତ୍ତମାନ ତିନି ପ୍ରମୁଖ ଦଳ ମଧ୍ୟରେ ଉପନିର୍ବାଚନ ମଇଦାନକୁ ଛାଡ଼ିବା ପାଇଁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ଖଟିଠାରୁ ଆରମ୍ଭ କରି ସୋସିଆଲ ମିଡ଼ିଆରେ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କ ନାମ ଘୂରି ବୁଲୁଛି । ମାତ୍ର ଏପର୍ଯ୍ୟନ୍ତ କୌଣସି ଦଳ ପ୍ରାର୍ଥୀ ଚୂଡ଼ାନ୍ତ କରି ପାରି ନାହାନ୍ତି । ସବୁଦଳରେ ଅସନ୍ତୋଷ ଲାଗି ରହିଥିବାରୁ ପ୍ରାର୍ଥୀ ଚୂଡ଼ାନ୍ତ କରିବା ସବୁଦଳକୁ ଅଡୁଆ ହୋଇଛି । ଫଳରେ ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ଅବ୍ୟବହିତ ପୂର୍ବରୁ କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ସବୁଦଳ ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ବିଜେଡ଼ିରେ ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ଚାଷୀନେତା କିଶୋର ଦେବତା, ଗୌରହରି ମିଶ୍ର, ଭୀଷ୍ମଦେବ ସରାଫ, ନାରାୟଣ ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପୁଣି ବିଜେପୁର ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି କେତେକ ସ୍ଥାନରେ ଆଲୋଚନା ହେଉଛି । ସେହିପରି ଭାଜପାରେ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ସନତ ଗଡ଼ତୀୟା, ସୁରେଶ୍ୱର ଶତପଥୀ, ଡା. ଅରୂପାନନ୍ଦ ସାହୁ, ହଳପାଣି ମାଝି, ଗୋବର୍ଦ୍ଧନ ଭୋଇ, ଜିଲା ପରଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ଏଥର ସୁଯୋଗ ଦେବ ନା ନାହିଁ, ତାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଅପରପକ୍ଷେ ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ବିକଳ୍ପ ପାଉ ନ ଥିବା କଂଗ୍ରେସକୁ ପ୍ରାର୍ଥୀ ଚିନ୍ତା ଅଧିକ ଘାରିଛି । ୨୦୧୮ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଣୟ ସାହୁ ଇତିମଧ୍ୟରେ ଦଳ ଛାଡ଼ି ବିଜେଡ଼ିରେ ମିଶିଥିବାବେଳେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିଲେ । ଫଳରେ ଏଥର କଂଗ୍ରେସ ହାଇକମାଣ୍ଡ ରିପୁଙ୍କ ଉପରେ ଭରସା ରଖିବ ନା ନୂଆ ମୁହଁକୁ ମଇଦାନକୁ ଛାଡ଼ିବ, ତାହା ବର୍ତ୍ତମାନ ରୋଚକ ସ୍ଥିତିରେ ରହିଛି ।

### ଏମାନେ କୁହନ୍ତି...



“ ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ସହିତ ସେ ରହିବେ ବୋଲି ପ୍ରତିଶ୍ରୁତି ଦେଇ ଗତ ସାଧାରଣ ନିର୍ବାଚନରେ ଏଠାକାର ପ୍ରାର୍ଥୀ ହୋଇଥିଲେ । ବିଜେପୁରବାସୀ ଆସ୍ଥା ପ୍ରକଟ କରି ତାଙ୍କ ସପକ୍ଷରେ ଭୋଟ୍ ଦେଇ ଜିତାଇଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ସେ ବିଜେପୁର ଆସନ ଛାଡ଼ିଦେଲେ। ଏଭଳି ଧୋକାବାଜିର ଜବାବ ଦେବାକୁ ବିଜେପୁରବାସୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଆସନ୍ତା ଉପନିର୍ବାଚନରେ ତାହା ନିଶ୍ଚୟ ପ୍ରତିଫଳିତ ହେବ । ଦଳୀୟ ହାଇକମାଣ୍ଡ ଠିକଣା ସମୟରେ ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ । ଏଠାରେ ଏଥର ଭାଜପା ହିଁ ବାଜିମାତ୍ କରିବ ।

-**ସୁରେଶ୍ୱର ଶତପଥୀ**, ଭାଜପା ନେତା



“ ବିଜେଡ଼ି ଓ ଭାଜପା ମିଶି ଯାଇଛନ୍ତି । ଏହା ଆଉ କାହାକୁ ଅଜଣା, ଅଛପା ନାହିଁ । ବିଜେପୁରବାସୀ ମଧ୍ୟ ଏହାକୁ ଭଲ ଭାବେ ଜାଣି ସାରିଛନ୍ତି । ରାଜ୍ୟର ବିକାଶରେ ବିଫଳ ହେବା ସହିତ ବିଜେଡ଼ି ବିଜେପୁରବାସୀଙ୍କୁ ଧୋକା ଦେଇଛି । ସେହିପରି ପିଆଜ, ପେଟ୍ରୋଲଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ଦରଦାମ ଯଥେଷ୍ଟ ମାତ୍ରାରେ ବଢ଼ି ଚାଲିଥିବାବେଳେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି । କଂଗ୍ରେସ ଉପଯୁକ୍ତ ପ୍ରାର୍ଥୀ ଦେବ ଏବଂ ସମସ୍ତେ ଏକଜୁଟ୍ ହୋଇ ଉପନିର୍ବାଚନ ଲଢ଼ିବୁ। ବିଜେପୁରବାସୀ ପୁଣି କଂଗ୍ରେସକୁ ସୁଯୋଗ ଦେବେ ବୋଲି ଆଶା ରହିଛି।

-ଯୁଗଳ ପ୍ରସାଦ ସିଂ, କଂଗ୍ରେସ ନେତା



“ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ନେତୃତ୍ୱ ଯୋଗୁ ଆସନ୍ତା ଉପନିର୍ବାଚନରେ ମଧ୍ୟ ବିଜେଡ଼ି ରେକର୍ଡ଼ସଂଖ୍ୟକ ଭୋଟ୍‌ରେ ଜିତିବ । ଉପନିର୍ବାଚନ ଲଢ଼ିବା ପାଇଁ ଏକ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି । ଦଳ ମଧ୍ୟରେ କୌଣସି ଅସନ୍ତୋଷ ନାହିଁ । ସମସ୍ତ ଦଳୀୟ କର୍ମୀ ଏକଜୁଟ୍ ହୋଇ ରହିଛୁ ଏବଂ ସଙ୍ଗଠିତ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଲଢ଼ିବୁ । ବିଜେପୁରବାସୀ ବିଜେଡ଼ି ପ୍ରତି ଆସ୍ଥା ପ୍ରକଟ କରି ସାରିଛନ୍ତି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଦୃଢ଼ ଆଶାବାଦୀ ଅଛୁ ।

-ଗୌରହରି ମିଶ୍ର, ବିଜେଡ଼ି ନେତା

## ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ



ମୁରାସୁର ଭୂମିକା ପାଇଁ କଳାକାର ବରଣ କରାଯାଉଛି ।

ପଦ୍ମପୁର, ୧୯।୯ (ଡି.ଏନ.ଏ)

ପଦ୍ମପୁର ନିକଟ ମହୁଲମାଲି ଗ୍ରାମରେ ଆସନ୍ତା ଅକ୍ଟୋବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ । ଏଥିରେ ମୁରାସୁର ଦରବାର ଆୟୋଜିତ ହେବ । ମୁରାସୁର ଭୂମିକାରେ ଅଭିନୟ ପାଇଁ ଗୁରୁବାର ବାନ୍ଧୁପାଲି ଗ୍ରାମର ବିଶିଷ୍ଟ ମଞ୍ଚ କଳାକାର ପ୍ରହଲ୍ଲାଦ ସାହୁଙ୍କୁ ବରଣ କରାଯାଇଛି । ପୂଜା କମିଟି ସଦସ୍ୟମାନେ ତାଙ୍କ ବାନ୍ଧୁପାଲି ସ୍ଥିତ ବାସଭବନକୁ ଯାଇ ଶ୍ରୀଫଳ, ଚନ୍ଦନ, ତିଳକ, ଫୁଲମାଲ ଏବଂ ଉତ୍ତରୀୟ ଦେଇ ବରଣ କରିଥିଲେ । ଏଥିରେ କମିଟି ସଭାପତି ବଲ୍ଲଭ ସାହୁ, କୋଷାଧ୍ୟକ୍ଷ କୁଶ ସାହୁ, ଠାକୁର ସାହୁ, ଡୋଲାମଣି ସାହୁ, କବିରାଜ ବେହେରା, ଉଦ୍ଧବ ସାହୁ, ମୁଲି ମହାପାତ୍ର, ହରିଶ୍ଚନ୍ଦ୍ର ଧରୁଆ, ଚିତ୍ରସେନ ସାହୁ, ଗୌରହରି ସାହୁ, ପୁରୁଷୋତ୍ତମ ସାହୁ, ସୁନୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବୌଦ୍ଧରେ ବାଇକ ଚୋରି ରାକେଟ ସକ୍ରିୟ

**ବୌଦ୍ଧ, ୧୯।୯ (ସ୍ୱ.ପ୍ର)**

ଦୀର୍ଘଦିନର ନିରବତା ପରେ ବୌଦ୍ଧ ସହରରେ ପୁଣି ଥରେ ବାଇକ୍ ଚୋରି ରାକେଟ ସକ୍ରିୟ ହୋଇଛନ୍ତି । ସହରର ବିଭିନ୍ନ ସ୍ଥାନରୁ ୬ଟି ବାଇକ୍ ଚୋ ହୋଇସାରିଥିବାବେଳେ ଏଯାଏ ଗୋଟେ ହେଲେ ଉଦ୍ଧାର ହୋଇପାରିନାହିଁ । ଦୈନିକ ବଜାର, ବ୍ୟାଙ୍କ, ମେଡିକାଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରୁ ଏହି ବାଇକ୍ ଗୁଡିକ ଚୋରି ହୋଇଥିବା ଜଣାଯାଇଛି। ଚୋରମାନେ ବାଇକ୍‌ର ଲକ ଭାଙ୍ଗି ଚୋରି କରୁଥିବାବେଳେ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ସହରର ଏକ ବାଇକ୍ ଚୋର ରାକେଟକୁ ଧରିବାରେ ପୋଲିସ ସଫଳ ହୋଇଥିଲା। ଏହାର ଚେର ଅନଗୋଳ, ସମ୍ବଲପୁର ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଥିଲା। ବର୍ତ୍ତମାନ ପୁଣିଥରେ ସମ୍ପୃକ୍ତ ରାକେଟ ସକ୍ରିୟ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ବାଇକ ଚୋରି ନେଇ ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ ।

## ମୋ ସ୍କୁଲ ଅଭିଯାନ ସମୀକ୍ଷା, ପରିଚାଳନା ଶିବିର

**ବରଗଡ଼ ଅଫିସ୍, ୧୯।୯**

ବରଗଡ଼ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସମୀକ୍ଷା ଓ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ବଢ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ହୋତା ଯୋଗଦେଇ ବରଗଡ଼ ବ୍ଲକର ବିଭିନ୍ନ ସ୍କୁଲରେ ଚାଲିଥିବା ମୋ ସ୍କୁଲ ଅଭିଯାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ଶିକ୍ଷା ବିଭାଗ ତରଫରୁ ଭାର୍ଗବ ନାଏକ ମୋ ସ୍କୁଲ ଅଭିଯାନର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ଜର୍ଜ ହାଇସ୍କୁଲର ବରିଷ୍ଠ ଶିକ୍ଷକ ବିରେନ୍ଦ୍ର କୁମାର ଦାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପସ୍ଥିତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅଭିଯାନ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲା ଶିକ୍ଷା ବିଭାଗର ମୁଖ୍ୟ କିରାଣୀ ଭୀମସେନ ନାଏକ ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ପାଣ୍ଠି ଓ ସ୍କୁଲର ନିଜସ୍ୱ ପାଣ୍ଠି ବିନିଯୋଗ ଉପରେ ସୂଚନା ପ୍ରଦାନ କରିଥିଲେ ।



ଶିବିରରେ ଉପସ୍ଥିତ ଶିକ୍ଷା ଅଧିକାରୀବୃନ୍ଦ ।

## କଳାହାଣ୍ଡି ୱେବ ମିଡିଆ ସଂଘର ଜିଲାସ୍ତରୀୟ ବୈଠକ

**ଭବାନୀପାଟଣା, ୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ କଳାହାଣ୍ଡି ୱେବ ମିଡିଆ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ଆଦିତ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ୱେବ ମିଡିଆମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା, ସୁରକ୍ଷା ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଠିକ୍ ଭାବେ ଉପସ୍ଥାପନା କରି ସରକାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉପରେ ଆଲୋଚନା କରାଯାଇଥିଲା । ପରେ ୱେବ ମିଡିଆର ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ତୁଳମଣି ନାଗ, ଉପସଭାପତି ତୁଳସୀରା ଛତ୍ରିଆ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପାତ୍ର, ସହ ସମ୍ପାଦକ ବିକାଶ ନାଏକ ଓ ସୋଭିତ ଗାନ୍ଧୀ, କୋଷାଧ୍ୟକ୍ଷ ମଧୁସୂଦନ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ସଭାରେ ରାକେଶ ବେମାଲ, ନିକୁଞ୍ଜ ବିହାରୀ ଚଲାନ, ଦୁଷ୍ମନ୍ତ ନାଏକ, ଡି. ମାଝି, ଗୟାରାମ ପୂଝାରୀ, ଦେବେନ୍ଦ୍ର ସାଗର, କୁନୁ ଦୁର୍ଗା, ରଜନୀ ଆଚର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମେଲଛାମୁଣ୍ଡା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଘେଁସ, ୧୯।୯ (ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡା ମହାବିଦ୍ୟାଳୟରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ମେଲଛାମୁଣ୍ଡା ସରପଞ୍ଚ ସୁନୀତା ବରିହା, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ବରିହା, ଅଧ୍ୟାପକ ମିନକେତନ ବିଶ୍ୱାଳ, ଡଃ ସରୋଜ ଦାଶ, ଶୁଶାନ୍ତ ନାୟକ, ମହେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଥମ କରି ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପାଦ ଦେଇଥିବା ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷ ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସଙ୍ଗୀତ, ନୃତ୍ୟ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନୀଳ କୁମାର ଜୈନ, ସୁବାଷ ଚନ୍ଦ୍ର ପ୍ରଧାନ, ରଘୁମଣି ମହାନନ୍ଦ, ହୃଷିକେଶ ସାହୁ, ସବିତା ସେଠ, ସଂଯୁକ୍ତା କାଣ୍ଡ, ତ୍ରିନାଥ କାଣ୍ଡ, ଉପେନ୍ଦ୍ର ଜାଲ ପ୍ରମୁଖ ସହଯୋଗ କରିଥିଲେ ।

## ବୌଦ୍ଧ ପଞ୍ଚାୟତ କଲେଜ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ




ବୌଦ୍ଧ ପଞ୍ଚାୟତ କଲେଜ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ବୌଦ୍ଧ, ୧୯।୯ (ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପରିସଂଖ୍ୟାନ ବିଭାଗ ମୁଖ୍ୟ ଡଃ. ବୀରନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ପ୍ରବୀର କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଉପରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ, ପଲିଥିନ ଓ ଥରେ ବ୍ୟବହାର ହୋଇ ଫିଙ୍ଗା ଯାଉଥିବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଅଧ୍ୟାପକ ପ୍ରଭାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିଥିଲେ । ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଅମ୍ରୀତା ମହାପାତ୍ର ବକ୍ତା ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ସାରା ବିଶ୍ୱରେ କିପରି ବ୍ୟାପକ କ୍ଷତି ହେଉଛି ସେ ନେଇ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଆଚରଣରେ ପରିବର୍ତ୍ତନ ସହ ପ୍ଲାଷ୍ଟିକର ଉତ୍ସକୁ ବନ୍ଦ କରିବାକୁ ପଡିବ ବୋଲି ପ୍ରକାଶ କରିଥିଲେ । ବୌଦ୍ଧ ଏନଏସିର କର୍ମଚାରୀ ବିରେନ୍ଦ୍ର କୁମାର ବେହେରା ଯୋଗଦେଇ ସମାଜକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ଆବର୍ଜନାର ସଠିକ୍ ପରିଚାଳନା ଉପରେ ଗୁରତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ମୁକ୍ତ ସମାଜ ପାଇଁ ଶପଥ ପାଠ କରିବା ସହିତ ମହାବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ ଏବଂ ପ୍ଲାଷ୍ଟିକ ମୁକ୍ତ ସହର ପାଇଁ ଯୁବ ରେଡକ୍ରସ ତରଫରୁ ପ୍ରସ୍ତୁତ ପ୍ରଚାରପତ୍ରକୁ ବିଭିନ୍ନ ସାହି ବୁଲି ବଣ୍ଟନ କରିଥିଲେ ।

## ନାବାଳିକ୍ ଝି'ର ଉପରେ ପରିବାର ବୋଝ୍

# ସରକାରୀ ସାହାଯ୍ ଲାଗି ଜିଲାପାଳଙ୍କୁ ଗୁହାରି

**ବୌଦ୍ଧ, ୧୯।୯ ( ସ୍ୱ.ପ୍ର.)**

ବୌଦ୍ଧ ଜିଲା ସଦର ବ୍ଲକ ବହିରା ପଁଚେତ୍ ଅଧୀନ ବଡ଼ଝାରକଟା ଗାଁର ସ୍ୱପ୍ନ ରଣା(୫୫)କଁର ସାନ ଝି' ସାବିତ୍ରୀ ରଣା(୧୭)। ଏହେଦ୍‌କା ସେ ବାଉଁଶୁଣୀ ମା' ମାହେଶ୍ୱରୀ କଲେଜରେ ଯୁକ୍ତ ୨ ପଢୁଛନ୍। ହେଲେ ଘରର ପରିସ୍ଥିତି ଆର ଅଭାବ ଅନାଟନ ଲାଗି ଏହେଦେ ତାକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଛେ।

ସୂଚନା ଅନ୍‌ସାରେ ବଡ଼ଝାରକଟା ଗାଁର ସ୍ୱପ୍ନ ରଣାକଁର ପରିବାର କହେଲେ ମାଏକିନା ଅଞ୍ଜନା ଆର ଦୁଇ ଝି'କେ ନେଇ ସଁସାର। ସ୍ୱପ୍ନ ଝନେ ନିହାତି ଗରିବ୍ ଲୋକ୍ କୁଲିମଜୁରି କରି କୁଟୁମ ପୁଷୁଥିଲେ। ପରିବାରରରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ଏନ୍‌ତାଥି ସେ ନିଜର ଜମିବାଡ଼ି ବିକି ବଡ଼ ଝି'କେ ବିହାତୁରା କରିଥିଲାବେଲେ ପାଖାପାଖି ବଛରେ ତଲେ ମାଏକିନା ଅଞ୍ଜନା ଆରପାରକେ ଚାଲିଯାଇଛନ୍। ଇଆଡ଼େ କେହେନ୍‌ସି କାରନ୍‌ରୁ ସ୍ୱପ୍ନକଁର ଦୁଇ ଆଁଖି ଠିକ୍‌ସେ ନାଇଁ ଦିଶ୍‌ବାର। ପରିବାର ଲୋକ୍ ଆସର ପାସର ଡାକ୍‌ତରଖାନାରେ ଦେଖେଇ ନିରାଶ ହେଇଛନ୍। ଉଚ ଚିକିଛା ଅଭାବୁ ଏହେଦେ ସ୍ୱପ୍ନ ଘରେ ଅକରମା ହେଇ ବସିରହିଛନ୍। ସ୍ୱପ୍ନ ଘରର ଝନେ ବଲି ରୁଜଗାରିଆ ଲୋକ୍ ଥିଲେ। ତାକର କମାନିରେ ପରିବାର ଚଲବାର ସଂଗେ ଝି'ର ପାଠ୍‌ପଢ଼ା ହେଉଥିଲା। ଏନ୍‌ତାଥି ପରିବାରର ସବୁବୋଝ୍ ସାନ ଝି' ସାବିତ୍ରୀ ଉପରେ ରହିଛେ। ସାବିତ୍ରୀ ଅଁଧ୍ ବାପ୍‌ର ସେବାଯତନ, ରଁଧାବଢ଼ାରେ ବାଇ ରହୁଛନ୍। ବାପ୍‌କେ ଛାଡ଼ି ସେ ଘରୁ କାହିଁ ଯାଇ ନାଇଁପାରବାର। ଅଭାବ ଅନାଟନକେ ପରିବାରର ବୋଝ୍ ଲାଗି ସାବିତ୍ରୀର ପାଠ୍‌ପଢ଼ାରେ ଗୁଟେ ପରକାର ଗଏଁଠ୍ ପଡ଼ିଛେ। ସେ ଝନେ ମେଧାବୀ ଛାତ୍ରୀ, ପାଠ୍ ପଢ଼ି ସରକାରୀ ଚାକରି କରବାର ଆଶ୍ ରଖିଥିଲେ। ହେଲେ ଏହେଦେ ପରିସ୍ଥିତି ସବୁ ଉଲଟପାଲଟ କରିଦେଇଛେ। ଅଁଧ୍ ବାପ୍‌ର ଚିକିଛା ଆର ନିଜର ପାଠ୍‌ପଢ଼ା ସାହାଯ୍ ଲାଗି ସାବିତ୍ରୀ ବୌଦ୍ଧ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍।



ଅସାହା ବାପ୍ ସଂଗେ ସାବିତ୍ରୀ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍

## ସଂକ୍ଷେପରେ

### ପୋଲ ତଳକୁ ଖସିଲା ଚାଉଳ ବୋଝେଇ ମିନିଟ୍ରକ୍

**ଲାଠୋର, ୧୯।୯ (ଡି.ଏନ.ଏ):** ଲାଠୋର ଥାନା ଅଧିନ କହ୍ନେଇଛାପର ଗ୍ରାମ ନିକଟରେ ଥିବା ଏକ ପୋଲ ତଳକୁ ଚାଉଳ ବୋଝେଇ ମିନି ଟ୍ରକ ବୁଧବାର ବିଳମ୍ବିତ ରାତ୍ରିରେ ଖସିପଡିଛି। ହେଲେ ଡ୍ରାଇଭର ଏବଂ ଗାଡିରେ ଥିବା ଅନ୍ୟ ଜଣେ ବର୍ତ୍ତି ଯାଇଛନ୍ତି। ଗୁରୁବାର ସକାଳେ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲା। ସୂଚନା ଅନୁଯାୟୀ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ସରେଇପାଲିର ଅର୍ଣ୍ଣପୂର୍ଣ୍ଣା ରାଇସମିଲ୍‌ରୁ ୩୦ କୁଇଣ୍ଟାଲ ମୁଢ଼ି ଚାଉଳ ମିନି ଟ୍ରକ ନଂ ସିଜି ୦୪ ଜେଏ ୯୬୨୩ ଯୋଗେ ଲାଠୋର ଗ୍ରାମର ନାରାୟଣ ରେଡ୍ଡି ମୁଢ଼ି ମିଲକୁ ଆସୁଥିଲା। ଲାଠୋର ରାସ୍ତା ବଦଳରେ ଗାଡି କହ୍ନେଇଛାପର ରାସ୍ତାରେ ପଳାଇଥିଲା। କିଛି ବାଟ ଗଲା ପରେ ଭୁଲ ରାସ୍ତା ଯାଉଥିବା ଜାଣିପାରି ଗାଡି ବୁଲାଇ ଫେରୁଥିବା ବେଳେ ପୋଲ ନିକଟରେ ଭାରାସାମ୍ୟ ହରାଇବା ଫଳରେ ଟ୍ରକ ପୋଲ ତଳକୁ ଖସିପଡିଥିଲା।

### ବାଦ୍ୟକାର ପୁରନ୍ଦର ବାରିକଙ୍କ ପରଲୋକ



**ସୋନପୁର,୧୯।୯(ନି.ପ୍ର.):** ସୁବର୍ଣ୍ଣପୁର ସହରର ପ୍ରସିଦ୍ଧ ଲୋକ ବାଦ୍ୟକାର ପୁରନ୍ଦର ବାରିକଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ପୁରନ୍ଦରଙ୍କୁ ବୁର୍ଲା ନିଆ ଯାଉଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରାର ପାଟ ଢୁଲିଆ(ମୁଖ୍ୟ ଢୁଲିଆ) ଥିଲେ । ପରିଣତ ବୟସରେ ଅସୁସ୍ଥତା ସତ୍ତ୍ୱେ ବି ସେ ଏହି କାର୍ଯ୍ୟ ଜାରି ରଖିଥିଲେ। ସମସ୍ତ ପ୍ରକାର ଲୋକବାଦ୍ୟ ଓ ଲୋକସଙ୍ଗୀତରେ ସେ ନିପୁଣ ଥିଲେ। ପାର୍ବଣ ସମୟରେ ସୁରେଶ୍ୱରୀ ଓ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ତାଙ୍କର ଷୋଳ ଭରଣୀ ବାଦ୍ୟକୁ ସମସ୍ତେ ଉପଭୋଗ କରୁଥିଲେ। ମହାଳୟାରୁ ପୂର୍ଣ୍ଣିମା ଯାଏଁ ବଳି ଢୋଲରେ ଗୁରୁ ଗମ୍ଭୀର ନାଦ ସୃଷ୍ଟି କରୁଥିବା ଜଣେ ଲୋକତତ୍ତ୍ୱବିଦ୍‌ଙ୍କୁ ଏ ମାଟି ହରାଇଲା। କାରଣ ବଳି ଯାତ୍ରାରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା । ଛୋଟ ସମୟରୁ ସେ ଏହି କାର୍ଯ୍ୟ କରି ଆସୁଥିଲେ। ମାଲେଶ୍ରୀ ସଙ୍ଗୀତ ଗାନରେ ମଧ ତାଙ୍କର ଦକ୍ଷତା ଥିଲା। ପାରମ୍ପରିକ ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ବଳିଯାତ୍ରାର ଠିକ୍ ପୂର୍ବରୁ ପୁରନ୍ଦରଙ୍କ ମୃତ୍ୟୁ ସହରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବହୁ ବିଶିଷ୍ଟ ବ୍ୟକ୍ତି ଆମ୍ବେଡକର ଛକସ୍ଥିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି। ପୁରନ୍ଦରଙ୍କର ୩ ପୁଅ ଓ ୪ଝିଅ ଅଛନ୍ତି। ଶୁକ୍ରବାର ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ରାମେଶ୍ୱରଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜ୍ୟେଷ୍ଠ ପୁଅ ଆନନ୍ଦ ବାରିକ ସୂଚନା ଦେଇଛନ୍ତି। ପୁରନ୍ଦରଙ୍କ ଶୂନ୍ୟସ୍ଥାନ ପୂରଣ ହେବା ଆଉ ସମ୍ଭବ ନୁହଁ ବୋଲି ସହରର ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଦାଦନ ଯାଇଥିବା ଯୁବକଙ୍କ ମୃତଦେହ ଗାଁକୁ ଫେରିଲା

**ଅମରପାଲି, ୧୯।୯ (ଡି.ଏନ.ଏ.)**



ମୃତ ଦାଦନ ଅନ୍ତର୍ଯ୍ୟାମୀଙ୍କ ଫାଇଲ ଫଟୋ।

- ସୁବଳୟା ଥାନା ଗୋବିନ୍ଦପୁର ଗ୍ରାମ
- ଭାଇଙ୍କୁ ପାଠ ପଢ଼ାଇବା ସ୍ୱପ୍ନ ଅଧୁରା ରହିଲା
- ସପ୍ତାହକ ମଧରେ ୨ ଦାଦନଙ୍କ ମୃତ୍ୟୁ ହେଲାଣି
- ଦାଦନଙ୍କ ପରିବାରକୁ ସହାୟତା ଦାବି

ଅନ୍ତର୍ଯ୍ୟାମୀ ଭାଇମାନଙ୍କୁ ପାଠ ପଢ଼ାଇ ଚାକିରି କରାଇବେ। ଭାଇମାନେ ଚାକିରି ପାଇଲା ପରେ ସେମାନଙ୍କ ପରିବାର ଆର୍ଥିକ ସମସ୍ୟା ଦୂର ହେବ। ନୂଆ ଘର ତିଆରି ହେବ । ଏଇ ଆଶା ନେଇ ପ୍ରାୟ ୨ବର୍ଷ ତଳେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ତଥା ସୁବଳୟା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମଦନ ତାଣ୍ଡିଙ୍କ ବଡ ପୁଅ ଅନ୍ତର୍ଯ୍ୟାମୀ(୨୪) ହାଇଦ୍ରାବାଦକୁ ଦାଦନ ଖଟି ଯାଇଥିଲେ। ସେଠାରେ ସମସାବାଦସ୍ଥିତ ଏସଆଇ ପ୍ଲାଷ୍ଟିକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ମଝିରେ ମଝିରେ ଘରକୁ ଟଙ୍କା ମଧ ପଠାଉଥିଲେ। ସେହି ଟଙ୍କାରେ ପରିବାର ଚଳିବା ସହିତ ଭାଇ ଭଉଣୀଙ୍କ ପାଠପଢ଼ା ହେଉଥିଲା। ମାତ୍ର ଗତ ମଙ୍ଗଳବାର ସନ୍ଧ୍ୟା ୮ଟାରେ ହଠାତ ଅସୁସ୍ଥତା ଅନୁଭବ କରି ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସାଙ୍ଗରେ ଥିବା ଜଣେ ଓଡିଆ ବନ୍ଧୁ ଅନ୍ତର୍ଯ୍ୟାମୀଙ୍କ ଘରକୁ ଏ ନେଇ ଖବର ଦେଲେ । ଖବର ପାଇ ପରିବାର ଲୋକେ ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ଅଭିଯୋଗ କଲେ। ଧାରକରଜ କରି ଅନ୍ୟ ପୁଅ ସହିତ ଅନ୍ତର୍ଯ୍ୟାମୀଙ୍କ ବାପା ମଦନ ପୁଅର ମୃତଦେହ ଆଣିବାକୁ ହାଇଦ୍ରାବାଦ ଗଲେ। ଗୁରୁବାର ସନ୍ଧ୍ୟାରେ ମୃତଦେହ



ଶୋକାକୁଳ ପରିବାର ।

ଧରି ଏଠାରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସପ୍ତାହକ ମଧରେ ଏହା ହେଉଛି ଦ୍ୱିତୀୟ ଘଟଣା । ପୂର୍ବରୁ ଶନିବାର ବୀରମହାରାଜପୁର ଥାନା ଝାରକୁମୁଣ୍ଡା ଗ୍ରାମରେ ଜଣେ ଯୁବକଙ୍କ ମଧ ତାଲିମନାଡୁରେ ମୃତ୍ୟୁ ହୋଇଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ମଧ ସେହି ଯୁବକଙ୍କ ମୃତଦେହ ଗାଁକୁ ଆସିପାରି ନ ଥିଲା।

ସୁବଳୟା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମଦନ ତାଣ୍ଡିଙ୍କ ୫ ପୁଅ ଝିଅ ମଧ୍ୟରୁ ବଡ ପୁଅ ହେଉଛନ୍ତି ମୃତକ ଦାଦନ ଅନ୍ତର୍ଯ୍ୟାମୀ । ତାଙ୍କ ଭାଇ ଅରୁଣ ଉଲୁଣ୍ଡା ବ୍ଲକ ଜାଲୋଏ କଲେଜରେ ଯୁକ୍ତ ତିନି, ତଳ ଭାଇ ଅବୁନ ସୁବଳୟା କଲେଜରେ ଯୁକ୍ତ ଦୁଇ ଏବଂ ଅନ୍ୟଏକ ସାନଭାଇ ଅର୍ଜୁନ ସୁବଳୟା ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ପରିବାରର ସମ୍ପତି କହିଲେ ମାତ୍ର ଏକ ଏକର ଜମି। କୁଲି ମଜୁରି କରନ୍ତି ମୃତକଙ୍କ ବାପା। ଏତିକି ଟଙ୍କାରେ ପରିବାର ଚଳାଇବା ସମ୍ଭବ ହେଲାନାହିଁ। ଫଳରେ ବାଧହୋଇ ଅନ୍ତର୍ଯ୍ୟାମୀ ଦାଦନ ଯାଇ ମାସିକ ୧୦ ହଜାର ଟଙ୍କାରେ କାମ କରୁଥିଲେ। ଏବେ ତାଙ୍କ ମୃତ୍ୟୁପରେ ଭାଇମାନଙ୍କ ପାଠପଢ଼ାରେ ଡୋରି ପଡିବା ସମ୍ଭାବନା ଦେଖାଯାଇଛି। ପରିବାରର ସେ ଥିଲେ ଏକମାତ୍ର ରୋଜଗାରିଆ। ତେଣୁ ପରିବାର ଚଳିବ କେମିତି ବୋଲି ମୃତକଙ୍କ ବାପା ମଦନ ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, କାମ ଅଭାବରୁ ଉକ୍ତ ଅଞ୍ଚଳର ବେକାର ଯୁବକମାନେ ବିନା ପଞ୍ଜିକରଣରେ ଦାଦନ ଯାଉଛନ୍ତି । ଫଳରେ ସେମାନେ ଅନେକ ସମୟରେ ସେମାନେ ହଇରାଣ ହରକତ ହେଉଥିବା ନଜିର ରହିଛି । ଆଉ ପ୍ରଶାସନ ସବୁ ଜାଣି ମଧ ନୀରବ ରହୁଥିବା ଦେଖିବାକୁ ମିଳୁଛି । ଏନେଇ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡିଳେଶ୍ୱର ଖାଖାଙ୍କୁ ପଚାରିବାରୁ ଉକ୍ତ ଦାଦନ ଜଣକ ପଞ୍ଜିକରଣ ହୋଇ ନ ଥିବା ପ୍ରକାଶ କରିବା ସହିତ ଶ୍ରମ ବିଭାଗ ପକ୍ଷରୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

### ଲୋଇସିଂହା ଉଚ୍ଚ ବିଦ୍ୟାଳୟ ପାଚେରି ନିର୍ମାଣରେ ବ୍ୟବହାର ହେଉଛି ପୁରୁଣା ଇଟା

**ଲୋଇସିଂହା, ୧୯।୯(ଡି.ଏନ.ଏ)**

ସରକାରୀ ନିୟମକୁ ଉଲ୍ଲଂଘନ କରି ବଲାଙ୍ଗୀର ଜିଲା ଲୋଇସିଂହା ଉଚ୍ଚ ବିଦ୍ୟାଳୟ ପାଚେରି ନିର୍ମାଣ କାମ କରାଯାଉଛି। ଭୁଶୁଡି ପଡିଥିବା ପାଚେରିର ପୁରୁଣା ଇଟାକୁ ସାନି ନିର୍ମାଣରେ ବ୍ୟବହାର କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ କାମରେ ମାଟି ପୋଡା ଇଟା ବ୍ୟବହାରକୁ ନେଇ କଟକଣା ରହିଛି । ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ନିର୍ମାଣ କାମ ଚାଲିଥିବା ଆଞ୍ଚଳିକ ବିକାଶ ପରିଷଦର ସଭ୍ୟ ଲାଲମନ ନାଗ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକମଞ୍ଜରି ପାଣିଗ୍ରହୀଙ୍କୁ ପଚାରିବାରୁ ଏପରି କରିବାକୁ ମୁଁ ବାରଣ କରିଥିଲି। ହେଲେ ଶ୍ରମିକ ଓ ମିସ୍ତ୍ରୀମାନେ ଶୁଣୁ ନାହାନ୍ତି। ଏଥିପ୍ରତି ଜିଲାପଳ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପ୍ରକାଶ ଯେ, ବିଦ୍ୟାଳୟ ସମ୍ମୁଖ ତଥା ଥାନା ପଟ ପାଚେରି ଗତ ଅଗଷ୍ଟ ୧୨ ଓ ୧୩ ତାରିଖ ଲଗାଣ ବର୍ଷାରେ ଭୁଶୁଡି ପଡିଥିଲା।

ଲୋଇସିଂହା ପଞ୍ଚାୟତରେ ନିମ୍ନମାନର ଚାଉଳ ବଣ୍ଟନ

## ହିତାଧିକାରୀ ଫେରାଇଲେ, ବଣ୍ଟନ ବନ୍ଦ କଲେ

**ଲୋଇସିଂହା,୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ୍ ଚାଉଳ ହିତାଧିକାରୀଙ୍କୁ ଗୁରୁବାର ବଣ୍ଟନ କରାଯାଉଥିଲା। ଯୋଗାଣ ଚାଉଳ ନିମ୍ନମାନର ହୋଇଥିବା ଜାଣିବା ପରେ ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ପଞ୍ଚାୟତ କର୍ତ୍ତୃପକ୍ଷ ବଣ୍ଟନ ଚାଉଳକୁ ଫେରାଇ ନେବା ସହ କାର୍ଯ୍ୟକ୍ରମକୁ ବନ୍ଦ ରଖିଥିଲେ । ପ୍ରାପ୍ତମତେ, ଗୁରୁବାରଠାରୁ ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ ଚାଉଳ ବଣ୍ଟନ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ଲୋଇସିଂହା ବସ୍ତିର ହିତାଧିକାରୀ ଆସି ଚାଉଳ ନେଇଥିଲେ । ହେଲେ କେତେ କହିତାଧିକାରୀ ପ୍ୟାକେଟ ଖୋଲିବା ପରେ ଲାଲ ଓ ଧଳା ବର୍ଣ୍ଣର ମିଶ୍ରିତ ଚାଉଳ ବାହାରି ଥିଲା। ଏପରିକି କେତେକଙ୍କ ପ୍ୟାକେଟରୁ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇଥିଲେ । ହିତାଧିକାରୀମାନେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଉକ୍ତ ଚାଉଳ ଦେଖାଇଥିଲେ । ହେଲେ ବିଡିଓ କାର୍ଯ୍ୟାଳୟରେ ନଥିବାରୁ ଫେରି ଆସି ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦଙ୍କୁ ଚାଉଳ



ବଣ୍ଟନ ହୋଇଥିବା ନିମ୍ନମାନର ପିଡିଏସ୍ ଚାଉଳ।

ଦେଖାଇଥିଲେ । ଯୋଗାଣ ଅଧିକାରୀ ନିମ୍ନମାନର ଚାଉଳ ହୃଦବୋଧ କରି ବଣ୍ଟନ ଚାଉଳ ଫେରସ୍ତ ରଖିବାକୁ ପଞ୍ଚାୟତ ଯୋଗାଣ ସହାୟକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଷ୍ଟକ ଚାଉଳ ବଣ୍ଟନ ବନ୍ଦ କରିବାକୁ କହିଥିଲେ । ଚଳିତ ଥର ଆସିଥିବା ଚାଉଳକୁ ଫେରସ୍ତ କରି ନୂଆ ଚାଉଳ ଆସିଲା ପରେ ବଣ୍ଟନ କରାଯିବ ବୋଲି ବ୍ଲକ ସହକାରୀ ଯୋଗାଣ ଅଧିକାରୀ ମହାନନ୍ଦ କହିଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଅମରପାଲି, ୧୯।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ଜଣେ କଲେଜ ପଢୁଆ ନାବାଳିକା ଛାତ୍ରୀଙ୍କୁ ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଅପହୃତା ଓ ଅପହରଣକାରୀ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଅଭିଯୋଗ ମତେ, ୧୭ବର୍ଷୀୟା ନାବାଳିକା ଛାତ୍ରୀ ଜଣକ ସବୁଦିନ ପରି ଗତ ୧୨ତାରିଖ ରାତିରେ ପରିବାର ସଦସ୍ୟଙ୍କ ସହିତ ଘରେ ଶୋଇଥିଲେ। ପରଦିନ ସକାଳେ ସେ ଘରେ ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ମଧ ପାଇ ନ ଥିଲେ। ପରେ କଳାପଥର ଗ୍ରାମର ଅଦ୍ୱୈତ ରଣା ତାଙ୍କ ପରିବାର ସଦସ୍ୟଙ୍କ ସହଯୋଗରେ ଝିଅକୁ ଅପହରଣ କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଝିଅର ବାପା ଅଦ୍ୱୈତଙ୍କ ଘରକୁ ଯାଇ ଏ ନେଇ ପଚାରିଥିଲେ। ହେଲେ ଅଭିଯୁକ୍ତଙ୍କ ବାପା ବସୁ ରଣା ଓ ତାଙ୍କ ପରିବାରର ଅଚ୍ୟୁତ ରଣା ଓ ଅନନ୍ତ ରଣା ପ୍ରମୁଖ ତାଙ୍କୁ ଗାଳିଗୁଲଜ କରିଥିଲେ। ପୁନର୍ବାର ଏଠାକୁ ଆସିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଏ ନେଇ ବୀରମହାରାଜପୁର ଥାନାରେ ଅଭିଯୋଗ ପରେ ଆଇପିସି ଦଫା ୩୬୩, ୨୯୪, ୫୦୬ ଓ ୩୪ରେ ଏକ ମାମଲା (ନଂ. ୧୫୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି।




ସୋନପୁରରେ ଭାଜପା ପକ୍ଷରୁ ଅନୁଷ୍ଠିତ ଘଣ୍ଟ ଶୋଭାଯାତ୍ରା ।

ମହାନଦୀ ବ୍ରିଜ୍ ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ଦାବି

## ଭାଜପା ପକ୍ଷରୁ ଅଭିନବ ପ୍ରତିବାଦ

**ସୋନପୁର,୧୯।୯(ନି.ପ୍ର.)**

ମହାନଦୀ ଉପରେ ନିର୍ମିତ ବିଜୁ ସେତୁର ପିଚୁ ରାସ୍ତା ମରାମତି କ୍ଷେତ୍ରରେ ପୂର୍ତ୍ତ ବିଭାଗ ଅହେତୁକ ବିଳମ୍ବ କରୁଛି। ଟେଣ୍ଡର ପାଇଥିବା ଠିକାଦାର ସେତୁ ଉପର ପିଚୁ ଖୋଳି ଦେଇ ୫ ମାସରୁ ଉର୍ଦ୍ଧ୍ୱ ସମୟ ହେଲା କାମ ବନ୍ଦ ରଖିଛନ୍ତି । ଫଳରେ ଏହି ବ୍ରିଜ୍ ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ଗୁରୁବାର ସୁବର୍ଣ୍ଣପୁର ଧର୍ମଶାଳା ଭାଜପା ମଣ୍ଡଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ପୂର୍ତ୍ତ ବିଭାଗ ଉପରେ ଚାପ ପକାଇବା ପାଇଁ ଅଭିନବ ଉପାୟରେ ଘଣ୍ଟ ଶୋଭାଯାତ୍ରା କରିଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ବ୍ଲକ ଛକରୁ ଏକ ଘଣ୍ଟ ବଜାଇ ଶୋଭାଯାତ୍ରାରେ ବାହାରି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଦଳୀୟ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଶାସନ ବିରୋଧୀ ସ୍ଲୋଗାନ ଦେଇଥିଲେ। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡାଙ୍କ ସହିତ ଆନ୍ଦୋଳନକାରୀ ଆଲୋଚନା କରିବା ସମୟରେ ଆସନ୍ତା ୧ ମାସ ମଧରେ ପିଚୁ କାମ ସମ୍ପୂର୍ଣ୍ଣ ନହେଲେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଥିଲେ । ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତା ବିଜୁ ସେତୁ ରାସ୍ତାର ପିଚୁ ମରାମତି ପାଇଁ ପୁରୁଣା ପିଚୁ ଖୋଳି ଦିଆଯାଇଥିଲା। ପରେ ରିଭାଇଜ୍ ଏଷ୍ଟିମେଟ୍ ନାମରେ କାମକୁ ବନ୍ଦ ରଖାଯାଇଛି। ବାରମ୍ବାର ଦାବି ପରେ ବି ରାସ୍ତା କାମ ଆଉ ଆରମ୍ଭ ହେଉନି। ଏହି ଆନ୍ଦୋଳନରେ ଜିଲା ପରିଷଦ ସଭ୍ୟା ସୌଦାମିନୀ ଜାଲ, ଶ୍ରଦ୍ଧାଞ୍ଜଳି ମିଶ୍ର, ରାଜକିଶୋର ନାଏକ, ବିଭୂଦତ୍ତ ମହାପାତ୍ର, ପ୍ରାଣବନ୍ଧୁ ଦାଶ, ସୁରେଶ ପାତ୍ର, ବାସୁଦେବ ବେହେରା, ଅଜିତ ସେଠୀ, ଦାସଦୀପ୍ତ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ଅଜିତ କୁମାର ପୂଜାହାରୀ, କେଦାର ନାଥ ଦାଶ, ରବି ପୋଢ, ସୁଧାଂଶୁ ଭୋଇ ଓ ହୃଷିକେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ ।




ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଶିଶୁ ସୁରକ୍ଷା, ନିରାପତ୍ତା ତାଲିମ କାର୍ଯ୍ୟକ୍ରମ

**ସୋନପୁର,୧୯।୯(ନି.ପ୍ର.)**

ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ କର୍ମଚାରୀ ତଥା ପରିଚାଳନା ପରିଷଦର କର୍ମକର୍ତ୍ତାମାନଙ୍କୁ ନେଇ ଏକ ତାଲିମ ଶିବିର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର ଅନୁଷ୍ଠାନମାନଙ୍କରେ ଶିଶୁମାନଙ୍କର ସୁରକ୍ଷା, ସ୍ୱଚ୍ଛତା, ବ୍ୟବହାରିକ ଜ୍ଞାନ ଆଦି ବିଷୟରେ ଆଲୋଚନା କରିଥିଲେ। ଜିଲା ଅଗ୍ନିଶମ ଅଧକାରୀ ବଳରାମ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଅଗ୍ନି ନିରାପତ୍ତା ବିଷୟରେ ତାଲିମ ଦେବା ସହ ଅଗ୍ନି ନିରାପତ୍ତା ଯନ୍ତ୍ରର ବ୍ୟବହାରିକ ପ୍ରଦର୍ଶନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଅନୁଷ୍ଠାନରେ କଣ କରିବା ଉଚିତ, କଣ କରିବା ଅନୁଚିତ ବିଶଦ ଭାବେ ଆଲୋଚନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ କିଶୋର ନ୍ୟାୟ ଆଇନ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଗୃହ ସୋନପୁର, ଭୀମଭୋଇ ଶିଶୁ ସଦନ ବିଶେଶ୍ୱରପାଲି, ଗ୍ରେସ ଶିଶୁ ଗୃହ ସୋନପୁର ଓ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ସୋନପୁରର ୪୦ ଜଣ କର୍ମଚାରୀ ତାଲିମ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରଶାନ୍ତ ମହାକୁଡ, ଶୁଭଶ୍ରୀ ପତି, ରୁଦ୍ର ପ୍ରସନ୍ନ ମିଶ୍ର, ବିଶେଶ୍ୱର ହୋତା, ସରିତା ସୁନା ଓ ସ୍ୱାଗତ ରାଜ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଏକ ରାଷ୍ଟ୍ର, ଏକ ଭାଷା ପ୍ରସ୍ତାବ ପ୍ରସଙ୍ଗ

## ଏକତା ପାଇଁ ମାତୃଭାଷା, ରାଷ୍ଟ୍ରଭାଷା ଜରୁରୀ

**ଅମରପାଲି, ୧୯।୯ (ଡି.ଏନ.ଏ.)**

ହିନ୍ଦୀ ସପ୍ତାହ ପାଳନ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଗୋଟିଏ ଦେଶ, ଗୋଟିଏ ଭାଷା ସପକ୍ଷରେ ମତ ଦେଇଛନ୍ତି। ଏହାକୁ ସାଧାରଣ ଭାଷା ଭାବେ ଗ୍ରହଣ କରାଗଲେ ସାରା ଦେଶକୁ ଏକତା ସୂତ୍ରରେ ବନ୍ଧାଯାଇ ପାରିବ ବୋଲି ସେ ମତ ଦେଇଛନ୍ତି । ଶାହଙ୍କ ଏଭଳି ପ୍ରସ୍ତାବକୁ ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ବିରୋଧ କରାଯାଇଛି। ବହୁଭାଷୀ ତଥା ଆଞ୍ଚଳିକ ଭାଷା ସପକ୍ଷବାଦୀ ସଂଗଠନଗୁଡିକ ଶାହଙ୍କ ଏକ ରାଷ୍ଟ୍ର ଏକ ଭାଷା ପ୍ରସ୍ତାବ ବିରୋଧରେ ରାସ୍ତାକୁ ମଧ ଓହ୍ଲାଇଛନ୍ତି। ଏହାକୁ ନେଇ ଦେଶତମାମ ଚର୍ଚ୍ଚାରେ ଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ବୁଦ୍ଧିଜୀବୀଙ୍କ ପ୍ରତିକ୍ରିୟାକୁ ନେଇ ଏକ ଉପସ୍ଥାପନା..... ।



"ମୋ ପାଇଁ ମୋ ମାତୃଭାଷା ଓଡିଆ ହେଲା ପ୍ରଥମ। ଦ୍ୱିତୀୟରେ ରାଷ୍ଟ୍ରକୁ ଏକତା ପ୍ରଦାନ କରିବା ପାଇଁ ମୋ ରାଷ୍ଟ୍ରଭାଷା ହେଲା ହିନ୍ଦୀ। ମାତୃଭାଷା ଓ ରାଷ୍ଟ୍ରଭାଷା ମଧରେ ବିବାଦ ନ କରିବା ଦେଶର ଏକତା ପାଇଁ ଜରୁରୀ। ହୁଏତ ଅନ୍ତର୍ଜାତୀୟ ଭାଷା ଇଂଲିଶ ହୋଇପାରେ। କିନ୍ତୁ, ତାହା ମାତୃଭାଷା ଓ ରାଷ୍ଟ୍ରଭାଷାଠାରୁ ବଡ ନୁହେଁ ।

**- ବଳଦେବ ବେଦବାକ, ଭାଜପା ନେତା ତଥା ବରିଷ୍ଠ ଓକିଲ**



"ବିବିଧତା ହିଁ ଭାରତବର୍ଷ ଓ ଭାରତୀୟମାନଙ୍କର ପରିଚୟ। ପ୍ରତ୍ୟେକ ଧର୍ମ, ଭାଷା, ଜାତି ପ୍ରାନ୍ତରେ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ବିବିଧତା ହିଁ ଭାରତ ବର୍ଷକୁ ସୁନ୍ଦର କରିଛି। ସେହିପରି ଓଡିଶାରେ ସରକାରୀସ୍ତରରେ ଓଡିଆକୁ ବାଧତାମୂଳକ ଭାବେ ଲାଗୁ କରାଯିବା ନେଇ ଦାବି ରହିଛି । ଏପରି ସ୍ଥିତିରେ ହିନ୍ଦୀ ଭାଷାକୁ ଲଦି ଦେବା ଓଡିଆ ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ ହେବ। ତେଣୁ ଏକ ରାଷ୍ଟ୍ର ଏକ ଭାଷା ପ୍ରଯୁଜ୍ୟ ହୋଇ ନ ପାରେ ।

**- ଡ. ପ୍ରଫୁଲ୍ଲ ରଥ, ପ୍ରାକ୍ତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା, ସୁବର୍ଣ୍ଣପୁର**



"ଏକ ରାଷ୍ଟ୍ର ଏକ ଭାଷା ପ୍ରଚଳନ ହେବା ଦ୍ୱାରା ଭାରତକୁ ଏକତ୍ୱର ପରିଚୟ ମିଳିବ । ଭାରତ ଏକ ବହୁଭାଷୀ ରାଷ୍ଟ୍ର। ବିଭିନ୍ନ ରାଜ୍ୟରେ ବିଭିନ୍ନ ଭାଷା ରହିଛି। ଯେହେତୁ ଭାରତର ଅଧିକାଂଶ ଲୋକ ହିନ୍ଦୀ ଭାଷା କହନ୍ତି, ତେଣୁ ଏହା ଦେଶର ସବୁ ଅଞ୍ଚଳର ଲୋକଙ୍କୁ ସମନ୍ୱୟ ରଖିପାରିବ। ଫଳରେ ଦେଶର ଏକତା ଓ ସଂହତି ସୁରକ୍ଷା ହୋଇପାରିବ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସାର୍ବଭୌମ ରାଷ୍ଟ୍ରରୂପେ ବିଶ୍ୱବିଦିତ ପାଇଁ ଏହା ନିତାନ୍ତ ଆବଶ୍ୟକ।

**-ଦେବାଶିଷ ପାଣ୍ଡିଆ, ଅଧକ୍ଷ ଉଲୁଣ୍ଡା ଡିଗ୍ରୀ କଲେଜ**



"ଏକ ରାଷ୍ଟ୍ର ଏକ ଭାଷା ହେଲେ ସବୁ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଭାଷା ମାଧମରେ ଶିକ୍ଷା ଲାଭ କରିବାକୁ ପଡିବ। ନିଜ ନିଜର ମାତୃଭାଷା ଗୌଣ ହୋଇପଡିବ। ଫଳରେ ହିନ୍ଦୀ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷା କ୍ରମଶଃ ଲୋପ ପାଇବାର ଆଶଙ୍କା ରହିଛି। ଯିଏ ନିଜ ମାତୃଭାଷାରେ ଦକ୍ଷ ନୁହେଁ, ସେହିବ୍ୟକ୍ତି ଅନ୍ୟଭାଷାରେ ପାରଦର୍ଶିତା ଲାଭ କରିପାରିବା କଷ୍ଟକର ହୋଇପଡିବ। ଏପରିକି ଅନ୍ତର୍ଜାତୀୟ ସ୍ତରରେ ଆମକୁ ପ୍ରତିଯୋଗୀତା କରିବାକୁ ହେଲେ ଆଞ୍ଚଳିକ ଭାଷା ଓ ରାଷ୍ଟ୍ର ଭାଷା ସହିତ ଇଂରାଜୀ ଭାଷାର ମଧ ଆବଶ୍ୟକତା ରହିଛି।

**-ସଦାଶିବ ଚାନ୍ଦ, ଛାତ୍ର ବୀରମହାରାଜପୁର**



"କେବଳ ଭାରତ ନୁହେଁ, ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରରେ ବହୁବିଧ ଭାଷା ବ୍ୟବହାର କରାଯାଉଛି । ଆମେରିକାରେ ଇଂଲିଶ ସହିତ ସ୍ପେନୀୟ ଭାଷାକୁ କାଗଜ ପତ୍ରରେ ବ୍ୟବହାର କରାଯାଉଛି । ସେହିଭଳି ଚୀନରେ ମାଣ୍ଡରିନ୍ ଓ କାଣ୍ଟୋନିଜ ଭାଷା ପ୍ରଚଳିତ । ତେଣୁ ଭାରତରେ ସମସ୍ତଙ୍କ ମଧରେ ସମନ୍ୱୟ ପାଇଁ ହିନ୍ଦୀ ଭାଷା ଜରୁରୀ, ମାତ୍ର ଆଞ୍ଚଳିକ ଭାଷା ବିନା ଏହାର କଳ୍ପନା କରାଯାଇ ନ ପାରେ ।

**- ଶୁଭେନ୍ଦୁଶେଖର ସାହୁ, ଛାତ୍ର, ଅମରପାଲି**



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ



### ପୋଲ ତଳକୁ ଖସିଲା ଚାଉଳ ବୋଝେଇ ମିନିଟ୍ରକ

**ଲାଠୋର, ୧୯।୯ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ କହ୍ନେଇଛାପର ଗ୍ରାମ ନିକଟରେ ଥିବା ଏକ ପୋଲ ତଳକୁ ଚାଉଳ ବୋଝେଇ ମିନି ଟ୍ରକ ବୁଧବାର ବିଳମ୍ବିତ ରାତ୍ରିରେ ଖସିପଡିଛି। ହେଲେ ଡ୍ରାଇଭର ଏବଂ ଗାଡିରେ ଥିବା ଅନ୍ୟ ଜଣେ ବର୍ତ୍ତି ଯାଇଛନ୍ତି। ଗୁରୁବାର ସକାଳେ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲା। ସୂଚନା ଅନୁଯାୟୀ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ସରେଇପାଲିର ଅର୍ଣ୍ଣପୂର୍ଣ୍ଣା ରାଇସମିଲ୍‌ରୁ ୩୦ କୁଇଣ୍ଟାଲ ମୁଢ଼ି ଚାଉଳ ମିନି ଟ୍ରକ ନଂ ସିଜି ୦୪ ଜେଏ ୯୬୨୩ ଯୋଗେ ଲାଠୋର ଗ୍ରାମର ନାରାୟଣ ରେଡ୍ଡି ମୁଢ଼ି ମିଲକୁ ଆସୁଥିଲା। ଲାଠୋର ରାସ୍ତା ବଦଳରେ ଗାଡି କହ୍ନେଇଛାପର ରାସ୍ତାରେ ପଳାଇଥିଲା। କିଛି ବାଟ ଗଲା ପରେ ଭୁଲ ରାସ୍ତା ଯାଉଥିବା ଜାଣିପାରି ଗାଡି ବୁଲାଇ ଫେରୁଥିବା ବେଳେ ପୋଲ ନିକଟରେ ଭାରାସାମ୍ୟ ହରାଇବା ଫଳରେ ଟ୍ରକ ପୋଲ ତଳକୁ ଖସିପଡିଥିଲା। ଖବର ପାଇ ଗାଡି ମାଲିକ ମୁକେଶ ଅଗ୍ରୱାଲ ଘଟଣାସ୍ଥଳକୁ ଆସିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲ ତଳୁ ଗାଡିକୁ ଉଦ୍ଧାର କରାଯାଇ ପାରିନାହିଁ।

### ୨୮୮ଜଣଙ୍କୁ ଭତ୍ତା ପ୍ରଦାନ

**ମୁରିବାହାଲ, ୧୯।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ୨୮୮ଜଣଙ୍କୁ ଦିବ୍ୟାଙ୍ଗ ଓ ବିଧବା ଭତ୍ତା ପ୍ରଦାନ କରାଯାଉଛି। ପୂର୍ବରୁ ମଞ୍ଜୁର ହୋଇଥିବା ମଧୁବାବୁ ପେନସନ ଯୋଜନାରେ ୯ ଟି ପଞ୍ଚାୟତର ୮୭ ଜଣ ଦିବ୍ୟାଙ୍ଗ, ୧୭୫ ବିଧବା ଓ ଅବିବାହିତ ୨୬ ଏହିପରି ମୋଟ ୨୮୮ ଜଣଙ୍କୁ ସାମିଲ କରାଯାଇ ପ୍ରତିମାସ ୫୦୦ ଟଙ୍କା ହିସାବରେ ୪ ଲକ୍ଷ ୩୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥି ଭାବରେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଡିଓ ଶିପକ କୁମାର ପାତ୍ର, ଗ୍ରାମପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ, ସରପଞ୍ଚ ଗୋପିନାଥ ପାଣିଗ୍ରାହୀ, ମିଥୁଲା ମାଝୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଏସଇଓ ବିଭାଗର ରାଜକିଶୋର ସିଂ ବାବୁ, ତ୍ରିଲୋଚନ ବାଗ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ଦେଓଗାଁ,୧୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ କୁମ୍ଭୀମହୁଲ ଗାଁରେ ବେଆଇନ ଦେଶୀମଦ ବିକ୍ରୀ କରୁଥିବା ଜଣେ କୁଟିଆ ଉପରେ ପୋଲିସ ଚଢ଼ାଉ କରି ମଦ ସହ ତାଙ୍କୁ ଗିରଫ କରିଛି । ଗିରଫ କୁଟିଆ ହେଉଛନ୍ତି ମିନକେତନ ବାଗ । ଦେଓଗା ଥାନାରେ ଏକ ମାମଲା (ନଂ. ୬୨/୧୯)ରୁଜୁ କରାଯାଇ ଗିରଫ ମଦ ବେପାରୀଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ସୂଚନା ଦେଇଛନ୍ତି ।

### ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି : କୋର୍ଟ, ସରକାରୀ କାର୍ଯ୍ୟାଳୟ ବନ୍ଦ

**ସଇଁତଲା, ୧୯।୯(ଡି.ଏନ.ଏ.):** ଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନକୁ ନେଇ ବଲାଙ୍ଗୀର ଜିଲା ବାର ଆସୋସିଏସନ ଆହ୍ୱାନ କ୍ରମେ ସଇଁତଲା ଓକିଲ ସଂଘ ତରଫରୁ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୁଇଦିନ ପାଇଁ ବନ୍ଦ କରାଯାଇଛି । ଓକିଲ ସଂଘର ସମସ୍ତ ସଦସ୍ୟ ବୁଧବାର ସଇଁତଲାସ୍ଥିତ ଜେଏମଏଫସି କୋର୍ଟ ସମ୍ମୁଖରେ ଛିଡ଼ା ହୋଇ ଭିତରକୁ କାହାରିକୁ ପ୍ରବେଶ କରାଇ ଦେଇ ନ ଥିଲେ। ଫଳରେ ନ୍ୟାୟାଧିଶ ତଥା ସମସ୍ତ କର୍ମଚାରୀ କୋର୍ଟ ସମ୍ମୁଖରୁ ଫେରିଯାଇଥିଲେ। ସେହିପରି ଅଞ୍ଚଳରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ତଥା ବ୍ୟାଙ୍କଗୁଡ଼ିକୁ ଓକିଲମାନେ ବନ୍ଦ କରିଥିଲେ। ଓକିଲ ସଂଘ ସଭାପତି ଦାମୋଦର ବେହେରାଙ୍କ ସହ ଉପସଭାପତି ପବିତ୍ର ସାହୁ, ସମ୍ପାଦକ ହିମାଂଶୁ ଦାସ, ସହସମ୍ପାଦକ ପ୍ରଦୀପ ମାଝୀ, ସୁବୋଧ ମିଶ୍ର, ଶିବ ପ୍ରସାଦ ବାରିକ, ରାଧେଶ୍ୟାମ ସାହୁ, ହିଜକ୍ଷ ତାଣ୍ଡି, ମନୋଜ ପୃଷ୍ଟେଠ, ଦେବରାଜ ପଣ୍ଡା, ମାନଭଞ୍ଜନ ପାଣିଗ୍ରାହୀ, ସତ୍ୟନାରାୟଣ ସାହୁ, ମାନସ ରଣା, ଆନନ୍ଦ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ବନ୍ଦ ସମୟରେ ଉପସ୍ଥିତ ଥିଲେ ।

ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

# ସମାଜ ପରିବର୍ତ୍ତନର ସାମର୍ଥ୍ୟ ଯୁବଶକ୍ତି ପାଖରେ ଅଛି

**ବଲାଙ୍ଗୀର ଅଫିସ, ୧୯।୯**

ବଲାଙ୍ଗୀର ଟାଉନ୍ ହଲଠାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ତରଫରୁ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ ପାଳନ କରାଯାଇଥିଲା । ଫାଉଣ୍ଡେସନ୍‌ର ମୁଖ୍ୟ ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶକ୍ତି, ଗୃହ ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପ ବିଭାଗ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଉପସ୍ଥିତ ଶତାଧିକ ଯୁବତୀ, ଯୁବକ, ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟଅତିଥି ମିଶ୍ର କହିଥିଲେ ଯେ, ଯୁବକମାନଙ୍କ ଭିତରେ ଅଦ୍ଭୁତ୍ ଶକ୍ତି ରହିଛି । ସେମାନେ ସମାଜକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ରଖିଛନ୍ତି । ଫାଉଣ୍ଡେସନ୍‌ର ସଦସ୍ୟା, ସଦସ୍ୟମାନଙ୍କ ସେବାକାର୍ଯ୍ୟକୁ ମନ୍ତ୍ରୀ ମିଶ୍ର ଭୂୟସୀ ପ୍ରଶଂସା କରିଥିଲେ । ବଲାଙ୍ଗୀର ଜିଲାର ଯୁବତୀ, ଯୁବକମାନଙ୍କ ନିଯୁକ୍ତି ପାଇଁ ଏମ୍‌ଏସ୍‌ଏମଇ ବିଭାଗରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ । ଜମି ମିଳିଲେ ବଲାଙ୍ଗୀରରେ ଏମଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ । ସଭାପତୀୟ ଅଭିଭାଷଣରେ ଉପଦେଷ୍ଟା ନାୟକ ଫାଉଣ୍ଡେସନ୍‌ର ଯୁବ ସଦସ୍ୟ କିଭଳି ଫନୀ ବାତ୍ୟା ସମୟରେ ପୁରୀ ଜିଲାକୁ ଯାଇ ବିପନ୍ନ ଲୋକଙ୍କୁ ସେବା ଓ ସହାୟତା ଯୋଗାଇଥିଲେ, ବଲାଙ୍ଗୀର ବନ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରି ସହାୟତା ଯୋଗାଇଥିଲେ କହିଥିଲେ ।

ଏହି ଅବସରରେ ପଶ୍ଚିମ ଓଡିଶାର ଲୋକ କଳାକାର କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ୟାସଦେବ ସାହୁ, ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ, ଆଭାରାଣୀ ସାହୁ, ପ୍ରସନ୍ନ ସାମଲ ଓ ସ୍ପନ୍ଦନ ମିଶ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ମନ୍ତ୍ରୀ ମିଶ୍ରଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ସମ୍ପାଦକ ବିବେକାନନ୍ଦ ପଟେଲ ମଞ୍ଚାସୀନ ହୋଇଥିଲେ । ବିଶିଷ୍ଟ କଳାକାର ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସମ୍ପାଦକ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରୁ ସମଲେଶ୍ୱରୀ ମନ୍ଦିରରରୁ ଟାଉନ୍ ହଲ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଫାଉଣ୍ଡେସନ୍‌ର ୩୦ଟି ଶାଖାର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଯୋଗଦାନ କରିଥିଲେ । ସଭାପରେ କୋଶଲୀ–ସମ୍ବଲପୁରୀ ନୃତ୍ୟ, ସଙ୍ଗୀତରେ ଟାଉନ୍ ହଲ ମଞ୍ଚ ଦୁଲୁକି ଉଠିଥିଲା ।



ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ପକ୍ଷରୁ ଟାଉନ୍ ହଲଠାରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥିମାନେ।

### ଛାତ୍ରୀଙ୍କୁ କମେଣ୍ଟ ମାରି ଯୁବକ ଗିରଫ

**ଦେଓଗାଁ,୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଛାତ୍ରୀଙ୍କୁ ଜଣେ ଯୁବକ ଦୁର୍ବ୍ୟବହାର କରି ଜେଲ ଯିବା ସପ୍ତାହେ ନ ପୁରୁଣୁ ଗୁରୁବାର ଆଉ ଜଣେ ଯୁବକ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ଗିରଫ ହୋଇଛନ୍ତି। ଏ ନେଇ ଦେଓଗାଁ ଥାନା ପୋଲିସ ସିନ୍ଧେକେଲାର ଦୟାନିଧି ବହିଆ ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦଫା ୩୫୪, ୨୯୪ ଓ ୫୦୯ରେ ଏକ ମାମଲା (ନଂ. ୬୧/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ଲୋକନାଥ ଭୋଇ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଛାତ୍ରୀଙ୍କ ଅଭିଯୋଗ ଅନୁସାରେ ରେଙ୍ଗାଲି ଛକରୁ ଏକ ଘରୋଇ ବସ୍‌ରେ ୪ଛାତ୍ରୀ ଗୁରୁବାର କଲେଜକୁ ପଢ଼ିବା ପାଇଁ ଆସୁଥିଲେ । ଏହି ସମୟରେ ଦୟାନିଧି ସେମାନଙ୍କୁ କମେଣ୍ଟ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଛାତ୍ରୀଙ୍କ ପିଛାକରି କଲେଜ ଭିତରକୁ ପଶିଆସି ହଇରାଣ କରିବାର ଉଦ୍ୟମ କରିଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀ କଲେଜ ଅଧକ୍ଷଙ୍କୁ ଅବଗତ କରିଥିଲେ । କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ସମ୍ପୃକ୍ତ ଯୁବକକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଏଏସଆଇ ଜନାର୍ଦ୍ଦନ ସାହୁ କଲେଜରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲେ ।

ଲୋଇସିଂହା ପଞ୍ଚାୟତରେ ନିମ୍ନମାନର ଚାଉଳ ବଣ୍ଟନ

## ହିତାଧିକାରୀ ଫେରାଇଲେ, ବଣ୍ଟନ ବନ୍ଦ କଲେ

**ଲୋଇସିଂହା,୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ୍ ଚାଉଳ ହିତାଧିକାରୀଙ୍କୁ ଗୁରୁବାର ବଣ୍ଟନ କରାଯାଉଥିଲା। ଯୋଗାଣ ଚାଉଳ ନିମ୍ନମାନର ହୋଇଥିବା ଜାଣିବା ପରେ ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ପଞ୍ଚାୟତ କର୍ତ୍ତୃପକ୍ଷ ବଣ୍ଟନ ଚାଉଳକୁ ଫେରାଇ ନେବା ସହ କାର୍ଯ୍ୟକ୍ରମକୁ ବନ୍ଦ ରଖିଥିଲେ । ପ୍ରାପ୍ତମତେ, ଗୁରୁବାରଠାରୁ ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ ଚାଉଳ ବଣ୍ଟନ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ଲୋଇସିଂହା ବସ୍ତିର ହିତାଧିକାରୀ ଆସି ଚାଉଳ ନେଇଥିଲେ । ହେଲେ କେତେ କହିତାଧିକାରୀ ପ୍ୟାକେଟ ଖୋଲିବା ପରେ ଲାଲ ଓ ଧଳା ବର୍ଣ୍ଣର ମିଶ୍ରିତ ଚାଉଳ ବାହାରି ଥିଲା। ଏପରିକି କେତେକଙ୍କ ପ୍ୟାକେଟରୁ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇଥିଲେ । ହିତାଧିକାରୀମାନେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଉକ୍ତ ଚାଉଳ ଦେଖାଇଥିଲେ । ହେଲେ ବିଡିଓ କାର୍ଯ୍ୟାଳୟରେ ନଥିବାରୁ ଫେରି ଆସି ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦଙ୍କୁ ଚାଉଳ ଦେଖାଇଥିଲେ । ଯୋଗାଣ ଅଧିକାରୀ ନିମ୍ନମାନର ଚାଉଳ ହୃଦବୋଧ କରି ବଣ୍ଟନ ଚାଉଳ ଫେରସ୍ତ ରଖିବାକୁ ପଞ୍ଚାୟତ ଯୋଗାଣ ସହାୟକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଷ୍ଟକ ଚାଉଳ ବଣ୍ଟନ ବନ୍ଦ କରିବାକୁ କହିଥିଲେ । ଚଳିତ ଥର ଆସିଥିବା ଚାଉଳକୁ ଫେରସ୍ତ କରି ନୂଆ ଚାଉଳ ଆସିଲା ପରେ ବଣ୍ଟନ କରାଯିବ ବୋଲି ବ୍ଲକ ସହକାରୀ ଯୋଗାଣ ଅଧିକାରୀ ମହାନନ୍ଦ କହିଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି।



ବଣ୍ଟନ ହୋଇଥିବା ନିମ୍ନମାନର ପିଡିଏସ୍ ଚାଉଳ।



ବଲାଙ୍ଗୀର ସୁଦ୍‌ପଡାଠାରେ ଏକ ଟ୍ରକ୍ ଜଳିଯାଉଛି ।

### ମହଙ୍ଗା ପଡିଲା ରାନ୍ଧିବା, ଟ୍ରକ୍ ଜଳିଗଲା

**ବଲାଙ୍ଗୀର ଅଫିସ, ୧୯।୯**

ବଲାଙ୍ଗୀର–ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ସୁଦ୍‌ପଡା କଲ୍ୟାଣ ମଣ୍ଡପ ସମ୍ମୁଖ ରାସ୍ତାକଡରେ ଠିଆ ହୋଇଥିବା ଏକ ୧୦ ଚକିଆ ଟ୍ରକ୍‌ରେ ହଠାତ୍ ନିଆଁ ଲାଗି ଜଳିଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ । ଟ୍ରକ୍ ତଳେ ରନ୍ଧାଯିବା ସମୟରେ ଏଭଳି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଅଗ୍ନିକାଣ୍ଡରେ ଟ୍ରକ୍‌ର ପ୍ରଭୁତ କ୍ଷତି ହୋଇଥିବା ଜଣାପଡିଛି।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ଲାଠୋର,୧୯।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ୧୦ଟି ପଞ୍ଚାୟତରେ ଗତ ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର କରିବାକୁ ସ୍ଥିର କରାଯାଇଛି। ସେହି ପରିପ୍ରେକ୍ଷୀରେ ବୁଧବାର ଲାଠୋର ଏବଂ ବେନ୍ଦରଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଅଧକ୍ଷତା କରିଥିବା ବେଳେ ଖପ୍ରାଖୋଲ ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରୀକ୍ଷକ ସାହୁ ଶ୍ରମିକମାନଙ୍କୁ ବଲାଙ୍ଗୀର ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିବା ସହ ପ୍ରତି ବର୍ଷ ନବୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରମିକମାନେ ନାମ ପଞ୍ଜୀକରଣ କରି ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁବିଧା ସୁଯୋଗ ପାଇ ପାରିବେ। ଏପରି କି ପଞ୍ଜୀକୃତ ଶ୍ରମିକ ପରିବାରର ଛାତ୍ରୀଛାତ୍ର ଅଷ୍ଟମରୁ ଦଶମ ପରୀକ୍ଷାରେ ଶତକଡା ୯୦ ଭାଗରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ତାଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ସହ ଉଚ୍ଚତର ଶିକ୍ଷା ପାଇଁ ମଧ୍ୟ ସହାୟତା ରାଶି ବ୍ୟବସ୍ଥା ରହିଥିବା ଅଧିକାରୀମାନେ ଶ୍ରମିକମାନଙ୍କୁ ଅବଗତ କରାଇଥିଲେ। ସେହିପରି ଅଧିକାରୀମାନେ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଶ୍ରମିକମାନଙ୍କୁ ସଚେତନ କରାଇଥିଲେ। ଖପ୍ରାଖୋଲ ବିଡିଓ ତରଣୀ ସୁନା ସରକାର ଶ୍ରମିକମାନଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହାର ଲାଭ ଉଠାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଟ୍ରଷ୍ଟର କର୍ମକର୍ତ୍ତା ପ୍ରବୋଧ ନାଏକ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲାଠୋର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଜ୍ଞାପନ କରିଥିଲେ।



ପ୍ରବାସୀ ସଚେତନତା ଶିବରରେ ମଞ୍ଚାସୀନ ଅତିଥିବୃନ୍ଦ।



ବିଧାୟକ ମୁକେଶ ମହାଲିଙ୍ଗ ରାମପୁରସ୍ଥିତ ଆଦିବାସୀ ସେବାଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି।

### ରାମପୁର ସେବାଶ୍ରମ ସ୍କୁଲରେ ପାଠ ପଢ଼ାଇଲେ ବିଧାୟକ

**ଲୋଇସିଂହା,୧୯।୯ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଧାୟକ ମୁକେଶ ମହାଲିଙ୍ଗ ଆଗଲପୁର ବ୍ଲକ ରାମପୁରସ୍ଥିତ ଆଦିବାସୀ ସେବାଶ୍ରମ ସ୍କୁଲ ବୁଧବାର ପରିଦର୍ଶନ କରିଥିଲେ । ପରିଦର୍ଶନ ବେଳେ ସ୍କୁଲର ସୁବିଧା ଅସୁବିଧା ବୁଝିବା ସହ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ । ଅପରାହ୍ନରେ ରଗୁଡିଖାଲ ବିଶ୍ୱକର୍ମା ପୂଜା ସାଂସ୍କୃତିକ ସଭାରେ ବିଧାୟକ ଯୋଗଦେବାକୁ ଯାଇଥିଲେ । ସଭା ସାରି ସେବାଶ୍ରମ ସ୍କୁଲ ଯାଇଥିଲେ ।

ଲୋଇସିଂହା ଉଚ୍ଚ ବିଦ୍ୟାଳୟ

## ପାଚେରି ନିର୍ମାଣରେ ବ୍ୟବହାର ହେଉଛି ପୁରୁଣା ଇଟା

**ଲୋଇସିଂହା, ୧୯।୯(ଡି.ଏନ.ଏ)**

ସରକାରୀ ନିୟମକୁ ଉଲ୍ଲଂଘନ କରି ବଲାଙ୍ଗୀର ଜିଲା ଲୋଇସିଂହା ଉଚ୍ଚ ବିଦ୍ୟାଳୟ ପାଚେରି ନିର୍ମାଣ କାମ କରାଯାଉଛି। ଭୁଶୁଡି ପଡିଥିବା ପାଚେରିର ପୁରୁଣା ଇଟାକୁ ସାନି ନିର୍ମାଣରେ ବ୍ୟବହାର କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ କାମରେ ମାଟି ପୋଡା ଇଟା ବ୍ୟବହାରକୁ ନେଇ କଟକଣା ରହିଛି । ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ନିର୍ମାଣ କାମ ଚାଲିଥିବା ଆଞ୍ଚଳିକ ବିକାଶ ପରିଷଦର ସଭ୍ୟ ଲାଲମନ ନାଗ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକମଞ୍ଜରି ପାଣିଗ୍ରହୀଙ୍କୁ ପଚାରିବାରୁ ଏପରି କରିବାକୁ ମୁଁ ବାରଣ କରିଥିଲି। ହେଲେ ଶ୍ରମିକ ଓ ମିସ୍ତ୍ରୀମାନେ ଶୁଣୁ ନାହାନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପ୍ରକାଶ ଯେ, ବିଦ୍ୟାଳୟ ସମ୍ମୁଖ ତଥା ଥାନା ପଟ ପାଚେରି ଗତ ଅଗଷ୍ଟ ୧୨ ଓ ୧୩ ତାରିଖ ଲଗାଣ ବର୍ଷାରେ ଭୁଶୁଡି ପଡିଥିଲା ।



ନିର୍ମାଣରେ ଭୁଶୁଡି ପଡିଥିବା ପାଚେରିର ପୁରୁଣା ଇଟା ବ୍ୟବହାର କରାଯାଉଛି ।

ସିଏନ୍‌ସି କଲେଜ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଲେ ଅପରାଜିତା

# ଛୋଟ ସ୍ୱପ୍ନ ଦେଖିବା ବଡ଼ ଅପରାଧ

**ବଲାଙ୍ଗୀର ଅଫିସ, ୧୯।୯**

ବଲାଙ୍ଗୀର ସିଏନ୍‌ସି କଲେଜରେ ଆୟୋଜିତ ଫେସ୍ ଟୁ ଫେସ୍ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । କଲେଜ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କୁ ଅଧିକ ପରିଶ୍ରମି ଓ ପାଠ ପ୍ରତି ନିଷ୍ଠାବାନ୍ ହେବାକୁ ପରାମର୍ଶ ଦେଇଥିଲେ । ସିଏନ୍‌ସି କଲେଜ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତ ଓ ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଏମପି ଷଡଙ୍ଗୀ କହିଥିଲେ ଯେ, ଛୋଟ ସ୍ୱପ୍ନ ଦେଖିବା ସବୁଠୁ ବଡ ଅପରାଧ। ବଡ ସ୍ୱପ୍ନ ଦେଖି ତାକୁ ପୂରଣ କରିବା ଦିଗରେ ସମସ୍ତ ଛାତ୍ରୀଛାତ୍ର ପ୍ରଯତ୍ନଶୀଳ ହେବା କଥା । ତାଙ୍କୁ ଜଣେ ଛାତ୍ର ପ୍ରଶ୍ନ କରିବାରୁ ବିହାରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ଝିଅ ଭାବେ ଯୁକ୍ତତିନି ଶ୍ରେଣୀରୁ ତାଙ୍କ ମାତାପିତା ତାଙ୍କୁ କିଭଳି ବିବାହ କରିଦେବାକୁ ଚାହୁଁଥିଲେ ଓ ସେ କିଭଳି ସଂଘର୍ଷ କରି ସିଭିଲ ସର୍ଭିସରେ କୃତକାର୍ଯ୍ୟ ହେଲେ ତାହା ଛାତ୍ରୀଛାତ୍ରଙ୍କୁ କହିଥିଲେ। ଛାତ୍ରୀଛାତ୍ରମାନେ ରାଜନୀତିରେ ଯୋଗଦେବା ଉଚିତ୍ କି ବୋଲି ଜଣେ ଛାତ୍ର ପ୍ରଶ୍ନ କରିବାରୁ ଛାତ୍ରୀଛାତ୍ରମାନେ ପ୍ରଥମେ କଠୋର ପରିଶ୍ରମ କରି ନିଜ ସ୍ୱାବଲମ୍ବୀ ହେବା ପରେ ଯାଇ ରାଜନୀତି କ୍ଷେତ୍ରରେ ଯୋଗଦେବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ। ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର ଦେଇ ନିଜର ପ୍ରତିଭା ବିକଶିତ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଗଭୀର ଅଧ୍ୟବସାୟ, କଠିନ୍ ପରିଶ୍ରମ ଓ ନିଷ୍ଠା ହିଁ ଆବଶ୍ୟକ ବୋଲି କହିଥିଲେ । ଏଣୁ କେଉଁଠି ହାରି ନ ଯାଇ ସଂଘର୍ଷ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସେ ପରାମର୍ଶ ଦେଇଥିଲେ। ବକ୍ତବ୍ୟ ଚାଲିଥିବାବେଳେ ପ୍ରବଳ ବର୍ଷା ସତ୍ତ୍ୱେ କଲେଜ ଛାତ୍ରୀଛାତ୍ରମାନେ ଭିଜି ଭିଜି ଏମପି ଷଡଙ୍ଗୀଙ୍କ ଭାଷଣ ଶୁଣିଥିବା ଦେଖାଯାଇଥିଲା । ଏହି ଅବସରରେ ଏମପି ଷଡଙ୍ଗୀଙ୍କୁ କଲେଜ ତରଫରୁ ଅଧାପିକା ମୃଗାକ୍ଷୀ ପୁରୋହିତ, ସ୍ମୃତିସ୍ମୃତି ମହାନ୍ତି ଓ ସ୍ନେହା ଚୌହାନ୍ ସମ୍ବର୍ଦ୍ଧିତ କରିଥିଲେ ।



ସିଏନ୍‌ସି କଲେଜରେ ଛାତ୍ରୀଛାତ୍ରଙ୍କ ସହ ଏମପି ଅପରାଜିତା ଷଡଙ୍ଗୀ ଆଲୋଚନା କରୁଛନ୍ତି ।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ

## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

**ସିନାପାଲି,୧୯।୯ (ଡି.ଏନ.ଏ.)-** ନୂଆପଡା ଜିଲା ସିନାପାଲି ଥାନା ପରିସରରେ ଶାରଦୀୟ ଦୁର୍ଗାପୂଜା ପାଇଁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ୍ ବିଭିନ୍ନ ଗ୍ରାମରେ ଆୟୋଜିତ ହେବାକୁ ଥିବା ଦୁର୍ଗାପୂଜା ପାଇଁ ସିନାପାଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗୌଡଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି, ସିନାପାଲି ସରପଞ୍ଚ ସତ୍ୟବାନ ମେହେର, ସିନାପାଲି ଥାନା ସବଇନ୍ସପେକ୍ଟର ସଲଖାମ୍ ମୁର୍ମୁ, କୁଳମଣି ବୁର୍ଦା, କୃଷ୍ଣବଲ୍ଲଭ ଶାହା ଦୁର୍ଗାପୂଜା ପାଇଁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନେଇ ସମସ୍ତ କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ମଧୁକୁମାର ଜୈନ, ଅରିଗନ ଯୋଷୀ, ତରୁଣ କୁମାର ମେହେର, ମେହମୁଦ ଖାଁଙ୍କ ସମେତ ଅଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଦୁର୍ଗାପୂଜା ଅବସରରେ ସରକାରଙ୍କ ଗୃହ ବିଭାଗ ତରଫରୁ ଜାରି କରାଯାଇଥିବା ବିଭିନ୍ନ ଦିଗ ଉପରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ବୁଝାଇଥିଲେ। ଏହି ନିୟମକୁ ପାଳନ କରି ଦୁର୍ଗାପୂଜା ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଥାନା ଅଧିକାରୀ ଗୌଡ ସଚେତନ କରିଥିଲେ।

### ବିଦ୍ୟାଳୟ ସମସ୍ୟା ବଢିଚାଲିଛି, ସମାଧାନ ନାହିଁ

# ସମାଧାନ ଲାଗି ଗ୍ରାମବାସୀଙ୍କ ଗୁହାରି

**ନୂଆପଡା ଅଫିସ,୧୯।୯**

ସରକାର ପ୍ରାଥମିକ ଶିକ୍ଷାର ବିକାଶ ସକାଶେ ସବୁବେଳେ କାମ କରି ବିଦ୍ୟାଳୟ ନିର୍ମାଣ କରୁଛନ୍ତି । ବିଭିନ୍ନ ବିଦ୍ୟାଳୟକୁ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦିଆଯାଉଛି। ହେଲେ ସେଠାରେ ଆବଶ୍ୟକ ଭିତିଭୂମି ବ୍ୟବସ୍ଥା ହେଉ ନ ଥିବାରୁ ଶିକ୍ଷାଦାନ ଆଶାନୁରୂପ ହୋଇପାରୁ ନ ଥିବା ଅଭିଯୋଗ ହେଉଛି । ନୂଆପଡ଼ା ଜିଲା କୋମନା ବ୍ଲକ ଛତା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଏହାର ଏକ ଉଦାହରଣ । ପ୍ରାଥମିକ ବିଦ୍ୟାଳୟ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ମାନ୍ୟତା ପାଇବାର ଦୀର୍ଘ ୯ ବର୍ଷ ବିତିଯିବ ତଥାପି ସମସ୍ୟା ପିଛା ଛାଡୁ ନାହିଁ। ଏହାର ସମାଧାନ ପାଇଁ ଗ୍ରାମବାସୀ ନୂଆପଡା ଆସି ଜିଲା ଶିକ୍ଷାଧିକାରୀଙ୍କୁ ଗୁହାରି ଜଣାଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଜିଲାର ଆଦିବାସୀ ଅଧ୍ୟୁଷିତ ଛତା ଗାଁରେ ପ୍ରାଥମିକ ସହ ଉଚ୍ଚଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ୨୦୧୦ରେ ପ୍ରାଥମିକ ବିଦ୍ୟାଳୟକୁ ସରକାର ଉନ୍ନୀତ ଉଚ୍ଚବିଦ୍ୟାଳୟର ମାନ୍ୟତା ଦେଇଛନ୍ତି । ସେହି ଦିନଠାରୁ ସେଠାରେ ଛାତ୍ରୀଛାତ୍ର ସଂଖ୍ୟା ବଢିଚାଲିଛି । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୨୧୪ ଜଣ ଛାତ୍ରୀଛାତ୍ର ଥିବାବେଳେ ନବମ ଏବଂ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୬୩ ଜଣ ରହିଛନ୍ତି । ତଦନୁଯାୟୀ ଶିକ୍ଷକ ସଂଖ୍ୟା କମ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ଉନ୍ନୀତ ହେବାର ଆଜକୁ ୯ ବର୍ଷ ବିତିଗଲାଣି । ହେଲେ ଏଠାରେ ଗଣିତ, ହିନ୍ଦୀ, ସଂସ୍କୃତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ଶିକ୍ଷକ ନ ଥିବାବେଳେ କିରାଣୀ, ପିଅନ ପଦବୀ ଖାଲି ପଡିଛି । ଏଠାରେ ଥିବା ଜଣେ ବରିଷ୍ଠ ଶିକ୍ଷକ ସିଆରସିସି ପଦକୁ ଯିବାରୁ ଏହି ପଦବୀ ମଧ୍ୟ ଖାଲି ପଡିଛି । ଏଭଳି ସ୍ଥିତିରେ ପାଠ ପଢା କିପରି ହେଉଥିବା ସହଜେ ଅନୁମାନ କରିହେବ । ବିଦ୍ୟାଳୟରେ ଖେଳ ପଡିଆ କି ପାଠଗାର ନ ଥିବାରୁ ପିଲାଙ୍କ ଶାରିରୀକ କିମ୍ବା ମାନସିକସ୍ତରରେ ବିକାଶ ହୋଇପାରୁନାହିଁ । ଏଥିପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗକୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥବାରୁ ଅସନ୍ତୋଷ ବଢିଚାଲିଛି । ଶେଷରେ ଅନ୍ୟନ୍ୟୋପାୟ ହୋଇ ଗ୍ରାମବାସୀ ନୂଆପଡା ଆସି ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ଭେଟି ଜଣାଇଛନ୍ତି । ଏହା ଉପରେ ଦୃଷ୍ଟି ଦେବେ ବୋଲି ଅଧିକାରୀ ଭୋଇ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ତ୍ରିଲୋଚନ କଟା, ରାଜୁ ମାଝି, ଜୟରାମ ମାଝି, ଯଦୁମଣୀ କଟା ପ୍ରମୁଖ ସାମିଲ ଥିଲେ।

**ଛତା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ**



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ଛତା ଗ୍ରାମବାସୀ।

# ରକ୍ତଦାନ ସମ୍ବନ୍ଧୀୟ ଯୁବ ସଚେତନତା କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୧୯।୯**

ସ୍ଥାନୀୟ ସଦର ବ୍ଲକ ସଭାଗୃହରେ ନୂଆପଡା ବ୍ଲକସ୍ତରୀୟ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁବେଦାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ଲଳିତ ମୋହନ ବିଶି, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଆଶୀଷ କୁମାର ଠାକୁର, ଜିଲା କ୍ରୀଡାଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଚିନିଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଯୁବଗୋଷ୍ଠୀମାନଙ୍କୁ ଆଗକୁ ଆସି ରକ୍ତଦାନ ସକାଶେ ଲୋକଙ୍କୁ ପ୍ରବର୍ତାଇବାକୁ ପରାମର୍ଶ ଦେଇଥିଲେ। ବ୍ଲକସ୍ତରୀୟ ରକ୍ତଦାନ ଶିବିର କରିବାକୁ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କିଶୋର କୁମାର ପରିଡା, ବିଭୁଦତ ମିଶ୍ର, ମନୋଜ ଡାଗା ପ୍ରମୁଖ ସହଯୋଗତ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।


ଜଣେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଭାଜପା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

**ଜୁନାଗଡ,୧୯।୯ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ଗତ ୧୫ ତାରିଖରୁ ଭାଜପା ପକ୍ଷରୁ ସେବା ସପ୍ତାହ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରବାର ଜୁନାଗଡ ଭାଜପା ପକ୍ଷରୁ ସେବା ସପ୍ତାହ ଦିବସ ପାଳନ କରାଯାଇଛି। ଏହି ଅବସରରେ ଦଳୀୟ କର୍ମକର୍ତ୍ତମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ପରେ ଡଙ୍ଗାଘାଟପଡାସ୍ଥିତ ସ୍କୁଲକୁ ଯାଇ ସେଠାକାର ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ କରିବା ପାଇଁ କହିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି,ବରିଷ୍ଠ ଭାଜପା ନେତା ବେଦ ପ୍ରକାଶ ଗୋଏଲ, ସତ୍ୟ ନାରାୟଣ ପଣ୍ଡା, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ନାନ୍ଦୋଲ ଜୋନ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ, କୁବଲେ ପାଣିଗ୍ରାହୀ, ଶିବରାମ ରାଉତ, କୁନୁ ବୈଠାରୁ ଦାମୋଦର ବେହେରାଙ୍କ ସମେତ ଅନେକ ଭାଜପା କର୍ମୀ ସାମିଲ ହୋଇଥିଲେ।

# ଭିଜିଲାନ୍ସ ହାତରେ ପୂର୍ବତନ ଜିଏମ୍

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

ଅର୍ଥ ଆତ୍ମସାତ ମାମଲାରେ କେବିକେ ମିଲ୍କ ୟୁନିୟନ୍ ବଲାଙ୍ଗୀରର ପୂର୍ବତନ ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ମିଲ୍କ ୟୁନିୟନର ସାଧାରଣ ପରିଚାଳକ ଦାୟିତ୍ୱରେ ଥିବା ବେଳେ ସେ ୩ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ୨୩/୧୯ ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ କଳାହାଣ୍ଡି ଭିଜିଲାନ୍ସ ପକ୍ଷରୁ ଏକ ଟିମ୍ ତାଙ୍କୁ ଗିରଫ କରିବାକୁ ସମ୍ବଲପୁର ଯାଇଥିଲେ। ତେବେ ସେ ସେଠାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେଣୁ ଡାକ୍ତରଖାନାରେ ଭିଜିଲାନ୍ସ ଟିମ୍ ତାଙ୍କ ଉପରେ ନଜର ରଖିଛନ୍ତି ବୋଲି ଭିଜିଲାନ୍ସ ଡିଏସ୍ପି ସତ୍ୟବାନ ମହାନନ୍ଦ ସୂଚନା ଦେଇଛନ୍ତି।

### କୋମନା ବ୍ଲକରେ କପା, ମକା ମଣ୍ଡି ପାଇଁ ଦାବି

# ଉତ୍ପାଦନକୁ ଅଗ୍ରାଧିକାର ଦେଇ ମଣ୍ଡି କରାଯାଉ

**ନୂଆପଡା ଅଫିସ,୧୯।୯**

ଜିଲାର ଭାତହାଣ୍ଡି କୁହାଯାଉଥିବା କୋମନା ବ୍ଲକରେ ଧାନ ସହ କପା, ଗହମ, ମକା ଭଳି ଅର୍ଥକାରୀ ଫସଲର ଉତ୍ପାଦନ ଦିନକୁ ଦିନ ବୃଦ୍ଧି ହେଉଛି। କିନ୍ତୁ ଏଠାରେ ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ଫସଲରୁ ଉଚିତ ଦର ପାଇପାରୁନାହାନ୍ତି । ଏଥିପାଇଁ ଚାଷୀଙ୍କୁ ବାରଦୁଆର ହୋଇ ଅଭାବୀ ବିକ୍ରିର ଶୀକାର ହେଉବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଏହି ବ୍ଲକର ଜାତୀୟ ରାଜପଥ କଡରେ ଥିବା ଜଡାମୁଣ୍ଡାଠାରେ କପା ଏବଂ ମକା ମଣ୍ଡି ଖୋଲିବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, କୋମନା ବ୍ଲକରେ ଆବଶ୍ୟକ ବର୍ଷାନୁପାତ ସହ ଉପଯୁକ୍ତ ମାଟିର ଉର୍ବରତା ଯୋଗୁ ଧଳା ହୀରା କୁହାଯାଉଥିବା କପା ଉତ୍ପାଦନ ବେଶୀ ହେଉଥିବାବେଳେ ଚାଷୀମାନେ ମକାଚାଷ ପ୍ରତି ମଧ୍ୟ ବେଶୀ ମନବଳାଉଥିବା ଦେଖାଯାଇଛି। ଏହାଦ୍ୱାରା ଏହାର ଉତ୍ପାଦନ ମଧ୍ୟ ବଢିବାରେ ଲାଗିଛି ।

୨୦୧୬ କୃଷି ବର୍ଷର ଏକ ତଥ୍ୟକୁ ନଜର ଦେଲେ କପା ଚାଷରେ ନୂଆପଡା ବ୍ଲକରେ ୮୨୪୩ କୁଇଣ୍ଟାଲ ଉତ୍ପାଦନ ହୋଇଥିବାବେଳେ କୋମନା ବ୍ଲକରେ ୩୭୮୧୪ କୁଇଣ୍ଟାଲ, ସିନାପାଲି ବ୍ଲକରେ ୧୬୨୪, ଖଡିଆଳ ବ୍ଲକରେ ୧୦୩୩୨ ଉତ୍ପାଦନ ହୋଇଥିବାବେଳେ ବୋଡେନ ବ୍ଲକରେ ୧୧୫୧୬ କୁଇଣ୍ଟାଲ ଉତ୍ପାଦନ ହୋଇଛି । ସେହିଭଳି ମକା ଉତ୍ପାଦନକୁ ଦୃଷ୍ଟି ଦେଲେ ସେହି ବର୍ଷ ନୂଆପଡା ବ୍ଲକରେ ୨୪୭୯୫, କୋମନା ୩୫୬୦୦, ଖଡିଆଳ ୨୫୪୦୦, ବୋଡେନ ବ୍ଲକରେ ୨୧୦୯୯ ଏବଂ ସିନାପାଲି ବ୍ଲକରେ ୭୧୧୯୫ କୁଇଣ୍ଟାଲ ଉତ୍ପାଦନ ହୋଇଛି । ଏସବୁ ଉତ୍ପାଦନରେ କୋମନା ବ୍ଲକ ଅନ୍ୟାନ୍ୟ ବ୍ଲକ ଅପେକ୍ଷା ବେଶୀ ରହୁଥିଲେ ମଧ୍ୟ ଏଠାରେ ମଣ୍ଡି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଦୃଷ୍ଟି ଦେଲେ ଚାଷୀମାନଙ୍କ ସ୍ଥିତିରେ ସୁଧାର ଆସିବ ବୋଲି ଚାଷୀନେତାମାନେ ମତ ରଖିଛନ୍ତି । ଏହା ଉପରେ ଜିଲାପାଳ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ବୋର୍ଡା ଫାଣ୍ଡି ଅନ୍ତର୍ଗତ ବରଫା ଗାଁର ଫାଲଗୁନି ନାଏକଙ୍କ ସ୍ତ୍ରୀ ସରିତା ନାଏକଙ୍କ ଗତ ଦୁଇ ଦିନ ତଳେ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସରିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବାପ ଘର ଲୋକେ କେଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଫାଲଗୁନି ଓ ତାଙ୍କ ବାପା ହରିଶଙ୍କରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଫାଲଗୁନିଙ୍କ ସ୍ତ୍ରୀ ସରିତା ପୂର୍ବଦିନ ରାତିରେ ହଠାତ ଅସୁସ୍ଥ ହୋଇଥିବା କହି ପରିବାର ଲୋକେ ବଲାଙ୍ଗୀର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସରିତାଙ୍କୁ ମୃତ ଘୋଷଣା କରିଥିଲେ। ସରିତାଙ୍କ ବେକରେ କ୍ଷତ ଚିହ୍ନ ଥିବା ସହ ତଣ୍ଟି ଫୁଲି ଯାଇ କଳା ପଡି ଯାଇଥିବା ଦେଖିବାକୁ ମିଳିଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗକୁ ହସ୍ତାନ୍ତର କରାଯାଇଥିଲା।

ଏ ସମ୍ପର୍କରେ ସରିତାଙ୍କ ବାପା ଘର କିମ୍ବା ବନ୍ଧୁ ବାନ୍ଧବକୁ ନ ଜଣାଇ ତରବରିଆ ଭାବେ ଶବ ସତ୍କାର କରି ଦେଇଥିଲେ। ସରିତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ତାଙ୍କ ବାପା ପଦୁ ସୁନା କେଗାଁ ଥାନାରେ ଅଭିଯୋଗ କରିଛନ୍ତି। ପରେ ପ୍ରମାଣ ନଷ୍ଟ ପାଇଁ ପ୍ରଥମେ ନିକଟରେ ଥିବା ବୋର୍ଡା ଡାକ୍ତରଖାନାରେ ଚିକିତ୍ସା ନ କରି ଶହେ କି.ମି. ଦୂରରେ ବଲାଙ୍ଗୀର ଡାକ୍ତରଖାନାକୁ କାହିଁକି ନିଆଗଲ ବୋଲି ସୁନା ଅଭିଯୋଗ କରିଛନ୍ତି। ସୁନାଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା କେଗାଁ ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରା ଓ ଏଏସଆଇ ସୁମଲ ବାଗ ସୂଚନା ଦେଇଛନ୍ତି।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

**ଶିକ୍ଷକ ଦାବିରେ ସ୍କୁଲରେ ତାଲା ପଡ଼ିବା ଘଟଣା**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଧନଶୁଲି ଗ୍ରାମପଞ୍ଚାୟତ ଶାସୁଗୁଡା ଉନ୍ନିତଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଅଭିଭାବକ ତାଲା ପକାଇବା ସହ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣା ସ୍ଥଳକୁ ବିଭାଗୀୟ ଅଧିକାରୀ ଆସି ଖାଲିଥିବା ଶିକ୍ଷକ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଉକ୍ତ ବିଦ୍ୟାଳୟରେ ୨୩୦ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢାଇବା ପାଇଁ ୫ ଜଣ ଶିକ୍ଷକ ରହିଥିଲେ । ନବମ ଓ ଦଶମ ଶ୍ରେଣୀ ପାଇଁ ଜଣେ ମାତ୍ର ବିଷୟ ଶିକ୍ଷକ ଅଛନ୍ତି । ହିନ୍ଦୀ, ସଂସ୍କୃତ, ଇଂଲିଶ, ଗଣିତ, ଇତିହାସ, ଭୁଗୋଳ ବିଷୟ ପାଇଁ ବିଷୟଗତ ଶିକ୍ଷକ ନାହାନ୍ତି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଜିଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପାଟଣାଙ୍କୁ ଲୋକେ ଜଣାଇଥିଲେ । କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ବାଧ ହୋଇ ଛାତ୍ରୀଛାତ୍ର ଏବଂ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ । ଜୟପାଟଣା ବିଇଓ ଏବଂ ସିଆର୍ସି ଧାରଣାସ୍ଥଳରେ ପହଞ୍ଚି ୨ ଜଣ ଶିକ୍ଷକ ନିଯୁକ୍ତି ଦେବା ପରେ ଏବଂ ପରବର୍ତ୍ତୀ ଆଉ ଜଣେ ଶିକ୍ଷକ ଦେବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଦିବ୍ୟାଙ୍ଗ ପାଇଁ ଉଦ୍ୟୋଗ ବିକାଶ ତାଲିମ

**ନୂଆପଡା ଅଫିସ,୧୯।୯**

ସ୍ଥାନୀୟ ଷ୍ଟେଟବ୍ୟାଙ୍କ ତାଲିମ କେନ୍ଦ୍ରରେ ଦିବ୍ୟାଙ୍ଗ ଯୁବତୀଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଆଗକୁ ଆସି ରୋଜଗାର ବୃଦ୍ଧି କରିବାକୁ ତାଲିମ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଶିକ୍ଷିକା ଅନୀତା ପଟେଲ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଶିକ୍ଷକ ରବୀନ କୁମାର ରଥ, ଶିଶିର କୁମାର ପ୍ରଧାନ, ଶେଷରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିଥିବାବେଳେ ଶେଷ ଦିନରେ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିରେ ୫ଟି ବ୍ଲକର ୩୫ଜଣ ଦିବ୍ୟାଙ୍ଗ ଯୋଗଦେଇଥିଲେ।


ଦିବ୍ୟାଙ୍ଗମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବା ଅବସରରେ ଅତିଥି ବୃନ୍ଦ।

### ବିଶ୍ୱକର୍ମା ପୂଜା ପାଇଁ ଝଲସୁଛି ସିନାପାଲି

# ମନ ମୋହୁଛି ଆଞ୍ଚଳିକ, ଦଣ୍ଡନୃତ୍ୟ

**ସିନାପାଲି,୧୯।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ସିନାପାଲି ସହରର ବିଭିନ୍ନ ସ୍ଥାନରେ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ସୁଉଚ୍ଚ ତୋରଣ ଜନସାଧାରଣଙ୍କୁ ବିମୋହିତ କରୁଛି। ଅଞ୍ଚଳରେ ପୂଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଲୋକଙ୍କ ବେଶ୍ ଭିଡ ମଜୁଛି। ସିନାପାଲି ବିଦ୍ୟୁତ୍ ବିଭାଗ ପରିସରରେ ସୁଉଚ୍ଚ ତୋରଣ ସାଙ୍ଗକୁ ଚିତ୍ତାକର୍ଷକ ବିଶ୍ୱକର୍ମାଙ୍କ ମୂର୍ତ୍ତି ଜନସାଧାରଣଙ୍କୁ ଆକୃଷ୍ଟ କରୁଛି। ପ୍ରତ୍ୟହ ରାତିରେ ଦଣ୍ଡନୃତ୍ୟ ଲୋକମାନଙ୍କୁ ମନ ମୋହୁଛି। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ବେଶ୍ ଆନନ୍ଦ ଉଲ୍ଲାସର ସହ ପୂଜା ପାଳନରେ ସାମିଲ ହୋଇଛନ୍ତି । ସେହିପରି ସିନାପାଲି ସହର ଡ୍ରାଇଭର୍ ସଂଘ, ମେକାନିକ ସଂଘ, ବିଭିନ୍ନ କାରିଗର ସଂଘ, ରାଜମିସ୍ତ୍ରୀ ସଂଘ ସମେତ ବିଭିନ୍ନ ଗାଁ ଗଣ୍ଡାଗୁଡିକରେ ମଧ ବେଶ୍ ଯାକଜମକରେ ପୂଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ସିନାପାଲି ବ୍ଲକସ୍ଥିତ ବ୍ରାହ୍ମଣୀଗୁଡା, ହାତୀବନ୍ଧା, କାପସି, ଗୋଡାଲ, ଗଡରାମାଲ ଆଦି ସ୍ଥାନରେ ବେଶ୍ ଉତ୍ସାହର ପୂଜା ପାଳିତ ହେଉଛି। ଗୁରୁବାର ସିନାପାଲିସ୍ଥିତ କାପସିଠାରେ ଦଣ୍ଡନୃତ୍ୟ ପରିବେଷିତ ହୋଇଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।


ବିଶ୍ୱକର୍ମାଙ୍କ ନିକଟରେ ଅନୁଷ୍ଠାନର କର୍ମକର୍ତ୍ତା।

## ଟ୍ରାଫିକ୍ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୧୯।୯(ଡି.ଏନ.ଏ.)**

ଭବାନୀପାଟଣା ଟାଉନ୍ ଥାନା ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଟ୍ରାଫିକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅତିରିକ୍ତ ଏସ୍‌ପି ଏମ୍‌କେ ମହନ୍ତ, ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠି, ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଗୁଣ୍ଡି ଓ ଟାଉନ୍ ଆଇଆଇସି ଦେବରାଜ ଛତ୍ରିଆଙ୍କ ନେତୃତ୍ୱରେ ସ୍ଥାନୀୟ ବିଏମ୍ ହାଇସ୍କୁଲ ଛକଠାରୁ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ନୂତନ ଏମ୍‌ଭି ଆକ୍ଟ ନିୟମ ଅନୁଯାୟୀ ସମସ୍ତ ବାଇକ୍ ଚାଳକ ହେଲ୍‌ମେଟ୍ ବ୍ୟବହାର କରିବା, ୧୮ ବର୍ଷରୁ କମ୍ ପିଲାମାନଙ୍କୁ ବାଇକ୍ ଚଳାଇବାକୁ ନ ଦେବା ସମ୍ପର୍କରେ ବୁଝାଇଥିଲେ। ଶୋଭାଯାତ୍ରାରେ ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଦେଇ ହେଲମେଟ୍ ପିନ୍ଧିବାକୁ କହିଥିଲେ। ନିଜର ସୁରକ୍ଷା ପାଇଁ ସମସ୍ତେ ହେଲମେଟ୍ ପିନ୍ଧିବାକୁ ଅନୁରୋଧ କରିଥିଲେ।

### ଏଠି ରୋଗୀଙ୍କ ଭରସା କେବଳ ଷ୍ଟ୍ରେଚର

# ୮ କି.ମି. ବୁହାହେଲେ ପ୍ରସୂତି

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପୁଣି ଜଣେ ପ୍ରସୂତିଙ୍କୁ ଷ୍ଟ୍ରେଚରରେ ବୋହି ନେବା ଘଟଣା ସାମ୍ନକୁ ଆସିଛି। ୮ କି.ମି. ବୁହା ହେବା ପରେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଡାକ୍ତରଖାନା ପହଞ୍ଚାଯିବା ଘଟଣା ପୁଣି ଥରେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଜିଲାର ଆଦିବାସୀ ଅଧ୍ୟୁଷିତ ଥୁ. ରାମପୁର ବ୍ଲକ ଅନେକ ଅଞ୍ଚଳ ଏବେବି ଦୁର୍ଗମ ହୋଇ ରହିଛି। ଏହି ଗାଁ ଗୁଡିକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଏହି ଅଞ୍ଚଳରେ ଜନନୀ ସୁରକ୍ଷା ଯୋଜନା, ଆମ୍ବୁଲାନ୍ସ ସେବା ସହ ଟିକାକରଣ କାର୍ଯ୍ୟକ୍ରମ ଆଜି ବି ଅପହଞ୍ଚ ହୋଇ ରହିଛି । ଏପରିକି ବାଇକ୍ ଆମ୍ବୁଲାନ୍ସ ମଧ୍ୟ ଯାଇ ନ ପାରିବାରୁ ପ୍ରସୂତିଙ୍କୁ ୮ କି.ମି. ଦୁର୍ଗମ ରାସ୍ତାରେ ଷ୍ଟ୍ରେଚରରେ ବୋହି ବୋହି ଆଣିବାକୁ ପଡିଛି । ଥୁ.ରାମପୁର ବ୍ଲକ କେରପାଇ ପଞ୍ଚାୟତର ମୁରଲିମୁଲ ଗାଁର ପ୍ରସୁତି ସିନା ମାଝି ହଠାତ୍ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପାଇଁ ଉଦ୍ୟମ କରିଥିଲେ। ସାଇସୁରନି ହସ୍ପିଟାଲ ଷ୍ଟାଫ୍ ସୁପରଭାଇଜର କିଷାନ ଲାଲ, ମାଁ ଗୃହର ଡମ୍ବରୁଧର ତାଣ୍ଡି, ପୁରୁଷ ସ୍ୱାସ୍ଥ୍ୟକର୍ମୀ କେଶବ ମାଝି ଓ ବିକାଶ ସେଠୀଙ୍କ ସହାୟତାରେ ଏହି ପ୍ରସୂତୀଙ୍କୁ ପରିବାର ଲୋକେ ଏକ ଷ୍ଟ୍ରେଚର୍‌ରେ ୮ କି.ମି. ବୋହି ସେର୍‌କାପାଇ ପର୍ଯ୍ୟନ୍ତ ଆଣିଥିଲେ। ସେରକାପାଇରୁ ଅସୁସ୍ଥ ମହିଳାଙ୍କୁ ବାଇକ୍ ଯୋଗେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଜିଲାର ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାର ସୁଫଳ ଏଠାରେ ପହଞ୍ଚି ପାରୁ ନାହିଁ ଏବଂ ଅନେକ ରୋଗୀ ମୃତ୍ୟୁର ଶିକାର ହେଉଛନ୍ତି । କିଛିଦିନ ତଳେ ଲାଞ୍ଜିଗଡ ବ୍ଲକରେ ଖଟିଆରେ ବୁହାହୋଇ ଡାକ୍ତରଖାନାରେ ବିଳମ୍ବରେ ପହଞ୍ଚିଥିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ରାସ୍ତା ଅଭାବରୁ ଅଧିକାଂଶ ରୋଗୀ ଡାକ୍ତରଖାନାକୁ ଆସିପାରୁ ନାହାନ୍ତି ଓ ଚେରିମୁଲି, ଗୁଣିଗାରିଡି ତଥା କ୍ୱାକ୍‌ମାନଙ୍କ ଉପରେ ଭରସା କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ସେପ୍ଟେମ୍ବର, ୨୦୧୯



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଏକତା ପରିଷଦ କଳାହାଣ୍ଡି ଶାଖା ପକ୍ଷରୁ ଯୁବ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)-** ଏକତା ପରିଷଦ କଳାହାଣ୍ଡି ଶାଖା ତରଫରୁ ଭବାନୀପାଟଣା ସହରସ୍ଥିତ ଏସଏନ କନଫରେନ୍ସ ହଲଠାରେ ଚାଲିଥିବା ଦୁଇ ଦିନିଆ ଆଞ୍ଚଳିକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ସଦସ୍ୟ ସାମନ୍ତ ଖମାରୀ ଓ ବଦ୍ରୀ ପଟ୍ଟନାୟକ ଉଦବୋଧନ ଦେଇଥିଲେ। ୨୦୨୦ ଅକ୍ଟୋବର ୨ ତାରିଖରେ ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପରିଷଦର ଏକ ୫୦ ଜଣିଆ ପ୍ରତିନିଧି ଦଳ ଦିଲ୍ଲୀରୁ ସୁଇଜରଲାଣ୍ଡର ଜେନେଭାଠାରେ ପହଞ୍ଚି ମିଳିତ ଜାତିସଂଘର କାର୍ଯ୍ୟାଳୟରେ ଶାନ୍ତି ସଦଭାବନା, ସମତା ସମନ୍ୱୟ ଓ ଅହିଂସା ପ୍ରତିଷ୍ଠା ପାଇଁ ୧୫ଟି ଦେଶ ଦେଇ ଏକବର୍ଷ ଧରି ସଚେତନତା କରାଯିବ। ପିଭିରାଜ ଗୋପାଲ ରାଜାଜୀଙ୍କ ନେତୃତ୍ୱରେ ପଦଯାତ୍ରୀମାନେ କଳାହାଣ୍ଡି ଜିଲ୍ଲାକୁ ନଭେମ୍ବର ୨୬ରେ ପହଞ୍ଚିବେ ବୋଲି ସୂଚନା ଦିଆଯାଇଥିଲା। ଏକତା ପରିଷଦ ରାଜ୍ୟ ସଂଯୋଜକ ଭାରତ ଭୂଷଣ ଠାକୁରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ କଳାହାଣ୍ଡି ଜିଲ୍ଲା ସଂଯୋଜକ ସରୋଜ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କାହ୍ନୁ ଭାଇ, ଆଲମା ଏକ୍କା, ବିବିନିକା ପ୍ରଧାନ, ମମତା ପ୍ରଧାନୀ, ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କଳାହାଣ୍ଡି ୱେବ ମିଡିଆ ସଂଘର ଜିଲ୍ଲାସ୍ତରୀୟ ବୈଠକ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)–** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ କଳାହାଣ୍ଡି ୱେବ ମିଡିଆ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ଆଦିତ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ୱେବ ମିଡିଆମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା, ସୁରକ୍ଷା ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଠିକ୍ ଭାବେ ଉପସ୍ଥାପନା କରି ସରକାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉପରେ ଆଲୋଚନା କରାଯାଇଥିଲା । ପରେ ୱେବ ମିଡିଆର ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ତୁଳମଣି ନାଗ, ଉପସଭାପତି ତୁଳସୀରା ଛତ୍ରିଆ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପାତ୍ର, ସହ ସମ୍ପାଦକ ବିକାଶ ନାଏକ ଓ ସୋଭିତ ଗାନ୍ଧୀ, କୋଷାଧ୍ୟକ୍ଷ ମଧୁସୂଦନ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ସଭାରେ ରାକେଶ ବେମାଲ, ନିକୁଞ୍ଜ ବିହାରୀ ଚଲାନ, ଦୁଷ୍ମନ୍ତ ନାଏକ, ଡି. ମାଝି, ଗୟାରାମ ପୂଝାରୀ, ଦେବେନ୍ଦ୍ର ସାଗର, କୁନୁ ଦୁର୍ଗା, ରଜନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଲାଞ୍ଜିଗଡ଼ର ଅନନ୍ୟ ପରମ୍ପରା, ବିଶ୍ୱାସର ପ୍ରତୀକ

# ଭୈରବ ଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା

**ଲାଞ୍ଜିଗଡ,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡସ୍ଥିତ ପ୍ରସିଦ୍ଧ ଭୈରବଦେବ ପୀଠରେ ଝାମୁଯାତ୍ରା ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥା ଅନୁଯାୟୀ ଲାଞ୍ଜିଗଡର ଦଶମୀ ନୂଆଁଖାଇ ପରେ ତ୍ରୟୋଦଶୀ ଦିନ ଭୈରବ ମନ୍ଦିରରୁ ଭୈରବ ଦେବଙ୍କ ଖଣ୍ଡା ବାହାର କରାଯାଇ ସ୍ଥାନୀୟ ରାଜ ଉଆସକୁ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ଅଗ୍ନି ଭୈରବଙ୍କ ଗୋଟିଏ ଖଣ୍ଡା, ବାଲି ଭୈରବଙ୍କ ଗୋଟିଏ ଖଣ୍ଡା ଓ ବୁଢା ଭୈରବଙ୍କ ଦୁଇଟି ଖଣ୍ଡାକୁ ବାଲି ଘରକୁ ନିଆଯାଇଥିଲା । ସ୍ଥାନୀୟ ଶୁକ୍ଳିନାଳକୁ ପୂଜକମାନେ ଯାଇ ନଅଟି ଚାଙ୍ଗୁଡିରେ ବାଲି ଭର୍ତ୍ତି କରି ଆଣିବା ସହିତ ଲୋକଙ୍କ ଘରୁ ନଅ ପ୍ରକାର ଶସ୍ୟ ସଂଗ୍ରହ କରି ତାକୁ ବାଲି ଘରେ ରଖି ସାତ ଦିନ ଧରି ପୂଜାର୍ଚ୍ଚନା ଜାରି ରଖିଥିଲେ। ଏହା ପରେ ଗୁରୁବାର ଅଶ୍ୱପଞ୍ଚମୀ ତିଥିରେ ତିନି ଭୈରବଙ୍କ ପ୍ରତୀକ ବାଲି ଘରୁ ମୁଖ୍ୟ ମନ୍ଦିରକୁ ଯିବା ସହିତ ସେଠାରୁ ଆଜ୍ଞାମାଳ ଆଣିବା ପରେ ନିଆଁରେ ତିଆରି ଖନ୍ଦା(ଝାମି)ଙ୍କୁ ତିନିଥର ପ୍ରଦକ୍ଷିଣ କରି ସାରିବା



କାଳସୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ପରେ ଠାକୁରାଣୀ ଗୁଡି(ମନ୍ଦିର)କୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ ଜଣାଇଥିଲେ। ଏହି ସମୟରେ ଚାରୋଟି କଟା କଦଳୀ ଗଛକୁ ଧଳା କପଡା ଘୋଡାଇ ପ୍ରସ୍ତୁତ କରାଯାଇଥିଲା ଗଉରୀଘର। ଯେଉଁଠି ପାରା ବଳି ଦେବା ପରେ ଝାମୁଯାତ୍ରା ଆରମ୍ଭ ହୋଇଥିଲା। ଏହା ପରେ ବାଲି ଭୈରବ ଓ ଅଗ୍ନି ଭୈରବଙ୍କ କାଳଶି ନିଆଁ ଉପରେ ଚାଲିଥିଲେ। ସେହିପରି ଝାମେରା କଣ୍ଟାରେ ତିଆରି ଦୋଳିରେ ଭୈରବଙ୍କ କାଳଶି ବସିଥିଲେ। ଏହା ପୂର୍ବରୁ କାଳଶି ଝାମୁଯାତ୍ରା ପୂର୍ବ ଦିନ ଏକ କଞ୍ଚା ମାଠିଆରେ ବସି ଲୋକଙ୍କୁ ଦର୍ଶନ ଦେଇଥିଲେ। ଯାତ୍ରା ସରିବା ପରେ ଏଠାରେ ଯୋଗଦେଇଥିବା ତଥା ମାନସିକଧାରୀଙ୍କ ଦ୍ୱାରା ଶହ ଶହ କୁକୁଡା, ପାରା, ବତକ ଛେଳି ବଳି ଦିଆଯାଇଥିଲା। ମନ୍ଦିର ପୂଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପର୍ବ ମହାସମାରୋହରେ ପାଳିତ ହୋଇଥିଲା। ଝାମୁଯାତ୍ରାକୁ ସଫଳ ପାଇଁ ଭୈରବ ମନ୍ଦିର ପୂଜା କମିଟି ଓ ଲାଞ୍ଜିଗଡ ପୋଲିସ ପକ୍ଷରୁ ଆଇଆଇସି ସତ୍ୟ କୁମାର ନନ୍ଦ ଓ ଏସ୍‌ଆଇ ରମା ରମଣି ମିଶ୍ରଙ୍କ ନେତୃତ୍ୱରେ ସିଆରପିଏଫ୍ ପୋଲିସ ଏବଂ ଜବାନମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ବୁଧବାର ବନ୍ଧପାରି, ବଳଭଦ୍ରପୁରଠାରେ ମଧ ମହାସମାରୋହରେ ଝାମୁଯାତ୍ରା ପାଳିତ ହୋଇଯାଇଛି। ଲାଞ୍ଜିଗଡ ଝାମୁଯାତ୍ରାରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଝାମୁଯାତ୍ରାରେ ନିୟମଗିରି ଅଞ୍ଚଳରୁ ଶତାଧିକ ଝରଣିଆ ଓ ଡଙ୍ଗରିଆ ରମଣିମାନେ ନିଜର ପାରମ୍ପାରିକ ବେସଭୁଷାରେ ସୁସଜ୍ଜିତ ହୋଇ ଯାତ୍ରାର ଶୋଭାବର୍ଦ୍ଧନ କରିଥିଲେ। ଝାମୁଯାତ୍ରାରେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଖିରାବ୍ଧୀ ସାହୁ, ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ରାକେଶ ମୋହନ, ହେମନ୍ତ କୁମାର ଭାଟିଆ, ଆଲୋକ ଗୟା, ଶେସଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଭୈରବ ଦେବଙ୍କ ଦର୍ଶନ କରିଥିଲେ। ଏହି ଯାତ୍ରାରେ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, କାମରାଜ ଦଳବେହେରା, ବିଶ୍ୱମ୍ବର ନାୟକ, ବଳରାମ ପୂଜାରୀ, ଶିଶୀର ପୂଜାରୀ ପ୍ରମୁଖ ଯାତ୍ର ପରିଚାଳନା କରିଥିଲେ। ଏହି ଯାତ୍ରା ଦେଖିବାକୁ କଳାହାଣ୍ଡି, ରାୟଗଡା ଓ ପଡୋଶୀ ନବରଙ୍ଗପୁର ଜିଲ୍ଲାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ଧାର୍ଯ୍ୟ ସମୟରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କ ସାମୂହିକ ଶପଥ

**କର୍ଲାମୁଣ୍ଡା,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନେ ମଙ୍ଗଳବାର ଏକାଠି ହୋଇ ଧାର୍ଯ୍ୟ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଶପଥ ନେଇ ଥିବା ଜଣାପଡିଛି। ଏହି ପଞ୍ଚାୟତର ୧୯ ଜଣ ହିତାଧିକାରୀ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ସରପଞ୍ଚ ପୃଥ୍ୱିରାଜ ମାଝିଙ୍କ ଉପସ୍ଥିତିରେ ପ୍ରଥମେ ଗାଁ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ସମସ୍ତ ହିତାଧିକାରୀ ଏକାଠି ହୋଇ ଶପଥ ନେଇଥିଲେ। କନିଷ୍ଠଯନ୍ତ୍ରୀ ଶିଶିର କୁମାର ବେହେରା, ଗ୍ରାମରୋଜଗାର ସେବକ କ୍ଷମା ସାହୁ, ଆବାସ ଗୃହ ଯୋଜନାର ବ୍ଲକ ସଂଯୋଜକ ରୁଦ୍ର ପ୍ରସାଦ ସାହୁ, ପିଇଓ ଚମାରୁ ନାଏକ ପ୍ରମୁଖ ଯୋଗଦେଇ ଗୃହ ନିର୍ମାଣ ପାଇଁ ଲେଆଉଟ ଦେଇଥିଲେ। ସେପ୍ଟେମ୍ବର ୧୭ରେ ହିତାଧିକାରୀଙ୍କ ଗୃହ ନିର୍ମାଣ ପାଇଁ ଭୂମି ପୂଜନ ଓ ଲେଆଉଟ ଦେବା ସହିତ ଅକ୍ଟୋବର ୨ରେ ଗୃହ ପ୍ରବେଶ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଥିବାରୁ ଏତେ ଅଳ୍ପ ଦିନ ଭିତରେ ହିତାଧିକାରୀମାନେ କିପରୀ ଘର ନିର୍ମାଣ କାର୍ଯ୍ୟ ସାରିବେ ବୋଲି ହିତାଧିକାରୀମାନେ ପ୍ରକାଶ କରିଛନ୍ତି।



ଗାଁ ଦେବୀ ପୀଠରେ ହିତାଧିକାରୀମାନେ ପୂଜାର୍ଚ୍ଚନା କରିବା ସହ ସାମୂହିକ ଶପଥ ନେଉଛନ୍ତି।

# ଯୁଗସାଇପାଟଣାଠାରେ ଏସ୍‌ଟି ଏସ୍‌ସି ଛାତ୍ରୀ ନିବାସ ଶୁଭାରମ୍ଭ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

ଯୁଗସାଇପାଟଣା ଗ୍ରାମସ୍ଥିତ ୪୦ ଲକ୍ଷ ଅଟକଳ ରାଶିରେ ନିର୍ମିତ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଆଇଟିଡିଏ ଥୁ.ରାମପୁର ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଧରୱାନଙ୍କ ଦ୍ୱାରା ମଙ୍ଗଳବାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ସରକାରୀ କାର୍ଯ୍ୟକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଓଟିଇଏଲ୍‌ପିର ପିଓପିଏମ୍‌ୟୁ ଅଧିକାରୀ ପ୍ରବୀଣ ପାତ୍ର, ଆଇଟିଡିଏ ଯନ୍ତ୍ରୀ ଗୋଲକ ବିହାରୀ ଭୋଇ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅଭିଭାବକ, ଅଭିଭାବିକା, ଅନ୍ତେବାସିନୀ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରିଚାଳନା କରିଥିଲେ ସ୍ଥାନୀୟ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପଣ୍ଡା। ମଞ୍ଚାସୀନ ଅତିଥିମାନେ ସମସ୍ତ ଅଭିଭାବକଙ୍କୁ ନିଜ ପିଲାଙ୍କୁ ହଷ୍ଟେଲରେ ରହି ପାଠ ପଢେଇବା ପାଇଁ ଅନୁରୋଧ କରିଥିଲେ। ଏହି ହଷ୍ଟେଲରେ ତୃତୀୟରୁ ଦଶମ ଶ୍ରେଣୀର ଛାତ୍ରୀ ରହି ପାଠ ପଢିପାରିବେ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ପଣ୍ଡା ଜଣାଇଥିଲେ। ଏହି ହଷ୍ଟେଲ ଖୋଲିବା ଦ୍ୱାରା ଲୋକଙ୍କ ମନରେ ଖୁସିର ଲହରୀ ଖେଳି ଯାଇଥିଲା ଏବଂ ସମସ୍ତ ଅନ୍ତେବାସିନୀମାନଙ୍କୁ ଷ୍ଟେସନାରି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଶେଷରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଶୁଭାରମ୍ଭ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ।

# ଚାନ୍ଦା ମାଗିବା ଅଭିଯୋଗରେ ୬ କୋର୍ଟ ଚାଲାଣ

**ସେରଗଡ଼, ୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶାନ୍ତପୁର କେନାଲ ଛକରେ କେସିଙ୍ଗାରୁ ବିଶାଖାପାଟଣା ଯାଉଥିବା ଏକ ଗାଡ଼ିକୁ ଅଟକାଇ ୬ଜଣ ଯୁବକ ଜୋରଜବରଦସ୍ତ ଦୁର୍ଗାପୂଜା ପାଇଁ ଚାନ୍ଦା ମାଗିଥିଲେ। ଏହି ଅଭିଯୋଗରେ ପୋଲିସ ୬ ଜଣ ଯୁବକ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନନ୍ଦ ମାଝି, ଟିକେରାମ ଶବର, ରମେଶ ସାହୁ, ଜିତେନ ମାଝି, କାହ୍ନୁଚରଣ ସାହୁ, ଦୁଷ୍ମନ୍ତ ଦାସ । ନର୍ଲା ଥାନା ଅନ୍ତର୍ଗତ ଶାନ୍ତପୁର କେନାଲ ଛକରେ କେସିଙ୍ଗାରୁ ବିଶାଖାପାଟଣା ଯାଉଥିବା ଏକ ଗାଡ଼ିକୁ ଗତ ୧୭ ତାରିଖରେ ଅଟକାଇ ଜୋର ଜବରଦସ୍ତି ଦୁର୍ଗାପୂଜା ପାଇଁ ଏହି ୬ଜଣ ଯୁବକ ଚାନ୍ଦା ମାଗିବା ସହ ଗାଡ଼ିର କାଚ ଭାଙ୍ଗିବା ଏବଂ ଡ୍ରାଇଭର ମନୋଜ ସାହୁଙ୍କଠାରୁ ସାଢ଼େ ୪ ହଜାର ଟଙ୍କା ଛଡ଼େଇ ନେଇଥିଲେ। ଏ ନେଇ ନର୍ଲା ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ଦଫା ୩୯୫ରେ ଏକ ମାମଲା (ନଂ.୧୧୩/୧୯) ରୁଜୁ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏମ.କେ. କିଷାନ ସୂଚନା ଦେଇଛନ୍ତି।

### ପ୍ଲାଷ୍ଟିକ ନିଷେଧ ସଚେତନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୯।୯ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲଠାରେ ପ୍ଲାଷ୍ଟିକ ନିଷେଧ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଉତ୍ସାହିତ ପାଇଁ ଚିତ୍ରାଙ୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଇଂ ଅଜୀତ କୁମାର ବାବୁ ଏହି ସଭାକୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ମାଣିକେଶ୍ୱରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଚ୍ଛାହିତ କରିଥିଲେ। ଏହି ସଭାକୁ ସରକାରୀ ନିର୍ବାହୀଯନ୍ତ୍ରୀ ବିଦ୍ୟୁତ୍ ଇଂ ବିଶ୍ୱଜିତ୍ ମଲ୍ଲିକ ଦ୍ୱରାନିତ କରିଥିଲେ।

# ଦୟନୀୟ ଜୀବନ କାଟୁଛନ୍ତି ଜନକଙ୍କ ପରିବାର

**କେସିଙ୍ଗା,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମର ଜନକ ଗହିର (୫୨)ଙ୍କ ଘର ଗତ ଅଗଷ୍ଟ ଲଘୁଚାପ ବର୍ଷାରେ ମାଟି ଓ ଖପର ଘର ଭାଙ୍ଗି ଯାଇଛି। ଫଳରେ ଏବେ ତାଙ୍କ ପରିବାର ଦହନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଗତ ଅଗଷ୍ଟ ୬ରୁ ୮ ତାରିଖ ୩ ଦିନ ବ୍ୟାପି ଲଗାଣର ବର୍ଷାରେ ଜନକ ଗହିରଙ୍କ ମାଟି ଓ ଖବର ଘର ଭାଙ୍ଗି ଯାଇଛି । ଦୁଇଟି କୋଠରୀ ବିଶିଷ୍ଟ ମାଟି ଓ ଖପର ଘର ଭାଙ୍ଗି ଯିବାରୁ ଘର ସମ୍ମୁଖରେ ଏକ ପୋଲିଥିନ ଘର ନିର୍ମାଣ କରି ଏକ ମାସରୁ ଉର୍ଦ୍ଧ୍ୱ ହେଲା ରହୁଛନ୍ତି । କିନ୍ତୁ ଏଯାଏ ତାଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ। ଜନକ ଗହିର ପରିବାର କହିଲେ ସ୍ତ୍ରୀ ଓ ଦୁଇ ଝିଅ । ଦୈନନ୍ଦୀନ କୁଲିମଜୁରୀ କରି ଚାରିପ୍ରାଣୀ ଜୀବନ ବିତାଇ ଆସୁଛନ୍ତି । ଜନକ ଗହିର ସରକାରୀ ସହାୟତା ପାଇଁ ମାସକ ଭିତରେ ତୁଣ୍ଡଲାସ୍ଥିତ ରାଜସ୍ୱ ନିରୀକ୍ଷକ, ସିର୍ଜାପାଲିସ୍ଥିତ ସରପଞ୍ଚ, ପିଇଓଙ୍କଠାରେ ଲିଖିତ ଆବେଦନ କରିଥିଲେ। କିନ୍ତୁ କେହି କର୍ଣ୍ଣପାତ କରୁ ନ ଥିବାରୁ ଜନକଙ୍କ ପରିବାର ପଲିଥିନ ଘରେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି । ତୁଣ୍ଡଲା ରାଜସ୍ୱ ନିରୀକ୍ଷକ ଘରକୁ ଯାଇ ସର୍ଭେ ମଧ କରିଛନ୍ତି । ହେଲେ ଖଣ୍ଡିଏ ପଲିଥିନ ବି ମିଳିନାହିଁ । ଘରେ ଥିବା ପୁରୁଣା ଫଟା, ଚିରା ପଲିଥିନରେ କୁଡିଆ ନିର୍ମାଣ କରି ରୋଷେଇ କରି ବହୁ କଷ୍ଟରେ ଅନ୍ୟ ଘରେ ଖିଆପିଆ କରି ରହୁଛନ୍ତି। ରାତିରେ ପଡୋଶୀ ଘରେ ଚାରି ଜଣ ଶୋଉଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ତାଙ୍କୁ ଘର ଖଣ୍ଡେ ଦେବା ବ୍ୟବସ୍ଥା କରିବି ବୋଲି ପ୍ରକାଶ କରିଥିଲେ ।



ଲଘୁଚାପ ବନ୍ୟାରେ ଭାଙ୍ଗି ଯାଇଥିବା ଜନକ ଗହିରଙ୍କ ମାଟି, ଖପର ଘର ।

**ବନ୍ୟାରେ ଘର ଭାଙ୍ଗିଲା**

ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ହଡ଼ପ ଅଭିଯୋଗ

# ଗୁହାରି କରି ହିତାଧିକାରୀ ନିରାଶ

**ପର୍ଲା, ୧୯।୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ପଁଚେତ୍ ସଦର ଗାଁର ଗୌରାଙ୍ଗ ନାଏକ(୭୫)କଁର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଟଁକା ହଡ଼ପ ହେଇଥିବାର ଅଭିଯୋଗ ହେଇଛେ। ହିତାଧିକାରୀ ଭିନେ ଭିନେ ସମିଆରେ ପଁଚେତ୍ ଆର ଘର ତିଆରିର ଜିମା ନେଇଥିବାର ଠିକାଦାରକେ ଗୁହାରି କରି ନିରାଶ ହେଇଥିବାର ସେ କହିଛନ୍।

ସୂଚନା ଅନ୍‌ସାରେ ଛଞ୍ଚାଣବାହାଲି ଗାଁର ଗୌରାଙ୍ଗ ନାଏକ ଗଲା ୨୦୧୬-୧୭ ବଛରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ଲାଗି କାର୍ଯ୍ୟାଦେଶ ପାଇଥିଲେ। ହେଲେ ସେ ସମିଆର ଧର୍ମଗଡ଼ ବିଡିଓ ଠିକାଦାର ଜରିଆରେ ଆବାସ ଘର ତିଆରି କରବାର ଲାଗି ସବୁ ପଁଚେତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀକୁଁ ମରାମର୍ଶ୍ ଦେଇଥିଲେ। ହିତାଧିକାରୀମାନେ ନିଜର ହିସାବେ ଘର ବନାବାର ସଂଗେ ମନ୍‌ଇଛା କାମ୍ କରୁଥିଲେ। ଯେନ୍‌ଥିରଲାଗି ବିଡିଓ ଏନ୍‌ତା ନିଷ୍‌ପତି ନେଇଥିଲେ ବଲି ଅନେକ ପଁଚେତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍। ହେଲେ ଠିକାଦାର ଜରିଆରେ ଆବାସ ଘର ତିଆର ହେବାର ଲାଗି ଅନେକ ଜାଗାରେ ହିତାଧିକାରୀକଁର ଟଁକା ହଡ଼ପ ଲେଖେଁ ସମସିଆ ଦେଖାଦେଇଛେ। ଗଲା ୯।୨।୨୦୧୭ରେ ଗୌରାଙ୍ଗକଁର ପାସ୍‌ବହିରେ ୨୦ ହଜାର ଟଁକା ଜମା ହେଇଥିଲା। ସେ ତାକର ଘରବନା ଦାଇତିଅରେ ଥିବାର ଠିକାଦାର(ପଁଚେତ୍ ପିଅନ ପ୍ରେମ କାଣ୍ଡ)କଁର ସଂଗେ ବ୍ୟାଙ୍କେ ଯାଇ ଟଁକା ଉଠେଇଥିଲେ। ଠିକାଦାର ଘରବନା ବାବ୍‌ଦେ ସେ ଟଁକା ନେଇଥିବାର ବୁରୁଧ୍ ଗୌରାଙ୍ଗ କହିଛନ୍। ବୁଢ଼ାକାଲେ ସରକାରୀ ଯୋଜନାରେ ଘର ଖଁଡ଼େ ପାଇ ଗୌରାଙ୍ଗ ଖୁସ୍ ଥିଲାବେଲେ ଠିକାଦାରକଁର ହଡ଼ପ୍ ନୀତିର ଲାଗି ଏହେଦେ ସେ ଭାଂଗି ପଡ଼ିଛନ୍। ବାରବାର ଠିକାଦାରକୁଁ ଘରଟା ପୂରା କରବାର ଲାଗି ଗୁହାରି କଲେ ବି ସେ ନାଇଁ ଶୁନୁଥିବାର ଗୌରାଙ୍ଗକଁର ପୁଓମାନେ ଅଭିଯୋଗ କରିଛନ୍। ଘର ତିଆରିର ଜିମା ନେଇଥିବାର ଠିକାଦାରକୁଁ ଇ ବାବ୍‌ଦେ ପଚରାଲାରୁ ସେ ଟଁକା ନେଇଥିବାର କଥା ମାନିଥିଲାବେଲେ ଘର ତିଆରି ଲାଗି ସେ ୪ ଟ୍ରିପ୍ ବାଲି ପକେଇଥିବାର ସଫେଇ ଦେଇଛନ୍। ଇଆଡ଼େ ଘରବନା ମୂଳ କରବାର ୨ ବଛର ବିତିଯାଇଥିଲାବେଲେ ଆଏଜ୍ ବି ଘରଟା ଦରଖଁଡ଼ିଆ ଅବସ୍ତାରେ ପଡ଼ିଛେ। ଯେନ୍‌ଥିରଲାଗି ବୁରୁଧ୍ ଗୌରାଙ୍ଗ ନାନା ସମସିଆର ସାମନା କରୁଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ ଚନ୍ଦ୍ର ମିଶ୍ରକୁଁ ପଚ୍‌ରାଲାରୁ ଫାଇଲ୍ ଦେଖି ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ହିତାଧିକାରୀ ଟଁକା ଉଠାଯାଇଥିବାର ପାସ୍‌ବହି ଦେଖଉଛନ୍।

ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବ

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସମିତିସଭ୍ୟା ସଭ୍ୟ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

ସମିତି ପରିଚାଳନାରେ ଅନିୟମିତତା, ସରକାରୀ ଅର୍ଥ ବ୍ୟବହାରରେ ସମିତି ସଭ୍ୟ ସଭ୍ୟାମାନଙ୍କ ପ୍ରତି ପକ୍ଷପାତ ନିତୀ କାରଣରୁ ସାଧାରଣ ଜନତା ପ୍ରଭାବିତ ହେଉଛନ୍ତି । ଏପରିକି ନିଜ ପଞ୍ଚାୟତ ସମସ୍ୟା ସମ୍ବନ୍ଧରେ ଉପସ୍ଥାପିତ କରାଯାଉଥିଲେ ମଧ କୌଣସି ସମୟରେ ଉଭୟ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଗୁରୁତ୍ୱ ଦେଉ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଇଥିଲା । ଏହି ଅଭିଯୋଗର ୧୫ ଦିନ ପରେ ମଧ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ତୃଣମୂଳସ୍ତରର ଲୋକଙ୍କ ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କୁହାଯାଉଛି। କିନ୍ତୁ ସେହି ଅନୁସାରେ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଭିନ୍ନ ଅନୁଦାନ ବ୍ୟୟଅଟକଳ ଉପରେ ସମିତି ସଭ୍ୟାସଭ୍ୟମାନେ ବ୍ଲକ ପ୍ରଶାସନ ନିକଟରେ ନିଜ ଅଞ୍ଚଳର ସମସ୍ୟା ସମ୍ବନ୍ଧରେ ଅବଗତ କରୁଛନ୍ତି । ହେଲେ କେହି ଏଥିପ୍ରତି ଗୁରୁତ୍ୱ ନ ଦେବା ସମିତି ସଭ୍ୟାସଭ୍ୟମାନଙ୍କ ପଦବୀର ଅପମାନ ହେଉଛି । ସେମାନେ ପଦବୀରେ ଥାଇ ଯାହା ନ ଥାଇ ମଧ ତାହା ବୋଲି ଅଭିଯୋଗ କରିଛନ୍ତି। ସମିତି ସଭ୍ୟାସଭ୍ୟମାନଙ୍କ ପ୍ରତି ଆକ୍ରୋଶ ରଖି ସେହି ପଞ୍ଚାୟତ ସମୂହକୁ ଅନୁଦାନ ଯୋଗାଇବାରେ ପାତରଅନ୍ତର ମନୋଭାବ ପୋଷଣ କରୁଥିବାରୁ ସମିତି ସଭ୍ୟାସଭ୍ୟମାନେ ନିଜ ଅଞ୍ଚଳର ଲୋକଙ୍କ ବିଶ୍ୱାସ ହରାଉଛନ୍ତି । ତେଣୁ ସେମାନଙ୍କ ପଦବୀର ମର୍ଯ୍ୟଦା କ୍ଷୂର୍ଣ୍ଣ ହେଉଛି । ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ଥୁଆମୂଳ ରାମପୁର ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ପଦଚ୍ୟୁତ ସ୍ୱରୁପ ଅନସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଗୋପାଳପୁର ସମିତିସଭ୍ୟ ବାଜ୍ରା ଭୋଇଙ୍କ ନେତୃତ୍ୱରେ ମହୁଲପାଟଣା ସମିତିସଭ୍ୟା ଜ୍ୟୋତିର୍ମୟୀ ନାଏକ, ଡୁମେରପଦର ସମିତିସଭ୍ୟା ଦୁତିକା ମାଝି, ବଡଛତ୍ରଙ୍ଗ ସମିତିସଭ୍ୟା ମୁନୀ ଦେଈ ମାଝି, କିଆପଦର ସମିତିସଭ୍ୟା ରାଜକୁମାରୀ ସୁନାନୀ, ମାଳିଗାଁ ସମିତି ସଭ୍ୟ ଧନସିଂ ମାଝି, ଥୁଆମୁଳ ରାମପୁର ସମିତି ସଭ୍ୟ ମନୋରଞ୍ଜନ ନାଏକ, ତଳଝାପି ସମିତିସଭ୍ୟ ସୋମନାଥ ନାଏକ, ବାଗଡିଆଣୀ ସମିତି ସଭ୍ୟା ନିଳାଦ୍ରୀ ନାଏକ, ତଲାମପଦର ସମିତି ସଭ୍ୟା ସୁମନୀ ନାଏକ, ସିନ୍ଧିପଦର ସମିତିସଭ୍ୟ ଗୁଣି ମାଝି, ଗୋପୀନାଥପୁର ସମିତି ସଭ୍ୟ ବସନ୍ତ ମାଝି, ନାକରୁଣ୍ଡି ସମିତି ସଭ୍ୟ ସାନୁର୍ଯ୍ୟ ମାଝି, ଗୁଣପୁର ସମିତି ସଭ୍ୟ ଲେଲି ମାଝି, ପାଡେପଦର ସମିତି ସଭ୍ୟ ଜୁଲୁ ମାଝି, ଓଡ୍ରି ସମିତି ସଭ୍ୟା କମଳା ସାହୁ ଓ ଥୁଆମୁଳ ସମିତି ସଭ୍ୟା ଉଜଳା ମାଝି ପ୍ରମୁଖ ୨୪ଟି ପଞ୍ଚାୟତରୁ ୧୭ଟି ପଞ୍ଚାୟତ ସମିତି ସଭ୍ୟା ଓ ସଭ୍ୟମାନେ ଜିଲାପାଳ ଗାଭିଲ ପରାଗ ହର୍ସଦଙ୍କୁ ସାକ୍ଷାତ କରି ଉଭୟ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଅନସ୍ଥା ପ୍ରସ୍ତାବ ପାଇଁ ଦାବି କରିଥିଲେ। ଏ ନେଇ ଜିଲା ପ୍ରଶାସନ ତରଫରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ହର୍ସଦ ଜନ ପ୍ରତିନିଧିଙ୍କୁ ଆଶ୍ୱସନା ଦେଇଛନ୍ତି । ସମ୍ପୃକ୍ତ ନିର୍ବାଚିତ ପ୍ରତିନିଧି ସମିତି ଅଧୀନରେ ଚାଲିଥିବା ବିଭିନ୍ନ ଜନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଭଞ୍ଜଦେଓଙ୍କୁ ମଧ ସାକ୍ଷାତ କରି ଅଭିଯୋଗ କରିଥିଲେ। ଅନ୍ୟପଟେ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ନ ଦେଲେ ସାମୂହିକ ଭାବେ ସମିତି ସଭ୍ୟା ଓ ସଭ୍ୟମାନେ ଇସ୍ତାଫା ପ୍ରଦାନ କରିବା ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି ।



ଜିଲାପାଳଙ୍କୁ ଭେଟୁଛନ୍ତି ସମିତିସଭ୍ୟାସଭ୍ୟ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଚାଳକ ମୃତ

**ଭବାନୀପାଟଣା,୧୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପାଷ୍ଟିକୁଡି ବେରଲାମାଲ ରେଡିଓ ଷ୍ଟେଶନ ନିକଟ ଜାତୀୟ ରାଜପଥ ୨୬ରେ ଏକ କାର ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଚାଳକ ହେଲେ ଧନବଳ ଶବର (୨୮) ଓ ତାଙ୍କ ଘର ଭବାନୀପାଟଣାରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। କାରରେ ଥିବା ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରି ନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଭବାନୀପାଟଣାରୁ କେସିଙ୍ଗା ଅଭିମୁଖେ ଏକ କାର୍ (ନଂ. ଓଡି ୨୨ ଏଫ୍ ୨୬୨୮) ଯାଉଥିବା ବେଳେ ବେରଲାମାଲଠାରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଜୋର ଥିଲା ଯେ ଗାଡିରେ ଚାପି ହୋଇଯିବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଓ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କ ଉଦ୍ଧାର କରିଥିଲେ। ପୋଲିସ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦମକଳ ବାହିନୀ ଦ୍ୱାରା ଗାଡି ଚାଳକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସଦର ଚିକିତ୍ସାଳୟକୁ ପଠାଯାଇଛି। ଭବାନୀପାଟଣା ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବାଦ୍ୟକାର ପୁରନ୍ଦର ବାରିକଙ୍କ ପରଲୋକ

ସୋନପୁର,୧୯।୯(ନି.ପ୍ର.) ସୁବର୍ଣ୍ଣପୁର ସହରର ପ୍ରସିଦ୍ଧ ଲୋକ ବାଦ୍ୟକାର ପୁରନ୍ଦର ବାରିକଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ପୁରନ୍ଦରଙ୍କୁ ବୁର୍ଲା ନିଆ ଯାଉଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରାର ପାଟ ଢୁଲିଆ(ମୁଖ୍ୟ ଢୁଲିଆ) ଥିଲେ । ପରିଣତ ବୟସରେ ଅସୁସ୍ଥତା ସତ୍ତ୍ୱେ ବି ସେ ଏହି କାର୍ଯ୍ୟ ଜାରି ରଖିଥିଲେ। ସମସ୍ତ ପ୍ରକାର ଲୋକବାଦ୍ୟ ଓ ଲୋକସଙ୍ଗୀତରେ ସେ ନିପୁଣ ଥିଲେ। ପାର୍ବଣ ସମୟରେ ସୁରେଶ୍ୱରୀ ଓ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ତାଙ୍କର ଷୋଳ ଭରଣୀ ବାଦ୍ୟକୁ ସମସ୍ତେ ଉପଭୋଗ କରୁଥିଲେ। ମହାଳୟାରୁ ପୂର୍ଣ୍ଣିମା ଯାଏଁ ବଳି ଢୋଲରେ ଗୁରୁ ଗମ୍ଭୀର ନାଦ ସୃଷ୍ଟି କରୁଥିବା ଜଣେ ଲୋକତତ୍ତ୍ୱବିଦ୍‌ଙ୍କୁ ଏ ମାଟି ହରାଇଲା। କାରଣ ବଳି ଯାତ୍ରାରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା । ଛୋଟ ସମୟରୁ ସେ ଏହି କାର୍ଯ୍ୟ କରି ଆସୁଥିଲେ । ମାଲେଶ୍ରୀ ସଙ୍ଗୀତ ଗାନରେ ମଧ ତାଙ୍କର ଦକ୍ଷତା ଥିଲା। ପାରମ୍ପରିକ ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ବଳିଯାତ୍ରାର ଠିକ୍ ପୂର୍ବରୁ ପୁରନ୍ଦରଙ୍କ ମୃତ୍ୟୁ ସହରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବହୁ ବିଶିଷ୍ଟ ବ୍ୟକ୍ତି ଆମ୍ବେଡକର ଛକସ୍ଥିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି। ପୁରନ୍ଦରଙ୍କର ୩ ପୁଅ ଓ ୪ଝିଅ ଅଛନ୍ତି। ଶୁକ୍ରବାର ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ରାମେଶ୍ୱରଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜ୍ୟେଷ୍ଠ ପୁଅ ଆନନ୍ଦ ବାରିକ ସୂଚନା ଦେଇଛନ୍ତି। ପୁରନ୍ଦରଙ୍କ ଶୂନ୍ୟସ୍ଥାନ ପୂରଣ ହେବା ଆଉ ସମ୍ଭବ ନୁହଁ ବୋଲି ସହରର ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ସରିଲା ଦୁଇଦିନିଆ ଆନ୍ଦୋଳନ

**ବଲାଙ୍ଗୀର ଅଫିସ,୧୯।୯**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ଦାବିରେ ଜିଲା ଓକିଲ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଦିଆଯାଇଥିବା ଦୁଇଦିନିଆ ବନ୍ଦ ପାଳନର ଦ୍ୱିତୀୟ ଦିନ ଜିଲାର ସମସ୍ତ ସରକାରୀ ଓ କର୍ପୋରେଟ୍ ଅଫିସ ବନ୍ଦ ରହିଥିଲା। ଗୁରୁବାର ପୂର୍ବାହ୍ନରେ ଆନ୍ଦୋଳନକାରୀ ବିଭିନ୍ନ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ସିଭିଲ କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଥିଲେ । ଓକିଲମାନଙ୍କ ଆନ୍ଦୋଳନ ଯୋଗୁଁ ଜିଲା ଓ ଦୌରାଜଜ୍‌ଙ୍କ ସମେତ ଅନ୍ୟ ବିଚାରପତିମାନେ କୋର୍ଟ ଭିତରକୁ ପ୍ରବେଶ କରପାରି ନ ଥିଲେ । ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଏବଂ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଦ୍ୱିତୀୟ ଦିନରେ ମଧ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଓକିଲ ସଂଘର ଶତାଧିକ ସଭ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ହାଇକୋର୍ଟର ସ୍ଥାୟୀ ବ୍ୟାଞ୍ଚ ସ୍ଥାପନ ହେଉଛି ବଲାଙ୍ଗୀରବାସୀଙ୍କ ନ୍ୟାର୍ଯ୍ୟ ଦାବି । ହାଇକୋର୍ଟ ବେଞ୍ଚ ବଲାଙ୍ଗୀରରେ ସ୍ଥାପନ କରା ନ ଯିବା ପର୍ଯ୍ୟନ୍ତ ସଂଘ ଓ କମିଟି ଏଭଳି ଆନ୍ଦୋଳନ ଜାରି ରଖିବେ ବୋଲି କୁହାଯାଇଛି । ଗଣଧାରଣାରେ ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, କାଉନସିଲର ପିତାମ୍ବର ଖମାରୀ, ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ଜନମୋର୍ଚ୍ଚାର ବାସୁଦେବ ରଥ, ପ୍ରଶାନ୍ତ ସେନାପତି, କଂଗ୍ରେସ ନେତା ବିଧୂଭୂଷଣ ତ୍ରିପାଠୀ, ଚନ୍ଦ୍ରମଣି ତ୍ରିପାଠୀ, ଜିଲା କଂଗ୍ରେସ କମିଟି ଉପସଭାପତି ଉମାକାନ୍ତ ସାହୁ, ଜିଲା ନଗର କଂଗ୍ରେସ କମିଟି ସଭାପତି ବୁଲୁ ଦାନୀ, ମନୀଷ ମିଶ୍ର, କୋସଲବାଦୀ ନେତା ମନୋରଞ୍ଜନ ସାହୁ, ବିଜେଡି ସଂଖ୍ୟା ଲଘୁ ସେଲ୍‌ର ସଭାପତି ଅସରଫ୍ ଅଲି ଖାନ୍, ଷ୍ଟାମ୍ପ ଭେଣ୍ଡର ସଂଘ ଉପସଭାପତି ରଘୁନାଥ ଶତପଥୀ, ବଲାଙ୍ଗୀର ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ବରିଷ୍ଠ ସଭ୍ୟ ଅମରେନ୍ଦ୍ର ମିଶ୍ର, ଭାବାନୀ ଶତପଥୀ, ନୋଟାରୀ କରୁଣାକର ଷଡଙ୍ଗୀ, ଗୋବିନ୍ଦ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଦୁଇଦିନିଆ ବନ୍ଦ ପରେ ପୁଣି ରଣନୀତି ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି । ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା, ସମସ୍ତ ବ୍ଲକ୍ ଓ ତହସିଲ ତଥା ଗ୍ରାମାଞ୍ଚଳରେ ମଧ ବନ୍ଦ ପାଳନ ଜୋରଦାର ହୋଇଥିଲା ।



ଜିଲା ଓକିଲ ସଂଘ ସଦସ୍ୟମାନେ ସିଭିଲ କୋର୍ଟ ସମ୍ମୁଖରୁ ବିଚାରପତିମାନଙ୍କୁ ଫେରାଉଛନ୍ତି ।

# ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ବିଧାୟକ

**କୋକସରା,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବିଧାୟକ ମୌଷଧି ବାଗ ଗୁରୁବାର କୋକସରା ବ୍ଲକର କେତେକ ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ପିଲାମାନଙ୍କୁ ପାଠ ପଢାଇବା ସହ ପିଲାଙ୍କ ସାଙ୍ଗରେ ମିଶି ତଳେ ବସି ମଧ୍ୟାହ୍ନ ଭୋଜନ ମଧ ଖାଇଛନ୍ତି । ବିଧାୟକ କୋକସରା ବ୍ଲକ କାଉଡୋଳା ପ୍ରାଥମିକ ବିଦ୍ୟାଳୟ, ବଡପୋଡାଗୁଡା ପ୍ରାଥମିକ ବିଦ୍ୟାଳୟ ଅଚାନକ ପହଞ୍ଚି ସ୍କୁଲର ପରିବେଶ ଓ ଭିତ୍ତିଭୂମି ବୁଲି ଦେଖିବା ସହ ପିଲାମାନଙ୍କ ପାଖରେ ବସି କେମିତି ପାଠପଢା ହେଉଛି, ସ୍କୁଲ ଶିକ୍ଷକମାନେ ନିୟମିତ ଆସୁଛନ୍ତି କି ନାହିଁ ବୋଲି ପଚାରିବା ସହ ସେମାନଙ୍କୁ ଗଣିତରେ ମେଳାଙ୍କ ଓ ପଣିକିଆ ଓ ଇଂଲିଶର କିଛି ଶବ୍ଦର ଉଚ୍ଚାରଣ କରିବାକୁ କହିଥିଲେ। ବଡପୋଡାଗୁଡା ପଞ୍ଚାୟତରେ ପହଞ୍ଚି ଆବାସ ଯୋଜନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରି ନିର୍ଦ୍ଧାରିତ ସମୟ ସୀମା ମଧରେ ଘର କାର୍ଯ୍ୟ ସମାପ୍ତ କରି ପ୍ରୋତ୍ସାହନ ରାଶି ପାଇଁବାକୁ ଚେଷ୍ଟା କରନ୍ତୁ ବୋଲି କହିଥିଲେ । ପରେ ଆମପାଣିଠାରେ ଥିବା ଜନଜାତି ଆବାସିକ ବିଦ୍ୟାଳୟକୁ ପହଞ୍ଚି ଏଠାରେ ରହୁଥିବା ଅନ୍ତେବାସୀମାନଙ୍କ ହଷ୍ଟେଲ ସହ ପାନୀୟ ଜଳ ଓ ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ପିଲାମାନଙ୍କ ସାଥିରେ ମିଶି ଭୋଜନ କରିଥିଲେ। ବିଧାୟକଙ୍କୁ ପାଖରେ ପାଇ ସ୍କୁଲ ଛାତ୍ରୀଛାତ୍ରମାନେ ଖୁସି ଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲର କର୍ମଚାରୀମାନଙ୍କ ସହ ବିଧାୟକ ଆଲୋଚନା କରି ଶିକ୍ଷାକୁ ବ୍ରତ ରୂପେ ଗ୍ରହଣ କରି ପିଲାମାନଙ୍କୁ ଉଚିତ ମାର୍ଗଦର୍ଶନ ଦିଅ ବୋଲି କହିଥିଲେ।



ଧର୍ମଗଡ ବିଧାୟକ ମୌଷଧି ବାଗ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

ସୂଚନା ଅଧିକାରରୁ ମିଳିଲା ସୂଚନା

## ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ସମ୍ପର୍କରେ ତଥ୍ୟ ଦିଆଯିବନାହିଁ

**ବଲାଙ୍ଗୀର ଅଫିସ, ୧୯।୯**

ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ସମ୍ପର୍କରେ ହାଇକୋର୍ଟ ସୂଚନା ଅଧିକାର ନିୟମାବଳୀର ଧାରା ୫(ଖ)ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟର ସୂଚନା ଅଧିକାରୀ ବି. ମହାପାତ୍ର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଜଣାଇଛନ୍ତି। ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଦୀର୍ଘ ବର୍ଷ ଧରି ଜାରି ରହିଛି ଏବଂ ଦୀର୍ଘଦିନ ଧରି ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି । ଏହାକୁ ଦୃଷ୍ଟିରେ ରଖି ସୂଚନା କର୍ମୀ ପଣ୍ଡା ସ୍ଥାୟୀ ବେଞ୍ଚ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶା ହାଇକୋର୍ଟଙ୍କ ସହ କରିଥିବା ପତ୍ରାଳାପ ଏବଂ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଆଲୋଚନା ନେଇ ତଥ୍ୟ ମଗାଯାଇଥିଲା। ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କ୍ଷମତାର କିଛି ଅଂଶ, ଅନ୍ୟ ଜିଲା କୋର୍ଟ ମାନଙ୍କର କେତେ ଦାବି ରହିଛି ଏବଂ ହାଇକୋର୍ଟ ସ୍ଥାପନ ପୂର୍ବରୁ ଅଧୁନା ଓଡିଶାରେ କାର୍ଯ୍ୟ କରୁଥିବା ହାଇକୋର୍ଟମାନଙ୍କ ସମ୍ପର୍କରେ ୮ଟି ତଥ୍ୟ ପଣ୍ଡା ମାଗିଥିଲେ। ହାଇକୋର୍ଟ ସୂଚନା ଅଧିକାର ଆଇନର ୫(ଖ) ଧାରା ଅନୁଯାୟୀ ସାର୍ବଜନିକ ବିଶୃଙ୍ଖଳା ଓ ଅନୁଷ୍ଠାନର ନିରାପତ୍ତା ପାଇଁ ସୂଚନା ପ୍ରଦାନକୁ ବାରଣ କରାଯାଇଥିବା ସୂଚନା କର୍ମୀ ପଣ୍ଡା ଜଣାଇଛନ୍ତି ।



ବଲାଙ୍ଗୀର-ଶିବତଲା ରାସ୍ତାର ଫୁଲଝରନ୍ ଗା ନିକଟ ରାସ୍ତାକଡରେ ଏକ ଗଛ ବିପଦସଙ୍କୁଳ ଅବସ୍ଥାରେ ମାସାଧିକ କାଳ ପଡିରହିଥିଲେ ବି ବିଭାଗୀୟ ଅଧିକାରୀଙ୍କ ନଜରକୁ ଆସୁନାହିଁ (ଫଟୋ-ସୁନୀଲ) ।

## ବନ ବିଭାଗ ପକ୍ଷରୁ ଧାନ କଳ, ସିଲେଇ ମେଶିନ ପ୍ରଦାନ

**ସେରଗଡ,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅନ୍ତର୍ଗତ ନର୍ଲା ବନାଞ୍ଚଳ ଅଧୀନ ବିମଲାପଦର ବନସୁରକ୍ଷା ସମିତି ପକ୍ଷରୁ ଧାନ କଳ ଓ ସିଲେଇ ମେଶିନ ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା, ପରିବେଶ ସଂରକ୍ଷଣ ଦିଗରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଗଠିତ ତ୍ରିମୂର୍ତ୍ତି ଆଞ୍ଚଳିକ ମଞ୍ଚକୁ ଏକ ଧାନକଳ ଏବଂ ଗ୍ରାମର ୨ଜଣ ବେକାର ଶିକ୍ଷିତ ଯୁବତୀ ତୁଳସା ମିର୍ଦ୍ଧା ଓ ତୁଳସା ମାଝିଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମିଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥାନ ପକ୍ଷରୁ ୨ଟି ସିଲେଇ ମେଶିନ ପ୍ରଦାନ କରାଯାଇଥିଲା । ଉତ୍ତର ମନଖଣ୍ଡ ଅଧିକାରୀ ନିତିଶ କୁମାର, ଏସିଏଫ୍ ବଂଶିଧର ସ୍ୱାଇଁଙ୍କ ପ୍ରୟାସ ଯୋଗୁ ଏହା ସଫଳ ହୋଇଛି। ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଜୀବିକା ଅର୍ଜନ କ୍ଷେତ୍ରରେ ଉନ୍ନତି ସାଧନା ନିମନ୍ତେ ଏକ ଗୋଷ୍ଠୀ ଉନ୍ନୟନ ବୈଠକ କରି ଆଲୋଚନା କରାଯାଇଥିଲା । ଏଥିରେ ନର୍ଲ ବନାଞ୍ଚଳ ଅଧିକାରୀ ନୃତରାଜ ମାଝି ଅଧ୍ୟକ୍ଷତା କରିଥିବା ବେଳେ ପି.ଏନ୍.ଜି.ଓ. ଗ୍ରାମ୍ୟ ବିକାଶ ସଙ୍ଗଠନ ଦଳପତି ସୁଜିତ କୁମାର ଦଳେଇ, ଡିଓ ଅଭୟ ବାଗ, ପଦ୍ମଲୋଚନ ସେନାପତି, ବେଲଗାଁ ସେକ୍ସନ ବନପାଳ ଭରତ ଭୂଷଣ ଶବର, ସେକ୍ସନ ଗାର୍ଡ ବନସୁରକ୍ଷା ସମିତି ସଭାପତି ପବିତ୍ର ମାଝିଙ୍କ ସହିତ ସମସ୍ତ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ ।

ବଲାଙ୍ଗୀର ସିନିୟର ଫୁଟବଲ ଲିଗ୍

## ସାଇଟ୍ ସଦାଇପାଲି-ଏପିଜେ ଲୋଇସିଂହା ଗ୍ରାଣ୍ଡ ଫାଇନାଲ

**ବଲାଙ୍ଗୀର ଅଫିସ, ୧୯।୯**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଅନୁଷ୍ଠିତ ସିନିୟର ନକ୍ ଆଉଟ୍ କମ୍ ଲିଗ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳ ସରିଥିଲା । ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଦ୍ୱିତୀୟ ସେମିଫାଇନାଲରେ ସାଇଟ ସ୍ପୋର୍ଟସ ସୋସାଇଟି ସଦାଇପାଲି ୨-୦ ଗୋଲରେ ଜେଏସ୍‌ସି ଖଲିଆପାଲିକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ସାଇଟ୍ ତରଫରୁ ମୁନା ବାରିକ ୨ଟି ଗୋଲ ଦେଇଥିଲେ। ମୁଖ୍ୟଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ ଅତିଥିଙ୍କ ସହ ପଡିଆକୁ ଯାଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ଖେଳକୁ ସୁଦୟ ବାରିକ, ସୁଶାନ୍ତ ନାଗ, ସୁଦର୍ଶନ ସେଠ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ । ଶୁକ୍ରବାର ସାଇଟ ସ୍ପୋର୍ଟସ ସୋସାଇଟି ସଦାଇପାଲି ବନାମ୍ ଏପିଜେ ଲୋଇସିଂହା ମଧରେ ଗ୍ରାଣ୍ଡ ଫାଇନାଲ ଖେଳ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ ।



ଦ୍ୱିତୀୟ ସେମିଫାନାଲ ମ୍ୟାଚ୍‌ର ମୁଖ୍ୟଅତିଥି ଏମପି ଅପରାଜିତା ଷଡଙ୍ଗୀଙ୍କ ସହ ଉଭୟ ଦଳର ଖେଳାଳି ଓ ଆୟୋଜକ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଭୂମିପୂଜନ

**କେସିଙ୍ଗା,୧୯।୯(ଡି.ଏନ.ଏ.)**

କେସିଙ୍ଗା ବ୍ଲକ ୨୬ଟି ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଭୂମିପୂଜନ କାର୍ଯ୍ୟକ୍ରମ ବ୍ଲକ ପ୍ରଶାସନଙ୍କ ଉପସ୍ଥିତିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ବ୍ଲକରେ ୨୦୧୯-୨୦ ଆର୍ଥିକ ବର୍ଷରେ ୨ ହଜାର ୧୦ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଦେବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୨୭ କୋଟି ୩ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ହିତାଧିକାରୀ ୩ ମାସ ଭିତରେ ଗୃହ ନିର୍ମାଣ କାମ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହିନ ଅର୍ଥ ଦେବା ବ୍ୟବସ୍ଥା ରହିଛି । ନାସିଗାଁ ଗ୍ରାମପଞ୍ଚାୟତର ପ୍ରଫୁଲ୍ଲ ତ୍ରିପାଠୀଙ୍କ ଜମିରେ ଭୂମିପୂଜନ କରାଯାଇ କଲମ ଓ ଫାଉଣ୍ଡେସନ କାମ ଆରମ୍ଭ କରିଥିଲେ। ସେହିପରି ଅଧମୁଣ୍ଡା ଗ୍ରାମ ପଞ୍ଚାୟତର ବିଦ୍ୟା ଗୌଡ, ମହେଶ୍ୱର ମାଝିଙ୍କ ସମେତ କେସିଙ୍ଗା ବ୍ଲକର ତୁଣ୍ଡଲା, ତୁର୍ଲାଖମନ, ନୁନମାଠ, କନ୍ତେଶିର ଗ୍ରାମପଞ୍ଚାୟତରେ ମଧ ବିଡିଓ ସରପଞ୍ଚ, ପିଇଓଙ୍କ ଉପସ୍ଥିତିରେ ଭୂମିପୂଜନ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି । ପାଷ୍ଟିକୁଡି ପିଇଓ ଆକାଶ ସାହୁ, ଆଦିତ୍ୟ ସାହୁ, ସୁଭଶ୍ରୀ ତ୍ରିପାଠୀ, ବିପିଏମ ମହାପାତ୍ର ବାବୁଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ଭୂମିପୂଜନ କାଯର୍‌ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ହିତାଧିକାରୀଙ୍କ ଗୃହ ବଢ଼ାଇବା ସହିତ ୩ ମାସ ଭିତରେ ଘର କାମ କରିବା ପାଇଁ ନୂତନ ପ୍ରଣାଳୀରେ କାମ କରାଯିବା ଭିତ୍ତି ପ୍ରକାଶ କରିଥିଲେ ।

# ବିଜୁ ଯୁବବାହିନୀର ଚାରାରୋପଣ

**ଟିଟିଲାଗଡ, ୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡରେ ବିଜୁ ଯୁବ ବାହିନୀ ତରଫରୁ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସମେତ ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ପୂର୍ବତନ କାଉନସିଲ ସଭ୍ୟାସଭ୍ୟଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ବିଜୁ ଯୁବ ବାହିନୀ ସଦସ୍ୟ ଓ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ବିଦ୍ୟାର୍ଥୀ ।

ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍

# ଗୁଡ୍‌ମର୍ଣ୍ଣିଂ କ୍ଲବ ୬-୧ରେ ବିଜୟୀ

**ଭବାନୀପାଟଣା,୧୯।୯(ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ଗୁରୁବାର ପଞ୍ଚମ ଦିବସରେ ଗୁଡ୍‌ମର୍ଣ୍ଣିଂ କ୍ଲବ ବନାମ ଏନ୍‌ଡିସିସି ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୁଡ୍ ମର୍ଣ୍ଣିଂ କ୍ଲବ ୬-୧ ଗୋଲରେ ବିଜୟୀ ହୋଇଥିଲା। ଗୁଡ୍ ମର୍ଣ୍ଣିଂ କ୍ଲବ ତରଫରୁ ଦେବ ଗଉଡ ୩ ଗୋଲ, ଲିଙ୍ଗରାଜ ସୁନାନୀ ୧ ଗୋଲ, ଟୁନା ଶବର ୧ ଓ ପପୁ ମାଝି ୧ ଗୋଲ ଦେଇଥିଲେ। ଏନ୍‌ଡିସିସି ତରଫରୁ ଅଜିତ୍ ଗୋଟାଏ ଗୋଲ ଦେଇଥିଲେ। ଫଳରେ ଗୁଡ୍‌ମର୍ଣ୍ଣିଂ କ୍ଲବ ବିଜୟୀ ହୋଇଥିଲା। ପଞ୍ଚମ ଦିବସ ମ୍ୟାଚ୍‌ରେ ଅତିଥି ଭାବେ ରାଜିବ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚମ ଦିବସରେ ଅର୍ନ୍ତଜାତୀୟ ଫୁଟବଲ ରେଫରି ନବୀନ ନାଏକ, ମନୋଜ କୁମାର ବିଶ୍ୱାଳ, ପିଭି ରାଓ, ଦେବେନ୍ଦ୍ର ରାଉତ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରୀପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସନ୍ତୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।



ଫୁଟବଲ ଲିଗ୍‌ର ପଞ୍ଚମ ଦିବସ ମ୍ୟାଚ୍‌ରେ ଖେଳାଳିଙ୍କ ଅତିଥି ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ସର୍ପାଘାତରେ ଯୁବକଙ୍କ ମୃତ୍ୟୁ

**ହେମଗିର, ୧୯।୯ (ଡି.ଏନ.ଏ):** ହେମଗିର ପଞ୍ଚାୟତର ଖୁଣ୍ଟିପାଣି ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ଘଟିଛି। ଗତ ବୁଧବାର ରାତିରେ ଖୁଣ୍ଟିପାଣି ଗ୍ରାମର ରାଜକୁମାର ଧନୁଆର (୪୫) ଖାଇପିଇ ତଳେ ବିଛଣା ପାରି ଶୋଇଥିଲେ। ରାତି ପ୍ରାୟ ୯ଟାରେ ଏକ ବିଷାକ୍ତ ସାପ କାମୁଡିଥିଲା। ସଙ୍ଗେ ସଙ୍ଗେ ଗାଁ ଲୋକେ ହେମଗିର ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ହେମଗିର ଥାନାରେ ଏକ ମାମଲା (ନଂ. ୨୧/୧୯) ରୁଜୁ କରାଯାଇଛି।

### ଅବକାରୀ ଚଢ଼ାଉ, ନଷ୍ଟ କଲେ ୧୫ କୁଇଣ୍ଟାଲ ପୋଚ

**ବଡ଼ଗାଁ, ୧୯।୯ (ଡି.ଏନ.ଏ):** ବଡ଼ଗାଁ ଥାନା ଅନ୍ତର୍ଗତ ରାଏଡିହି ଗ୍ରାମ ନିକଟ ସଫେଇ ନଦୀ ତଟରେ ଦେଶୀ ମହୁଲି ମଦ ରନ୍ଧା ଯାଉଥିବା ସୂଚନାକ୍ରମେ ବଡଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ନିର୍ଦ୍ଦେଶରେ ଚଢ଼ାଉ କରି ୧୫ କୁଇଣ୍ଟାଲ ପୋଚ ନଷ୍ଟ କରାଯାଇଥିବା ଜଣାପଡିଛି । ଅବକାରୀ ଏଏସଆଇ ରାଜେଶ ପଟେଲ, ଥାନା ଏଏସଆଇ ଶ୍ରୀନାଥ ରାଉତ, କ୍ରାଇମ ହାବିଲଦାର ସୁନୀଲ ନାଏକଙ୍କ ସହିତ ପିଆର କର୍ମଚାରୀ ଚଢ଼ାଉ କରିଥିଲେ। ମଦ କାରବାର କରୁଥିବା ଲୋକେ ମାଟିତଳେ ଜରିରେ ପୋଚ ମଦ ରାନ୍ଧିବା ପାଇଁ ରଖିଥିଲେ । ୬ଟି ସ୍ଥାନରେ ମାଟି ଖୋଳି ପୋଲିସ ଓ ଅବକାରୀ କର୍ମଚାରୀ ପୋଚ ବାହାର କରି ନଷ୍ଟ କରିଥିଲେ ।

■ ହାତୀପଲ ଉପଦ୍ରବ ଯୋଗୁ ବ୍ୟାପକ କ୍ଷୟକ୍ଷତି

# ବନ ବିଭାଗ କାର୍ଯ୍ୟାଳୟ ଘେରାଉ

**ବଡ଼ଗାଁ, ୧୯।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବନଖଣ୍ଡ ଅଧିନ ବଡ଼ଗାଁ ଅଞ୍ଚଳରେ ଥିବା ୪୦ ହାତୀଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଘର ଭାଙ୍ଗିବା ସହିତ ଘରର ଧାନଚାଉଳ ଖାଇ ନଷ୍ଟ କରୁଛନ୍ତି। ବିଲରେ ଫସଲ ନଷ୍ଟ କରୁଛନ୍ତି। ହାତୀପଲକୁ ଘଉଡାଇବା, ବିଗତବର୍ଷର କ୍ଷତିପୂରଣ ରାଶି ପ୍ରଦାନ ଆଦି ବିଭିନ୍ନ ଦାବିକରି ଲୋକେ ଆନ୍ଦୋଳନ କରିଛନ୍ତି। ଉଦାରମା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଗୁରୁବାର ପୂର୍ବାହ୍ନରେ ବଡ଼ଗାଁ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହା ଉପରେ ସେମାନେ ରେଞ୍ଜରଙ୍କୁ ଦାବିପତ୍ର ଦେଇଛନ୍ତି। ରଘୁନାଥ ସିଂ, ଜୟଚାନ୍ଦ ସିଂ, ସାବିଆନ ବାଗ, କିଶୋର ମାହାର, ଅଭିରାମ ବାଗେ, ବିରାଜ ସାମାଦ, ସମିତି ସଭ୍ୟା ନନ୍ଦିନୀ ସିଂ, ଉଦୟ ବାଗେ ପ୍ରମୁଖଙ୍କ ଦସ୍ତଖତ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହାତୀ କ୍ଷୟକ୍ଷତି କରିଥିବାରୁ ବୁଧବାର ମଧ୍ୟାହ୍ନ ୧ଟାରେ ଉଦାରମା ଗ୍ରାମରେ ବୈଠକ କରିଥିଲୁ। ଏହି ବୈଠକରେ ବଡ଼ଗାଁ ଫରେଷ୍ଟ ଅଫିସରଙ୍କୁ ଡକାଯାଇଥିଲା। କିନ୍ତୁ କେହି କର୍ମଚାରୀ ବୈଠକରେ ଯୋଗଦେଲେ ନାହିଁ। ବଣୁଆ ହାତୀପଲ ଘଉଡାଇବା ପାଇଁ ଦାବି ଜଣାଇବା ସହିତ ବିନା ମୂଲ୍ୟରେ ମୋବିଲ, କିରୋସିନ, ଅଖାବସ୍ତା, ଲାଇଟ୍ ଯୋଗାଇ ଦେବା, ବନ କର୍ମଚାରୀଙ୍କ ଉପସ୍ଥିତିରେ ହାତୀ ଘଉଡାଇବା, କ୍ଷୟକ୍ଷତିର କ୍ଷତିପୂରଣ ବ୍ୟବସ୍ଥା କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡୁଡାଲଗା ସେକସନ୍‌ର ସିଆଲଯୋର ଗାଁ ନିକଟ ଜଙ୍ଗଲରେ ୧୯, କୁସୁମଡେଗି ବିଟ୍ ଅଧିନ ଉଦାରମା ଗାଁ ନିକଟ ଜଙ୍ଗଲରେ ୧୯ ଓ ବଡଗାଁ ସେକସନ୍‌ର କିଞ୍ଜିରକେଲା ଗାଁ ନିକଟ ଜଙ୍ଗଲରେ ୨ଟି ହାତୀ ଅବସ୍ଥାନ କରୁଛନ୍ତି। ୩ଟି ସ୍ଥାନରେ ଥିବା ହାତୀପଲଙ୍କୁ ଘଉଡାଇବା ପାଇଁ ବନ କର୍ମଚାରୀ ଉଦ୍ୟମ କରି ଆସୁଛନ୍ତି। କେତେକ ଗ୍ରାମବାସୀଙ୍କ ସହଯୋଗ ମିଳୁ ନ ଥିଲାବେଳେ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିବା ରେଞ୍ଜରଙ୍କଠାରୁ ପ୍ରକାଶ। ଏହିଅଭିଯୋଗ ଉପରେ ରେଞ୍ଜର ବିଜୟ ମହାପାତ୍ରଙ୍କୁ ପଚାରିବାରେ ହାତୀ ଘଉଡାଇବାରେ ଗ୍ରାମବାସୀ ସହଯୋଗ କଲେ କ୍ଷୟକ୍ଷତିକୁ କିଛି ପରିମାଣରେ ରୋକା ଯାଇପାରିବ ବୋଲି କହିଥିଲେ।



ରେଞ୍ଜର ବିଜୟ ମହାପାତ୍ରଙ୍କୁ ଦାବିପତ୍ର ଦେଉଛନ୍ତି ଗ୍ରାମବାସୀ।

**ବଡ଼ଗାଁ ବ୍ଲକ**
- ବିନା ମୂଲ୍ୟରେ କିରୋସିନ, ଅଖାବସ୍ତା, ଲାଇଟ୍ ଯୋଗାଯାଉ
- ବନବିଭାଗ କର୍ମଚାରୀଙ୍କ ଉପସ୍ଥିତି ହାତୀ ଘଉଡ଼ାଯାଉ
- ବିଗତବର୍ଷର କ୍ଷତିପୂରଣ ଦାବି

# ଗାନ୍ଧୀଶାନ୍ତି ପ୍ରତିଷ୍ଠାନ ପୁନର୍ଗଠିତ

**ରାଉରକେଲା ଅଫିସ,୧୯। ୯**

ଗତ ୧୯୫୮ରେ ଆରମ୍ଭ କରାଯାଇଥିବା ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପରବର୍ତ୍ତୀ ସମୟରେ ଦେଶ ଓ ଦେଶ ବାହାରେ ଏହାର ଶାଖା ଖୋଲିଥିଲା। ଗାନ୍ଧିଙ୍କ ବାର୍ତ୍ତା ବିଚାରଧାରା କିପରି ପ୍ରତି ସ୍ତରରେ ପହଞ୍ଚି ପାରିବ ସେନେଇ ଯୋଜନା କରାଯାଇଥିଲା। କାଳକ୍ରମେ ନିଷ୍କ୍ରିୟ ହୋଇ ପଡିଥିବା ଏହି କେନ୍ଦ୍ରଗୁଡିକୁ କିପରି ସକ୍ରିୟ କରାଯିବ ସେନେଇ ପ୍ରୟାସ ଆରମ୍ଭ କରାଯାଇଛି। ଏନେଇ ଗତ ମାସରେ ସଙ୍ଗଠନର କେନ୍ଦ୍ରୀୟ କର୍ମକର୍ତ୍ତା କୁମାର ପ୍ରଶାନ୍ତ, ରାଜ୍ୟ ଶାଖା ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସଂଯୋଜକ ବିଶ୍ୱଜିତ ରାୟ, ଉତ୍କଳ ଗାନ୍ଧି ସ୍ମାରକନିଧିର ଅଧକ୍ଷା କୃଷ୍ଣା ମହାନ୍ତି ପ୍ରମୁଖ ରାଉରକେଲା ଗସ୍ତରେ ଆସି ସାଂପ୍ରତିକ ଅବସ୍ଥାରେ ଗାନ୍ଧି ଦର୍ଶନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କର୍ମକର୍ତ୍ତା ବିଭିନ୍ନ ସଂଘ ସଂଗଠନ ସହ ଆଲୋଚନ କରିଥିଲେ। ଏଠାରେ ରହିଥିବା ଗାନ୍ଧି ଶାନ୍ତି ପ୍ରତିଷ୍ଠାନକୁ କିପରି କ୍ରିୟାଶୀଳ କରାଯିବ ସେନେଇ ଆଲୋଚନା କରାଯାଇ ଥିଲା। ସେହି ଅନୁଷାରେ ରାଉରକେଲା କେନ୍ଦ୍ର ପୁନର୍ଗଠନ କରାଯାଇଛି। ଏଥିରେ ଶ୍ରମିକ ନେତା ବୈଦ୍ୟନାଥ ଦାସଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିବା ବେଳେ ଅବସରପ୍ରାପ୍ତ ଅଧକ୍ଷା ହରପ୍ରିୟା ମହାନ୍ତି, ଆଇନଜିବୀ ନାରାୟଣ ପ୍ରସାଦ ଦାସ, ଆଇନଜିବୀ ଗିରିଶ ମହାପାତ୍ର, ଅବସରପ୍ରାପ୍ତ ମହାପ୍ରବନ୍ଧକ ଅଭୟ ଦାସ, ସାମାଜିକ କର୍ମୀ ରବି ଦାସ ଓ ବିଷ୍ଣୁଦୟାଲ ଅଗ୍ରୱାଲଙ୍କୁ ଏଥିରେ ସଦସ୍ୟ ଭାବେ ଗ୍ରହଣ କରାଯାଇଥିବା ହେମନ୍ତ ବେଉରା ସୂଚନା ପ୍ରଦାନ କରିଛନ୍ତି।

# କିନ୍ନରଙ୍କ ସମାବେଶ ୨୩ରେ

**ରାଉରକେଲା ଅଫିସ,୧୯। ୯:** ସମାଜର ମୂଖ୍ୟ ସ୍ରୋତରେ କିନ୍ନର ସମାଜ ସାମିଲ ହେବାକୁ ହେଲେ ଏନେଇ ବ୍ୟାପକ ବିଚାର ବିମର୍ଷ ଆବଶ୍ୟକ। ଏଥିସହ ସକାରାତ୍ମକ ପଦକ୍ଷେପ ଜରୁରୀ ବୋଲି ଉତ୍ତର ଓଡିଶା କିନ୍ନର ସଂଘ ଅଧକ୍ଷା ଜୟା ତ୍ରିପାଠୀ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଆସନ୍ତା ୨୩ ସେପ୍ଟେମ୍ବର ପୂର୍ବାହ୍ନ ୧୧ଟାରେ ରାଉରକେଲା ହନୁମାନ ବାଟିକା ପରିସରରେ ଏକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କିନ୍ନର ଗୋଷ୍ଠୀ ଯୋଗ ଦେବେ। ସାମାଜିକ ଜୀବନରେ ସ୍ୱାଭାବିକ ଜୀବନଯାପନ କରିବା, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ସହ ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନତା ନେଇ ଏହି ସମାବେଶରେ ଆଲୋଚନା କରାଯିବ। ସମାଜରେ ସମ୍ମାନ ଓ ସ୍ୱଚ୍ଛନ୍ଦରେ କିପରି କିନ୍ନରମାନେ ବସବାସ କରିବେ ସେ ଦିଗରେ ଚର୍ଚ୍ଚା କରାଯିବ। ଏହି ଅବସରରେ ବହୁ ପ୍ରତିଷ୍ଠିତ ଅଧିକାରୀ ଉପସ୍ଥିତ ରହି ମାର୍ଗଦର୍ଶନ କରିବେ। ରାଜ୍ୟ ସଙ୍ଗଠନ ସଭାନେତ୍ରୀ ମୀରା ପରିଡା ମଧ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜୟା ସୂଚନା ପ୍ରଦାନ କରିଛନ୍ତି।

## ଫଟୋରେ ଖବର


ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବମଣ୍ଡପରେ ଭାଗବତ ସପ୍ତାହ ଉପଲକ୍ଷେ ଗୁରୁବାର କଳସ ଶୋଭାଯାତ୍ରା।

### ଦୁଇ ଦୋକାନରୁ ଚୋରି

**ବଡଗାଁ, ୧୯।୯ (ଡି.ଏନ.ଏ)**

ବଡଗାଁ ବସଷ୍ଟାଣ୍ଡଠାରେ ଥିବା ବୈଦ୍ୟୁତିକ ଯନ୍ତ୍ରାଂଶ ମରାମତି ଦୋକାନରୁ ବୁଧବାର ରାତିରେ ଚୋରମାନେ ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ବସଷ୍ଟାଣ୍ଡଠାରେ ଥିବା ଅଜିତ ଦାସଙ୍କ ମରାମତି ଦୋକାନରୁ ୧୦ କେଜି ତମ୍ବାତାର, ୩ଟି ମୋଟର, ମରାମତି ସାମଗ୍ରୀ ଚୋରୀ କରିନେଇଥିଲା ବେଳେ ମିନିଷ୍ଟାଡିୟମ ସମ୍ମୁଖ ପାନ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଏହି ଚୋରି ଘଟଣା ପରେ ଲୋକେ ନାନାଦି ଆଲୋଚନା କରୁଛନ୍ତି।

### ମନ୍ଦିର ପରିସରରେ ଚାରାରୋପଣ

**ବେଦବ୍ୟାସ, ୧୯।୯ (ଡି.ଏନ.ଏ)**

ବେଦବ୍ୟାସ ଟିସିଆଇ ଛକ ସ୍ଥିତ ବିଶ୍ୱକର୍ମା ମନ୍ଦିର ପରିସରରେ ବେଦବ୍ୟାସ ସହୀଦ ସ୍ମୃତି କମିଟି ଆନୁକୂଲ୍ୟରେ ବୁଧବାର ଚାରା ରୋପଣ ଅନୁଷ୍ଠିତ ହୋଇଥିଲା। ବିଶ୍ୱକର୍ମା ମନ୍ଦିର କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ସମାଜସେବୀ ରମେଶ କୁମାର କିଲା ଯୋଗଦେଇ ଗୋଟିଏ ବୃକ୍ଷରୋପଣ କରିବା ସହ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବେଦବ୍ୟାସ ସହୀଦ ସ୍ମୃତି କମିଟିର ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଗୋଟିଏ ଫୁଲ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଶର୍ମା, ଜିତେନ୍ଦ୍ର ଶର୍ମା, ବୀରେନ୍ଦ୍ର ଶର୍ମା, ନିରଞ୍ଜନ ଶର୍ମା ଓ ମନୋହର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ସମ୍ବର୍ଦ୍ଧନା

**ବଡ଼ଗାଁ, ୧୯।୯ (ଡି.ଏନ.ଏ)**

**ବଡ଼ଗାଁ ଆଇଟିଆଇ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ଅବସରରେ ରକ୍ତଦାନ ଶିବିର, ସାଂସ୍କୃତିକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବିଶ୍ୱକର୍ମା ପୂଜା ହୋଇଥିଲା ବେଳେ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲା ସରକାରୀ ଡ଼ାକ୍ତରଖାନା ଏବଂ ସୁନ୍ଦରଗଡ଼ ବ୍ଲକ ବ୍ୟାଙ୍କ କର୍ମଚାରୀମାନେ ୮୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ସନ୍ଧ୍ୟାରେ ଆଇଟିଆଇର ସ୍କାଉଟ, ଗାଇଡମାନଙ୍କୁ ନେଇ ସଭା ହୋଇଥିଲା। ଏହି ସଭାରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି, ରାଉରକେଲା ସ୍କାଉଟ ଗାଇଡ ସଭାପତି ନାରାୟଣ ପତି, ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଘରୋଇ ଆଇଟିଆଇ ସଂଘ ରାଜ୍ୟ ସଭାପତି ଗଦାଧର ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଅବଦୁଲ କାଲାମ ରୋଭର କ୍ରିୟୁ ଓ ମଦର ଟେରେସା ରେଞ୍ଜର ଟିମରେ ନୂତନ କରି ଯୋଗଦେଇଥିବା ରୋଭର, ରେଞ୍ଜରମାନଙ୍କୁ ଶପଥପାଠ କରାଯାଇଥିଲା। ଏହି ଶପଥପାଠ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ସାମାଜିକକର୍ମୀ ମଧୁସୂଦନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କାଉଟ, ଗାଇଡ ରେଞ୍ଜରମାନଙ୍କୁ ନେଇ ନୂତନ ଗଠିତ ମଦର ଟେରେସା ରେଞ୍ଜର ବାର୍ଡକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ପୂଜା ଉପଲକ୍ଷେ ଆଇଟିଆଇ ଲାୟନ୍ସ କ୍ଲବ ଦ୍ୱାରା ୧୪ ତାରିଖ ହୋଇଥିବା ଡ୍ରଇଂ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହା ପରେ ଆଇଟିଆଇ ଛାତ୍ରୀଛାତ୍ର, କର୍ମଚାରୀ ଏବଂ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଇଟିଆଇର ଅଧକ୍ଷ ଡ. ଅରୁଣ କୁମାର ନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ବିଧାୟକଙ୍କ ସହିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି ।

■ ବକେୟା ଦରମା ଦେବା ପାଇଁ ଦାବି

# ଆଧୁନିକ ମେଟାଲିକ୍ସ କର୍ମଚାରୀଙ୍କ ଧାରଣା

**କୁଆଁରମୁଣ୍ଡା,୧୯।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚାର୍ଡିହରିହରପୁର ନିକଟସ୍ଥ ଆଧୁନିକ ମେଟାଲିକ୍ସ କାରଖାନାର ଶ୍ରମିକ, କର୍ମଚାରୀମାନେ ସେମାନଙ୍କ ବକେୟା ଦରମା ପାଇଁ ଗୁରୁବାର ବନ୍ଦ ପଡ଼ିଥିବା ଏହି କାରଖାନାର ସମ୍ମୁଖ ଫାଟକରେ ଧାରଣା ଦେଇଥିଲେ । ଖବର ପାଇ ବୀରମିତ୍ରପୁର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଶ୍ରମିକ, କର୍ମଚାରୀମାନଙ୍କୁ ବୁଝାଶୁଝା କରିବା ସହ କାରଖାନା କର୍ତ୍ତୃପକ୍ଷଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ଚଳିତ ମାସ ୨୬ ତାରିଖରେ ସେମାନଙ୍କ ବକେୟା ଦରମା ପ୍ରଦାନ କରାଯିବ ବୋଲି କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଉକ୍ତ ଦିନରେ କର୍ମଚାରୀମାନଙ୍କୁ କେତେ ମାସର ବକେୟା ଦରମା ପ୍ରଦାନ କରାଯିବ ସେ ନେଇ କୌଣସି ସନ୍ତୋଷଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆଗାମୀ ଦିନରେ ମଧ୍ୟ ଶ୍ରମିକମାନଙ୍କ ପକ୍ଷରୁ ଧାରଣା ଜାରି ରହିବାର ସମ୍ଭାବନା ରହିଛି। ସୂଚନାଥାଉକି, ଚାର୍ଡିହରିହରପୁରସ୍ଥିତ ଆଧୁନିକ ମେଟାଲିକ୍ସ କାରଖାନା ସୁନ୍ଦରଗଡ଼ ଜିଲାର ବୃହତ୍ତମ ସ୍ପଞ୍ଜ କାରଖାନା। ଏଥିରେ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ, କର୍ମଚାରୀ କାର୍ଯ୍ୟ କରୁଥିଲେ। ମାତ୍ର ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି କାରଖାନା ବନ୍ଦ ହୋଇପଡ଼ିଥିବାରୁ କୁଆଁରମୁଣ୍ଡା ଓ ଏହାର ଆଖପାଖରେ ଘରଭଡ଼ା ନେଇ ରହୁଥିବା ଅନେକ ଶ୍ରମିକ ପରିବାର କାମଧନ୍ଦା ନ ପାଇ ଅଞ୍ଚଳ ଛାଡି ପଳାଇବାକୁ ବାଧ୍ୟ ହେଉଛନ୍ତି।

■ ସରବତୀଦେବୀ ମହିଳା ମହାବିଦ୍ୟାଳୟ

# ଆଦିବାସୀ ମହିଳା କର୍ମଚାରୀଙ୍କୁ ନିର୍ଯାତନା

**ରାଜଗାଙ୍ଗପୁର, ୧୯।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀଦେବୀ ମହିଳା ମହାବିଦ୍ୟାଳୟରେ ଜନୈକା ଆଦିବାସୀ ମହିଳା କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ସୁନ୍ଦରଗଡ଼ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏସ୍‌ପି ତଦନ୍ତ ପାଇଁ କୁତ୍ରା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଏହି ଘଟଣାକୁ ନେଇ ଆଦିବାସୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

କୁତ୍ରା ଅଞ୍ଚଳର ଜନୈକା ଆଦିବାସୀ ଯୁବତୀ ୨୦୧୪ ରେ ଏହି ମହିଳା ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ସେ ନିଯୁକ୍ତି ପାଇଲା ପରେ ମହାବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ମାନସିକ ନିର୍ଯାତନା ଦେଇଚାଲିଥିଲେ। ଏପରିକି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ଚାପ ସୃଷ୍ଟି କରୁଥିଲେ। ଏନେଇ କର୍ମଚାରୀ ଜଣକ ଅଧକ୍ଷଙ୍କୁ ମୌଖିକ ଆକାରରେ ଜଣାଇଥିଲେ। କିନ୍ତୁ ଏବାବଦରେ ସେ କୌଣସି ନିଷ୍ପତ୍ତି ନେଇ ନ ଥିଲେ। ପରେ ଉକ୍ତ କର୍ମଚାରୀ ନିଜ ଅଭିଯୋଗକୁ ଅନଲାଇନ ମାଧ୍ୟମରେ ଗତ ୪ ତାରିଖରେ ଏସପିଙ୍କ ନିକଟକୁ ପଠାଇ ଦେଇଥିଲେ। ଏସ୍‌ପି ସୌମ୍ୟା ମିଶ୍ର ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କୁ ଦାୟୀତ୍ୱ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡିଛି। ଅଭିଯୋଗକାରୀ କହିଛନ୍ତି, ଉକ୍ତ ଘଟଣାକୁ ଚପାଇ ଦେବା ପାଇଁ ବିଭିନ୍ନ ମହଲରୁ ଚାପ ସୃଷ୍ଟି କରାଯାଉଛି। ଯଦି ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆ ନ ଯାଏ, ତା'ହେଲେ ଆନ୍ଦୋଳନପନ୍ଥା ଗ୍ରହଣ କରାଯିବ ବୋଲି ବିଭିନ୍ନ ମହଲରୁ ଚର୍ଚ୍ଚା ହେଉଛି ।

# ଅବ୍ୟବସ୍ଥା ଘେରରେ ବୀରମିତ୍ରପୁର ଉପକୋଷାଗାର

**ନୂଆଗାଁ, ୧୯।୯ (ଡି.ଏନ.ଏ)**

ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଅଟକି ରହୁଛି ବିଲ୍ । କାମ କରି ସୁଦ୍ଧା ବିଲ୍ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେ ସୁଦ୍ଧା ବ୍ଲକସ୍ତରୀୟ କର୍ମଚାରୀ ଓ ଅଧିକାରୀମାନେ ଉପକୋଷାଗାର (ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ)ର ଆଳଦେଖାଇ ଦିନ ପରେ ଦିନ ଗଡାଇ ଚାଲୁଛନ୍ତି । ତଥାପି ମିଳୁନି ଟଙ୍କା। ଏଭଳି ଗୁରୁତର ଅଭିଯୋଗ ଆସିଛି ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରୁ । ମିଳିଥିବା ସୂଚନା ମୁତାବକ ବ୍ଲକରେ କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ବିଧାୟକ ଫଣ୍ଡ, ଆମ ଗାଁ ଆମ ବିକାଶ, ଏସ୍‌ପିଏଫ (ସ୍ପେଶାଲ ପ୍ରୋବଲେମ୍ ଫଣ୍ଡ) ଏସଡିପି (ସ୍ପେଶାଲ ଡେଭଲପମେଣ୍ଟ ପ୍ରୋବଲେମ୍ ଫଣ୍ଡ) ଭଳି ଅନେକ ଫଣ୍ଡରୁ ଉକ୍ତ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ହେଲେ କାମ ସରିଲା ପରେ ବିଲ ପାଇଁ ବୀରମିତ୍ରପୁର ସବ୍ ଟ୍ରେଜେରୀ କାର୍ଯ୍ୟାଳୟ (ଉପକୋଷାଗାର)କୁ ବିଲ୍ ପାସ ପାଇଁ ଯାଇଥାଏ। ହେଲେ ସେଠାରେ ମାସ ମାସ ଧରି ବିଲ ପାସ ହେଉ ନ ଥିବାରୁ କାର୍ଯ୍ୟ କରିଥିବା ଠିକାଦାରମାନେ ଟଙ୍କା ପାଇପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ବ୍ଲକରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ବିଭାଗୀୟସ୍ତରୀୟ କରାଯାଉଥିବା ବେଳେ ସମସ୍ତ କାର୍ଯ୍ୟର କାର୍ଯ୍ୟାଦେଶ ବ୍ଲକର କନିଷ୍ଠଯନ୍ତ୍ରୀ କିମ୍ବା ପଞ୍ଚାୟତର ନିର୍ବାହୀ ଅଧିକାରୀମାନଙ୍କର ନାଁରେ ରହିଥାଏ। ହେଲେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ କିମ୍ବା ନିର୍ବାହୀ ଅଧିକାରୀମାନେ ଠିକାଦାରମାନଙ୍କ ଜରିଆରେ କାମ କରାଇଥାଆନ୍ତି। ହେଲେ କାମ କରିଥିବା ଠିକାଦାରମାନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି କାର୍ଯ୍ୟ କରିଥାଆନ୍ତି। କିନ୍ତୁ ବିଲ୍ ମିଳିଲା ବେଳକୁ ମାସ ମାସ ଧରି ସମୟ ଲାଗିଥାଏ। ଯାହାକୁ ନେଇ ଠିକାଦାର ମହଲରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ବୀରମିତ୍ରପୁର ଉପକୋଷାଗାର କାର୍ଯ୍ୟାଳୟକୁ ଯୋଗାଯୋଗ କଲା ପରେ ଜଣାପଡିଲା ଯେ, ପ୍ରକୃତରେ ବ୍ଲକ କର୍ତ୍ତୃପକ୍ଷ ଭୁବନେଶ୍ୱର ସ୍ଥିତ ଏଜି କାର୍ଯ୍ୟାଳୟରେ ଭାଉଚର ଜମା ନ କରି କେବଳ ଚେକ୍‌ଗୁଡିକ ଆଣି ବୀରମିତ୍ରପୁର ସବ୍‌ଟ୍ରେଜେରୀରେ ଜମା କରିଥାଆନ୍ତି। ଫଳରେ ବିଲ୍ ପାସ କରିବା ସମ୍ଭବ ହୁଏ ନାହିଁ। ପୁଣି ବ୍ଲକ କର୍ତ୍ତୃପକ୍ଷ ଭୁବନେଶ୍ୱର ଏଜି ଅଫିସରୁ ଭାଉଚର ପଠାଇ ସେଠାରୁ କ୍ଲିୟରେନ୍ସ ଆଣିଲା ପରେ ଆମ୍ଭେ ସଙ୍ଗେ ସଙ୍ଗେ ବିଲ ପାସ କରିଥାଉ ବୋଲି ସବଟ୍ରେଜେରୀର ଜଣେ କର୍ମଚାରୀ ପ୍ରକାଶ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ, ବ୍ଲକ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ହିଁ ମାସ ମାସ ଧରି ବିଲ୍ ପାସ ହୋଇପାରୁନାହିଁ। ଅନ୍ୟପଟେ ବ୍ଲକର ମୁଖ୍ୟ କିରାଣୀ କୁହନ୍ତି, ଏଠି ସମସ୍ତଙ୍କ ଭଲ ରହୁଛି। ଆମ୍ଭ ବୀରମିତ୍ରପୁର ସବ୍‌ଟ୍ରେଜେରୀ ଅଫିସ ସୁନ୍ଦରଗଡ ଟ୍ରେଜେରୀ ଅଫିସ ସହ ଲିଙ୍କ କରୁଛି । ଆମ୍ଭଙ୍କୁ ପ୍ରତି ମାସ ଏଜି ଅଫିସରୁ କ୍ଲିୟରେନ୍ସ ଦରକାର, କ୍ଲିୟରେନ୍ସ ନ ହେଲେ ଆମ୍ଭ ବିଲ ପାସ ହେବ ନାହିଁ । ତେଣୁ ଆମ୍ଭର ବିଲ ପାସ କରିବାରେ ବିଳମ୍ବ ହେଉଛି ବୋଲି ମୁଖ୍ୟ କିରାଣୀ ନାଗ ବାବୁ କହିଥିଲେ। ତେବେ ଏଭଳି ବ୍ଲକ ଟ୍ରେଜେରୀ, ସବ୍‌ଟ୍ରେଜେରୀ ଓ ଏଜି ଅଫିସ ଲିଙ୍କ ଓ କ୍ଲିୟରେନ୍ସକୁ ନେଇ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲାପାଳ ଦୃଷ୍ଟିଦେଇ ନୂଆଗାଁ ବ୍ଲକରେ ହିଁ ବିଲ୍ ପାସ କରିବା ଓ ଟଙ୍କା ପ୍ରଦାନ କରିବାରେ ବ୍ୟବସ୍ଥା କରିବାକୁ ନୂଆଗାଁ ବିଜେଡିର ଯୁବନେତା ପ୍ରଦୀପ ସାହୁ, ସୁରେଶ ସାହୁ, ଚତୁର ସାହୁ ପ୍ରମୁଖ ଦାବି କରିଛନ୍ତି ।



ବୀରମିତ୍ରପୁର ସବ୍ ଟ୍ରେଜେରି କାର୍ଯ୍ୟାଳୟ।

- ବିଲ୍‌ପାସ କରିବାରେ ଅହେତୁକ ବିଳମ୍ବ
- ଠିକାଦାର ମହଲରେ ଉଦ୍‌ବେଗ



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍

**ସଂକ୍ଷେପରେ**

## ବେଲପାହାଡ଼ରେ ନବରାତ୍ର ପୂଜା ପ୍ରସ୍ତୁତି

**ବେଲପାହାଡ଼,୧୯।୯ (ଡ଼ି.ଏନ୍.ଏ.)-** ଆଉ ଗୋଟିଏ ସପ୍ତାହ ପରେ ଶାରଦୀୟ ନବାରାତ୍ର ପୂଜା ଆରମ୍ଭ ହେବ। ବିଭିନ୍ନ ଦେବୀପୀଠ ଓ ମନ୍ଦିରରେ ମା' ଶକ୍ତିଙ୍କ ପୂଜା ଆରାଧାନା ଚାଲିବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ସ୍ଥିତ ବିଭିନ୍ନ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗୁମାଡ଼େରା ବାଟମଙ୍ଗଳା ମନ୍ଦିରରେ ବିଭିନ୍ନ ଦେବୀଦେବଙ୍କ ମୂର୍ତ୍ତିକୁ ନୂଆ ରଙ୍ଗ ଦିଆଯିବା ସହିତ ମନ୍ଦିରରେ ସାଜସଜ୍ଜା ଚାଲିଛି। ଏହି କାର୍ଯ୍ୟ ପାଇଁ ସ୍ଥାନୀୟ କାରିଗରମାନେ ନିୟୋଜିତ ହୋଇଛନ୍ତି। ଆସନ୍ତା ୨୮ ତାରିଖରେ ମନ୍ଦିରରେ କଳସ ସ୍ଥାପନା କରାଯିବ। ଆଶ୍ୱିନ ଶୁକ୍ଲପକ୍ଷ ପ୍ରତିପଦାରୁ ଦଶମୀ ପର୍ଯ୍ୟନ୍ତ ୯ ଦିନ ଧରି ୧୦୮ ସମ୍ପୁଟ ଚଣ୍ଡିଯଜ୍ଞ ସହିତ ପ୍ରତ୍ୟହ ମା'ଙ୍କ ପୂଜାର୍ଚ୍ଚନା ହେବ ବୋଲି ମନ୍ଦିର କମିଟି ସଂଯୋଜକ ବୁଲୁ ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ନବରାତ୍ର ପୂଜା ପାଇଁ ଗାନ୍ଧୀନଗର ସ୍ଥିତ ନବଦୁର୍ଗା ମନ୍ଦିରରେ ଅନୁରୂପ ପୂଜା ପ୍ରସ୍ତୁତି ଚାଲିଛି । ଉଭୟ ମନ୍ଦିରରେ ପ୍ରତିପଦାଠାରୁ ମହାଅଷ୍ଟମୀ ପର୍ଯ୍ୟନ୍ତ ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ପରି ପ୍ରତ୍ୟହ ଗୋଟିଏ ଅବତାର ଧାରଣ କରି ୯ ଦିନ ପର୍ଯ୍ୟନ୍ତ ପୂଜା ପାଇବେ। ନବରାତ୍ର ପୂଜା ଆରମ୍ଭ ପରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ୫ ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାହ୍‌ପୂଜା ଆରମ୍ଭ ହେବ। ଏଥିପାଇଁ ଗୁମାଡ଼େରା, ଜୁବୁଲିହଲ୍, ଫାଟକ ଓ ଷ୍ଟେଶନ ସ୍ଥିତ ଦୁର୍ଗା ମଣ୍ଡପରେ ଦେବୀଦେବାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି।






ସମ୍ବଲପୁର ଜିଲା ବାର ସମ୍ମିଳନୀ କକ୍ଷରେ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ସୂଚନା ଦେଉଛନ୍ତି (ବାମ) । ସମ୍ବଲପୁର ଜିଲା ବାର ସମ୍ମିଳନୀ କକ୍ଷରେ ଆଇନଜୀବୀମାନେ ।

### ପଶ୍ଚିମ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ୩ ଦିନ ସରକାରୀ କଳ ବନ୍ଦ କରିବାକୁ ନିଷ୍ପତ୍ତି

**ସମ୍ବଲପୁର,୧୯ ।୯ (ବ୍ୟୁରୋ)**

- ପ୍ରତିଶ୍ରୁତି ଭୁଲି ଯାଉଛନ୍ତି ସରକାର
- ସହଯୋଗ ଲୋଡିଲା ଜିଲା ଓକିଲ ସଂଘ
- ଚରମଚେତାବନୀ, ଉଗ୍ରରୂପ ନେବ ଆନ୍ଦୋଳନ

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଦୀପ ବହିଦାର ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରତି ମାସରେ ୩ ଦିନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ବୀମା କମ୍ପାନୀ, ବ୍ୟାଙ୍କଗୁଡିକ ବନ୍ଦ କରିବାକୁ ବୈଠକରେ ସ୍ଥିର କରାଯାଇଛି। ହେଲେ ଶିକ୍ଷା ଅନୁଷ୍ଠାନ ଓ ଜରୁରୀ ସେବାକୁ କୋହଳ କରିବାକୁ ବୈଠକରେ କୁହାଯାଇଛି।

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଅଣଦେଖା କରୁଛନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ଅଗଷ୍ଟ ୩୦ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଘୋଷଣା କରିବାକୁ ଚେତାବନୀ ଦିଆଯାଇଥିଲା। ନିର୍ବାଚନ ପୂର୍ବରୁ ସରକାର ଗଠନର ୩ ମାସ ପରେ ଦାବି ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବର୍ତ୍ତମାନ ସରକାର ପ୍ରତିଶ୍ରୁତି ଭୁଲି ଯାଇଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷେ ମାସର ୩ଦିନ ସରକାରୀ କଳକୁ ଅଚଳ କରି ଦିଆଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସେପ୍ଟମ୍ବର ୨୬, ୨୭ ଓ ୩୦ ତାରିଖ ୩ ଦିନ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ, ସିଏସ୍‌ସିରେ ସାମିଲ ଥିବା ସମସ୍ତ ବାର୍‌ଗୁଡିକ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି। ଏପରି କି ଯଶବନ୍ତ ସିଂ କମିଟି ରିପୋର୍ଟ ଆଧାରରେ ସମ୍ବଲପୁର ଉପଯୁକ୍ତ ସ୍ଥାନ ଅଟେ । ତେଣୁ ସମ୍ବଲପୁର ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ସରକାର ଘୋଷଣା କରନ୍ତୁ ବୋଲି ଦାବି କରାଯାଇଥିଲା। ଅନ୍ୟପକ୍ଷେ ୩ ଦିନିଆ ଏହି ଆନ୍ଦୋଳନକୁ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୮ ସେପ୍ଟମ୍ବର ୫ ତାରିଖଠାରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଜାରି ରହିଛି । ରାଲି, ବିକ୍ଷୋଭ, ଧାରଣା ଏପରି କି ୨୪ ଘଣ୍ଟିଆ ମହାବନ୍ଦ ପାଳନ କରି ଯାତାୟତ ବନ୍ଦ ହେବା ସହ ରେଲରୋକୋ ଆନ୍ଦୋଳନ କରାଯାଇଥିଲା । ହେଲେ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବଜେଟରେ ୧୦ କୋଟି ଟଙ୍କା ଅନୁଦାନ ଗୃହୀତ ହୋଇଥିଲା।

### ଜାତୀୟ ବ୍ୟାଡ୍‌ମିଣ୍ଟନ ଓ ଖୋଖୋ ପ୍ରତିଯୋଗିତା

# ବେଲପାହାଡ଼ର ୭ ଛାତ୍ରୀଛାତ୍ର ମନୋନୀତ

**ବେଲପାହାଡ଼,୧୯।୯ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ୭ ଜଣ ଛାତ୍ରୀଛାତ୍ର କାଉନସିଲ ଅଫ୍ ସ୍କୁଲ ସାର୍ଟିଫିକେଟ ଏକଜାମିନେଶନ (ସିଏସସିଇ) ପକ୍ଷରୁ ଆୟୋଜିତ ହେବାକୁଥିବା ଜାତୀୟ ବ୍ୟାଡ୍‌ମିଣ୍ଟନ ଓ ଖୋଖୋ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ଏମାନେ ହେଲେ ବରୁଣ ମିଶ୍ର, ପ୍ରତ୍ୟୁଷରାଜ ସାହୁ, ଦେବବ୍ରତ ସିଂ ଶୋଲାଙ୍କି, ଶୁଭମ ଦେ, ସୁନିଧି ପଟ୍ଟନାୟକ, ହିମାଦ୍ରୀ ଭୂୟାଁ ଓ ତନ୍ମୟୀ ନାୟକ। ଆସନ୍ତା ୨୧ ତାରିଖରୁ ବାଙ୍ଗାଲୋରର ପାଦୁକୋନ ଦ୍ରାବିଡ଼ ସ୍ପୋର୍ଟସ ସେଣ୍ଟରରେ ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଓ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାଠାରେ ଜାତୀୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମନୋନୀତ ଛାତ୍ରୀଛାତ୍ର ବାଙ୍ଗାଲୋର ଓ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଦଳ ମ୍ୟାନେଜର ଭାବେ ମହମ୍ମଦ ସାହିଦ ଓ ଖୋଖୋ ଦଳ ମ୍ୟାନେଜର ଭାବେ ରେଖା ରାୟ ଛାତ୍ରୀଛାତ୍ରମାନଙ୍କ ସହିତ ଯାଇଛନ୍ତି। ଓଡ଼ିଶା ଆଇସିଏସ୍‌ଇ ଆସୋସିଏଶନ ସମ୍ପାଦକ ଫାଦର ଯୋସେଫ, ବିଇଏମ୍ ଅଧ୍ୟକ୍ଷା ରମା କାର୍ତ୍ତିକ ଓ କ୍ରିଡ଼ା ଶିକ୍ଷକ ହମିଦ ମହାପାତ୍ର ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସିଏସ୍‌ସିଇ ଜାତୀୟ ବ୍ୟାଡମିଣ୍ଟନ ଓ ଖୋଖୋ ପ୍ରତିଯୋଗିତା ପାଇଁ ମନୋନୀତ ଛାତ୍ରୀଛାତ୍ର।

# ପାତଳଘଣ୍ଟା ଉତ୍ପାଦନ ତାଲିମ କାର୍ଯ୍ୟକ୍ରମ

**ଦେବଗଡ଼,୧୯।୯(ଡି.ଏନ.ଏ)**




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଏବଂ ଅଧିକାରୀମାନେ।

ଦେବଗଡ଼ସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସଡୋ ପଞ୍ଚାୟତ ଅଧୀନ ବେଲୁଆମ ଗ୍ରାମରେ ଗୁରୁବାର ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ ସଂକ୍ରାନ୍ତରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ବୈଠକରେ ଉପସ୍ଥିତ ଚାଷୀଙ୍କୁ ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ ପାଇଁ ଆବଶ୍ୟକ ଜ୍ଞାନ କୌଶଳର ବ୍ୟବହାର ଏବଂ ଚାଷୀର ଆୟବୃଦ୍ଧି ସମ୍ପର୍କରେ ବିଭିନ୍ନ ଉପାଦେୟ ସୂଚନା ଓ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ କେ.କେ. ମହାଲିଙ୍ଗ ଯୋଗଦେଇ ଉଦ୍ୟାନ କୃଷି ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କିରବା ସହ ବୁନ୍ଦା ଜଳସେଚନ ମାଧ୍ୟମରେ କିଭଳି ଉନ୍ନତମାନର ପାତଳଘଣ୍ଟା ଉତ୍ପାଦନ କରାଯାଇପାରିବ ସେ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଦେବଗଡ଼ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ କହିଥିଲେ। ଏହି ଅବସରରେ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ ପାତଳଘଣ୍ଟା ଫସଲରେ ରୋଗପୋକ ସମ୍ପର୍କରେ ଆଲୋଚନା କରିବା ସହ ଏହାର ନିରାକରଣ ଓ ପ୍ରତିକାର ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ।

### ସ୍କ୍ରାପ୍ ଚୋରାଚାଲାଣ

## ୨ ଗିରଫ, ଟ୍ରକ୍ ଜବତ

**ଦେବଗଡ଼,୧୯।୯(ଡି.ଏନ୍.ଏ.)**

ସ୍କ୍ରାପ୍ ଚୋରାଚାଲାଣ ହେଉଥିବା ଏକ ଟ୍ରକକୁ ବାରକୋଟ ଥାନା ପୋଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରକ ଡ୍ରାଇଭର ସୁନ୍ଦରଗଡ଼ ଜିଲା ବନ୍ଧମୁଣ୍ଡା ଥାନା ଅଧୀନ ତିଲିକାନଗରର ପ୍ରତାପ ପାତ୍ର ଏବଂ ସ୍କ୍ରାପ ଡିଲର ବାରକୋଟ ଥାନା ଅଧୀନ ଗଙ୍ଗାନାଳୀ ଗ୍ରାମର ସର୍ବେଶ୍ୱର ଦାସ। ମିଳିଥିବା ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ବାରକୋଟ ଥାନା ଏଏସ୍‌ଆଇ ଅକାରଣ ବେହେରାଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ସେତିକିବେଳେ ପୋଲିସ କର୍ମଚାରୀମାନେ ୨୩ ନମ୍ବର ଜାତୀୟ ରାଜପଥ ବାରକୋଟ ଥାନା ଅଧୀନ ପୁରୁଣାପାଣି ଗ୍ରାମ ନିକଟରେ ସନ୍ଦେହ ଜନକ ଅବସ୍ଥାରେ ଯାଉଥିବା ଏକ ମାଲ ବୋଝେଇ ୬ ଚକିଆ ଟ୍ରକକୁ ଅଟକାଇ ଥିଲେ। ପରେ ପୋଲିସ ଅଧିକାରୀମାନେ ଯାଞ୍ଚ ବେଳେ ଟ୍ରକରେ ବିପୁଳ ପରିମାଣର ଲୁହାରଡ, ଲୁହାପ୍ଲେଟ, ଲୁହାଏଙ୍ଗେଲ ସହ ସ୍କ୍ରାପ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ପୋଲିସ କର୍ମଚାରୀମାନେ ଟ୍ରକ୍‌କୁ ଜବତ କରି ଟ୍ରକ ଡ୍ରାଇଭର ପ୍ରତାପ ଏବଂ ସ୍କ୍ରାପ ଡିଲର ସର୍ବେଶ୍ୱରଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏନେଇ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ବନ୍ଦ କୋଠରିରୁ ସୁରକ୍ଷା କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୯।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବଡ଼ମାଲ ସ୍ଥିତ ଏସିଟିକ୍ ଗ୍ୟାସ୍ ପ୍ରକଳ୍ପ ପରିସରରେ ଥିବା ଏକ ବନ୍ଦ କୋଠରିରୁ ଜଣେ ସୁରକ୍ଷାକର୍ମୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ୍ ଗୁରୁବାର ଉଦ୍ଧାର କରିଛି। ସୁରକ୍ଷାକର୍ମୀ ଜଣକ ହେଲେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗହୀରପାଲି ଗ୍ରାମର ରାହୁଲ ସାହୁ(୨୧) ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତ ସୁରକ୍ଷାକର୍ମୀଙ୍କ ଭିଣୋଇଙ୍କ ଅଭିଯୋଗକୁ ଭିତ୍ତିକରି ବଡ଼ମାଲ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୧୨/୧୯) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁସାରେ ବଡ଼ମାଲ ସ୍ଥିତ ଏସିଟିକ୍ ଗ୍ୟାସ୍ ପ୍ରକଳ୍ପ କିଛିମାସ ହେଲା ବନ୍ଦହୋଇ ପଡ଼ିରହିଛି। ଏହାକୁ ଜଗିବା ପାଇଁ କେତେଜଣ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ସୁରକ୍ଷାକର୍ମୀ ପ୍ରକଳ୍ପ ପରିସରରେ ମିଳିମିଶି ଗୋଟିଏ ସ୍ଥାନରେ ରହୁଥିଲେ। ସୁରକ୍ଷାକର୍ମୀ ରାହୁଲ ପ୍ରତିଦିନ ଭଳି ରାତିରେ ଖାଇପିଇ ଶୋଇଥିଲେ। ରାତିରେ ଗାଁକୁ ଫୋନ୍‌ଲଗାଇ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ଏହି ସମୟରେ ହଠାତ୍ ତାଙ୍କର ଫୋନ୍‌କଲ୍ କଟି ଯାଇଥିଲା। ପରିବାଲୋକେ ତାଙ୍କୁ ଫୋନ୍ ଲଗାଇଥିଲେ ମଧ ତାଙ୍କୁ ଆଉ ଫୋନ୍ ଲାଗି ନ ଥିଲା। ପାଖରେ ରହୁଥିବା ରାହୁଲଙ୍କ ସାଙ୍ଗକୁ ପରିବାର ଲୋକ ଫୋନ୍‌କରି ତାଙ୍କ ସମ୍ପର୍କରେ ବୁଝିଥିଲେ। ପରେ ରାହୁଲଙ୍କ ସାଙ୍ଗ ରାହୁଲ ରହୁଥିବା ଘରକୁ ଯାଇଥିଲେ। ଏହି ସମୟରେ ଘରର କବାଟ ଭିତରପଟୁ ବନ୍ଦଥିଲା। ଫଳରେ ସେ ଝରକା ଫାଙ୍କ ଦେଇ ଭିତରକୁ ଦେଖିଲାବେଳକୁ ଘର ଭିତରେ ରାହୁଲ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ସାଙ୍ଗମାନେ ଘଟଣା ସମ୍ପର୍କରେ ରାହୁଲଙ୍କ ପରିବାରଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ଶ୍ରମିକ ଗୁରୁତର

**ଲଖନପୁର,୧୯।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଲସଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ଦ୍ୱାରା ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଛାତ ଉପରେ ଜଣେ ମହିଳା ଶ୍ରମିକ କାମ କରୁଥିଲେ। ଅସାବଧାନତାବଶତଃ ମହିଳା ଶ୍ରମିକ ଜଣକ ଛାତ ଉପରେ ପ୍ରବାହିତ ୧୧କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଶ୍ରମିକ ଜଣକ ହେଲେ ନାଚେନମୁରା ଗ୍ରାମର ସରସ୍ୱତୀ ମରେଇ(୪୨) ବୋଲି ଜଣାପଡିଛି। ଆହତ ମହିଳାଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବିଦ୍ୟୁତ ଆଘାତରେ ତାଙ୍କ ହାତ, ମୁହଁ, ବେକ ଆଦି ପୋଡ଼ିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଂକଟାପନ୍ନ ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ରେଙ୍ଗାଲି ପୋଲିସ ନିକଟରେ କୌଣସି ଖବର ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ପାରି ନାହିଁ।



ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିବା ମହିଳା ଶ୍ରମିକ ସରସ୍ୱତୀ ମରେଇ।

# ଜିଲା ଓକିଲ ସଂଘର ୨୬, ୨୭ ଓ ୩୦ ବନ୍ଦ ଡ଼ାକରା

**ଦେବଗଡ଼,୧୯।୯ (ଡି.ଏନ.ଏ.):**

ଦେବଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟିର ଏକ ବୈଠକ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶାରେ ହାଇକୋଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ସେପ୍ଟେମ୍ବର ୨୬, ୨୭ ଓ ୩୦ ତାରିଖ ଜିଲାର ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ଅଦାଲତ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା । ବନ୍ଦକୁ ସଫଳ କରିବା ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ଜନସାଧାରଣଙ୍କୁ ସମର୍ଥନ କରିବାକୁ ଅନୁରୋଧ କରାଯାଇଛି। ବନ୍ଦ ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା, ଗମନାଗମନ, ବ୍ୟବସାୟୀକ ପ୍ରତିଷ୍ଠାଗୁଡ଼ିକୁ ବାଦ ଦିଆଯିବ ବୋଲି ସମ୍ପାଦକ ତରଣୀ କାନ୍ତ ଦାଶ ସୂଚନା ଦେଇଛନ୍ତି। ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପ ସଭାପତି ବିକାଶ ପ୍ରଧାନ, ସହସମ୍ପାଦକ ଟିକେଶ୍ୱର ଧଳ, କୋଷାଧ୍ୟକ୍ଷ ରାଜ କିଶୋର ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିଶକ୍ତି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ

# କୁଣ୍ଡାପିଠା ଦଳ ଚାମ୍ପିୟନ

**ବାରକୋଟ,୧୯।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ନାଗଡିହି ଗ୍ରାମରେ ତ୍ରିଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଶକ୍ତି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ୨ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରରେ ମୋଟ ୧୬ଟି ଆଞ୍ଚଳିକ ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ କୁଣ୍ଡାପିଠା ଏବଂ ପୁରୁକୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ କୁଣ୍ଡାପିଠା ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମଙ୍ଗିଳା ମହାକୁଳ ଯୋଗଦେଇଥିଲେ। କ୍ଲବ ସଭାପତି ଦେବରାଜ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୀନକେତନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର, ୧୯।୯ (ଡି.ଏନ୍.ଏ.)**

ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର ପାଖ କଲୋନୀରେ ବୁଧବାର ଜଣେ ବିବାହିତା ମହିଳା ରୁବିନା ପୃଷେଠ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଓରିଏଣ୍ଟ ଥାନା ପୋଲିସ ଗୁରୁବାର ଏ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ପୋଲିସ ଶବ ବ୍ୟବଚ୍ଛେଦ କରେଇବା ପରେ ସେଇ କଲୋନୀରେ ରଖିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରୁବିନାଙ୍କ ପ୍ରକୃତ ଘର କେନ୍ଦ୍ରାପଡା ଜିଲାରେ। ସେ ସୁଜିତ ପୃଷେଠଙ୍କୁ ଗତ ବର୍ଷ ପ୍ରେମ ବିବାହ କରିଥିଲେ। ସୁଜିତ ଜଣେ ଟାଟା ମ୍ୟାଜିକ ଡ୍ରାଇଭର। ସୁଜିତଙ୍କ କହିବା ଅନୁଯାୟୀ ବୁଧବାର ଅପରାହ୍ନ ୩ଟା ସମୟରେ ସେ ଘର ଛାଡ଼ିଥିଲେ। ପରେ ଘରର ଭିତର ପଟ କବାଟ ବନ୍ଦ ଥିବା ଦେଖି ପଡ଼ୋଶୀ ତାଙ୍କୁ ଖବର ଦେଇଥିଲେ। ସେ ୨ ଘଣ୍ଟା ପରେ ଅର୍ଥାତ୍ ୫ଟାରେ ଘରକୁ ଫେରି ରୁବିନାଙ୍କୁ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଘଟଣା ସମ୍ପର୍କରେ ରୁବିନାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପରିବାର ଲୋକ ଆସିଲା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି।

### ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆରେ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ

# ବିଏମ୍‌ଏସ୍ ତରଫରୁ ୫ ଦିନିଆ ବନ୍ଦ ଡାକରା

**ଲଖନପୁର,୧୯।୯ (ଡି.ଏନ୍.ଏ.)**

ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍‌ଇଣ୍ଡିଆର କିଛି ଅଂଶଧନକୁ କେନ୍ଦ୍ର ସରକାର ବିଦେଶୀ କମ୍ପାନୀ ହାତରେ ଟେକିଦେବା ପାଇଁ ବସିଛନ୍ତି। ଏହା ଦେଶର ଏକ ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହୋଇଥିବାବେଳେ ଏଥିରେ ବିଦେଶୀ କମ୍ପାନୀ ପୁଞ୍ଜିନିବେଶ ପାଇଁ ମନବଳାଇଛନ୍ତି। ଏହାକୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ଜଣାପଡିବା ପରେ କୋଲ୍‌ଇଣ୍ଡିଆରେ କାର୍ଯ୍ୟରତ ଟ୍ରେଡ୍ ୟୁନିୟନଗୁଡ଼ିକ କଡ଼ାବିରୋଧ କରିଆସୁଛନ୍ତି। ଏହି ପରିପେକ୍ଷୀରେ ଟ୍ରେଡ୍ ୟୁନିୟନଗୁଡ଼ିକ ଏହାକୁ ପ୍ରତ୍ୟାହର କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିପାଇଁ ଆସନ୍ତା ୨୪ ତାରିଖ ବିଏମ୍‌ଏସ୍, ଏଆଇଟିୟୁସି, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ ଆଦି ଟ୍ରେଡ୍‌ୟୁନିୟନମାନେ ମିଳିତଭାବେ ସାରା ଦେଶରେ ଦିନିକିଆ ହରତାଳ ପାଇଁ ଡାକରା ଦେଇଛନ୍ତି। ହେଲେ ବିଏମ୍‌ଏସ୍ ୟୁନିୟନ ତରଫରୁ ୫ ଦିନିଆ ହରତାଳ ଡାକରା ଦିଆଯାଇଛି। ଏହି ଆନ୍ଦୋଳନ ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଚାଲିବ ବୋଲି ବିଏମ୍‌ଏସ୍ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁଧୀର ଘୁର୍ଡ଼େ ଗୁରୁବାର ବନ୍ଧବାହାଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଇଲା କମ୍ପାନୀକୁ ସରକାର ବହୁଦେଶୀୟ କମ୍ପାନୀ ହାତରେ ଟେକିଦେବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି। ଏହା ଦେଶ ପାଇଁ ବିପଦ ସୃଷ୍ଟି କରିବ। ଏହି କମ୍ପାନୀରେ ବହୁଦେଶୀୟ କମ୍ପାନୀମାନେ ପୁଞ୍ଜିନିବେଶ କରିବା ସହ ଏହାର ମାଲିକାନା ଜାହିର କରି ବାଣିଜ୍ୟ ବ୍ୟବସାୟ ଚଳାଇ ଅଧିକ ଲାଭବାନ ହେବେ। ଫଳରେ ଦେଶରେ କୋଇଲା ଦର ଅହେତୁକ ବୃଦ୍ଧିପାଇବ। କୋଇଲା ଦର ବୃଦ୍ଧିହେଲେ ଏଥିରୁ ଉତ୍ପାଦନ ହେଉଥିବା ବିଦ୍ୟୁତ ଦର ଅହେତୁକ ବୃଦ୍ଧିପାଇବ। ଖାଲି ଏତିକି ନୁହେଁ ଦେଶର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡିବ। କୋଇଲା କମ୍ପାନୀରେ ମାନବ ସମ୍ବଳ ହ୍ରାସପାଇବ। ସାରାଦେଶରେ ବେକାରି ସମସ୍ୟା ବୃଦ୍ଧି ପାଇବ। ଏସବୁକୁ ଦୃଷ୍ଟିରେ ରଖି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ତରଫରୁ ୫ ଦିନିଆ ହରତାଳ ଡାକରା ଦିଆଯାଇଛି। ଏହି ହରତାଳ ଡାକରାରେ କୋଇଲା ଉତ୍ପାଦନ ବନ୍ଦ ସାଙ୍ଗକୁ କୋଇଲା ପରିବହନକୁ ସମ୍ପୂର୍ଣ୍ଣରୂପେ ଠପ୍ କରିଦିଆଯିବ। ଫଳରେ ଦେଶରେ ଥିବା ତାପଜ ବିଦ୍ୟୁତ କେନ୍ଦ୍ର ଆଦି ବିଭିନ୍ନ କଳକାରଖାନା ଉପରେ ଏହାର ପ୍ରଭାବ ପଡିବ। ଏହି ହରତାଳକୁ ସଫଳ କରିବା ପାଇଁ ବିଏମ୍‌ଏସ୍ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଘୁର୍ଡ଼େ ବିଭିନ୍ନ ରାଜ୍ୟକୁ ଯାଇ ସ୍ଥାନୀୟ ୟୁନିୟନ ସହିତ ଆଲୋଚନା କରି ଏହାକୁ ସଫଳ କରିବା ପାଇଁ ସଦସ୍ୟମାନଙ୍କୁ ଆହ୍ୱାନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଘୁର୍ଡ଼େ, ସମ୍ପାଦକ ଅଜୟ କୁମାର ଶତପଥୀ, ବ୍ରଜରାଜନଗର ଇବ୍‌ଖାଦାନ ମଜଦୁର ସଂଘ ସଭାପତି ସୁଜିତ ଝା, ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, ଅଜୟ ବିଶ୍ୱାଳ, ମୃତ୍ୟୁଞ୍ଜୟ ମୁଦୁଲି, ନାବୀନ ପଟେଲ, ପଙ୍କଜ ମହନ୍ତ, ସଞ୍ଜୟ ପଟେଲ, ବିଜୟସିଂହ ଠାକୁର, ଧର୍ମେନ୍ଦ୍ର ପରିଡା, ପ୍ରଦୀପ ବେହେରା, ତନ୍ମୟ ପାତ୍ର, ସନ୍ତୋଷ ପଣ୍ଡା, ପ୍ରଦୀପ କରାଳୀ, ପଙ୍କଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଏମ୍‌ଏସ୍ କେନ୍ଦ୍ରୀୟ କମିଟି କର୍ମକର୍ତ୍ତାମାନେ।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ, ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ

ଖତକୁରବାହାଲରେ ଡେଙ୍ଗୁ ଜ୍ୱରକୁ ନେଇ ବଢୁଛି ଆତଙ୍କ

# ୫୬ ଡେଙ୍ଗୁ ରୋଗୀ ଚିହ୍ନଟ

## ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଡେଙ୍ଗୁ ବ୍ୟାପିବାର କାରଣ

**ସୁନ୍ଦରଗଡ଼, ୧୯।୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖତକୁରବାହାଲରେ ଆରମ୍ଭ ହୋଇଥିବା ଡେଙ୍ଗୁକୁ ନେଇ ଏବେ ସମଗ୍ର ଜିଲାରେ ଆତଙ୍କ ପ୍ରକାଶ ପାଇଛି। ଗତ ମାସ ୨୭ ରୁ ବର୍ତ୍ତମାନ ସୁଦ୍ଧା ୨୫୦ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ ୫୬ଜଣଙ୍କ ରକ୍ତରେ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି। ଚିହ୍ନଟ ହୋଇଥିବା ୫୬ଜଣ ଡେଙ୍ଗୁ ଆକ୍ରାନ୍ତଙ୍କ ମଧ୍ୟରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମସ୍ ହସ୍ପିଟାଲଙ୍କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ରୋଗୀମାନେ ଚିକିତ୍ସା ପରେ ଡାକ୍ତରଖାନାରୁ ଘରକୁ ଯାଇଛନ୍ତି। ବର୍ତ୍ତମାନ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ୧୫ଜଣ ଓ ରାଉରକେଲା ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍‌ପିଟାଲ)ରେ ୨ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଙ୍କଜ କୁମାର ପଟେଲ ପ୍ରକାଶ କରିଛନ୍ତି। ସେହିପରି ଗୁରୁବାର ଖତକୁରବାହାଲ ଗ୍ରାମର ୨୦ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ କୌଣସି ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇ ନ ଥିବାବେଳେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ଆଉଟଡୋରକୁ ଆସିଥିବା ଖତକୁରବାହାଲର ୨ଜଣ ରୋଗୀଙ୍କ ରକ୍ତ



ଖତକୁରବାହାଲରରେ ଆବର୍ଜନା ସଫା କରାଯାଉଛି।

ନମୁନାରେ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଛି। ଡେଙ୍ଗୁକୁ ନେଇ କେବଳ ଖତକୁରବାହାଲ ନୁହେଁ, ସୁନ୍ଦରଗଡ ସହରରେ ମଧ୍ୟ ଆତଙ୍କ ପ୍ରକାଶ ପାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ ଦେଖାଦେଇଥିବା ଡେଙ୍ଗୁ ପରିସ୍ଥିତିର ମୁକାବିଲା ନେଇ ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏନେଇ କୌଣସି ଭୟଭୀତ ନ ହୋଇ ଜ୍ୱର



ସ୍ୱତନ୍ତ୍ର ଟିମ୍ ଗ୍ରାମରେ ପହଞ୍ଚି ଡେଙ୍ଗୁ ବୃଦ୍ଧିର କାରଣ ଓ ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସିତ ହେବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ସଂଖ୍ୟାଲଘୁ ବହୁଳ ଖତକୁରବାହାଲ ଗ୍ରାମରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ଡେଙ୍ଗୁ ବ୍ୟାପିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ପରିସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ରାଜ୍ୟର ସ୍ୱତନ୍ତ୍ର ଟିମ୍ ପ୍ରକାଶ କରିଛନ୍ତି। ବିଶିଷ୍ଟ କୀଟତତ୍ତ୍ୱବିତ୍ ଡା. ରବୀନ୍ଦ୍ର ପଣ୍ଡିତଙ୍କ ନେତୃତ୍ୱରେ ୩ଜଣିଆ ବିଶେଷଜ୍ଞ ଟିମ୍ ସେଠାରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ପରିମଳ ବ୍ୟବସ୍ଥା ଓ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିଥିବା ଚିକିତ୍ସା ବ୍ୟବସ୍ଥାର ମଧ୍ୟ ତଦାରଖ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ଝାରସୁଗୁଡା ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଉକ୍ତ ଗ୍ରାମରେ ପହଞ୍ଚି ଡେଙ୍ଗୁ ବୃଦ୍ଧିର କାରଣ ଓ ନିରାକରଣ ସମ୍ପର୍କରେ ଅନୁଧ୍ୟାନ କରି ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରି ସଚେତନ କରିଥିଲେ। ସେହି ଗ୍ରାମରେ ଦେଖାଦେଇଥିବା ଡେଙ୍ଗୁ ସ୍ଥିତି ଯୋଗୁ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ମଧ୍ୟ ଛାଡୁ ନାହାନ୍ତି। ଫଳରେ ଖତକୁରବାହାଲ ଉର୍ଦ୍ଧ୍ୱ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୨୫୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୨୦ଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିବା ଏହି ସ୍ୱତନ୍ତ୍ର ଟିମ୍ ଅନୁଧ୍ୟାନ ପାଇଁ ଗ୍ରାମକୁ ଯାଇଥିବା ବେଳେ ଦେଖିବାକୁ ପାଇଛନ୍ତି। ଗୁରୁବାର ଡେଙ୍ଗୁ ଭୟରେ ଖତକୁରବାହାଲର କେତେକ ବ୍ୟକ୍ତି ଗ୍ରାମରେ ପଡିଥିବା ପୁରୁଣା ଟାୟାର, ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ ଟ୍ରକ ଯୋଗେ ଆଣି ପୁରୁଣା ରାଞ୍ଚିରୋଡ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ପଛ ପାଖରେ ଗଦାକରି ଚାଲିଯିବା ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ଠାରେ ଅଭିଯୋଗ ହୋଇଥିବା ବେଳେ ଏସବୁ ଆବର୍ଜନାକୁ ଶୁକ୍ରବାର ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।

**ସଂକ୍ଷେପରେ**

## ରାଉରକେଲା ମଜଦୁର ସଭାର ବାର୍ଷିକ ବୋନସ ପ୍ରଦାନ ଦାବି

ରାଉରକେଲା ଅଫିସ, ୧୯।୯: ସେଲ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା ସମେତ ଅନ୍ୟାନ ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କୁ ତୁରନ୍ତ ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ କରିବାକୁ ରାଉରକେଲା ମଜଦୁର ସଭା ଦାବି କରିଛି। ୨୦୧୮/୧୯ ଆର୍ଥିକ ବର୍ଷରେ ସେଲ ସାମଗ୍ରିକ ଭାବେ ୨୧୭୯ କୋଟି ଟଙ୍କା ନିଟ ଲାଭ କରିଛି। ଶ୍ରମିକ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ଏହା ସମ୍ଭବ ହୋଇପାରିଥିବାରୁ ଚଳିତ ଆର୍ଥିକବର୍ଷର ବୋନସ ରାଶି ସର୍ବାଧିକ ହେଉ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହାସହ ସେଲ ପରଫରମାନ୍ସ ଇନସେଣ୍ଟିଭ ସ୍କିମକୁ ସଂଶୋଧନ କରି ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ କେବଳ ଉତ୍ପାଦନ ଓ ଉତ୍ପାଦକତା ଆଧାରରେ ହେବା ଉଚିତ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ତେବେ ଦଶହରା ପୂଜା ନିକଟତର ହୋଇସାରିଥିଲେ ମଧ ବୋନସ ପ୍ରଦାନ ନେଇ ଚୁଡ଼ାନ୍ତ ହୋଇ ନ ଥିବାରୁ ଶ୍ରମିକ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ ନେଇ କୌଣସି ଟାଳଟୁଳ ନୀତି ଅବଲମ୍ବନ ନ କରି ବୋନସ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ବ୍ୟତୀତ ତୁରନ୍ତ ଏନ୍‌ଜେସିଏସ୍ ପୁର୍ଣ୍ଣାଙ୍ଗ ବୈଠକ ଡାକିବାକୁ ସଙ୍ଗଠନର ସାଧାରଣ ସମ୍ପାଦକ ଶଶଧର ନାୟକ ଦାବି କରିଛନ୍ତି। ଏହାସହ ବୋନସ ପ୍ରଦାନ ନେଇ ବିଳମ୍ବ ଘଟିଲେ ରାଉରକେଲା ମଜଦୁର ସଭା ଗଣଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବ ବୋଲି ସୂଚନା ଦିଆଯାଇଛି।

## ଆର୍‌ଆଇକେକେଏସ୍‌ର ଶ୍ରମିକ ସ୍ୱାର୍ଥ ବିରୋଧୀ ଆରୋପ ଭିତ୍ତିହୀନ

**ରାଉରକେଲା ଅଫିସ, ୧୯।୯**

ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ଶ୍ରମିକ ସ୍ୱାର୍ଥ ବିରୋଧୀ ନିତୀକୁ ନେଇ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ବିରୋଧରେ ଯେଉଁ ତଥ୍ୟ ଦେଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଛନ୍ତି। ଆର୍‌ଏସ୍‌ଏସ୍ ସର୍ବଦା କୁଶଳୀ,ଦକ୍ଷ ଓ କର୍ମଠ ଶ୍ରମିକ କର୍ମଚାରୀଙ୍କୁ ସମ୍ମାନିତ କରିବା ସହ ସମ୍ବର୍ଦ୍ଧିତ କରିଥାଏ। ଯେଉଁ ଶ୍ରମିକ କର୍ମଚାରୀ ନିଜର ପରିଶ୍ରମ, ନିଷ୍ଠା ଓ କର୍ତ୍ତବ୍ୟ ପରାଣୟତା ବଳରେ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ଏବଂ ପ୍ରଧାନମନ୍ତ୍ରୀ ଶ୍ରମ ପୁରସ୍କାର ପାଇଥାନ୍ତି ସେମାନଙ୍କୁ ମଧ ଆର୍‌ଏସ୍‌ଏସ୍ ସମ୍ବର୍ଦ୍ଧିତ କରିଥାଏ। ତେବେ ପରିଚାଳନା କର୍ତ୍ତୃପକ୍ଷ କିଛିଦିନ ପରେ କେବଳ ଇନକ୍ରିମେଣ୍ଟ ପ୍ରଦାନ କରି ପ୍ରମୋଶନକୁ ବନ୍ଦ କରିଦେଇଥିଲେ। ଯାହାକୁ ଆର୍‌ଏସ୍‌ଏସ୍ ସବୁ ବେଳେ ବିରୋଧ କରିଥିଲା। ତେବେ ପୂର୍ବଭଳି ଇନକ୍ରିମେଣ୍ଟ ସହିତ ପ୍ରମୋଶନ ପ୍ରଦାନ ପାଇଁ ସଂଘ ଦୃଢ଼ ଦାବି କରିଥିଲା। ପୂର୍ବରୁ ବୋକାରୋ,ଭିଲାଇ ଇସ୍ପାତ କରାଖାନାରେ ଏହି ପ୍ରମୋଶନର ପୁନଃ ପ୍ରଚଳନ ହେଲା ପରେ ଆର୍‌ଏସ୍‌ଏସ୍ ଆର୍‌ଏସ୍‌ପିରେ ପ୍ରଚଳନ ପାଇଁ ଦାବି କରିଥିଲା। କିନ୍ତୁ ନିଜର ଅପାରଗତା ଓ ନିଷ୍କ୍ରିୟତାକୁ ଲୁଚାଇବାକୁ ଯାଇ ଆର୍‌ଆଇକେକେଏସ୍ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ଉପରେ ଏମିତି ମିଥ୍ୟା ଆରୋପ ଲଗାଉଛି ବୋଲି ସାଧାରଣ ସମ୍ପାଦକ ବେହେରା ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।



ଉତ୍କର୍ଷ ଯୋଜନା ଅଧୀନରେ ଅନୁଷ୍ଠିତ ଉତ୍ସବରେ ଆର୍‌ଏସ୍‌ପି ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଗଣ।

## ଆର୍‌ଏସ୍‌ପିର ୧୦ଜଣ କର୍ମଚାରୀଙ୍କୁ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର

**ରାଉରକେଲା ଅଫିସ, ୧୯।୯**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ) ଅର୍ନ୍ତଗତ ରାଉରକେଲା ଇସ୍ପାତ କାରଖାନାର ୧୦ଜଣ କର୍ମଚାରୀ ୨୦୧୭ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ଲାଭ କରିଛନ୍ତି। ନୂଆଦିଲ୍ଲୀ ସ୍ଥିତ ସ୍କୋପ କମ୍ପ୍ଲେକ୍ସ ଠାରେ ଗୁରୁବାର ୧୮ ତାରିଖରେ ଅନୁଷ୍ଠିତ ଏକ ଉତ୍ସବରେ ସେଲ ଅଧକ୍ଷ ଅନିଲ ଚୌଧୁରୀ ପୁରଷ୍କାର ବିଜେତା ସେଲ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୋଟ ୨୮ଟି ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରଷ୍କାର ମଧ୍ୟରୁ ସେଲ କର୍ମଚାରୀ ମାନେ ୭ଟି ପୁରସ୍କାର ଲାଭ କରିଛନ୍ତି। ପୁରସ୍କୃତ ୧୩୧ ଜଣଙ୍କ ମଧ୍ୟରେ ୩୮ଜଣ ସେଲର କର୍ମଚାରୀ ବିଜେତା ଅଟନ୍ତି। ଅନୁଷ୍ଠିତ ସମାରୋହରେ ପ୍ରକଳ୍ପ ଓ ବିଜିନେସ ପ୍ଲାନିଂ ଜି. ବିଶ୍ୱକର୍ମା,



ସେଲ ଅଧକ୍ଷ ଅନୀଲ ଚୌଧୁରୀ ଓ ବରିଷ୍ଠ ଅଧିକାରୀଙ୍କ ସହ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ବିଜେତା ସେଲର କର୍ମଚାରୀଗଣ।

ବାଣିଜ୍ୟିକ ବିଭାଗର ନିର୍ଦ୍ଦେଶକ ସୋମା ମଣ୍ଡଳ, କାର୍ମିକ ବିଭାଗର ନିର୍ଦ୍ଦେଶକ ଅତୁଲ ଶ୍ରୀବାସ୍ତବ ଏବଂ ବୈଷୟିକ ବିଭାଗର ନିର୍ଦ୍ଦେଶକ ଏଚ୍.ଏନ୍. ରାୟ ଉପସ୍ଥିତ ଥିଲେ। ପୂର୍ବରୁ କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗର ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ବୁଧବାର ୧୭ ତାରିଖରେ ନିଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ଉତ୍ସବରେ ପୁରସ୍କାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଲର ୩୮ଜଣ ବିଜେତାଙ୍କ ମଧ୍ୟରୁ ୧୯ଜଣ ଭିଲାଇ ଷ୍ଟିଲ ପ୍ଲାଣ୍ଟ, ୧୦ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ୯ଜଣ ସାଲେମ ଷ୍ଟିଲ ପ୍ଲାଣ୍ଟର କର୍ମଚାରୀ ଅଟନ୍ତି। ପୁରସ୍କାର ବିଜେତା ସେଲର କର୍ମଚାରୀ ସେମାନଙ୍କ ସୃଜନଶୀଳତା, ଦକ୍ଷତା ଓ ନିଷ୍ଠାପରତାର ନିଦର୍ଶନ ଅଟେ ଏବଂ ସେମାନଙ୍କ ଉପଲବ୍ଧିକୁ ନେଇ ସମଗ୍ର ସେଲ ଗର୍ବିତ ଅଟେ ବୋଲି ସେଲ ଅଧକ୍ଷ ଚୌଧୁରୀ ମତପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଶ୍ରମ ପରାମର୍ଶ ନେବା ଏବଂ ଶ୍ରମ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟର ସହଭାଗିତାରେ ପ୍ରଦତ୍ତ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ଏକ ସମ୍ମାନଜନକ ପୁରସ୍କାର ଅଟେ।

ଆର୍‌ଏସ୍‌ପି ସିଣ୍ଟର ପ୍ଲାଣ୍ଟ-୨ ବିଭାଗ କର୍ମଚାରୀ

## ‘ଉତ୍କର୍ଷ’ ଯୋଜନାରେ ପୁରସ୍କୃତ

**ରାଉରକେଲା ଅଫିସ, ୧୯।୯**

ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ କାରଖାନାର ପ୍ରକ୍ରିୟାବଳୀ ଓ ବୈଷୟିକ ଆର୍ଥିକ ପରିମାପକତାରେ ଅଧିକ ଉନ୍ନତି ହାସଲ ଉଦ୍ଦେଶ୍ୟରେ ‘ଉତ୍କର୍ଷ’ ଯୋଜନା ଅଧିନରେ ପୁରସ୍କୃତ କରୁଛି। ଏହି ଯୋଜନା ଅଧିନରେ କର୍ମଚାରୀ ଦଳ ବିଭିନ୍ନ ବିଭାଗରେ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ କରିବା ସହ ଉଦାହରଣୀୟ କାର୍ଯ୍ୟ ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି। ସିଣ୍ଟର ପ୍ଲାଣ୍ଟ-୨ ବିଭାଗର ସମ୍ମିଳନୀ କକ୍ଷରେ ‘ଉତ୍କର୍ଷ’ ଯୋଜନା ଅଧିନରେ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଜିଲମ୍ ସିଣ୍ଟର ପି.କେ.ଶତପଥି ଅଧକ୍ଷତା କରିବା ସହ ୭ଜଣ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସିଣ୍ଟର ପ୍ଲାଣ୍ଟ-୨ର ଡିଜିଏମ୍ ଏ.ସି. ସରକାର, ଡିଜିଏମ୍ ଇଲେକ୍ଟ୍ରିକାଲ ଏସ୍.କେ. ପାଢ଼ୀ, ଏଜିଏମ୍ ଇନଚାର୍ଜ ମେକାନିକାଲ ଆୟାନ ଦେବ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇଥିବା କର୍ମଚାରୀମାନେ ହେଲେ ଏସ୍‌ଓଏସ୍‌ଟି ଭାବେ କାର୍ଯ୍ୟରତ କେ.କେ. ନାୟକ, ପି.କେ. ପଟ୍ଟନାୟକ, ଏସ୍.ସାହୁ, ଏ.କେ.ବେହେରା, ବି.କେ.ପ୍ରଧାନ ଏବଂ ଏସ୍.ଏନ୍.ପତି। ଏସ୍‌ପି-୨ ବିଭାଗର ଡେପୁଟି ମ୍ୟାନେଜର ଡି.ବିଶ୍ୱାସ ଏହି କର୍ମଚାରୀ ଦଳର ନେତୃତ୍ୱ ନେଇଥିଲେ। ‘ଲାଇମ ହାମର କ୍ରସର କପ୍ଲିଙ୍ଗରୁ କର୍ଭ ଟିଥ ଗିୟରର କପ୍ଲିଙ୍ଗରେ ପରିବର୍ତ୍ତନ’ ପ୍ରକଳ୍ପ ଏହି ଦଳ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହି ପ୍ରକଳ୍ପ ଫଳରେ ଯନ୍ତ୍ରୋପକରଣ ଉପଲବ୍ଧତାରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏହା ରକ୍ଷଣାବେକ୍ଷଣ ଅନୁକୂଳ ହୋଇପାରିଛି। ଅନୁଷ୍ଠିତ ଉତ୍ସବକୁ କାର୍ମିକ ବିଭାଗର ସିନିୟର ମ୍ୟାନେଜର ଆର୍.ଏସ୍.ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସେପ୍ଟେମ୍ବର ୩୦ରେ ହେବାକୁ ଥିବା ଟ୍ରେଡ ୟୁନିୟନ ସମାବେଶ ବାତିଲ

**ରାଉରକେଲା ଅଫିସ, ୧୯।୯**

ଅଗଷ୍ଟ ୧୯ ତାରିଖରେ ରାଉରକେଲା ଠାରେ ସିଟୁ, ଆଇଏନ୍‌ଟିୟୁସି,ଏଆଇଟିୟୁସି, ଏଆଇସିସିଟିୟୁ ପ୍ରମୁଖ ମିଳିତ ଟ୍ରେଡ ୟୁନିୟନ ଆହ୍ୱାନରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଇସ୍ପାତ ଉଦ୍ୟୋଗର ଏନ୍‌ଜେସିଏସ୍ ସଭ୍ୟଙ୍କ ସହିତ ମିଳିତ ଟ୍ରେଡ ୟୁନିୟନର ବୈଠକ ହୋଇଥିଲା। ଏଥିରେ ଏନ୍‌ଜେସିଏସ୍ ଚୁକ୍ତିନାମା ତୁରନ୍ତ କରିବା, ସେଲ ପେନସନକୁ ତୁରନ୍ତ କାର୍ଯ୍ୟକାରୀ କରିବା ତଥା ଭଦ୍ରବାଟି, ସାଲେମ ଷ୍ଟିଲ ପ୍ଲାଣ୍ଟ ବିକ୍ରି ବନ୍ଦ ସହ ସେଲର ଘରୋଇକରଣ ବିରୋଧରେ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ମିଳିତ ଟ୍ରେଡ ୟୁନିୟନ ମାନଙ୍କର ବିଶାଳ ସମାବେଶ ଓ ବିକ୍ଷୋଭ କରିବା ନିଷ୍ପତ୍ତି ନିଆଯାଇଥିଲା। ତେବେ ମୋଦି ସରକାରଙ୍କ ପୁଞ୍ଜିପତି ମୋହ ଓ ଶ୍ରମିକମାରଣ ନୀତି ବିରୋଧରେ ସେପ୍ଟେମ୍ବର ୩୦ ତାରିଖରେ ଦିଲ୍ଲୀ ଠାରେ ଟ୍ରେଡ ୟୁନିୟନର ମିଳିତ ସମାବେଶ ହେବ। ଏଣୁ ରାଉରକେଲାରେ ହେବାକୁ ଥିବା ସମାବେଶକୁ ବର୍ତ୍ତମାନ ବାତିଲ କରାଯିବା ସହ ଅନ୍ୟ ତାରିଖରେ କରାଯିବା ନିଷ୍ପତ୍ତି ନିଆଯାଇଥିବା ସିଟୁ ଉପାଧକ୍ଷ ବିଷ୍ଣୁ ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ସେପ୍ଟେମ୍ବର ୨୪ରୁ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

**ରାଉରକେଲା ଅଫିସ, ୧୯।୯**

ଚଳିତବର୍ଷ ଦଶହରା ଉପଲକ୍ଷେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ରାଉରକେଲା ସେକ୍ଟର-୫ ଭଞ୍ଜଭବନ ନିକଟସ୍ଥ ପଡ଼ିଆରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ସ୍ଥାନୀୟ ଆଇଟିଡିଏ ଭବନ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଜିଲାପାଳ ପବନ କଲ୍ୟାଣ ଏହା କହିଛନ୍ତି। ଓରମାସ ଓ ପଞ୍ଚାୟତିରାଜ ବିଭାଗ ପ୍ରାୟୋଜିତ ଏହି ପଲ୍ଲିଶ୍ରୀ ମେଳାକୁ ସୁନ୍ଦରଗଡ଼ ଜିଲା ପ୍ରଶାସନ, ଓଡିଶା ଜୀବିକା ମିଶନ, ଜିଲା ସମାଜ ମଙ୍ଗଳ ବିଭାଗ, ଡିଆରଡିଏ ମିଳିତ ଭାବେ ଆୟୋଜନ କରୁଛନ୍ତି। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ଏସ୍‌ଏଚ୍‌ଜି ଗ୍ରୁପ ଦ୍ୱାରା ତିଆରି ହେଉଥିବା ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟର ସାମଗ୍ରୀ ବିକ୍ରି କରିବା



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀ ବୃନ୍ଦ।

ସହ ଏହା ବିଷୟରେ ଲୋକଙ୍କୁ ସଚେତନ କରାଇବା। ଏହି ମେଳା ଦୀର୍ଘ ୯ଦିନ ଧରି ଚାଲିବାକୁ ଥିବାବେଳେ ଏହି ମେଳାରେ ବିଭିନ୍ନ ପ୍ରକାର କାରିଗରି ଦ୍ୱାରା ଉତ୍ପାଦନ ହେଉଥିବା ସାମଗ୍ରୀ , ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କ୍ରମାଗତ ଭାବେ ଦୀର୍ଘ ୧୫ବର୍ଷ ଧରି ଏହି ମେଳାକୁ ପ୍ରଶାସନ ପକ୍ଷରୁ ସଫଳତାର ସହ ପରିଚାଳନା କରାଯାଇଛି ବୋଲି ଜିଲାପାଳ କହିଥିଲେ। ଗତବର୍ଷ ଏହି ମେଳାରେ ରାଜ୍ୟର ୩୦ଟି ଜିଲା ଓ ୧୨ଟି ରାଜ୍ୟର ଏସଏଚଜି ଗ୍ରୁପ ଏବଂ ଅନ୍ୟ ସଂସ୍ଥାମାନେ ଯୋଗଦେଇଥିଲେ। ଗତବର୍ଷ ୨କୋଟି ୩୧ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ପ୍ରାୟ ୩୪୫ଟି ଷ୍ଟଲ ଖୋଲାଯାଇଥିଲା। ଯେଉଁଥିରେ ଏସ୍‌ଏଚଜି ଗ୍ରୁପ ତଥା ହାତ ତିଆରି ସାମଗ୍ରୀ ନିର୍ମାଣ କରୁଥିବା କାରିଗର ସହ ବିଭିନ୍ନ ବିଭାଗ ଯୋଗଦେଇଥିଲେ। ଠିକ ସେହିପରି ଚଳିତବର୍ଷ ୨୦୦ଟି ଷ୍ଟଲ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ରାଜ୍ୟର ୩୦ଟି ଜିଲା ବ୍ୟତୀତ ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ,ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଭଳି ରାଜ୍ୟ ଯୋଗଦେବେ ବୋଲି ଜିଲାପାଳ ପବନ କଲ୍ୟାଣ ସୂଚନା ଦେଇଛନ୍ତି। ଏହାସହ ୯ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ପଲ୍ଲିଶ୍ରୀ ମେଳାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ, ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଓ ଓରମାସ ଅଧିକାରୀ ଉପସ୍ଥିତ ଥିଲେ।

## ସେବା ସପ୍ତାହରେ ଭାଜପା କର୍ମୀଙ୍କ ରକ୍ତଦାନ



ଭାଜପା କାର୍ଯ୍ୟକର୍ତ୍ତା ରକ୍ତଦାନ କରୁଛନ୍ତି।

**ରାଉରକେଲା ଅଫିସ,୧୯। ୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାର ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ନେଇ ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ କର୍ମୀ, କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରକ୍ତଦାନ କରିଥିଲେ। ମୋଦିଙ୍କ ଜନ୍ମ ଦିନକୁ ସମଗ୍ର ଦେଶରେ ସେବା ସପ୍ତାହ ଭାବେ ପାଳନ କରାଯାଉ ଥିବାବେଳେ ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ମଧ ଏନେଇ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ରକ୍ତଦାନ ଜୀବନ ଦାନ ଉକ୍ତିର ସାର୍ଥକତା ନେଇ ଦଳ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବା କୁହାଯାଇଛି। ଏଥିରେ ଭାଜପା ନେତା ତଥା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି, ସୁଶାନ୍ତ ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ସୁବ୍ରତ ପଟ୍ଟନାୟକ, କୈଳାସ ରାଉତ, ସଞ୍ଜିତ ସାହୁ, ଗଙ୍ଗାଧର ଦାସ, ରାଜୁ ସିଂ, ରାଜେନ୍ଦ୍ର ସାହୁ, ଅରୁପ ନାୟକ ଓ ଶ୍ରୀକାନ୍ତ ରାୟ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।